# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ସେପ୍ଟେମ୍ବର ୬/୨୦୧୮ (୧୬ ପୃଷ୍ଠା+ ମନ୍ ମିଜାଜ୍) Sambalpur, Thursday, September 6/ 2018 ★★

୧୪ଶ ଭାଗ ୨୬୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




## ନାଡାଲ ସେମିରେ ୧୪

ଡିଫେଣ୍ଡିଂ ଚାମ୍ପିୟନ ରାଫେଲ ନାଡାଲ ଅଷ୍ଟ୍ରେଲିଆର ଡୋମିନିକ୍ ଥିଏମଙ୍କୁ ପରାସ୍ତ କରି ୭ମଥର ପାଇଁ ୟୁଏସ୍ ଓପନ୍ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

## ୦୨ ଦିଲୀପ କୁମାର ଅସୁସ୍ଥ

ଛାତିରେ ସଂକ୍ରମଣ ସମସ୍ୟା ଦେଖାଯିବା ପରେ ବିଶିଷ୍ଟ ଫିଲ୍ମ ଅଭିନେତା ଦିଲୀପ କୁମାରଙ୍କୁ ବୁଧବାର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।








■ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ୍ ପ୍ରସଙ୍ଗ

# ଓକିଲଙ୍କ ଆନ୍ଦୋଳନ ଜୋରଦାର

ସମ୍ବଲପୁର,୫।୯(ବ୍ୟୁରୋ)

### କୋର୍ଟ କାର୍ଯ୍ୟ ବନ୍ଦ

■ବିଧାନସଭା ମୌସୁମୀ ଅଧିବେଶନ ପର୍ଯ୍ୟନ୍ତ ଚାଲିବ ଆନ୍ଦୋଳନ

■ଗୁରୁବାରରୁ ରାଜସ୍ୱ ଅଫିସଗୁଡ଼ିକୁ ବନ୍ଦ କରାଯିବାକୁ ନିଷ୍ପତ୍ତି

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଜିଲା ଓକିଲ ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ବୁଧବାର କଚେରି ଛକଠାରେ ସଂଘ ପକ୍ଷରୁ ପିକେଟିଂ କରାଯାଇଛି। ସଂଘର ସଭ୍ୟମାନେ ବିଚାରପତିମାନଙ୍କୁ କାର୍ଯ୍ୟରେ ଯୋଗଦେବାକୁ ବାରଣ କରିଥିଲେ। ଏଥିରେ ବିଚାରପତିମାନେ ଫେରିଯାଇଥିଲେ। ଫଳରେ ପୂର୍ବାହ୍ନ ସାଢ଼େ ୧୦ଟାରୁ କୋର୍ଟ କାର୍ଯ୍ୟ ବନ୍ଦ ହୋଇଥିଲା। ବିଧାନସଭା ମୌସୁମୀ ଅଧିବେଶନ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଗୁରୁବାରରୁ କୋର୍ଟ ସମେତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ରାଜସ୍ୱ ଅଫିସଗୁଡ଼ିକୁ ମଧ୍ୟ ବନ୍ଦ କରାଯିବାକୁ ନିଷ୍ପତ୍ତି ହୋଇଛି। ଜିଲା ସଭାପତି ବିଜେନ୍ଦ୍ର ପ୍ରଧାନ, ଉପସଭାପତି ବେଦବ୍ୟାସ ସାଥୁଆ, କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ପ୍ରଦୀପ କୁମାର ବହିଦାର, ବିପିନ ବିହାରୀ ☞ପୃଷ୍ଠା-୪

### କେନ୍ଦ୍ର ଆଇନମନ୍ତ୍ରୀଙ୍କୁ ପୁଣି ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୫।୯(ବ୍ୟୁରୋ)

ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଦୀର୍ଘଦିନ ଧରି ଉକ୍ତ ଅଞ୍ଚଳବାସୀ ଦାବି କରି ଆସୁଛନ୍ତି। ଏହି ମର୍ମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରୀ ରବି ଶଙ୍କର ପ୍ରସାଦଙ୍କୁ ଆଉ ଏକ ଚିଠି ଲେଖିଛନ୍ତି। ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ☞ପୃଷ୍ଠା-୪

# ୨୦୧୯ ନିର୍ବାଚନ ଲଢ଼ିବେନି ଅନଙ୍ଗ

ବଲାଙ୍ଗୀର ଅଫିସ,୫।୯

### ବଲାଙ୍ଗୀର ରାଜନୀତି

■କିଏ ପ୍ରାର୍ଥୀ ହେବେ ସ୍ପଷ୍ଟ କଲେନାହିଁ

■କହିଲେ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେବେ

■ରାଜନୀତିରେ ସକ୍ରିୟ ରହିବେ

୨୦୧୯ ନିର୍ବାଚନ ଯେତିକି ପାଖେଇ ଆସୁଛି ବଲାଙ୍ଗୀରରେ ରାଜନୈତିକ ବାତାବରଣ ସେତିକି ଉଷ୍ମ ହେଉଛି। ବର୍ତ୍ତମାନ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ରାଜନୈତିକ ଅଙ୍କକଷା ଆରମ୍ଭ ହୋଇଗଲାଣି। ପରସ୍ପର ବିରୋଧରେ ବୟାନବାଜି ଜିଲା ରାଜନୀତିକୁ ସରଗରମ କରିଦେଇଛି। ଏଭଳି ସମୟରେ ବଲାଙ୍ଗୀର ବିଜେଡିର ଭେଟେରାନ୍ ନେତା ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ଅନଙ୍ଗ ଉଦୟ ସିଂଦେଓ ୨୦୧୯ ନିର୍ବାଚନ ଲଢ଼ିବେ ନାହିଁ ବୋଲି ସୂଚନା ଦେବା ପରେ ଜିଲାର ଆଗାମୀ ରାଜନୀତି ସମୀକରଣକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଅନଙ୍ଗଙ୍କ ଏହି ସୂଚନା ପରେ ବଲାଙ୍ଗୀର ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀ ବଦଳିବା ଏକପ୍ରକାର ସ୍ପଷ୍ଟ ହୋଇଯାଇଛି। ଆଗାମୀ ନିର୍ବାଚନ ନେଇ ଅନଙ୍ଗଙ୍କ ମତ ଲୋଡ଼ାଯିବାରୁ ସେ ୨୦୧୯ ନିର୍ବାଚନ ଲଢ଼ିବେ ନାହିଁ ବୋଲି କହିଛନ୍ତି। ବିଧାନସଭା କିମ୍ବା ଲୋକସଭା କୌଣସି ନିର୍ବାଚନରେ ସେ ପ୍ରାର୍ଥୀ ହେବେ ନାହିଁ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ତଥା ଦଳ ସୁପ୍ରିମୋ ନବୀନ ପଟ୍ଟନାୟକ ଯଦି ତାଙ୍କୁ ୨୦୧୯ ନିର୍ବାଚନ ଲଢ଼ିବା ପାଇଁ କହନ୍ତି ତେବେ କ'ଣ କରିବେ ବୋଲି ପଚାରିବାରୁ କୌଣସି ପରିସ୍ଥିତିରେ ସେ ଲଢ଼ିବେ ନାହିଁ ବୋଲି ମନସ୍ଥ କରିସାରିଥିବା ସୂଚନା ଦେଇଛନ୍ତି। ☞ପୃଷ୍ଠା-୧୧


ଆପଣଙ୍କ ଏହି କପି ସହିତ ପାଇବେ ମନ ମିଜାଜ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


### ଆଜିର ସମ୍ପାଦକୀୟ

ବିପଦରେ ସିନ୍ଧୁଘୋଟକ ବଂଶ

### ଆଜିର ମନ୍ତବ୍ୟ

"ଟେକ୍ନୋଲୋଜି ଜ୍ଞାନ ବଢ଼ାଏ, କିନ୍ତୁ ଗୁରୁ ଛାତ୍ରୀଛାତ୍ରଙ୍କୁ ସୁନାଗରିକ ଭାବେ ଗଢ଼ିତୋଳନ୍ତି ।

-ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି





ହାଇକୋର୍ଟ ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଦାବିରେ ବୁଧବାର ସମ୍ବଲପୁର କଚେରି ଛକଠାରେ ଜିଲା ଓକିଲ ସଂଘର ଧାରଣା ।

# ୧୨,୭୯୦ କୋଟିର ଅତିରିକ୍ତ ବଜେଟ

ଭୁବନେଶ୍ୱର,୫।୯(ବ୍ୟୁରୋ)



■ ସାମାଜିକ, ଭିତ୍ତିଭୂମି କ୍ଷେତ୍ରକୁ ଗୁରୁତ୍ୱ, ଅଭିବୃଦ୍ଧି ଲକ୍ଷ୍ୟ ୭%

■ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ, ଓଡ଼ିଶା ଖାଦ୍ୟ ସୁରକ୍ଷା ଯୋଜନା ପାଇଁ ବ୍ୟୟବରାଦ

■ ରାଜସ୍ୱ ୩୩% ବଢ଼ିଛି

■ ପ୍ରଶାସନିକ ଖର୍ଚ୍ଚ ୧୮୦୦ କୋଟି

■ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ୯୬୧୧ କୋଟି

■ ଋଣ ଭାର ୭୬ ହଜାର କୋଟି

ବୁଧବାର ବିଧାନସଭାରେ ୨୦୧୮-୧୯ ଆର୍ଥିକବର୍ଷ ପାଇଁ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ୧୨,୭୯୦ କୋଟି ଟଙ୍କାର ଅତିରିକ୍ତ ବଜେଟ ଉପସ୍ଥାପନ କରିଛନ୍ତି। ଏଥିରେ ରାଜ୍ୟ ସରକାରଙ୍କ ନୂତନ ଯୋଜନା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ପାଇଁ ସ୍ୱତନ୍ତ୍ର ବ୍ୟୟବରାଦ କରାଯାଇଛି। ଏଥିସହିତ କେନ୍ଦ୍ର ଯୋଜନା ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ସହିତ କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ନୂତନ ଯୋଜନା ପାଇଁ ମଧ୍ୟ ଅତିରିକ୍ତ ବଜେଟରେ ବ୍ୟୟବରାଦ କରାଯାଇଛି । ଏଥିରେ ସାମାଜିକ ଓ ଭିତ୍ତିଭୂମି କ୍ଷେତ୍ରକୁ ଅଗ୍ରାଧିକାର ଦିଆଯାଇଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

ଏହି ବଜେଟରେ ପ୍ରଶାସନିକ ବ୍ୟୟ ପାଇଁ ୧,୮୦୦ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବା ବେଳେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ୯,୬୧୧ କୋଟି, ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୧,୩୬୪ କୋଟି ବ୍ୟୟବରାଦ କରାଯାଇଛି। ରାଜ୍ୟର ଆର୍ଥିକ ସ୍ଥିତି ଭଲ ଅଛି। ରାଜସ୍ୱ ଆଦାୟ ସନ୍ତୋଷଜନକ ରହିଛି। ଟିକସ ଓ ଅଣଟିକସ ଆଦାୟ ୩୩ ପ୍ରତିଶତ ବୃଦ୍ଧି ଘଟିଛି। କୋଇଲା କ୍ଷେତ୍ରରୁ ଟିକସ ଓ ଅଣଟିକସ ବାବଦରେ ୧୩୪୮ କୋଟି ଟଙ୍କା ରାଜସ୍ୱ ଆଦାୟ କରାଯାଇଛି। ଦ୍ରବ୍ୟ ଓ ସେବା ଟିକସ(ଜିଏସଟି) ବାବଦରେ ରାଜ୍ୟ ସରକାର ୨୦୧୭-୧୮ରେ ୨୨୬୪ କୋଟି ଟଙ୍କା ପାଇଛନ୍ତି। ଘରୋଇ ଉତ୍ପାଦ କ୍ଷେତ୍ରରେ ୩.୫ ପ୍ରତିଶତ ଅଭିବୃଦ୍ଧି ଘଟିଥିବା ବେଳେ ଚଳିତ ଆର୍ଥିକବର୍ଷ ଶେଷ ସୁଦ୍ଧା ଏହା ୭ ପ୍ରତିଶତ ଲକ୍ଷ୍ୟ ରଖାଯାଇଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ୭୬,୪୨୮ କୋଟି ଟଙ୍କା ବିଭିନ୍ନ କ୍ଷେତ୍ରରୁ ଋଣ କରିଥିବା ବେଳେ ଖୋଲା ବଜାରରୁ ୪୫୦୦ କୋଟି ଟଙ୍କା ଉଠାଇଛନ୍ତି। ☞ପୃଷ୍ଠା-୧୧


BISHANDAYAL JEWELLERS

BIS: 916

Sriya Square, Bhubaneswar

Deals in : Gold, Diamond & Silver

Gold 24 CT - ₹ 31,200/- 10gm.

Gold 22 CT - ₹ 30,200/- 10gm.

Silver Rate - ₹ 370/- / 10gm.

Making Charge - ₹ 100/- onwards / 1gm.

Condition Apply

Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE 05.09.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 60 | 106 | 116 |
| CTC | 59 | 105 | 115 |
| DKL | 61 | 107 | 117 |
| BDK | 59 | 105 | 115 |
| BLS | 59 | 105 | 115 |
| ANG | 61 | 107 | 117 |

*Conditions Apply

Eggs Retail Price- 42/-Dozen

Issued in the Interest of Consumers


# ବିଧାନସଭା ହୁଲ୍‌ସ୍ଥୂଲ, ଗୃହ ମୁଲତବୀ

ଭୁବନେଶ୍ୱର, ୫।୯(ବ୍ୟୁରୋ)



■ ତେଲରେ ଲାଗିଲା ନିଆଁ

■ ଶିକ୍ଷକ ଆନ୍ଦୋଳନ କଲା କିଲିବିଲି

■ ବିଜେଡି ଇସ୍ୟୁକୁ ହାଇଜାକ୍ କଲା କଂଗ୍ରେସ

ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ତାତି ସାଙ୍ଗକୁ ଶିକ୍ଷକ ଆନ୍ଦୋଳନକୁ ନେଇ ବିରୋଧୀ ଦଳ ବିଧାନସଭାକୁ ହୁଲ୍‌ସ୍ଥୂଲ କରିଛନ୍ତି। ବିରୋଧୀଙ୍କ ସଣ୍ଢୁଆଶି ଆକ୍ରମଣରେ ବରବାଦ ହୋଇଗଲା ବୁଧବାର ଦିନତମାମ ଗୃହ କାର୍ଯ୍ୟ। ୩ ପର୍ଯ୍ୟାୟରେ ମାତ୍ର ୧୪ ମିନିଟ ଗୃହ କାର୍ଯ୍ୟ ସମ୍ପାଦନ ହୋଇଥିଲା। ହଟ୍ଟଗୋଳ ଓ ହୋହଲ୍ଲା ମଧ୍ୟରେ ୪ଟି ବିଲ୍ ଓ ୨୦୧୮-୧୯ ଆର୍ଥିକବର୍ଷର ଅତିରିକ୍ତ ବଜେଟ ଉପସ୍ଥାପନ କରାଯାଇଥିଲା। ପରିସ୍ଥିତି ଅଣାୟତ୍ତ ହେବାରୁ ବାଚସ୍ପତି ପ୍ରଦୀପ କୁମାର ଅମାତ ଗୃହକୁ ଗୁରୁବାର ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ।

ତୈଳ ଦର ବୃଦ୍ଧିକୁ ନେଇ ବିଜେଡି କରିଥିବା ରଣନୀତିକୁ କଂଗ୍ରେସ ହାଇଜାକ କରି ନେଇଛି। ଏହି ପ୍ରସଙ୍ଗକୁ ଆଳ କରି କଂଗ୍ରେସ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ପ୍ରଚଣ୍ଡ ଆକ୍ରମଣ କରିଛି। କଂଗ୍ରେସର ଏଭଳି ହଠାତ୍ ପରିବର୍ତ୍ତିତ ରଣନୀତି ଉଭୟ ଭାଜପା ଓ ବିଜେଡିକୁ ଚକିତ କରି ଦେଇଥିଲା। ☞ପୃଷ୍ଠା-୧୧

# ଏକକାଳୀନ ନିର୍ବାଚନ ସପକ୍ଷରେ ବିଜେଡି

■ ଇସିଆଇଙ୍କୁ ଭେଟିଲେ ପିନାକୀ

ନୂଆଦିଲ୍ଲୀ,୫।୯(ସ୍ୱ.ପ୍ର.)

ରାଜକୋଷ ଉପରେ ପଡୁଥିବା ଅତିରିକ୍ତ ବୋଝକୁ ହ୍ରାସ କରିବା ପାଇଁ ଲୋକ ସଭା ନିର୍ବାଚନ ସହ ବିଧାନସଭାଗୁଡ଼ିକର ଭୋଟ କରାଇବାକୁ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କୁ ବୁଧବାର ବିଜୁ ଜନତା ଦଳ (ବିଜେଡି) ଅନୁରୋଧ କରିଛି।

ପୁରୀ ଏମ୍‌ପି ପିନାକୀ ମିଶ୍ର ବିଜେଡି ପକ୍ଷରୁ ବୁଧବାର ଇସିଆଇଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। କେନ୍ଦ୍ର ସରକାର ଆଗୁଆ ସାଧାରଣ ନିର୍ବାଚନ କରାଇଲେ ବି ଲୋକ ସଭା ଓ ବିଧାନସଭାଗୁଡ଼ିକର ଭୋଟ ଏକସଙ୍ଗେ କରାଇବାକୁ ମୁଖ୍ୟ ନିର୍ବାଚନ କମିଶନଙ୍କୁ ଏଥିରେ ସେ ଅନୁରୋଧ କରିଛନ୍ତି। ଏନେଇ ଖବରଦାତାମାନଙ୍କୁ ପିନାକୀ କହିଛନ୍ତି, କେନ୍ଦ୍ର ଲୋକ ସଭା ସହ ୧୧ ରାଜ୍ୟ ବିଧାନସଭାର ନିର୍ବାଚନ କରାଇବାକୁ ଯୋଜନା କରୁଛି। ଏଭଳି ସମୟରେ ଓଡ଼ିଶା 'ଏକ ଦେଶ ଏକ ନିର୍ବାଚନ' ପ୍ରସ୍ତାବରେ ନିଶ୍ଚିତ ଭାବେ ସାମିଲ ହେବା ଉଚିତ। ☞ପୃଷ୍ଠା-୧୧




ଧରିତ୍ରୀ
DHARITRI
ଗୁରୁବାର, ୬ ସେପ୍ଟେମ୍ବର, ୨୦୧୮



ଛାତ୍ରୀଛାତ୍ରଙ୍କର ମାତୃଭୂମି ପ୍ରତି ଗଭୀର ପ୍ରେମ ରହିବା ଉଚିତ। ପାଶ୍ଚାତ୍ୟ ସଭ୍ୟତାକୁ ହନୁକରଣ କରିବା ପରିବର୍ତ୍ତେ ପିଲାମାନେ ନିଜକୁ ଭାରତୀୟ ବୋଲି ଗର୍ବ ଅନୁଭବ କରନ୍ତୁ।

- ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି



## ସଂକ୍ଷେପରେ

### ଦଫା ୩୭୭
## ଆଜି ଆସିପାରେ ରାୟ



**ନୂଆଦିଲ୍ଲୀ, ୫ା୯(ପି.ଟି.):** ସମଲିଙ୍ଗୀ ସମ୍ପର୍କକୁ ଅପରାଧ ଅନ୍ତର୍ଭୁକ୍ତ କରୁଥିବା ଦଫା ୩୭୭ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜକରି ସୁପ୍ରିମକୋର୍ଟରେ ଏକାଧିକ ଆବେଦନ ଦାଏର ହୋଇଛି। ଏହି ମାମଲାରେ ଗୁରୁବାର ସର୍ବୋଚ୍ଚ ଅଦାଲତ ରାୟ ପ୍ରକାଶ କରିପାରନ୍ତି। ଏନେଇ ବୁଧବାର ସୂଚନା ମିଳିଛି। ପ୍ରଧାନ ବିଚାରପତି ଦୀପକ ମିଶ୍ର ଅକ୍ଟୋବର ୨ରେ ଅବସର ଗ୍ରହଣ କରିବେ। ଏହା ପୂର୍ବରୁ ସେ ଅଧକ୍ଷତା କରୁଥିବା ଖଣ୍ଡପୀଠ ୧୦ରୁ ଉର୍ଦ୍ଧ୍ୱ ଗୁରୁତ୍ୱପୂର୍ଣ୍ଣ ମାମଲାର ରାୟ ପ୍ରକାଶ କରିବେ ବୋଲି ଜଣାପଡ଼ିଛି। ତନ୍ମଧ୍ୟରେ ରହିଛି ଆଇପିସିର ଦଫା ୩୭୭। ସମଲିଙ୍ଗୀଙ୍କ ସମ୍ପର୍କ ଅପରାଧ ନୁହେଁ ବୋଲି ଆବେଦନକାରୀ ଦର୍ଶାଇଥିଲେ। ଜଷ୍ଟିସ୍ ମିଶ୍ରଙ୍କ ଅଧକ୍ଷତାରେ ଗଠିତ ସାମ୍ବିଧାନିକ ଖଣ୍ଡପୀଠ ଜୁଲାଇ ୧୭ରେ ମାମଲାର ଶୁଣାଣି ଶେଷକରି ରାୟ ସଂରକ୍ଷିତ ରଖିଥିଲେ।

### ଜାପାନରେ 'ଜେବୀ' ତାଣ୍ଡବ

**ଟୋକିଓ, ୫ା୯(ପି.ଟି.):** ଜାପାନରେ ଭୟଙ୍କର ତାଣ୍ଡବ ରଚିଛି ସାମୁଦ୍ରିକ ଝଡ଼ 'ଜେବୀ'। ଏହାଯୋଗୁ ୧୧ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଶତାଧିକ ଆହତ ହୋଇଛନ୍ତି। ଘଣ୍ଟାପ୍ରତି ୨୧୬ କିଲୋମିଟର ବେଗରେ ପବନ ବହିବା ବ୍ୟାପକ କ୍ଷୟକ୍ଷତି ଘଟିଛି। ଦୀର୍ଘ ୨୫ ବର୍ଷ ଜାପାନରେ ଏଭଳି ଝଡ଼ତାଣ୍ଡବ ଦେଖିବାକୁ ମିଳିଛି। ଦେଶର ପଶ୍ଚିମ ପ୍ରାନ୍ତରେ ସର୍ବାଧିକ କ୍ଷୟକ୍ଷତି ଘଟିଛି। ପଶ୍ଚିମ ପ୍ରାନ୍ତରେ ଥିବା କୃତ୍ରିମ ଦ୍ୱୀପକୁ ସଂଯୋଗ କରୁଥିବା ପୋଲ ଧସି ଯାଇଛି। ଫଳରେ ଦ୍ୱୀପରେ ଅବସ୍ଥିତ କାନ୍‌ସାଇ ବିମାନବନ୍ଦରରେ ଫସି ରହିଥିବା ୩୦୦୦ ଲୋକଙ୍କୁ ଉଦ୍ଧାର କରାଯାଇଥିଲା। ରନ୍‌ୱେକୁ ମଧ ଉଚ୍ଚ ଜୁଆର ମାଡ଼ି ଆସିଥିଲା। ମଙ୍ଗଳବାର ମଧାହ୍ନରେ 'ଜେବୀ' ଜାପାନର ଓସାକା ସହରରେ ଭୂଖଣ୍ଡ ଛୁଇଁଥିଲା।

### ଶିମ୍‌ଲା ହତ୍ୟା ମାମଲା
## ୩ ଦୋଷୀଙ୍କୁ ମୃତ୍ୟୁ ଦଣ୍ଡାଦେଶ

**ଶିମ୍‌ଲା, ୫ା୯(ପି.ଟି.):** ହିମାଚଳପ୍ରଦେଶ ରାଜଧାନୀ ଶିମ୍‌ଲାରେ ଜଣେ ଚାରିବର୍ଷ ବାଳକଙ୍କ ହତ୍ୟା ମାମଲାରେ ବୁଧବାର ତିନି ଦୋଷୀଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଛି। ୨୦୧୪ରେ ଏମାନେ ଯୁଗ ନାମକ ଉକ୍ତ ନାବାଳକଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ। ମୃତ୍ୟୁର ଦୁଇବର୍ଷ ପରେ ଏକ ପାଣିଟାଙ୍କିରୁ ତାଙ୍କ କଙ୍କାଳ ମିଳିଥିଲା। ଏହି ଜଘନ୍ୟ କାଣ୍ଡ ଭିଆଇଥିବା ଦୋଷୀଙ୍କୁ ଚରମ ଶାସ୍ତି ଦିଆଯିବ ବୋଲି ଶିମ୍‌ଲା ଦୌରା ଜଜ୍ ବିରେନ୍ଦର ସିଂ ରାୟ ପ୍ରକାଶ କରିଛନ୍ତି।

# ପୋଲିସ ଡିଜିଙ୍କ ଘରେ ସିବିଆଇ

**ନୂଆଦିଲ୍ଲୀ, ୫ା୯(ପି.ଟି.)**

ତାମିଲନାଡୁରେ ବହୁଚର୍ଚ୍ଚିତ ଗୁଟ୍‌ଖା ଦୁର୍ନୀତି ମାମଲାର ତଦନ୍ତ ଜୋର୍‌ଦାର ଚାଲିଛି। ବୁଧବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ୪୦ ସ୍ଥାନରେ ଚଢ଼ାଉ କରିଛି। ପ୍ରଥମ କରି ଏକ ଦୁର୍ନୀତି ମାମଲାରେ ରାଜ୍ୟର ଜଣେ ପୋଲିସ ମୁଖ୍ୟଙ୍କ ଘରେ ସିବିଆଇ ପହଞ୍ଚିଛି। ଜଣେ ମନ୍ତ୍ରୀଙ୍କ ସମେତ ଅନେକ ସରକାରୀ ଅଫିସରଙ୍କ ବାସଭବନରେ ତଲାସି କରିଛନ୍ତି ତଦନ୍ତ ଅଧିକାରୀ। ବହୁକୋଟି ଟଙ୍କାର ଗୁଟ୍‌ଖା ଦୁର୍ନୀତି ସାମ୍ନାକୁ ଆସିବା ପରେ ଗତ ମେ'ରେ ସିବିଆଇ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଏହି ଦୁର୍ନୀତିରେ ଅନେକ ହାଇପ୍ରୋଫାଇଲ୍ ଲୋକଙ୍କ ହାତ ଥିବା ତଦନ୍ତ ସଂସ୍ଥା ଜାଣିବାକୁ ପାଇଥିଲା। ବୁଧବାର ତାମିଲନାଡୁର ୩୫ ସ୍ଥାନ ଏବଂ କର୍ଣ୍ଣାଟକ, ମୁମ୍ବାଇ, ପଣ୍ଡିଚେରିର ୫ ସ୍ଥାନରେ ସିବିଆଇ ଚଢ଼ାଉ କରିଛି। ତାମିଲନାଡୁର ସ୍ୱାସ୍ଥ୍ୟମନ୍ତ୍ରୀ ସି. ବିଜୟବାସ୍କର, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଟି.କେ. ରାଜେନ୍ଦ୍ରନ୍ ଏବଂ ଚେନ୍ନାଇର ପୂର୍ବତନ ପୋଲିସ କମିଶନର ଏସ୍. ଜର୍ଜଙ୍କ ବାସଭବନରେ ମଧ ଚଢ଼ାଉ ହୋଇଛି। ୨୦୧୬ରେ ଅଶୋକ କୁମାର ସ୍ୱେଚ୍ଛାକୃତ



ଟି.କେ. ରାଜେନ୍ଦ୍ରନ୍



ଅବସର ନେବା ପରେ ରାଜେନ୍ଦ୍ରନ୍ ତାମିଲନାଡୁର ପୋଲିସ ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ହେଉଛନ୍ତି ୧୯୮୪ ବ୍ୟାଚ୍ ଆଇପିଏସ୍ ଅଫିସର। ଆଇନର ରକ୍ଷକ ହୋଇ ସୁଦ୍ଧା ଦୁର୍ନୀତିରେ ସମ୍ପୃକ୍ତି ନେଇ ତାଙ୍କ ବିରୋଧରେ ଅଭିଯୋଗ ଆସିବା ପରେ ପୋଲିସ ବିଭାଗକୁ ଲଜ୍ଜିତ ହେବାକୁ ପଡ଼ିଛି। ଅଭିଯୋଗ ଅନୁଯାୟୀ, ଗୁଟ୍‌ଖା ଦୁର୍ନୀତିର ସିବିଆଇ ତଦନ୍ତ ପାଇଁ ସୁପାରିସ କରିବାରୁ ଅଶୋକ କୁମାରଙ୍କୁ ସ୍ୱେଚ୍ଛାକୃତ ଅବସର ନେବା ଲାଗି ବାଧ କରାଯାଇଥିଲା। ପ୍ରକାଶ ଯେ, ୨୦୧୩ରେ ତାମିଲନାଡୁ ସରକାର ଗୁଟ୍‌ଖା ଓ ପାନ ମସଲା ସମେତ ଅନ୍ୟ ତମାଖୁ ଉତ୍ପାଦ, ମହଜୁଦ ରଖିବା ଏବଂ ବିକ୍ରି ନିଷେଧ କରିଥିଲେ। କିନ୍ତୁ ବେଆଇନ ଭାବେ ଏସବୁର ଭିତିରି କାରବାର ହେଉଥିଲା। ଅନେକ ମାମଲା ଚପାଇଦିଆଯାଉଥିଲା। ଜଣେ ପାନ ମସଲା ଓ ଗୁଟ୍‌ଖା ଉତ୍ପାଦନକାରୀ ୨୫୦ କୋଟି ଟଙ୍କାର ଆୟକର ଫାଙ୍କିବାକୁ ଉଦ୍ୟମ କରୁଥିଲେ। ୨୦୧୭ ଜୁଲାଇ ୮ରେ ତାଙ୍କ ଗୋଡାଉନ, କାର୍ଯ୍ୟାଳୟ ଓ ବାସଭବନରେ ଆୟକର ବିଭାଗ ଅଧିକାରୀମାନେ ଚଢ଼ାଉ କରିବା ପରେ ଏହି ମହାଦୁର୍ନୀତି ପ୍ରଘଟ ହୋଇଥିଲା। ଡିଏମ୍‌କେ ନେତାଙ୍କ ଆବେଦନକ୍ରମେ ଚଳିତବର୍ଷ ଏପ୍ରିଲରେ ମାଡ୍ରାସ୍ ହାଇକୋର୍ଟ ମାମଲାର ତଦନ୍ତ ଲାଗି ସିବିଆଇକୁ ଦାୟିତ୍ୱ ଦେଇଥିଲେ। ତାମିଲନାଡୁ ସରକାର, କେନ୍ଦ୍ରୀୟ ଅବକାରୀ ବିଭାଗ ଏବଂ ଖାଦ୍ୟ ନିରାପତ୍ତା ବିଭାଗର ଅନେକ ଅଜଣା ଅଧିକାରୀଙ୍କ ନାଁରେ ଗତ ମେ'ରେ ଏତଲା ରୁଜୁ ହୋଇଥିଲା। ପୋଲିସ ଡିଜି ଏବଂ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଘରେ ସିବିଆଇ ଚଢ଼ାଉ ପରେ ତାମିଲନାଡୁରେ ରାଜନୀତି ଜୋର୍ ଧରିଛି। ରାଜେନ୍ଦ୍ରନ୍ ଓ ବିଜୟବାସ୍କର ନିଜଆଡୁ ଇସ୍ତଫା ଦିଅନ୍ତୁ ନଚେତ୍ ରାଜ୍ୟପାଳ ସେମାନଙ୍କୁ ବହିଷ୍କାର କରନ୍ତୁ ବୋଲି ଡିଏମ୍‌କେ, ପିଏମ୍‌କେ ଏବଂ ସିପିଏମ୍ ନେତାମାନେ ଦାବି କରିଛନ୍ତି। ଡିଏମ୍‌କେ ମୁଖ୍ୟ ଏମ୍.କେ. ଷ୍ଟାଲିନ୍ କହିଛନ୍ତି ଯେ, କେନ୍ଦ୍ରୀୟ ତଦନ୍ତ ସଂସ୍ଥା ପକ୍ଷରୁ ଏହି ଚଢ଼ାଉ ହେବା ପରେ ରାଜ୍ୟକୁ ଲଜ୍ଜିତ ହେବାକୁ ପଡ଼ିଛି। ଏତେବଡ଼ ଦୁର୍ନୀତିରେ ସମ୍ପୃକ୍ତ ବିଜୟବାସ୍କର ଏବଂ ରାଜେନ୍ଦ୍ରନ୍ ନିଜ ନିଜ ପଦବୀରେ ରହି କାର୍ଯ୍ୟ କଲେ ଲୋକମାନଙ୍କର ଶାସନ ବ୍ୟବସ୍ଥା ଏବଂ ପୋଲିସ ବିଭାଗ ପ୍ରତି ଭରସା ରହିବ ନାହିଁ। ଉଭୟଙ୍କୁ ବହିଷ୍କାର କରାଯାଉ ବୋଲି ସିପିଏମ୍ ସାଧାରଣ ସମ୍ପାଦକ କେ. ବାଲକ୍ରିଷ୍ଣନ୍ କହିଛନ୍ତି। ସେହିପରି ପିଏମ୍‌କେ ପ୍ରତିଷ୍ଠାତା ଏସ୍. ରାମାଦୋସ୍ ମଧ ସିବିଆଇର କାର୍ଯ୍ୟାନୁଷ୍ଠାନକୁ ସ୍ୱାଗତ କରିଛନ୍ତି।

**ତାମିଲନାଡୁ ଗୁଟ୍‌ଖା ଦୁର୍ନୀତି**

- ୪୦ ସ୍ଥାନରେ ଚଢ଼ାଉ କଲେ ତଦନ୍ତ ଅଧିକାରୀ
- ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ବି ବାଦ୍ ପଡ଼ିଲେ ନାହିଁ
- ଅନେକ ସରକାରୀ ଅଫିସର ଦୁର୍ନୀତିରେ ସମ୍ପୃକ୍ତ
- ସରକାରଙ୍କୁ ଘେରିଲେ ଡିଏମ୍‌କେ, ପିଏମ୍‌କେ

### ■ କଶ୍ମୀରରେ ଆଉ ଏକ ବର୍ବରତା
# ୯ ବର୍ଷୀୟାଙ୍କୁ ଗଣବଳାତ୍କାର, ହତ୍ୟା କରାଇଲେ ସାବତମା'

**ନୂଆଦିଲ୍ଲୀ,୫ା୯(ଆଇଏଏନ୍‌ଏସ୍)**

- ନାବାଳିକାଙ୍କ ଆଖି ତାଡ଼ିନେଲେ
- ଦେହରେ ଏସିଡ୍ ପକାଇଲେ
- ସାବତ ମା', ସାବତ ଭାଇଙ୍କ ସମେତ ୫ ଗିରଫ



ଜମ୍ମୁ-କଶ୍ମୀରର ବାରମୁଲ୍ଲା ଜିଲାରେ ମାନିବକତାକୁ ଲଜ୍ଜିତ କରିଦେବା ଭଳି ଏକ ବର୍ବରକାଣ୍ଡ ଘଟିଛି। ଜଣେ ୯ ବର୍ଷୀୟା ନାବାଳିକାଙ୍କୁ ଗଣବଳାତ୍କାର ପରେ ହତ୍ୟା କରାଯାଇଛି। ଏହି କାଣ୍ଡ ପଛରେ ଅନ୍ୟ କାହାର ନୁହେଁ, ବରଂ ଝିଅଙ୍କ ସାବତ ମା'ଙ୍କ ପ୍ରଚ୍ଛନ୍ନ ହାତ ରହିଛି। ତନାଘନା ପରେ ପୋଲିସ ପୀଡ଼ିତାଙ୍କ ମୃତଦେହ ଜବତ କରିବା ସହ ସାବତ ମା', ସାବତ ଭାଇ ଓ ଅନ୍ୟ ୩ ଜଣଙ୍କୁ ଗିରଫ କରିଛି। ମିଳିଥିବା ସୂଚନାନୁଯାୟୀ, ନାବାଳିକା ଜଣକ ବାରମୁଲ୍ଲାର ଉରି ଅଞ୍ଚଳରୁ ରବିବାର ନିଖୋଜ ହୋଇଯାଇଥିଲେ। ନାବାଳିକାଙ୍କ ଘରଠାରୁ ୧ କି.ମି. ଦୂରରେ ଥିବା ଏକ ଜଙ୍ଗଲରେ ବୁଧବାର ତାଙ୍କର ମୃତଦେହ ଠାବ କରାଯାଇଛି। ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରିବା ପୂର୍ବରୁ ଅତି ନିର୍ମମ ଭାବେ ତାଙ୍କର ଦୁଇଆଖି ତାଡ଼ି ନିଆଯାଇଥିଲା। ଏପରି କି ତାଙ୍କର ସମ୍ବେଦନଶୀଳ ଅଙ୍ଗଗୁଡ଼ିକୁ ଏସିଡ୍ ଫିଙ୍ଗାଯାଇଥିଲା। ଏହି ବିରଳ କାଣ୍ଡ ପଛର କାରଣ ଖୋଜିବାକୁ ଯାଇ ପୋଲିସ ଚାଞ୍ଚଲ୍ୟକର ତଥ୍ୟ ପ୍ରଘଟ କରିଛି। ମୁଖ୍ୟ ଅଭିଯୁକ୍ତ ମହିଳାଙ୍କ ଜଣେ ସଉତୁଣୀ ଅଛନ୍ତି। ସ୍ୱାମୀ ଦ୍ୱିତୀୟ ସ୍ତ୍ରୀଙ୍କୁ ଅଧିକ ସମୟ ଦେଉଥିଲେ। ୯ ବର୍ଷୀୟା ଝିଅଙ୍କୁ ସେ ବହୁତ ସ୍ନେହ କରୁଥିଲେ। ହେଲେ ସମ୍ପୃକ୍ତା ମହିଳା ଓ ତାଙ୍କ ୧୪ ବର୍ଷୀୟ ପୁଅଙ୍କୁ ସେ ଅଣଦେଖା କରୁଥିଲେ। ମହିଳା ଜଣକ ଏହାକୁ ନେଇ ପ୍ରତିଶୋଧପରାୟଣ ହୋଇ ରହିଥିଲେ ସାଂଘାତିକ ଷଡ଼ଯନ୍ତ୍ର। ସେ ନିଜ ପୁଅଙ୍କୁ ପ୍ରବର୍ତ୍ତାଇ ଏହି ଜଘନ୍ୟ କାଣ୍ଡ ଘଟାଇଛନ୍ତି। ଘଟଣା ଦିନ ମହିଳା ସାବତ ଝିଅଙ୍କୁ ନେଇ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ଯୋଜନା ମୁତାବକ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ପୁଅ ଓ ତାଙ୍କର କେତେଜଣ ସାଙ୍ଗ ଅନ୍ୟ ବାଟ ଦେଇ ସେଠାକୁ ଯାଇଥିଲେ। ସେଠାରେ ମହିଳାଙ୍କ ଉପସ୍ଥିତିରେ ତଥା ନିର୍ଦ୍ଦେଶକ୍ରମେ ପୁଅ ଓ ସାଙ୍ଗମାନେ ଝିଅଙ୍କୁ ଗଣବଳାତ୍କାର କରିଥିଲେ। ବଳାତ୍କାର ପରେ ମହିଳା ଜଣକ ଝିଅଙ୍କ ତଣ୍ଟିଚିପି ଦେଇଥିଲେ। ପୁଅ ଏକ ଧାରୁଆ ଅସ୍ତ୍ରରେ ଝିଅଙ୍କ ଆଖି ତାଡ଼ିଦେବା ପରେ ହତ୍ୟା କରିଥିଲେ। ଅନ୍ୟ ଜଣେ ଅଭିଯୁକ୍ତ ଏସିଡ୍ ପକାଇ ମୃତଦେହକୁ ବୁଦା ଭିତରେ ଫିଙ୍ଗି ଦେଇଥିଲେ। କେହି ଜାଣି ପାରିବେ ନାହିଁ ବୋଲି ମୃତଦେହ ଉପରେ କେତୋଟି ଗଛର ଡାଳ ପକାଇଦେଇଥିଲେ। ଏଥିରେ ନାବାଳିକାଙ୍କ ପରିବାରର କେହି ସମ୍ପୃକ୍ତ ଥିବା ତଦନ୍ତରେ ଜଣାପଡ଼ିବା ପରେ କେତେଜଣଙ୍କୁ ଜେରା କରାଯାଇଥିଲା। ସାବତ ମା' ଓ ସାବତ ଭାଇଙ୍କ ସମେତ ୫ ଜଣଙ୍କୁ ଗିରଫ କରାଯାଇଛି। ହତ୍ୟା ପାଇଁ ବ୍ୟବହୃତ ଅସ୍ତ୍ର ଓ ଏସିଡ୍ ରଖାଯାଇଥିବା ପ୍ଲାଷ୍ଟିକ୍ ଘଟଣାସ୍ଥଳରୁ ଜବତ ହୋଇଥିବା ବାରମୁଲ୍ଲା ଏସ୍‌ପି ଇମ୍‌ତିଆଜ୍ ହୁସେନ କହିଛନ୍ତି। ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଖୁବ୍‌ଶୀଘ୍ର ମାମଲାର ଚାର୍ଜଶିଟ୍ ଦାଏର କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

### ■ ତେଲେଙ୍ଗାନା କ୍ୟାବିନେଟ ବୈଠକ ଆଜି
# ବିଧାନସଭା ଭଙ୍ଗ ନେଇ ହୋଇପାରେ ନିଷ୍ପତ୍ତି

**ହାଇଦ୍ରାବାଦ,୫ା୯(ପି.ଟି.)**

ତେଲେଙ୍ଗାନା କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗୁରୁବାର ହାଇଦ୍ରାବାଦରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ରାଜ୍ୟ ବିଧାନସଭାକୁ ଭଙ୍ଗକରି ଆଗୁଆ ନିର୍ବାଚନ କରାଇବା ଲାଗି ପଥ ଉନ୍ମୁକ୍ତ କରିବେ ବୋଲି ଚର୍ଚ୍ଚା ଜୋର୍ ଧରିଥିବାବେଳେ ଉକ୍ତ ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇପାରେ ବୋଲି କୁହାଯାଉଛି।

୨୦୧୯ ମେ'ରେ ବିଧାନସଭାର କାର୍ଯ୍ୟକାଳ ଶେଷ ହେବ। ତେଣୁ ସାଧାରଣ ନିର୍ବାଚନ ସହ ରାଜ୍ୟ ବିଧାନସଭା ଭୋଟ କରାଯିବା କଥା। କିନ୍ତୁ ଲୋକ ସଭା ନିର୍ବାଚନ ସହ ଏକସଙ୍ଗେ ବିଧାନସଭା ନିର୍ବାଚନ ନ କରାଇଲେ ଶାସକ ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ଲାଭବାନ ହେବ ବୋଲି କେସିଆର୍ ଚିନ୍ତା କରୁଛନ୍ତି। ଏଥିଯୋଗୁ ଟିଆର୍‌ଏସ୍ ସରକାର ଊଣାଅଧିକେ ବିଧାନସଭା ଭଙ୍ଗ କରି ଆଗୁଆ ନିର୍ବାଚନ କରାଇବା ପାଇଁ ମନସ୍ଥ କରିଥିବା ଦଳର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ମୁଖ୍ୟମନ୍ତ୍ରୀ କେସିଆର୍ ରବିବାର ଏକ ସାଧାରଣ ସଭାକୁ ସମ୍ବୋଧିତ କରିଥିଲେ। ଟିଆର୍‌ଏସ୍‌ର ମନ୍ତ୍ରୀ ଓ ନେତାମାନେ ରାଜ୍ୟବାସୀ ଏବଂ ଦଳର ସ୍ୱାର୍ଥ ପାଇଁ ଆଗୁଆ ନିର୍ବାଚନ ସଂକ୍ରାନ୍ତ ନିଷ୍ପତ୍ତି ତାଙ୍କ ହାତରେ ଛାଡ଼ିଦେଇଥିବା କେସିଆର୍ ଉକ୍ତ ସଭାରେ କହିଥିଲେ।

## ଫୁର୍‌ସତ

# ଶିକ୍ଷାବୃତ୍ତି ପ୍ରତି ଭାରତୀୟଙ୍କ ଆଦର

**ନୂଆଦିଲ୍ଲୀ:** ପ୍ରଶାସନିକ ଅବହେଳା ଅଭିଯୋଗରେ ବିଭିନ୍ନ ସମୟରେ ଶିକ୍ଷକ ଆନ୍ଦୋଳନ ତୀବ୍ର ରୂପ ଧାରଣ କରିଥାଏ। ଏବେ ବି ନିଜର ଦାବି ପୂରଣ କରିବାକୁ ଯାଇ କେତେକ ରାଜ୍ୟରେ ରାଜରାସ୍ତାକୁ ଓହ୍ଲାଇଛନ୍ତି ଗୁରୁକୁଳ। ସ୍ଥିତ ଯାହା ହେଉ ନା କାହିଁକି ଶିକ୍ଷକ ବୃତ୍ତି ଏବେ ବି ଅନେକଙ୍କ ପାଇଁ ଆଦର୍ଶ ପାଲଟିଛି। କାରଣ ଭାରତରେ ଗୁରୁଶିଷ୍ୟ ପରମ୍ପରାର ଏକ ଭିନ୍ନ ନିଦର୍ଶନ ରହିଛି। ବୋଧହୁଏ ସେଥିପାଇଁ ଲକ୍ଷ ଲକ୍ଷ ଟଙ୍କା ଦରମା ବିଶିଷ୍ଟ କର୍ପୋରେଟ୍ ଚାକିରି ଛାଡ଼ି ଏବେ ଶିକ୍ଷକ ବୃତ୍ତି ପ୍ରତି ଭାରତୀୟଙ୍କ ମନ ବଳୁଛି ବୋଲି ସଦ୍ୟ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଶିକ୍ଷାବୃତ୍ତି ବିଷୟରେ ଜାଣିବା ଲାଗି ବାଙ୍ଗାଲୋରର ଟେକ୍ନୋଲୋଜି ଷ୍ଟାର୍ଟ ଅପ୍ 'କ୍ୟୁମ୍ୟାଥ୍' ପକ୍ଷରୁ ୩୦୦୦ ଶିକ୍ଷକଙ୍କୁ ନେଇ ଗବେଷଣା କରାଯାଇଥିଲା। ଅଧ୍ୟୟନ ପରେ 'କ୍ୟୁମ୍ୟାଥ୍' ନିଜ ରିପୋର୍ଟରେ କହିଛି ଯେ, ଯୁବ ଛାତ୍ରୀଛାତ୍ରଙ୍କୁ ଜ୍ଞାନ ବଣ୍ଟନ କରିବା ଲାଗି ଭାରତୀୟମାନେ ଲକ୍ଷ ଲକ୍ଷ ଟଙ୍କାର ଦରମାକୁ ଅଣଦେଖା କରିବାକୁ ମଧ ପଛାଉ ନାହାନ୍ତି। ହାଇ ପ୍ରୋଫାଇଲ କର୍ପୋରେଟ୍ ଚାକିରି ଛାଡ଼ି ଶିକ୍ଷକ ପାଲଟୁଛନ୍ତି। ୩୦୦୦ ଶିକ୍ଷକଙ୍କ ମଧ୍ୟରୁ ୫୦% ଅତୀତରେ କର୍ପୋରେଟ୍ ଚାକିରି କରିଛନ୍ତି। ଅଧିକାଂଶ ଶିକ୍ଷକ ଉଚ୍ଚ ଶିକ୍ଷିତ। ୫୩% ଶିକ୍ଷକଙ୍କ ଶିକ୍ଷାଗତ ଯୋଗ୍ୟତା ଏମ୍ଇ, ଏମ୍‌ଟେକ୍, ଏମ୍‌କମ୍, ଏମ୍‌ବିଏ, ପିଏଚ୍‌ଡି ରହିଥିବାବେଳେ ବିଇ, ବିଟେକ୍ ଏବଂ ବିଏସ୍‌ଇ ଡିଗ୍ରୀଧାରୀ ହେଉଛନ୍ତି ୪୪%। ଶିକ୍ଷକ ଚାକିରି ପାଇଁ ଅଫର୍ ମିଳିବା ପରେ ଅଧିକାଂଶ ହାଇ ପ୍ରୋଫାଇଲ ଚାକିରିଆ ତୁରନ୍ତ ରାଜି ହୋଇଯାଇ ଥାଆନ୍ତି। କାରଣ ସେମାନେ ଶିକ୍ଷା ଦେବାରେ ଅଧିକ ସନ୍ତୁଷ୍ଟ ବୋଲି ପ୍ରକାଶ କରୁଥିବା 'କ୍ୟୁମ୍ୟାଥ୍'ର ପ୍ରତିଷ୍ଠାତା ତଥା ସିଇଓ ମନନ୍ କୁମାର ପ୍ରକାଶ କରିଛନ୍ତି।



# ହସ୍ପିଟାଲରେ ଦିଲୀପ କୁମାର

**ମୁମ୍ବାଇ**

ବିଶିଷ୍ଟ ଫିଲ୍ମ ଅଭିନେତା ଦିଲୀପ କୁମାରଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ହୋଇଛି। ଛାତିରେ ସଂକ୍ରମଣ ହେବା ଫଳରେ ବୁଧବାର ସେ ଅସୁସ୍ଥ ହୋଇପଡ଼ିଥିଲେ। ତୁରନ୍ତ ତାଙ୍କୁ ସ୍ଥାନୀୟ ଲୀଲାବତୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସପ୍ତାହେ ପର୍ଯ୍ୟନ୍ତ ହସ୍ପିଟାଲରେ ଡାକ୍ତରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଙ୍କୁ ରଖାଯିବ ବୋଲି ଅଭିନେତାଙ୍କ ଟୁଇଟର ହ୍ୟାଣ୍ଡେଲର୍ ଫୈଜଲ ଫାରୁକୀ ଟୁଇଟ୍‌କରି ସୂଚନା ଦେଇଛନ୍ତି। ତେବେ ଡାକ୍ତରୀ ଚିକିତ୍ସା ପରେ ଦିଲୀପଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଲକ୍ଷ୍ୟ କରାଯାଇଥିବା ଫୈଜଲ କହିଛନ୍ତି। ଦିଲୀପଙ୍କ ଆରୋଗ୍ୟ କାମନା ପାଇଁ ପ୍ରାର୍ଥନା କରିବା ଲାଗି ସେ ପ୍ରଶଂସକଙ୍କୁ ନିବେଦନ କରିଛନ୍ତି।



## ଇତିହାସର ଆଇନାରେ
### ସେପ୍ଟେମ୍ବର ୬ର ପ୍ରମୁଖ ଘଟଣା

୧୯୬୮ ସେପ୍ଟେମ୍ବର ୬ରେ ଆଫ୍ରିକୀୟ ରାଷ୍ଟ୍ର ସ୍ୱାଜିଲାଣ୍ଡ ସ୍ୱାଧୀନତା ହାସଲ କରିଥିଲା। ୧୯୦୨ରେ ଦ୍ୱିତୀୟ ବୋର୍ ଯୁଦ୍ଧ ପରଠାରୁ ଇଂରେଜ ନୋ ସ୍ୱାଜିଲାଣ୍ଡକୁ କବ୍‌ଜା କରି ସେଠାରେ ଶାସନ ଆରମ୍ଭ କରିଥିଲେ। ସେଠାରେ ବ୍ରିଟିଶ ସାମ୍ରାଜ୍ୟ ପ୍ରତିଷ୍ଠା କରିବା ପାଇଁ ଟ୍ରାନ୍ସଭାଲ୍ କଲୋନୀ ଗଠନ କରିଥିଲେ। ୧୯୪୪ରେ ଇଂରେଜମାନେ ସେଠାରେ ରାଜତନ୍ତ୍ର ପ୍ରତିଷ୍ଠା କରିଥିଲେ।

୧୯୭୨ ସେପ୍ଟେମ୍ବର ୬ରେ ପଶ୍ଚିମ ଜର୍ମାନୀର ମ୍ୟୁନିକ୍ ସହରରେ ଗ୍ରୀଷ୍ମ ଅଲିମ୍ପିକ୍ସ କ୍ରୀଡ଼ା ଚାଲିଥିବାବେଳେ ବଡ଼ଧରଣର ଆତଙ୍କବାଦୀ ଆକ୍ରମଣ ଘଟିଥିଲା। ପାଲେଷ୍ଟାଇନ୍ ଆତଙ୍କବାଦୀ ଗୋଷ୍ଠୀ 'ବ୍ଲାକ୍ ସେପ୍ଟେମ୍ବର'ର ୧୧ ଜଣ ଇସ୍ରାଏଲୀ କ୍ରୀଡ଼ାବିତ୍‌ଙ୍କୁ ବନ୍ଧକ କରି ରଖିଥିଲେ। ଏହାପରେ ସମସ୍ତଙ୍କୁ ହତ୍ୟା କରିଥିଲେ। ଏଥିରେ ଜର୍ମାନୀର ଜଣେ ପୋଲିସ ଅଧିକାରୀ ପ୍ରାଣ ହରାଇଥିଲେ।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ବିଭିନ୍ନ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ବର୍ଷା ହୋଇପାରେ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୭ | ୨୩.୪ |
| ଚାନ୍ଦବାଲି | ୨୬.୯ | ୨୫.୧ |
| କଟକ | ୨୬.୨ | ୨୩.୨ |
| ପାରାଦ୍ୱୀପ | ୨୬.୭ | ୨୬.୨ |
| ଭୁବନେଶ୍ୱର | ୨୬.୩ | ୨୫.୦ |
| ଗୋପାଳପୁର | ୩୧.୮ | ୨୬.୮ |
| ପୁରୀ | ୨୮.୦ | ୨୬.୨ |
| ଅନୁଗୋଳ | ୨୭.୧ | ୨୩.୦ |
| ବାରିପଦା | ୨୮.୪ | ୨୪.୬ |
| ଝାରସୁଗୁଡ଼ା | ୨୮.୮ | ୨୪.୦ |
| କେନ୍ଦୁଝର | ୨୫.୧ | ୨୩.୮ |
| ସମ୍ବଲପୁର | ୨୯.୨ | ୨୩.୦ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୨୮.୨ | ୨୧.୪ |
| ତାଳଚେର | ୩୦.୦ | ୨୪.୮ |
| ଭବାନୀପାଟଣା | ୨୯.୦ | ୨୫.୫ |
| ବଲାଙ୍ଗୀର | ୨୯.୬ | ୨୪.୫ |
| କୋରାପୁଟ | ୨୪.୬ | ୨୦.୨ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୨୯.୦ | ୨୨.୫ |
| ମାଲକାନଗିରି | ୨୮.୦ | ୨୬.୦ |
| ସୋନପୁର | ୩୦.୨ | ୨୩.୮ |
| ଦାରିଙ୍ଗିବାଡ଼ି | ୨୩.୫ | ୧୯.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ଆଉ ଜଣେ ନବାଗତା



ତ୍ରିପ୍ତି ଦିମ୍‌ରୀ

**ମୁମ୍ବାଇ:** ଏକ ବିଗ୍ ବଜେଟ୍ ଫିଲ୍ମ ଜରିଆରେ ବଲିଉଡ୍‌ରେ ପାଦ ଥାପିବାକୁ ଯାଉଛନ୍ତି ଆଉ ଜଣେ ନବାଗତା ତ୍ରିପ୍ତି ଦିମ୍‌ରୀ। ପ୍ରଯୋଜିକା ଏକ୍‌ତା କପୁର ଏବଂ ନିର୍ଦ୍ଦେଶକ ଇମ୍‌ତିଆଜ୍ ଅଲିଙ୍କ ମିଳିତ ପ୍ରୋଜେକ୍ଟ 'ଲୈଲା ମଜ୍‌ନୁ'ରେ ମୁଖ୍ୟ ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି ତ୍ରିପ୍ତି। ନୂଆକରି ପାଦ ଥାପିବାକୁ ଯାଉଥିବା ହିନ୍ଦୀ ଫିଲ୍ମ ଜଗତ ବିଷୟରେ ଦିଲ୍ଲୀ ତରୁଣୀଙ୍କ କିଛି ସ୍ୱତନ୍ତ୍ର ରାୟ ରହିଛି। ଏକ ସାକ୍ଷାତ୍‌କାରରେ ତ୍ରିପ୍ତି କହିଛନ୍ତି, ଜଣେ ବାହାର ଲୋକଙ୍କ ପାଇଁ ବଲିଉଡ୍‌ରେ ପ୍ରବେଶ କରିବା ସେତେଟା ସହଜ ନୁହେଁ। ଏକ୍‌ତା ଏବଂ ଇମ୍‌ତିଆଜଙ୍କ 'ଲୈଲା ମଜ୍‌ନୁ' ପାଇଁ ତାଙ୍କୁ ଚୟନ କରାଯିବା ପରେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ବାହାର ଲୋକଙ୍କୁ ବଡ଼ ବଜେଟ୍‌ର ଫିଲ୍ମରେ କାମ କରିବାକୁ ଯଦି ବି ଚୟନ କରାଯାଏ, ପରବର୍ତ୍ତୀ ସମୟରେ ଜଣେ ଆଗଧାଡ଼ିର କଳାକାରଙ୍କୁ ସେହି ସ୍ଥାନରେ ରିପ୍ଲେସ୍ କରାଯାଇଥାଏ। ସେ ଅନେକ ଫିଲ୍ମ ପାଇଁ ଅଡିଶନ୍ ଦେଇଥିଲେ। ସବୁ ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ଥାଏ। କିନ୍ତୁ ଶେଷରେ ତାଙ୍କ ସ୍ଥାନରେ ଜଣେ ପ୍ରତିଷ୍ଠିତ କଳାକାରଙ୍କୁ ଚୟନ କରାଯାଇଥାଏ। ଏଣୁ 'ଲୈଲା ମଜ୍‌ନୁ'ରେ କାମ ମିଳିବା ପରେ ତାଙ୍କର ବିଶ୍ୱାସ ହୋଇ ନ ଥିଲା ବୋଲି ତ୍ରିପ୍ତି କହିଛନ୍ତି।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



ଛାଡ଼ପତ୍ର ପରେ ୧୬୦ ଜଣ ସ୍ୱାମୀ ମିଳିତ ଭାବେ ବାରାଣସୀର ମଣିକର୍ଣ୍ଣିକା ଘାଟରେ ସେମାନଙ୍କ ଜୀବିତ ସ୍ତ୍ରୀମାନଙ୍କର କରିଛନ୍ତି ପିଣ୍ଡଦାନ। ଜୀବନର ଖରାପ ସ୍ମୃତିକୁ ହଟାଇଦେବା ଆବଶ୍ୟକ ବୋଲି ସ୍ୱାମୀମାନେ କହିଛନ୍ତି। ସମ୍ପ୍ରତି ଏହି ପିଣ୍ଡଦାନ କାର୍ଯ୍ୟକ୍ରମର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସେଭ୍ ଇଣ୍ଡିଆ ଫ୍ୟାମିଲି ଫାଉଣ୍ଡେଶନ୍‌ର ଏହି ସଦସ୍ୟମାନେ ଏପରି କରିଛନ୍ତି।




## ସଂକ୍ଷେପରେ

### ପୋଲିସ-ଆଇନଜୀବୀ ବିବାଦ
## ସୋମବାର ପର୍ଯ୍ୟନ୍ତ ଆଇନଜୀବୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ

**କଟକ ଅଫିସ, ୫।୯:** ମାଡ଼ ଘଟଣାକୁ ନେଇ କଟକରେ ପୋଲିସ ଓ ଆଇନଜୀବୀଙ୍କ ମଧ୍ୟରେ ଦେଖାଦେଇଥିବା ବିବାଦ କ୍ରମଶଃ ଜଟିଳ ହେବାରେ ଲାଗିଛି। ଉଭୟପକ୍ଷ ନିଜ ଜିଦ୍‌ରେ ଅଟଳ ଥିବାବେଳେ ସରକାର ମଧ ଏଭଳି ସମ୍ବେଦନଶୀଳ ଘଟଣାରେ ନିରବ ରହିଛନ୍ତି। ଫଳରେ ୮ ଦିନ ହେବ କଟକର ସମସ୍ତ ଅଦାଲତ କାର୍ଯ୍ୟ ଏକପ୍ରକାର ଠପ୍ ହୋଇଯାଇଛି। ଏଭଳି ସ୍ଥିତିରେ ଅଗଷ୍ଟ ୨୯ ବୁଧବାରଠାରୁ ଆଇନଜୀବୀମାନେ ଚଳାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଆସନ୍ତା ସୋମବାର ପର୍ଯ୍ୟନ୍ତ ଜାରି ରଖିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ଶନିବାର ରାଜ୍ୟର ୧୬୭ଟି ବାର୍‌ର ପ୍ରତିନିଧିମାନେ ହାଇକୋର୍ଟ ବାର୍ ପରିସରରେ ଏକାଠି ହେବେ ବୋଲି ବୁଧବାର ହାଇକୋର୍ଟ ବାର୍ ପକ୍ଷରୁ ଅନୁଷ୍ଠିତ ବୈଠକରେ ସୂଚନା ଦିଆଯାଇଛି। ହାଇକୋର୍ଟ ବାର୍ ସଭାପତି ଆଡ୍‌ଭୋକେଟ ଶ୍ରୀକାନ୍ତ ନାୟକଙ୍କ ସଭାପତିତ୍ୱରେ ବୁଧବାର ଅପରାହ୍ଣରେ ବସିଥିବା ବୈଠକରେ ଆଇନଜୀବୀଙ୍କୁ ମାଡ଼ ଘଟଣାକୁ ନେଇ ଭବିଷ୍ୟତ କାର୍ଯ୍ୟପନ୍ଥା ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ବିଶେଷକରି ହାଇକୋର୍ଟରେ ରୁଜୁ ହୋଇଥିବା ମାମଲା ପରିଚାଳନା ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ହୋଇଥିଲା। ତେବେ ଆନ୍ଦୋଳନକୁ ଅଧିକ ଜୋର୍‌ଦାର କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ହାଇକୋର୍ଟ ବାର୍ ସମ୍ପାଦକ ସତ୍ୟବ୍ରତ ମହାନ୍ତି, କ୍ରିମିନାଲ ବାର୍ ଆସୋସିଏଶନ ସଭାପତି ଅକ୍ଷୟ ପତି, କଟକ ବାର୍ ଆସୋସିଏଶନ ସଭାପତି ଉମାକାନ୍ତ ନନ୍ଦଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ରହି ମତ ରଖିଥିଲେ।

## କିଛି ତଥ୍ୟ

୨୦୧୭-୧୮ ଆର୍ଥିକ ବର୍ଷରେ ୪୦୦୦ କି.ମି. ରେଳପଥକୁ ବିଦ୍ୟୁତୀକରଣ କରାଯାଇଛି। ୨୦୧୮-୧୯ରେ ଆଉ ୬୦୦୦ କି.ମି. ରେଳପଥକୁ ବିଦ୍ୟୁତୀକରଣ କରାଯିବ ବୋଲି ଲକ୍ଷ୍ୟ ରଖାଯାଇଛି।
**-ରେଳ ମନ୍ତ୍ରଣାଳୟ**




# ୧୭ ନୁହେଁ, ୧୦୦ କୋଟିର ଚାରା ଦୁର୍ନୀତି: ଦାମ

**ଭୁବନେଶ୍ୱର,୫।୯(ବ୍ୟୁରୋ)**

### ମୋ ସମୟରେ ଦୁର୍ନୀତି ହୋଇନି: ମହାରଥୀ

ବରିଷ୍ଠ ବିଜେଡି ନେତା ତଥା ପାରାଦୀପ ବିଧାୟକ ଦାମୋଦର ରାଉତ ମନ୍ତ୍ରୀ ପଦରେ ଥିବା ସମୟରେ ହୋଇଥିବା କେତେକ ଦୁର୍ନୀତି ସମ୍ପର୍କରେ ବୁଧବାର ମୁହଁ ଖୋଲିଛନ୍ତି। ତାଙ୍କ ପକ୍ଷରୁ ପଚରାଯାଇଥିବା ପ୍ରଶ୍ନର ଉତ୍ତର କୃଷି ମନ୍ତ୍ରୀ ପ୍ରଦୀପ ମହାରଥୀ ମଙ୍ଗଳବାର ବିଧାନସଭାରେ ଲିଖିତ ଭାବେ ଦେଇଥିଲେ। ଏନେଇ ଗଣମାଧ୍ୟମ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଦାମ କହିଛନ୍ତି ଯେ, ଚାରା କ୍ରୟରେ ୧୭ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ସରକାର ସ୍ୱୀକାର କରିଛନ୍ତି। ହେଲେ ଏହି ଦୁର୍ନୀତି ବାସ୍ତବରେ ୧୭ କୋଟି ନୁହେଁ, ପ୍ରାୟ ୧୦୦ କୋଟିର। ସେହିପରି ମୟୂରଭଞ୍ଜ ଜିଲା ପାଇଁ ୫୯ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା କୁହାଯାଇଥିବା କଥା ମିଛ। ଅର୍ଥ ସିଧା ଅଧିକାରୀଙ୍କ ପକେଟ୍‌କୁ ଯାଇଛି। ରାୟଗଡା, ନବରଙ୍ଗପୁର ଓ କୋରାପୁଟରେ ୨୪ କୋଟିର ଦୁର୍ନୀତି ହୋଇଛି। ଗଛ ମୂଳରେ ସାର ଦିଆଯାଇଛି ବୋଲି ଟଙ୍କା ଯାଇଛି, ହେଲେ ଗଛ ଲାଗିନି ବୋଲି ଦାମୋଦର ଉଲ୍ଲେଖ କରିଛନ୍ତି। ସେ ସମୟରେ ମନ୍ତ୍ରୀ ପଦରେ ଥିବାରୁ ସେ କି ପଦକ୍ଷେପ ନେଇଥିଲେ ବୋଲି ଖବରଦାତାମାନେ ପ୍ରଶ୍ନ କରିଥିଲେ। ଉତ୍ତରରେ ଦାମ କହିଛନ୍ତି ଯେ, ଚାରା କ୍ରୟରେ ଅନିୟମିତତା ଅନୁଭବ କରି ୪ ଜଣିଆ କମିଟି ଗଠନ କରାଯାଇଥିଲା। ଏମିତି କି ଦୁର୍ନୀତି କରିଥିବା ଅଧିକାରୀଙ୍କୁ ସସ୍‌ପେଣ୍ଡ କରାଯାଇଥିଲା। ପରେ ଉକ୍ତ ଭଦ୍ରଲୋକ ତାଙ୍କୁ ଲାଞ୍ଚ ଦେଇ ଖସିବାକୁ ଉଦ୍ୟମ କରୁଥିଲେ, ହେଲେ ଉକ୍ତ ଅଧିକାରୀ ଜେଲ୍ ଯାଆନ୍ତୁ ବୋଲି ସେ ଚାହିଁଥିଲେ। ହେଲେ ପରବର୍ତ୍ତୀ ସମୟରେ ସେହି ଅଧିକାରୀ ଜଣକ ନିଜକୁ ବଞ୍ଚାଇବାରେ ସକ୍ଷମ ହୋଇଥିବା ଦାମ କହିଛନ୍ତି।

ଦାମୋଦରଙ୍କ ଏପରି ଅଭିଯୋଗ ଉପରେ କୃଷି ମନ୍ତ୍ରୀ ମହାରଥୀ କହିଛନ୍ତି ଯେ, ୧୭ କୋଟି ଟଙ୍କାର ଦୁର୍ନୀତି ହୋଇଛି ବୋଲି ହିସାବ ବାହାରିଛି। ଏହା ଜାଣିବା ପରେ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କୁ ଚିଠି ଲେଖାଯାଇଛି। ମୋ ସମୟରେ ଏହି ଦୁର୍ନୀତି ହୋଇନାହିଁ। ଦାମବାବୁ ରାଗ, ଅଭିମାନ କି କ'ଣ ପାଇଁ କହୁଛନ୍ତି, ସେ କଥା ତାଙ୍କୁ ଜଣା।

# ଗୁରୁଦିବସର ଦୁଃଖ

## ଗୁରୁବନ୍ଦନା କରିବାକୁ ଆସି ଜୀବନ ଗଲା

**ସୁନ୍ଦରଗଡ଼/ବିଶ୍ରା,୫।୯(ଡି.ଏନ୍.ଏ.)**

ଗୁରୁଦିବସରେ ଲିଭିଗଲା ଛାତ୍ରଙ୍କ ଜୀବନ ଦୀପ। ଶ୍ରଦ୍ଧାର ସହ ଆସିଥିଲେ ଗୁରୁଙ୍କୁ ପୂଜା କରିବେ। ହେଲେ ଜାଣି ନ ଥିଲେ ଏହା ହେବ ତାଙ୍କର ଶେଷ ଗୁରୁବନ୍ଦନା। ଗୁରୁଦିବସ ଅବସରରେ ବୁଧବାର ସକାଳୁ ଗାଁଠୁ ସହରର ସବୁ ବିଦ୍ୟାଳୟ ଚଳଚଞ୍ଚଳ ଥିବାବେଳେ ଗୁରୁବନ୍ଦନା କରିବାକୁ ଯାଇଥିବା ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ଗଛରୁ ପଡ଼ି ମୃତ୍ୟୁ ଘଟିଛି। ସୁନ୍ଦରଗଡ଼ ଜିଲା ବିଶ୍ରା ବ୍ଲକ ଅନ୍ତର୍ଗତ ଭାଲୁଲତା ସେବାଶ୍ରମ ବିଦ୍ୟାଳୟରେ ଏହି ଦୁଃଖଦ ଘଟଣା ଘଟିଛି। ମୃତ ଛାତ୍ର ଜଣକ ହେଲେ କୁଲେନବାହାଲ ଗ୍ରାମର ସଞ୍ଜୟ ଓରାମ (୧୪)। ବୁଧବାର ସକାଳୁ ଉଠି ପିଲାମାନେ ନିଜ ପ୍ରିୟ ଶିକ୍ଷକଙ୍କୁ ପୂଜା କରିବାକୁ ଫୁଲ ତୋଳିବା ପାଇଁ ଯାଇଥିଲେ। ସଞ୍ଜୟ ମଧ ପିଲାମାନଙ୍କ ସହ ମିଶି ବିଦ୍ୟାଳୟ ପରିସରରେ ଥିବା ଫୁଲଗଛ ନିକଟକୁ ଯାଇଥିଲେ। ଶ୍ରେଣୀଗୃହ ସାଜସଜ୍ଜା ପାଇଁ ସଞ୍ଜୟ ସେଠାରେ ଥିବା ଏକ ଦେବଦାରୁ ଗଛରେ ଚଢ଼ିଥିଲେ। ହେଲେ ହଠାତ୍ ଗୋଡ଼ ଖସିଯିବାରୁ ସେ ତଳେ ପଡ଼ି ଗୁରୁତର ଆହତ ହୋଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ବିଦ୍ୟାଳୟର ଶିକ୍ଷକମାନେ ତାଙ୍କୁ ତୁରନ୍ତ ବିଶ୍ରା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ରାଉରକେଲା ସରକାରୀ ଡାକ୍ତରଖାନା ଓ ପରେ ହାଇଟେକ୍ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ସଞ୍ଜୟଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଥିଲା। ମାତ୍ର ଅପରାହ୍ଣ ପ୍ରାୟ ୪ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ଜିଲାପାଳ ସୁରେନ୍ଦ୍ର କୁମାର ମୀନା ଏହି ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ସହ ସଞ୍ଜୟଙ୍କ ପରିବାର ଲୋକଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ଜିଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଖବର ଲେଖାହେବା ବେଳକୁ ସ୍ଥାନୀୟ ଗ୍ରାମବାସୀ ଓ ପରିବାର ଲୋକେ ବିଦ୍ୟାଳୟ ଘେରାଉ କରିଛନ୍ତି।

## ଶିକ୍ଷକଙ୍କ ପରଲୋକ

**ସଇଁତଲା,୫।୯(ଡି.ଏନ୍.ଏ.)**

ବୁଧବାର ସଇଁତଲା ପଞ୍ଚାୟତ ସମିତି ବାଳକ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଠାକୁର ସାହୁ (୭୨)ଙ୍କ ପରଲୋକ ହୋଇଯାଇଛି। କମରଲଗା ମୁନାଧର ଆବାସିକ ବିଦ୍ୟାଳୟରେ ଗୁରୁ ଦିବସ ପାଳନ କରାଯାଉଥିଲା। ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଠାକୁର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବାହ୍ଣ ୧୧.୪୦ରେ ସେ ତାଙ୍କ ବକ୍ତବ୍ୟ ଶେଷ କରିବା କ୍ଷଣି ହଠାତ୍ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ତୁରନ୍ତ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ପରିବାର ଲୋକେ ତାଙ୍କୁ ଘରକୁ ନେଇଯାଇଥିଲେ। ମଧ୍ୟାହ୍ନ ପ୍ରାୟ ୧୨ଟା୩୦ରେ ଘର ଲୋକଙ୍କୁ ଖାଇବା ଦେବାକୁ କହି ଖଟରେ ଗଡ଼ିଥିଲେ। ହେଲେ ହଠାତ୍ ହୃଦଘାତ ଘଟି ତାଙ୍କର ମୃତ୍ୟୁ ଘଟିଥିଲା।

## ସ୍କୁଲରେ ତାଲାପକାଇଲେ ଛାତ୍ରୀଛାତ୍ର

**ଝାରସୁଗୁଡ଼ା ଅଫିସ,୫।୯**

ଗୁରୁ ଦିବସରେ ଗୁରୁ ପୂଜା ନ କରି ଛାତ୍ରୀଛାତ୍ର ଗୁରୁ ଦାବି କରିଥିଲେ। ଅର୍ଥାତ ତାଲପଟିଆ ଉଚ୍ଚ ବିଦ୍ୟାଳୟରୁ ବଦଳି କରାଯାଇଥିବା ଗଣିତ ଶିକ୍ଷୟିତ୍ରୀଙ୍କୁ ପୁନଶ୍ଚ ଫେରାଇବା ଦାବିରେ ବୁଧବାର ଛାତ୍ରୀଛାତ୍ର ସ୍କୁଲ ଗେଟରେ ତାଲାଦେଇ ଆନ୍ଦୋଳନ କରିଥିଲେ। ସେଥିପାଇଁ ଗୁରୁଦିବସରେ ଗୁରୁପୂଜା ହୋଇପାରିନାହିଁ। ଆନ୍ଦାଳନରତ ଛାତ୍ରୀଛାତ୍ରଙ୍କୁ ଜିଲା ଶିକ୍ଷାଧିକାରୀ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା। ଗତ କିଛିମାସ ପୂର୍ବରୁ ସ୍ଥାନୀୟ ତାଲପଟିଆ ସ୍କୁଲର ଜଣେ ଭିନ୍ନକ୍ଷମ ଛାତ୍ରୀଙ୍କୁ ମାଡ ମାରିବା ନେଇ ଗଣିତ ଶିକ୍ଷୟିତ୍ରୀ ସୁମିତା ପଟେଲଙ୍କ ନାଁରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ଗଣିତ ଶିକ୍ଷୟିତ୍ରୀଙ୍କୁ ବଦଳି କରାଯାଇଥିଲା। ଏହା ପରେ ଅନ୍ୟ ଶିକ୍ଷକଙ୍କୁ ତାଲପଟିଆ ସ୍କୁଲକୁ ବଦଳି କରାଯାଉଥିଲେ ମଧ ସେମାନେ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ମୁଣ୍ଡ ଉପରେ ପରୀକ୍ଷାଥିବାରୁ ଗଣିତ ଶିକ୍ଷୟିତ୍ରୀଙ୍କ ପ୍ରତ୍ୟାବର୍ତ୍ତନ ଦାବି କରି ସ୍କୁଲର ଛାତ୍ରୀଛାତ୍ର ବୁଧବାର ଫାଟକରେ ତାଲାଦେଇ ଆନ୍ଦୋଳନ କରିଥିଲେ। ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ସ୍କୁଲରେ ପହଞ୍ଚି ପିଲାଙ୍କୁ ବୁଝାସୁଝା କରିଥିଲେ ଏବଂ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅଗଷ୍ଟ ୩୦ ତାରିଖରେ ଜଣେ ଗଣିତ ଶିକ୍ଷକଙ୍କୁ ତାଲପଟିଆ ସ୍କୁଲକୁ ବଦଳି କରାଯାଇଥିବା ବେଳେ ସେ କାର୍ଯ୍ୟରେ ଯୋଗଦେଇ ନ ଥିବା ଜଣାଯାଇଛି। ଅନ୍ୟପକ୍ଷରେ ବଦଳି ଶିକ୍ଷୟିତ୍ରୀଙ୍କୁ ସ୍କୁଲକୁ ଫେରା ନ ଗଲେ ପୁଣି ଥରେ ଆନ୍ଦୋଳନ କରିବେ ବୋଲି ଛାତ୍ରୀଛାତ୍ର କହିଛନ୍ତି।

www.gandhiinstitute.in
B.ED.
DIRECT ADMISSION
FEW SEATS LEFT - HURRY UP!!
Helpline No.: 9777988870
9348898852

ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ
(ଭାରତ ସରକାରଙ୍କ ଏକ ଉପକ୍ରମ)
ମଣ୍ଡଳ କାର୍ଯ୍ୟାଳୟ : ଭୁବନେଶ୍ୱର
ଗୃହ ଆବଶ୍ୟକ
ବ୍ୟାଙ୍କ ଏହାର ଶାଖା ପାଇଁ ନିମ୍ନଲିଖିତ ସ୍ଥାନରେ ଲିଜ୍ ଭିତ୍ତିରେ ଗୃହ ଆବଶ୍ୟକ କରୁଅଛି:

| କ୍ର.ନଂ. | କେନ୍ଦ୍ରର ନାମ | ତଳମହଲାରେ ଆବଶ୍ୟକ ହେଉଥିବା କାର୍ପେଟ ଏରିଆ |
|---|---|---|
| ୧. | ଗ୍ରାମ: ଧଉଳି (ଜିଲ୍ଲା: ଖୋର୍ଦ୍ଧା) | ୯୦୦ ବର୍ଗଫୁଟ |
| ୨. | ପୁରୀ, (ଜିଲ୍ଲା: ପୁରୀ) | ୧୨୦୦ ବର୍ଗଫୁଟ |

ସମ୍ପତ୍ତିର ସଠିକ୍ ମାଲିକାନା ଥିବା ଇଚ୍ଛୁକ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବଗୁଡିକୁ ୨ଗୋଟି ପୃଥକ ଲଫାପାରେ ଯଥା: (କ) 'ବୈଷୟିକ ବିଡ୍'ରେ ଅନୁମୋଦିତ ପ୍ଲାନ୍ ସହ ସ୍ଥାନ, ସ୍ଥାନର ଆକାର / କାର୍ପେଟ ଏରିଆ, ନିର୍ମାଣ ବର୍ଷ ଏବଂ ଅନ୍ୟାନ୍ୟ ବିବରଣୀ ଇତ୍ୟାଦି ଏବଂ (ଖ) 'ଆର୍ଥିକ ବିଡ୍'ରେ ଆଶା କରୁଥିବା ମାସିକ ଲିଜ୍ ଭଡା, ଟିକସ୍ ବାବଦକୁ ଦେୟ, ରକ୍ଷଣାବେକ୍ଷଣ ଦେୟ ଇତ୍ୟାଦି ଦର୍ଶାଇ ବ୍ୟାଙ୍କର ୱେବସାଇଟ୍: www.obcindia.co.in ରେ ଉପଲବ୍ଧ ଥିବା ନିର୍ଦ୍ଧାରିତ ଫର୍ମାଟ୍‌ରେ ସେମାନଙ୍କର ପ୍ରସ୍ତାବ ଦାଖଲ କରିପାରିବେ। ଉଭୟ ଲଫାପା (କ) ଏବଂ (ଖ) ଉପରେ ଯଥାକ୍ରମେ 'ବୈଷୟିକ ବିଡ୍' ଏବଂ 'ଆର୍ଥିକ ବିଡ୍' ଦର୍ଶାଯିବା ଉଚିତ୍। ପ୍ରତ୍ୟେକ ଲଫାପା ଉପରେ ................ଶାଖା ପାଇଁ ଗୃହ ଆବଶ୍ୟକ ଦର୍ଶାଯାଇ ତା.୨୬.୦୯.୨୦୧୮ରିଖ ସୁଦ୍ଧା ନିମ୍ନ ଠିକଣାରେ ଦାଖଲ ହେବା ଆବଶ୍ୟକ।
ଉପ ମହାପ୍ରବନ୍ଧକ
ଓରିଏଣ୍ଟାଲ୍ ବ୍ୟାଙ୍କ ଅଫ୍ କମର୍ସ
ମଣ୍ଡଳ କାର୍ଯ୍ୟାଳୟ: ପ୍ଲଟ୍ ନଂ.: ଜେ/୩, ରେଭିନ୍ୟୁ ପ୍ଲଟ୍ ନଂ.: ୧୫୬୧(ଅଂଶ)
ସା: ଜାଗମରା, ପୋ.: ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦ (ଓଡ଼ିଶା)

ADMISSION OPEN
2018-20
B.Ed, B.P.Ed, B.H.Ed.
10th, +2, +3 (UG, PG, All stream)
BCA, MCA, BLib, PGDCA, MSW, BBA, MEd., MPhil,
At Regular & Distance at lower rate Approved by UGC, NCTE & Equivalent to Odisha Board University
ADHYAN INSTITUTE OF EDUCATION
Jharsuguda, Sundargarh, Sambalpur, Deogarh, Boudh
Mob: 9937693353, 7008624254, 9337325436




### ■ କଳାଦିବସ ପାଳିଲେ ଶିକ୍ଷକ, ଅଧାପକ
# ଆଜିଠୁ ସ୍କୁଲ, କଲେଜ ବନ୍ଦ

**ଭୁବନେଶ୍ୱର, ୫।୯(ବ୍ୟୁରୋ)**

■ ବର୍ଷାରେ ଛତା ଧରି ଏକାଠି ହେଲେ ହଜାର ହଜାର ଶିକ୍ଷକ
■ ଆନ୍ଦୋଳନକୁ ସମର୍ଥନ ଜଣାଇଲେ ଭାଜପା, କଂଗ୍ରେସ

ପୂର୍ବ ନିଷ୍ପତ୍ତି ଅନୁଯାୟୀ ବୁଧବାର ଗୁରୁଦିବସକୁ କଳା ଦିବସ ଭାବେ ପାଳନ କରିଛି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତମଞ୍ଚ। ସକାଳୁ ପ୍ରବଳ ବର୍ଷା ସତ୍ତ୍ୱେ ମିଳିତ ମଞ୍ଚର ହଜାର ହଜାର ଶିକ୍ଷକ ଛତା ଧରି ଲୋୟର ପିଏମ୍‌ଜିରେ ଏକାଠି ହୋଇଥିଲେ। ବର୍ଷାକୁ ଖାତିର ନ କରି ଦିନତମାମ୍ ଧାରଣା ଦେଇଥିଲେ। ଧାରଣାସ୍ଥଳରେ ଏକ ଚେୟାରରେ ଡ. ସର୍ବପଲ୍ଲୀ ରାଧାକିଷ୍ଣନଙ୍କ ଫଟୋଚିତ୍ରକୁ ରଖି ଗୁରୁପୂଜନ କରିଥିଲେ। ଦାବି ପୂରଣ ନ ହେବା ଯାଏ ସରକାରଙ୍କୁ ଛାଡ଼ିବେ ନାହିଁ ବୋଲି ଏହି ଅବସରରେ ଆୟୋଜିତ ଏକ ସଭାରେ ଶିକ୍ଷକମାନେ ନିଷ୍ପତ୍ତି ନେଇଥିଲେ। ଏଥିସହ ସରକାର ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନେଇ ନ ଥିବାରୁ ପୂର୍ବ ଘୋଷଣା ଅନୁସାରେ ଗୁରୁବାରଠାରୁ ରାଜ୍ୟର ସମସ୍ତ ନୂତନ ଅନୁଦାନପ୍ରାପ୍ତ(ବ୍ଲକ୍‌ଗ୍ରାଣ୍ଟ), ପ୍ରତ୍ୟାଶୀ ସ୍କୁଲ ଓ କଲେଜ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରଖାଯିବ ବୋଲି ମିଳିତ ମଞ୍ଚର ଆବାହକ ଗୋଲକ ନାୟକ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ପୂର୍ଣ୍ଣ ଅନୁଦାନ, ଚାକିରି ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧାସୁଯୋଗ ପ୍ରଦାନ ଦାବିରେ ମିଳିତ ମଞ୍ଚ ପକ୍ଷରୁ ଗତ ୧୬ ତାରିଖରୁ ଆନ୍ଦୋଳନ କରାଯାଉଛି। କିନ୍ତୁ ଏଯାଏ ସରକାର ଦାବି ସମ୍ପର୍କରେ କୌଣସି ପଦକ୍ଷେପ ନ ନେବା ସହିତ ଆଲୋଚନା ପାଇଁ ଡାକି ନ ଥିବାରୁ ମଞ୍ଚ ପକ୍ଷରୁ ଆନ୍ଦୋଳନକୁ ବ୍ୟାପକ କରିବାକୁ ନିଷ୍ପତ୍ତି ହୋଇଛି। ୫ରୁ ୭ ତାରିଖ ପର୍ଯ୍ୟନ୍ତ ଶିକ୍ଷକ, ଅଧାପକ, ଶିକ୍ଷା କର୍ମଚାରୀମାନେ ଭୁବନେଶ୍ୱରରେ ରହିବେ। ୬ତାରିଖ ପୂର୍ବାହ୍ଣରେ ୧୪୭ ବିଧାୟକଙ୍କ ବାସଭବନ ଘେରାଉ କରାଯିବ। ୧୭ ତାରିଖରୁ ବ୍ଲକର ସମସ୍ତ ଶିକ୍ଷକ, ଅଧାପକ ଓ ଶିକ୍ଷା କର୍ମଚାରୀ ପ୍ରତିଦିନ ଗୋଟିଏ ପଞ୍ଚାୟତରେ ଶୋଭାଯାତ୍ରା କରି ଘରେ ଘରେ ଲିଫ୍‌ଲେଟ୍ ବାଣ୍ଟିବେ। ଆନ୍ଦୋଳନ ସମୟରେ ମଧ୍ୟାହ୍ନଭୋଜନ କାର୍ଯ୍ୟ ବନ୍ଦ ରହିବ ବୋଲି ନିଷ୍ପତ୍ତି ନିଆଯାଇଥିବା ମିଳିତମଞ୍ଚର ଆବାହକ ମଣ୍ଡଳୀ ସଦସ୍ୟ ପବିତ୍ର ମହାଲା, ଗୋଲକ ନାୟକ ଓ ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି। ସେପଟେ ମିଳିତ ମଞ୍ଚର ଏହି ଆନ୍ଦୋଳନକୁ ଛାତ୍ର ସଂଗଠନ ଏବିଭିପି ଏବଂ ବହୁ ଶିକ୍ଷକ ସଂଗଠନ ସମେତ ସମର୍ଥନ ଜଣାଇଛନ୍ତି। ଗୁରୁଦିବସ ଥିବାରୁ ଏବିଭିପି ପକ୍ଷରୁ ଧାରଣାସ୍ଥଳରେ ଶିକ୍ଷକମାନଙ୍କୁ ପୂଜାର୍ଚ୍ଚନା କରାଯାଇଛି।

ଅନ୍ୟପଟେ ବିଭିନ୍ନ ଦଳର ନେତା ଆନ୍ଦୋଳନ ସ୍ଥଳରେ ଶିକ୍ଷକଙ୍କୁ ଭେଟି ଆଲୋଚନା କରିଛନ୍ତି। ଭାଜପା ରାଜ୍ୟ ପ୍ରଭାରୀ ଅରୁଣ ସିଂ ଧାରଣାସ୍ଥଳରେ ପହଞ୍ଚି କହିଛନ୍ତି ଯେ, ରାଜ୍ୟର ଶିକ୍ଷକମାନେ ରାସ୍ତାରେ ପଡ଼ିରହି ନିଜର ନ୍ୟାଯ୍ୟ ଦାବି ପାଇଁ ଆନ୍ଦୋଳନ କରିବା ଲଜ୍ଜାର ବିଷୟ। ଏଭଳି ପରିସ୍ଥିତି ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ। ଭାଜପା ଶିକ୍ଷକମାନଙ୍କ ଦାବିକୁ ସମର୍ଥନ କରୁଛି ବୋଲି ସେ କହିଥିଲେ। ଶିକ୍ଷକଙ୍କ କଳା ଦିବସ ପାଳନ ଏବଂ ଆନ୍ଦୋଳନ ସତ୍ତ୍ୱେ ରାଜ୍ୟ ସରକାର ସମାଧାନର ପନ୍ଥା ବାହାର ନ କରିବାକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କ୍ଷୋଭ ପ୍ରକାଶ କରିଛନ୍ତି। ଶିକ୍ଷକମାନଙ୍କ ସହ ଆଲୋଚନା କରି ସେମାନଙ୍କ ବିଶ୍ୱାସ ଜିତି ସମାଧାନର ରାସ୍ତା କାଢିବି। ଶିକ୍ଷକଙ୍କୁ ସମ୍ମାନ ଓ ମର୍ଯ୍ୟାଦା ଦେଇ ଶ୍ରେଣୀଗୃହକୁ ଫେରାଇ ଆଣିଲେ ଓଡିଶାର ଭବିଷ୍ୟତ ଉଜ୍ଜ୍ୱଳ ଓ ସୁରକ୍ଷିତ ହୋଇପାରିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିକ୍ଷକ ସମାଜର ଦାବିକୁ ସହୃଦୟତାର ସହ ବିଚାର କରି ସେମାନଙ୍କ ଅଭାବନୀୟ ପରିସ୍ଥିତିକୁ ଏଡାଇବା ପାଇଁ ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି। ବିରୋଧୀ ଦଳ ନେତା ନରସିଂହ ମିଶ୍ର ଶିକ୍ଷକମାନଙ୍କୁ ଭେଟିବା ଅବସରରେ କହିଛନ୍ତି, ଯେତେବେଳେ ଶିକ୍ଷକଙ୍କ ପେଟ ଜଳିଯାଉଥିବ ସେତେବେଳେ ସେମାନେ ପାଠ କ'ଣ ପଢାଇବେ। ସରକାରୀ ଶିକ୍ଷକଙ୍କୁ ଯେଉଁ ସୁବିଧା ମିଳୁଛି ସେମାନଙ୍କୁ ମଧ ସେହି ସୁବିଧା ମିଳିବା ଆବଶ୍ୟକ। ସରକାର ସେମାନଙ୍କ ଦାବି ମାନିଯିବା ଦରକାର ବୋଲି ସେ କହିଛନ୍ତି।


ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି କଳାଦିବସ ପାଳୁଛନ୍ତି ଶିକ୍ଷୟିତ୍ରୀ, ଶିକ୍ଷକ।





ଉତ୍ତରପ୍ରଦେଶ କାନପୁର ସିଟି ଏସ୍‌ପି ସୁରେନ୍ଦ୍ର କୁମାର ଦାସ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣା ପଛର କାରଣ ଜଣାପଡ଼ିନାହିଁ। ସେ କାହିଁକି ବିଷ ଖାଇଲେ ସେ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି ।


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଜିଉସ୍
ପରିବାରବର୍ଗ


ଆଲେକ୍ସା
ପରିବାରବର୍ଗ


ରାଜେସ୍
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




**SALE**

2011 Tata Ariya, 2007 Honda Civic Automatic, 2009 Honda Accord. HMS Carzone. 9437016540. D-63836




**SALE**

New residential plotting project near KIIT, developed by SDIPL having 40' main, 30' internal road, eletrification/boundary wall (Bank finance available) psqft. 1250/-. 9937025614, 9439444251. D-63587

Book duplex (ready to move) Tankapani road, near BJEM-2 school, Ranga bazar. Cost-55 lakhs with bank finance. 8917360040, 7077074156. D-64125

Gharabari boundary plot infront of Krupajal Engineering College, Bhubaneswar. 9090899281, 8908805482. D-63484

Duplex starting from 60 lacs* at Jharapada. Limited offer work in full swing. Call: 9583066080, 7008104326. D-64130

**Any plot, flat, duplex, simplex sale & purchase in Bhubaneswar. Contact only owner. 9178031478.** D-63087

Chakeisianiରେ yellow-zone ଘରବାରି corner, boundary plot ମିଳୁଛି। 8480447967. D-63088




**1000 sqft. 2BHK, 2 Bathrooms ground floor on rent for commercial purpose near BPCL Filling Station on Main Road, Chandrasekharpur. Contact: 7630918401.** D-8200

About 2000 sqf, ground floor family, Govt./Public sector office near DAV School, Unit-8. Contct No: 9840375016, 9437136820. D-8208

**One 2BHK Flat in Jagannath Mansion, Acharya Vihar near RTO office, Bhubaneswar and side of National Highway, available for rent immediately. Contact: 8328834700.** D-8238




All type of massage and good therapy full body massage Sai herbal spa. 7609005923. D-64201

Sonali ayurvedic full body massage/ smart lady expert therapist. Best facility. 9973747265, 9572698260, 9934132232, 9631368840. D-8096

Opening newly ayurvedic full body massage ladies & gents. 7438851534, 7609923705. D-38527




Admission open medical registration BAMS, BHMS, BUMS, D. Pharma, Nursing. Contact: 9893869473. D-64135

**LOST**

I Sri Chittaranjan Patra, S/o- Late Hrudananda Patra, resident of At/Po-Patia have lost original patta of Mouza- Patia, Vide- Khata No.- 474/7, Plot No.- 306/1697. While I was going from Nalco Chhak to my above residence. I could not trace it out and I have not misused the said Patta in any where till today. D-8196

**AFFIDAVIT**



By virtue of an affidavit before the Executive Magistrate, Jajpur road, I Rasmita Senapati W/o- Ratikanta Senapati after my marriage I have changed my surname from Rasmita Mishra to Rasmita Senapati for all purpose. D-8199

**ଜନ୍ମଦିନ ଶୁଭେଚ୍ଛା**



(ସିମି)
**ସ୍ରିଷ୍ଟି ପ୍ରିୟଦର୍ଶିନୀ**
ଡେଲାଙ୍ଗ, ରାଢୁଅ

ଆଜି ତୋ ପ୍ରଥମ ଜନ୍ମଦିନରେ ପ୍ରଭୁ ସାଇବାବାଙ୍କ ପାଖରେ ପ୍ରାର୍ଥନା କରୁଛୁ, ତୋର ଚଲାପଥ କୁସୁମିତ କରିବା ସଙ୍ଗେ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ। ଶୁଭେଚ୍ଛା ସହ: ଜେଜେ, ଜେଜେମା, ଅଜା, ଆଈ, ବାବା, ମାମା, ମାମୁ। ଧ-୮୦୪୪

**ଜନ୍ମଦିନ ଶୁଭେଚ୍ଛା**



**ଚିନ୍ମୟ ରଥ**

ଜନ୍ମଦିନ ଅବସରରେ ଅନେକ ଅନେକ ଶ୍ରଦ୍ଧା ଓ ଶୁଭେଚ୍ଛା। ମହାପ୍ରଭୁ ତୋର ସମସ୍ତ ଇଚ୍ଛା ଓ ଆକାଂକ୍ଷା ପୂର୍ଣ୍ଣ କରନ୍ତୁ। ସୁନ୍ଦର, ସୁସ୍ଥ ଓ ସୁଖମୟ ଭବିଷ୍ୟତ କାମନା କରୁଛୁ। ମମି, ପାପା, ପରିବାର ଓ ପରିଜନବର୍ଗ। ଧ-୮୧୮୮


# ଆଧାର ନ ଥିଲେ ନାମ ଲେଖା ଲାଗି ଅଗ୍ରାହ୍ୟ କରିପାରିବେନି ସ୍କୁଲ

ନୂଆଦିଲ୍ଲୀ,୫।୯(ପି.ଟି)

ଛାତ୍ରୀଛାତ୍ରଙ୍କର ଯଦି ଆଧାର ନ ଥାଏ ତେବେ ଉକ୍ତ କ୍ଷେତ୍ରରେ କୌଣସି ସ୍କୁଲ ନାମ ଲେଖା ଲାଗି ସେମାନଙ୍କୁ ଅଗ୍ରାହ୍ୟ କରି ପାରିବେ ନାହିଁ। ୟୁନିକ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ(ୟୁଆଇଡିଏଆଇ) ଏ ପ୍ରସଙ୍ଗ ନେଇ ସ୍ପଷ୍ଟ କରିଛି। ଯଦି କୌଣସି ସ୍କୁଲ ଏପରି କରୁଥାନ୍ତି ତେବେ ଏହା ଅବୈଧ ବୋଲି ୟୁଆଇଡିଏଆଇ ପ୍ରକାଶ କରିଛି। ଛାତ୍ରୀଛାତ୍ରଙ୍କ ଆଧାର ପଞ୍ଜିକରଣ ତଥା ନବୀକରଣ ଲାଗି ସ୍କୁଲରେ ସ୍ୱତନ୍ତ୍ର କ୍ୟାମ୍ପ ଆୟୋଜନ କରିବା ନେଇ ଏହା ଗୁରୁତ୍ୱାରୋପ କରିଛି। ଏଥି ଲାଗି ସ୍କୁଲଗୁଡିକ ସ୍ଥାନୀୟ ବ୍ୟାଙ୍କ, ଡାକଘର, ରାଜ୍ୟ ଶିକ୍ଷା ବିଭାଗ ଏବଂ ଜିଲା ପ୍ରଶାସନ ସହ ସମନ୍ୱୟ ରକ୍ଷା କରିବା ଉପରେ ଏହା ଜୋର ଦେଇଛି। ଆଧାର ନ ଥିବା ଯୋଗୁ କେତେକ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନାମ ଲେଖାରୁ ବଞ୍ଚିତ କରିଥିବା ଭଳି ଘଟଣା ୟୁଆଇଡିଏଆଇ ନଜରକୁ ଆସିଛି।

ଏହାକୁ ଧ୍ୟାନରେ ରଖି ୟୁଆଇଡିଏଆଇ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ସର୍କୁଲାର ଜାରି କରିଛି। ଆଧାର ଲାଗି ଯେଭଳି ଭାବେ କୌଣସି ଛାତ୍ରୀଛାତ୍ର ସୁବିଧାରୁ ବଞ୍ଚିତ ନ ହୁଅନ୍ତି ସେ ଉପରେ ନଜର ରଖିବାକୁ ସର୍କୁଲାରରେ କୁହାଯାଇଛି। କୌଣସି ସ୍କୁଲ ଯଦି ଏପରି କାର୍ଯ୍ୟରେ ଲିପ୍ତ ଥାନ୍ତି ତେବେ ଏହା ବେଆଇନ୍ ବୋଲି ୟୁଆଇଡିଏଆଇ କହିଛି। ୟୁଆଇଡିଏଆଇର ଏଭଳି ନିଷ୍ପତ୍ତି ଯୋଗୁ ଅଭିଭାବକ ତଥା ଛାତ୍ରଛାତ୍ରଙ୍କୁ ଆଶ୍ୱସ୍ତି ମିଳିଛି। ଛାତ୍ରୀଛାତ୍ରଙ୍କୁ ଆଧାର ନମ୍ବର ମିଳି ନ ଥିଲେ କିମ୍ବା ବାୟୋମେଟ୍ରିକ ଅପଡେଟ୍ ହୋଇ ନ ଥିଲେ ତେବେ ଉକ୍ତ କ୍ଷେତ୍ରରେ ବିକଳ୍ପ ବ୍ୟବସ୍ଥା ଦ୍ୱାରା ଛାତ୍ରୀଛାତ୍ରଙ୍କୁ ସୁବିଧା ପ୍ରଦାନ କରିବାକୁ ୟୁଆଇଡିଏଆଇ ଗୁରୁତ୍ୱାରୋପ କରିଛି।

### ଓଡ଼ିଶା ମୁଖ୍ୟ ବିଭାଗୀୟ କର୍ମଚାରୀଙ୍କ ଆନ୍ଦୋଳନ ପ୍ରସଙ୍ଗ

# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୫।୯(ବ୍ୟୁରୋ)

ଓଡିଶା ମୁଖ୍ୟ ବିଭାଗୀୟ ଦପ୍ତରର ସେକ୍ସନ ଅଫିସର୍ ଆସୋସିଏଶନ ଏବଂ ମିନିଷ୍ଟ୍ରିଆଲ ଅଫିସର୍ସ ଆସୋସିଏଶନର ସମସ୍ୟା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚିଠି ଲେଖିଛନ୍ତି। ସେ ବୁଧବାର ଦେଇଥିବା ଚିଠିରେ ଉଲ୍ଲେଖ କରିଛନ୍ତି, ମୁଖ୍ୟମନ୍ତ୍ରୀ ଉପରୋକ୍ତ ଆସୋସିଏଶନଦ୍ୱୟର ସମସ୍ୟାକୁ ଗୁରୁତର ସହ ଗ୍ରହଣ କରନ୍ତୁ। ବ୍ୟକ୍ତିଗତ ଭାବେ ଏଥିରେ ହସ୍ତକ୍ଷେପ କରି ସମାଧାନର ରାସ୍ତା କାଢନ୍ତୁ। ଆନ୍ଦୋଳନରତ ଏହି ସରକାରୀ କର୍ମଚାରୀମାନଙ୍କ ପାଇଁ ନୂଆ କ୍ୟାଡର ପୁନର୍ଗଠନ ଦାବିକୁ ମୁଖ୍ୟମନ୍ତ୍ରୀ ୨୦୧୮ ଏପ୍ରିଲ ୧୬ରେ ଅନୁମୋଦନ କରିଛନ୍ତି। ଆନ୍ଦୋଳନରତ କର୍ମଚାରୀଙ୍କ ଅଭିଯୋଗ ପ୍ରଶାସନିକସ୍ତରରେ କାର୍ଯ୍ୟକାରୀ କରାଯାଉ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ସମ୍ମତି ସତ୍ତ୍ୱେ ଜୁନିୟର ଆସିଷ୍ଟାଣ୍ଟ, ସେକ୍ସନ ଅଫିସର୍, ଏଷ୍ଟାବ୍ଲିଶମେଣ୍ଟ ଅଫିସର୍ ଓ ସିନିୟର ଏଷ୍ଟାବ୍ଲିଶମେଣ୍ଟ ଅଫିସର୍ ଭାବେ ମୁଖ୍ୟ ବିଭାଗୀୟ ଦପ୍ତରରେ କାମ କରୁଛନ୍ତି। ଏହି କର୍ମଚାରୀମାନେ ସେମାନଙ୍କ ପଦବୀଗୁଡିକୁ ପୁନର୍ଗଠିତ କରି ଆସିଷ୍ଟାଣ୍ଟ ଆଡମିନଷ୍ଟ୍ରେଟିଭ ଅଫିସର୍ସ, ଜଏଣ୍ଟ ଆଡମିନଷ୍ଟ୍ରେଟିଭ ଅଫିସର୍ସ, ସିନିୟର ଆଡମିନଷ୍ଟ୍ରେଟିଭ ଅଫିସର୍ସ, ଚିଫ୍ ଆଡମିନଷ୍ଟ୍ରେଟିଭ ଅଫିସର୍ସ-୨ ଏବଂ ଚିଫ୍ ଆଡମିନଷ୍ଟ୍ରେଟିଭ ଅଫିସର୍ସ-୧ କରିବାକୁ ଦାବି କରିଛନ୍ତି। ଆସିଷ୍ଟାଣ୍ଟ ଆଡମିନଷ୍ଟ୍ରେଟିଭ ଅଫିସର୍ସ ପ୍ରଥମ ପ୍ରବେଶସ୍ତରୀୟ ପଦବୀ ହେବା ଲାଗି ସେମାନେ ଦାବି କରୁଛନ୍ତି। ଏହି କର୍ମଚାରୀମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରଶାସନିକ ବ୍ୟବସ୍ଥାକୁ ସ୍ଥାଣୁ କରିଦେବାର ସମ୍ଭାବନା ଥିବାରୁ ଏହି ପ୍ରସଙ୍ଗକୁ ଗୁରୁତ୍ୱ ଦେବାକୁ ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି।

# ଲଘୁଚାପ ଘନୀଭୂତ: ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୫।୯(ବ୍ୟୁରୋ)

ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହୋଇଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିବ। କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତ୍‌ସିଂହପୁର,କଟକ, ନୟାଗଡ ଓ ଢେଙ୍କାନାଳ ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ସେହିପରି ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ସମ୍ବଲପୁର, ସୁନ୍ଦରଗଡ, ଅନୁଗୋଳ, ଦେବଗଡ, ସୁନ୍ଦରଗଡ, ଝାରସୁଗୁଡା, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, କଳାହାଣ୍ଡି ଓ କନ୍ଧମାଳ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୭ ତାରିଖ ପର୍ଯ୍ୟନ୍ତ ଲଘୁଚାପ ବର୍ଷା ଲାଗି ରହିବ। ସମ୍ବଲପୁର, ଦେବଗଡ, ସୁନ୍ଦରଗଡ, କେନ୍ଦୁଝର, ଝାରସୁଗୁଡା, ବରଗଡ ଜିଲାର ଅଳ୍ପ କେତେକ ସ୍ଥାନରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ସୋନପୁର, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି, ନବରଙ୍ଗପୁର, ନୂଆପଡା, କୋରାପୁଟ, ଅନୁଗୋଳ, ଢେଙ୍କାନାଳ, ଯାଜପୁର, କଟକ, ମୟୂରଭଞ୍ଜ ଆଦି ଜିଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଆକଳନ କରିଛି।

ସମୁଦ୍ର ଅଶାନ୍ତ ରହୁଥିବାରୁ ଭିତରକୁ ନ ଯିବା ଲାଗି ମତ୍ସ୍ୟଜୀବୀଙ୍କୁ ସତର୍କ କରାଯାଇଛି। ଲଘୁଚାପ ଯୋଗୁ ବୁଧବାର ଉପକୂଳ ଓଡିଶାରେ ବର୍ଷା ଲାଗି ରହିଛି। ମିଳିଥିବା ସୂଚନା ଅନୁଯାୟୀ ଚାନ୍ଦବାଲିରେ ୭୩ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ କଟକ ୨୪, ପାରାଦୀପ ୬୦, ଭୁବନେଶ୍ୱର ୨୪.୮, ପୁରୀ ୧୨, ଅନୁଗୋଳ ୧୪, କେନ୍ଦୁଝର ୩୩, ହୀରାକୁଦ ୧୩, ଟିଟିଲାଗଡ ୨୨.୪, ମାଲକାନଗିରି ୧୭ ଏବଂ ସୋନପୁରରେ ୧୩ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ପ୍ରଥମ ପୃଷ୍ଠାରୁ...

## କେନ୍ଦ୍ର ଆଇନମନ୍ତ୍ରୀଙ୍କୁ ...

ଲୋକଙ୍କ ଦାବି ପ୍ରତି ତୁରନ୍ତ ବିଚାର କରି ପଦକ୍ଷେପ ନେବାକୁ ନବୀନ ଅନୁରୋଧ କରିଛନ୍ତି। ଏପରି କି ସ୍ଥାୟୀବେଞ୍ଚ ପ୍ରତିଷ୍ଠା ପାଇଁ ଆବଶ୍ୟକ ଭିତ୍ତିଭୂମି ଯୋଗାଇଦେବାକୁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି।

ଚିଠିରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଯେ, ୨୮ ସେପ୍ଟେମ୍ବର, ୨୦୧୩ଏବଂ ୧୩ଫେବୃୟାରୀ, ୨୦୧୪ରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ସମ୍ପର୍କରେ ଚିଠି ଲେଖାଯାଇଥିଲା। ପୂର୍ବରୁ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ସୁପାରିସକୁ ଓଡ଼ିଶା ହାଇକୋର୍ଟ ବିଚାର କରିନାହାନ୍ତି। ଅପରପକ୍ଷରେ ଓଡ଼ିଶାର କେଉଁ ଅଞ୍ଚଳରୁ କେତେ ମାମଲା ସୃଷ୍ଟି ହୋଇଛି ତା'ର ପରିସଂଖ୍ୟାନ ଓଡ଼ିଶା ହାଇକୋର୍ଟ କରି ନ ଥିବା ଆଇନ ମନ୍ତ୍ରଣାଳୟ ଚିଠା ନଂ ୧୧୦୧୮/ ୭।୮।୨୦୧୫ରେ ଉଲ୍ଲେଖ କରିଥିବା ଜଣାପଡିଛି। ନବୀନ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ହାଇକୋର୍ଟଙ୍କ ସ୍ଥାୟୀବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗରେ ରାଜ୍ୟ ସରକାର ସୁପ୍ରିମ୍‌କୋର୍ଟଙ୍କ ବିଭିନ୍ନ ରାୟକୁ ତର୍ଜମା କରିଛନ୍ତି। ଏପରି କି କର୍ଣ୍ଣାଟକ ବାର୍ ଆସୋସିଏଶନ ଏବଂ କେନ୍ଦ୍ର ସରକାରଙ୍କ ମାମଲାରେ ଜଷ୍ଟିସ୍ ଯଶୱନ୍ତ ସିଂଙ୍କ ସୁପାରିସକୁ ମଧ୍ୟ ଅନୁଧ୍ୟାନ କରାଯାଇଛି। ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟଙ୍କ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିର ଯଥାର୍ଥତା ରହିଥିବା ରାଜ୍ୟ ସରକାର ଅନୁଭବ କରୁଛନ୍ତି। ତେଣୁ ସମସ୍ତ ବିଷୟକୁ ଅନୁଧ୍ୟାନ କରି ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଲୋକଙ୍କ ଦାବିକୁ ଗ୍ରହଣ କରି ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରିବା ଦିଗରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ପଦକ୍ଷେପ ନେବାକୁ ନବୀନ ଚିଠିରେ ଉଲ୍ଲେଖ କରିଛନ୍ତି।

## ଓକିଲଙ୍କ ଆନ୍ଦୋଳନ...

ନାୟକ, ଆର୍ତ୍ତତ୍ରାଣ ମିଶ୍ର, ସୁରେଶ୍ୱର ମିଶ୍ର, ରବୀନ୍ଦ୍ର ନାଥ ଦେବତା, ପ୍ରଫୁଲ୍ଲ କୁମାର ହୋତା, ନବୀନ ଶତପଥି, ରବି ରଞ୍ଜନ ପୂଜାରୀ, ଅରବିନ୍ଦ ନାୟକ, ସୁରଜ ବିଶ୍ୱାଳ, ସତ୍ୟ ନାରାୟଣ ପଣ୍ଡା, ସୁନିଲ କୁମାର ମିଶ୍ର, ଚନ୍ଦ୍ରକାନ୍ତ ମହାନ୍ତି, ଦିଲୀପ କୁମାର ବିଶି, ଅକ୍ଷୟ କୁମାର ଦାଶ, ଚନ୍ଦ୍ର କୁମାର ପୁରୋହିତ, ପ୍ରମୋଦ କୁମାର ରଥ, ଆସଫ୍ ଅଲ୍ଲି ଖାନ୍, ରାଜକିଶୋର ଦାଶ, ଅଶ୍ୱିନୀ ଗୁରୁ ପ୍ରମୁଖ ଆନ୍ଦୋଳନରେ ସାମିଲ ରହିଥିଲେ। ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ରହିଥିବା ଦ୍ୱନ୍ଦ୍ୱ ଦୂର କରିବା ପାଇଁ କେନ୍ଦ୍ର ସରକାରଙ୍କ ସହ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆଲୋଚନା କରିବାକୁ ସଂଘର ସମ୍ପାଦକ ପ୍ରବୀଣ କୁମାର ସିଂଦେଓ ଦାବି ଜଣାଇଛନ୍ତି। ଏଠାରେ ସୂଚନାଯୋଗ୍ୟ, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚର ଆବଶ୍ୟକତା ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ବାରମ୍ବାର ଲିଖିତ ଭାବେ ଅବଗତ କରାଯାଇଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ପଶ୍ଚିମ ଓଡ଼ିଶାବାସୀ ଏହା ଆମର ହକ୍ ଦାବି କରି ଆସୁଥିବା ବେଳେ ଉଭୟ ସରକାର ନୀରବ ରହିଥିବାରୁ ଏହାର ପ୍ରତିବାଦରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମନ୍ତ୍ରୀମାନଙ୍କୁ ଜିଲା ଓକିଲ ସଂଘ କଳା ପତାକା ଦେଖାଇ ବିରୋଧ କରିଥିଲା । ଏହାପରେ କେନ୍ଦ୍ର ଆଇନ ରାଷ୍ଟ୍ରମନ୍ତ୍ରୀ ତାଙ୍କର ବିବୃତ୍ତି ରଖିଥିଲେ। ତଦନୁଯାୟୀ, କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଥିଲେ। ଯଥାଶୀଘ୍ର ବିହିତ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିନିଧି ଦଳକୁ ଭରସା ଦେଇଥିଲେ। ଏ ସଂକ୍ରାନ୍ତରେ ସମ୍ବଲପୁର ଜିଲା ଓକିଲ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଆଇନ ମନ୍ତ୍ରୀଙ୍କୁ ଚିଠି ଲେଖାଯାଇଥିଲା । ସେଥିରେ ପୂର୍ବ ନିର୍ଦ୍ଧାରିତ ଅଗଷ୍ଟ ୩୧ ତାରିଖ ମଧ୍ୟରେ କୌଣସି ପଦକ୍ଷେପ ନିଆନଗଲେ ସଂଘ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ଦର୍ଶାଇଥିଲା ।


# ମନେ ପଡ଼ନ୍ତି

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



**ଡା ଶ୍ୱେତପଦ୍ମା ମିଶ୍ର**
ଆବିର୍ଭାବ : ୧୭.୧୦.୧୯୭୧
ତିରୋଧାନ : ୦୬.୦୯.୨୦୧୫

"ତୁମର ହସହସ ମୁହଁ, ନିଷ୍କପଟ ହୃଦୟର ସ୍ନେହ ଓ ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ୱଚ୍ଛ, ନିଷ୍କପଟ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ଆମ୍ଭମାନଙ୍କ ବିନମ୍ର ପ୍ରାର୍ଥନା।"

ବନ୍ଧୁ ଓ ପରିବାରବର୍ଗ ଧ-୮୧୯୭

**୧୬ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ଡା. ତୃପ୍ତି ମିଶ୍ର**
(B.A.M.S)
ତିରୋଧାନ: ତା୦୩।୦୯।୨୦୦୨
(କାଳୀୟଦଳନ ଏକାଦଶୀ)

ପି.କେ.ଆର.ଆଇ.ଟି କଲୋନୀ ପୁରୀ ଇତି ମଧ୍ୟରେ ତୋର ଅଭୁଲା ସ୍ମୃତିକୁ ସ୍ମରଣ କରି ୧୬ବର୍ଷ ବିତିଗଲାଣି। ଆଜି ତୋର ପୁଣ୍ୟ ତିଥିରେ ଅଶ୍ରୁପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ। ତୋର ଅତିପ୍ରିୟ: ପିତା- କୃଷ୍ଣଚନ୍ଦ୍ର ମିଶ୍ର, ମାତା- ଅନ୍ନପୂର୍ଣ୍ଣା, ଭ୍ରାତୃଦ୍ୱୟ- ନୃସିଂହ, ଶମ୍ଭୁପ୍ରସାଦ। ଧ-୬୪୦୦୯

**ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ସୁମଦା ରଥ**
ହରିଦାସପୁର, ନହରକଣ୍ଟା, ଭୁବନେଶ୍ୱର

ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ଉପଦେଶ ଆମର ଚିର ପାଥେୟ ହୋଇ ରହିବ। ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭର ପ୍ରାର୍ଥନା। ଶୋକସନ୍ତପ୍ତ: ସ୍ୱାମୀ- ଉଦୟନାଥ, ପୁଅ- ମନୋଜ, ସରୋଜ, ବନୋଜ, ସୁଧାଂଶୁଭୂଷଣ ଓ ପରିବାରବର୍ଗ। ଧ-୪୬୨୫୪


## ଖଟିରେ ଖଟିରେ...

### ଫଳ ଆଣି ଆସିବ

ଆମ ତହସିଲଦାର ଆଜ୍ଞା ବଦଳିଗଲେ, ଅମୁକ ଏରିଆ ସାର୍‌ଙ୍କୁ ଆଣିଦିଅନ୍ତୁ ଦେଖିବେ ଆମ କାମଗୁଡିକ ଘାଇଁଘାଇଁ ହେଇ ଚାଲିବ। କର୍ମୀ ଭାଇମାନଙ୍କ ଏତିକି କଥା ଶୁଣୁଶୁଣୁ ଖାଦ୍ୟ ବଣ୍ଟନ ଦାୟିତ୍ୱ ପାଇଥିବା ବାବୁ ଜଣକ ଚଟ୍‌କିନା କାମରେ ଲାଗି ପଡିଲେ। ବାବୁ ଏମିତି ଫୋନ୍ ବୁଲେଇଲେ ଯେ, ଚଟାପଟ ଫାଇଦା ଦେଲାଭଳିଆ ସରକାରୀ ଅଫିସର୍‌ଙ୍କ ବଦଳିକୁ ଏପଟ ସେପଟ କରିଦେଲେ। ତା'ପରେ ବାବୁ କହିଲେ, ଆଉ କାହାର କ'ଣ ଅଛି ନା ସରିଲା ? ସେଇଠୁ ଆଉ ଜଣେ କର୍ମୀ କହିଲେ, ନାହିଁ ଆଜ୍ଞା, ଏତିକି ହେଲା ବହୁତ, କ୍ଷତି କଲା ଭଳିଆ ଅଫିସର୍ ଆଉ ଏରିଆରେ ରହିଲେନି। ଆଗକୁ ଦେଖନ୍ତୁ, ଲାଭ ଫଳଗୁଡାକ କେମିତି ଆପଣଙ୍କ ପାଖରେ ପହଞ୍ଚିବ। ସେଇଠୁ ବାବୁ କହିଲେ, ହଉ ଏବେ ସବୁଯାଅ, ଆଗକୁ କିନ୍ତୁ ଫଳ ଆଣି ଆସିବ।

### ବିକଳ୍ପ ଦେଖିଲେଣି

ମନ୍ତ୍ରୀ ପାହ୍ୟା ଥିବା ବେଳେ ଆଜ୍ଞାଙ୍କର ଖାତିର ଅଲଗା ପ୍ରକାର ଥିଲା। ପଞ୍ଚାୟତ ଭୋଟ ଫଳାଫଳ ମାନ୍ୟବରଙ୍କ ମନ୍ତ୍ରୀପଦ ନେଇଥିଲା। ନିଜ ଏରିଆରେ କେହି ବିରୋଧୀ ନ ଥିବାରୁ ଦମ୍ ମାରି ଚାଲୁଥିଲେ। ହେଲେ ଏବେ ପାଣିପାଗ ବଦଳିଛି। ବିରୋଧୀ ଦଳରୁ ନୁହେଁ, ନିଜ ଦଳରୁ ବାବୁଙ୍କୁ ବିପଦ। ବାବୁଙ୍କ ପଡୋଶୀ ଏମ୍‌ପି କୁଆଡେ ବିଧାନସଭା ଆସିବାକୁ ମନ ବଳେଇଲେଣି। ତାଙ୍କର ସେହି ଗଡଜାତିଆ ସିଟ୍ ଉପରେ ନଜର। ଯଦି ନ ମିଳିବ, ତେବେ ପଦ୍ମ ପୋଖରୀରେ ବୁଡ ପକାଇବେ। ଏକଥା ଜାଣିବା ପରେ ଗଡଜାତିଆ ମାନ୍ୟବର ବିକଳ୍ପ ଦେଖିଲେଣି। ପାଖ ଏରିଆ ଏମ୍‌ପି କିମ୍ବା ପଡୋଶୀ ସାଧାରଣବର୍ଗ ଆସନରୁ ପ୍ରାର୍ଥୀ ହେବେ ବୋଲି ଭାଳୁଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଶନିଙ୍କ ପ୍ରତ୍ୟକ୍ଷ ଦୃଷ୍ଟିରେ ଚନ୍ଦ୍ର ମାନସିକ ଉଦାସୀନତା ସୃଷ୍ଟି କରିବ। ଫଳତଃ କୌଣସି କାମ ନିର୍ଦ୍ଦିଷ୍ଟ ସମୟରେ ସମ୍ପନ୍ନ କରିପାରିବେ ନାହିଁ। କିନ୍ତୁ କୃତିକା ନକ୍ଷତ୍ର ଯେଉଁ କାମରେ ହାତ ଦେଲେ ମଧ୍ୟ ସଫଳତା ପାଇପାରିବେ। କୌଣସି ପୂର୍ବ ସମସ୍ୟାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ କଳହ ଲାଗିପାରେ। ନିଜର ଲୋକ ଅନ୍ୟର କୁହା କଥା ଶୁଣି ଦୂରେଇ ଯାଇପାରନ୍ତି।

**ବୃଷ** ତୃତୀୟାଧିପ ଚନ୍ଦ୍ର ଧନ ସ୍ଥାନରେ ରହିଥିବାରୁ ନିକଟ ସମ୍ପର୍କୀୟମାନଙ୍କ ସାହାଯ୍ୟ ଓ ସହଯୋଗ ପାଇ କାମ ଗୁଡିକ ସହଜରେ ସମ୍ପନ୍ନ କରିପାରିବେ। କଳା, ସାହିତ୍ୟ, ସଙ୍ଗୀତ, ସଭାସମିତି ଓ ଆନୁଷ୍ଠାନିକ କାମରୁ ସଫଳତା ହାସଲ କରିବେ। ମାଲିମକଦ୍ଦମା ତ୍ୱରାନ୍ୱିତ ହେବା ସକାଶେ ଅନୁକୂଳ ବାତାବରଣ ସୃଷ୍ଟି ହେବାର ଆଶା ରହିଛି ।

**ମିଥୁନ** ଜନ୍ମ ଚନ୍ଦ୍ର ଆପଣଙ୍କୁ କର୍ମମୁଖର କରାଇବା ସହ ଆର୍ଥିକ ଉନ୍ନତି ଦିଗରେ ସହାୟକ ହେବ। ଆଜି ଫେରନ୍ତା ବାଟରେ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ରରେ ଉନ୍ନତି କରିବେ। ଆଲୋଚନା କ୍ଷେତ୍ରରେ କିମ୍ବା ରାଜନୈତିକ କ୍ଷେତ୍ରରେ ଅନ୍ୟର ମନଗଢା କଥା ଶୁଣି ବ୍ୟସ୍ତତା ଅନୁଭବ କରିପାରନ୍ତି।

**କର୍କଟ** ଚନ୍ଦ୍ର ସହ ମଙ୍ଗଳଙ୍କ ଷଡାଷ୍ଟକ ସ୍ଥିତି ହେତୁ ମନ ଚାହୁଁଥିବା ପ୍ରକାରେ କାମ କରିବା କଷ୍ଟକର ହୋଇପାରେ। ବକେୟା ଟଙ୍କା ପାଇବା ସକାଶେ ଯୁକ୍ତିତର୍କ ଭିତରକୁ ଯିବାକୁ ପଡିବ। ଶିଳ୍ପ, ବାଣିଜ୍ୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ମିଳିବ। ନିର୍ମାଣ, ପ୍ରକାଶନ, ପ୍ରଶାସନ କ୍ଷେତ୍ରରେ ଉପୁଜିଥିବା ସମସ୍ୟା ସମାଧାନ ହୋଇଯିବ।

**ସିଂହ** ବୁଧାଦିତ୍ୟ ଯୋଗ ପ୍ରଭାବରୁ କାର୍ଯ୍ୟଦକ୍ଷତା ଓ ଦୃଢ ମନୋବଳ ଆଜିର ପ୍ରତ୍ୟେକ କାମକୁ ସାକାର କରିପାରିବ। ଆଜିର ଯାତ୍ରାରେ ସହଜରେ ଅଭିଳଷିତ ଫଳ ପାଇବେ। ଗବେଷଣା, ଅନୁସନ୍ଧାନ, ଅଧ୍ୟୟନ ଓ ଅଧ୍ୟାପନା, ପ୍ରତିଯୋଗିତା କ୍ଷେତ୍ରରେ ଉନ୍ନତି କରିବେ। ପରିବହନ, ନିର୍ମାଣ, ବାଣିଜ୍ୟ ବ୍ୟବସାୟ ସକାଶେ କୌଣସି ପ୍ରତିବନ୍ଧକ ରହିବ ନାହିଁ।

**କନ୍ୟା** ବନ୍ଧୁମାନଙ୍କ ସାହାଯ୍ୟ,ସହଯୋଗ ମାଧ୍ୟମରେ କାର୍ଯ୍ୟହାସଲ ସହ ଆର୍ଥିକ ସ୍ଥିତିକୁ ମଜଭୁତ କରିପାରିବେ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗର ଆଲୋଚନାରେ ନିର୍ଯାସକୁ ସହଜ ଓ ସରଳ ଭାବରେ ଗ୍ରହଣ କରି ପାରିବେ ନାହିଁ। ପୁରାତନ ରୋଗ ପୀଡାର ପ୍ରାଦୁର୍ଭାବଜନିତ ଶାରୀରିକ ଦୁର୍ବଳତା ଅନୁଭବ କରିପାରନ୍ତି। ସହକର୍ମୀଙ୍କ କାର୍ଯ୍ୟକଳାପରେ ଅତିଷ୍ଠ ହୋଇପାରନ୍ତି।

**ତୁଳା** ନିଜ ଲୋକମାନେ ଶତ୍ରୁତା କଲେ ମଧ୍ୟ କୌଣସି କାମ ଅଟକି ରହିବ ନାହିଁ। କର୍ମକ୍ଷେତ୍ରରେ ସମସ୍ୟାର ସମାଧାନ ଦିଗରେ ବନ୍ଧୁ ସାହାଯ୍ୟ କରିବେ। ଶିଳ୍ପ, ବ୍ୟବସାୟରେ ଅବଶ୍ୟ ଲାଭବାନ୍ ହେବେ। କଚେରି ମାମଲା, ଅସମ୍ପୂର୍ଣ୍ଣ କାମ, ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା ଜନିତ ଅଶାନ୍ତ ପରିବେଶ ସକାଶେ ଚିନ୍ତା ବଢିପାରେ।

**ବିଛା** ବାରମ୍ବାର ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଉଥିବାରୁ ମାନସିକ ଉଦ୍‌ବେଗ ବୃଦ୍ଧି ପାଇବ। ବ୍ୟବସାୟ, ବାଣିଜ୍ୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। ଉପକାର କରିଥିବା ବ୍ୟକ୍ତିଙ୍କ ଠାରୁ ପ୍ରତିଦାନ ପାଇବା ଦୁର୍ଲଭ ହୋଇପାରେ। ଦୀର୍ଘ ଦିନରୁ ରହି ଆସିଥିବା ଋଣ ପରିଶୋଧ କରିବା ସକାଶେ ଚିନ୍ତିତ ରହିପାରନ୍ତି।

**ଧନୁ** ପାରିବାରିକ କ୍ଷେତ୍ରରେ ମନମୁଖି ଶାସନ ଚଳାଇବାକୁ ନେଇ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ। ଏହା ସାଙ୍ଗକୁ ଖର୍ଚ୍ଚଭାର ବୃଦ୍ଧି ପାଇବାକୁ ଥିବା ବିଷୟ ଆପଣଙ୍କ ସକାଶେ ଚିନ୍ତାର କାରଣ ହେବ। ଆଜିର ଯାତ୍ରା, ବାଣିଜ୍ୟ, କଚେରି ମାମଲା ବିଷୟରେ ବନ୍ଧୁମାନଙ୍କ ସହ ଆଲୋଚନା କରିପାରନ୍ତି। ଭାବପ୍ରବଣତାରେ ଭାସି ଯାଇ କୌଣସି ଭୁଲ୍ କରିପାରନ୍ତି।

**ମକର** ବଳବାନ୍ ମଙ୍ଗଳଙ୍କ ପ୍ରଭାବରେ ପ୍ରତିକୂଳ ପରିସ୍ଥିତିକୁ ଦୂରେଇବାରେ ସମର୍ଥ ହେବେ। ଅର୍ଥ, ଜମିଜମା, ବିବାଦୀୟ ବିଷୟ ପ୍ରଭୃତିରେ ବନ୍ଧୁଙ୍କ ପରାମର୍ଶ ଗ୍ରହଣ କରିବା ଠିକ୍ ହେବ। ଶିକ୍ଷା, ପରୀକ୍ଷା, ଶିଳ୍ପ, ବ୍ୟବସାୟ ଓ ବାଣିଜ୍ୟ, ପ୍ରଶାସନିକ ସ୍ତରରେ ଉନ୍ନତି ଘଟିବ। ନିର୍ମାଣାଧୀନ କାମ, ଦୂରଯାତ୍ରା, ଜମିଜମା ସମ୍ପର୍କିତ ଆଲୋଚନା ଅମୀମାଂସିତ ରହିଯିବ।

**କୁମ୍ଭ** ଆଜିର ପ୍ରତ୍ୟୁଷ ଯାତ୍ରା, ନିର୍ମାଣ, ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ ରହିବ। ଆନୁଷ୍ଠାନିକ କାମ,ସଭାସମିତି, ସାହିତ୍ୟ ଚର୍ଚ୍ଚା, ଚୁକ୍ତିପତ୍ର କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ଆର୍ଥିକ ସ୍ଥିତି ପୂର୍ବ ପରି ରହିବ କିନ୍ତୁ ଋଣଭାର ଚିନ୍ତାରେ ମନ ଭାରାକ୍ରାନ୍ତ ରହିପାରେ।

**ମୀନ** ଦୀର୍ଘ ଦିନରୁ ଚିନ୍ତା କରିଥିବା ନୂତନ ଯୋଜନା କରିବା ସକାଶେ ମନ ବଳାଇବେ। ଯାତ୍ରା ସମୟରେ ଜିନିଷ ପତ୍ର ପ୍ରତି ସତର୍କ ରୁହନ୍ତୁ ନଚେତ୍ ପରେ ଅନୁତାପ କରିବାକୁ ପଡିପାରେ। ଯେତେ ଭଲ କାମ କଲେ ମଧ୍ୟ ପରିବାରରେ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ପିଲାମାନଙ୍କୁ କେନ୍ଦ୍ରକରି ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ।

ଆଜି ଭାଦ୍ରବ କୃଷ୍ଣପକ୍ଷର କାଳୀୟ ଦଳନ ଏକାଦଶୀ ଗୁରୁବାର, ଶ୍ରୀମନ୍ଦିରରେ କାଳୀୟଦଳନ ବେଶ ଓ ଧେନୁକାସୁର ବଧ ପ୍ରସ୍ତାବ, ଚତୁର୍ମାସ୍ୟା ଗୁରୁବାର ବ୍ରତ, ସେପ୍ଟେମ୍ବର ୬ ତାରିଖ, ରାଶି ନକ୍ଷତ୍ର- ପୁନର୍ବସୁ/ମିଥୁନ, ଦିବା ଘ୧୦।୩୫ମି. ଗତେ କର୍କଟ ଚନ୍ଦ୍ର,ଏକାଦଶୀର ଏକୋଦ୍ଦିଷ୍ଟ ଓ ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ,ଏକାଦଶୀ ବ୍ରତ ଉପବାସ, ଦିବା ଘ୭।୧୫ମି. ମଧ୍ୟେ ଘ୧୧।୦୯ମି. ଗତେ, ଘ୧୨।୪୮ମି. ମଧ୍ୟେ ଅମୃତ ବେଳା। ସକାଳ ଘ୬।୫୧ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧।୧୭ମି. ଗତେ ଘ୨।୫୦ମି. ମଧ୍ୟେ ରାହୁକାଳ।

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଭାରତର ବିଭିନ୍ନ ଅଞ୍ଚଳରେ ରହିଛି ଭିନ୍ନଭିନ୍ନ ପରମ୍ପରା। ରାଜସ୍ଥାନ ଚୁରୁ ଜିଲା ସାଦୁଲପୁରସ୍ଥିତ ଦଦରେୱା ଧାମରେ ଠାକୁରଙ୍କ ପାଖରେ ଭୋଗ ଭାବେ ପିଆଜ ଲାଗି ହୋଇଥାଏ। ମନ୍ଦିରରେ ଏହି ପରମ୍ପରା ଅତି ପ୍ରାଚୀନ କାଳରୁ ଚଳି ଆସିଛି। ପ୍ରତିଦିନ ଏଠାରେ ପ୍ରାୟ ୧୦ କୁଇଣ୍ଟାଲରୁ ଅଧିକ ପିଆଜ ଜମା ହୋଇଥାଏ। ମାନସିକ ପୂରଣ ହେଲେ ଏଠାରେ ପୂଜା ପାଉଥିବା ଗୋଗାଜୀ ଏବଂ ଗୋରେଖନାଥଙ୍କ ପାଖରେ ଶ୍ରଦ୍ଧାଳୁ ପିଆଜ ଭୋଗ ଲାଗି କରନ୍ତି।

## ସଂକ୍ଷେପରେ

### ଅନୁଦାନପ୍ରାପ୍ତ ସ୍କୁଲ, କଲେଜକୁ ମିଳିବ ସରକାରୀ ଜମି

**ଭୁବନେଶ୍ୱର, ୫।୯(ବ୍ୟୁରୋ):** ରାଜ୍ୟର ଅନୁଦାନପ୍ରାପ୍ତ ସ୍କୁଲ ଓ କଲେଜଗୁଡ଼ିକୁ ସରକାରୀ ଜମି ପ୍ରଦାନ କରିବା ପାଇଁ ଏକ ନୀତି ପ୍ରଣୟନ କରିବାକୁ ଯୋଜନା ହୋଇଛି। ଏଥିପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ଅଧକ୍ଷତାରେ ବୁଧବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନଗୁଡ଼ିକର ତାଲିକା ଏବଂ ସେମାନଙ୍କ ଦଖଲରେ ଥିବା ଜମିର ପରିମାଣ, ଛାତ୍ରୀଛାତ୍ରଙ୍କ ସଂଖ୍ୟା ଏବଂ ବକେୟା ସରକାରୀ ଦେୟର ତଥ୍ୟ ରାଜସ୍ୱ ପରିଚାଳନା ବିଭାଗକୁ ତୁରନ୍ତ ଜଣାଇବାକୁ ଉଚ୍ଚଶିକ୍ଷା ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ପତ୍ର ମାଧ୍ୟମରେ କୁହାଯାଇଛି। ଏହାସହ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କ ସହାୟତାରେ ଜିଲାପାଳମାନେ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରି ଦେବା ପାଇଁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ଶିକ୍ଷାନୁଷ୍ଠାନଗୁଡ଼ିକରୁ ସଂଗୃହୀତ ତଥ୍ୟ ଆଧାରରେ ଖୁବ୍‌ଶୀଘ୍ର ନୀତି ପ୍ରଣୟନ କରିବାକୁ ଏକ ଦାବିପତ୍ର ପ୍ରସ୍ତୁତ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୂଚନା ଦେଇଛନ୍ତି। ବୈଠକରେ ପ୍ରସ୍ତାବ ଅନୁଯାୟୀ ଜମିଗୁଡ଼ିକ ଶିକ୍ଷାନୁଷ୍ଠାନକୁ ସିଧାସଳଖ ଦିଆ ନ ଯାଇ ସମ୍ପୃକ୍ତ ବିଭାଗକୁ ଦିଆଯିବ। ଗ୍ରାଣ୍ଟ-ଇନ୍-ଏଡ୍/ବ୍ଲକ ଗ୍ରାଣ୍ଟ ପାଉଥିବା ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକ ଦ୍ୱାରା ବେଆଇନ ଦଖଲରେ ଥିବା ସରକାରୀ ଜମିର ପରିମାଣ ଓ ଏହାର ମୂଲ୍ୟ ଏବଂ ମାର୍ଚ୍ଚ ୨୦୧୮ ପର୍ଯ୍ୟନ୍ତ ଏଥିପାଇଁ ଧାର୍ଯ୍ୟ କରାଯାଇଥିବା ଜରିମାନା ଆଦିର ତଥ୍ୟ ନିର୍ଦ୍ଧାରିତ ଫର୍ମାଟରେ ରାଜସ୍ୱ ବିଭାଗକୁ ତୁରନ୍ତ ପଠାଇବା ପାଇଁ ଜିଲାପାଳମାନଙ୍କୁ ପତ୍ର ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି।

### କୃଷକଙ୍କ ପାଇଁ ଅଣ୍ଟା ଭିଡ଼ିଲା କଂଗ୍ରେସ

ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ

**ଭୁବନେଶ୍ୱର, ୫।୯(ବ୍ୟୁରୋ):** କୃଷିଋଣ ଛାଡ, ଫସଲବୀମା କ୍ଷତିପୂରଣ, ଭାଗଚାଷୀଙ୍କ ସୁରକ୍ଷା ଓ ଚାଷୀଙ୍କୁ ପେନ୍‌ସନ୍ ଦାବିରେ ବୁଧବାର ପ୍ରଦେଶ କଂଗ୍ରେସ କୃଷକ ସେଲ୍‌ର ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ପିସିସି କୃଷକ ସେଲ୍ ଅଧକ୍ଷ ଅମୀୟ ପଟ୍ଟନାୟକ କହିଛନ୍ତି, ରାଜ୍ୟରେ ମୋଟ ଜନସଂଖ୍ୟାର ୭୦ପ୍ରତିଶତ ଚାଷୀ। ଏମାନେ ଆମର ଅନ୍ନଦାତା। ଯେଉଁମାନଙ୍କ ବହୁ ମୂଲ୍ୟ ପରିଶ୍ରମରେ ସରକାର କୃଷି ଉତ୍ପାଦନ ହାର ବୃଦ୍ଧି ନେଇ ଗର୍ବିତ। ମାତ୍ର ଦୁର୍ଭାଗ୍ୟର ବିଷୟ ଦୀର୍ଘଦିନ ହେଲା ସରକାରଙ୍କ ନିକଟରେ ଚାଷୀ ସେମାନଙ୍କ ହକ୍ ପାଇଁ ବାରମ୍ବାର ଦାବି କରୁଥିଲେ ମଧ ସରକାର ତାକୁ ଅଣଦେଖା କରୁଛନ୍ତି। ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତିକୁ ବିରୋଧକରି ପିସିସି କୃଷକ ସେଲ୍‌ର ପ୍ରତିନିଧି ଦଳ ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କୁ ଭେଟି ୮ଦଫା ଦାବି ସମ୍ବଳିତ ପତ୍ର ପ୍ରଦାନ କରିଛନ୍ତି। ସମସ୍ତ କୃଷକଙ୍କ ଋଣ ଛାଡ କରାଯାଉ, ଗତବର୍ଷର ବକେୟା ୫ଶହ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଫସଲବୀମା କ୍ଷତିପୂରଣ ଅର୍ଥ ତୁରନ୍ତ ପ୍ରଦାନ କରାଯାଉ, ସାର କଳାବଜାର ରୋକିବା ସହ ଆବଶ୍ୟକ ପରିମାଣର ୟୁରିଆ ଦିଆଯାଉ, ଭାଗଚାଷୀଙ୍କ ପାଇଁ ଆଇନଗତ ବ୍ୟବସ୍ଥା ଓ ସମସ୍ୟା ସୁବିଧା ସୁଯୋଗ ମିଳୁ, ଧାନ କୁଇଣ୍ଟାଲ ପିଛା ରାଜ୍ୟ ପାଣ୍ଠିରୁ ୩ଶହ ଟଙ୍କା ବୋନସ୍ ଦେବାକୁ ଏହି ଦାବିପତ୍ରରେ ଜୋର ଦିଆଯାଇଛି।

■ ଆରମ୍ଭ ହେଲା ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ-୨୦୧୮

# ବିଶ୍ୱ କହୁଛି ଓଡ଼ିଶା ନମ୍ର, ସୁନ୍ଦର: ରାଜ୍ୟପାଳ

ଭୁବନେଶ୍ୱର,୫।୯(ବ୍ୟୁରୋ)



ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ପ୍ରଦାନ ଉତ୍ସବରେ ରାଜ୍ୟପାଳ ଗଣେଶୀ ଲାଲ୍ ଉଦ୍‌ବୋଧନ ଦେଉଛନ୍ତି।

ପୃଥିବୀ ଏବଂ ଆକାଶ ମଧରେ ରାସ ରହିଥାଏ। ହେଲେ ପୃଥିବୀର ତଳେ ଓ ଆକାଶରୁ ଊର୍ଦ୍ଧ୍ୱରେ ଯାହା ଥାଏ, ତାହାକୁ ମହାରାସ କୁହାଯାଏ। କିମ୍ବଦନ୍ତୀ ପୁରୁଷ ଗୁରୁ କେଳୁଚରଣ ମହାପାତ୍ର ସେଭଳି ଜଣେ ମହାରାସ ଥିଲେ। ତାଙ୍କ ନିକଟରେ ବିଶ୍ୱର ସବୁ ଉତ୍କୃଷ୍ଟତା ସମାପ୍ତ ହୋଇଥିଲା। ଗୁରୁ କେଳୁଚରଣ ଭାରତୀୟ ସଂସ୍କୃତି ଜଗତର ଅମୂଲ୍ୟ ମଉଡ଼ମଣି ଥିଲେ ବୋଲି ରାଜ୍ୟପାଳ ପ୍ରଫେସର ଡ. ଗଣେଶୀ ଲାଲ୍ କହିଛନ୍ତି। ନୃତ୍ୟାନୁଷ୍ଠାନ ସୃଜନ ପକ୍ଷରୁ ବୁଧବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ 'ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ-୨୦୧୮'କୁ ଉଦ୍‌ଘାଟନ କରି ରାଜ୍ୟପାଳ ଗୁରୁ କେଳୁଚରଣଙ୍କ ପ୍ରତି ଗଭୀର ସମ୍ମାନ ଜଣାଇଥିଲେ। ସେ କହିଥିଲେ, ଗୁରୁଦିବସ ଅବସରରେ ଏହି ଉତ୍ସବ ସ୍ୱର୍ଗତ ଗୁରୁଙ୍କ ଅବଦାନକୁ ମନେପକାଇ ପୁଣିଥରେ ତାଙ୍କ ସ୍ମୃତିକୁ ଉଜ୍ଜୀବୀତ କରିଛି। ଗୁରୁ ଏମିତି ଜଣେ ମଣିଷ, ଯିଏକି ବାସ୍ତବ ଦୁନିଆ ସହ ପରିଚିତ କରାନ୍ତି। ତୁମ ଭିତରେ ଥିବା ସମସ୍ତ ପ୍ରତିଭାକୁ ବାହାରକୁ ଆଣନ୍ତି। ସେଥିପାଇଁ ତାଙ୍କୁ ଅଚିନ୍ତ୍ୟ ବୋଲି କୁହାଯାଏ। ଗୁରୁ କେଳୁଚରଣ ସେଭଳି ଜଣେ ମହାନ୍ ଗୁରୁ ଥିଲେ।

ରାଜ୍ୟପାଳ ଆହୁରି କହିଥିଲେ, ନୃତ୍ୟ ଓ ସଙ୍ଗୀତ ଯେତେବେଳେ ପୃଥିବୀପୃଷ୍ଠକୁ ଆସିବାକୁ ସ୍ଥିର କରିଛନ୍ତି, ପ୍ରଥମେ ସେମାନେ ଓଡ଼ିଶାରେ ପାଦ ଦେଇଛନ୍ତି। ସେଥିପାଇଁ ଏହି ରାଜ୍ୟର ପ୍ରତି କାନ୍ଥରେ ସଙ୍ଗୀତ ଓ ପ୍ରତି ଫାଟକରେ ନୃତ୍ୟର ମାଦକତା ଭରି ରହିଛି। ଏଠାକାର ପ୍ରତି ନାଗରିକର ଶବ୍ଦ ହେଉଛି ସଙ୍ଗୀତ ଓ ଚାଲି ହେଉଛି ନୃତ୍ୟ। ଏଥିପାଇଁ ଓଡ଼ିଶା ନମ୍ର ଓ ସୁନ୍ଦର। ଏହା ମୁଁ କହୁନି, ସମଗ୍ର ବିଶ୍ୱ କହୁଛି। ଗତ ଦୁଇହଜାର ବର୍ଷ ଧରି ଏହି ମାଟି ସମସ୍ତ ଉତ୍କୃଷ୍ଟ କଳା, ସଂସ୍କୃତି ଓ ଐତିହ୍ୟକୁ ଜାବୁଡ଼ି ଧରିଛି। ଆଧୁନିକ ଯୁଗରେ ନୃତ୍ୟ ଏଭଳି ଏକ ମହୌଷଧି, ଯାହା ମୋହ, ମାୟାରୁ ମଣିଷକୁ ମୁକ୍ତ କରେ। ନିଜକୁ ଆବିଷ୍କାର କରିବାର ଅବସର ଦିଏ ଓ ସମସ୍ତଙ୍କୁ ଏକାକାର କରାଏ। ନୃତ୍ୟରେ ସାଧନା ଓ ତପସ୍ୟା ଥିଲେ, ତାହା ସାନ୍ନିଧ ପ୍ରାପ୍ତି କରାଏ ବୋଲି ରାଜ୍ୟପାଳ କହିଥିଲେ। ୫ ଦିନ ଧରି ଚାଲିବାକୁ ଥିବା ଏହି ଉତ୍ସବର ଉଦ୍‌ଘାଟନୀ ସମାରୋହରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଅବସରପ୍ରାପ୍ତ ପ୍ରଶାସକ ଅଶୋକ କୁମାର ତ୍ରିପାଠୀ ଏବଂ ସୃଜନର ନିର୍ଦ୍ଦେଶକ ତଥା ଓଡ଼ିଶୀ ନୃତ୍ୟଗୁରୁ ରତିକାନ୍ତ ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ନୃତ୍ୟଶିଳ୍ପୀ ରାଜଶ୍ରୀ ପ୍ରହରାଜଙ୍କ ଓଡ଼ିଶୀ ନୃତ୍ୟ ସହ ଆର୍. କୁମାରେଶଙ୍କ ଭାଓଲିନ୍ ଓ ଡ. ଜୟନ୍ତୀ କୁମାରେଶଙ୍କ ବୀଣା ପ୍ରମୁଖ ଆକର୍ଷଣ ରହିଥିଲା। 'ଧରିତ୍ରୀ' ଏବଂ 'ଓଡ଼ିଶାପୋଷ୍ଟ' ଏହି ଉତ୍ସବର ମିଡିଆ ପାର୍ଟନର ରହିଛନ୍ତି।


ଆର୍. କୁମାରେଶ ଭାଓଲିନ୍ ଓ ଡ. ଜୟନ୍ତୀ କୁମାରେଶ ବୀଣା ବାଦନ କରୁଛନ୍ତି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ smbselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ନର


@ ପୀତବାସ


@ ସୌମ୍ୟ


@ ବିଶ୍ୱାସ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ମୋମୋ ନେଲା ଆଉ ଏକ ଜୀବନ

**ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ**

■ ମୋବାଇଲରୁ ମିଳିଲା ପ୍ରମାଣ

ମାହାଙ୍ଗା,୫।୯(ସ୍ୱ.ପ୍ର)

ବ୍ଲୁ ହ୍ୱେଲ ପରେ ଏବେ ମୋମୋ ଚ୍ୟାଲେଞ୍ଜ ଗେମ୍ ମୋବାଇଲ୍‌ରେ ଆତଙ୍କ ଖେଳାଇଛି। ମୋବାଇଲ୍‌ରେ ଏହି ଗେମ୍ ଖେଳି କଟକ ଜିଲା ମାହାଙ୍ଗା ବ୍ଲକର ଜଣେ ଯୁବକ ମଙ୍ଗଳବାର ବିଳମ୍ବିତ ରାତିରେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ ଏହି ବ୍ଲକ ଅନ୍ତର୍ଗତ ଉମର ଗ୍ରାମର ଅଲେଖ ବେହେରାଙ୍କ ବଡ ପୁଅ ଉମାକାନ୍ତ ବେହେରା(୨୪)। ଏନେଇ ପରିବାର ଲୋକେ ବୁଧବାର ମାହାଙ୍ଗା ଥାନା ଅଧୀନ ଭଦ୍ରେଶ୍ୱର ଫାଣ୍ଡିରେ ଅଭିଯୋଗ କରିବା ପରେ ଅପମୃତ୍ୟୁ ମାମଲା (ନଂ ୧୩/୧୮) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ଉମାକାନ୍ତ ଯୁକ୍ତ ୩ ପାସ କଲାପରେ ଚେନ୍ନାଇର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଗତ କିଛି ମାସ ତଳେ ସେ ଗାଁକୁ ଆସିଥିଲେ। ଘରକୁ ଫେରିବା ପରେ ତାଙ୍କ ସ୍ୱଭାବରେ ପରିବର୍ତ୍ତନ ଦେଖାଦେଇଥିଲା। ସେ ଦୀର୍ଘ ସମୟ ଧରି ନିଜ ମୋବାଇଲରେ ବ୍ୟସ୍ତ ରହିବା ସହ ଅନ୍ୟମନସ୍କ ଓ ନୀରବ ରହୁଥିଲେ। ବିଳମ୍ବିତ ରାତିରେ ଘରୁ ଏକ ଦଉଡି ନେଇ ନିକଟରେ ଥିବା ନିର୍ମାଣାଧୀନ କ୍ଲବ ଘରକୁ ଯାଇ ଆତ୍ମହତ୍ୟା କରିଛନ୍ତି। ଖବରପାଇ ପରିବାର ଲୋକେ ଉକ୍ତ କ୍ଲବ ଘରୁ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ପରେ ମୋବାଇଲ ଯାଞ୍ଚ କରିବା ପରେ ସେଥିରେ ମୋମୋ ଚ୍ୟାଲେଞ୍ଜ ଗେମ୍‌ର ଲିଙ୍କ ଥିବା ଜଣାପଡିଥିଲା। ଏନେଇ ତାଙ୍କ ବାପା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏ ସମ୍ପର୍କରେ ମାହାଙ୍ଗା ଥାନା ଅଧିକାରୀ ଯୁଗଳ କିଶୋର ଦାସ କହିଛନ୍ତି, ଉମାକାନ୍ତ ମୋମୋ ଚ୍ୟାଲେଞ୍ଜ ଖେଳରୁ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ତାଙ୍କ ମୋବାଇଲ ଫୋନରେ ମୋମୋ ଗେମ୍‌ର ଲିଙ୍କ ଥିବା ଦେଖିବାକୁ ମିଳିଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ।

# ବ୍ରହ୍ମପୁତ୍ରରେ ଡଙ୍ଗାବୁଡ଼ି

## ୩ ମୃତଦେହ ଉଦ୍ଧାର, ୧୧ ନିଖୋଜ

ଗୁଆହାଟୀ,୫।୯(ପି.ଟି.)

ଆସାମରେ ବୁଧବାର ବ୍ରହ୍ମପୁତ୍ର ନଦୀରେ ଏକ ଡଙ୍ଗାବୁଡ଼ି ଘଟଣା ଘଟିଛି। ଏଥିରେ ୩ ଜଣଙ୍କ ମୃତ୍ୟୁ ସ୍ପଷ୍ଟ ହୋଇଥିବାବେଳେ ୧୧ ଜଣ ନିଖୋଜ ହୋଇଛନ୍ତି। ସେମାନେ ପ୍ରାଣ ହରାଇଥିବା ଆଶଙ୍କା କରାଯାଉଛି। ୧୨ ଜଣ ପହଁରି କୂଳରେ ଲାଗିଛନ୍ତି ଏବଂ ୧୦ଜଣଙ୍କୁ ଉଦ୍ଧାର କରାଯାଇଛି।

କାମରୂପ ଡିସିପି କମଳ କୁମାର ବୈଶ୍ୟଙ୍କ ସୂଚନା ମୁତାବକ ଅନ୍ୟୂନ ୩୬ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଦେଶୀ ଡଙ୍ଗା ଅପରାହ୍ନ ୨ଟା ବେଳେ ଗୁଆହାଟୀସ୍ଥିତ ଅଶ୍ୱକଲନ୍ତା ମନ୍ଦିର ଘାଟ ନିକଟରେ ବ୍ରହ୍ମପୁତ୍ର ନଦୀରେ ବୁଡ଼ିଯାଇଥିଲା। ଡଙ୍ଗାଟି ଏକ ପଥର ସହ ବାଡ଼େଇ ହେବା ଯୋଗୁ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଏହା କ୍ଷମତାଠାରୁ ଅଧିକ ଓଜନ ନେଇ ଯାତ୍ରା କରୁଥିଲା। ମାତ୍ର ୨୨ ଜଣ ଯାତ୍ରୀ ବିଧିବଦ୍ଧ ଟିକେଟ୍ ନେଇ ଯାତ୍ରା କରୁଥିବାବେଳେ ତା'ଠାରୁ ଅଧିକ ଲୋକ ଏବଂ ସେମାନଙ୍କ ସାମଗ୍ରୀ, ୧୮ଟି ମୋଟର ସାଇକେଲ୍ ମଧ ଡଙ୍ଗାରେ ଥିଲା ବୋଲି ଡିସିପି କହିଛନ୍ତି।

ଡଙ୍ଗାରେ ୪୦ରୁ ଅଧିକ ଲୋକ ଯାତ୍ରା କରୁଥିବା ଉଦ୍ଧାର ହୋଇଥିବା ଲୋକେ ପ୍ରକାଶ କରିଛନ୍ତି।

ଦୁର୍ଘଟଣାସ୍ଥଳରେ ଏସ୍‌ଡିଆର୍‌ଏଫ୍ ଏବଂ ଏନ୍‌ଡିଆର୍‌ଏଫ୍ ପକ୍ଷରୁ ଉଦ୍ଧାରକାର୍ଯ୍ୟ ଜୋରସୋରରେ ଚାଲିଛି। ସନ୍ଧ୍ୟା ସୁଦ୍ଧା ତିନି ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ୨୨ଜଣ ସୁରକ୍ଷିତ ଅଛନ୍ତି। କିନ୍ତୁ ୧୧ ଜଣଙ୍କ ବିଷୟରେ ପତ୍ତା ମିଳିପାରି ନାହିଁ। ଉଦ୍ଧାରକାର୍ଯ୍ୟରେ ସେନାର ସହଯୋଗ ଲୋଡ଼ାଯାଇଛି। ଖରାପ ପାଗ ଉଦ୍ଧାରକାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ଏକ ଅଭାବନୀୟ ଘଟଣାର ପ୍ରକୃତ ଦାୟୀ ଲୋକଙ୍କୁ ଠାବକରି ଯଥାସମ୍ଭବ ରିପୋର୍ଟ ଦାଖଲ କରିବା ପାଇଁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜିଷ୍ଣୁ ବରୁଚାଙ୍କୁ ସୋନୋୱାଲ ନିର୍ଦ୍ଦେଶ ଦେଇଛନ୍ତି।

# ପୁଣି ବିଶ୍ୱ ରେକର୍ଡ ପାଇଁ ପ୍ରୟାସ

ବ୍ରହ୍ମପୁର ଅଫିସ,୫।୯

ଗଞ୍ଜାମ ଜିଲା ପୋଲସରା ବ୍ଲକ ଭାବରଡା ଗ୍ରାମର ମନୋଜ ମହାରଣା(୨୪)। ପାଟିରେ ଷ୍ଟ୍ର ପୁରାଇ, ଜଳନ୍ତା କ୍ୟାଣ୍ଡଲକୁ ଧରି ରଖିବା ଭଳି କୌଶଳ ପ୍ରଦର୍ଶନ କରି ବିଶ୍ୱ ରେକର୍ଡଧାରୀଙ୍କ ମଧ୍ୟରେ ନିଜକୁ ସ୍ଥାନିତ କରିପାରିଛନ୍ତି। ପୂର୍ବରୁ ୨୧ ଜଳନ୍ତା କ୍ୟାଣ୍ଡଲକୁ ପାଟିରେ ପୁରାଇ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଥିବା ମନୋଜ ପାଟିରେ ୪୫୯ ଷ୍ଟ୍ର ପୁରାଇ ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇ ସାରିଛନ୍ତି। ଏବେ ପୁଣି ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମ ସ୍ଥାନିତ ପାଇଁ ତିନୋଟି କୌଶଳ ପ୍ରଦର୍ଶନ କରିଛନ୍ତି।

ଅନନ୍ତନଗର ୬ଷ୍ଠ ଲାଇନ୍‌ରେ ବୁଧବାର ମନୋଜ ନିଜ କୌଶଳ ପ୍ରଦର୍ଶନ କରିଥିଲେ। ସେ ପାଟିରେ ୫୩୩ ଷ୍ଟ୍ରକୁ ୩୦ ସେକେଣ୍ଡ ପର୍ଯ୍ୟନ୍ତ ରଖି ନିଜର ପୂର୍ବ ରେକର୍ଡକୁ ଭାଙ୍ଗିଥିଲେ। ଏଥିସହ ପାଟିରେ ୪୯୬ ଷ୍ଟ୍ର ରଖି ରେକର୍ଡ ସୃଷ୍ଟି କରିଥିବା ମୁମ୍ବାଇର ଜିନେସ ରିସିଙ୍କ ରେକର୍ଡକୁ ଭାଙ୍ଗିଛନ୍ତି। ସେହିପରି ପାଟିରେ ୪୦ ଜଳନ୍ତା କ୍ୟାଣ୍ଡେଲକୁ ୪୦ ସେକେଣ୍ଡ ପର୍ଯ୍ୟନ୍ତ ଧରି ରଖି ମୁମ୍ବାଇର ଦିନେଶ ଶିବନାଥ ଉପାଧ୍ୟାୟଙ୍କ ରେକର୍ଡ ଭାଙ୍ଗିଛନ୍ତି। ଏହା ସହ ଏକ ମିନିଟ ମଧ୍ୟରେ ଟୁଥ ଷ୍ଟିକକୁ ପାଟିରେ ୩୬୦ ଡ୍ରିଗୀରେ ୪୨ ଥର ଘୁରାଇ ଏକ ନୂତନ ରେକର୍ଡ ସୃଷ୍ଟି କରିଛନ୍ତି। ଏହି ତିନୋଟି କଳା ପ୍ରଦର୍ଶନକୁ ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡକୁ ପଠାଇବା ସହ ତିନୋଟିରେ ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ପାଇବା ନେଇ ମନୋଜ ସୂଚନା ଦେଇଛନ୍ତି। ଏହି କଳାପ୍ରଦର୍ଶନ ବେଳେ ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ର ସହ ନିର୍ଦ୍ଦେଶକ ହୃଷୀକେଶ ପାଣିଗ୍ରାହୀ, ବ୍ରହ୍ମପୁର ତହସିଲଦାର ଦୟାମୟ ପାଢ଼ୀ, ବିଡିଏ ସଚିବ ସମ୍ବିତ କୁମାର ରାଉତ, ବାଣିଜ୍ୟକର ବିଭାଗ ସହକାରୀ କମିଶନର ବିଭୁଦତ୍ତ ଆଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

**ଜିନେସ, ଦିନେଶ ରେକର୍ଡ ଭାଙ୍ଗିଲେ ମନୋଜ**



ମନୋଜ ପାଟିରେ ଜଳନ୍ତା କ୍ୟାଣ୍ଡଲ ରଖିଛନ୍ତି।

■ ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା କାର୍ଯ୍ୟକ୍ରମ

# ଚଳିତମାସ ଶେଷସୁଦ୍ଧା ୭୦ ପ୍ରତିଶତ ଘରେ ପାଇଖାନା

ଭୁବନେଶ୍ୱର,୫।୯(ବ୍ୟୁରୋ)

■ ଦେବଗଡ଼,ଝାରସୁଗୁଡ଼ା ଓଡିଏଫ୍ ଘୋଷିତ

■ ବାଲେଶ୍ୱର, ସମ୍ବଲପୁର, କନ୍ଧମାଳ, ସୁବର୍ଣ୍ଣପୁରକୁ ମିଳିବ ସେହି ମାନ୍ୟତା

ଚଳିତ ମାସ ଶେଷ ସୁଦ୍ଧା ରାଜ୍ୟର ୭୦ ପ୍ରତିଶତ ଘରେ ପାଇଖାନା କରିବା ପାଇଁ ନିର୍ଦ୍ଦିଷ୍ଟ କାର୍ଯ୍ୟସୂଚୀ ପାଳନ କରାଯିବ। ଏଥିପାଇଁ ପଦକ୍ଷେପ ଗ୍ରହଣ କରାଯାଉ। ବୁଧବାର ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ପରିମଳ ସହ ଜଡିତ ସମସ୍ତ ବିଭାଗୀୟ ସଚିବ ଏବଂ ଅଧିକାରୀଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି।

ସଚିବାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକ ଅନୁଯାୟୀ, ନୂତନ ଭାବେ ଆରମ୍ଭ କରାଯାଇଥିବା 'ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା'ରେ ବ୍ଲକ ଏବଂ ପଞ୍ଚାୟତସ୍ତରରେ ମାଇକ୍ରୋ ଭାବେ ଯୋଜନା ଗୁଡିକ କାର୍ଯ୍ୟକାରୀ କରାଯିବ। ପାଇଖାନା ନିର୍ମାଣ ସହ ପରିମଳ ସମ୍ପର୍କିତ ସଚେତନତା ସୃଷ୍ଟି ଉପରେ ମଧ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ପୂର୍ବରୁ ଅର୍ଦ୍ଧ ନିର୍ମିତ ଏବଂ ଅଚଳ ହୋଇ ପଡିଥିବା ପାଇଖାନାର ପୁନଃନିର୍ମାଣ ପାଇଁ ଲୋକମାନଙ୍କୁ ସଚେତନତା କରାଯିବ। ତେବେ ଏଥିପାଇଁ ଅତିରିକ୍ତ ଆର୍ଥିକ ପ୍ରୋତ୍ସାହନ ମିଳିବ କି ନାହିଁ ସେ ନେଇ ସ୍ପଷ୍ଟ ସୂଚନା ମିଳିନାହିଁ। ଉକ୍ତ ବୈଠକରେ ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ ଦେବଗଡ଼ ଓ ଝାରସୁଗୁଡ଼ା ବାହ୍ୟ ମଳମୂତ୍ର ତ୍ୟାଗ ଅଞ୍ଚଳ(ଓଡିଏଫ୍) ଘୋଷିତ ହୋଇସାରିଛି। ଆଗାମୀ ଦିନରେ ବାଲେଶ୍ୱର, ସମ୍ବଲପୁର, କନ୍ଧମାଳ ଏବଂ ସୁବର୍ଣ୍ଣପୁର ଓଡିଏଫ୍ ଘୋଷିତ ହେବାକୁ ଯାଉଛି। ବାଲେଶ୍ୱରରେ ଧାର୍ଯ୍ୟ ଲକ୍ଷ୍ୟର ୯୯ ପ୍ରତିଶତ, ସମ୍ବଲପୁର ଏବଂ କନ୍ଧମାଳରେ ୮୯ ପ୍ରତିଶତ ଓ ସୁବର୍ଣ୍ଣପୁରରେ ୮୭ ପ୍ରତିଶତ ପୂରଣ ହୋଇଛି। ଏକ୍ଷେତ୍ରରେ କଳାହାଣ୍ଡି ଜିଲା ୩୬ ପ୍ରତିଶତ ଅଗ୍ରଗତି କରି ପଛରେ ରହିଛି। ଆଜି ପର୍ଯ୍ୟନ୍ତ ଉକ୍ତ ଯୋଜନାରେ ୬୧ ପ୍ରତିଶତ ଲକ୍ଷ୍ୟ ପୂରଣ ହୋଇଛି। ଚଳିତ ମାସ ଶେଷ ସୁଦ୍ଧା ୬,୮୦,୦୦୦ ପାଇଖାନା ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଛି।



> ଜଣକ ଭିତରେ ଅହଂକାର ଥିବା ଯାଏ ସେ କାହାକୁ ଭଲ ପାଇ ପାରିବ ନାହିଁ। ପ୍ରେମ ହିଁ କେବଳ ପ୍ରେମ କରିପାରେ। କେବଳ ପ୍ରେମ ହିଁ ଅହଂକାରକୁ ଜୟ କରିପାରେ। ନିଜକୁ ଦେଇ ନ ଦେବା ଯାଏ ପ୍ରେମ ନାହିଁ। —ଶ୍ରୀମା

# ବିପଦରେ ସିନ୍ଧୁଘୋଟକ ବଂଶ



## ପରିବେଶ ପରିଚିନ୍ତା

**ମାନେକା ଗାନ୍ଧୀ**

ମୁଁ ଯେତେବେଳେ ପିଲା ଥିଲି, ସେତେବେଳେ ଭାରତରେ ବହୁତ କମିକ୍ (ହାସ୍ୟରସାତ୍ମକ) ବହି ପଢ଼ିବାକୁ ମିଳୁଥିଲା। ଏହାର ମଝି ଦୁଇପୃଷ୍ଠା ଏବଂ ପଛ ପୃଷ୍ଠାରେ ଆମେରିକାରେ ବିକ୍ରି ହେଉଥିବା ଜିନିଷ ଯଥା ପାର୍ଟି ଟ୍ରିକ୍ସ, ହାଲୋଓ୍ୱିନ୍ କଷ୍ଟ୍ୟୁମ୍ସ ପ୍ରଭୃତିର ବିଜ୍ଞାପନ ରହୁଥିଲା। ଆକ୍ୱାରିୟମ୍ ପାଇଁ ସିହର୍ସ (ସିନ୍ଧୁଘୋଟକ– ସାମୁଦ୍ରିକ ମାଛ ବିଶେଷ)ର ବିଜ୍ଞାପନ ପାଇଁ ସବୁଠାରୁ ଅଧିକ ସ୍ଥାନ ଦିଆଯାଉଥିଲା। ଏକ ଡଲାର ଦେଲେ ୬ଟା ସିନ୍ଧୁଘୋଟକ ମିଳୁଥିଲା। ଏହି ବିଜ୍ଞାପନ ଯୋଗୁ କୋଟି କୋଟି ସିନ୍ଧୁଘୋଟକ ମାଛ ସେମାନଙ୍କ ଜୀବନ ହରାଇଲେ। ଶେଷକୁ ମଣିଷ ବୁଝିଲା ଯେ ଆକ୍ୱାରିୟମ୍ ଭିତରେ ଏମାନେ ବଞ୍ଚିବା ସମ୍ଭବ ନୁହେଁ।

ସେବେଠାରୁ ସମୁଦ୍ରରୁ ନାନା ଭାବରେ ସିନ୍ଧୁଘୋଟକମାନଙ୍କୁ ଧରାଯାଉଛି ଓ ମରାଯାଉଛି, ଯଦିଚ ଏମାନଙ୍କର ସମସ୍ତ ୪୦ଟି ଯାକ ପ୍ରଜାତି ଏବେ ଅତିଶୟ ବିପନ୍ନ ଓ ବିଲୁପ୍ତିର ଦ୍ୱାରଦେଶରେ। ଭାରତରେ ୫ଟି ପ୍ରଜାତିର ସିନ୍ଧୁଘୋଟକ ଦେଖାଯାନ୍ତି– ସ୍ପାଇନି, ଗ୍ରେଟ୍, ୟେଲୋ, ହେଜ୍‌ହଗ୍ ଏବଂ ଥ୍ରିସ୍ପଟ୍ ସିହର୍ସ। ବ୍ରିଟେନ୍‌ରେ ଦୁଇଟି ଅଛନ୍ତି କିନ୍ତୁ ସେମାନଙ୍କୁ ଗତ ଦୁଇବର୍ଷ ହେଲା ଦେଖିବାକୁ ମିଳିନାହିଁ। ହୁଏତ ସେମାନେ ଲୋପ ପାଇଯାଇ ଥାଇପାରନ୍ତି।

ଏହି ସିନ୍ଧୁଘୋଟକମାନଙ୍କର ବାସ୍ତବରେ ସ୍ୱତନ୍ତ୍ର ଯାଦୁ କଲାଭଳି ଗୁଣ ରହିଛି। ଏମାନେ ହେଉଛନ୍ତି ସାମୁଦ୍ରିକ ମାଛ, ଯାହାଙ୍କ ମୁଣ୍ଡଟା ଛୋଟ ଘୋଡ଼ାର ମୁଣ୍ଡ ପରି ଦେଖିବାକୁ। ଏମାନଙ୍କ ଆକାର ଅଧଇଞ୍ଚରୁ ଆରମ୍ଭ କରି ୧୪ ଇଞ୍ଚ ଭିତରେ। ଏମାନେ ମୁଖ୍ୟତଃ ଗ୍ରୀଷ୍ମମଣ୍ଡଳୀୟ ତଥା ନାତିଶୀତୋଷ୍ଣ ଅଞ୍ଚଳର ସମୁଦ୍ର ଉପକୂଳବର୍ତ୍ତୀ ଜଳରେ ପ୍ରବାଳପ୍ରାଚୀରରେ, ହେନ୍ତାଳବନରେ ବା ସାମୁଦ୍ରିକ ଘାସଶଯ୍ୟାରେ ବାସ କରନ୍ତି। ଏମାନଙ୍କର ବହିଃକଙ୍କାଳ ଥାଏ, ଯାହା ଅନ୍ୟ ମାଛଙ୍କଠାରେ ଦେଖିବାକୁ ମିଳେନା। କିନ୍ତୁ ଏମାନଙ୍କର କାତି ନ ଥାଏ। ସିନ୍ଧୁଘୋଟକଙ୍କର ମଧ୍ୟ ଏକ ବେକ ଓ ତଳମୁହାଁ ଥୋମଣି ଥାଏ। ଏମାନେ ଗାଲିସି ସାହାଯ୍ୟରେ ଶ୍ୱାସକ୍ରିୟା କରନ୍ତି ଏବଂ ତାଙ୍କର ସ୍ୱିମ୍ ବ୍ଲାଡର ଅଛି। ସେମାନଙ୍କର ସାପ ଭଳିଆ ଲମ୍ବା ଲାଞ୍ଜ ଅଛି। ଏହା ସେମାନଙ୍କୁ ସାମୁଦ୍ରିକ ଘାସ ବା ପ୍ରବାଳକୁ ଜାବୁଡ଼ି ଧରିବାରେ ସାହାଯ୍ୟ କରେ, ଯାହାଦ୍ୱାରା ସାମୁଦ୍ରିକ ସ୍ରୋତ ସେମାନଙ୍କୁ ଭସାଇ ନେଇପାରେନା। ଏମାନେ ଅଗଭୀର ଦଳୁଆ ଅଞ୍ଚଳରେ ବାସ କରନ୍ତି। ଶୀତଦିନେ ପାଣିର ବେଶି ଗଭୀରକୁ ଏମାନେ ଚାଲିଯାନ୍ତି।

ସିନ୍ଧୁଘୋଟକମାନେ ଭଲ ପହଁରିପାରନ୍ତି ନାହିଁ। ପିଠିରେ ଥିବା ଛୋଟ ଡେଣା ସାହାଯ୍ୟରେ ସେମାନେ ପହଁରନ୍ତି। ଏହି ଡେଣା ସେମାନଙ୍କ ପିଠିରେ ମୁଣ୍ଡ ପଛପଟକୁ ଥାଏ। ନିକଟରେ ଥିବା ଗଛର ରଙ୍ଗ ଅନୁସାରେ ସେମାନେ ରଙ୍ଗ ବଦଳାଇ ଶିକାରୀମାନଙ୍କଠାରୁ ବଞ୍ଚନ୍ତି ଏବଂ ସେମାନେ ଖୁବ୍ ଶୀଘ୍ର ରଙ୍ଗ ବଦଳାଇପାରନ୍ତି। ଚିଙ୍ଗୁଡ଼ି ପରି କ୍ଷୁଦ୍ର ସନ୍ଧିପଦ ହେଉଛନ୍ତି ସେମାନଙ୍କ ଖାଦ୍ୟ। ସେମାନଙ୍କର ଦାନ୍ତ ନାହିଁ କି ପାକସ୍ଥଳି ନାହିଁ। ତେଣୁ ଖାଦ୍ୟ ସେମାନଙ୍କ ପାକଯନ୍ତ୍ରରେ ପଶି ଶୀଘ୍ର ବାହାରିଯାଏ, ଯେଉଁଥିପାଇଁ ବଞ୍ଚିରହିବା ଲାଗି ସେମାନଙ୍କୁ ଅହରହ ଖାଇବାକୁ ପଡ଼ିଥାଏ। ସେମାନେ ଦିନକୁ ୩୦୦୦ ବା ତଦୂର୍ଦ୍ଧ୍ୱ ଲୁଣିଜଳ ଚିଙ୍ଗୁଡ଼ି ଖାଇଥାନ୍ତି। ସେମାନଙ୍କ ଆଖି ଦୁଇଟା ସ୍ୱତନ୍ତ୍ର। ଦୁଇଟା ଆଖି ସ୍ୱାଧୀନ ଭାବେ କାମ କରନ୍ତି। ଅର୍ଥାତ୍ ସେମାନେ ଗୋଟିଏ ଆଖିରେ ଆଗକୁ ଦେଖିଲେ ଆଉ ଗୋଟାଏ ଆଖିରେ ପଛକୁ ଦେଖିପାରନ୍ତି। ଏଣୁ ଶିକାର କରିବାକୁ ଏବଂ ଶିକାରୀଙ୍କଠାରୁ ଖସିବାକୁ ସୁବିଧା ହୁଏ।

ସିନ୍ଧୁଘୋଟକମାନେ ଜୀବନ ସାରା ଗୋଟିଏ ଜୀବନସାଥୀ ସହ ଏକାଠି ରହନ୍ତି। ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ପ୍ରତିଦିନ ପରସ୍ପରକୁ ଦେଖା କରନ୍ତି। ଯେତେବେଳେ ସେମାନେ ପରସ୍ପରର ନିକଟବର୍ତ୍ତୀ ହୁଅନ୍ତି, ସେତେବେଳେ ନିଜର ରଙ୍ଗ ବଦଳାନ୍ତି। ଅଣ୍ଡିରାଟି ମାଈର ଚାରିପଟେ ବେଢ଼େଇ ହୋଇଯାଏ। ତା'ପରେ ମାଈଟି ତା' ଜାଗାକୁ ଚାଲିଯାଏ। ଅଣ୍ଡିରା ସିନ୍ଧୁଘୋଟକ ହିଁ ଗର୍ଭଧାରଣ କରେ। ମାଈଟି ତା'ର ଡିମ୍ବକୁ ଅଣ୍ଡିରାକୁ ଦେଇଦିଏ। ଅଣ୍ଡିରା ତାହାକୁ ନିଜର ଥଳି ଭିତରେ ନିଷିକ୍ତ କରେ। ଡିମ୍ବ ସଂଖ୍ୟା ଛୋଟ ପ୍ରାଣୀ କ୍ଷେତ୍ରରେ ୫୦ରୁ ୧୫୦ ଏବଂ ବଡ଼ ପ୍ରଜାତି କ୍ଷେତ୍ରରେ ୧୫୦୦ ପର୍ଯ୍ୟନ୍ତ ହୋଇଥାଏ। ୧୪ରୁ ୨୮ ଦିନ ଭିତରେ ଥଳି ଭିତରେ ଛୁଆ ଜନ୍ମ ହୁଅନ୍ତି। ଡିମ୍ବରୁ ଛୁଆ ଜନ୍ମ କରିବା ଏକ ଲମ୍ବା ପ୍ରକ୍ରିୟା ଯେଉଁଥିପାଇଁ ୧୨ ଘଣ୍ଟା ପର୍ଯ୍ୟନ୍ତ ସମୟ ଲାଗେ। ଛୁଆ ସିନ୍ଧୁଘୋଟକମାନେ ଜନ୍ମ ପରେ ପରେ ନିଜେ ନିଜର ଦାୟିତ୍ୱ ନିଅନ୍ତି। ସେମାନେ ଶାବକ ଥଳିରୁ ୪୫ ଦିନରେ ବାହାରନ୍ତି। ସେମାନେ ଲାଞ୍ଜ ସାହାଯ୍ୟରେ ପରସ୍ପର ସହ ଲଗାଲଗି ହୋଇ ଛୋଟ ଛୋଟ ଦଳରେ ଭାସନ୍ତି। ଜନ୍ମ ହେବା ପରେ ପରେ ସେମାନଙ୍କୁ ଖାଦ୍ୟ ଦରକାର, ପୁଣି ଶିକାରୀଙ୍କଠାରୁ ବର୍ତ୍ତିବା ବି ଦରକାର। ପ୍ରଥମ ଦୁଇରୁ ତିନି ସପ୍ତାହ ସେମାନେ ସମୁଦ୍ରର ପ୍ଲାଙ୍କଟନ ସ୍ତର ଉପରେ ଭାସନ୍ତି। ଶିକାରୀ ପ୍ରାଣୀଙ୍କ ପ୍ରାଦୁର୍ଭାବ ଯୋଗୁ ହଜାରକେ ମାତ୍ର ଗୋଟାଏ ବା ତା'ଠାରୁ କମ୍ ବଞ୍ଚିରହି ବଡ଼ ହୋଇପାରନ୍ତି।

ଆପଣ କେବେ ସିନ୍ଧୁଘୋଟକ ଦେଖିଛନ୍ତି କି? ଦେଖି ନ ଥିବେ। ଆଉ ୨୦ ବର୍ଷ ଭିତରେ ସେମାନେ ସମ୍ପୂର୍ଣ୍ଣ ଲୋପ ପାଇଯିବାର ସମ୍ଭାବନା ରହିଛି। ୮ଟି ପ୍ରଜାତି ଅତିମାତ୍ରାରେ ସଙ୍କଟାପନ୍ନ। ଦକ୍ଷିଣ ଆଫ୍ରିକାର କେପ୍ ସିହର୍ସ ଜଳପ୍ରଦୂଷଣ ଯୋଗୁ ଆଉ ଦୁଇବର୍ଷ ଭିତରେ ଲୋପ ପାଇଯିବେ। ଭାରତର ହେଜ୍‌ହଗ୍ ଓ ଫ୍ଲାଟ୍‌ଫେସ୍‌ଡ ସିହର୍ସ ଆଉ ପାଞ୍ଚବର୍ଷ ଭିତରେ ଲୋପ ପାଇଯାଇପାରନ୍ତି। ଉପକୂଳ ଉନ୍ନୟନ, ସାମୁଦ୍ରିକ ପ୍ରଦୂଷଣ, ପ୍ରବାଳପ୍ରାଚୀର ଧ୍ୱଂସ ଏବଂ ଉପକୂଳ ଅଞ୍ଚଳରେ ଜଙ୍ଗଲ ଧ୍ୱଂସ ଯୋଗୁ ସେମାନଙ୍କ ପରିସ୍ଥାନର ଅବନତି ଓ ଧ୍ୱଂସ ଘଟିଚାଲିଛି। ଜଙ୍ଗଲ ଧ୍ୱଂସ ଯୋଗୁ ପଟୁମାଟି ବୋହିଯାଇ ସମୁଦ୍ରରେ ମିଶୁଛି। ତାହା ସାମୁଦ୍ରିକ ଘାସଶଯ୍ୟାକୁ ଅଣନିଃଶ୍ୱାସୀ କରିବା ସହ ପ୍ରବାଳପ୍ରାଚୀରକୁ ନଷ୍ଟ କରୁଛି। ଏସବୁ ଛଡ଼ା ସିନ୍ଧୁଘୋଟକ ବଂଶ ଧ୍ୱଂସ ପାଇବାର ଏକ ପ୍ରମୁଖ କାରଣ ହେଉଛି ବାଣିଜ୍ୟିକ କାରଣ। ନିରର୍ଥକ ଦେଶୀ ଔଷଧ ନାଁରେ ଚାଇନା ବର୍ଷକୁ ୧୫୦ ନିୟୁତ ସିନ୍ଧୁଘୋଟକଙ୍କୁ ମାରୁଛି। ବୋଟକ୍ସର ବିକଳ୍ପ ଭାବେ ଚୀନୀ ମହିଳା ମୁହଁରେ ଯେଉଁ କୋଲାଜେନ ଲଗାନ୍ତି, ତାହା ସିନ୍ଧୁଘୋଟକଙ୍କଠାରୁ ତିଆରି ହୁଏ।

କ୍ୟୁରିଓ ଟ୍ରେଡ୍ (ଉଦ୍ଭଟ ବେପାର) ପାଇଁ ପ୍ରାୟ ୧୦ ନିୟୁତ ସିନ୍ଧୁଘୋଟକଙ୍କୁ ସମୁଦ୍ରରୁ ମରାଯାଉଛି। ଶାମୁକା ଓ ତାରାମାଛ ସହ ସେମାନଙ୍କୁ ଖରାରେ ଶୁଖାଇ ମାରି ସ୍ମାରକୀ ଜିନିଷ ଓ ଗହଣା ଭାବେ ବିକ୍ରି କରାଯାଉଛି। ଶୁଖିଲା ସିନ୍ଧୁଘୋଟକଙ୍କୁ କିଲୋ ପିଛା ୬୦୦ରୁ ୩୦୦୦ ଡଲାରରେ ବିକ୍ରି କରାଯାଏ। ବ୍ରିଟେନରେ ସିନ୍ଧୁଘୋଟକଙ୍କୁ ଧରିବା କି ମାରିବା ବେଆଇନ ହୋଇଥିବାରୁ ଏମାନଙ୍କୁ ବାହାରୁ ବିଶେଷତଃ ପୂର୍ବ ଏସିଆରୁ ଆମଦାନି କରାଯାଉଛି। ଆକ୍ୱାରିୟମ୍ ବ୍ୟବସାୟ ପାଇଁ ବର୍ଷକୁ ପ୍ରାୟ ୧୦ ନିୟୁତ ସିନ୍ଧୁଘୋଟକ ଧରାଯାଉଛି। କିନ୍ତୁ କୌଣସି ଆକ୍ୱାରିୟମ୍‌ରେ ଏମାନେ ଦୁଇ ସପ୍ତାହରୁ ଅଧିକ ବଞ୍ଚନ୍ତି ନାହିଁ। ମହାରାଷ୍ଟ୍ରରେ ଲାଇସେନ୍ସ ନ ଥିବା ଆକ୍ୱାରିୟମ୍ ଦୋକାନରେ ଏମାନଙ୍କୁ ଖୋଲାଖୋଲି ବିକ୍ରି କରାଯାଉଛି।

ସିନ୍ଧୁଘୋଟକମାନଙ୍କ ବଂଶ ଲୋପ ପାଇବାର ଆଉ ଏକ ବଡ଼ କାରଣ ହେଉଛି ମାଛଧରା ଟ୍ରଲର। ଫ୍ଲୋରିଡ଼ା, ମେକ୍ସିକୋ, କେନ୍ଦ୍ରୀୟ ଆମେରିକା ଓ ଦକ୍ଷିଣ ଆମେରିକାରେ ଚିଙ୍ଗୁଡ଼ି ଧରା ଟ୍ରଲରରେ ଚିଙ୍ଗୁଡ଼ି ସହ ସିନ୍ଧୁଘୋଟକମାନେ ଧରାପଡ଼ିଥାନ୍ତି। ଭାରତରେ କେବଳ ତାମିଲନାଡୁରେ ପ୍ରତିଦିନ ଅସଂଖ୍ୟ ସିନ୍ଧୁଘୋଟକଙ୍କୁ ମରାଯାଉଛି। ମତ୍ସ୍ୟଜୀବୀମାନେ ମାଛ ସହ ସିନ୍ଧୁଘୋଟକଙ୍କୁ ଧରନ୍ତି। ମାଛମାନଙ୍କୁ ସେମାନେ ମାଛବେପାରୀଙ୍କୁ ବିକ୍ରି କଲାବେଳେ ମରିଯାଇଥିବା ସିନ୍ଧୁଘୋଟକଙ୍କୁ କୁକୁଡ଼ା ଓ ମାଛଙ୍କ ଖାଦ୍ୟ ଭାବରେ କୁକୁଡ଼ା ଫାର୍ମ ଓ ଆକ୍ୱାରିୟମ୍ ଶିଳ୍ପକୁ ନାମକୁ ମାତ୍ର ମୂଲ୍ୟରେ ବିକ୍ରି କରନ୍ତି। ଟ୍ରଲରରେ ଏମାନେ କ'ଣ ଧରନ୍ତି, ତା'ର ରେକର୍ଡ ବା ଜ୍ଞାନ ରାଜ୍ୟ ମତ୍ସ୍ୟ ବିଭାଗ ପାଖରେ ନାହିଁ। ଭାରତରୁ ମଧ୍ୟ ସିନ୍ଧୁଘୋଟକଙ୍କ ବେଆଇନ ଚାଲାଣ କରାଯାଉଛି, ଯାହା ପ୍ରୋଜେକ୍ଟ ସିହର୍ସ ପକ୍ଷରୁ କରାଯାଇଥିବା ଅନୁସନ୍ଧାନରୁ ଜଣାପଡ଼ିଛି। ବର୍ଷକୁ ଭାରତରୁ ପ୍ରାୟ ୪ ନିୟୁତ ସିନ୍ଧୁଘୋଟକଙ୍କୁ ଚାଲାଣ କରାଯାଉଛି, ଯାହା ବନ୍ୟପ୍ରାଣୀ ସୁରକ୍ଷା ଆଇନ ଅନୁସାରେ ବେଆଇନ। ସିନ୍ଧୁଘୋଟକ ପ୍ରକୃତିର ଏକ ଅଦ୍ଭୁତ ଜୀବ। ଆମେ ସମସ୍ତେ ଏମାନଙ୍କ ବଂଶରକ୍ଷା ପାଇଁ ଯତ୍ନଶୀଳ ହେବା ଆବଶ୍ୟକ।

Email: gandhim@nic.in

# ଭାରତୀୟ ନଦୀର ଦୁଃଖ



**ଇଂ. ମାୟାଧର ସ୍ୱାଇଁ**

ଭାରତରେ ଚାରିଶହରୁ ଅଧିକ ନଦୀ ଅଛି। ଯଦି ଏଗୁଡ଼ିକୁ ଗୋଟିଏ ପରେ ଗୋଟିଏ ଯୋଡି ଦିଆଯାଏ, ତାହାହେଲେ ଏହାର ଦୈର୍ଘ୍ୟ ପ୍ରାୟ ଦୁଇଲକ୍ଷ କି.ମି. ହେବ। ଏହା ପୃଥିବୀ ଚାରିପଟେ ପାଞ୍ଚଥର ଯିବା ସହ ସମାନ କିମ୍ବା ପୃଥିବୀଠାରୁ ଚନ୍ଦ୍ର ଦୂରତାର ଦୁଇ ତୃତୀୟାଂଶ ହେବ। ଏଗୁଡିକରେ ବର୍ଷକୁ ୧୮୬୯ ବିଲିୟନ ଘନମିଟର ଜଳ ପ୍ରବାହିତ ହେଉଛି। ଏହି ଜଳକୁ ସମଗ୍ର ଭାରତ ଉପରେ ରଖିଲେ ଏହା ଦୁଇଫୁଟ ଉଚ୍ଚତା ପର୍ଯ୍ୟନ୍ତ ଜଳମଗ୍ନ ହୋଇଯିବ। ଭାରତର ୧୩୦ କୋଟି ଲୋକଙ୍କର ଜୀବନନାଟିକା ସଦୃଶ ନଦୀଗୁଡିକ କାର୍ଯ୍ୟ କରୁଛନ୍ତି। କେବଳ ଭାରତ ନୁହେଁ, ସମସ୍ତ ପ୍ରାଚୀନ ସଭ୍ୟତା ନଦୀକୂଳରେ ଗଢି ଉଠିଥିଲା। ନଦୀର ଜଳ କୃଷି ଓ ପାନୀୟ ପାଇଁ ବ୍ୟବହୃତ ହେଉଥିଲା। ସେଥିପାଇଁ ନଦୀକୁ ପୂଜା କରାଯାଏ। ନଦୀର କୂଳେ କୂଳେ ମୁନିଋଷିମାନଙ୍କର ଅନେକ ଆଶ୍ରମ ଅଛି। ଆମର ସାମାଜିକ ଓ ସାଂସ୍କୃତିକ ଜୀବନକୁ ନଦୀ ଅନେକ ଭାବରେ ପ୍ରଭାବିତ କରିଛି।

ଆମର ଜଳ ଚାହିଦା ମୁଖ୍ୟତଃ ନଦୀରୁ ପୂରଣ ହୋଇଥାଏ। ମୋଟ ବୃଷ୍ଟିପାତର ୫୩ ପ୍ରତିଶତ ସିଧାସଳଖ ଓ ବୃକ୍ଷଲତାମାନଙ୍କ ଦ୍ୱାରା ବାଷ୍ପୀଭୂତ ହୋଇଥାଏ। ଅବଶିଷ୍ଟ ୪୭ ପ୍ରତିଶତ ନଦୀକୁ ଯାଇଥାଏ। ମାତ୍ର ଏଥିରୁ ବାସ୍ତବରେ ୨୮ ପ୍ରତିଶତ ଆମକୁ ଉପଲବ୍ଧ ହୋଇଥାଏ ଏବଂ ଅବଶିଷ୍ଟ ଅଂଶ ଅଗମ୍ୟ ଅଞ୍ଚଳରେ ରହିଯାଏ କିମ୍ବା ତାହା ଲବଣାକ୍ତ ହୋଇଯାଇଥାଏ। ଏହି ୨୮ ପ୍ରତିଶତ ଜଳ ମଧ୍ୟରୁ ୧୭ ପ୍ରତିଶତ ନଦୀରେ ପ୍ରବାହିତ ହୋଇଥାଏ ଏବଂ ଅବଶିଷ୍ଟ ଭୂତଳ ଜଳ ଭାବେ ରହିଥାଏ। ଏଣୁ ଯଦି ୧୦୦ ଲିଟର ବୃଷ୍ଟିପାତ ହୁଏ ତାହାହେଲେ ସେଥିରୁ ମାତ୍ର ୧୭ ଲିଟର ଜଳ ନଦୀରେ ପ୍ରବାହିତ ହୁଏ।

ଲୋକସଂଖ୍ୟା ବୃଦ୍ଧି ସହିତ ଭାରତରେ ଜଣ ପିଛା ଉପଲବ୍ଧ ଜଳର ପରିମାଣ ବର୍ଷକୁ ବର୍ଷ ହ୍ରାସ ପାଉଛି। ୧୯୫୧ ମସିହାରେ ଆମ ଦେଶରେ ବର୍ଷକୁ ଜଣ ପିଛା ୫୨୦୦ ଘନମିଟର ଜଳ ଉପଲବ୍ଧ ଥିବାବେଳେ ୨୦୧୧ ମସିହା ବେଳକୁ ତାହା ୧୫୪୫ ଘନମିଟରକୁ କମିଯାଇଛି ଏବଂ ହିସାବ କରାଯାଇଛି ଯେ ୨୦୫୦ ମସିହା ବେଳକୁ ଏହାର ପରିମାଣ ୧୧୯୧ ଘନମିଟର ହୋଇଯିବ। ଏଣୁ ନଦୀଗୁଡିକ ଆମ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି। ଭୂତଳ ଜଳର ଏକ ସୀମା ଅଛି ଏବଂ ଏହା ଆମର ଚାହିଦାକୁ କଦାପି ପୂରଣ କରିପାରିବ ନାହିଁ। ଫଳରେ ନଦୀ ହିଁ ହେଉଛି ଆମର ଏକମାତ୍ର ଭରସା।

ଚିନ୍ତାଜନକ ବିଷୟ ଯେ, ଭାରତରେ ନଦୀଗୁଡିକର ଅବସ୍ଥା ଅତି ଶୋଚନୀୟ ହୋଇପଡିଛି। ଏଥିରେ ଜଳର ପରିମାଣ ହ୍ରାସ ପାଇବା ସଙ୍ଗେ ସଙ୍ଗେ ଏଗୁଡିକ ଅତିମାତ୍ରାରେ ପ୍ରଦୂଷିତ ହୋଇଛି। ନିକଟରେ ଦେଶର ୨୯୦ଟି ନଦୀକୁ ନେଇ ଏକ ସର୍ବେକ୍ଷଣ କରାଯାଇଥିଲା। ସେଥିରୁ ଜଣାପଡିଛି ଯେ, ଏଥିମଧ୍ୟରୁ ୨୦୫ଟି ନଦୀରେ ଜଳ ହ୍ରାସ ପାଇବା ସଙ୍ଗେ ସଙ୍ଗେ ପ୍ରଦୂଷଣ ବୃଦ୍ଧି ପାଇଛି। ଏହା ସହିତ ନଦୀକୂଳକୁ ଅବୈଧ ଭାବରେ ଦଖଲ କରି କୋଠାବାଡି ନିର୍ମାଣ ଚାଲିଛି ଏବଂ ନଦୀ ଅବବାହିକା ଅଞ୍ଚଳରେ ଜଙ୍ଗଲ ହ୍ରାସ ପାଇଛି। ଅଧିକାଂଶ ନଦୀରେ ଜଳସେଚନ ଓ ବିଦ୍ୟୁତ୍ ଉତ୍ପାଦନ ପାଇଁ ବନ୍ଧ ନିର୍ମାଣ କରାଯାଇ ଜଳର ଗତିରୋଧ କରାଯାଇଛି। ପାରିବେଶିକ ଦୃଷ୍ଟିରୁ ନଦୀରେ ସର୍ବନିମ୍ନ ଯେତିକି ଜଳ ଯିବା କଥା, ତାହାଠାରୁ କମ୍ ଜଳ ପ୍ରବାହିତ ହେଉଛି। ନଦୀରେ ଜଳ ହ୍ରାସର ଅନ୍ୟ ଏକ କାରଣ ହେଉଛି ବୃଷ୍ଟିପାତ ଶୈଳୀରେ ପରିବର୍ତ୍ତନ। ଜଳବାୟୁ ପରିବର୍ତ୍ତନ ଯୋଗୁ ଅନିୟମିତ ବୃଷ୍ଟିପାତ ଚିନ୍ତାର କାରଣ ହୋଇଛି। ନଦୀରେ ବନ୍ଧ ନିର୍ମାଣ ଦ୍ୱାରା ବନ୍ଧର ତଳ ଭାଗରେ କମ୍ ଜଳପ୍ରବାହ ହେତୁ ତାହା ଅଧିକ ଦୂଷିତ ହେଉଛି।

ଆଗ କାଳରେ କୃଷିକାର୍ଯ୍ୟ ପାଇଁ ଜଳର ସୁବିଧା ଥିବାରୁ ଲୋକମାନେ ମୁଖ୍ୟତଃ ନଦୀକୂଳରେ ବସବାସ ଆରମ୍ଭ କରିଥିଲେ। ଅଧୁନା ଶିଳ୍ପ ପାଇଁ ଜଳର ଆବଶ୍ୟକତା ଥିବାରୁ ନଦୀକୂଳରେ କଳକାରଖାନା ସ୍ଥାପିତ ହେଉଛି ଏବଂ ଏହାର ଆବର୍ଜନା ନଦୀରେ ମିଶି ଜଳକୁ ପ୍ରଦୂଷିତ କରୁଛି। କଳକାରଖାନାର ଆବର୍ଜନା, ସହରାଞ୍ଚଳର ନାଳନର୍ଦ୍ଦମା, ନିର୍ମାଣ ଆବର୍ଜନା ଆଦି ନଦୀଗୁଡିକର ଜୈବିକ ମୃତ୍ୟୁର କାରଣ ହୋଇଛି। ନଦୀଜଳ ବିଷାକ୍ତ ହୋଇଯିବା ଯୋଗୁ ସେଥିରେ ଥିବା ଜଳଚର ପ୍ରାଣୀ ଓ ଉଦ୍ଭିଦଙ୍କ ଜୀବନ ସଙ୍କଟାପନ୍ନ ହୋଇଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ ସୂତ୍ରରୁ ଜଣାପଡିଛି ଯେ, ଗଙ୍ଗା ଓ ଯମୁନା ନଦୀ ଅନେକ ସ୍ଥାନରେ ସ୍ନାନଯୋଗ୍ୟ ମଧ୍ୟ ନୁହେଁ। ଏପରିକି ଆମ ଓଡ଼ିଶାର ଅନେକ ସ୍ଥାନରେ ମହାନଦୀ ଓ ବ୍ରାହ୍ମଣୀର ଅବସ୍ଥା ମଧ୍ୟ ସେଇଆ। ଭୁବନେଶ୍ୱର ଉପକଣ୍ଠରେ ଥିବା ଗଙ୍ଗୁଆ ନଦୀ ଆଉ ନଦୀ ହୋଇନାହିଁ, ଭୁବନେଶ୍ୱରର ସମସ୍ତ ନର୍ଦ୍ଦମାନାଳ ଏଥିରେ ମିଶି ଏହାକୁ ଏକ ବଡ ଡ୍ରେନରେ ପରିଣତ କରିଦେଇଛି। ଗଙ୍ଗୁଆ ଯାଇ ଦୟା ନଦୀରେ ମିଶିଛି। ଦୟାନଦୀ ମଧ୍ୟ ସ୍ନାନ ପାଇଁ ଅନୁପଯୁକ୍ତ ବୋଲି ସରକାର ସ୍ୱୀକାର କରିଛନ୍ତି।

ନଦୀର ଦୁଃଖ ବୁଝିବାକୁ କେହିନାହିଁ। ଗଙ୍ଗା ନଦୀକୁ ପ୍ରଦୂଷଣମୁକ୍ତ କରିବା ପାଇଁ ଦୀର୍ଘବର୍ଷ ଧରି ଚେଷ୍ଟା ଚାଲିଛି। କିନ୍ତୁ ଫଳ କିଛି ନାହିଁ। ଓଡ଼ିଶାରେ ନଦୀକୂଳରେ ବୃକ୍ଷ ରୋପଣ ପାଇଁ ଏକ କାର୍ଯ୍ୟକ୍ରମ ସରକାର ଆରମ୍ଭ କରିଛନ୍ତି। ଜଙ୍ଗଲ ଉପରେ ଥିବା ବାୟୁ ବୃକ୍ଷରୁ ଜଳୀୟବାଷ୍ପ ଶୋଷଣ କରି ବର୍ଷା ସୃଷ୍ଟି କରିଥାଏ। ଏଣୁ ନଦୀର ଅବବାହିକା ଅଞ୍ଚଳରେ ଜଙ୍ଗଲ କ୍ଷୟକୁ ବନ୍ଦ କରିବା ନିହାତି ଦରକାର। ଅନେକ କ୍ଷେତ୍ରରେ ଉପନଦୀର ଜଳକୁ ଗତିପଥରୁ ବିଚ୍ୟୁତ କରାଯାଉଛି, ଯାହାର ପ୍ରଭାବ ମୂଳ ନଦୀ ଉପରେ ପଡୁଛି। ସଂକ୍ଷେପରେ କହିଲେ, ଭାରତର ଜୀବନରକ୍ଷାକାରୀ ନଦୀଗୁଡ଼ିକ ଧୀରେ ଧୀରେ ମୃତ୍ୟୁଆଡକୁ ଗତି କରୁଛି। ଏଥିପାଇଁ ଅବବାହିକା ଜଙ୍ଗଲ କ୍ଷୟ, ନଦୀରେ ଆବର୍ଜନା ପକାଇବା, ବନ୍ଧ ନିର୍ମାଣ କରି ଏହାର ଗତିରୋଧ କରିବା, ନଦୀଶଯ୍ୟାରୁ ବାଲି ଉଠାଇବା, ନଦୀକୂଳର ଅବୈଧ ଦଖଲ ଓ ନିର୍ମାଣ କାର୍ଯ୍ୟ ଏବଂ ଜଳବାୟୁ ପରିବର୍ତ୍ତନ ଆଦି ଦାୟୀ। ଏହାର ଦୀର୍ଘସ୍ଥାୟୀ ପ୍ରତିକାର ଆବଶ୍ୟକ। ନଦୀ ନାମରେ ଅନେକ ରାଜନୀତି ହେଉଛି, କିନ୍ତୁ କାହାରି ଆନ୍ତରିକତା ଥିବା ଜଣାପଡୁନାହିଁ।

ଲକ୍ଷ୍ମୀବିହାର, ଭୁବନେଶ୍ୱର, ମୋ– ୯୪୩୮୬୯୩୭୨୪

## ଏଇ ଭାରତରେ

ଦେବଦେବୀଙ୍କୁ ଖୁସି କରିବା ଲାଗି ସେମାନଙ୍କ ମନପସନ୍ଦର ଫୁଲଫଳାଦି ଅର୍ପଣ କରିଥାନ୍ତି ଭାରତୀୟ ଭକ୍ତ। ଦେଶବ୍ୟାପୀ ମନ୍ଦିରଗୁଡ଼ିକରେ ପ୍ରତିଦିନ ବିପୁଳ ମାତ୍ରାରେ ଫୁଲ, ଫଳ, ପତ୍ର ଆଦି ସାମଗ୍ରୀ ସହ ପୂଜାର୍ଚ୍ଚନା କରାଯାଏ। ପରଦିନ ସକାଳୁ କୁଢ଼କୁଢ଼ ଆବର୍ଜନା ମନ୍ଦିରରୁ ବାହାରିଥାଏ। ତେବେ ଏହି ଜୈବ ଆବର୍ଜନାର ଶେଷ ପରିଣତି କ'ଣ ହୁଏ, ତାହା ଜାଣିବା ଲାଗି ଉତ୍ସୁକ ହୋଇପଡ଼ିଥିଲେ ଗୁଜରାଟର ଦୁଇ ଛାତ୍ର। ସେମାନଙ୍କ ଉତ୍ସୁକତା ଆଜି ଏକ ନୂଆ ଉଦ୍ଭାବନକୁ ଜନ୍ମ ଦେଇଛି। ମନ୍ଦିରରୁ ନିର୍ଗତ ଜୈବ ଆବର୍ଜନାର ସୁବିନିଯୋଗ କରିବା ଲାଗି ଏକ ମେଶିନ ତିଆରି କରିଛନ୍ତି ଗୁଜରାଟର ଦୁଇ ଇଞ୍ଜିନିୟରିଂ ଛାତ୍ର। ଅହମଦାବାଦର ଓକ୍ ଇଞ୍ଜିନିୟରିଂ କଲେଜର ଦୁଇ ଛାତ୍ର ୟଶ୍ ଭଟ୍ଟ ଏବଂ ଅର୍ଜୁନ ଠକ୍କର ଏଭଳି ଏକ ମେଶିନ ନିର୍ମାଣ କରିଛନ୍ତି ଯାହା ମନ୍ଦିରରୁ ବାହାରୁଥିବା ଆବର୍ଜନାକୁ ଜୈବ ଖତରେ ପରିଣତ କରିଥାଏ। ଏଥିଲାଗି ସେମାନେ ଅହମଦାବାଦ ନଗର ନିଗମ ସହ ହାତ ମିଶାଇଛନ୍ତି। ପ୍ରତିଦିନ ସହରର ମନ୍ଦିରଗୁଡ଼ିକରୁ ୩୦୦ କିଲୋ ଓଜନର ଅଳିଆ ବାହାରିଥାଏ। ନଗର ନିଗମ ଦ୍ୱାରା ସଂଗୃହୀତ ସେହି ଅଳିଆକୁ ୟଶ୍ ଏବଂ ଅର୍ଜୁନ ନିଜ ଉଦ୍ଭାବିତ ମେଶିନ ଜରିଆରେ ୧୦୦ କିଲୋ ଜୈବ ଖତ ପ୍ରସ୍ତୁତ କରିଥାନ୍ତି। ଏହି ସାରକୁ ସେମାନେ କିଲୋ ପିଛା ୬୦ଟଙ୍କାରେ ବିକ୍ରି କରିଥାନ୍ତି। ଜିଟିୟୁ ଇନୋଭେଶନ କାଉନ୍‌ସିଲ ପକ୍ଷରୁ ମେଶିନ ପାଇଁ ତାଙ୍କୁ ୯୫ ହଜାର ଟଙ୍କା ଅନୁଦାନ ମିଳିଥିଲା। ଏହାପରେ ଉଭୟେ କାମରେ ଲାଗି ପଡ଼ିଥିଲେ। ପାଠପଢ଼ା କେବଳ ସ୍କୁଲ–କଲେଜରେ ସୀମିତ ନ ରହି ସମାଜ କଲ୍ୟାଣ ଦିଗରେ ଉପଯୋଗୀ ହେବା ଉଚିତ। ଏହି କଥନକୁ ଆଜି ସତ୍ୟ ପ୍ରମାଣିତ କରିଛନ୍ତି ୟଶ୍ ଏବଂ ଅର୍ଜୁନ।

## ଚିରନ୍ତନୀ

ପରାଣ ପ୍ରିୟ ଦେଖ ହେ ଶଶି
ଦେଖରେ ଦେଖ କଜଳ ଘନ,
କ୍ଳାନ୍ତ କବି ନୟନେ ହସି
ନିରାଶେ ପଥେ ରହିଛି ବସି।
(କବିର ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | E | 1 | 9 | | 2 | | D | | | | | | | |
| | | D | B | | | 6 | | | A | | 0 | 2 | | |
| | C | | | | | | | 5 | 1 | | | 0 | D | 9 |
| | | 6 | D | | | 7 | | C | | | | | | |
| | 7 | B | | 5 | | | | 4 | | | 9 | | | |
| | | 4 | | | | 9 | 8 | | 2 | | | | | |
| 6 | 0 | | 4 | | 7 | | | | | | B | | 2 | 8 |
| E | | | | | D | | | | | C | | | 9 | |
| 7 | 5 | | | 0 | | 4 | B | E | 9 | | | 3 | | |
| | | 8 | | | B | | | | | A | 7 | E | | C |
| A | | E | | | | | 5 | | | 1 | | | | D |
| C | 9 | | | 1 | 8 | D | | | 3 | | 4 | | | |
| 1 | | | | | | | | 6 | | 0 | | 8 | E | |
| | 8 | 7 | | | | | | 3 | | 6 | | A | 1 | |
| | | 3 | | D | | | E | | | | | 6 | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | B | 0 | C | E | 6 | 1 | 3 | 4 | 2 | 5 | A | 7 | D | 8 |
| D | 6 | 3 | 9 | 1 | 2 | 8 | 0 | C | 7 | 4 | E | B | A | 5 |
| A | 4 | E | 7 | 5 | 8 | 6 | 9 | D | 3 | B | 1 | 2 | 0 | C |
| 7 | 2 | 1 | A | 0 | D | B | E | 5 | 8 | 9 | C | 3 | 4 | 6 |
| 5 | C | 8 | B | 3 | 4 | 7 | 2 | A | 6 | 0 | D | E | 1 | 9 |
| 6 | 1 | D | 3 | A | 0 | E | B | 9 | C | 7 | 2 | 5 | 8 | 4 |
| 0 | 9 | C | D | B | E | 4 | 8 | 6 | 1 | 3 | 5 | A | 2 | 7 |
| E | 8 | B | 2 | 4 | 7 | 5 | C | 3 | 9 | A | 0 | 1 | 6 | D |
| 4 | 5 | A | 8 | 6 | 9 | 2 | 7 | 1 | D | E | B | 0 | C | 3 |
| 2 | 3 | 7 | 1 | C | 5 | D | A | 0 | 4 | 6 | 8 | 9 | E | B |
| 3 | A | 4 | E | 9 | 1 | 0 | D | 7 | B | C | 6 | 8 | 5 | 2 |
| C | D | 2 | 6 | 8 | A | 9 | 5 | B | 0 | 1 | 7 | 4 | 3 | E |
| 8 | 7 | 5 | 4 | 2 | B | C | 1 | E | A | D | 3 | 6 | 9 | 0 |
| B | 0 | 6 | 5 | D | 3 | A | 4 | 8 | E | 2 | 9 | C | 7 | 1 |
| 1 | E | 9 | 0 | 7 | C | 3 | 6 | 2 | 5 | 8 | 4 | D | B | A |

ଗତକାଲିର ଉତ୍ତର

# ସହରୀ ଡ୍ରେନେଜ୍ : ଭଗବାନ ଭରସା



**ଡ. ସୁବାସ ଚନ୍ଦ୍ର ପାତ୍ର**

ପ୍ରଖ୍ୟାତ କଥାଶିଳ୍ପୀ ଆର୍.କେ. ନାରାୟଣ ତାଙ୍କର ଏକ ନିବନ୍ଧରେ ପୌରପାଳିକା ଓ ସଫେଇ ପ୍ରସଙ୍ଗ ଲେଖିଥିଲେ ହାସ୍ୟରସାତ୍ମକ ଢଙ୍ଗରେ। ସେ ଲେଖିଥିଲେ ତାଙ୍କ କଳ୍ପିତ ସହର ମାଲଗୁଡ଼ିରେ ଲୋକେ ପୌରପାଳିକାର ଅସ୍ତିତ୍ୱ ଅନୁଭବ କରନ୍ତି ନାହିଁ, ଯେହେତୁ ତାହା ପ୍ରକୃତି ଉପରେ ନ୍ୟସ୍ତ। ଜୋର ବତାସରେ ଶୁଖିଲା ପତ୍ର, ଟୁକୁରା କାଗଜ ଉଡ଼ିଯାଉଥିବା ବେଳେ, ଜୋର ବର୍ଷାରେ ନାଳନର୍ଦ୍ଦମା ସଫା ହୋଇଯାଏ, ତେଣୁ ସହରବାସୀ ଏହି ଦୁଇ ପ୍ରାକୃତିକ ଶକ୍ତିକୁ ଅପେକ୍ଷା କରିଥାନ୍ତି କାରଣ ଯାହା ବି ପ୍ରକୃତି କରେ ବେଶ୍ ଦକ୍ଷତାର ସହ କରେ ଲୋକଙ୍କୁ ସୁହାଇଲା ଭଳି।

ଏବେ ପରିସ୍ଥିତି ଅଲଗା। ଓଡ଼ିଶାର ସହରରେ ରହୁଥିବା ଲୋକଙ୍କ ଏ ଦୁଇଶକ୍ତିକୁ ଭାରି ଡର। ଜୋର ପବନ ହେଲେ ଗଛ, ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡ଼ିବ, ରାସ୍ତା ଅବରୋଧ ହେବ, ବିଜୁଳି ଚାଲିଯିବ। ଆଉ ବର୍ଷା ହେଲେ ତ କଥା ସରିଲା। ସହରରେ ନଦୀମାନଙ୍କର ଅଭ୍ୟୁଦୟ ଘଟିବ, ସେଥିରେ ବନ୍ୟା ଆସିବ, କାର୍ ଆଉ ସାନପିଲା ଭାସିଯିବେ। ତେଣୁ ଓଡ଼ିଶାବାସୀ ଚାହାନ୍ତି ପବନ ହେଉ ବା ନ ହେଉ, ଜୋର ବର୍ଷା ନ ହେଉ। ତେବେ ବର୍ଷା ଭଳି ଏକ ସୁନ୍ଦର, ଉପଯୋଗୀ ପ୍ରାକୃତିକ କ୍ରିୟା ଯାହାକୁ ନେଇ କେତେ କବିତା, ଗୀତ, କେତେ କାହାଣୀ, ତାକୁ ଖଳନାୟକ କଲା କିଏ?

ସହରଗୁଡ଼ିକର ଜଳ ନିଷ୍କାସନ ବ୍ୟବସ୍ଥା ଉପରେ ଟିକେ ଆଖି ପକାଯାଉ। ଓଡ଼ିଶାର ଛୋଟବଡ଼ ସହରରେ ନିର୍ମିତ ହେଉଥିବା ନାଳଗୁଡ଼ିକର ନିର୍ମାଣ ଦେଖିଲେ କେବଳ ଭଗବାନ ଭରସା ବୋଲି ଭାବିବାକୁ ମଣିଷ ବାଧ୍ୟ ହୁଏ। ଜଳ ନିଷ୍କାସନ ପାଇଁ ଉଦ୍ଦିଷ୍ଟ ବିଭାଗ ଏ କାମ କରେ ନାହିଁ। ପୌରପାଳିକା ବା ପୂର୍ତ୍ତବିଭାଗ ପକ୍ଷରୁ ନିୟୋଜିତ ଅଣକୁଶଳୀ ଠିକାଦାରମାନେ କାମଟି କରନ୍ତି। କେଉଁ କାମ ଆଗ, କେଉଁ କାମ ପଛ ତାହାର ହିସାବ ନ ଥାଏ। କେତେବେଳେ ରାସ୍ତା ଆଗେ ହୁଏ ତ ଡ୍ରେନ ପଛେ, କେତେବେଳେ ଡ୍ରେନ ଆଗେ ତ ରାସ୍ତା ପଛେ। କାହାରି ସହିତ କାହାରି ସମନ୍ୱୟ ନ ଥାଏ। ଯାହା ବି ହୁଏ, ହଠାତ୍ ଅମୃତ ଯୋଜନା ବା ଆଉ କିଛି ଯୋଜନାରେ ଜନସ୍ୱାସ୍ଥ୍ୟ ବିଭାଗ ଆସି ତାଡ଼ିତୁଡ଼ି ପାଇପ୍ ପକାଇ ସବୁକିଛି ନଷ୍ଟ କରି ଚାଲିଯାନ୍ତି। ଯେହେତୁ କାହାରି ସହିତ କାହାରି ସମନ୍ୱୟ ନ ଥାଏ, ରାସ୍ତା ପାଖ ଡ୍ରେନ୍‌ର କାନ୍ଥ ଅନେକ ସ୍ଥାନରେ ଉଚ୍ଚ ହୋଇ ରହିଥାଏ, ଯାହାଫଳରେ ବର୍ଷାପାଣି ରାସ୍ତା ଉପରେ ବହି ବହୁଦୂର ପଥ ଅତିକ୍ରମ କରି ସୌଭାଗ୍ୟକ୍ରମେ ହୁଏତ କେଉଁଠି ପ୍ରସ୍ଥାନର ପଥଟିଏ ପାଏ। ଭୁଲ୍ ସୁଧାରିବା ପାଇଁ କାଁ ଭାଁ କେଉଁଠି ଛୋଟ ବିଲଟି କରାଯାଇଥାଏ। ତାହା ଧୂଳିମାଟିରେ ଭରିଯାଇଥାଏ ଯେଉଁଥିପାଇଁ ବର୍ଷାପାଣିକୁ ଏତେ କସରତ କରିବାକୁ ପଡ଼େ। ରାସ୍ତା ଉପରେ ପାଣି ବହି ବହି ରାସ୍ତାର କଙ୍କାଳ ଦେଖାଯାଏ, ଅଥଚ ଡ୍ରେନ୍‌ର କାନ୍ଥ ରାସ୍ତାଠୁ କାହିଁକି ଉଚ୍ଚ ହୁଏ, ତା'ର ଉତ୍ତର କେହି ଦିଅନ୍ତି ନାହିଁ।

ଯୌତୁକ ପ୍ରସଙ୍ଗରେ ନାରୀ ହିଁ ନାରୀର ବଡ଼ ଶତ୍ରୁ ପରି ନାଳ ପ୍ରସଙ୍ଗରେ ନାଗରିକମାନେ ହିଁ ନାଗରିକ ସମାଜର ବଡ଼ ଶତ୍ରୁ ପାଲଟନ୍ତି। ଯେଉଁଠି ବି ନାଳ ଠିକ୍‌ଠାକ୍ ଥାଏ ତା' ଉପରେ ପାର୍ଶ୍ୱବର୍ତ୍ତୀ ଦୋକାନୀ ବା ଘର ମାଲିକମାନେ କଂକ୍ରିଟ ସ୍ଲାବ୍ ପକାଇଦିଅନ୍ତି ନିବୁଜ କରି, ରାସ୍ତାରୁ ପାଣି ବହିଯିବା ପାଇଁ ଗର୍ତ୍ତ ବା ଫୁଙ୍କାର ଛାଡ଼ନ୍ତି ନାହିଁ। ଯେହେତୁ ନାଳ ନିର୍ମାଣ ପଛରେ କିଛି ବିଜ୍ଞାନ ନ ଥାଏ, ଅନେକ ସମୟରେ ନାଳର କ୍ରମନିମ୍ନତା କେହି ତଦାରଖ କରନ୍ତି ନାହିଁ। ମୋଟାମୋଟି ପାଣି ଚାଲିଗଲେ ହେଲା, ଯେଉଁଥିପାଇଁ ବର୍ଷଯାକ କିଛି କଳା, ମଇଳା ପାଣି ନର୍ଦ୍ଦମାରେ ଜମିରହେ ଯାହା ମଶାଙ୍କୁ ମାଗଣାରେ ବାସଭୂମି ଯୋଗାଏ।

ବର୍ଷାଜଳ ଅମଳ ଯେହେତୁ କାଗଜ କଲମରେ ରହିଛି, ଲୋକେ ବର୍ଷାଜଳ ଅମଳ କରନ୍ତି ନାହିଁ ବା ତାକୁ ଗୋଟିଏ ନାଳରେ ସଂଗ୍ରହ କରି ସରକାରୀ ନାଳରେ ଛାଡ଼ି ଦିଅନ୍ତି ନାହିଁ। ଘରର ତଥା ଛାତର ପାଣି ସିଧାସଳଖ ଗେଟ୍ ଡେଇଁ ରାସ୍ତା ଉପରକୁ ଆସେ, କାରଣ ଗେଟ୍ ଆଗରେ ସ୍ଲାବ୍ ପଡ଼ିଥାଏ ଏବଂ ପାଣି ନାଳକୁ ଯାଇପାରେ ନାହିଁ। ସମସ୍ତଙ୍କ ଘରୁ ଏମିତି ପାଣି ବହିଆସି ରାସ୍ତାକୁ ଡ୍ରେନ୍‌ରେ ପରିଣତ କରେ, ରାସ୍ତା ହୋଇଯାଏ ଜଳମୟ।

ଏବେ ସହରଗୁଡ଼ିକରେ ଘରମାଲିକ ଓ ସରକାରୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଉଚ୍ଚତାର ପ୍ରତିଯୋଗିତା ଚାଲିଛି। ଘରେ ପାଣି ପଶିବା ଦେଖି ଏବଂ ରାସ୍ତାର କ୍ରମାଗତ ଉଚ୍ଚତା ବଢ଼ିବା ଦେଖି ଲୋକେ ଘରର ଚଟାଣ ଉଚ୍ଚ କରୁଛନ୍ତି। ଏଣେ ସହରରେ ଜାଗା କମ୍। ଉଚ୍ଚକୁ ଚଢ଼ିବା ପାଇଁ ଯେତିକି ପାହାଚ ଦରକାର ତାହା ନିଜ ଡିହରେ ନିର୍ମାଣ ସମ୍ଭବ ନୁହେଁ, ତେଣୁ କିଛି ପାହାଚ ନାଳ ଉପରେ ଓ କିଛି ନିଜ ଜାଗାରେ ନିର୍ମାଣ ହୁଏ। ତାହା ନାଳ ସଫେଇରେ ଅନ୍ତରାୟ ସୃଷ୍ଟିକରେ। ଏ ପ୍ରକାର ପ୍ରତିଯୋଗିତା ଖାଲି ପାହାଡ଼ ଧ୍ୱଂସ କରିବାରେ ସହାୟକ ହେଉଛି। ପ୍ରସଙ୍ଗତଃ ଉଲ୍ଲେଖଯୋଗ୍ୟ ଯେ, ପଡ଼ୋଶୀ ପଶ୍ଚିମବଙ୍ଗରେ ରାସ୍ତା ମରାମତିରୁ ଉଦ୍‌ବୃତ୍ତ କଂକ୍ରିଟ୍ ବା ପିଚୁଫଡ଼ାକୁ ମେଶିନରେ ପୂର୍ବାବସ୍ଥାକୁ ଫେରାଇ ଆଣି ପୁନଃବ୍ୟବହାର କରାଯାଉଥିଲାବେଳେ ଓଡ଼ିଶାରେ ସେସବୁକୁ ରାସ୍ତା କଡ଼କୁ ଫିଙ୍ଗି ଦିଆଯାଏ।

ଜଳ ନିଷ୍କାସନ ବ୍ୟବସ୍ଥା ନ ଥାଇ ରାସ୍ତାକୁ ହିମାଳୟ ପରି ଉଚ୍ଚା କଲେ ବି ତାହା ବୁଡ଼ିଯିବ। ବିଦେଶରେ ରାସ୍ତା ଏକ ନିର୍ଦ୍ଦିଷ୍ଟ ଉଚ୍ଚତାରେ ରହେ। ମରାମତି ବା ପୁନଃନିର୍ମାଣ ବେଳେ ରାସ୍ତାକୁ ଖୋଳି କାମ କରାଯାଏ। ଏଠି ରାସ୍ତା ନିର୍ମାଣରେ ଖାଲି ଥାକ ଉପରେ ଥାକ ଏବଂ ଲୋକେ ଲିଣ୍ଟେଲ ଭାଙ୍ଗି ଚଟାଣ ଉଚ୍ଚ କରିବାରେ ମଗ୍ନ। ଆଗେ ରାସ୍ତାକଡ଼ରେ କିଛି ମାଟିଅଂଶ ରହୁଥିଲା, ଅନୁରୂପ ଭାବରେ ଲୋକଙ୍କ ଘର ଡିହରେ ବି କିଛି ମାଟିଅଂଶ ରହୁଥିଲା, ଯାହା ବର୍ଷାପାଣି ଶୋଷି ନେଉଥିଲା। ସ୍ଥଳ ବିଶେଷରେ ଘରୋଇ ପୋଖରୀ ବା ସର୍ବସାଧାରଣ ବୃହତ୍ ପୁଷ୍କରିଣୀ ସବୁ ବହୁ ଜଳ ଧାରଣ କରିପାରୁଥିଲା। ଆଜି ରାସ୍ତା ସଂପ୍ରସାରଣ ଯୋଗୁ କେଉଁଠି ଖଣ୍ଡେ ମାଟି ନାହିଁ। ଲୋକେ ଅଧିକ ଅର୍ଥ ରୋଜଗାର ଲୋଭରେ ଡିହରେ ଇଞ୍ଚେ ମାଟି ରଖିନାହାନ୍ତି। ଏଣେ ପୋଖରୀ ସବୁ ପୋତା ହେଲାଣି, ତେଣୁ ପାଣି ଶୋଷିବା ପାଇଁ ମୃତ୍ତିକା ନାହିଁ କି ଧାରଣ କରିବା ପାଇଁ ଜଳାଶୟ ନାହିଁ।

ଏସବୁ ସମସ୍ୟାର ସମାଧାନ ପାଇଁ ବିଜ୍ଞାନସମ୍ମତ ପନ୍ଥା ଲୋଡ଼ା। ଯେହେତୁ ସେ ଦିଗରେ କାହାରି ନିଘା ନାହିଁ, ଏବେ ବର୍ଷାଜଳ ନିଷ୍କାସନ ପାଇଁ ସହରୀ ଲୋକଙ୍କର କେବଳ ଭଗବାନଙ୍କ ହିଁ ଭରସା।

ମୋ– ୯୪୩୭୩୭୬୨୧୯

## ପାଠକ ଶ୍ରେଷ୍ଠ ବିଚାରକ

### ସମୁଦ୍ର ସୁରକ୍ଷା

ମହାଶୟ,

ସମ୍ପ୍ରତି ବିଶ୍ୱରେ ବାର୍ଷିକ ଆଠହଜାର କୋଟି ପ୍ଲାଷ୍ଟିକମୁଣା ଗୋଟିଏ ଥର ବ୍ୟବହାର ପରେ ବାହାରେ ଫୋପାଡି ଦିଆଯାଉଛି। ସବୁ ପ୍ଲାଷ୍ଟିକ ବିଭିନ୍ନ ମାଧ୍ୟମରେ ନଦୀ, ନାଳ ଓ ଶେଷରେ ସମୁଦ୍ରରେ ଯାଇ ପଡୁଛି। ଏହାଦ୍ୱାରା ସମୁଦ୍ର ଏକ ବିରାଟ ଅଳିଆଗଦାରେ ପରିଣତ ହେଲାଣି। ବିଶେଷଜ୍ଞଙ୍କ ତଥ୍ୟ ଅନୁଯାୟୀ ଯଦି ଏହିଭଳି ଭାବେ ପ୍ଲାଷ୍ଟିକ ପ୍ରଦୂଷଣ ବଢିଚାଲିବ ୨୦୫୦ ମସିହା ବେଳକୁ ସମୁଦ୍ରରେ ସାମୁଦ୍ରିକ ମାଛଠାରୁ ପ୍ଲାଷ୍ଟିକ ବୋତଲ ସଂଖ୍ୟା ଢେର୍ ଅଧିକ ହେବ। ଏଣୁ ବେଳହୁଁ ସାବଧାନ ନ ହେଲେ ପ୍ରକୃତିର କରାଳ ରୂପ ଆଗରେ ଜୀବଜଗତ ସମ୍ପୂର୍ଣ୍ଣ ଧ୍ୱଂସ ପାଇଯିବ। ପ୍ଲାଷ୍ଟିକ ବଟଲ ରିସାଇକ୍ଲିଂ ମେଶିନ ବେଳାଭୂମିର ପ୍ରତି ୫୦୦ ମିଟର ବ୍ୟବଧାନରେ ବସାଇବା ଉଚିତ। ପାନୀୟ ଜଳ ନିମନ୍ତେ ୱାଟର ଏଟିଏମ୍ ବ୍ୟବସ୍ଥା ବି କରାଯିବା ଉଚିତ।

ଆଦିତ୍ୟ କୁମାର ଦାଶ, ଗୋଡିପଡା, ନୟାଗଡ

### ମୃତଦେହକୁ ସମ୍ମାନ ଦିଅ

ରେଳଷ୍ଟେଶନରେ ଦୁର୍ଘଟଣାଜନିତ ମୃତ୍ୟୁରେ ମୃତଦେହ ବ୍ୟବଚ୍ଛେଦ ପରେ ଏହାକୁ ଚିହ୍ନଟ କରି ତାଙ୍କ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରିବା ନିୟମ ଅଛି। ମୃତଦେହ ଚିହ୍ନଟ ହୋଇ ନ ପାରିଲେ ନିୟମ ଅନୁଯାୟୀ ୯୬ ଘଣ୍ଟା ପରେ ମୃତଦେହକୁ ରେଳ ବିଭାଗ ଦ୍ୱାରା ସଂସ୍କାର କରାଯିବା କଥା। ଅନ୍ତତଃ ନିଆଁ ନ ଦେଇ ପାରିଲେ ଗଭୀର ଗାତ ଖୋଳି ମୃତଦେହକୁ ପୋତିଦେବା ଦରକାର। ଏହା ନ କରି ରେଳ ବିଭାଗ ମୃତଦେହକୁ ଏକ ନିର୍ଦ୍ଦିଷ୍ଟ ଜାଗାରେ ଫିଙ୍ଗି ଦେଉଛି। ଫଳରେ ମୃତଦେହ ପଚିଶଢି ପରିବେଶକୁ ଦୂଷିତ କରୁଛି। ଏହା ଏକ ଅମାନବୀୟ ଘଟଣା। ରେଳ ବିଭାଗକୁ ଅନୁରୋଧ ମୃତଦେହକୁ ଏଭଳି ଅସମ୍ମାନ କରା ନ ଯାଉ।

ଭଗବାନ ଦାସ, ଅବସରପ୍ରାପ୍ତ ଶିକ୍ଷକ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

**୬ ସେପ୍ଟେମ୍ବର ୧୯୯୩**

- ଇରାକରେ ମହମ୍ମଦ ହାମ୍‌ଜା ଆଲ ଦୁବେଦିଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ଅବ୍ୟାହତି ଦିଆଯାଇ ତାଙ୍କ ସ୍ଥାନରେ ଅର୍ଥମନ୍ତ୍ରୀ ଅହମ୍ମଦ ହୁସେନ ଖୁଦାୟିରଙ୍କୁ ନୂଆ ନିଯୁକ୍ତି ଦିଆଯାଇଛି।
- ଇସ୍ରାଏଲକୁ ଇରାନ ଗୋପନରେ ଖଣିଜ ତୈଳ ଯୋଗାଉଛି ବୋଲି ପ୍ରଚାରିତ ଖବରକୁ ଇରାନ ସରକାରଙ୍କ ଖଣ୍ଡନ।



“ ଅନ୍ୟର ମଙ୍ଗଳ ପାଇଁ ନିଜେ ଦୁଃଖ ସହିବାର ଇଚ୍ଛା,
ଏହାର ଅନ୍ୟକାମ ହେଉଛି ମହତ ପଣିଆ।
- ହର୍‌ବର୍ଟ ସ୍ପେନ୍‌ସର୍



## ସଂକ୍ଷେପରେ



### ବନ୍ଧା ହେଲେ ନକଲି ତହସିଲଦାର

ସମ୍ବଲପୁର,୫।୯(ବ୍ୟୁରୋ): ସମ୍ବଲପୁର ଜିଲା ଧନୁପାଲି ଥାନା ପୋଲିସ ହାବୁଡ଼ରେ ପଡ଼ି ବୁଧବାର ଜଣେ ନକଲି ତହସିଲଦାର ବନ୍ଧା ହୋଇଛନ୍ତି। ସେ ହେଲେ କେନ୍ଦୁଝର ଜିଲା ପାଟଣା ଥାନା ଉଦୟପୁର ଗ୍ରାମର ସିକନ୍ଦର ମହନ୍ତ। ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ କମିଶନର(ଆରଡିସି) କାର୍ଯ୍ୟାଳୟକୁ ସେ ଆସିଥିଲେ। ଆରଡିସିଙ୍କ ବ୍ୟକ୍ତିଗତ ସଚିବ (ଘରୋଇ) ସନ୍ତୋଷ କନ୍ଧଙ୍କୁ ଭେଟିଥିଲେ। କପ୍ତିପଦାର ପୂର୍ବତନ ତହସିଲଦାର ମାନସିଂ ମୁଣ୍ଡା ଭାବେ ପରିଚୟ ଦେଇଥିଲେ। ସୋନପୁର ଜିଲା ସଦର ତହସିଲଦାର ଭାବେ ବଦଳି ହୋଇଆସିଥିବା କହିଥିଲେ। ଏଥିପାଇଁ ଆରଡିସି ଅଫିସ ପକ୍ଷରୁ ୫ ହଜାର ଟଙ୍କା ସହ ରହିବା ପାଇଁ ଘର, ଗ୍ୟାସ ଆଦି ସାମଗ୍ରୀ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ଏଥିରେ ସନ୍ତୋଷ ନୂତନ ଗ୍ୟାସ କନେକଶନ ପାଇଁ ଆବେଦନ କରିଥିଲେ । ହେଲେ ସେ କାଗଜପତ୍ର ଦେଖାଇ ପାରି ନ ଥିଲେ। ସନ୍ଦେହ ହେବାରୁ ସନ୍ତୋଷ ପୋଲିସକୁ ଖବର ଦେଇଥିଲେ। ପୋଲିସ ତାଙ୍କୁ ଥାନାକୁ ଧରି ଆଣିଥିଲା। ପଚରାଉଚୁରା କରିବାରେ ତାଙ୍କର ଅସଲ ଚେହେରା ପଦାକୁ ଆସିଥିଲା। ଏ ନେଇ ଥାନାରେ କେସ୍ ନଂ୩୨୪, ଦଫା ୪୨୦ରେ ଏକ ମାମଲା ରୁଜୁ ହୋଇଛି।

### ସରସ୍ୱତୀ ଶିଶୁ ମନ୍ଦିରରେ କ୍ରୀଡ଼ା ପ୍ରତିଯୋଗିତା

ଜମନକିରା,୫।୯(ଡି.ଏନ୍.ଏ.) : ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ସଦର ମହକୁମା ସରସ୍ୱତୀ ଶିଶୁ ମନ୍ଦିର ସ୍କୁଲରେ ସଂକୁଳସ୍ତରୀୟ କୀଡ଼ା ପ୍ରତିଯୋଗିତା ବୁଧବାର ପୂର୍ବାହ୍ନ ସାଢ଼େ ୮ଟା ସମୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଭାପତି ଅଦାପ୍ରସାଦ ମହାକୁଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ରାଜୀବ ନାୟକ, ଗଙ୍ଗାଧର ନାୟକ, ବୀଣା ନାୟକ, ପ୍ରତିମା ଦାଶ ଉପସ୍ଥିତ ରହିଥିଲେ। ପ୍ରଧାନ ଆଚାର୍ଯ୍ୟ ସୁରଲୀ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂକୁଳ ସଂଯୋଜକ ବିଭୂପ୍ରସାଦ ମହାପାତ୍ର ସଭା ପରିଚାଳନା କରିଥିଲେ। କୁଚିଣ୍ଡା ସଂକୁଳସ୍ତରୀୟ ୯ ଶିଶୁ ମନ୍ଦିରର ମୋଟ ୧୭୩ ଜଣ ଶିଶୁ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିଲେ। ମୋଟ ୫୭ ଖେଳ ଅନୁଷ୍ଠିତ ହୋଇଥିଲା। ସଂକୁଳ ଶାରୀରିକ ପ୍ରମୁଖ ଜୟକୃଷ୍ଣ ସାହୁ ବୃତ୍ତ କଥନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ଜମନକିରା ମହାବିଦ୍ୟାଳୟରେ ଗୁରୁଦିବସ

ଜମନକିରା,୫। ୯(ଡି.ଏନ୍.ଏ.): ସମ୍ବଲପୁର ଜିଲା ଜମନକିରା ମହାବିଦ୍ୟାଳୟରେ ବୁଧବାର ନିରାଡ଼ମ୍ବର ଭାବେ ଗୁରୁଦିବସ ପାଳନ କରାଯାଇଛି। ନୂତନ ଭାବେ ଯୁକ୍ତ୩ ମହାବିଦ୍ୟାଳୟ ବିଜ୍ଞାନ ବିଭାଗରେ ନିଯୁକ୍ତି ପାଇଥିବା ଅଧାପିକା ଓ ଅଧାପକମାନେ ବରିଷ୍ଠ ଅଧାପିକା, ଅଧାପକଙ୍କୁ ଗୁରୁଙ୍କ ମାନତ୍ୟ ଦେଇ ଆଶିର୍ବାଦ ଭିକ୍ଷା କରିଥିଲେ। ଯୁକ୍ତ ୨ ମହାବିଦ୍ୟାଳୟର ଭାରାପ୍ରାପ୍ତ ଅଧକ୍ଷ ଡ.ବସନ୍ତ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଗୁର ପରମ୍ପରା କାର୍ଯ୍ୟକ୍ରମରେ ଯୁକ୍ତ ୩ ବିଭାଗର ଅଧକ୍ଷ ଅରୁଣ କୁମାର ପଟେଲ, ବରିଷ୍ଠ ଅଧାପକ ଡୋଲାମଣୀ ମେହେର, ବରିଷ୍ଠ ଅଧାପିକା ସୁଶ୍ରୀ ସୁଷମା ପଟ୍ଟନାୟକ, ବରିଷ୍ଠ ଅଧାପକ କୃପାସିନ୍ଧୁ ନାଥ, ବରିଷ୍ଠ ଅଧାପକ ପ୍ରଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ନବାଗତା ଅଧାପକ ଓ ଅଧାପିକାଙ୍କୁ ଅଧକ୍ଷଙ୍କ ସମେତ ବରିଷ୍ଠ ଅଧାପକ ଅଧାପିକା ସ୍ୱାଗତ କରିବା ସହ ପରିଚୟ ଆଦାନ ପ୍ରଦାନ କରିଥିଲେ।

### ପଡ଼ୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ

ଜମନକିରା,୫।୯(ଡି.ଏନ୍.ଏ.) :ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ନେହରୁ ଯୁବ କେନ୍ଦ୍ର ସମ୍ବଲପୁର ପକ୍ଷରୁ ଜମନକିରା ବ୍ଲକ୍ ରାଜୀବଗାନ୍ଧୀ ସେବାକେନ୍ଦ୍ରଠାରେ ପଡ଼ୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜମନକିରା ବ୍ଲକ୍ ସ୍ୱେଚ୍ଛାସେବୀ ନିର୍ମଳା ମୁଦୁଲିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡା: ଶରତ ଚନ୍ଦ୍ର ଦେହୁରୀ ସୁସ୍ଥ ଜୀବନଯାପନ ଉପରେ ଆଲୋକପାତ କରିଥିଲେ। ସମାଜସେବୀ ପ୍ରଦୀପ ବିଶ୍ୱାଳ ଯୁବ ଅନୁଷ୍ଠାନର ଗଠନ, ପଞ୍ଜୀକରଣ ଏବଂ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ମହମ୍ମଦ କରିମ, ବିଜୟ କୁମାର ନାଏକ ଆତ୍ମନିଯୁକ୍ତି ତାଲିମ ନେବା ପାଇଁ ଯୁବକମାନଙ୍କୁ ପରାମର୍ଶ ଦେଇଥିଲେ। ସ୍ୱେଚ୍ଛାସେବୀ ଜୟନ୍ତୀ ମୁଦୁଲି ଏହାକୁ ପରିଚାଳନା କରିଥିଲେ। ଏସ.କେ.ସୁପ୍ରିଆନୁଲ୍ଲା ଧନ୍ୟବାଦ ଦେଇଥିଲେ।

# ସରକାର, ବୀମା କମ୍ପାନୀ ଚକ୍ରବ୍ୟୂହରେ କ୍ଷତିଗ୍ରସ୍ତ ଚାଷୀ

## ■ ଜିଲାପାଳ, କୃଷି ଅଧିକାରୀଙ୍କୁ ଭେଟିଲେ ଚାଷୀ ସଙ୍ଗଠନ

ସମ୍ବଲପୁର,୫।୯(ଡି.ଏନ.ଏ.)

ସମ୍ବଲପୁର ଜିଲା ଚାଷୀ ଏବେ ସରକାର ଓ ବୀମା କମ୍ପାନୀର ଚକ୍ରବ୍ୟୂହରେ ପେଶି ହୋଇଛନ୍ତି। ସରକାରଙ୍କ ଭୁଲ ରିପୋର୍ଟ ଥିବା ଦର୍ଶାଇ ବୀମା କମ୍ପାନୀ ଫସଲ ବୀମା ଟଙ୍କା ପ୍ରଦାନ କରୁନାହାନ୍ତି। ଅନ୍ୟପଟେ ଜିଲା ପ୍ରଶାସନ ପକ୍ଷରୁ ବୀମା କମ୍ପାନୀକୁ ଚାଷୀଙ୍କୁ ଶୀଘ୍ର ଫସଲ ବୀମା ଟଙ୍କା ପ୍ରଦାନ କରିବାକୁ ତାଗିଦ୍ କରାଯାଉଛି। ଅପରପକ୍ଷେ, ସେପ୍ଟେମ୍ବର ୫ରୁ ଅନଲାଇନରେ ବୀମା କରିଥିବା ଚାଷୀଙ୍କ ଟଙ୍କା କେନ୍ଦ୍ର ସରକାରଙ୍କ ପାଖକୁ ଫେରିଯିବାକୁ ନିର୍ଦ୍ଦେଶ ହୋଇଛି। ଫଳରେ କ୍ଷତିଗ୍ରସ୍ତ ଚାଷୀ ହତାଶ ହୋଇପଡ଼ିଛନ୍ତି । ସେହିପରି ସେପ୍ଟେମ୍ବର ୧୫ ତାରିଖରୁ ୨୦୧୭ ଖରିଫରେ ବୀମା କରିଥିବା ଟାଟାଏଲଜି କମ୍ପାନୀ ଓଡିଶାରୁ ଅଫିସଗୁଡିକ ବନ୍ଦ କରିଦେବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଏହା ଶୁଣିବା ପରେ କ୍ଷତିଗ୍ରସ୍ତ ଚାଷୀ ହରଡ଼ଘଣାରେ ପଡିଯାଇଛନ୍ତି। ପ୍ରାୟ ଦୁଇମାସ ପୂର୍ବରୁ ଚାଷୀ କ୍ଷତିପୂରଣ ଦାବି ନେଇ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପରେ ଜିଲାପାଳ ସମର୍ଥ ବର୍ମା, ବୀମା କମ୍ପାନୀ କର୍ତ୍ତୃପକ୍ଷ ଓ ଚାଷୀ ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ଆଲୋଚାରେ ବୀମା କମ୍ପାନୀ ୫ ଦିନ ସମୟ ମାଗି କ୍ଷତିଗ୍ରସ୍ତ ଚାଷୀଙ୍କ ତାଲିକା ଘୋଷଣା କରିଥିଲା। ପର୍ଯ୍ୟାୟ କ୍ରମେ ବୀମା କମ୍ପାନୀ ତାଲିକା ଅନୁଯାୟୀ ୯୨ ପଞ୍ଚାୟତକୁ କ୍ଷତିପୂରଣ ରାଶି ପ୍ରଦାନ କରିସାରିଛି । ହେଲେ ଏବେ ସମ୍ବଲପୁର ମହାନଗର ନିଗମରେ ମିଶିଥିବା ମାନେଶ୍ୱର ବ୍ଲକର ୫ ପଞ୍ଚାୟତ ଓ ଧନକଉଡ଼ା ବ୍ଲକର କେତେକ ପଞ୍ଚାୟତ କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଛି। ଯଦି ବୀମା କମ୍ପାନୀ ବନ୍ଦ ହୋଇଯାଏ ତାହାହେଲେ ଟଙ୍କା ପାଇବା ନେଇ ସଂଶୟ ଦେଖାଦେଇଛି। ଏଣୁ ବୁଧବାର ଚାଷୀ ସଙ୍ଗଠନର ପ୍ରତିନିଧି ଦଳ ଜିଲାପାଳ ସମର୍ଥ ବର୍ମାଙ୍କୁ ଭେଟିଥିଲେ। ଜିଲାପାଳ ବର୍ମା ଏ ସମ୍ପର୍କରେ ଉପଜିଲାପାଳ ପ୍ରଦୀପ ସାହୁ ଓ ଡିଡିଏ ପାଖକୁ ଯାଇ ଆଲୋଚନା କରିଥିଲେ।



ଜିଲାପାଳ ସମର୍ଥ ବର୍ମାଙ୍କ ସହିତ ଚାଷୀ ପ୍ରତିନିଧି ଆଲୋଚନା କରୁଛନ୍ତି।

### ଚାକିରି ନାଁରେ ଠକେଇ ଅଭିଯୋଗ: ଥାନାରେ ଏତଲା

ବାମରା,୫।୯(ସ୍ୱ.ପ୍ର.)

ଝାରସୁଗୁଡା ଜିଲା ବ୍ରଜରାଜନଗର ଅଞ୍ଚଳର ଜଣଙ୍କୁ ଚାକିରି କରାଇଦେବା ନାମରେ ଗୋବିନ୍ଦପୁର ଥାନା ବାମରା ଅଞ୍ଚଳର ଜଣେ ଯୁବକ ଠକିଥିବା ଅଭିଯୋଗ ହୋଇଛି। ଏ ନେଇ ଥାନାରେ ଏକ ଏତଲା ଦାୟର ହୋଇଛି। ପୋଲିସ କେସ ନଂ. ୧୧୦/୧୮ ଦଫା ୪୧୯, ୪୨୦ ଓ ୫୦୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

ବିବରଣୀ ଅନୁଯାୟୀ, ଝାରସୁଗୁଡ଼ାସ୍ଥିତ ବେଦାନ୍ତ କାରଖାନାଠାରେ ବ୍ରଜରାଜନଗର (ଆଦର୍ଶ ନଗର)ର ରାମଚନ୍ଦ୍ର ରାଜକଙ୍କ ପୁଅ ଶମ୍ଭୁ (୨୫) ଠିକା କର୍ମଚାରୀ ଭାବେ କାମ କରୁଥିଲେ। ସେଠାରେ କାମ କରୁଥିବା ବାମରା ଭିଏଏସ କଲୋନୀରେ ରାକେଶ କୁମାର (୩୫)ଙ୍କ ସହ ତାଙ୍କର ପରିଚୟ ହୋଇଥିଲା । ରାକେଶ କୁମାର ନିଜ ସମ୍ପର୍କୀୟଙ୍କ ଖଡ଼ଗପୁରଠାରେ ରେଲୱେ ଅଧିକାରୀଙ୍କ ମାର୍ଫତରେ ଚାକିରି କରାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ତାଙ୍କ କଥାରେ ବିଶ୍ୱାସ କରି ଶମ୍ଭୁ ୨ କିସ୍ତିରେ ମୋଟ ୬୦ ହଜାର ଟଙ୍କା ଦେଇଥିଲେ । ଚାକିରିର କୌଣସି ଖବର ମିଳିନଥିଲା। ଶମ୍ଭୁ ଟଙ୍କା ମାଗିବାରୁ ତାଙ୍କୁ ଫୋନ ଦ୍ୱାରା ରାକେଶ ହତ୍ୟା ଧମକ ଦେଇଥିଲେ। ଏ ନେଇ ଶମ୍ଭୁ ଗୋବିନ୍ଦପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତ ରାକେଶ ଫେରାର ଅଛନ୍ତି।

## ଟଙ୍କିକିଆ ଚାଉଳ ପାଇଁ ୨୭ହଜାର ଆବେଦନକାରୀ

ସମ୍ବଲପୁର,୫।୯(ଡି.ଏନ.ଏ.)

ରାଜ୍ୟରେ ଅନାହାର ମୃତ୍ୟୁ ରୋକିବା ନେଇ ସରକାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ହାତକୁ ନେଇଛନ୍ତି। କେନ୍ଦ୍ର ଖାଦ୍ୟ ସୁରକ୍ଷା ଆଇନରୁ ବାଦ୍ ପଡ଼ିଥିବା ଗରିବ ପରିବାରଙ୍କୁ ଏଥିରେ ସାମିଲ୍ କରାଯିବ। ଏପରି ସ୍ଥଳେ ୩୬ଲକ୍ଷ ହିତାଧିକାରୀଙ୍କୁ ଟଙ୍କାଟିଏ ଚାଉଳ ବଣ୍ଟନ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀଠାରୁ ଏହି ଯୋଜନା କାର୍ଯ୍ୟକାରୀ ହେବ। ଏହି ପରିପ୍ରେକ୍ଷୀରେ ଜିଲାପାଳମାନଙ୍କୁ ରିପୋର୍ଟ ପ୍ରସ୍ତୁତ କରିବାକୁ ଯୋଗାଣ ସଚିବ ନିର୍ଦ୍ଦେଶ କରିଥିଲେ। ଆବେଦନ କରିବାର ସମୟସୀମା ଅଗଷ୍ଟ ୨୪ରୁ ସେପ୍ଟେମ୍ବର ୩ ତାରିଖ ମଧ୍ୟରେ ଅନଲାଇନରେ ଆବେଦନ ଫର୍ମ ଗ୍ରହଣ କରାଯାଇଥିଲା। ସମ୍ବଲପୁର ଜିଲାପାଳ ଏ ନେଇ ବୁଧବାର ସନ୍ଧ୍ୟାରେ ଜିଲାଯୋଗାଣ ବିଭାଗର ରିପୋର୍ଟ ସମୀକ୍ଷା କରିଥିଲେ। ଜିଲାରେ ମୋଟ ୨୭ହଜାର ୦୯୯ ହିତାଧିକାରୀ ଆବେଦନ କରିଥିବା ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି । ସମ୍ବଲପୁର ମହାନଗର ନିଗମରେ ୮ ହଜାର ୧୭୬, କୁଚିଣ୍ଡା ଏନଏସିରେ୨୬୩, ରେଢାଖୋଲ ଏନଏସିରେ ୪୭୦, ଧନକଉଡ଼ା ବ୍ଲକରେ ୧୫୫୮, ମାନେଶ୍ୱରରେ ୧୩୪୦, ଯୁଯୁମୁରା ବ୍ଲକରେ ୨୨୯୦, ଜମନକିରାରେ ୨୨୫୪, କୁଚିଣ୍ଡାରେ ୨୦୦୯, ବାମରାରେ ୨୧୯୧, ନାକଟିଦେଉଳରେ ୧୮୬୫, ରେଢାଖୋଲ ବ୍ଲକରେ ୧୮୨୮, ରେଙ୍ଗାଲି ବ୍ଲକରେ ୨୮୫୫ ଆବେଦନକାରୀ ରହିଛନ୍ତି। ଆସନ୍ତା ସପ୍ତାହରୁ ଜିଲା ଯୋଗାଣ ବିଭାଗ ପକ୍ଷରୁ ଆବେଦନ କରିଥିବା ହିତାଧିକାରୀଙ୍କ ସରଜମିନ ତଦନ୍ତ କରାଯାଇ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରାଯିବ। ଆଗାମୀ ଦିନରେ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଅବଶିଷ୍ଟ ହିତାଧିକାରୀଙ୍କୁ ପର୍ଯ୍ୟାୟକ୍ରମେ ଯୋଜନାଭୁକ୍ତ କରାଯିବ ବୋଲି ଏସିଏସଓ ଦିଲୀପ କୁମାର ନାୟକ କହିଛନ୍ତି। ତେବେ ଦଳୀୟ ନେତା, ବ୍ଲକ ଅଧକ୍ଷା, ଏମପି ଓ ବିଧାୟକ ପ୍ରତିନିଧି ଓ କର୍ମୀଙ୍କୁ ଏ ନେଇ ନିର୍ଦ୍ଦେଶ ନ ଥିବା ସତ୍ତ୍ୱେ ସେମାନେ ହିତାଧିକାରୀଙ୍କୁ ଅନୁମୋଦନ କରୁଥିବା ଜଣାଯାଇଛି। ଫଳରେ ଗରିବ ହିତାଧିକାରୀ ଅଯୋଗ୍ୟ ହୋଇ ଯୋଜନାରୁ ବାଦ୍ ପଡ଼ିବା ଆଶଙ୍କା ଦେଖାଦେଇଛି।

## ନାକଟୀଦେଉଳ କଲେଜର ପ୍ରତିଷ୍ଠା ଦିବସ

ନାକଟୀଦେଉଳ, ୫।୯(ଡି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ମହାବିଦ୍ୟାଳୟର ୩୬ତମ ପ୍ରତିଷ୍ଠା ଦିବସ ସମାରୋହ ତଥା ଗୁରୁ ଦିବସ ବୁଧବାର କଲେଜ ପରିସରରେ ପାଳିତ ହୋଇଯାଇଛି। କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ କନ୍ଦର୍ପ ରାଉଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ରେଢାଖୋଲ ଉପଜିଲାପାଳ ବିଶି କେଶନ ଦେହୁରୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରେଢାଖୋଲ ଭୀମଭୋଇ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ମହେନ୍ଦ୍ର କୁମାର ବିଶ୍ୱାଳ ସର୍ବପଲ୍ଲୀ ଡଃ ରାଧାକ୍ରିଷ୍ଣନଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏଥିସହିତ ଗୁରୁ ଦିବସର ମହତ୍ତ୍ୱ ଓ ସାମ୍ପ୍ରତିକ ପରିସ୍ଥିତିରେ ଶିକ୍ଷା ବ୍ୟବସ୍ଥା ନେଇ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧୀର କୁମାର ସାହୁ ବିବରଣୀ ପାଠ, ଅଧ୍ୟାପକ ମନୋରଞ୍ଜନ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଡଃ ଦୀପେନ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ କଲେଜ ପରିଚାଳନା କମିଟିର ପୂର୍ବତନ ସଭାପତି ଅବଧୁତ ବିଶ୍ୱାଳ, ହରିହର ସାହୁ, ପ୍ରାଣକୃଷ୍ଣ ପ୍ରଧାନ, ପିତାମ୍ବର ରାଉଳ, ହରେକୃଷ୍ଣ ମେହେର, ବିନକେଟ କିଣ୍ଡୋ, ଗୋପୀନାଥ ପ୍ରଧାନ, ଅଚ୍ୟୁତାନନ୍ଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିବାବେଳେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଆଧ୍ୟାପିକା ଅଧ୍ୟାପକ କର୍ମଚାରୀ ଉପସ୍ଥିତ ରହିଥିଲେ। ପ୍ରତିଷ୍ଠା ଦିବସ ଅବସରରେ ଛାତ୍ରୀଛାତ୍ରମାନେ ସ୍ଥାନୀୟ ଶିବ ମନ୍ଦିରରୁ ମଶାଲ ଆଣି ସ୍ଥାପନ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥିଙ୍କ ଦ୍ୱାରା ମଶାଲ ନିର୍ବାପିତ କରାଯାଇ ଉଦ୍‌ଯାପିତ ହୋଇଥିଲା।



ବୁଧବାର କଲେଜ ପରିସରରେ ଆୟୋଜିତ କାର୍ଯ୍ୟକ୍ରମ ।

## ଖର୍ଲା ନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

■ସାମାଜିକ ବାସନ୍ଦ ଯୋଗୁ ଶବ ନେଲେ ନି ପରିବାର

■ଦାହ କଲେ ବସ୍ ମାଲିକ ସଂଘ

ସମ୍ବଲପୁର/କୁଚିଣ୍ଡା୫।୯ (ବ୍ୟୁରୋ/ଡି.ଏନ.ଏ.)

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ପୋଲିସ ଖର୍ଲ୍ଲା ନଦୀରେ ଭାସୁଥିବା ଜଣେ ଯୁବକଙ୍କ ମୃତଦେହକୁ ଉଦ୍ଧାର କରିଛି। ମୃତକଜଣକ ହେଲେ ମହୁଲପାଲି ଥାନା ଗୋଛରା ଗ୍ରାମ ଅନ୍ଧାରୀପାଲି ଗ୍ରାମର ଅଶୋକ ମୋଦି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଅଶୋକ ୨ ତାରିଖ ଦିନ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ଭାସି ଯାଇଥିଲେ। ପରିବାର ପକ୍ଷରୁ ଥାନାରେ ଏ ସମ୍ପର୍କରେ ଅଭିଯୋଗ ହୋଇଥିଲା। ଘଟଣାର ଦୁଇଦିନ ପରେ ଖର୍ଲା ନଦୀରୁ ପୋଲିସ ଶବ ଉଦ୍ଧାର କରିଥିଲା। ସାମାଜିକ କଟକଣା ଭୟରେ ପରିବାର ସଦସ୍ୟମାନେ ମୃତଦେହ ନେବାକୁ ମନା କରିଥିଲେ। ଶବ ସଂସ୍କାର ପାଇଁ ସମସ୍ୟା ହୋଇଥିଲା। ଖବର ପାଇ କୁଚିଣ୍ଡା ଘରୋଇ ବସ ମାଲିକ ସଂଘ ଶବ ଦାହ କରିବାକୁ ଆଗେଇ ଆସିଥିଲା। ସଂଘର ସଭାପତି ଦୀନବନ୍ଧୁ ଅଗ୍ରୱାଲ, ସମ୍ପାଦକ ଉଦୟ ପ୍ରତାପ ସିଂ, ଯୁଗ୍ମ ସମ୍ପାଦକ ହିମାଂଶୁ ପଟେଲଙ୍କ ନେତୃତ୍ୱରେ ସଂଘର ସମସ୍ତ ସଭ୍ୟଙ୍କ ଉପସ୍ଥିତିରେ ସ୍ଥାନୀୟ ଶ୍ମଶାନ ଘାଟରେ ଶବ ଦାହ ହୋଇଛି।

### ରେଞ୍ଜ ଅଧିକାରୀଙ୍କୁ ଘେରିଲେ ବଡମାଳ ଅଞ୍ଚଳବାସୀ

## ହାତୀ ଦାଉରୁ ସୁରକ୍ଷା ଦାବି

ରେଢ଼ାଖୋଲ,୫।୯(ଡି.ଏନ.ଏ.)

ରେଢ଼ାଖୋଲ ବନଖଣ୍ଡର ବଡମାଳ ରେଞ୍ଜ ଅଞ୍ଚଳରେ ଏକ ଦନ୍ତା ହାତୀ ସହ ଏକ ହାତୀ ପଲ ଗତ ଦେଢ ବର୍ଷ ଧରି ଉପଦ୍ରବ ଚଳାଇ ଆସୁଛନ୍ତି। ହାତୀଙ୍କ ଉପଦ୍ରବ ଯୋଗୁ ଧନ ଜୀବନ ହାନୀ ହୋଇଚାଲିଛି। ବୁଧବାର ଏହି ରେଞ୍ଜ୍ ଅଧୀନ ବଡ଼ମାଳ, ଭାଲିଆକଟା, ରେଙ୍ଗାଲି, ମୋଚିବାହାଳ, ଓ ଗରଗଡ଼ବାହାଳ ଆଦି ୫ ପଞ୍ଚାୟତର ଅଧିବାସୀମାନେ ବଡମାଳ ରେଞ୍ଜ୍ ଅଧିକାରୀଙ୍କୁ ଘେରିଥିଲେ। ଏନେଇ ଏକ ୪ଦଫା ଦାବିପତ୍ର ଡିଏଫଓ ସଂଗ୍ରାମ କେଶରୀ ବେହେରାଙ୍କ ଉଦ୍ଦେଶ୍ୟରେ ରେଞ୍ଜ୍ ଅଧିକାରୀ ରମେଶ ପସାଦ କର୍ଣ୍ଣଙ୍କୁ ପ୍ରଦାନ କରିଛନ୍ତି। ସେଥିରେ ଅଞ୍ଚଳବାସୀ ଦର୍ଶାଇଛନ୍ତି ଯେ ହାତୀ ଉପଦ୍ରବ ଯୋଗୁ ୫ ପଞ୍ଚାୟତର ବିଭିନ୍ନ ଗ୍ରାମରେ ବହୁ ଫସଲ ନଷ୍ଟ ହେବା ସହିତ ଲୋକଙ୍କ ଜୀବନ ଯାଇଛି। ହାତୀଙ୍କ ଦାଉରୁ ସୁରକ୍ଷା ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ଆସନ୍ତା ୧୭ ତାରିଖ ମଧ୍ୟରେ ହାତୀ ଉପଦ୍ରବର ସ୍ଥାୟୀ ପ୍ରତିକାର କରାନଗଲେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଗ୍ରାମଗୁଡିକୁ ସୋଲାର ଫେନସିଂ କରାଯିବା ସହ ଦନ୍ତା ହାତୀକୁ ଟ୍ରାଙ୍କୁଲାଇଜର ଦିଆଯାଇ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦାବି ହୋଇଛି। ଚାଷି ମାନଙ୍କୁ ନିଜ ରେକର୍ଡ଼ଭୁକ୍ତ ଜାଗାରେ ବନୀକରଣ ପାଇଁ ଉତ୍ସାହିତ କରାଯିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସୂର୍ଯ୍ୟନାରାୟଣ ଜେନା, ରାଜକିଶୋର ପ୍ରଧାନ, ଜୟରାମ ପୋଢ, ପରମେଶ୍ୱର ମହାକୁଡ, ପରେଶ କୁମାର ଧଳ, ଦୀନବନ୍ଧୁ ସାହୁ, ରାଜେଶ ବାଗ, ତ୍ରିଲୋଚନ ମିର୍ଦ୍ଧା, ମଧୁମଙ୍ଗଳ ମାଝିଙ୍କ ସମେତ ଶତାଧିକ ଅଞ୍ଚଳବାସୀ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।



ରେଞ୍ଜ୍ ଅଧିକାରୀ ରମେଶ ପସାଦ କର୍ଣ୍ଣଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଗ୍ରାମବାସୀ।

## ଗର୍ଭବତୀ, ପ୍ରସୂତିଙ୍କୁ ନିମ୍ନମାନର ଛତୁଆ ବଣ୍ଟନ ଅଭିଯୋଗ

■ବଜାରରେ ଗୋଖାଦ୍ୟ ଭାବେ ବିକ୍ରି ହେଉଛି

■ଛତୁଆ ପ୍ରସ୍ତୁତିରେ ବାର୍ଷିକ ଖର୍ଚ୍ଚ ହେଉଛି ସାଢ଼େ ୮ କୋଟି

■ଉତ୍କୋଚ ନେଇ ଚୁପ୍ ଅଧିକାରୀ

ସମ୍ବଲପୁର,୫।୯(ବ୍ୟୁରୋ)

ଗର୍ଭବତୀ ଓ ପ୍ରସୂତିଙ୍କ ଲାଗି ଯୋଜନା କାର୍ଯ୍ୟକାରୀ ହୋଇଛି। ଗର୍ଭବତୀ ହେବାଠାରୁ ପିଲା ଜନ୍ମ ନେବା ପର୍ଯ୍ୟନ୍ତ ସମସ୍ତ ସୁବିଧା ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଛି। ପୁଷ୍ଟିକର ଖାଦ୍ୟ ଭାବେ ମାସିକ ୪ କେଜି ୯୦୦ ଗ୍ରାମ ଛତୁଆ ସହ ବାଦାମ ଲଡୁ ଦିଆଯିବାକୁ ବ୍ୟବସ୍ଥା ହୋଇଛି। ହେଲେ ଛତୁଆ ପ୍ରସ୍ତୁତି ନେଇ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଚିନାବାଦାମ, ଚିନି, ଗହମ ଆଦି ସାମଗ୍ରୀର ଭାଗମାପ ଠିକ୍ ରହୁ ନ ଥିବାରୁ ହିତାଧିକାରୀମାନେ ଏହାକୁ ଖାଇବାକୁ ନାପସନ୍ଦ କରୁଛନ୍ତି। ଶେଷରେ ଉକ୍ତ ନିମ୍ନମାନର ଛତୁଆ ଗୋ ଖାଦ୍ୟ ଭାବେ ବଜାରରେ ବିକ୍ରି ହେଉଛି। ଏସଏଚଜି ଏବଂ ଯୋଗାଣକାରୀ ସଂସ୍ଥାମାନେ ସିଧାସଳଖ ଅଙ୍ଗନୱାଡି କର୍ମୀଙ୍କଠାରୁ ଏହି ଛତୁଆ କ୍ରୟ କରି ପରବର୍ତ୍ତୀ ସମୟରେ ବଜାରରେ ବିକ୍ରି କରୁଥିବା ସମ୍ବଲପୁର ଜିଲାରେ ଦେଖାଯାଇଛି। ଛତୁଆର ମାନ ତଦାରଖ କରିବା ପାଇଁ ବ୍ଲକସ୍ତରରେ ସୁପରଭାଇଜର, ସିଡିପିଓ ଓ ଜିଲାସ୍ତରରେ ଡିଏସଡବ୍ଲ୍ୟୁ ରହିଥିଲେ ମଧ ନିମ୍ନମାନର ଛତୁଆ ହିତାଧିକାରୀମାନଙ୍କୁ ଯୋଗାଇ ଦିଆଯାଉଛି। ଏଥିପାଇଁ ଅଧିକାରୀମାନେ ଉକ୍ତ ସଂସ୍ଥା ଓ ଏସଏଚଜି ଗ୍ରୁପମାନଙ୍କଠାରୁ ପିସି ନେଉଥିବା ଓ ଉପହାର ସାମଗ୍ରୀ ଗ୍ରହଣ କରୁଥିବା ଅଭିଯୋଗ ହେଉଛି। ତେବେ ତଦନ୍ତ ଆଳରେ ବିଭାଗୀୟ ଅଧିକାରୀ ଏହି ଦୁର୍ନୀତିକୁ ଚପାଇ ଦେଉଛନ୍ତି। ଜିଲାର ପ୍ରାୟ ସମସ୍ତ ବ୍ଲକରେ ନିମ୍ନମାନର ଛତୁଆ ବଣ୍ଟନ ହେଉଥିବା ଅଭିଯୋଗ ହୋଇଆସୁଛି। ଏଣୁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଏହାର ଖୋଳତାଡ଼ କରାଯିବାକୁ ଦାବି ହେଉଛି ।

ଏଠାରେ ସୂଚନାଯୋଗ୍ୟ, ଜିଲାରେ ମୋଟ ୧୮୬୪ ଅଙ୍ଗନୱାଡି କେନ୍ଦ୍ର ରହିଛି। ପ୍ରାୟ ୮ ହଜାର ଗର୍ଭବତୀ ଓ ୭ ହଜାର ପ୍ରସୂତି ଏବଂ ୬ମାସରୁ ବର୍ଷେ ମଧ୍ୟରେ ରହିଥିବା ୧ଲକ୍ଷ ଶିଶୁଙ୍କୁ ଛତୁଆ ବଣ୍ଟନ କରାଯାଉଛି। ଏଥିପାଇଁ ୧୯ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ଛତୁଆ ପ୍ରସ୍ତୁତି ପାଇଁ ବିଭାଗ ପକ୍ଷରୁ ଏସଏଚଜିଗୁଡ଼ିକୁ ଗହମ ସହ ଟଙ୍କା ଦିଆଯାଉଛି । ପ୍ରତିବର୍ଷ ଏ ବାବଦରେ ପ୍ରାୟ ୮ କୋଟି ୫୦ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଖର୍ଚ୍ଚ ହେଉଛି। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମାଙ୍କୁ ପଚାରିବାରେ ଜିଲାର ଅନେକ ସ୍ଥାନରେ ନିମ୍ନମାନର ଛତୁଆ ବଣ୍ଟନ ଅଭିଯୋଗ ହୋଇଆସୁଛି। ବିଭାଗ ପକ୍ଷରୁ ଏହାର ତଦନ୍ତ କରାଯିବା ଦରକାର ବୋଲି ସେ କହିଛନ୍ତି।

### ରେଲୱେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ମୃତ

ବାମରା,୫।୯(ସ୍ୱ.ପ୍ର.)

ବାମରା-ରାଜଗାଙ୍ଗପୁର ମଧ୍ୟବର୍ତ୍ତୀ ସୋନାଖାନ୍ ରେଲଷ୍ଟେଶନର ୨୫ ହଜାର ଭୋଲ୍ଟ ଟ୍ରାକ୍ସନ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣଙ୍କର ମୃତ୍ୟୁ ଘଟିଛି। ଷ୍ଟେଶନଠାରେ ଛିଡ଼ା ହୋଇଥିବା ଏକ ମାଲଗାଡ଼ି ବଗି ଉପରକୁ ହଠାତ୍ ଚଢ଼ି ଯାଇ ହାଇଟେନସନ୍ ବିଦ୍ୟୁତ ତାରକୁ ଛୁଇଁବାର ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ। ତାଙ୍କୁ ଗୁରୁତର ଅବସ୍ଥାରେ ରାଉରକେଲା ଆରଜିଏଚକୁ ନିଆଯାଇଥିଲା। ବର୍ଣ୍ଣ ୟୁନିଟିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ରାଉରକେଲା ଜିଆରପି କେସ ନଂ୬୧/୧୮ ରୁଜୁ ହୋଇଛି। ମୃତକଜଣକ ନୀଳ ରଙ୍ଗର ଏକ ନିକର ପିନ୍ଧିଥିବା ଦେଖିବାକୁ ମିଳିଛି ।



“ଚାଷୀ ମୂଲିଆଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିବା ଅର୍ଥ ସାମ୍ରାଜ୍ୟବାଦ ବିରୋଧରେ ଲଢ଼େଇ କରିବା ସଙ୍ଗେ ସମାନ।
- ଭଗବତୀ ଚରଣ ପାଣିଗ୍ରାହୀ



## ସଂକ୍ଷେପରେ

### ଲାୟନ୍ସ କ୍ଲବ ସିଲ୍କି ପକ୍ଷରୁ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

**ସମ୍ବଲପୁର,୫।୯(ବ୍ୟୁରୋ)–** ସମ୍ବଲପୁର ଲାୟନ୍ସ କ୍ଲବ ସିଲ୍କି ପକ୍ଷରୁ ଗୁରୁ ଦିବସ ସହ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୁଢ଼ାରଜା ନୋଡାଲ ସ୍କୁଲ ବରିଷ୍ଠ ଶିକ୍ଷୟିତ୍ରୀ ପୁଷ୍ପାରାଣୀ ମିଶ୍ରଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବ ଅଧକ୍ଷା ବୀଣା ସାରଦାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ମୁନମୁନ ସୌଦାଗର, ମୀନାକ୍ଷୀ ଅଗ୍ରୱାଲ, ଆଶା ଲାଠ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଲାୟନ୍ସ କ୍ଲବ ସିଲ୍କି ପକ୍ଷରୁ ଶିକ୍ଷୟତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।



କଣ୍ଢେଇ ହାଇସ୍କୁଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷିକା ଓ ଅନ୍ୟମାନେ।

# ୪୪ ଛାତ୍ରୀଛାତ୍ରଙ୍କୁ ନେଇ ଗଠିତ ହେଲା ଛାତ୍ର ପୋଲିସ କ୍ୟାଡେଟ୍

**ଦେବଗଡ଼, ୫।୯(ସ୍ୱ.ପ୍ର.)**

ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନସିସି) ଏବଂ ସ୍କାଉଟ ବଏଜ୍ ପରି ଓଡିଶା ପୋଲିସ ବିଭାଗ ତରଫରୁ ମଧ ଓଡ଼ିଶାର ବିଭିନ୍ନ ଜିଲାର ପ୍ରାୟ ୪୦ଟି ହାଇସ୍କୁଲରେ ଛାତ୍ର ପୋଲିସ ବାହିନୀ (ଏସପିଏସ୍) ବା ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ ଗଠନ କରାଯାଇଛି। ଦେବଗଡ ଜିଲାର କଣ୍ଢେଇ ହାଇସ୍କୁଲର ପ୍ରାୟ ୪୪ ଛାତ୍ରୀଛାତ୍ରଙ୍କୁ ନେଇ ଏହି କ୍ୟାଡେଟ ଗଠନ କରାଯାଇଥିବା ଜଣାପଡିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଜିଲାର କଣ୍ଢେଇ ହାଇସ୍କୁଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଦେବଗଡ ଜିଲା ଆରକ୍ଷୀ ଅଧିକ୍ଷିକା ଅନୁପମା ଜେମସ୍ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ସମସ୍ତ ଛାତ୍ରୀଛାତ୍ରଙ୍କୁ ବିଭାଗ ତରଫରୁ ନୂତନ ଭାବେ ଗଠନ କରାଯାଇଥିବା ଏହି କ୍ୟାଡେଟ ବିଷୟରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିଜର୍ଭ ଇନ୍ସପେକ୍ଟର କାଳିଚରଣ ମାଝି, ଦେବଗଡ ପୋଲିସ ବିଭାଗର ନୋଡାଲ ଅଫିସର ତଥା ଏସଆଇ ସୁରେନ୍ଦ୍ର ନାୟକଙ୍କ ସମେତ ସ୍କୁଲର ପ୍ରଧାନ ଶିକ୍ଷକ ଏବଂ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ଦ୍ୱାରା ମେଗାଲିଫ୍ଟ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମୀକ୍ଷା

**ଦେବଗଡ଼,୫।୯(ସ୍ୱ.ପ୍ର.)**

ଜଳସମ୍ପଦ ବିଭାଗ ପକ୍ଷରୁ ଦେବଗଡ ଜିଲାରେ କାର୍ଯ୍ୟକାରୀ କରାଯାଉଥିବା ୯ଟି ମେଗାଲିଫ୍ଟ ପ୍ରକଳ୍ପର ସମୀକ୍ଷା ପାଇଁ ଏକ ବୈଠକ ମଙ୍ଗଳବାର ବସିଥିଲା। ଏଥିରେ ଜିଲାପାଳ ସୁଧାଂଶୁ ମୋହନ ସାମଲ ପ୍ରକଳ୍ପଗୁଡିକର ଅଗ୍ରଗତି ସମ୍ପର୍କରେ ବୁଝିବା ସଙ୍ଗେ ସଙ୍ଗେ ଏଗୁଡିକ ଶେଷ କରିବାରେ ଉପୁଜିଥିବା ବିଭିନ୍ନ ସମସ୍ୟା ଉପରେ ବିଭାଗୀୟ ଅଧିକାରୀଙ୍କଠାରୁ ପଚାରି ବୁଝିଥିଲେ। ମେଗାଲିଫ୍ଟ ପ୍ରକଳ୍ପର ନିର୍ବାହୀ ଯନ୍ତ୍ରୀ ସୁଜିତ କୁମାର ମହାରଣା ସୂଚନା ଦେଇଥିଲେ ଯେ, ଦେବଗଡ ଜିଲାରେ କାର୍ଯ୍ୟକାରୀ କରାଯାଉଥିବା ଅଧିକାଂଶ ପ୍ରକଳ୍ପ ରେଙ୍ଗାଲି ଡ୍ୟାମ ରିଜର୍ଭର ଅଞ୍ଚଳରେ ରହୁଥିବାରୁ କେବଳ ଜୁନ ୧୫ ତାରିଖଠାରୁ ଜୁଲାଇ ୩୧ ମଧ୍ୟରେ ଇନ୍‌ଟେକ୍ ୱେଲର କାମ କରିବା ସମ୍ଭବ ହେଉଛି। ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ଠିକାଦାର ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା କରିବାକୁ ଜିଲାପାଳ ପରାମର୍ଶ ଦେବା ସଙ୍ଗେ ସଙ୍ଗେ ଜନକଲ୍ୟାଣମୂଳକ ପ୍ରକଳ୍ପଗୁଡିକର କାର୍ଯ୍ୟ କୌଣସି ପରିସ୍ଥିତିରେ ବନ୍ଦ ନ କରିବାକୁ କହିଥିଲେ। ଢଂଅରାଠାରେ ପ୍ରକଳ୍ପ କାର୍ଯ୍ୟକାରୀତାରେ ଉପୁଜିଥିବା ଜମି ସମସ୍ୟାର ୭ଦିନ ମଧ୍ୟରେ ସମାଧାନ କରିବାକୁ ତହସିଲଦାର ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଛେପିଲିପାଲି ପ୍ରକଳ୍ପ ଦ୍ୱାରା ଅଧିକ ଆୟକଟ୍ ଏରିଆକୁ ଜଳସେଚନ ସୁବିଧା ଯୋଗାଇବା ପାଇଁ କରାଯାଉଥିବା ଦାବି ଉପରେ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣଙ୍କ ସହିତ କଥାବାର୍ତ୍ତା କରିବା ପାଇଁ ତିଲେଇବଣି ବିଡିଓ ଏବଂ ଦେବଗଡ ତହସିଲଦାରଙ୍କୁ କୁହାଯାଇଛି । ଖଜୁରୀଖମଣଠାରେ କାର୍ଯ୍ୟକାରୀ କରାଯାଉଥିବା ମେଗାଲିଫ୍ଟ ପ୍ରକଳ୍ପର ସୁଫଳ ଯେଭଳି ସାରସପୋଷି ଆଦି ଗ୍ରାମର ଜନସାଧାରଣ ପାଇପାରିବେ ସେଥିପାଇଁ କ୍ଷୁଦ୍ର ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଡି.ପି.କେନାଲ ଷ୍ଟେଜ–୩ ର ଏକ ବ୍ୟୟଅଟକଳ ପ୍ରସ୍ତୁତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହା ବ୍ୟତୀତ ମେଗାଲିଫ୍ଟ ପ୍ରକଳ୍ପ ଦ୍ୱାରା ଜଳସେଚିତ ହୋଇପାରୁ ନ ଥିବା ସମ୍ଭାବ୍ୟ ଅଞ୍ଚଳଗୁଡିକରେ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ବ୍ୟୟ ଅଟକଳ ପ୍ରସ୍ତୁତ କରିବାକୁ ଓ.ଏଲ.ଆ।ଇ.ସି.,ସମ୍ବଲପୁର ନିର୍ବାହୀ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଉପ ଜିଲାପାଳ ବିମଳେନ୍ଦୁ ମିଶ୍ର, ଡିଏଫ୍ଓ. କେ.ସି. ସାମନ୍ତରାୟ, ବାରକୋଟ ତହସିଲଦାର ରାଜୀବ କୁମାର ବେହେରା, ଓ.ଏଲ.ଆ।ଇ.ସି.,ସମ୍ବଲପୁର ନିର୍ବାହୀ ଯନ୍ତ୍ରୀ ଏସ.ଏନ୍. ତ୍ରିପାଠୀଙ୍କ ସମେତ କାର୍ଯ୍ୟକାରୀ ସଂସ୍ଥାର କର୍ମକର୍ତ୍ତା ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଜଗନ୍ନାଥ ସାହିତ୍ୟ ସଂସଦ ତରଫରୁ ଗୁରୁଦିବସ

**ଦେବଗଡ଼,୫।୯(ସ୍ୱ.ପ୍ର.)**

ସ୍ଥାନୀୟ କ୍ଲବ ଗୃହଠାରେ ଦେବଗଡର ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦ ତରଫରୁ ପବିତ୍ର ଗୁରୁଦିବସ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ସଂସଦର ସଭାପତି ବିପିନ ବିହାରୀ ଦ୍ୱିବେଦୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ କଲେଜ ଅଧକ୍ଷ ଶ୍ରୀକୃଷ୍ଣପ୍ରସାଦ ପ୍ରଧାନ ଯୋଗଦାନ କରିଥିବାବେଳେ ମୁଖ୍ୟ ବକ୍ତା ଭାବେ ଆଦର୍ଶ କଲେଜର ଓଡିଆ ଅଧ୍ୟାପକ ଡ. ବିଜୟ କୁମାର ମହାରଣା ଯୋଗଦାନ କରିଥିଲେ। ସମ୍ପାଦକ ଅଧ୍ୟାପକ ଚିତ୍ତରଞ୍ଜନ ଦାସ ଅତିଥି ପରିଚୟ ପ୍ରଦାନ ସହ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଗୁରୁ ପରମ୍ପରାକୁ ବଜାୟ ରଖିବା ପାଇଁ ସଂସଦ ତରଫରୁ ପ୍ରତିବର୍ଷ ଭଳି ଏବର୍ଷ ମଧ ୨ ଜଣ ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକଙ୍କୁ ମାନପତ୍ର ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ହାଇସ୍କୁଲ ସ୍ତରରେ ସୁଦର୍ଶନ ଦାଶ ଓ ପ୍ରାଇମେରୀ ସ୍ତରରେ ଖଗେଶ୍ୱର ଦେହୁରୀ। ଏହି ଅବସରରେ ଦେବେନ୍ଦ୍ରନାଥ ବେହେରା, ଅଧ୍ୟାପକ ଅଶୋକ ମିଶ୍ର, ନାଟ୍ୟ ରତ୍ନ ହେମନ୍ତ ମହାପାତ୍ର, ସୁମିତ୍ରା ପୁରୋହିତ ପ୍ରମୁଖ ଗୁରୁଦିବସ ଉପଲକ୍ଷେ ନିଜର ବକ୍ତବ୍ୟ ରଖିଥିଲେ। ପ୍ରଜ୍ଞା ପରମିତା ଜେନା କବିତା ପାଠ କରିଥିବାବେଳେ ଭାନୁଶଙ୍କର ନନ୍ଦ ଉପସଭାପତି ନିରଞ୍ଜନ ଦ୍ୱିବେଦୀ ଓ ଭୋଳେଶ୍ୱର ମିଶ୍ର ସହାୟତା କରିଥିଲେ । ଶେଷରେ ସଂସଦର ଉପସଭାପତି ରାମଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



ସରସ୍ୱତୀ ଶିଶୁ ମନ୍ଦିରଠାରେ ଗୁରୁ ଦିବସ ପାଳନ କରାଯାଉଛି।

# ଶିଶୁ ମନ୍ଦିରରେ ଗୁରୁଦିବସ ପାଳିତ

**ଦେବଗଡ଼,୫।୯(ସ୍ୱ.ପ୍ର.)**

ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରଠାରେ ବୁଧବାର ଗୁରୁ ଦିବସ ପାଳିତ ହୋଇଯାଇଛି । ସ୍କୁଲର ଯୁଗ୍ମ ସମ୍ପାଦକ ରାମଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁଙ୍କୁ ମାର୍ଗଦର୍ଶନ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ନାୟକ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନେ ଗୁରୁମା ଗୁରୁଜୀମାନଙ୍କୁ ଫୁଲ,ଫୁଲମାଳ ଓ ଚନ୍ଦନ ଦେଇ ପୂଜା କରିଥିଲେ। ପରେ ସ୍କୁଲ ତରଫରୁ ଗୁରୁମା ଗୁରୁଜୀ ସେବିକା ସେବକଙ୍କୁ ଗଣବେଶ ପ୍ରଦାନ କରାଯାଇଥିଲା। ଶିଶୁମାନଙ୍କୁ ମିଠା ବଣ୍ଟନ କରାଯାଇଥିଲା। ଶେଷରେ ସ୍କୁଲର ଗୁରୁମା ଭାରତୀ ଦେହୁରୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ବିଦ୍ୟାଳୟରେ ଗୁରୁଦିବସ

**ରିଆମାଳ, ୫।୯ (ଡି.ଏନ.ଏ.)**

ରିଆମାଳ ଉଚ୍ଚ ବିଦ୍ୟାଳୟଠାରେ ବୁଧବାର ଗୁରୁ ଦିବସ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଫଟୋଚିତ୍ର ପୂଜା ପରେ ଗୁରୁବନ୍ଦନା ଗାନ କରିଥିଲେ। ବରିଷ୍ଠ ଶିକ୍ଷକ ଠଣସୁନ୍ଦର ସାହୁ ସଭାପତିତ୍ୱ କରି ସର୍ବପଲ୍ଲୀ ରାଧାକୃଷ୍ଣନ ଜଣେ ଚିନ୍ତାନାୟକ, ଦାର୍ଶନିକ, ଭାରତୀୟ ସଂସ୍କୃତି ବିଜ୍ଞାନୀ ବୋଲିବର୍ଣ୍ଣନା କରିବା ସହ ଗୁରୁ ଓ ଶିକ୍ଷକ ଶବ୍ଦ ଦ୍ୱୟର ବ୍ୟାଖ୍ୟାକରଣ କରିଥିଲେ। ଖେଳ ଶିକ୍ଷକ ରୋହିତ କୁମାର ପ୍ରଧାନ ଗୁରୁଶିଷ୍ୟ ସମ୍ପର୍କ ଭିତରେ ଏକଲବ୍ୟର ଦୃଷ୍ଟାନ୍ତ ଓ ରାଧାକୃଷ୍ଣଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅପରପକ୍ଷରେ ରିଆମାଳ ଆମ ପାଠଶାଳାଠାରେ ମଧ ଗୁରୁଶିଷ୍ୟ ପରମ୍ପରା ଭାରତୀୟ ଆଧ୍ୟାତ୍ମିକ ପ୍ରତିଫଳନ ଏକ ସଙ୍କେତ ବୋଲି ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ରିଆମାଳ ବ୍ଲକର ସମସ୍ତ ବିଦ୍ୟାଳୟର ଗୁରୁଦିବସ ପାଳିତ ହୋଇଯାଇଛି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

B.Ed
M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR
7682826300
7682826301
BRAHAMPUR
7682826307
7377730723

ADMISSION OPEN 2018-20
B.Ed.
Acharya Nagarjuna University
Anuska B.Ed. Academy
Odisha's No-1 B.Ed. Academy
97% 1ST DIVISION
Rasulgarh, Bhubaneswar
8260277745/8260277746
Cuttack No-9937313739
Bhawanipatna: 7982328673
Jajpur/Kendrapara:9692222120
www.anuskagroup.com

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number:
7302107165
odishafinance55@gmail.com

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି। ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ। ୩୦% ସବସିଡି ସହିତ।
7787922501
7787907927
pmjansamridhi@gmail.com

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

SMS JOB
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

UNIVERSAL COMMUNICATION GROUP
ଦ୍ୱାରା ନିଜ ଖାଲି ପଡ଼ିଥିବା ଜମି, ଛାତ, ଚାଷଜମି, ପ୍ଲଟ୍‌ରେ ଯେକୌଣସି ସ୍ଥାନରେ ଉପକରଣ ଲଗାନ୍ତୁ ଓ ପାଆନ୍ତୁ 60 ଲକ୍ଷ ଅଗ୍ରିମ, ଭଡ଼ା ୪0,000 + ଅନ୍ୟାନ୍ୟ ସୁବିଧାସୁଯୋଗ ଏଗ୍ରିମେଣ୍ଟ ସହିତ।
CALL NOW:
08570958738
08570958378

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ। ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ୍, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ।
ADARSH FINANCE
Ram Nagar, Narnel, Haryana
7310635473
7310568831

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

BUSINESS OPPORTUNITY
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ ଦେଇ ମାତ୍ର ତିନ ଦିନରେ ଶିକ୍ଷା ଋଣ, ବ୍ୟବସାୟ ଋଣ ଏବଂ ସୁନା ଋଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ।
ଯୋଗାଯୋଗ
9874247647
Plot No: 86, Sarkar Street, Kolkata

Shree Ganesh Finance Ltd.
ଋଣ ଧମାକା
ବେରୋଜଗାରଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସବୁ ପ୍ରକାର ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। ମହିଳାଙ୍କ ପାଇଁ ବିଶେଷ ରିହାତି। ସବୁ ଋଣ (100000-9500000) ପର୍ଯ୍ୟନ୍ତ ପାଆନ୍ତୁ ଘରେ ବସି।
Durga Nagar, Ward 36, Ferozpur
09085463427

GRAMIN FINANCE
1962 ଠାରୁ ଆପଣଙ୍କ ସେବାରେ
ସରକାରୀ ଯୋଜନା ଦ୍ୱାରା ପର୍ସନାଲ, ଏଜୁକେଶନ, ପ୍ରପର୍ଟି ଋଣ ନିଅନ୍ତୁ 48 ଘଣ୍ଟାରେ।
ନୋ ଫାଇଲ୍ ଚାର୍ଜ
ନୋ ଗ୍ୟାରେଣ୍ଟର
Only Bank Fees
ଋଣ ପାସ୍ ହେଲା ପରେ
ମହିଳା ଓ Govt. Jobଧାରୀଙ୍କ ପାଇଁ ବିଶେଷ ସବ୍‌ସିଡି
AT: TARAN, PO: TAARAN, PUNJAB - 143401
Website: www.graminfinance.com
Miss Call Alerts:
18001007280

(Registration Free)
Bhartiya Telecom Group
(Govt. Approved)
ଦ୍ୱାରା ନିଜର ଖାଲି ଜାଗା, ଛାତ, ଚାଷଜମି, ପ୍ଲଟରେ DIGITAL ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 60 ଲକ୍ଷ । ଭଡ଼ା 45000 + ଅନ୍ୟାନ୍ୟ ସୁବିଧା ସୁଯୋଗ। ଠକମାନଙ୍କ ପ୍ରତି ସାବଧାନ।
(କାମ ଆମର, ବିଶ୍ୱାସ ଆପଣଙ୍କର)
କେବଳ ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରନ୍ତୁ
7052176168
8808619133

9911436726, 9540938429

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ, ଗୋପବନ୍ଧୁ ଛକ, ଯାଜପୁର ରୋଡ଼। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେସନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଓମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟେଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଏବିଏସ୍ ଫାଇନାନ୍ସ
ଦ୍ୱାରା ସମସ୍ତ ଭାରତରେ ଲୋନ୍ ନେବା ପାଇଁ ଏବଂ ଜିଲାସ୍ତରରେ ଏଜେଣ୍ଟ ହେବାକୁ ସମ୍ପର୍କ କରନ୍ତୁ।
ଭୁବନେଶ୍ୱର: 7290027868
କଟକ: 7590022879
ପୁରୀ: 7290027864
ଅନୁଗୁଳ: 7290022884
ଯାଜପୁର: 9870548741
ବାଲେଶ୍ୱର: 9870548676
ଗଞ୍ଜାମ: 9870548744

MONEY WIZZ FINANCE
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ। (ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

ଫାଇନାନ୍ସ
ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ମାତ୍ର 1250ରେ (1-90 ଲକ୍ଷ) ପର୍ଯ୍ୟନ୍ତ 0% ସୁଧ 60% ରିହାତି, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ରାଶନକାର୍ଡ, ଆଧାରକାର୍ଡ, ସମସ୍ତ ଋଣ 48 ଘଣ୍ଟାରେ
Dhanlaxmi Finance
9045324642
7417158225


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ଗାଜିଆବାଦ୍‌ର ମୋଦିନଗରସ୍ଥିତ ସିକରୀ କଳା ଗାଁରେ ଥିବା ଏକ ଘରୋଇ ସ୍କୁଲରେ ଗତ ଶନିବାର ଜଣେ ନର୍ସରୀ ଛାତ୍ର ରହିଯାଇଥିଲେ। ଚୌକିଦାର ସ୍କୁଲରେ ତାଲା ପକାଇ ଦେଇଥିଲେ। ୪ ବର୍ଷର ଛାତ୍ର ବିହାନ୍ ଘରକୁ ନ ଫେରିବାରୁ ମାତାପିତାଙ୍କ ଚିନ୍ତା ବଢ଼ିବାରେ ଲାଗିଲା। ସେମାନେ ଖୋଜାଖୋଜି ଆରମ୍ଭ କରିଥିଲେ। ଥାନାରେ ମଧ୍ୟ ଏତଲା ଦାଏର କରିଥିଲେ। ତେବେ ମାତାପିତା ସ୍କୁଲରେ ଖୋଜିବା ପାଇଁ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିଥିଲେ। ଦୁଇଘଣ୍ଟା ପରେ କର୍ତ୍ତୃପକ୍ଷ ଚାବି ଦେବା ପରେ ଖୋଲିଥିଲା ସ୍କୁଲ। ମାତାପିତା ବିହାନ୍‌ଙ୍କ କ୍ଲାସ୍‌ରେ ପହଞ୍ଚିଥିଲେ। ସେଠାରେ ଟେବୁଲରେ ମୁଣ୍ଡ ରଖି ବିହାନ୍ ଶୋଇଥିବା ଦେଖିବାକୁ ମିଳିଥିଲା।

## ସଂକ୍ଷେପରେ

### ରାଜ୍ୟର ୨୪ ଜିଲାରେ ଡେଙ୍ଗୁ

**ଏସ୍‌ସିବିରେ ୧୫୦ ରୋଗୀ**

କଟକ ଅଫିସ, ୫।୯: ରାଜ୍ୟର ୨୪ଟି ଜିଲାରେ ଡେଙ୍ଗୁ କାୟା ମେଲାଇଛି। ଏସ୍‌ସିବି ମେଡିକାଲରୁ ମିଳିଥିବା ତଥ୍ୟରୁ ଏହା ଜଣାପଡ଼ିଛି। କାରଣ ଏହି ସବୁ ଜିଲାରୁ ଏସ୍‌ସିବି ମେଡିକାଲକୁ ରୋଗୀମାନେ ଚିକିତ୍ସା ନିମନ୍ତେ ଆସିଛନ୍ତି। ତେବେ କଟକ ସବୁ ଜିଲାକୁ ବଳିପଡ଼ିଛି। ଅଦ୍ୟାବଧି କଟକରୁ ୪୭୧ ଜଣ ରୋଗୀ ଚିକିତ୍ସା ପାଇଁ ଏସ୍‌ସିବିକୁ ଆସିଥିବା ଜଣାପଡ଼ିଛି। ସେଥିରୁ ଗ୍ରାମାଞ୍ଚଳରୁ ୨୩୯ ଓ ସହରାଞ୍ଚଳରୁ ୨୩୨ ଜଣ ରୋଗୀ ରହିଛନ୍ତି। ବାକି ଜିଲାଗୁଡ଼ିକ ମଧ୍ୟରେ ଜଗତ୍‌ସିଂହପୁରରୁ ୨୦୪, ଯାଜପୁରରୁ ୧୧୧, କେନ୍ଦ୍ରାପଡ଼ାରୁ ୭୯, ବାଲେଶ୍ୱରରୁ ୫୬, ଭଦ୍ରକରୁ ୪୭, ଢେଙ୍କାନାଳରୁ ୩୭, ନୟାଗଡ଼ରୁ ୩୨, ଖୋର୍ଦ୍ଧାରୁ ୩୭, କେନ୍ଦୁଝରରୁ ୧୫, ଅନୁଗୋଳରୁ ୧୦, ପୁରୀରୁ ୧୧, ମୟୂରଭଞ୍ଜରୁ ୧୦, ବଲାଙ୍ଗୀରରୁ ୫, ସୋନପୁରରୁ ୩, ସୁନ୍ଦରଗଡ଼ରୁ ୬, ସମ୍ବଲପୁରରୁ ୨, ଗଞ୍ଜାମରୁ ୪, କଳାହାଣ୍ଡିରୁ ୫, ରାୟଗଡ଼ାରୁ ୪, ଦେବଗଡ଼ରୁ ୨, ଝାରସୁଗୁଡ଼ା, ଗଜପତି ଓ ନୂଆପଡ଼ାରୁ ଜଣେ ଲେଖାଏ ରୋଗୀ ମେଡିକାଲକୁ ଚିକିତ୍ସା ନିମନ୍ତେ ଆସିଛନ୍ତି। ଏହାବାଦ ପଡୋଶୀ ପଶ୍ଚିମବଙ୍ଗରୁ ୭, ବିହାରରୁ ୩, ଝାଡ଼ଖଣ୍ଡରୁ ୨ ଓ ଉତ୍ତରପ୍ରଦେଶରୁ ଜଣେ ରୋଗୀ ଏସ୍‌ସିବିକୁ ଚିକିତ୍ସା ନିମନ୍ତେ ଆସିଥିବା ଜଣାପଡ଼ିଛି। ଅଦ୍ୟାବଧି ମେଡିକାଲରେ ମୋଟ୍ ୬୧୨୮ ରୋଗୀଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ସେଥିରୁ ୧୧୯୭ ରୋଗୀଙ୍କ ନମୁନାରେ ଡେଙ୍ଗୁ ପଜିଟିଭ ଚିହ୍ନଟ କରାଯାଇଛି। ତେବେ ବୁଧବାର ସନ୍ଧ୍ୟା ସୁଦ୍ଧା ଏସ୍‌ସିବିରେ ମୋଟ ୧୫୦ ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଗୁରୁତର ୧୩ ଜଣ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ବୁଧବାର ମୋଟ ୧୩୬ ଜଣ ରୋଗୀଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ସେଥିରୁ ୫୧ଟିରେ ଡେଙ୍ଗୁ ପଜିଟିଭ ଚିହ୍ନଟ କରାଯାଇଛି। ପଜିଟିଭ ରୋଗୀଙ୍କ ମଧ୍ୟରୁ କଟକରୁ ସର୍ବାଧିକ ୧୮ ଜଣ ରହିଛନ୍ତି।

# ପଲିଥିନ କଟକଣା: ୫ ସହରରେ ପ୍ରଥମେ ଲାଗୁ

**ପ୍ରକାଶ ପାଇଲା ଚିଠା ବିଜ୍ଞପ୍ତି**

- ପଲିଥିନ, ପାଣି ବୋତଲ, ଥର୍ମକୁଲ, ପାଣି ପାଉଚ, ପ୍ଲାଷ୍ଟିକ ଫୁଲ ବ୍ୟବହାର ମନା
- ୫ ସହର ମଧ୍ୟରେ ରହିଛି ଭୁବନେଶ୍ୱର, ପୁରୀ, କଟକ, ସମ୍ବଲପୁର, ରାଉରକେଲା

ଭୁବନେଶ୍ୱର,୫।୯(ବ୍ୟୁରୋ)

ଆସନ୍ତା ଅକ୍ଟୋବର ୨ ତାରିଖରୁ ରାଜ୍ୟରେ ପଲିଥିନ ବ୍ୟବହାର ନିଷେଧ କରିବାକୁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର ଓ ପୁରୀ ସହରରେ ପଲିଥିନ ବ୍ୟବହାର ଉପରେ ଲାଗିବ କଟକଣା। ଏ ନେଇ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଏକ ଚିଠା ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ ଉକ୍ତ ସହରାଞ୍ଚଳରେ ୫୦ ମାଇକ୍ରନଠାରୁ କମ ମୋଟେଇ ଥିବା ପଲିଥିନ, ୫୦୦ ମିଲିଲିଟରରୁ କମ ପାଣି ବୋତଲ, ଥର୍ମକୁଲ କିମ୍ବା ପ୍ଲାଷ୍ଟିକ ଗ୍ଲାସ, କପ, ପ୍ଲେଟ, ଚାମଚ, ଗିନା, ଷ୍ଟ୍ର, ପାଣି ପାଉଚ ଆଦି ବ୍ୟବହାର କରାଯାଇ ପାରିବ ନାହିଁ। ଏପରିକି ପ୍ଲାଷ୍ଟିକ୍ ଉତ୍ପାଦନ, ଆମଦାନୀ, ଗଚ୍ଛିତ ଓ ପରିବହନ ଉପରେ ମଧ୍ୟ କଟକଣା ଜାରି କରାଯିବ। ଏଥିସହିତ ପ୍ଲାଷ୍ଟିକ ଫୁଲ କିମ୍ବା ସେଭଳି କୌଣସି ବସ୍ତୁ ପର୍ବପର୍ବାଣିରେ ସଜେଇବା କାର୍ଯ୍ୟରେ ବ୍ୟବହାର କରାଯାଇ ପାରିବ ନାହିଁ। ପ୍ଲାଷ୍ଟିକ ବ୍ୟାଗ ନିର୍ମାଣକାରୀ ସଂସ୍ଥା ବିକ୍ରି କରିବା ପୂର୍ବରୁ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଠାରୁ ସାର୍ଟିଫିକେଟ ଆଣିବା ବାଧ୍ୟତାମୂଳକ କରାଯାଇଛି। ଦୋକାନୀମାନେ ୫୦ ମାଇକ୍ରନରୁ କମ୍ ପ୍ଲାଷ୍ଟିକରେ ଖାଦ୍ୟ ସାମଗ୍ରୀ, ପାଣି, ଦୁଗ୍ଧ କିମ୍ବା ଦୁଗ୍ଧଜାତ କୌଣସି ଦ୍ରବ୍ୟ, ଖାଇବା ତେଲ ଇତ୍ୟାଦି ପ୍ୟାକ ହୋଇଥିଲେ ବିକ୍ରି କରିପାରିବେ ନାହିଁ। ତେବେ ଉଦ୍ୟାନ କୃଷିରେ ଚାରା, କୃଷି ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରକୁ ଏଥିରୁ ବାଦ୍ ଦିଆଯାଇଛି। କୌଣସି ବ୍ୟକ୍ତି ଜାଣିଶୁଣି ପଲିଥିନ ସର୍ବସାଧାରଣ ସ୍ଥାନକୁ ନେଇପାରିବେ ନାହିଁ। ମନ୍ଦିର, ହୋଟେଲ, ବିବାହ ଭୋଜି, ଅଫିସ କିମ୍ବା କୌଣସି ଅନୁଷ୍ଠାନ କର୍ତ୍ତୃପକ୍ଷ ଏବଂ ଇଭେଣ୍ଟ ମ୍ୟାନେଜର ପଲିଥିନ ବ୍ୟବହାର ହେଉ ନ ଥିବା ଜଣାଇବେ। ନଚେତ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିଠା ବିଜ୍ଞପ୍ତିରେ କୁହାଯାଇଛି। ମହାନଗର ନିଗମ କମିଶନର କିମ୍ବା କାର୍ଯ୍ୟନିର୍ବାହୀ ଅଧିକାରୀ ପଲିଥିନ କଟକଣା ନେଇ ଗଣମାଧ୍ୟମ ଜରିଆରେ ବ୍ୟାପକ ପ୍ରଚାରପ୍ରସାର କରିବେ। ପଲିଥିନ କଟକଣା ନେଇ ପ୍ରସ୍ତୁତ ହୋଇଥିବା ନିର୍ଦ୍ଦେଶନାମାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମେମ୍ବର ସେକ୍ରେଟାରୀ, ଜିଲାପାଳ, ଏସପି, ମହାନଗର ନିଗମ କମିଶନର, ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ନିଜ ଅଞ୍ଚଳରେ କାର୍ଯ୍ୟକାରୀ କରିବେ। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପଲିଥିନ ଶିଳ୍ପ ବନ୍ଦ ନେଇ ନିଶ୍ଚିତ କରିବେ ବୋଲି ଚିଠା ଆଦେଶନାମାରେ ଉଲ୍ଲେଖ କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜଡ଼ା ସୋରିଷର ଟାଙ୍କି
ଭଲା ଭାଇବୋହୂ ଆଣିଲି ଘରକୁ
ମଲି ମୁଁ କୁଣ୍ଡିଆ ରାମ୍ପି ।**

ଦୁହିତା ଦୁଇ କୁଳକୁ ହିତା। କନ୍ୟାର ଗୁଣଗ୍ରାମ ଯେତେ ଭଲ ହୋଇଥାଏ ସେ ଉଭୟ ବାପଘରେ ଓ ଶାଶୁଘରେ ସେତେ ସୁନାମ ଅର୍ଜିଥାଏ। ତେବେ ଗୁଣଗ୍ରାମ ଯଦି ଭଲ ହୋଇ ନ ଥାଏ ତା'ହେଲେ ଶାଶୁଘରେ ସେ ଭଲ ବୋହୂର ମାନ୍ୟତା ପାଇ ପାରି ନ ଥାଏ। ଭାଇବୋହୂର କାର୍ଯ୍ୟକଳାପ ତଥା ଚାଲିଚଳନରେ ଦେଢ଼ଶୁର ଅସ୍ତବ୍ୟସ୍ତ ହୋଇପଡ଼ିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଜବ ଧାନ
ଆଗ ଭାରିଯାକୁ ଛାଡ଼ପତର
ପଛ ଭାରିଯାକୁ ସାବଧାନ ।**

କିଛି ବ୍ୟକ୍ତି ପରକୀୟା ପ୍ରୀତିରେ ପଡ଼ି ବୈଦିକ ରୀତିନୀତି ଅନୁଯାୟୀ ବିବାହ କରିଥିବା ନିଜ ସ୍ତ୍ରୀକୁ ତ୍ୟାଗକରି ବସୁଥିବା ଲକ୍ଷ୍ୟ କରାଯାଇଥାଏ। ଏପରିସ୍ଥଳେ ପ୍ରେମ ଆସକ୍ତିରେ ପଡ଼ି ପୁନଶ୍ଚ ବିବାହ କରୁଥିବା ବ୍ୟକ୍ତି ଦ୍ୱିତୀୟ ସ୍ତ୍ରୀର ଆନ୍ତରିକତା ପ୍ରତି ଅଧିକ ସଚେତନ ହେବା ବିଧେୟ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

## ୪ ବିଦ୍ୟୁତ୍ କମ୍ପାନୀରେ ବକେୟା ୩୭୩୭.୦୨ କୋଟି

- ସେସୁ ୯୮୦.୮୬ କୋଟି, ନେସ୍କୋ ୮୧୮.୩୪ କୋଟି, ୱେସ୍କୋ ୧୩୩୫.୪୪ କୋଟି, ସାଉଥକୋ ୬୦୨.୩୮ କୋଟି

ଭୁବନେଶ୍ୱର,୫।୯(ବ୍ୟୁରୋ) – ରାଜ୍ୟରେ କାର୍ଯ୍ୟ କରୁଥିବା ୪ ବିଦ୍ୟୁତ ବିତରଣ କମ୍ପାନୀମାନଙ୍କଠାରୁ ୩୭୩୭.୦୨ କୋଟି ଟଙ୍କା ରାଜ୍ୟ ସରକାର ପାଇବାର ଅଛି। ଶାସକ ସଭ୍ୟ ଭାଗୀରଥି ବଡଜେନାଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତର ଦେଇ ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ ଏହି ତଥ୍ୟ ଦେଇଛନ୍ତି। ତନ୍ମଧ୍ୟରୁ ସେସୁ ଉପରେ ୯୮୦.୮୬ କୋଟି, ନେସ୍କୋ ଉପରେ ୮୧୮.୩୪ କୋଟି, ୱେସ୍କୋ ଉପରେ ୧୩୩୫.୪୪ କୋଟି ଏବଂ ସାଉଥକୋ ଉପରେ ୬୦୨.୩୮ କୋଟି ଟଙ୍କାର ବକେୟା ରହିଛି। ଗ୍ରୀଡ୍‌କୋ ଦ୍ୱାରା ପ୍ରଦାନ କରାଯାଉଥିବା ବିଲ୍‌ର ପରିମାଣକୁ ଭରଣା କରିବା ପାଇଁ ବଳକା ଜମା ରାଶିକୁ ବଣ୍ଟନ କମ୍ପାନୀ ମାନଙ୍କର ଆବଶ୍ୟକତା ଅନୁସାରେ ବ୍ୟବହାର ପାଇଁ ଇଏସ୍‌ସିଆରଓଡବ୍ଲ୍ୟୁ ରାଜିନାମାକୁ କୋହଳ କରାଯିବା କଥା ମନ୍ତ୍ରୀ ସିଂ ଉତ୍ତରରେ ଉଲ୍ଲେଖ କରିଛନ୍ତି। ସେସୁର ବିଭିନ୍ନ ବିଭାଗ ଉପରେ ଥିବା ବକେୟା ପରିମାଣ ୧୩୬.୭୮ କୋଟି ଟଙ୍କା, ପୌରସଂସ୍ଥା ଉପରେ ୬୧.୧୨ କୋଟି ଟଙ୍କା ବକେୟା ରହିଛି। ୱେସ୍କୋର ବିଭାଗଗୁଡିକ ଉପରେ ୧୦୯.୨୪ କୋଟି ଓ ପୌରସଂସ୍ଥା ଉପରେ ୩୨.୦୬ କୋଟି ଟଙ୍କାର ବକେୟା ରହିଛି। ଅନୁରୂପ ଭାବେ ସାଉଥକୋର ବିଭାଗଗୁଡିକ ଉପରେ ୯୪.୩୬ କୋଟି ଓ ପୌରସଂସ୍ଥାଗୁଡିକ ଉପରେ ୧୯.୫୬ କୋଟି ଟଙ୍କା ରହିଛି। ସେହିପରି ନେସ୍କୋର ବିଭାଗ ଉପରେ ୧୦୨.୫୫ କୋଟି ଟଙ୍କା ଓ ପୌରସଂସ୍ଥା ଉପରେ ୪୯.୮୫ କୋଟି ଟଙ୍କାର ବକେୟା ରହିଛି। ଭାଜପା ସଭ୍ୟ ଦିଲୀପ ରାୟଙ୍କ ପ୍ରଶ୍ନରେ ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ ଏହି ଲିଖିତ ଉତ୍ତର ରଖିଛନ୍ତି।

# ଆଇଆଇଏମ୍ ସମ୍ବଲପୁରକୁ ୪୦୧.୯୪ କୋଟି ମଞ୍ଜୁର

ଭୁବନେଶ୍ୱର, ୫।୯ (ବ୍ୟୁରୋ)

ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ୍) ସମ୍ବଲପୁରକୁ କେନ୍ଦ୍ର କ୍ୟାବିନେଟ୍ ୪୦୧.୯୪ କୋଟି ଟଙ୍କା ମଞ୍ଜୁର କରିଛି। ଏହି ଅର୍ଥରେ ଆଇଆଇଏମ୍ ସମ୍ବଲପୁର ୬୦୩୮୪ ବର୍ଗମିଟର ଅଞ୍ଚଳରେ ନିଜସ୍ୱ ସ୍ଥାୟୀ କ୍ୟାମ୍ପସ ନିର୍ମାଣ କରିବ। ଉକ୍ତ କ୍ୟାମ୍ପସ୍ ନିର୍ମାଣ କାର୍ଯ୍ୟ ୨୦୨୧ ଜୁନ୍ ବେଳକୁ ସମ୍ପୂର୍ଣ୍ଣ ହେବ ବୋଲି କ୍ୟାବିନେଟ ନିଷ୍ପତ୍ତି ନେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର କେନ୍ଦ୍ର କ୍ୟାବିନେଟ ବୈଠକ ବସିଥିଲା। ଏଥିରେ ଦେଶରେ ଥିବା ୭ ଆଇଆଇଏମ୍‌ର ସ୍ଥାୟୀ କ୍ୟାମ୍ପସ୍ ନିର୍ମାଣ ସହିତ ଆନୁଷଙ୍ଗିକ ଭିତ୍ତିଭୂମି ସୁଦୃଢ଼ କରିବାକୁ ଗୁରୁତ୍ୱ ଦିଆଯାଇଛି। ଏହି ଆଇଆଇଏମ୍‌ଗୁଡିକରେ କେନ୍ଦ୍ର ସରକାର ମୋଟ୍ ୩୭୭୫.୪୨ କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି କ୍ୟାବିନେଟ୍‌ର



ମୋହର ବାଜିଛି। ଆଇଆଇଏମ୍ ଅମୃତ୍‌ସରକୁ ୩୪୮.୩୧ କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ଆଇଆଇଏମ୍ ବୋଧଗୟାକୁ ୪୧୧.୭୨ କୋଟି, ଆଇଆଇଏମ୍ ନାଗପୁରକୁ ୩୭୯.୬୮ କୋଟି, ଆଇଆଇଏମ୍ ସମ୍ବଲପୁରକୁ ୪୦୧.୯୪ କୋଟି, ଆଇଆଇଏମ୍ ଶିରମଉରକୁ ୩୯୨.୫୧ କୋଟି, ଆଇଆଇଏମ୍ ବିଶାଖାପାଟଣାକୁ ୪୪୫ କୋଟି ଏବଂ ଆଇଆଇଏମ୍ ଜାମ୍ମୁକୁ ୪୨୪.୯୩ କୋଟିର ଅନୁଦାନ ମିଳିଛି। କ୍ୟାବିନେଟ୍ ମୋଟ ୩୭୭୫.୪୨ କୋଟି ମଞ୍ଜୁର କରିଥିବାବେଳେ ସେଥିରୁ ୨୮୦୪.୦୯ କୋଟି ଟଙ୍କା କ୍ୟାମ୍ପସ୍ ନିର୍ମାଣରେ ଖର୍ଚ୍ଚ କରାଯିବ। ୬୦୦ ଛାତ୍ରୀଛାତ୍ରଙ୍କ ପାଠପଢା ଲାଗି ଭିତ୍ତିଭୂମିଗତ ସୁବିଧା ଥିବା ପ୍ରତ୍ୟେକ ଆଇଆଇଏମ୍ ୬୦୩୮୪ ବର୍ଗମିଟର ଅଞ୍ଚଳରେ ସ୍ଥାୟୀ କ୍ୟାମ୍ପସ୍ ନିର୍ମାଣ କରିବେ। ଏହି ଆଇଆଇଏମ୍‌ଗୁଡିକୁ ଛାତ୍ରୀଛାତ୍ର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଲେଖାଏ ୫ ବର୍ଷ ପାଇଁ ପ୍ରଦାନ କରିବା ଲାଗି ମଞ୍ଜୁର ହୋଇଛି। ଏହାପରେ ସଂସ୍ଥାଗୁଡିକ ପରିଚାଳନା ଏବଂ ଆନୁଷଙ୍ଗିକ ଖର୍ଚ୍ଚ ନିଜସ୍ୱ ପାଣ୍ଠିରୁ ବହନ କରିବେ। ଏହି ଆଇଆଇଏମ୍‌ଗୁଡିକର ସ୍ଥାୟୀ କ୍ୟାମ୍ପସ୍ ନିର୍ମାଣ ୨୦୨୧ ଜୁନ ସୁଦ୍ଧା ଶେଷ ହେଲେ ଦେଶରେ ସ୍ଥାୟୀ କ୍ୟାମ୍ପସ୍ ଥିବା ଆଇଆଇଏମ୍ ସଂଖ୍ୟା ୨୦ରେ ପହଞ୍ଚିବ।

■ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା

# ଏବର୍ଷ ଖର୍ଚ୍ଚ ହେବ ୧୦୦୩ କୋଟି

ଭୁବନେଶ୍ୱର, ୫।୯(ବ୍ୟୁରୋ)

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) ରାଜ୍ୟ ସରକାରଙ୍କ ନିଜସ୍ୱ ଯୋଜନା। ଏଥିପାଇଁ କେନ୍ଦ୍ର ସରକାର କୌଣସି ଆର୍ଥିକ ସହାୟତା ଦେଇନାହାନ୍ତି। ଏହି ଯୋଜନା ଲାଗି ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରାଯିବ। ୨୦୧୮-୧୯ରେ ମୋଟ ୧୦୦୩.୫୨ କୋଟି ଟଙ୍କା ବ୍ୟୟ ବରାଦ କରାଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବୁଧବାର ଏକ ପ୍ରେସ୍ ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି।

ଲୋକଙ୍କୁ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ରାଜ୍ୟ ସରକାର ଆର୍ଥିକ ଅନଗ୍ରସର ଲୋକଙ୍କ ଲାଗି ଏହି ଯୋଜନା କରିଛନ୍ତି। ଗତ ସ୍ୱାଧୀନତା ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶୁଭାରମ୍ଭ କରିଥିଲେ। ଏହି ଯୋଜନା ଅଧୀନରେ ଦୁଇଟି ପ୍ରମୁଖ ଉପାଦାନ ରହିଛି। ପ୍ରଥମଟି ହେଲା, ରାଜ୍ୟରେ ଥିବା ୭୦ ଲକ୍ଷ ଆର୍ଥିକ ଅନଗ୍ରସର ପରିବାରକୁ ସାମିଲ କରାଯାଇଛି। ପରିବାରର ମହିଳାଙ୍କ ପାଇଁ ବାର୍ଷିକ ୭ ଲକ୍ଷ ଏବଂ ପୁରୁଷଙ୍କ ନିମନ୍ତେ ବାର୍ଷିକ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ସୁରକ୍ଷା ସୁବିଧା ଯୋଗାଇ ଦିଆଯିବ। ଏ ବାବଦରେ ୨୯୦ କୋଟି ଟଙ୍କା ବ୍ୟୟ କରାଯିବ। ଦ୍ୱିତୀୟତଃ ଉପକେନ୍ଦ୍ରଠାରୁ ଆରମ୍ଭ କରି ଜିଲାମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ମାଗଣା ସ୍ୱାସ୍ଥ୍ୟସେବା ଏବଂ ରାଜ୍ୟରେ ରହିଥିବା ସବୁ ସ୍ୱାସ୍ଥ୍ୟାନୁଷ୍ଠାନଗୁଡିକରେ ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ସୁବିଧା ଉପଲବ୍ଧ ହେବ। ଏଥିରେ କୌଣସି ବ୍ୟକ୍ତିଙ୍କ ଆୟ, ସ୍ଥିତି ଏବଂ ବାସସ୍ଥାନ ବାଧକ ହେବନାହିଁ। ରାଜ୍ୟ ସରକାର ଏ ବାବଦରେ ୭୧୩.୫୨ କୋଟି ଟଙ୍କା ବ୍ୟୟ କରିବେ।

ଯୋଜନା ସମ୍ପର୍କରେ ସ୍ପଷ୍ଟୀକରଣ ଦେବାବେଳେ ଅର୍ଥ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତୁହିନକାନ୍ତ ପାଣ୍ଡେ ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ୍) ବାବଦରେ ଉଲ୍ଲେଖ କରିଥିଲେ। ଦେଶରେ ବିଭିନ୍ନ ଜନସ୍ୱାସ୍ଥ୍ୟ ଯୋଜନାର ରୂପାୟନ ନିମନ୍ତେ ଏନ୍‌ଏଚ୍‌ଏମ୍ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରୁଛି। ଏହା ଆରମ୍ଭ ହେବାଠାରୁ ଦେଶର ବିଭିନ୍ନ ରାଜ୍ୟକୁ ମିଶନ ଅଧୀନ ଯୋଜନାଗୁଡିକୁ ସହାୟତା ଦିଆଯାଉଥିବା ବେଳେ ସେ ବାବଦରେ ଓଡ଼ିଶାକୁ ପ୍ରାୟ ୭୮୫ କୋଟି ଟଙ୍କା ମିଳିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କେନ୍ଦ୍ର ସରକାରଙ୍କ ବିନା ସହାୟତାରେ ଓଡ଼ିଶା ସରକାର ନିଜସ୍ୱ ପାଣ୍ଠିରେ କରିଛନ୍ତି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ଜଟଣୀ ଆଇଆଇସି ନିଲମ୍ବିତ

- ଥାନାର ସମସ୍ତ ଅଫିସରଙ୍କୁ ବଦଳି କରିବାକୁ ସୁପାରିସ

ଭୁବନେଶ୍ୱର, ୫।୯(ବ୍ୟୁରୋ)

ଜଟଣୀ ଥାନା ଆଇଆଇସି ସଞ୍ଜୀବ ମହାନ୍ତି ୫୦ ହଜାର ଟଙ୍କା ଲାଞ୍ଚ ନେଇ ଗିରଫ ହେବା ପରେ ପୋଲିସ କମିଶନର ସତ୍ୟଜିତ ମହାନ୍ତି ତାଙ୍କୁ ନିଲମ୍ବନ କରିଛନ୍ତି। ସ୍ଥାନୀୟ ଲୋକମାନେ ଜଟଣୀ ଥାନାରେ କାର୍ଯ୍ୟରତ ଅନ୍ୟ ପୋଲିସ କର୍ମଚାରୀଙ୍କ ବିରୋଧରେ ଲାଞ୍ଚ ନେବାରେ ସମ୍ପୃକ୍ତ ଥିବା ଅଭିଯୋଗ ଆଣୁଛନ୍ତି। ତେଣୁ ଥାନାରେ ଦୀର୍ଘଦିନ ଧରି କାର୍ଯ୍ୟରତ ଅଫିସରଙ୍କୁ ବଦଳି କରାଯିବା ସହ ସେମାନଙ୍କ ସ୍ଥାନରେ ଦକ୍ଷ ଅଫିସରଙ୍କୁ ନିଯୁକ୍ତି ଦେବା ଲାଗି କମିଶନର ଡିଜିପି ଆର. ପି. ଶର୍ମାଙ୍କୁ ସୁପାରିସ କରିଛନ୍ତି। ସୂଚନା ମୁତାବକ, ଜଟଣୀର ସୁନିଲ ମଙ୍ଗରାଜଙ୍କୁ ୧୧୦ ଦଫାରେ ଫସାଇଦେବାକୁ ଧମକ ଦେଇ ଥାନା ଅଧିକାରୀ ହଇରାଣ କରୁଥିଲେ। ଶେଷରେ ତାଙ୍କୁ ୫୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଥାନା ଅଧିକାରୀଙ୍କ ବ୍ୟବହାରରେ ଅତିଷ୍ଠ ହୋଇଥିବା ସୁନିଲ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଶେଷରେ ଥାନା ବାବୁ ଗତ ସୋମବାର ରାତିରେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ।

{ ଆଜି କ'ଣ କେଉଁଠି ପ୍ରସ୍ତରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

■ ପଥୁରିଆ ଛକରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା

# ବାପ, ପୁଅ ଓ ପୁତୁରାଙ୍କ ମୃତ୍ୟୁ

- ବଡ଼ପାଳ, ପଥୁରିଆ ଛକରେ ରାସ୍ତା ଅବରୋଧ
- ଅଞ୍ଚଳରେ ଶୋକାକୁଳ ପରିବେଶ
- ପୁଅ ଅଭିଷେକଙ୍କ ଥିଲା ଜନ୍ମଦିନ

କୁଜଙ୍ଗ,୫।୯(ସ୍ୱ.ପ୍ର.)

କଟକ-ପାରାଦୀପ ରାସ୍ତାର କୁଜଙ୍ଗ ନିକଟ ପଥୁରିଆ ଛକଠାରେ ବୁଧବାର ଅପରାହ୍ନ ୨ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଗୋଟିଏ ପରିବାରର ବାପ, ପୁଅ ଓ ପୁତୁରାଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ କୁଜଙ୍ଗ ବଡ଼ପାଳ ଗ୍ରାମର ସଂସ୍କୃତ ଶିକ୍ଷକ ପରୀକ୍ଷିତ ଶତପଥୀ (୫୨), ତାଙ୍କ ପୁଅ ଅଭିଷେକ ଶତପଥୀ (୧୧) ଓ ପୁତୁରା ବୈଦ୍ୟନାଥ ଶତପଥୀ(୨୬)। ଏହି ୩ଜଣ ଏକ ସ୍କୁଟିରେ କୁଜଙ୍ଗରୁ ଘରକୁ ଫେରୁଥିଲେ। ଏହି ସମୟରେ କଟକ ପଟରୁ ଆସୁଥିବା ଏକ କାର (କେଏ-୦୩-ଏଇ-୯୭୮୯)ସହ ତାଙ୍କ ସ୍କୁଟି ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ସେମାନଙ୍କ ମୃତ୍ୟୁ ଘଟିଥିଲା। ପୁତୁରା ବୈଦ୍ୟନାଥଙ୍କ ବେକ କଟିଯାଇ ଶରୀରରୁ ସମ୍ପୂର୍ଣ୍ଣ ଅଲଗା ହୋଇଯାଇଥିଲା। କାରରେ ଥିବା ୩ଜଣ ମଧ୍ୟ ଆହତ ହୋଇଥିଲେ। କାର୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡିଥିଲା। ସ୍ଥାନୀୟ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତଙ୍କୁ ଉଦ୍ଧାର କରି କୁଜଙ୍ଗ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାପରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ସେମାନେ ଅପରାହ୍ନରେ ପଥୁରିଆ ଛକଠାରେ ଟାୟାର ଜାଳି କଟକ-ପାରାଦୀପ ରାସ୍ତା ଅବରୋଧ କରିଥିଲେ। ପ୍ରଶାସନ ଓ ପୋଲିସ ସେଠାରେ ପହଞ୍ଚି ରାସ୍ତା ଅବରୋଧ ହଟାଇବାକୁ ଉଦ୍ୟମ କରିଥିଲେ। ତେବେ ଏହି ସମୟରେ ଉତ୍ତେଜନା ତୀବ୍ର ହେବାରୁ ବଡ଼ପାଳଠାରେ ମଧ୍ୟ ରାସ୍ତା ଅବରୋଧ କରାଯାଇଥିଲା। ଏହା ପ୍ରଶାସନକୁ ବ୍ୟଥିତ କରିଥିଲା। ଦିନତମାମ୍ ବର୍ଷାଝଡ଼ ଲାଗି ରହିଥିବାବେଳେ କୁଜଙ୍ଗ ମେଡିକାଲ ଲୋକାରଣ୍ୟ ହୋଇଥିଲା। ୨ଟି ସ୍ଥାନରେ କଟକ-ପାରାଦୀପ ରାସ୍ତା ଅବରୋଧ ଯୋଗୁ ରାସ୍ତାରେ ହଜାର ହଜାର ଗାଡିମୋଟର ଅଟକି ରହି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ରାତି ୭ଟାରେ କୁଜଙ୍ଗ ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା, ଏସ୍‌ଡିପିଓ ଶିବଚରଣ ମଲିକ ଓ କୁଜଙ୍ଗ ଥାନା ଆଇଆଇସି ଦିଲୀପ କୁମାର ସାହୁ ପ୍ରଥମେ ପଥୁରିଆ ଓ ପରେ ବଡ଼ପାଳଠାରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ କ୍ଷତିପୂରଣ ମିଳିବାର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତା ଅବରୋଧ ହଟି ଯାଇଥିଲା। ରେଡ୍‌କ୍ରସ୍ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ପରିକ୍ଷିତ କେନ୍ଦ୍ରାପଡ଼ା ଜିଲା ବାଲିସାହି ହାଇସ୍କୁଲର ସଂସ୍କୃତ ଶିକ୍ଷ ଥିଲେ। ପୁଅ ଅଭିଷେକଙ୍କ ବୁଧବାର ଜନ୍ମଦିନ ଥିଲା। ଏଥିପାଇଁ ବାପପୁଅ ବଜାରକୁ କେକ୍ କିଣିବାକୁ ଯାଇଥିଲେ। କାମସାରି ପରିକ୍ଷିତ ବାଟରୁ ପୁତୁରାଙ୍କୁ ଧରି ଫେରିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଅନ୍ୟପକ୍ଷରେ ଗୁରୁଦିବସରେ ଛାତ୍ରୀଛାତ୍ର ତାଙ୍କ ପ୍ରିୟ ଶିକ୍ଷକଙ୍କୁ ହରାଇ ଦୁଃଖରେ ମ୍ରିୟମାଣ ହୋଇଛନ୍ତି। ଘଟଣାକୁ ନେଇ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଜାତୀୟ ପୁରସ୍କାର ଗ୍ରହଣ କଲେ ଶିକ୍ଷକ ଓମ୍‌ପ୍ରକାଶ



ଗୁରୁଦିବସ ଅବସରରେ ବୁଧବାର ନୂଆଦିଲ୍ଲୀଠାରେ ଉପରାଷ୍ଟ୍ରପତି ଏମ. ଭେଙ୍କାୟା ନାଇଡୁ କୋରାପୁଟ ଜିଲା ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଓମ୍‌କାର ମିଶ୍ରଙ୍କୁ ଶ୍ରେଷ୍ଠ ଶିକ୍ଷକ ଭାବେ ସମ୍ମାନିତ କରୁଛନ୍ତି।

ଜୟପୁର,୫।୯(ଡି.ଏନ୍.ଏ.)

ଗୁରୁଦିବସ ଅବସରରେ ଶ୍ରେଷ୍ଠ ଶିକ୍ଷକ ଭାବେ ଜାତୀୟ ପୁରସ୍କାର ଗ୍ରହଣ କରିଛନ୍ତି କୋରାପୁଟ ଜିଲା ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷକ ଓମ୍‌ପ୍ରକାଶ ମିଶ୍ର। କେନ୍ଦ୍ର ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ବୁଧବାର ପୂର୍ବାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ପୁରସ୍କାର ଭାବେ ମାନପତ୍ର, ରୌପ ପଦକ ଏବଂ ୫୦ ହଜାର ଟଙ୍କାର ଅର୍ଥରାଶି ତାଙ୍କୁ ପ୍ରଦାନ କରାଯାଇଛି। ଦେଶର ବିଭିନ୍ନ ରାଜ୍ୟରୁ ୪୬ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଏହି ସମ୍ମାନ ମିଳିଥିବା ବେଳେ ଓଡ଼ିଶାରୁ ଏକମାତ୍ର ଶିକ୍ଷକ ଭାବେ ଓମ୍‌ପ୍ରକାଶ ଏହି ପୁରସ୍କାର ପାଇଛନ୍ତି। ଏହି ଅବସରରେ ଅନ୍ୟ କୃତୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଓମ୍‌ପ୍ରକାଶ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବାର ସୁଯୋଗ ପାଇଥିଲେ। ପ୍ରଧାନମନ୍ତ୍ରୀ ନିଜ ଟ୍ୱିଟରରେ ଶିକ୍ଷକ ମିଶ୍ରଙ୍କ ଛାତ୍ରବତ୍ସଳତା ଓ ପିଲାଙ୍କୁ ବିଜ୍ଞାନ ଶିକ୍ଷା ଦେବା ପ୍ରଣାଳୀକୁ ପ୍ରଶଂସା କରିଛନ୍ତି। ପୁରସ୍କାର ଗ୍ରହଣ କରିବା ପରେ ତାଙ୍କ ଜୟପୁର ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ଗଭୀର ଆନନ୍ଦ ପ୍ରକାଶ ପାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଶିକ୍ଷକ ଓମ୍‌ପ୍ରକାଶ ୨୦୧୫ରେ ଜିଲାସ୍ତରୀୟ ଓ ୨୦୧୬ରେ ରାଜ୍ୟସ୍ତରୀୟ ଶ୍ରେଷ୍ଠ ଶିକ୍ଷକ ଭାବେ ପୁରସ୍କୃତ ହୋଇଥିଲେ।

# ଭଦ୍ରକ ଜେଲରଙ୍କ ନାଁରେ ବଳାତ୍କାର ଅଭିଯୋଗ

- ମହିଳା କମିଶନଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତା
- ପୂର୍ବରୁ ଇଞ୍ଜିନିୟରିଂ ଛାତ୍ରୀଙ୍କୁ ପ୍ରତାରଣା କରିଥିବା ଅଭିଯୋଗ ହୋଇଥିଲା

ଭଦ୍ରକ ଅଫିସ/ଭୁବନେଶ୍ୱର(ବ୍ୟୁରୋ),୫।୯

ଜଣେ ଇଞ୍ଜିନିୟରିଂ ଛାତ୍ରୀଙ୍କୁ ବିବାହ କରି ପ୍ରତାରଣା କରିବା ଅଭିଯୋଗର ୩ଦିନ ନ ବିତୁଣୁ ପୁଣି ଥରେ ବିବାଦ ଘେରକୁ ଆସିଛନ୍ତି ଭଦ୍ରକ ଜେଲର ଚିନ୍ମୟ ପାତ୍ର। ଏଥର ତାଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଛନ୍ତି ଜଣେ ମହିଳା। ବରଗଡ଼ ଜିଲାର ସମ୍ପୃକ୍ତ ମହିଳା ଏ ସମ୍ପର୍କରେ ବୁଧବାର ମହିଳା କମିଶନରେ ଅଭିଯୋଗ କରିଛନ୍ତି। ରଙ୍ଗ୍ ନମ୍ବରରୁ କଲ୍ ଜରିଆରେ ଜେଲର ଚିନ୍ମୟଙ୍କ ସହିତ ଉକ୍ତ ମହିଳାଙ୍କର ପରିଚୟ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନ ହୋଇଥିଲା। କିନ୍ତୁ ଚିନ୍ମୟ ସମ୍ପୃକ୍ତ ମହିଳାଙ୍କୁ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରିଥିଲେ। ମହିଳା ଜଣକ ବାରମ୍ବାର ବାରଣ କରିବା ସତ୍ତ୍ୱେ ଚିନ୍ମୟ ତାଙ୍କୁ ବଳାତ୍କାର କରିଥିଲେ। ଚିନ୍ମୟ ଜଣେ ଇଞ୍ଜିନିୟରିଂ ଛାତ୍ରୀଙ୍କୁ ପ୍ରେମ ଜାଲରେ ଫସାଇ ବିବାହ କରି ପ୍ରତାରଣା କରିଥିବା ନେଇ ଗଣମାଧ୍ୟମରୁ ଜାଣିବା ପରେ ତାଙ୍କ ବିରୋଧରେ ଅଭିଯୋଗ କରିବାକୁ ସାହସ ହୋଇଥିଲା ବୋଲି ମହିଳା ଜଣକ କହିଛନ୍ତି। ଅଭିଯୁକ୍ତ ଜେଲରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇ ତାଙ୍କୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ପୀଡ଼ିତା ମହିଳା କମିଶନଙ୍କ ନିକଟରେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଗତ ୨ ତାରିଖରେ ଜେଲର ଚିନ୍ମୟଙ୍କ ବିରୋଧରେ କେନ୍ଦ୍ରାପଡାର ଜଣେ ଯୁବତୀ ଭଦ୍ରକ ଟାଉନ ଥାନାରେ ପ୍ରତାରଣା ଅଭିଯୋଗ କରିଥିଲେ। ସେ ବାଲେଶ୍ୱରରେ ଇଞ୍ଜିନିୟରିଂ ପଢୁଥିବାବେଳେ ତାଙ୍କୁ ଫେସବୁକ୍‌ରେ ଚିନ୍ମୟ ଫ୍ରେଣ୍ଡ ରିକ୍ୟୁଏଷ୍ଟ ପଠାଇଥିଲେ। ଉଭୟଙ୍କ ମଧ୍ୟରେ ପରିଚୟ ହେବା ପରେ ଚିନ୍ମୟ ତାଙ୍କୁ ମୟୂରଭଞ୍ଜର ଖିଚିଂ ମନ୍ଦିରରେ ୨୦୧୭ରେ ବିବାହ କରିଥିଲେ। ପ୍ରାୟ ୨ ମାସ ଧରି ସେ ଚିନ୍ମୟଙ୍କ ସହିତ ଜେଲ୍ କ୍ୱାର୍ଟର୍ସରେ ରହିଥିଲେ। ମାତ୍ର ଚିନ୍ମୟ ପୂର୍ବରୁ ବିବାହିତ ଥିବା ସେ ଏହି ସମୟରେ ଜାଣିବାକୁ ପାଇଥିଲେ। ଏହା ପରେ ସେ ତାଙ୍କଠାରୁ ଦୂରେଇଯିବାକୁ ଉଦ୍ୟମ କରିଥିଲେ। ଫଳରେ ଚିନ୍ମୟ ତାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ରଖି ବ୍ଲାକମେଲ କରୁଥିଲେ ବୋଲି ଯୁବତୀ ଜଣକ ଅଭିଯୋଗରେ ଦର୍ଶାଇଥିଲେ। ଏ ନେଇ ଭଦ୍ରକ ଟାଉନ ଥାନାରେ ଏକ ମାମଲା(୨୨୫/୧୮) ରୁଜୁ ହୋଇଛି। ଏ ସମ୍ପର୍କରେ ଜେଲ ଏଡିଜି ବିନୟାନନ୍ଦ ଝା କହିଛନ୍ତି, ଇଞ୍ଜିନିୟରିଂ ଛାତ୍ରୀଙ୍କୁ ନିର୍ଯାତନା ଦେବା ଘଟଣାର ତଦନ୍ତ ସରିଛି। ବର୍ତ୍ତମାନ ତାଙ୍କୁ କଳାହାଣ୍ଡି ଜିଲା ଏମ୍ ରାମପୁର ସବ୍ ଜେଲକୁ ବଦଳି କରାଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ସୁଦ୍ଧା ଭଦ୍ରକ ଜେଲରେ ବିଭିନ୍ନ ପଦବୀରେ ଅବସ୍ଥାପିତ ହୋଇଥିବା କେତେଜଣ ଅଧିକାରୀ ଅନେକ ସମୟରେ ବିବାଦ ଘେରକୁ ଆସିଛନ୍ତି। ୨୦୧୭ରେ ତତ୍କାଳୀନ ଜେଲର ସୁନାରାମ ସିଂ ଜେଲକୁ ବିଭିନ୍ନ ସାମଗ୍ରୀ ଯୋଗାଉଥିବା ଜଣେ ଠିକାଦାରଙ୍କଠାରୁ ଚେକ୍ ଆକାରରେ ୫ ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ସେହିପରି ସବ୍‌ଜେଲର ସ୍ମିତାରାଣୀ ଖଟୁଆ ମଧ୍ୟ ଅନୁରୂପ ଭାବେ ଲାଞ୍ଚ ନେବା ଅଭିଯୋଗରେ ଅନ୍ୟତ୍ର ବଦଳି ହୋଇଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୬ ସେପ୍ଟେମ୍ବର, ୨୦୧୮



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ହୀରାକୁଦ ଡ୍ୟାମ ଜଳସ୍ତର ୬୨୪.୨୭ ଫୁଟ

**ସମ୍ବଲପୁର, ୫।୯ (ବ୍ୟୁରୋ)**- ହୀରାକୁଦ ଡ୍ୟାମକୁ ପ୍ରତି ସେକେଣ୍ଡରେ ୧ଲକ୍ଷ ୧୬ ହଜାର ୮୭୯ କ୍ୟୁସେକ୍ ଜଳ ପ୍ରବେଶ କରୁଛି । ତେଣୁ ହୀରାକୁଦ ଡ୍ୟାମର ଜଳସ୍ତର ବୁଧବାରରାତି ୯ଟା ସୁଦ୍ଧା ୬୨୪. ୨୭ ଫୁଟ ରହିଛି । ଏହାକୁ ଦୃଷ୍ଟିରେ ରଖି ୫ଟି ସ୍ଲୁଇସ୍ ଗେଟ ଖୋଲାଯାଇଛି । ଡ୍ୟାମ ବାମ ପାର୍ଶ୍ୱର ୩ଟି ଓ ଡାହାଣ ପାର୍ଶ୍ୱର ୨ଟି ସ୍ଲୁଇସ୍ ଗେଟ ଦେଇ ବନ୍ୟା ଜଳ ନିଷ୍କାସନ କରାଯାଉଛି । ସେହିପରି ଜଳ ଭଣ୍ଡାରରୁ ପ୍ରତି ସେକେଣ୍ଡରେ ୫ଟି ସ୍ଲୁଇସ ଗେଟ୍ ସହ ବରଗଡ, ଶାସନ, ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରୀ, ପାୱାର ଚ୍ୟାନେଲ୍ ମାଧମରେ ୯୪, ୪୩୦ କ୍ୟୁସେକ୍ ଜଳ ନିଷ୍କାସନ କରାଯାଇଥିବା ବୁର୍ଲା ସ୍ଥିତ ମୁଖ୍ୟ କଣ୍ଟ୍ରୋଲ ରୁମ ପକ୍ଷରୁ ସୂଚିତ କରାଯାଇଛି । ଗତ ୨୪ ଘଣ୍ଟା ମଧରେ ସମ୍ବଲପୁର ଜିଲାରେ ୮୨.୭ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ଯୁଯୁମୁରା ୧୦.୦, ରେଙ୍ଗାଲିରେ ୧୧.୨, ମାନେଶ୍ୱରରେ ୩.୦, କୁଚିଣ୍ଡାରେ ୧୮.୨, ରେଢ଼ାଖୋଲରେ ୯.୦, ନାକଟିଦେଉଳରେ ୧୦.୦, ବାମରା ୧.୮, ଜମନକିରା ୧୬.୨, ଧନକଉଡା ୩.୧ ମିମି ବର୍ଷା ହୋଇଛି ।

### ବିଶ୍ୱ ହିନ୍ଦୁ ପରିଷଦ ପ୍ରତିଷ୍ଠା ଦିବସ

**ସମ୍ବଲପୁର,୫।୯(ବ୍ୟୁରୋ)**- ବିଶ୍ୱ ହିନ୍ଦୁ ପରିଷଦ ପ୍ରତିଷ୍ଠା ଦିବସ ଓ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ବଳିଦାନ ଦିବସ ବୁଧବାର ରାତିରେ ଲାୟନ୍ସ କ୍ଲବ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ରାଉରକେଲା ଇସ୍ପାତ କାରଖାନା ଅଧିକାରୀ ବ୍ୟୋମକେଶ ପଣ୍ଡା, ସମ୍ବଲପୁର ସଂଘ କାଯର୍ୟ୍ୟକର୍ତ୍ତା ପ୍ରଫୁଲ୍ଲ ନାୟକ, ସଂଗଠନ ମନ୍ତ୍ରୀ ଶରତ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ । ଓଡିଶା ଗୋ ରକ୍ଷକ ପ୍ରମୁଖ ବିଜୟ କୁମାର ସାହୁ ସ୍ୱାଗତ ସଂଗୀତ ଗାନ କରିଥିଲେ। ନଗର ସଭାପତି ପ୍ରଦୀପ ସୁପକାର, ସମ୍ପାଦକ ଚନ୍ଦ୍ରକାନ୍ତ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### କଲେଜ ଛାତ୍ରୀ ନିଖୋଜ, ଥାନାରେ ଅଭିଯୋଗ

**ସମ୍ବଲପୁର, ୫।୯(ବ୍ୟୁରୋ)**- ସମ୍ବଲପୁର ଜିଲା ଧନୁପାଲି ଥାନା ବୁଠାପଡା ଅଞ୍ଚଳର ଜଣେ ଯୁକ୍ତ ଦୁଇ ପ୍ରଥମ ବର୍ଷ ଛାତ୍ରୀ ନିଖୋଜ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଛାତ୍ରୀଙ୍କ ବାପା ସଂକୀର୍ତ୍ତନ ମହାନନ୍ଦ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ତାଙ୍କ ଝିଅ ମଙ୍ଗଳବାର ହୀରାକୁଦ କଲେଜକୁ ପାଠ ପଢିବାକୁ ଯାଇଥିଲେ । ହେଲେ ଝିଅ ଫେରିନାହାନ୍ତି ବୋଲି ଅଭିଯୋଗ କରିଥିଲେ । ଏ ନେଇ ପୋଲିସ ଏକ ମାମଲା ରୁଜୁ କରିତଦନ୍ତ କରୁଛି ।



ଜଗନ୍ନାଥ ମନ୍ଦିରରେ ପୂଜା କାର୍ଯ୍ୟ ସମୟରେ ଭକ୍ତ ଓ ଶ୍ରଦ୍ଧାଳୁ।

ଇନ୍ଦ୍ରଦେବଙ୍କ ପର୍ବ

# ଜମନକିରା ଉତ୍ସବ ମୁଖର

**ଜମନକିରା, ୫ । ୯ (ଡି.ଏନ୍.ଏ)**

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ସଦର ମହକୁମାରେ ବୁଧବାର ପ୍ରତିକୂଳ ପରିବେଶ ସତ୍ତ୍ୱେ ଧୁମ୍‌ଧାମ୍‌ରେ ଇନ୍ଦ୍ରଦେବଙ୍କ ପର୍ବ ପାଳନ କରାଯାଇଛି। ସବୁ ବର୍ଷ ପରି ଚଳିତବର୍ଷ ଇନ୍ଦ୍ର ପୂଜା ପୂର୍ବାହ୍ନ ସାଢ଼େ ୧୦ଟାରେ ଆରମ୍ଭ ହୋଇଥିଲା। ପ୍ରବଳ ବର୍ଷା ଯୋଗୁ ଇନ୍ଦ୍ର ଡୁଙ୍ଗୁରିଠାରେ ପୂଜା ସମ୍ଭବ ନ ହେବାରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପୂଜା କାର୍ଯ୍ୟ ହୋଇଥିଲା। ଜମନକିରା ବିକାଶ ପରିଷଦର ସଭପତି ତଥା ଇନ୍ଦ୍ର ପୂଜା କମିଟିର ସଂଯୋଜକ ଗୋକୁଳାନନ୍ଦ ଦାନୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ପୂଜକ ଭାବେ ଅଶୋକ ପାଣିଗ୍ରାହି କାର୍ଯ୍ୟ ତୁଲାଇଥିଲେ। କର୍ତ୍ତା ଭାବେ ନବନ ପଟେଲ ପୂଜାକାର୍ଯ୍ୟ ସମାପନ କରିଥିଲେ। ଏଥିରେ ସଂକିର୍ତ୍ତନ ମଣ୍ଡଳୀ, ଦଣ୍ଡ, କୃଷ୍ଣ ଗୁରୁ ଆଦି ପରିବେଷିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଡ଼ିଓ ମୁରଲୀଧର ନାୟକ ଯୋଗ ଦେଇଥିଲେ। ବିକାଶ ପରିଷଦର ସଭାପତି ଦାନୀଙ୍କ ସମେତ ଉପସଭାପତି ରବୀନ୍ଦ୍ର କୁମାର ମଲ୍ଲିକ, ସମ୍ପାଦକ ସରୋଜ ପଟ୍ଟନାୟକ, ସହ ସମ୍ପାଦକ ସାଲେକରାମ ପଧାନ, କୋଷାଧ୍ୟକ୍ଷ ଅମରେଶ୍ୱର ସ୍ୱାଇଁ ମାର୍ଗ ଦର୍ଶକ କମିଟିର ମୁଖ୍ୟ ସନ୍ତୋଷ ପଟ୍ଟନାୟକ, ଅକ୍ଷୟ ଦ୍ୱିବେଦୀ, ଲକ୍ଷ୍ମଣ ନାଏକ, ବିରେନ୍ଦ୍ର କାରୱାର, ଅକ୍ଷୟ ଦାସ, ଝସକେତନ ଦାଶ, ବାବୁଲୁ ନାଏକ, ଖେଡ଼ା କିସାନ, ଆନନ୍ଦ ନାଏକ, ଅମୃତ ମହାକୁଳ, ସତ୍ୟପ୍ରିୟ ମହାପାତ୍ର, ସତ୍ୟନାରାୟଣ ସାହୁ, କ୍ଷମାନିଧି ରାଉତ, ସପନ ଦେବନାଥ, ଉଦୟନାଥ ପଟ୍ଟନାୟକ, ରବୀନ୍ଦ୍ର ଦାନୀ, ସାବିତ୍ରୀ ନାଏକ, ମିତାରାଣୀ ରଥ, ମହିନୀ ନାଏକ, ମୌସୁମୀ ପଧାନ, ମଙ୍ଗୁଳୀ ଦେହୁରୀ, ସିନ୍ଧୁସୁତା ନାଏକ, ଶାନ୍ତି ରାଓ, ସୁମିତ୍ରା ସେଠ, ଅନିରୁଧ ବେହେରା, ଉପେନ୍ଦ୍ର ପଧାନ, ଭୁବନେଶ୍ୱର ପଧାନ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ ସମାପନ ହୋଇଥିଲା। ପରେ ସମସ୍ତଙ୍କ ପାଇଁ ଅର୍ଣ୍ଣପ୍ରାସାଦର ବ୍ୟବସ୍ଥା କରାଯାଇଥିଲା।

## ସମ୍ବଲ ସଭ୍ୟମାନେ ଶବ ଉଦ୍ଧାର କଲେ

**ସମ୍ବଲପୁର, ୫।୯ (ବ୍ୟୁରୋ)**

ସମ୍ବଲପୁର ସମଲେଶ୍ୱରୀ ମନ୍ଦିର ସମ୍ମୁଖରେ ଭିକ୍ଷାବୃତ୍ତି କରି ଚନ୍ଦନ ନାଗ (୬୫) ଜୀବନ ଅତିବାହିତ କରୁଥିଲେ । ମଙ୍ଗଳବାର ରାତିରେ ଚନ୍ଦନଙ୍କ ମୃତ୍ୟୁ ହୋଇଥିଲା । କିନ୍ତୁ ମନ୍ଦଲିଆରେ ରହୁଥିବା ଚନ୍ଦନଙ୍କ ସ୍ତ୍ରୀ ଓ ମାନିସିକ ରୋଗରେ ପୀଡ଼ିତ ପୁତ୍ର ଜାଣି ପାରିନଥିଲେ । ବୁଧବାର ମନ୍ଦଲିଆ ଅଞ୍ଚଳବାସୀ ସମ୍ବଳ ସହ ଯୋଗାଯୋଗ କରିଥିଲେ । ସମ୍ବଳ ସଦସ୍ୟ ରାମଦାସ ପଣ୍ଡା, ବଷ୍ଣୁ ନାୟକ, ଅଭିନାଷ ସୁପକାର, ସଞ୍ଜିବ ସୁପକାର, ଡିଲୁ ରାୟ, ବିକୁନ ଦୁବାଇ ପ୍ରମୁଖ ଶବ ଉଦ୍ଧାର କରିଥିଲେ । ଏହାପରେ ରାଜଘାଟଠାରେ ସେମାନେ ଶବ ସତ୍କାର କରିଛନ୍ତି ।

## ରାସ୍ତା କାମରେ ଅନିୟମିତତା ଅଭିଯୋଗ

**ସମ୍ବଲପୁର,୩୦।୮(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଘେନୁପାଲି ପଞ୍ଚାୟତ ଘେନୁପାଲିଛକଠାରୁ ଯାଇଥିବା ଗ୍ରାମ୍ୟ ରାସ୍ତାରେ ନିମ୍ନମାନର କାମ ଯୋଗୁ କଲଭର୍ଟ ଧୋଇ ହୋଇଯାଇଛି। ଏଣୁ ରାସ୍ତା କାମରେ ଅନିୟମିତତା ଅଭିଯୋଗ ହୋଇଛି। ଏହି ରାସ୍ତା ଦେଇ ସେମେଲେଟିକ୍ରା, ପାନୁପଡ଼ା, ସାନସାହିର ଗ୍ରାମ ରହିଛି। ସୂଚନାଯୋଗ୍ୟ ଯେ, ୨୦୧୭-୧୮ ଆର୍ଥିକ ବର୍ଷ ମହାତ୍ମାଗାନ୍ଧୀ କର୍ମ ନିଯୁକ୍ତି ଯୋଜନାରେ ରାସ୍ତା ନିର୍ମାଣ ପାଇଁ ୮ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ହେଲେ ସ୍ଥାନୀୟ ଜଣେ ନେତା ଏହି କାମ ପରୀକ୍ଷାମୂଳକ ଭାବେ କରିଥିଲେ। ମାଟି ଓ ଡଷ୍ଟ ପକାଇ ସେ ଉକ୍ତ ଟଙ୍କା ଉଠାଇ ନେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଗ୍ରାମବାସୀ ଜିଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଅବଗତ କରାଇଛନ୍ତି।



ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଘେନୁପାଲି ଗ୍ରାମ ରାସ୍ତାରେ ଧୋଇ ହୋଇଥିବା ବ୍ରିଜ୍ ।





ବୁଧବାର ସମ୍ବଲପୁରରେ କମେଡିଆନ୍ ନମ୍ବର ୱାନ ଲୋଗ ଉନ୍ମୋଚନ କରାଯାଉଛି ।

## ୯ରେ କମେଡିଆନ୍ ନମ୍ବର ୱାନ୍ କାର୍ଯ୍ୟକ୍ରମ

**ସମ୍ବଲପୁର,୫।୯ (ବ୍ୟୁରୋ)**

ପଶ୍ଚିମ ଓଡ଼ିଶାରେ ପ୍ରଥମଥର କମେଡିଆନ୍ ନମ୍ବର ୱାନ୍ ଅଡିସନ୍ ଚଳିତ ମାସ ୯ ତାରିଖ ସମ୍ବଲପୁରସ୍ଥିତ ଓଡିଶା ସାଂସ୍କୃତିକ ସମାଜ ଭବନଠାରେ ହେବ। ଏଥିରେ ପଶ୍ଚିମ ଓଡ଼ିଶା ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରତିଯୋଗୀମାନେ ଭାଗ ନେବେ। ଏଥିପାଇଁ କୌଣସି ପ୍ରକାର ଦେୟ ଦେବାକୁ ପଡ଼ିବ ନାହିଁ। ପର୍ଯ୍ୟାୟ କ୍ରମେ ଅଡିସନ ହେବ। ଫାଇନାଲ ରାଉଣ୍ଡରେ ୧୦ଜଣଙ୍କ ମଧ୍ୟରୁ ୬ଙ୍କୁ ଚୟନ କରାଯିବ । ବିଜେତାଙ୍କୁ ୨୫ ହଜାର ନଗଦ ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରାଯିବ। ବୁଧବାର ସମ୍ବଲପୁର ବୀରସୁରେନ୍ଦ୍ର ସାଏ ମାର୍ଗସ୍ଥିତ ଡ୍ୟାନ୍ସ ଫ୍ଲୋର୍‌ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପାଣିନୀ ପ୍ରାଜ୍ଞ ଏହି ସୂଚନା ଦେଇଛନ୍ତି। ସେ ଆହୁରି କହିଥିଲେ ଯେ, ଏହି ରିୟଲିଟି ଶୋରେ କମିଡିଆନ୍ ନମ୍ବର ୱାନଙ୍କୁ ସମ୍ବଲପୁରୀ ଚଳଚ୍ଚିତ୍ର ଓ ୟୁ-ଟ୍ୟୁବ୍ ଚ୍ୟାନେଲରେ ଅଭିନୟ କରିବାର ସୁଯୋଗ ଦିଆଯିବ। ଖବରଦାତା ସମ୍ମିଳନୀରେ ନୃତ୍ୟଗୁରୁ ତଥା ସମ୍ବଲପୁରୀ ଆଲବମ୍ ଅଭିନେତା ପ୍ରମୋଦ ମହାପାତ୍ର, ଶଙ୍କର ରାୟ ଓ ଶାନ୍ତନୁ ହୋତା ଉପସ୍ଥିତ ଥିଲେ। ଏହି ଅବସରରେ କାର୍ଯ୍ୟକ୍ରମର ଲୋଗ ଉନ୍ମୋଚନ କରାଯାଇଥିଲା ।

## ଜିଲାସ୍ତରୀୟ ଗୁରୁ ଦିବସ ପାଳିତ

**ସମ୍ବଲପୁର, ୫।୯ (ବ୍ୟୁରୋ)**

ଜିଲାସ୍ତରୀୟ ଗୁରୁ ଦିବସ ବୁଧବାର ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲସ୍ଥିତ ମନମୋହନ ପଟ୍ଟନାୟକ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ଶିକ୍ଷା ପରିବାର ଓ ଜିଲା ଶିକ୍ଷା ଅଫିସ ମିଳିତ ଆୟୋଜନ ଓ ଜିଲା ଶିକ୍ଷା ଅଧିକାରୀ ଡ. ପ୍ରମୋଦ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଉତ୍ସବ ହୋଇଥିଲା । ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା, ଜିଲାପାଳ ସମର୍ଥ ବର୍ମା, ପୂର୍ବତନ ଶିକ୍ଷା ମଣ୍ଡଳାଧିଶ ଅରବିନ୍ଦ ମହାପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସମାଜରେ ଗୁରୁ ଶିଷ୍ୟ ପରମ୍ପରା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସୌଦାମିନୀ ପଟେଲ ଓ ହରିନାରାୟଣ ପଣ୍ଡା (୨୦୧୩), ରାମକୃଷ୍ଣ ରଥ (୨୦୧୪), କ୍ଷୀରୋଦ୍ର ପ୍ରଧାନ (୨୦୧୫) ଓ ସୁମିତ୍ରା ପତ୍ରି (୨୦୧୬)ଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା । ସେହିପରି ସଂସ୍କୃତ ବିଭାଗରେ ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଶ୍ୟାମସୁନ୍ଦର ପଣ୍ଡା (୨୦୧୬)ଙ୍କୁ ମଧ ସମ୍ବର୍ଦ୍ଧନା ଦିଆଯାଇଥିଲା । ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଦୟାନିଧି ପୂଜାରୀ ଧନ୍ୟବାଦ ଦେଇଥିଲେ। ସଭା ପ୍ରାରମ୍ଭରୁ ବୁଢ଼ାରଜା ନୋଡାଲ ହାଇସ୍କୁଲର ଛାତ୍ରୀଛାତ୍ର ସମୂହ ଗୁରୁବନ୍ଦନା କରିଥିଲେ । ଏହାପରେ ପୂର୍ବତନ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଡ. ଗୌରିଦାସ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ସତ୍ୟନାରାୟଣ ରାୟଗୁରୁ ଓ ଜିଲା ବିଜ୍ଞାନ ନିରୀକ୍ଷିକା ଦିପାଲି ଚୌଧୁରୀ ଉତ୍ସବ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ୯ ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ, ପ୍ରଧାନଶିକ୍ଷୟିତ୍ରୀ ଓ ଶିକ୍ଷକ ସାମିଲ ଥିଲେ । ଲେଡିଲୁଇସ୍ ଗାର୍ଲ୍ସ ହାଇସ୍କୁଲ, ବୁଢ଼ାରଜା ନୋଡାଲ ହାଇସ୍କୁଲ, ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ, ବୁର୍ଲା ଗାର୍ଲ୍ସ ହାଇସ୍କୁଲ, ହୀରାକୁଦ ଗାର୍ଲ୍ସ ହାଇସ୍କୁଲର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।



ବୁଧବାର ସମ୍ବଲପୁର ଜିଲାସ୍ତରୀୟ ଗୁରୁ ଦିବସ ଉତ୍ସବରେ ସମ୍ବର୍ଦ୍ଧିତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଅତିଥିଙ୍କ ସହ ।



ସମ୍ବଲପୁର ଜିଲାସ୍ତରୀୟ ଗୁରୁ ଦିବସ ଉତ୍ସବରେ ଲେଡିଲୁଇସ୍ ଗାର୍ଲ୍ସ ହାଇସ୍କୁଲର ଛାତ୍ରୀମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି ।

## ଶାସନ ବିଦ୍ୟାଳୟରେ ଗୁରୁ ଦିବସ : ଶପଥପାଠ

**ସମ୍ବଲପୁର,୫।୯ (ବ୍ୟୁରୋ)**

ସମ୍ବଲପୁର ଜିଲା ଶାସନ ସ୍କୁଲରେ ଗୁରୁଦିବସ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଦୟାନିଧି ପୁରୋହିତଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ଶିକ୍ଷୟିତ୍ରୀ ଅନୁପମା ବିଶ୍ୱାଳ ଯୋଗଦେଇ ରାଧାକୃଷ୍ଣନ୍‌ଙ୍କ ଜୀବନି ଉପରେ ଆଲୋକପାତ କରିଥିଲେ । ଶିକ୍ଷୟିତ୍ରୀ ରୀତାଞ୍ଜଳି ଶତପଥି ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରୀ ବିଣା ମହାନନ୍ଦ ଗୁରୁ ବନ୍ଦନା ଗାନ କରିଥିଲେ। ଏହି ଅବସରରେ ସ୍ୱଚ୍ଛତା ଶପଥ ପାଠ କରାଯାଇଥିଲା ।

## ରାଧାମଦନ ଗୋପାଳ ମନ୍ଦିରରେ ଭକ୍ତିନୃତ୍ୟ

**ସମ୍ବଲପୁର,୫।୯ (ବ୍ୟୁରୋ)**

ସାକ୍ଷୀପଡ଼ାସ୍ଥିତ ରାଧା ମଦନ ଗୋପାଳ ମନ୍ଦିର ପରିସରରେ ଜନ୍ମାଷ୍ଟମୀ ଅବସରରେ ଭକ୍ତି ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଝଙ୍କାର ଡ୍ୟାନ୍ସ ଗ୍ରୁପର କୁନି କାଳାକାରମାନେ ଏଥିରେ ସାମିଲ ହୋଇଥିଲେ। ଝଙ୍କାର ଡ୍ୟାନ୍ସ ଗ୍ରୁପର ନିର୍ଦ୍ଦେଶିକା ପଙ୍କଜିନୀ ବୈଠାରୁଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ଶ୍ରୀରୂପା କର, ଅସ୍ମିତା ମିଶ୍ର, ରଶ୍ମିରେଖା ମିଶ୍ର, ଦେବାଂଶୀ ଷଡ଼ଙ୍ଗୀ, ଅଭିପ୍ସା ଠାକୁର, ଆଶୀ ଅଗ୍ରୱାଲ, ଶୁଭଶ୍ରୀ ଦାଶ, ପ୍ରତିଶୃତି ପଣ୍ଡା, ରିମଝିମ ପ୍ରଧାନ, ଜ୍ୟୋତିର୍ମୟୀ ମହାରଣା ଓ ଆଦ୍ୟାଶା ବିଶି ଭକ୍ତି ଗୀତରେ ନୃତ୍ୟ ପରିବେଷଣ କରିଥିଲେ ।



ସମ୍ବଲପୁର ରାଧାମଦନ ଗୋପାଳ ମନ୍ଦିରରେ ଭକ୍ତିନୃତ୍ୟ ପରିବେଷଣ କରିଥିବା କୁନି କଳାକାରମାନେ ।

## ଜିଏମୟୁରେ ସ୍ନାତକୋତ୍ତର ହିନ୍ଦୀ ବିଭାଗ ଉଦ୍‌ଘାଟିତ



ଜିଏମୟୁ ଅମୃତ ବିହାର ପରିସରସ୍ଥ ଅଧାପନ ପ୍ରକୋଷ୍ଠ-୧ ଠାରେ ବୁଧବାର ସ୍ନାତକୋତ୍ତର ହିନ୍ଦୀ ବିଭାଗ ଉଦଘାଟିତ ଉତ୍ସବରେ ଅତିଥିମାନେ ।

**ସମ୍ବଲପୁର,୫।୯ (ବ୍ୟୁରୋ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ) ଅମୃତ ବିହାର ପରିସରସ୍ଥ ଅଧାପନ ପ୍ରକୋଷ୍ଠ-୧ ଠାରେ ବୁଧବାର ସ୍ନାତକୋତ୍ତର ହିନ୍ଦୀ ବିଭାଗ ଉଦ୍‌ଘାଟିତ ହୋଇଯାଇଛି। କୁଳପତି ପ୍ରଫେସର ଅତନୁ କୁମାର ପତିଙ୍କ ଅଧକ୍ଷତାରେ ଉତ୍ସବ ହୋଇଥିଲା। ଗଙ୍ଗାଧର ମେହେର ସ୍ୱୟଂ ସାଶିତ କଲେଜ ଅବସରପ୍ରାପ୍ତ ହିନ୍ଦୀ ପ୍ରଫେସର କିର୍ତିପ୍ରକାଶ ଗୁପ୍ତା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ସମ୍ବଲପୁର ବିଶ୍ୱବିଦ୍ୟାଳୟ ହିନ୍ଦୀ ବିଭାଗର ସଂଯୋଜକ ଡ. ମୂରଲୀଲାଲ ଶର୍ମା, ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ହିନ୍ଦୀ ବିଭାଗୀୟ ମୁଖ୍ୟ ଡ. କୁନା ପଣ୍ଡା, ଭୁବନେଶ୍ୱର ବିଜେବି ସ୍ୱୟଂ ସାଶିତ କଲେଜ ହିନ୍ଦୀ ବିଭାଗୀୟ ମୁଖ୍ୟ ଡ. ଜିଏମ ଖାନ୍, ବରଗଡ ପଞ୍ଚାୟତ କଲେଜ ପ୍ରାଧାପକ ଡ. କମଳପ୍ରଭା କପାନି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଏମୟୁ ବିଭାଗୀୟ ମୁଖ୍ୟ ଡ. ସଦନ କୁମାର ପାଲ ଅତିଥି ପରିଚୟ ପ୍ରଦାନ, ଡେପୁଟି ରେଜିଷ୍ଟ୍ରାର ଉମାଚରଣ ପତି ସୂଚନା ପ୍ରଦାନ, କୁଳସଚିବ ଗିରିଶ ଚନ୍ଦ୍ର ସିଂ ସ୍ୱାଗତ ଭାଷଣ ଓ କାଯର୍ୟକ୍ରମ ସଂଯୋଜକ ଡ. ଜ୍ୟୋତି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଚଳିତ ଶିକ୍ଷା ବର୍ଷ ଠାରୁ ସ୍ନାତକୋତ୍ତର ହିନ୍ଦୀ ବିଭାଗ ପାଠ ପଢ଼ା ଆରମ୍ଭ ହେବା ସହ ଛାତ୍ରୀଛାତ୍ରମାନେ ଗବେଷଣା ମଧ କରିପାରିବେ ବୋଲି କୁଳପତି ସୂଚନା ଦେଇଥିଲେ ।

## ୧୨,୭୯୦ କୋଟିର ...

### ଅତିରିକ୍ତ ବଜେଟରେ ବିଭାଗୱାରି ବ୍ୟୟ ବରାଦ

| ଦାବି ନଂ | ବିଭାଗ | ୨୦୧୮-୧୯ (ବଜେଟ୍ ଅଟକଳ) | ଅତିରିକ୍ତ ବ୍ୟୟ ବରାଦ | ମୋଟ |
|---|---|---|---|---|
| (୧) | (୨) | (୩) | (୪) | (୫) |
| ୧. | ସ୍ୱରାଷ୍ଟ୍ର ବିଭାଗ | ୫୨୭୪.୩୯ | ୨୭୩.୦୭ | ୫୫୪୭.୪୬ |
| ୨. | ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ | ୪୦୩.୭୪ | ୧୧୭.୪୫ | ୫୨୧.୧୯ |
| ୩. | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ | ୧୦୭୩.୮୨ | ୧୧.୮୯ | ୧୦୮୫.୭୧ |
| ୪. | ଆଇନ ବିଭାଗ | ୩୪୫.୧୦ | ୪୮.୬୭ | ୩୯୩.୭୭ |
| ୫. | ଅର୍ଥ ବିଭାଗ | ୨୪୫୩୦.୧୭ | ୩୫୦.୦୦ | ୨୪୮୮୦.୧୭ |
| ୬. | ବାଣିଜ୍ୟ ବିଭାଗ | ୮୫.୭୦ | ୯.୫୨ | ୯୫.୨୨ |
| ୭. | ନିର୍ମାଣ ବିଭାଗ | ୪୨୬୪.୮୮ | ୨୮୪.୩୫ | ୪୫୪୯.୨୩ |
| ୮. | ଓଡିଶା ବିଧାନସଭା | ୬୩.୫୪ | ୦.୦୦୦୨ | ୬୩.୫୪୦୨ |
| ୯. | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ | ୧୧୪୮.୫୬ | ୮୯.୪୦ | ୧୨୩୭.୯୬ |
| ୧୦. | ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | ୧୪୪୮୭.୧୦ | ୧୨୧୦.୧୨ | ୧୫୬୯୭.୨୨ |
| ୧୧. | ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ | ୩୪୧୩.୫୫ | ୪୩୫.୪୬ | ୩୮୪୯.୦୧ |
| ୧୨. | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ | ୬୧୫୯.୯୬ | ୪୦୦.୬୦ | ୬୫୬୦.୫୬ |
| ୧୩. | ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗ | ୫୧୬୧.୮୦ | ୬୧୩.୯୫ | ୫୭୭୫.୭୫ |
| ୧୪. | ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ | ୧୩୩.୮୬ | ୪.୩୭ | ୧୩୮.୨୩ |
| ୧୫. | କ୍ରୀଡା ଓ ଯୁବସେବା ବିଭାଗ | ୩୪୧.୦୧ | ୮୧.୪୮ | ୪୨୨.୪୯ |
| ୧୬. | ଯୋଜନା ଓ ସଂଯୋଜନା ବିଭାଗ | ୯୩୫.୪୩ | ୨୨୨.୩୭ | ୧୧୫୭.୮୦ |
| ୧୭. | ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ | ୧୩୭୨୫.୩୫ | ୩୧୪୧.୭୪ | ୧୬୮୬୭.୦୯ |
| ୧୮. | ସାଧାରଣ ଅଭିଯୋଗ ଓ ପେନ୍ସନ୍ ପ୍ରଶାସନ | ୨.୧୦ | ୦.୧୪ | ୨.୨୪ |
| ୧୯. | ଶିଳ୍ପ ବିଭାଗ | ୩୧୨.୪୫ | ୧୩.୬୧ | ୩୨୬.୦୬ |
| ୨୦. | ଜଳ ସମ୍ପଦ ବିଭାଗ | ୧୦୧୯୬.୦୫ | ୩୨୭.୬୯ | ୧୦୫୨୩.୭୪ |
| ୨୧. | ପରିବହନ ବିଭାଗ | ୫୯୦.୭୩ | ୩୦.୮୩ | ୬୨୧.୫୬ |
| ୨୨. | ଜଙ୍ଗଲ ଓ ପରିବେଶ ବିଭାଗ | ୮୦୬.୧୭ | ୭୦.୦୨ | ୮୭୬.୧୯ |
| ୨୩. | କୃଷି ଓ କୃଷକ ସଶକ୍ତୀକରଣ ବିଭାଗ | ୪୫୧୧.୧୬ | ୨୩୬.୩୮ | ୪୭୪୭.୫୪ |
| ୨୪. | ଇସ୍ପାତ ଓ ଖଣି ବିଭାଗ | ୧୧୩.୫୪ | ୦.୦୯ | ୧୧୩.୬୩ |
| ୨୫. | ସୂଚନା ଓ ଲୋକ ସମ୍ପର୍କ ବିଭାଗ | ୧୮୭.୮୦ | ୧୧୧.୯୩ | ୨୯୯.୭୩ |
| ୨୬. | ଅବକାରୀ ବିଭାଗ | ୧୦୦.୮୭ | ୦.୫୪ | ୧୦୧.୪୧ |
| ୨୭. | ବିଭାଗ ଓ ବୈଷୟିକ ବିଭାଗ | ୫୫.୧୩ | ୯.୦୧ | ୬୪.୧୪ |
| ୨୮. | ଗ୍ରାମ୍ୟ ଉନ୍ନୟନ ବିଭାଗ | ୫୫୮୨.୪୬ | ୨୨୬୯.୫୫ | ୭୮୫୨.୦୧ |
| ୨୯. | ସଂସଦୀୟ ବ୍ୟାପାର ବିଭାଗ | ୪୭.୬୦ | ୪.୦୨ | ୫୧.୬୨ |
| ୩୦. | ଶକ୍ତି ବିଭାଗ | ୧୯୮୩.୨୯ | ୨୯୮.୮୬ | ୨୨୮୨.୧୫ |
| ୩୧. | ହସ୍ତତନ୍ତ, ବୟନଶିଳ୍ପ ବିଭାଗ | ୧୮୯.୯୩ | ୧୧.୬୬ | ୨୦୧.୫୯ |
| ୩୨. | ପର୍ଯ୍ୟଟନ ବିଭାଗ | ୨୧୩.୧୬ | ୧୩.୫୦ | ୨୨୬.୬୬ |
| ୩୩. | ମତ୍ସ୍ୟ ଓ ପଶୁ ସମ୍ପଦ ଉନ୍ନୟନ ବିଭାଗ | ୮୯୩.୪୩ | ୨୭.୩୦ | ୯୨୦.୭୩ |
| ୩୪. | ସମବାୟ ବିଭାଗ | ୧୧୬୩.୯୭ | ୩୪୨.୩୧ | ୧୫୦୬.୨୮ |
| ୩୫. | ସରକାରୀ ଉଦ୍ୟୋଗ ବିଭାଗ | ୭.୮୩ | ୫.୨୫ | ୧୩.୦୮ |
| ୩୬. | ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ | ୩୪୪୬.୮୨ | ୧୩୯.୪୫ | ୩୫୮୬.୨୭ |
| ୩୭. | ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ | ୧୧୨.୮୭ | ୦.୬୦ | ୧୧୩.୪୭ |
| ୩୮ | ଉଚ୍ଚ ଶିକ୍ଷା ବିଭାଗ | ୨୨୯୧.୬୭ | ୮୦.୩୩ | ୨୩୭୨.୦୦ |
| ୩୯. | ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ | ୬୨୫.୪୫ | ୩୫.୩୫ | ୬୬୦.୮୦ |
| ୪୦. | ଅଣୁ,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ | ୨୨୧.୫୮ | ୧.୯୩ | ୨୨୩.୫୧ |
| ୪୧. | ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ | ୨୫୬୨.୪୯ | ୩୭.୫୯ | ୨୬୦୦.୦୮ |
| ୪୨. | ବିପର୍ଯ୍ୟୟ ପରିଚାଳନା | ୨୦୮୯.୫୭ | ୧୪୧୪.୭୬ | ୩୫୦୪.୩୩ |
| ୪୩. | ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ | ୧୮୧.୯୧ | ୧୨.୮୭ | ୧୯୪.୭୮ |
| | ମୋଟ | ୧,୨୦,୦୨୮.୦୦ | ୧୨,୭୯୦.୦୦ | ୧,୩୨,୮୧୮.୦୦ |

ପେଟ୍ରୋଲିୟମ ଉତ୍ପାଦନ ଟିକସ ବାବଦରେ ରାଜ୍ୟ ସରକାର ୨୦୧୭-୧୮ରେ ୫୬୦୦ କୋଟି ଟଙ୍କା ପାଇଥିବା ବେଳେ ୨୦୧୮-୧୯ରେ ୪୮୦୦ କୋଟି ଟଙ୍କା ପାଇବେ ବୋଲି ଆକଳନ କରିଛନ୍ତି। ପେଟ୍ରୋଲ ଉପରୁ କେନ୍ଦ୍ର ସରକାର ଲିଟର ପିଛା ୧୯.୪୮ ଟଙ୍କା ଟିକସ ଆକାରରେ ନେଉଥିବା ବେଳେ ରାଜ୍ୟ ସରକାର ୧୫.୪୪ ଟଙ୍କା ନେଉଛନ୍ତି। ସେହିପରି ଡିଜେଲ ଲିଟର ଉପରେ କେନ୍ଦ୍ର ଓ ରାଜ୍ୟ ସରକାର ୧୫.୩୩ ଟଙ୍କା ଲେଖାଏ ଟିକସ ନେଉଛନ୍ତି। ତେବେ ଅତିରିକ୍ତ ବଜେଟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ନେଇ ବିବାଦ ଦେଖାଦେଇଛି। ରାଜ୍ୟ ସରକାର ଏହାକୁ ନିଜର ଯୋଜନା କହୁଥିବା ବେଳେ ଅତିରିକ୍ତ ବଜେଟ ସମ୍ପର୍କରେ ସୂଚନା ଦେବା ବେଳେ ଅର୍ଥ ବିଭାଗ ସଚିବ ତୁହିନ କାନ୍ତ ପାଣ୍ଡେ ଏଥିରେ କେନ୍ଦ୍ର ସରକାରଙ୍କର ଅନୁଦାନ ରହିଥିବା କଥା କହିଛନ୍ତି। ସେ କହିଛନ୍ତି ଯେ ଏହି ଯୋଜନାରେ ୨ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ରାଜ୍ୟ ସରକାର ୧୩୭୦ କୋଟି ଟଙ୍କା ଖର୍ଚ୍ଚ କରିବା ବେଳେ ୭୦୦ କୋଟି ଟଙ୍କା କେନ୍ଦ୍ର ସରକାର ପ୍ରଦାନ କରିବେ। ଏହା ଏକ ବିଶାଳ ଯୋଜନା । ନିରାମୟ, ସହାୟ, ସ୍ୱାସ୍ଥ୍ୟ ବୀମା, ନିଦାନ, ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ବୀମା ଓ ଅନ୍ୟାନ୍ୟ ଯୋଜନାରେ ଉକ୍ତ ଅର୍ଥ ଖର୍ଚ୍ଚ ହେବ।

ଅତିରିକ୍ତ ବଜେଟରେ ରାଜ୍ୟ ସରକାରୀ କର୍ମଚାରୀମାନଙ୍କ ପାଇଁ ସପ୍ତମ ବେତନ କମିଶନଙ୍କ ସୁପାରିସ କାର୍ଯ୍ୟକାରୀ କରିବା ସହିତ ବେତନର ୪୦ ପ୍ରତିଶତ ବକେୟା ଦେବାକୁ ବ୍ୟୟବରାଦ କରାଯାଇଛି। ଅତିରିକ୍ତ ବଜେଟ ପାଇଁ ସହବନ୍ଧିତ ସମ୍ବଳ ସୂତ୍ରରୁ ୫୧୬୬ କୋଟି ଟଙ୍କା, ଅଣ ବନ୍ଧିତ ସମ୍ବଳରୁ ୧ହଜାର କୋଟି, ବିଭିନ୍ନ ବିଭାଗ ଦ୍ୱାରା ସମର୍ପିତ ୧୦୮୨ କୋଟି ଏବଂ ବର୍ଷ ଶେଷକୁ ସଞ୍ଚୟ ଓ ସମର୍ପଣ ଜରିଆରେ ୫୫୪୨ କୋଟି ଟଙ୍କା ଭରଣା କରିବାକୁ ଆକଳନ କରାଯାଇଛି। ଅତିରିକ୍ତ ବଜେଟରେ ଶିକ୍ଷା ସହାୟକଙ୍କୁ ଦରମା ପାଇଁ ୭୫୦ କୋଟି, ସୁଧ ରାଶି ପଇଠ ପାଇଁ ୩୫୦ କୋଟି, ଲୋକ ସଭା ଓ ବିଧାନସଭା ଏକକ ନିର୍ବାଚନ ପରିଚାଳନା ପାଇଁ ୪୧ କୋଟି, ସଡକ ରକ୍ଷଣାବେକ୍ଷଣ ପାଇଁ ୧୦୦କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

ସେହିପରି ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ଅତିରିକ୍ତ ବଜେଟରେ ୧୩୬୪ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଅତିରିକ୍ତ ବଜେଟରେ ଭିତ୍ତିଭୂମି ପାଇଁ ୯୬୧୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଗ୍ରାମ୍ୟ ଉନ୍ନୟନ ପାଇଁ ୬୦୯୭ କୋଟି, ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଣ ପାଇଁ ୪୦୦ କୋଟି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)- ବିଜୁ ପକ୍କାଘର ପାଇଁ ୧୫୦୦ କୋଟି, ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ପାଇଁ ୨୦୬୫ କୋଟି ଟଙ୍କା, ସ୍ୱଚ୍ଛ ଭାରତ ମିଶନ ପାଇଁ ୧ ହଜାର ଏବଂ ଜାତୀୟ ଗ୍ରାମୀଣ ଜୀବିକା ମିଶନ ପାଇଁ ୨୧୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ବିଜୁ ଗ୍ରାମଜ୍ୟୋତି ପାଇଁ ୭୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ 'ଆମ ଘରେ ଏଲଇଡି' ପାଇଁ ୧୦୦ କୋଟି, କେନାଲ ବନ୍ଧ ରାସ୍ତାର ନବୀକରଣ ପାଇଁ ୨୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଭୂତଳ ଜଳ ସଂଚରଣ ପାଇଁ ୧୨ କୋଟି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହରାଞ୍ଚଳ) ପାଇଁ ୩୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ସର୍ବଶିକ୍ଷା ଅଭିଯାନ ପାଇଁ ୨୪୨ କୋଟି, ଓଡିଶା ଆଦର୍ଶ ବିଦ୍ୟାଳୟ ପାଇଁ ୧୦୦କୋଟି, ଏସସି/ଏସ୍‌ଟି ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ପାଇଁ ୨୬୩ କୋଟି, ଅନ୍ୟାନ୍ୟ ପଛୁଆ ବର୍ଗ ତଥା ସଂଖ୍ୟାଲଘୁଙ୍କ ଆବାସ ନିର୍ମାଣ ପାଇଁ ୨୦ କୋଟି, ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ବୀମା ପାଇଁ ୬୨ କୋଟି, ସ୍ୱାସ୍ଥ୍ୟ ସହାୟ ପାଇଁ ୮୨ କୋଟି, ସମ୍ପୂର୍ଣ୍ଣା ପାଇଁ ୨୫ କୋଟି, ନିଦାନ ପାଇଁ ୧୨ କୋଟି, ମେକ୍ ଇନ ଓଡିଶା କନ୍‌କ୍ଲେଭ ପାଇଁ ୧୨ କୋଟି, ବସ୍ ଟର୍ମିନାଲ ପାଇଁ ୨୦ କୋଟି, ସବୁଜ ମହାନଦୀ ମିଶନ ପାଇଁ ୩୦ କୋଟି, ଆଦିବାସୀ ଅଞ୍ଚଳରେ ମକା ଚାଷ ପାଇଁ ୧୦୦ କୋଟି, ଜାତୀୟ ଉଦ୍ୟାନ ମିଶନ ପାଇଁ ୪୫ କୋଟି, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପ୍ରିମିୟମ ପାଇଁ ୨୦୦ କୋଟି, ଶସ୍ୟ ଋଣ ରିହାତି ସୁଧ ବାବଦକୁ ୧୩୬ କୋଟି, ବରଗଡ ଚିନିକଳର ପୁନରୁଦ୍ଧାର ପାଇଁ ୬ କୋଟି ଟଙ୍କା, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ପାଇଁ ୩୪ କୋଟି, ବିଶ୍ୱକପ ହକି ପାଇଁ ୨୩ କୋଟି, କ୍ରୀଡା ଭିତ୍ତିଭୂମି ପାଇଁ ୧୬ କୋଟି, ଭାଗବତଟୁଙ୍ଗିର ପୁନରୁଦ୍ଧାର ପାଇଁ ୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ପାଇଁ ଅତିରିକ୍ତ ବଜେଟରେ ୧ ଟଙ୍କିଆ ଚାଉଳ ଯୋଗାଇ ଦେବାକୁ ୮୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

ପ୍ରଥମ ପୃଷ୍ଠାରୁ...

## ବିଧାନସଭା ହୁଲ୍‌ହୁଲ, ...

ଏଭଳି ଅତର୍କିତ ଆକ୍ରମଣରେ ଶାସକ ଦଳ କିଳିବିଳି ହୋଇଯାଇଥିବା ବେଳେ ଭାଜପା ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକ ଆନ୍ଦୋଳନକୁ ନେଇ ଶାସକ ଦଳକୁ ଘେରିଥିଲା। ପୂର୍ବାହ୍ନ ୧୦ଟା ୩୦ ମିନିଟରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ଗୃହ କାର୍ଯ୍ୟ ଆରମ୍ଭ କରିବା ମାତ୍ରେ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି, ଅଂଶୁମାନ ମହାନ୍ତି, ଚିରଞ୍ଜୀବ ବିଶ୍ୱାଳ, କୃଷ୍ଣଚନ୍ଦ୍ର ସଗରିଆ, ଦେବେନ୍ଦ୍ର ଶର୍ମା, ପ୍ରକାଶ ବେହେରା ପ୍ରମୁଖ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧିକୁ ବିରୋଧ କରି ଗୃହର ମଧ୍ୟଭାଗକୁ ମାଡି ଆସିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ତାରା ବାଚସ୍ପତିଙ୍କ ପୋଡିୟମ ଉପରକୁ ଉଠିବାକୁ ଚେଷ୍ଟା କରିଥିଲେ। ବାଚସ୍ପତି ଗୃହକୁ ମାତ୍ର ୧ ମିନିଟ ପରେ ୧୧ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ। ୧୧ଟା ୩୦ରେ ପୁଣି ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ବିରୋଧୀ ଦଳ ନେତା ନରସିଂହ ମିଶ୍ର ୪ଟି ପ୍ରସଙ୍ଗ ଉତ୍ଥାପନ କରିଥିଲେ। ସାଲେପୁର ବିଧାୟକ ପ୍ରକାଶ ବେହେରା ସାଲେପୁରକୁ ଏନ୍‌ଏସି ଦାବି କରି ବାଚସ୍ପତିଙ୍କ ପୋଡିୟମ୍ ସମ୍ମୁଖରେ ଧାରଣାରେ ବସିଥିଲେ। ବିଧାୟକଙ୍କ ଦାବିକୁ ନରସିଂହ ସମର୍ଥନ କରିବା ସହିତ ସାଲେପୁରକୁ ଏନ୍‌ଏସି ଘୋଷଣା ପାଇଁ ଆବଶ୍ୟକ ପଦକ୍ଷେପ ନେବା ଲାଗି ନଗର ଉନ୍ନୟନ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଚାକିରି ସର୍ତ୍ତାବଳୀ ଓ ପୂର୍ଣ୍ଣ ଅନୁଦାନ ନେଇ ଦୀର୍ଘ ୨୦ ଦିନ ହେବ ବ୍ଲକ୍‌ଗ୍ରାଣ୍ଟ ଅଧ୍ୟାପକ ଓ ଶିକ୍ଷକମାନେ ଲୋୟର ପିଏମ୍‌ଜିରେ ଧାରଣାରେ ବସିଛନ୍ତି। ବୁଧବାର ଗୁରୁଦିବସକୁ ସେମାନେ କଳାଦିବସ ଭାବେ ପାଳନ କରିଛନ୍ତି। ଏହିପ୍ରସଙ୍ଗକୁ ନେଇ ନରସିଂହ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଶିକ୍ଷକଙ୍କ ଧର୍ମଘଟ ଯୋଗୁ ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସରକାରଙ୍କ ଏଥିପ୍ରତି କୌଣସି ଚିନ୍ତା ନାହିଁ। ଶିକ୍ଷକ ଓ କର୍ମଚାରୀମାନେ ରାଜରାସ୍ତାରେ ବସିଛନ୍ତି। ସେମାନଙ୍କ ସହ ଆଲୋଚନା ମଧ୍ୟ କରାଯାଉ ନାହିଁ। ଶିକ୍ଷା ଏକ ମୌଳିକ ଅଧିକାର। ଶିକ୍ଷାର ପ୍ରସାର ହେଲେ ରାଜ୍ୟରୁ ଦାରିଦ୍ର୍ୟ ହ୍ରାସ ପାଇବ। ରାଜ୍ୟରେ ଶିକ୍ଷା ପଙ୍ଗୁ ହୋଇ ଗଲାଣି। ପିଲାମାନଙ୍କୁ ଉତ୍ତମ ଶିକ୍ଷାଦାନ ପ୍ରଦାନ କରିବା ଓ ଶିକ୍ଷକଙ୍କୁ ଭଲ ଦରମା ଦେବା ସରକାରଙ୍କ ପ୍ରାଥମିକ କର୍ତ୍ତବ୍ୟ। ହାଇକୋର୍ଟ ଓ ସୁପ୍ରିମକୋର୍ଟ ଏ ନେଇ ବହୁବାର ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସରକାରଙ୍କ ଏଥିପ୍ରତି ଖାତିର ନାହିଁ। ତୁରନ୍ତ ସରକାର ଶିକ୍ଷକମାନଙ୍କ ସମସ୍ୟା ସମାଧାନ କରନ୍ତୁ। ରାଜ୍ୟରେ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଶିକ୍ଷା ବ୍ୟବସ୍ଥାର ପୁନରୁଦ୍ଧାର କରାଯାଉ ବୋଲି ସେ ଦାବି କରିଥିଲେ। ବିଧାନସଭା ସଚିବାଳୟରେ କର୍ମଚାରୀ ଅଭାବ ଓ ପଦୋନ୍ନତି ବିଷୟ ମଧ୍ୟ ନରସିଂହ ଉଠାଇଥିଲେ। ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧିକୁ ନେଇ ସେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ସେ କହିଥିଲେ ଯେ ୨୦୦୮ରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୧୪୭ ଡଲାର ଥିବା ବେଳେ ପେଟ୍ରୋଲ ଲିଟର ୪୫ ଟଙ୍କାରେ ବିକ୍ରି ହେଉଥିଲା। ଏବେ ଅଶୋଧିତ ତୈଳ ଦର ୭୫ରୁ ୭୮ ଡଲାର ବ୍ୟାରେଲ ଥିବା ବେଳେ ପେଟ୍ରୋଲ ଲିଟର ୮୦ ଟଙ୍କାରେ ପହଞ୍ଚିଲାଣି। ତେଲ ଜରିଆରେ ଲୋକଙ୍କୁ ସରକାର ଲୁଟି ଚାଲିଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏଥିପାଇଁ ଦାୟୀ। କେନ୍ଦ୍ର ସରକାର ଡାକରା ଦେଲେ ଗୋଟିଏ ଦେଶ ଗୋଟିଏ ଟିକସ। ତେବେ ପେଟ୍ରୋଲ ଓ ଡିଜେଲକୁ ଜିଏସ୍‌ଟି ପରିସରରୁ କାହିଁକି ବାଦ୍ ଦିଆଯାଇଛି। ଏହାକୁ ଜିଏସ୍‌ଟି ପରିସରଭୁକ୍ତ କରିବାକୁ ନରସିଂହ ଦାବି କରିଛନ୍ତି। ଏହି ସମୟରେ କଂଗ୍ରେସ ସଦସ୍ୟମାନେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧିକୁ ନେଇ ପ୍ରତିବାଦ କରି ହଟ୍ଟଗୋଳ ଓ ନାରାବାଜି ଆରମ୍ଭ କରି ଦେଇଥିଲେ। ଗୃହର ମଧ୍ୟଭାଗକୁ ଆସି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ଗର୍ଜନ କରିଥିଲେ। ଏହି ସମୟରେ ଭାଜପା ସଦସ୍ୟମାନେ ନିଜ ସିଟ୍ ନିକଟରେ ଛିଡାହୋଇ ଶିକ୍ଷକ ଓ କର୍ମଚାରୀଙ୍କ ଦାବି ତୁରନ୍ତ ପୂରଣ କରିବାକୁ ସରକାରଙ୍କ ଉପରେ ଚାପ ପକାଇଥିଲେ। ବିରୋଧୀ ଦଳଙ୍କ ହଟ୍ଟଗୋଳରେ ଗୃହକାର୍ଯ୍ୟ ଆଗେଇ ପାରି ନ ଥିଲା। ଶେଷରେ ବାଚସ୍ପତି ବାଧ୍ୟହୋଇ ଗୃହକୁ ପୂର୍ବାହ୍ନ ୧୧ଟା ୪୪ରୁ ୧୨ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ୧୨ଟା ୩୦ରେ ପୁଣି ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। କଂଗ୍ରେସ ସଦସ୍ୟମାନେ ହଟ୍ଟଗୋଳ କରି ନ ଥିଲେ ମଧ୍ୟ ଭାଜପା ସଦସ୍ୟ ପ୍ରଦୀପ ପୁରୋହିତ, ରାଧାରାଣୀ ପଣ୍ଡା, ଗୋବିନ୍ଦ ଦାସ ପ୍ରମୁଖ ଶିକ୍ଷକଙ୍କ ଦାବି ପୂରଣ କରିବାକୁ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କଲେ। ପାଟିତୁଣ୍ଡ ମଧ୍ୟରେ ବିଧାନସଭା କାର୍ଯ୍ୟ ପରାମର୍ଶଦାତା କମିଟି ରିପୋର୍ଟ, ୪ଟି ବିଲ୍ ଏବଂ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ୨୦୧୮-୧୯ ଆର୍ଥିକବର୍ଷ ପାଇଁ ବିଧାନସଭାରେ ଅତିରିକ୍ତ ବଜେଟ ଉପସ୍ଥାପନ କରିଥିଲେ। ଏହା ପରେ ମଧ୍ୟାହ୍ନ ୧୨ଟା ୩୯ ମିନିଟରେ ଗୃହକୁ ଗୁରୁବାର ପୂର୍ବାହ୍ନ ୧୦ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରି ଦେଇଥିଲେ।

## ଏକକାଳୀନ ନିର୍ବାଚନ...

ଅଲଗା ନିର୍ବାଚନ କରାଗଲେ ରାଜ୍ୟ ରାଜକୋଷ ଉପରେ ପ୍ରାୟ ୧୦୦୦ କୋଟି ଟଙ୍କାର ବୋଝ ପଡ଼ିବ। କିନ୍ତୁ ଏକକାଳୀନ ନିର୍ବାଚନ କରାଗଲେ କେନ୍ଦ୍ର ଓ ସମ୍ପୃକ୍ତ ରାଜ୍ୟ ସରକାରଗୁଡ଼ିକ ନିର୍ବାଚନୀ ଖର୍ଚ୍ଚ ବହନ କରିବେ। ଏଥିସହ ଦୀର୍ଘ ସମୟ ଧରି ନିର୍ବାଚନ ଆଚରଣ ବିଧି ଲାଗୁ ହେଉଥିବାରୁ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ପ୍ରଭାବିତ ହେଉଛି। ଏକସଙ୍ଗେ ନିର୍ବାଚନ ହେଲେ ଏହାକୁ ଏଡାଯାଇପାରିବ ବୋଲି ପିନାକୀ ପ୍ରସ୍ତାବ ଦେଇଛନ୍ତି। ପିନାକୀ ଆହୁରି କହିଛନ୍ତି ଯେ, ଲୋକ ସଭା ହେଉ କି ବିଧାନସଭା ନିର୍ବାଚନ ଏହାର ପରିଚାଳନା, ପ୍ରସ୍ତୁତି ଓ ଇଲେକ୍ଟୋରାଲ୍ ରୋଲ୍‌ର ସମୀକ୍ଷା ଆଦି ବାବଦ ଖର୍ଚ୍ଚ ୫୦:୫୦ ଅନୁପାତରେ ରାଜ୍ୟ ଓ କେନ୍ଦ୍ର ସରକାର ବହନ କରନ୍ତି। ତେବେ ଲୋକ ସଭା ନିର୍ବାଚନ ବେଳେ ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ହେଉଥିବା ଖର୍ଚ୍ଚ ସମ୍ପୃକ୍ତ ରାଜ୍ୟ ସରକାର ବହନ କରିଥାନ୍ତି। ଏକାଠି ନିର୍ବାଚନ ହେଲେ ଏସବୁ ଖର୍ଚ୍ଚ ଭାର ହ୍ରାସ ପାଇବ ବୋଲି ସେ ଉକ୍ତ ପତ୍ରରେ ଉଲ୍ଲେଖ କରିଛନ୍ତି। ବିଜେଡିର ଏହି ପ୍ରସ୍ତାବକୁ ଗୁରୁତ୍ୱ ଦେଇ ବିଚାର କରାଯିବ ବୋଲି ଇସିଆଇ କହିଥିବା ପିନାକୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିରୋଧରେ ଦାଏର ପିଟିଶନ ନେଇ ପିନାକୀ ନିଜ ମତ ରଖିଛନ୍ତି। ଉକ୍ତ ଗାମ୍ଭୀର୍ଯ୍ୟହୀନ ପିଟିଶନରେ କିଛି ନାହିଁ। ଏହାକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ନିର୍ବାଚନ କମିଶନଙ୍କୁ ଅନୁରୋଧ କରାଯାଇଛି। ମାସକ ମଧ୍ୟରେ ଏହାର ବିଚାର ଶେଷ କରାଯିବ ବୋଲି କମିଶନ ପ୍ରତିଶ୍ରୁତି ଦେଇଥିବା ପିନାକୀ କହିଛନ୍ତି।

## ୨୦୧୯ ନିର୍ବାଚନ ...

ସେ ଥରେ ନିଷ୍ପତ୍ତି ନିଅନ୍ତି ଓ ସେହି ନିଷ୍ପତ୍ତିରେ ଅଟଳ ରହନ୍ତି ବୋଲି କହିଛନ୍ତି। ୧୯୯୦ରୁ ଲଗାତର ଭାବେ ବଲାଙ୍ଗୀର ସଦର ଆସନରେ ବିଧାୟକ ରହିଥିବା ଅନଙ୍ଗ ୨୦୧୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ହୋଇ କଂଗ୍ରେସ ପ୍ରାର୍ଥୀ ନରସିଂହ ମିଶ୍ରଙ୍କଠାରୁ ପରାଜିତ ହୋଇଥିଲେ। ୨୦୧୯ ନିର୍ବାଚନ ସେ ନ ଲଢ଼ିବାକୁ ନିଷ୍ପତ୍ତି ନେବା ପରେ ଏଠାରୁ କିଏ ପ୍ରାର୍ଥୀ ହେବ ସେନେଇ ବର୍ତ୍ତମାନ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଅନଙ୍ଗଙ୍କ ସାନପୁଅ ଅର୍କେଶ ନାରାୟଣ ସିଂଦେଓ ଏବଂ ବଡ଼ପୁଅ ତଥା ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂଦେଓଙ୍କ ମଧ୍ୟରୁ ଜଣେ ଏଥର ସଦର ଆସନରେ ପ୍ରାର୍ଥୀ ହେବେ ବୋଲି ଚର୍ଚ୍ଚା ଜୋର ଧରିଥିବା ବେଳେ ଏ ସଂକ୍ରାନ୍ତରେ ଅନଙ୍ଗଙ୍କୁ ପଚରାଯିବାରୁ ଏହି ନିଷ୍ପତ୍ତି ମୁଖ୍ୟମନ୍ତ୍ରୀ ନେବେ ବୋଲି କହିଥିଲେ। ଏବେଠାରୁ କିଛି କହିହେବ ନାହିଁ ବୋଲି କହିଥିଲେ। ଅନ୍ୟପକ୍ଷରେ ସେ ନିର୍ବାଚନ ନ ଲଢ଼ିଲେ ମଧ୍ୟ ରାଜନୀତିରେ ସକ୍ରିୟ ରହିବେ ବୋଲି ସୂଚନା ଦେଇଛନ୍ତି। ୨୦୧୯ ନିର୍ବାଚନରେ କଂଗ୍ରେସ ଓ ଭାଜପା ପକ୍ଷରୁ କିଏ ପ୍ରାର୍ଥୀ ହେବେ ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ। ବର୍ତ୍ତମାନର କଂଗ୍ରେସ ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର ଏବଂ ୨୦୧୪ ନିର୍ବାଚନରେ ଭାଜପା ପ୍ରାର୍ଥୀ ହୋଇଥିବା ଡା. ବାସୁଦେବ ପତିଙ୍କ ପ୍ରାର୍ଥିତ୍ୱକୁ ନେଇ ରାଜନୈତିକ ଗୁଞ୍ଜରଣ ଆରମ୍ଭ ହୋଇଯାଇଛି। ଏଭଳି ସମୟରେ ବିଜେଡି ପକ୍ଷରୁ କେଉଁ ଦକ୍ଷ ନେତାଙ୍କୁ ପ୍ରାର୍ଥୀ କରାଯିବ ତାହା ବଡ଼ ପ୍ରଶ୍ନ ହୋଇ ଉଭା ହୋଇଛି। ତେବେ ଆଗାମୀ ନିର୍ବାଚନରେ ଅନଙ୍ଗଙ୍କ ଭୂମିକା କ'ଣ ରହିବ ତାହା ଦେଖିବାକୁ ବାକି ରହିଲା।

PARADIP PORT TRUST
e-TENDER NOTICE
Name of the work : **"Allotment of 03 Nos. of Manual Iron Ore/Iron Ore Pellet Plot"**. License Fees : **Rs.5,14,00,800/-**, Wharfage Fees : **Rs.21,18,384/-**, Last date & time of submission of bid : **20.09.2018** up to **16:30 hrs.** Refer our website for details https://eprocure.gov.in/eprocure/app.
Traffic Manager
PPT/PR/327/18-19, DT.05.09.2018

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗଞ୍ଜାମ
(ନିର୍ବାଚନ ଶାଖା)
ବିଜ୍ଞାପନ
ସଂଖ୍ୟା: ୧୨୧୮ ତା: ୦୫।୦୯।୨୦୧୮
ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଆଗାମୀ ସାଧାରଣ ନିର୍ବାଚନ ୨୦୧୯ ନିମନ୍ତେ ଗଞ୍ଜାମ ଜିଲ୍ଲା ପାଇଁ ଟେଣ୍ଟ, ଚେୟାର, ଟେବୁଲ, ଫ୍ୟାନ୍, ହାଲୋଜେନ, ଇନଭର୍ଟର ଏବଂ ଜେନେରେଟର ଇତ୍ୟାଦି ଯୋଗାଣ ନିମନ୍ତେ ବିଜ୍ଞାପନ ସଂଖ୍ୟା ୧୨୧୪/Elec, ତା:୦୫।୦୯।୧୮ ମତେ ଆସନ୍ତା ୨୦।୦୯।୨୦୧୮ ସୁଦ୍ଧା ଟେଣ୍ଡର ଆହ୍ୱାନ କରାଯାଉଅଛି। ଏହି ସଂକ୍ରାନ୍ତୀୟ ସବିଶେଷ ବିବରଣୀ ଜିଲ୍ଲା ୱେବ୍‌ସାଇଟ ganjam.nic.inରେ ଉପଲବ୍ଧ।
ସ୍ୱା./- ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ଗଞ୍ଜାମ, ଛତ୍ରପୁର

GOVERNMENT OF ODISHA
No.: 695-O
OFFICE OF THE ENGINEER-IN-CHIEF, RURAL WORKS, BHUBANESWAR
Lr. No.: 22458 Dt.29.08.2018
"e" Procurement Notice for Bridge Works in Odisha
(Online - 4 (Lumpsum-Bridge) / 2018-19 Dt.29.08.2018)
1. Name of the Work : Constn. of Bridge Work
2. Total No. of Works : 2 (Two) Nos.
3. Estimated Cost : Varies from Rs.1056.14 lakh to Rs.1945.95 Lakh.
4. Class of Contractor : Spl. & Super Class as applicable
5. Period of Completion : 24 (Twenty Four) Calendar Months
6. Other details :

| Procurement Officer | Bid Identification No. | No. of Bridge Works | Availability of Tender Online for Bidding | |
|---|---|---|---|---|
| | | | From | To |
| Engineer-in-Chief, Rural Works, Odisha, Bhubaneswar | Online-4 (Lumpsum Bridge) / 2018-19 | 2 (Two) Nos. | 10.09.2018 at 11.00 A.M. | 01.10.2018 upto 3.00 P.M. |

Other details can be seen in the bidding documents, which is available in website **www.tendersorissa.gov.in**.
Engineer-in-Chief, Rural Works
Odisha, Bhubaneswar
25123/11/0034/1819

No. 179-D
ରାଜ୍ୟ ସିଲେକ୍ସନ ବୋର୍ଡ, ଓଡ଼ିଶା ପୋଲିସ, କଟକ
ଜିଲ୍ଲା କନଷ୍ଟେବଲ ଏବଂ ବାଟାଲିୟନରେ ସିପାହୀ / କନଷ୍ଟେବଲ ନିଯୁକ୍ତି ପାଇଁ ହେବାକୁ ଥିବା ଲିଖିତ ପରୀକ୍ଷାରେ ଅଂଶଗ୍ରହଣ କରୁଥିବା ଯୋଗ୍ୟ ପ୍ରାର୍ଥୀମାନଙ୍କ ପାଇଁ ସତର୍କ ସୂଚନା
**No. 179-D:-** କିଛି ଦଲାଲ, ମଧ୍ୟସ୍ଥି ଏବଂ ଠକ ବ୍ୟକ୍ତିବିଶେଷ ଲିଖିତ ପରୀକ୍ଷାର ଅବ୍ୟବହିତ ପୂର୍ବରୁ ସମ୍ଭାବ୍ୟ ପ୍ରଶ୍ନପତ୍ର ପ୍ରାର୍ଥୀମାନଙ୍କୁ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇ ପରୀକ୍ଷା କେନ୍ଦ୍ର ତଥା ଆଉ କୌଣସି ସ୍ଥାନରେ ଅପପ୍ରଚାର କରୁଛନ୍ତି ଯେ, ଏହି ପ୍ରଶ୍ନପତ୍ର ଆଗୁଆ ପାଇଲେ ପ୍ରାର୍ଥୀ ଲିଖିତ ପରୀକ୍ଷାରେ ଅଧିକ ନମ୍ବର ରଖିପାରିବେ ଯାହା ଚାକିରି ପାଇବା ନିଶ୍ଚିତ ଅଟେ। ପ୍ରାର୍ଥୀମାନଙ୍କୁ ସତର୍କ ସୂଚନା ଦିଆଯାଉଅଛି କି, ଏଭଳି ଦଲାଲ, ମଧ୍ୟସ୍ଥି ଏବଂ ଠକ ବ୍ୟକ୍ତିବିଶେଷଙ୍କର ଠକାମିର ଶିକାର ହୁଅନ୍ତୁ ନାହିଁ। କିଛି ବ୍ୟକ୍ତିବିଶେଷ ପୋଲିସ୍ ଅଧିକାରୀ ଭାବେ ପରିଚୟ ଦେଇ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କିତ ସମସ୍ତ କାଗଜପତ୍ର ତଥା ପ୍ରଶ୍ନପତ୍ର ବିଷୟଗୁଡ଼ିକରେ ଧାରଣା ରହିଛି ବୋଲି ଦାବି କରୁଛନ୍ତି। ଏଭଳି ଖବର ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଏହା ପ୍ରାର୍ଥୀମାନଙ୍କୁ ଠକିବା ତଥା ଶୋଷଣ କରିବାର ଏକ ଉପାୟ। ଏହି ପରୀକ୍ଷା ପୂର୍ଣ୍ଣ ସ୍ୱଚ୍ଛତା ଏବଂ ଯୋଗ୍ୟତାଭିତ୍ତିକ ଅଟେ। କୌଣସି ବ୍ୟକ୍ତି ଆଗୁଆ ପ୍ରଶ୍ନପତ୍ର ଯୋଗାଇ ଦେବାକୁ କହି ପ୍ରଲୋଭିତ କରୁଥିଲେ ପ୍ରାର୍ଥୀମାନେ କଦାପି ସେମାନଙ୍କୁ ଟଙ୍କା କିମ୍ବା କୌଣସି ପ୍ରକାରର ଉପହାର ଦିଅନ୍ତୁ ନାହିଁ। ଲିଖିତ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ହେବାର କୌଣସି ସମ୍ଭାବନା ନାହିଁ। ଏହି ଚାକିରି ପାଇବା ପାଇଁ କାହାରିକୁ ଟଙ୍କା କିମ୍ବା ଉପହାର ପ୍ରଦାନ କରିବା ଆଇନତଃ ଏକ ଧର୍ତ୍ତବ୍ୟ ଅପରାଧ ଅଟେ। ଯଦି ଏହିପରି କିଛି କାର୍ଯ୍ୟକଳାପ ପ୍ରାର୍ଥୀଙ୍କର ନଜରକୁ ଆସେ ଅଥବା ଯଦି କୌଣସି ବ୍ୟକ୍ତି ଉତ୍କୋଚ ଦେବା ନେବା ବିଷୟରେ କହୁଥା'ନ୍ତି, ତେବେ ଏହାକୁ ତୁରନ୍ତ ରାଜ୍ୟ/ ଜିଲ୍ଲା/ ବାଟାଲିୟନର ଅଧକ୍ଷ/ ସଦସ୍ୟଙ୍କୁ ଜଣାଇବା ସଙ୍ଗେ ସଙ୍ଗେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗଙ୍କ ଟୋଲ୍ ଫ୍ରି ଟେଲିଫୋନ୍ ନଂ. ୧୦୬୪ ଏବଂ ଟେଲିଫୋନ ନଂ. ୦୬୭୧-୨୩୦୫୯୮୮ (ଦୁର୍ନୀତି ବିଭାଗ ମୁଖ୍ୟ କାର୍ଯ୍ୟାଳୟ, କଟକ), ୦୬୭୧-୨୩୦୫୬୮୨ (କଟକ ଡିଭିଜନ), ୦୬୭୪-୨୩୯୭୭୪୮ (ଭୁବନେଶ୍ୱର ଡିଭିଜନ), ୦୬୮୦-୨୨୮୨୩୦୦ (ବ୍ରହ୍ମପୁର ଡିଭିଜନ), ୦୬୭୮-୨୨୫୫୦୦୫ (ବାଲେଶ୍ୱର ଡିଭିଜନ), ୦୬୬୩-୨୪୧୨୧୧୫ (ସମ୍ବଲପୁର ଡିଭିଜନ) ଏବଂ ୦୬୮୫-୪୨୩୩୩୩୦ (କୋରାପୁଟ୍ ଡିଭିଜନ)ରେ ଜଣାଇବେ। ଏତଦ୍‌ବ୍ୟତୀତ ନିମ୍ନରେ ଦର୍ଶାଯାଇଥିବା ରାଜ୍ୟ ସିଲେକ୍ସନ ବୋର୍ଡର e-mail ID ଏବଂ help line numberରେ ମଧ୍ୟ ଯୋଗାଯୋଗ କରିପାରିବେ।
ଅଧକ୍ଷା
ରାଜ୍ୟ ସିଲେକ୍ସନ ବୋର୍ଡ
ଓଡ଼ିଶା ପୋଲିସ, କଟକ
**ବି.ଦ୍ର.:** ରାଜ୍ୟ ସିଲେକ୍ସନ ବୋର୍ଡର ଇ-ମେଲ ଆଇଡି: opssb.odpol@nic.in
Help line number: ୦୬୭୧-୨୩୦୨୪୪୪, ୦୬୭୧-୨୩୦୧୬୭୭
12028/11/0009/1819

Regional Passport Office
A-119, Unit-8, Nayapalli, Bhubaneswar
F1(177)AD/POB/2018 05.09.2018
Tender Notice
Only Online quotations on CPPP portal are inited for providing Security Services at Regional Passport Office, Bhubaneswar, Ministry of External Affairs, Government of India. Tender documents can be downloaded from CPPP portal site http:/eprocure.gov.in/eprocure/app. For further details please visit http:/eprocure.gov.in/eprocure/app using the following tender Id:-
**Tender ID:** 2018_MEA_379943_1
Important Dates

| | |
|---|---|
| Published Date | 06.09.2018 |
| Bid Submission Start Date (online) | 06.09.2018 |
| Bid Submission End Date (online) | 03.10.2018 |
| Date of Bid Opening (online) | 05.10.2018 |

Sd./-
(Gopal Chandra Das)
Regional Passport Officer

OFFICE OF THE MUNICIPAL COUNCIL, TITILAGARH
No 2570/ Dated 1/9/2018
"e" Tender Notice
BID Identification No. MUN-TIG No.005/ 2018-19
Bid Documents consisting of work, Estimated Cost, Cost of Tender Paper, EMD, Time of completion , Class of Contractors and the set of terms and conditions of contract and other necessary documents can be seen in Govt. website i.e: https://tendersodisha.gov.in
1. Name of the Work : Civil Construction works as mentioned in website
2. No of works : 48 Nos.
3. Estimated Cost : 1.33 Lakhs to 8.33 Lakhs
4 Period of completion : 60 Days
5. Date & Time of availability of Bid Documents in the Portal : From 05.09.2018, 11.00 A.M. to 20.09.2018 , 5.00 P.M.
6. Last date & time of receipt of bids in the portal : On 20.09.2018 at 5.00 P.M.
7. Last date & time for deposit of fees & Documents (in sealed envelope at Office : on 24.09. 2018 at 12.00 P.M.
8. Bids received online shall be Opened on : on 25.09.2018 at 11.00 A.M.
9. Name and address of the Officer inviting Bid : Executive Officer, Titilagarh Municipality.
Further details can be seen from the procurement portal i.e http://tendersodisha.gov.in.
Sd./-
Executive Officer, Titilagarh Municipality

OFFICE OF THE
No.: 682-O
EXECUTIVE ENGINEER, R.W.S.&S DIVISION
GAJAPATI, PARALAKHEMUNDI, ODISHA
E-mail: eerwssgjp@gmail.com, Ph. No.: 06815-224803
Invitation of Bid through E-Tendering
Bid Identification No. EE/RWS&S/GPT/07 of year 2018-19
1. The Executive Engineer, RWS&S Division, Gajapati, on behalf of Governor of Odisha, invites percentage rate bids in single cover system in ONLINE MODE for Rural Piped Water Supply Projects as detained in the DTCN to be hoisted in the website **www.tenderorissa.gov.in**. The eligible class of Contractors may offer their bids for e-procurement.
2. No. of Works : 14
3. Estimated Cost : Ranging from 10 Lakhs to 50 Lakhs
4. Period of Completion : 04 (Four) Months to 06 (Six) Months
5. Tender Cost : Rs.6000/- as mentioned in the Annexure.
6. Class of Contractor : "D", "C" & "B" Class
7. Date & time of availability of bid in the website : 07.09.2018 to 14.09.2018 upto 5 P.M.
8. Last date & time of seeking tender clarification : 12.09.2018 upto 5.00 P.M.
9. Last date & time for receipt of bids : 14.09.2018 upto 5.00 P.M.
10. Date & Time of submission of Original Bid Security & Bid Cost at the Office of the Executive Engineer, RWS&S Division, Gajapati, Paralakhemundi at Ranipentha : 15.09.2018 upto 2 P.M.
11. Date & time of Opening of Technical & Financial Bids : 15.09.2018 upto 3.30 P.M.
12. Further details can be had in the website **www.tenderorissa.gov.in** only.
13. The contractors who have been awarded with the work orders for execution of any work under this Division earlier, but, on some account or the other, have not successfully completed the same within the stipulated period and, have remained defaulter for considerable period of time are debarred from participating in the tender process.
14. Authority reserves the right to reject any or all the tenders without assigning any reason thereof.
**Enclosed:** The details of the work in annexure attached herewith for reference.
Sd./- 27.08.2018
Executive Engineer
RWS&S Division, Gajapati, Paralakhemundi
25158/11/0006/1819

# ମର୍ଡର ଅନ୍ତରାଳେ



ଅଜିତା-ହରିଶ୍



ଅଂଶୁମାନ

ବେଳେବେଳେ କୌଣସି କଥା ମନରେ ଗଣ୍ଠି ପଡି ରହିଯାଏ, ଯାହାକୁ ନେଇ କେହି କେହି ବେଶ୍ ଉଗ୍ର ହୋଇଉଠନ୍ତି। ଏପରି କି ନିଜ ମନର ଅଭିଳାଷ ପୂରଣ କରିବାକୁ ଜଣକୁ ହତ୍ୟା କରିବାକୁ ପଶ୍ଚାତପଦ ହୁଅନ୍ତି ନାହିଁ। ଆଗପଛ ବିଚାର ନ କରି ନିଜ ଲକ୍ଷ୍ୟ ସାଧନ କରିବାକୁ ବାହାରି ପଡନ୍ତି। ହଁ, ସେଭଳି ଏକ ମର୍ଡର ମିଶନ ନେଇ ବାହାରିଥିଲେ ଖଳନାୟକ ଅଂଶୁମାନ ସାମନ୍ତରାୟ। ମାରିୟା ନାମ୍ନୀ ଝିଅକୁ ଯେମିତି ହେଲେ ମର୍ଡର କରିବେ। ହେଲେ କାରଣ କ'ଣ ? ଆଉ ସେଥିରେ ସେ ସଫଳ ହୁଅନ୍ତି କି ? ଯଦି ହଁ ତାହାର ପରବର୍ତ୍ତୀ ଘଟଣା କ'ଣ ଘଟେ ? ସେଭଳି ଏକ ରହସ୍ୟମୟ ମର୍ଡର ମିଷ୍ଟ୍ରି କାହାଣୀକୁ ନେଇ ନିର୍ମିତ ହୋଇଛି ହିନ୍ଦୀ ସିନେମା 'ମାରିୟା'। ଏଥିରେ ଅଂଶୁମାନ ମୁଖ୍ୟ ଖଳନାୟକ ଭାବରେ ଅବତୀର୍ଣ୍ଣ ହୋଇଛନ୍ତି। ଫିଲ୍ମର ପ୍ରଯୋଜନା, ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବା ସହ ନାୟକ ସାଜିଛନ୍ତି ହରିଶ ଶର୍ମା। ଏଥିରେ ଟାଇଟଲ ମାରିୟା ଭୂମିକାରେ ଅଭିନୟ କରିଛନ୍ତି ଅଜିତା। ଫିଲ୍ମଟି ଆସନ୍ତା ମାସରେ ରିଲିଜ ହେବାର ଯୋଜନା ରହିଛି। ଏହା ବ୍ୟତୀତ ହରିଶ ଶର୍ମାଙ୍କ ପ୍ରଯୋଜିତ ଏବଂ ସନ୍ତୋଷ ବର୍ମାଙ୍କ ନିର୍ଦ୍ଦେଶିତ 'ପ୍ୟାର୍ କା ଏହସାସ' ଚଳିତବର୍ଷ ଡିସେମ୍ବରରେ ରିଲିଜ ହେବାର ଯୋଜନା ରହିଛି।



ଅରିନ୍ଦମ୍

## ଶିବାନୀ-ଫରହାନ ପ୍ରେମ କାହାଣୀ

ପ୍ରଯୋଜକ, ନିର୍ଦ୍ଦେଶକ, ଅଭିନେତା ତଥା ଗାୟକ ଫରହାନ ଅଖତର ପ୍ରେମରେ ପଡିଯାଇଛନ୍ତି। ପୁଣି କାହା ସହ ଜାଣନ୍ତି ? ଆକ୍ଟ୍ରେସ-ସିଙ୍ଗର-ମଡେଲ ଶିବାନୀ ଦାଣ୍ଡେକରଙ୍କ ପ୍ରେମରେ ସେ କୁଆଡେ ଉବୁଟୁବୁ। ଏଭଳି ପ୍ରେମକୁ ନେଇ ଆଲୋଚନା ଚାଲିଥିବା ବେଳେ ସେଥିରେ ଘିଅ ଢ଼ାଳିଛନ୍ତି ଶିବାନୀ। ନିଜ ସୋସିଆଲ ମିଡିଆରେ ସେ ଫରହାନଙ୍କ ସହ ଏକ ମିଳିତ ଫଟୋ ଅପଲୋଡ କରି ଲେଖିଛନ୍ତି ଯେ, 'ଆମେ ଦୁହେଁ ଭଲ ବନ୍ଧୁ'। ତେବେ ଏଭଳି ଆଲୋଚନା ପଛରେ କେତେ ସତ ଲୁଚି ରହିଛି ତାହା ଫରହାନ ଏବଂ ଶିବାନୀଙ୍କୁ ଜଣା।

ଦଶହରାର ମଜା ପୁଣି ଗଣେଶ ପୂଜାରେ ! ହଁ, ଏମିତି ବି ହୋଇପାରେ। ଗଣେଶ ପୂଜାଠାରୁ ଦଶହରା ମଜା ନିଆରା ତ ନିଶ୍ଚୟ। କିନ୍ତୁ ଏଥିରେ ଆପଣଙ୍କୁ ଏକ ଭିନ୍ନ ଏଣ୍ଟରଟେନମେଣ୍ଟ ମିଳିବ। ଗଣେଶ ପୂଜାକୁ ନେଇ ଅନେକ ଓଡ଼ିଆ ସିନେମାରେ ଗୀତ ଏବଂ ଦୃଶ୍ୟ ସଂଯୋଜିତ ହୋଇଛି। ଚଳିତବର୍ଷ ଗଣେଶ ପୂଜାରେ ରିଲିଜ ହେବାକୁ ଯାଉଛି 'ଇସ୍କ ପୁଣି ଥରେ'ରେ ଦୃଶ୍ୟାୟିତ ହୋଇଛି ଏଭଳି ଏକ ଗୀତ -'ଏଥର ଗଣେଶ ପୂଜାରେ ଦଶହରାର ମଜା'। ବସନ୍ତରାଜ ସାମଲଙ୍କ ରଚିତ ଗୀତଟିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡିର ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ। କଣ୍ଠଦାନ କରିଛନ୍ତି ଆଶୁତୋଷ। ଗୀତର ମୁଖଡା ହେଲା 'ଆଖି ଆଖିର ଖେଳ ଆମେ ଖେଳିବୁ ଚବିଶ ଘଣ୍ଟା, ତମ ସାହି ଝିଅ ଆମ ପାଇଁ ଜଳି ଜଳି କଣ୍ଟା, ବଡକୁ ମାଇଲେ ଆଖି ସାନ କହୁଛି ଲାଗୁଛି ମଜା, ବଜା ବଜା ବଜା ଡିଜେ ଫୁଲ ଭଲ୍ୟୁମ ବଜା, ଏଥର ଗଣେଶ ପୂଜାରେ ଦଶହରାର ମଜା'। ଆଉ ଏହାର ତାଳେ ତାଳେ ନାଚିଛନ୍ତି ନାୟକ ତଥା ଏହି ଫିଲ୍ମର ପ୍ରଯୋଜକ ଅରିନ୍ଦମ। ଗୀତଟିର କୋରିଓଗ୍ରାଫି କରିଛନ୍ତି ଅମିତ-ଗିରିଶ। ଗଣେଶ ପୂଜା ଉପରେ ଦୃଶ୍ୟାୟିତ ଏହି ଗୀତ ଏବେଠାରୁ ଭାଇରାଲ ହୋଇସାରିଲାଣି। ଜ୍ୟୋତି ଦାସ ନିର୍ଦ୍ଦେଶନା ଭାର ସମ୍ଭାଳିଥିବା ବେଳେ ଅରିନ୍ଦମଙ୍କ ନାୟିକା ସାଜିଛନ୍ତି ଏଲିନା ସାମନ୍ତରାୟ।



ରିୟା

## ସ୍ପେଶାଲ ଗିଫ୍ଟ

ଗିଫ୍ଟ ପୁଣି ସ୍ପେଶାଲ ! ଏହାକୁ ପାଇବା ପରେ ଯେ କେହି ବି ଖୁସିରେ ଉଛୁଳି ଉଠିବା ସ୍ୱାଭାବିକ। ଆଉ ସେଥିରୁ ଶକ୍ତି କପୁର ତନୟା ଶ୍ରଦ୍ଧା ବାଦ୍ ପଡନ୍ତେ କିପରି। ନିକଟରେ ଶକ୍ତି ତାଙ୍କର ୬୬ତମ ଜନ୍ମଦିନ ପାଳନ କରିଥିଲେ। ଏଥିପାଇଁ ନିଜ ଘରେ ଏକ ଛୋଟ ପାର୍ଟିର ଆୟୋଜନ କରାଯାଇଥିଲା। ଏହି ଜନ୍ମଦିନ ଅବସରରେ ଡାଡିଙ୍କୁ କି ଗିଫ୍ଟ ଦେବେ ସେ ନେଇ ବେଶ୍ ପୂର୍ବରୁ ଯୋଜନା କରିସାରିଥିଲେ। ପାର୍ଟି ଆରମ୍ଭ ହେବାର କିଛି ସମୟ ପରେ ସେ ଶକ୍ତିଙ୍କ ପାଖକୁ ଯାଇ ଗିଫ୍ଟ ଦେଇଥିଲେ। ପ୍ୟାକେଟ ଖୋଲି ଦେଖିଲାବେଳକୁ ତାହା ଥିଲା ଏକ କାର୍ ଚାବି। ଅର୍ଥାତ୍, ଶକ୍ତିଙ୍କୁ ଏକ ଦାମୀ କାର୍ ଉପହାର ସ୍ୱରୂପ ଦେଇଥିଲେ ଶ୍ରଦ୍ଧା। କାର ଦେଖିବା ପରେ ଶକ୍ତି ଏତେ ଖୁସି ହୋଇଯାଇଥିଲେ ଯେ ତାଙ୍କ ଆଖିରୁ ଦୁଇଟୋପା ଲୁହ ଝରିପଡିଥିଲା। ଆଉ ତା'ପରେ ଚାବି ଶ୍ରଦ୍ଧାଙ୍କ ହାତକୁ ଧରାଇ ସେ କହିଥିଲେ, ବେଟା, ଏ କାରଟିକୁ ତୋର ବୋଲି ଭାବିନେ। ମୋ ବାର୍ଥ ଡେ'ରେ ତୁ ମୋତେ ଏଭଳି ଏକ ସ୍ମରଣୀୟ ଗିଫ୍ଟ ଦେବୁ ତାହା ମୁଁ କେବେ ଭାବି ନ ଥିଲି।'



ଶ୍ରଦ୍ଧା

## ଗୋଟିଏ କିସ୍ ପାଇଁ

ନବାଗତା ରିୟା ଚକ୍ରବର୍ତ୍ତୀ। ସେ କେବେ କଳ୍ପନା କରି ନ ଥିଲେ ଯେ ଗୋଟିଏ କିସ୍ ପାଇଁ ପାଖାପାଖି ୧୫ ଥର ଶଟ୍ ଦେବାକୁ ପଡିବ ବୋଲି। ମନରେ ସିନା ଏହାକୁ ନେଇ ଅନେକ ପ୍ରଶ୍ନ ଉଙ୍କି ମାରୁଥିଲା, ହେଲେ ତାହାକୁ ମନ ଭିତରେ ଚାପି ରଖି ଶଟ୍ ପରେ ଶଟ୍ ଦେଇଚାଲିଥିଲେ। ଏଭଳି ଘଟଣା ଘଟିଥିଲା ମହେଶ ଭଟ୍ଟଙ୍କ ଆଗାମୀ ଫିଲ୍ମ 'ଜଲେବି'ର ଶୁଟିଂ ସେଟ୍‌ରେ। କାହାଣୀ ଅନୁସାରେ ଏକ ଟ୍ରେନ୍ ଡୋର୍ ପରେ ମୁଣ୍ଡ ଗଳାଇ ଟ୍ରେନ୍ ବାହାରେ ଛିଡା ହୋଇଥିବା ନବାଗତ ବରୁଣ ମିତ୍ରଙ୍କୁ କିସ୍ ଦେବେ। ବାସ୍, ଏଭଳି ଶଟ୍‌କୁ ପରଫେକ୍ଟ କରିବାକୁ ନିର୍ଦ୍ଦେଶକ ପୁଷ୍ପଦୀପ ଭରଦ୍ୱାଜ ୧୫ଥର କିସ୍ ଦେବାକୁ କହିଥିଲେ ଏବଂ କେବଳ ରିୟା ନୁହନ୍ତି ବରୁଣ ମଧ୍ୟ ତାହାକୁ ପାଳନ କରିଥିଲେ। ଏହି ଶଟ୍‌କୁ ଫିଲ୍ମର ପୋଷ୍ଟର ସ୍ଥାନ ମିଳିଛି। ଏ ବିଷୟରେ ରିୟା କହନ୍ତି, 'ଶସ୍ତା ପବ୍ଲିସିଟି ନେବା ପାଇଁ ମୁଁ ଏଭଳି ଶଟ୍ ଦେଇନାହିଁ। କାହାଣୀ ଅନୁସାରେ ମୋତେ ଯାହା କରିବାକୁ କୁହାଯାଇଛି ତାହା କରିଛି।' ଏହା ପୂର୍ବରୁ ରିୟା 'ମେରେ ଡାଡ୍ କି ମାରୁତି'ରେ ଅଭିନୟ କରିଥିଲେ। 'ଜଲେବି' ଚଳିତବର୍ଷ ଅକ୍ଟୋବର ୧୨ରେ ରିଲିଜ ହେବାକୁ ଯାଉଛି।

ଅପେରା ହାଲଚାଲ

ଏମିତି ବି ହୋଇଥିଲା

## ନାହିଁ ନାହିଁରୁ ସାତୋଟି ସିନ୍

**ପରଦା ହେଉ ଅବା ମଞ୍ଚ-ଅଭିନୟ ଜୀବରେ ଅନେକ ରୋମାଞ୍ଚକର ଘଟଣା ଘଟିଥାଏ। କେତେକ ଘଟଣା ମନର କାନ୍‌ଭାସରେ ସ୍ମୃତି ହୋଇରହିଯାଏ। ସେଭଳି ଏକ କଥାକୁ ସ୍ମରଣ କରି ତ୍ରିନାଥ ଗଣନାଟ୍ୟରେ ଅଭିନୟ ଜାରି ରଖିଥିବା ଜଗା ଯାହା କହନ୍ତି..**

ଗାୟକରୁ ମୁଁ ଅଭିନେତା ହୋଇଥିଲି। ସେତେବେଳେ ଗୌରୀ ଗଣନାଟ୍ୟରେ ଅଭିନୟ କରୁଥାଏ। ଇଂ କିଶୋର ମହାପାତ୍ରଙ୍କ ନାଟକ 'ଦେଖିଲେ ଜାଣିବ ଦରଦ କେତେ'ରେ ମୋତେ ଏକ ମନଲାଖି ଭୂମିକାଟିଏ ମିଳିଥିଲା। ତା'ପରେ ନିର୍ଦ୍ଦେଶକ ଆଶୁତୋଷ ମହାପାତ୍ରଙ୍କ ଗିମିକ ନାଟକ 'ମୁଁ ବାହୁବଳୀ' କାଷ୍ଟିଂ ଆରମ୍ଭ ହେଲା। ଆଶୁ ସାରେ ମୋତେ କହିଲେ, ଆରେ ଜଗା, 'ଦେଖିଲେ ଜାଣିବ ଦରଦ କେତେ'ରେ ତୁମକୁ ଭଲ ଭୂମିକା ମିଳିଛି, ସେଥିରେ ଯେଉଁମାନେ ବିଶ୍ରାମ ନେଇଥିଲେ ଏଥିରେ ତାଙ୍କୁ ଗୁରୁତ୍ୱ ଦିଆଯିବ। ତେଣୁ ତମେ 'ମୁଁ ବାହୁବଳୀ'ରେ ବିଶ୍ରାମ ନିଅ। ଏକଥା ଶୁଣି ଟିକେ ଦୁଃଖ ଲାଗିଲା। ତଥାପି ମନରେ ଟିକେ ଆଗ୍ରହ ଥାଏ। ସାହସ ବାନ୍ଧି କହିଲି, ସାର୍, ମୋତେ ଗୋଟିଏ ସିନ୍ ହେଉ ପଛରେ ଟିକେ ଆଡଜଷ୍ଟ କରିଦିଅନ୍ତୁ। ରିହର୍ସାଲ ସମୟରେ ଏକ କନ୍‌ଷ୍ଟେବଲ ଭୂମିକାରେ ଜଣେ ଡ୍ୟାମ୍ବର ବୟ ଅଭିନୟ କରୁଥାଆନ୍ତି। ମୁଁ ଯାଇ ସେଠାରେ ଠିଆ ହୋଇ କହିଲି, ଏ ଭୂମିକା ମୁଁ କରିବି। ବେଶ୍ ବିଚାର ବିମର୍ଶ ପରେ ମୋତେ ମିଳିଲା ସେହି କନ୍‌ଷ୍ଟେବଲ (ପରେ ହାବିଲଦାର) ବଦ୍ରି ଭୂମିକା। ଗୋଟିଏ ସିନ୍। ନିର୍ଦ୍ଦେଶକ ମୋତେ କହିଲେ, ଆରେ ତୁ ଖାଲି ଠିଆ ହେବୁ କ'ଣ, ମନ୍ତ୍ରୀ ପୁଅକୁ ବାଡା। ତା'ପରେ ପାହାର ପରେ ପାହାର କଷି ଦେଇ ଗଲି। ମୋ ଆକ୍ଟିଂରେ ସେ ଏତେ ପ୍ରଭାବିତ ହେଲେ ଯେ ଡାଏଲଗ କହିବାକୁ ସୁଯୋଗ ଦେଲେ ଆଉ ମୋର ଗୋଟିଏ ସିନ୍ ଦେଖିଲାବେଳକୁ ୭ଟା ହୋଇଗଲା। ମୁଁ ତ ଖୁସ୍ ସେପଟେ ନିର୍ଦ୍ଦେଶକ ମୋ ଅଭିନୟ ଦେଖି ମୁରୁକି ମୁରୁକି ହସୁଥାଆନ୍ତି ଯାହା ମୋତେ ଏ ପର୍ଯ୍ୟନ୍ତ ବେଶ୍ ପ୍ରେରଣା ଦେଇଛି। କେବଳ ସେତିକି ନୁହେଁ, ଏହି ନାଟକରେ ଏକ ୧୭ମିନିଟ୍ ଅବଧିବିଶିଷ୍ଟ ଦେଶାତ୍ମବୋଧକ ଗୀତ 'ଏଇ ଓଡିଶା ମାଟି ମୋ ମା' ରହିଥିଲା, ଆଉ ସେଥିରେ ମୋତେ ଅଭିନୟ କରିବାର ସୁଯୋଗ ମଧ୍ୟ ମିଳିଥିଲା। ଆଶୁ ସାର୍‌ଙ୍କ ରଚିତ ଏହି ଗୀତରେ ଆମ ରାଜ୍ୟର ଚାଲିଚଳଣି, ସଂସ୍କୃତି, ଐତିହ୍ୟର ଝଲକ ଦେଖିବାକୁ ମିଳିଥିଲା। ଏହି ନାଟକରେ ମୋତେ ଆଦୌ ରୋଲ୍ ମିଳୁ ନ ଥିଲା ହେଲେ ଏପରି ଏକ ଭୂମିକା ପୁଣି ନାହିଁ ନାହିଁରୁ ସାତଟି ସିନ୍ ମିଳିଲା ଯାହାକୁ ମୁଁ ସାରା ଜୀବନ କେବେ ଭୁଲି ପାରିବି ନାହିଁ।



ଜଗା

| Dollar | Sensex | Nifty | Gold | Silver |
|---|---|---|---|---|
| 71.75 (↑ 17) | 38,018.31 (↓ 140) | 11,476.95 (↓ 43.35) | 31,400.00 (↑ ₹200) | 37,600.00 (↓ ₹250) |

“ ଯାନଗୁଡ଼ିକର ପ୍ରଦୂଷଣ ହ୍ରାସ ତଥା ଗ୍ରୀନ ମୋବିଲିଟିକୁ ସରକାର ପ୍ରାଥମିକତା ଦେଉଥିବା ବେଳେ ଜାତୀୟ ସ୍ତରରେ ଶୀଘ୍ର ଏକ ଅଟୋ ନୀତି ଆଣିବେ।
– ଅନନ୍ତ ଗିଟେ, କେନ୍ଦ୍ର ଲଘୁ ଉଦ୍ୟୋଗ ମନ୍ତ୍ରୀ



“ କେମିକାଲ କ୍ଷେତ୍ରର ଉନ୍ନତିକରଣକୁ ଧ୍ୟାନରେ ରଖି ସରକାର ଆଗାମି ଦିନରେ ଏକ ନୀତି ଆଣିବାକୁ ଯୋଜନା ରଖିଛନ୍ତି।
– ପି. ରାଘବେନ୍ଦ୍ର ରାଓ, କେମିକାଲ ପେଟ୍ରୋକେମିକାଲ ସଚିବ



## ସଂକ୍ଷେପରେ

### ସରଳ ହେଲା ଜିଏସ୍‌ଟି ରିଫଣ୍ଡ କ୍ଲେମ୍ ଧାରା

**ନୂଆଦିଲ୍ଲୀ,୫-୯(ପି.ଟି):** ବାଣିଜ୍ୟ ସଂସ୍ଥାଗୁଡ଼ିକ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଧାରାରେ ବିଭିନ୍ନ ଅସୁବିଧା ସାମ୍ନା କରୁଛନ୍ତି। ଏହାର ଦୂରୀକରଣ ଲାଗି ଅର୍ଥ ମନ୍ତ୍ରଣାଳୟ ଜିଏସ୍‌ଟି ରିଫଣ୍ଡ କ୍ଲେମ୍ ଧାରାକୁ ସରଳ କରିଛି। ଏବେ ଟିକସଦାତା ଜିଏସ୍‌ଟିଆର୍ ୨ଏ ଫର୍ମର ପ୍ରିଣ୍ଟଆଉଟ ପ୍ରଦାନ କରି ଜିଏସ୍‌ଟି ରିଫଣ୍ଡ କ୍ଲେମ୍ କରିପାରିବେ। ବାଣିଜ୍ୟ ସଂସ୍ଥାଗୁଡ଼ିକୁ ଗୋଟିଏ ମାସର ସମସ୍ତ କ୍ରୟ ଇନଭଏସ୍ ପ୍ରଦାନ କରିବାକୁ ପଡ଼ିବ ନାହିଁ। ଜିଏସ୍‌ଟିଆର୍ ୨ଏ କ୍ରୟ ରିଟର୍ନ ହୋଇଥିବା ବେଳେ ଏହା ସିଷ୍ଟମରୁ ଅଟୋ ଜେନେରେଟ୍ ହୋଇଥାଏ। ବାଣିଜ୍ୟ ଏବଂ ଯୋଗାଣ ମଧ୍ୟରେ ହୋଇଥିବା ଟ୍ରାଞ୍ଜାକଶନ ଆଧାରରେ ଏହା ଜେନେରେଟ ହୋଇଥାଏ।

### ବିଦ୍ୟୁତୀକରଣରୁ ରେଲୱେ ସଞ୍ଚୟ କରିବ ୧୩ ହଜାର କୋଟି

**ନୂଆଦିଲ୍ଲୀ,୫-୯:** ବିଦ୍ୟୁତିକରଣ କାର୍ଯ୍ୟ ଶେଷ ହେବା ପରେ ରେଲୱେ ତେଲ ଖର୍ଚ୍ଚ ବାବଦରେ ବାର୍ଷିକ ୧୩ ହଜାର କୋଟି ଟଙ୍କା ସଞ୍ଚୟ କରିବ। କେବଳ ଏତିକି ନୁହେଁ ଏହାଦ୍ୱାରା ୩.୪ ମିଲିୟନ ଟନ ଅଙ୍ଗାରକାମ୍ଳ ନିର୍ଗମଣ(କାର୍ବନ ଏମିଶନ) ହ୍ରାସ ପାଇବ। ଏଠାରେ ‘ଇ-ମୋବିଲିଟି ଇନ୍ ଇଣ୍ଡିଆନ ରେଲୱେଜ’ଶୀର୍ଷକ ଏକ ଆଲୋଚନାଚକ୍ରରେ ଅଂଶଗ୍ରହଣ କରି କେନ୍ଦ୍ର ରେଳ ରାଷ୍ଟ୍ର ମନ୍ତ୍ରୀ ମନୋଜ ଗୋହେନ ଉପରୋକ୍ତ ବକ୍ତବ୍ୟ ଉପସ୍ଥାପନ କରିଛନ୍ତି। ଇନ୍ଧନ କିଣାରେ ରେଲୱେ ଅଦ୍ୟାବଧି ୭,୫୦୪ କୋଟି ଟଙ୍କା ସଞ୍ଚୟ କରିପାରିଛି ବୋଲି ସେ କହିଛନ୍ତି।

### ୱାଲମାର୍ଟ-ଫ୍ଲିପ୍‌କାର୍ଟ ଡିଲ୍ ୧୫ରୁ ଟ୍ରେଡର୍ସଙ୍କ ୯୦ ଦିନିଆ ଆନ୍ଦୋଳନ

**ନୂଆଦିଲ୍ଲୀ ,୫-୯:** ୱାଲମାର୍ଟ-ଫ୍ଲିପ୍‌କାର୍ଟ ଡିଲ୍‌କୁ ବିରୋଧ କରି ଟ୍ରେଡର୍ସ ମହାସଂଘ ସିଏଆଇଟି ଚଳିତ ମାସ ୧୫ ତାରିଖରୁ ସାରା ଦେଶରେ ୯୦ ଦିନିଆ ଆନ୍ଦୋଳନ ଆରମ୍ଭ କରିବ ବୋଲି ଘୋଷଣା କରିଛି। ଏଥିସହ ଚଳିତ ମାସ ୨୮ରେ ଭାରତ ଟ୍ରେଡ ୟୁନିୟନ ପକ୍ଷରୁ ବନ୍ଦ ଡାକରା ଦିଆଯାଇଛି। ସୂଚନାଥାଉ କି, ଆମେରିକାର ରିଟେଲ ଚେନ୍ ୱାଲମାର୍ଟ ୧୬ ବିଲିୟନ ଡଲାର ବିନିମୟରେ ୱାଲମାର୍ଟର ୭୭ ପ୍ରତିଶତ ଅଂଶଧନ କିଣିଛି। ଏହାକୁ ଟ୍ରେଡର୍ସ ମହାସଂଘ ବିରୋଧ କରିଆସୁଛି। କମ୍ପିଟିଶନ କମିଶନ ଇତିମଧ୍ୟରେ ଏହି ଡିଲ୍‌କୁ ଅନୁମୋଦନ କରିଛି। ଏହାକୁ ବିରୋଧ କରି ସିଏଆଇଟି ନ୍ୟାଶନାଲ କମ୍ପାନୀ ଲ’ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଟି)ରେ ଆବେଦନ କରିଛି। ପୂର୍ବରୁ ସିଏଆଇଟି ମହାସଚିବ ପ୍ରବୀଣ ଖଣ୍ଡେଲୱାଲ ଦାବି କରିଥିଲେ ଯେ, ବଜାରରେ ପୂର୍ବରୁ ଥିବା ଇ-କମର୍ସ କମ୍ପାନୀଗୁଡ଼ିକ ଅଧିକ ଡିସ୍‌କାଉଣ୍ଟ ଦେଇ, କ୍ଷତି ସହି କମ୍ ଦାମରେ ସାମଗ୍ରୀ ବିକିବାରୁ ସମ୍ପୂର୍ଣ୍ଣ ବଜାର ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି।

### ତୈଳ ଦର ବୃଦ୍ଧି ନେଇ ନୀତି ଆୟୋଗର ସ୍ୱୀକାରୋକ୍ତି
### ସାପ୍ତାହିକ ଭିତ୍ତିରେ ପଦକ୍ଷେପର ଆବଶ୍ୟକତା ନାହିଁ

**ନୂଆଦିଲ୍ଲୀ ,୫-୯:** ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଆଧାରରେ ଦେଶରେ ପେଟ୍ରୋଲ ଓ ଡିଜେଲ ଦର ବଢ଼େ ବା କମେ। ଦୈନିକ, ସାପ୍ତାହିକ କିମ୍ବା ମାସିକ ଭିତ୍ତିରେ ଏଥିରେ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ କରିବାର ଆବଶ୍ୟକତା ନାହିଁ ବୋଲି ନୀତି ଆୟୋଗ ସ୍ପଷ୍ଟ କରିଛନ୍ତି। ଖବରଦାତାଙ୍କ ସହ ଆଲୋଚନା କାଳରେ ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର କହିଛନ୍ତି ଯେ, ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ବଢ଼ିବା ଯୋଗୁ ଜୁନ୍‌ରେ ଦେଶରେ ତେଲ ଦାମ ବଢ଼ିଥିଲା। ତେବେ ଏହା ଜୁଲାଇରେ ହ୍ରାସ ପାଇଲା। ଇରାନ ବିରୋଧରେ ଆମେରିକାର କଟକଣା ଯୋଗୁ ଅଶୋଧିତ ତୈଳ ଆମଦାନୀ ହ୍ରାସ ପାଇବ ବୋଲି ଆଶଙ୍କାରେ ଅନ୍ତର୍ଜାତୀୟ ବଜାରରେ ଏହାର ଦର ଇତିମଧ୍ୟରେ ବ୍ୟାରେଲ ପିଛା ୭ ଡଲାର ବୃଦ୍ଧି ପାଇଛି। ନିକଟ ଭବିଷ୍ୟତରେ ଏହା ହ୍ରାସ ପାଇବ। ଏଣୁ ଏହା ଉପରେ ସରକାରଙ୍କୁ ହସ୍ତକ୍ଷେପ କରିବାର ଆବଶ୍ୟକତା ନାହିଁ। ଅନ୍ୟପକ୍ଷରେ ପୂର୍ବତନ ଅର୍ଥମନ୍ତ୍ରୀ ପି.ଚିଦାମ୍ବରମ ତୈଳ ଦର ବୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କୁ ଦାୟୀ କରିଛନ୍ତି। ସୂଚନାଥାଉ କି, ବୁଧବାର ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୭୯.୩୧ ଟଙ୍କା ଏବଂ ଡିଜେଲ ଲିଟର ପିଛା ୭୧.୩୪ଟଙ୍କାରେ ପହଞ୍ଚିଛି, ଯାହାକି ସର୍ବକାଳୀନ ରେକର୍ଡ।

**ଅନିବାର୍ଯ୍ୟ କାରଣବଶତଃ ଚଳିତ ସପ୍ତାହରେ ‘ଅର୍ଥରେ ଅର୍ଥ’ ସ୍ତମ୍ଭ ପ୍ରକାଶ ପାଇପାରୁନାହିଁ।**

## ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ
# ଅଧିକ ଶୁଳ୍କ ଗଣିବେ ଗ୍ରାହକ

**ନୂଆଦିଲ୍ଲୀ,୫-୯**

ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇଣ୍ଡିଆ ପେମେଣ୍ଟ ବ୍ୟାଙ୍କ(ଆଇପିପିବି)ର ଶୁଭାରମ୍ଭ କରିଛନ୍ତି। ଏହା ଦେଶର ସର୍ବବୃହତ ପେମେଣ୍ଟ ବ୍ୟାଙ୍କ ବୋଲି କୁହାଯାଉଛି। ତେବେ ଏହା ଗ୍ରାହକଙ୍କୁ ଆକର୍ଷିତ କରିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହି ବ୍ୟାଙ୍କରେ ଟଙ୍କା ଜମା ରଖିବା ଅଥବା କାଢ଼ିବା ନେଇ ଏକାଧିକ କଟକଣା ରହିଛି। ଏହାସାଙ୍ଗକୁ ଅଧିକ ଶୁଳ୍କ ଆଦାୟ ଏହି ବ୍ୟାଙ୍କ ପ୍ରତି ଗ୍ରାହକଙ୍କୁ ବିମୁଖ କରିବ ବୋଲି ମନେ କରାଯାଉଛି।

ଆଇପିପିବି ତ୍ରୈମାସ ଆଧାରରେ ଗ୍ରାହକଙ୍କ ସଞ୍ଚୟ ଜମା ଉପରେ ୪% ସୁଧ ଦେବ ଯାହାକି ଅନ୍ୟ ବ୍ୟାଙ୍କ(୩.୫%) ଠାରୁ ଅଧିକ। କିନ୍ତୁ ଏହା ସମସ୍ତ ପ୍ରକାର ନେଣଦେଣ, ନଗଦ ଅର୍ଥ କାଢ଼ିବା ଠାରୁ ଆରମ୍ଭ କରି ଟଙ୍କା ଜମା କରିବା ପର୍ଯ୍ୟନ୍ତ ସବୁରି ଉପରେ ନେଣଦେଣ ଶୁଳ୍କ ଆଦାୟ କରୁଛି। ଯଦି ଗ୍ରାହକ ଘରେ ବସି ନେଣଦେଣ କରିବାକୁ ଚାହାନ୍ତି ତେବେ ତାଙ୍କୁ ପ୍ରତି ନେଣଦେଣ ଉପରେ ୨୫ ଟଙ୍କା ଓ ଜିଏସ୍‌ଟି ଦେବାକୁ ପଡ଼ିବ। ସେହିପରି ବ୍ୟାଙ୍କ ଶାଖାରେ ୨୫ ହଜାର ପର୍ଯ୍ୟନ୍ତ ଟଙ୍କା କାଢ଼ି ହେବ। ଏହା ଠାରୁ ଅଧିକ ଟଙ୍କା କାଢ଼ିବାକୁ ଥିଲେ ଘର ଅଥବା ସେବା କେନ୍ଦ୍ର ଯେଉଁଠି ହେଉ ଗ୍ରାହକଙ୍କୁ ୫ରୁ ୧୦ ଟଙ୍କା ଶୁଳ୍କ ଦେବାକୁ ପଡ଼ିବ। ଏହି ଶୁଳ୍କ ଛଡ଼ା ଅନ୍ୟ ବହୁ ଶୁଳ୍କ ଲାଗୁ କରାଯାଉଛି। ଜଣେ ଅଧିକାରୀ କହିଛନ୍ତି ଯେ, ଗ୍ରାମାଞ୍ଚଳ ଡାକ ଘରେ ଜଣେ ବ୍ୟକ୍ତିଙ୍କୁ ଟଙ୍କା କାଢ଼ିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। କାରଣ ସେଠାରେ ୨/୩ ଜଣ କର୍ମଚାରୀ ରହିଥାନ୍ତି। ସେମାନେ ପୋଷ୍ଟ ଅଫିସରେ ଅଧିକ ଅର୍ଥ ରଖିବାକୁ ଚାହିଁବେ ନାହିଁ। ଏଭଳି ସ୍ଥିତିରେ ଗ୍ରାହକ ନିଜ ଘରେ ଏହି ସୁବିଧା ପାଇବାକୁ ଚାହିଁବେ। ଫଳରେ ତାଙ୍କୁ ପ୍ରତି ନେଣଦେଣ ଲାଗି ୨୫ ଟଙ୍କା ଦେବାକୁ ପଡ଼ିବ। ତେବେ ଅର୍ଥ କାଢ଼ିବାର କୌଣସି ସୀମା ଏଠାରେ ନାହିଁ। ପେଟିଏମ୍ ବ୍ୟାଙ୍କ ଏହାର ଗ୍ରାହକଙ୍କୁ ସର୍ବାଧିକ ୫ଥର ମାଗଣାରେ ଟଙ୍କା କାଢ଼ିବାକୁ ସୁଯୋଗ ଦେଇଥାଏ। ଏହାପରେ ପ୍ରତି ନେଣଦେଣ ଲାଗି ୨୦ ଟଙ୍କା ନେଇଥାଏ। ୟୁପିଆଇ ଜରିଆରେ ଟଙ୍କା ପଠାଇବାର ବ୍ୟବସ୍ଥା ନଥିବାରୁ ଆଇପିପିବି ଗ୍ରାହକଙ୍କୁ ଏଟିଏମ୍ ସୁବିଧା ଦିଆଯାଇନି। ଏଥିଯୋଗୁ ଉପଭୋକ୍ତା ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଆଇପିପିବିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ବିତ୍ତୀୟ ବ୍ୟବହାର୍ଯ୍ୟତା ନେଇ ଆକଳନ କରାଯାଇଥିଲା। ରାଜସ୍ୱ ଆୟ ଲକ୍ଷ୍ୟରେ ଶୁଳ୍କ ଆଦାୟ ବ୍ୟବସ୍ଥା କରାଯାଇଛି। ତେବେ ଦୀର୍ଘକାଳୀନ ଭିତ୍ତିରେ ଏହା ଗ୍ରହଣୀୟ ହେବ ନାହିଁ ବୋଲି ସେ କହିଛନ୍ତି।




- ଗ୍ରାହକଙ୍କୁ ଆକର୍ଷିତ କରିବା ନେଇ ସନ୍ଦେହ
- ଟଙ୍କା ଜମା ରଖିବା ଅଥବା କାଢ଼ିବା ନେଇ ଏକାଧିକ କଟକଣା
- ସବୁରି ଉପରେ ନେଣଦେଣ ଶୁଳ୍କ ଆଦାୟ



# କ୍ରୋକୋଡାଇଲ ପକ୍ଷରୁ ନୂଆ ଶୋ’ରୁମ୍

**ବାଲେଶ୍ୱର ଅଫିସ, ୫-୯**

ପ୍ରମୁଖ ଗାର୍ମେଣ୍ଟ ବ୍ରାଣ୍ଡ କ୍ରୋକୋଡାଇଲ ପକ୍ଷରୁ ଏହାର ନୂଆ ଶୋ’ରୁମ ବାଲେଶ୍ୱର ସହରର ମୋତିଗଞ୍ଜ ବଜାରରେ ବୁଧବାର ପୂର୍ବାହ୍ନରେ ଶୁଭାରମ୍ଭ ହୋଇଛି। ଇଣ୍ଡିଆନ୍ ଓଭରସିଜ ବ୍ୟାଙ୍କ ମ୍ୟାନେଜର ଗୋଲକ ବିହାରୀ ସାହୁ ଉକ୍ତ ଷ୍ଟୋରକୁ ଉଦ୍‌ଘାଟନ କରିଥିଲେ। ନୂଆ ଶୋ’ରୁମରେ ପ୍ୟାଣ୍ଟ, ଶାର୍ଟ, ଟି-ଶାର୍ଟ ଭଳି ପୁରୁଷଙ୍କ ଫ୍ୟାଶନ ସୁଲଭ ମୂଲ୍ୟରେ ଉପଲବ୍ଧ ହେଉଥିବା କମ୍ପାନୀର ପୂର୍ବାଞ୍ଚଳ ଜୋନ ମୁଖ୍ୟ ଶୋଭନ ମିଶ୍ର ସୂଚନା ଦେଇଛନ୍ତି। ଏହି ଅବସରରେ କ୍ରୋକୋଡାଇଲର ସର୍ବଭାରତୀୟ ରିଟେଲ ଅପରେଶନ ମୁଖ୍ୟ ସୁରଜ କରୁଣାକରନ୍, ଶୋ’ରୁମର ସ୍ୱତ୍ୱାଧିକାରୀ ଜ୍ଞାନ ରଞ୍ଜନ ଦାସ ଉପସ୍ଥିତ ଥିଲେ। ନୂଆ ଶୋ’ରୁମ ଶୁଭାରମ୍ଭ ଅବସରରେ ଗ୍ରାହକଙ୍କ ଲାଗି ଉପହାର ପ୍ରଦାନ କରାଯାଉଛି। ୨୯୯୯ ଏବଂ ୩୯୯୯ ଟଙ୍କାର କ୍ରୟ ଉପରେ ଏହି ଆକର୍ଷଣୀୟ ଉପହାର ପ୍ରଦାନ କରାଯାଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଗଣେଶ ଚତୁର୍ଥୀ ଅବସରରେ କମ୍ପାନୀ ପକ୍ଷରୁ କଟକରେ ଏକ ନୂଆ ଶୋ’ରୁମ୍ ଖୋଲିବାର ଯୋଜନା ରହିଥିବା କରୁଣାକରନ୍ କହିଛନ୍ତି।



# ଜୟପୁରରେ ମୁଥୁଟ୍ ଫାଇନାନ୍ସର ନୂଆ ଶାଖା

**ଜୟପୁର, ୫-୯**

ପ୍ରମୁଖ ଗୋଲ୍ଡ ଫାଇନାନ୍ସିଂ କମ୍ପାନୀ ମୁଥୁଟ୍ ଫାଇନାନ୍ସ ପକ୍ଷରୁ ଜୟପୁରର ଏମ୍.ଜି ରୋଡ୍ ସ୍ଥିତ ଆର୍.କେ. ଟାୱାରଠାରେ ନୂଆ ଶାଖା ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ଶାଖାକୁ ଏସ୍‌ବିଆଇର ଅବସରପ୍ରାପ୍ତ ଏଜିଏମ୍ ଜି.ଭେଙ୍କଟ ରାଓ ଉଦ୍‌ଘାଟନ କରିଥିଲେ। ବିଗତ ୧୩୧ ବର୍ଷ ଧରି ମୁଥୁଟ୍ ଫାଇନାନ୍ସ ୪୨ କୋଟିରୁ ଅଧିକ ଗ୍ରାହକଙ୍କୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ୪୫୦୦ ଶାଖା ଦ୍ୱାରା ସେବା ଯୋଗାଇ ଦେଉଛି। ଓଡ଼ିଶା ତଥା ଝାଡ଼ଖଣ୍ଡରେ କମ୍ପାନୀର ୭୪ ଶାଖା ରହିଛି। ଓଡ଼ିଶାରେ କମ୍ପାନୀ ୫୭ ଶାଖା ଦ୍ୱାରା ସେବା ଯୋଗାଉଥିବା ସୂଚନା ଦେଇଛି। କାର୍ଯ୍ୟକ୍ରମ ଅବସରରେ ଚାମ୍ବର ଅଫ୍ କମର୍ସର ଉପଦେଷ୍ଟା ରାବା ରାମ କ୍ରିଷ୍ଣା, ସମ୍ପାଦକ ଭି.ପ୍ରଭାକର ଓ ମୁଥୁଟ ଫାଇନାନ୍ସର ଓଡ଼ିଶା ଏବଂ ଝାଡ଼ଖଣ୍ଡ ଏଆର୍‌ଏମ୍ ତନ୍ମୟ କୁମାର ବିଶ୍ୱାଳ ଉପସ୍ଥିତ ଥିଲେ। ସ୍ୱଳ୍ପ ସୁଧହାରରେ ଅଧିକ ଋଣ ରାଶି ଗ୍ରାହକଙ୍କୁ ପ୍ରଦାନ କରାଯାଉଛି। ଉକ୍ତ ଶାଖା ଦ୍ୱାରା ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ଉନ୍ନତ ସେବା ଯୋଗାଣ ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ବୋଲି କମ୍ପାନୀ ପ୍ରକାଶ କରିଛି।

### ପୁଣି ସୁଧହାର ବଢ଼ାଇପାରେ ଆର୍‌ବିଆଇ

**ନୂଆଦିଲ୍ଲୀ, ୫-୯**

ଡଲାର ତୁଳନାରେ ଭାରତୀୟ ମୁଦ୍ରା ମୂଲ୍ୟ କ୍ରମାଗତ ହ୍ରାସ ପାଇ ଚାଲିଛି। ଏହି କାରଣରୁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଅକ୍ଟୋବରରେ ଏହାର ମୁଦ୍ରାନୀତି ସମୀକ୍ଷା ବୈଠକରେ ପ୍ରମୁଖ ସୁଧହାର ବୃଦ୍ଧି କରିପାରେ ବୋଲି ଅର୍ଥନୀତିଜ୍ଞମାନେ ଅନୁମାନ କରୁଛନ୍ତି। ଅର୍ଥାତ୍ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ଆର୍‌ବିଆଇ ଠାରୁ ଯେଉଁ ସୁଧହାରରେ ଋଣ ହାସଲ କରୁଛନ୍ତି (ରେପୋ ରେଟ୍) ସେଥିରେ ଆର୍‌ବିଆଇ ବୃଦ୍ଧି କରିବ। ଫଳରେ ପରବର୍ତ୍ତୀ ସମୟରେ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ଏହି ବୋଝକୁ ଗ୍ରାହକମାନଙ୍କ ଉପରେ ଲଦିବେ। ଏହାଦ୍ୱାରା କଞ୍ଜପ୍‌ଶନ(ଖାଉଟିଙ୍କ ବ୍ୟବହାର) କ୍ଷେତ୍ରରେ ଏକ ଶିଥିଳତା ଦେଖାଦେବ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ମୁଖ୍ୟ ଅର୍ଥନୀତିଜ୍ଞ ସୌମ୍ୟମାନ୍ତୀ ଘୋଷ ଏଭଳି ମତ ରହିଛନ୍ତି। ଏହା ବ୍ୟତୀତ ଆର୍‌ବିଆଇ ପାଖରେ ଆଉ କୌଣସି ବାଟ ନାହିଁ ବୋଲି ସେ କହିଛନ୍ତି। ସେହିପରି ଆଇଡିଏଫ୍‌ସି ବ୍ୟାଙ୍କର ମୁଖ୍ୟ ଅର୍ଥନୀତିଜ୍ଞ ଇନ୍ଦ୍ରନୀଳ ପାନ କହିଛନ୍ତି, ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସକୁ ରୋକିବାକୁ ହେଲେ ସୁଧହାର ବୃଦ୍ଧି ବର୍ତ୍ତମାନ ସମୟରେ ଏକମାତ୍ର ତ୍ୱରିତ ବିକଳ୍ପ। ସୁଧହାର ବୃଦ୍ଧି ହେଲେ ଯାଇ ଭାରତରେ ନିବେଶ କରିବା ପାଇଁ ବିଦେଶୀ ନିବେଶକଙ୍କୁ ସ୍ୱାଗତ କରାଯାଇପାରିବ ବୋଲି ସେ କହିଛନ୍ତି। ଆର୍‌ବିଆଇର ସୂଚନା ଅନୁସାରେ ଚଳିତ ବର୍ଷ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୧୦.୫% ହ୍ରାସ ପାଇ ସାରିଲାଣି।

# ଜିଡିପି ତଥ୍ୟକୁ ନେଇ ପ୍ରଶ୍ନ ଉଠାଇଲେ ଏମ୍‌ପିସି ସଦସ୍ୟ

**ନୂଆଦିଲ୍ଲୀ,୫-୯**

ଜୁନ୍ ତ୍ରୈମାସରେ ଦେଶର ଜିଡିପି ୮.୨%ରେ ପହଞ୍ଚିବା ନେଇ କେନ୍ଦ୍ର ସରକାର ଘୋଷଣା କରିବାର ୫ ଦିନ ନ ପୂରୁଣୁ ଏହା ଉପରେ ରିଜର୍ଭ ବ୍ୟାଙ୍କର ମନିଟାରୀ ପଲିସି କମିଟି (ଏମ୍‌ପିସି) ସଦସ୍ୟ ରବିନ୍ଦ୍ର ଢୋଲକିଆ ପ୍ରଶ୍ନ ଉଠାଇଛନ୍ତି।

ଇକୋନୋମିକ ଆଣ୍ଡ ପଲିଟିକାଲ ୱିକ୍‌ଲିର ସଦ୍ୟତମ ସଂସ୍କରଣରେ ଆର୍ ନାଗରାଜ, ମନିଷ ପାଣ୍ଡ୍ୟ ଏବଂ ଢୋଲକିଆଙ୍କ ପକ୍ଷରୁ ଜିଡିପି ଉପରେ ମିଳିତ ଭାବେ ଏକ ଆର୍ଟିକିଲ୍ ଲେଖାଯାଇଛି। ଏଥିରେ କୁହାଯାଇଛି ଯେ, ଏନ୍‌ଡିଏ ସରକାର ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ମୋଟ୍ ଘରୋଇ ଉତ୍ପାଦ(ଜିଡିପି) ୮.୨% ସ୍ଥିର କଲା ବେଳେ ବିନିର୍ମାଣ କ୍ଷେତ୍ରରେ ଉତ୍ପାଦନକୁ ଅନୁମାନ ଠାରୁ ଅଧିକ ହିସାବ କରିଛନ୍ତି। ଜିଡିପିରେ ବିନିର୍ମାଣ କ୍ଷେତ୍ରର ଅଧିକ ୱେଟେଜ୍ ଦିଆଯାଉଥିବାରୁ ଅନ୍ୟ ତ୍ରୈମାସରୁ ଏହା ଯଥେଷ୍ଟ ଅଧିକ ହୋଇଛି। ଶୁକ୍ରବାର ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ଜିଡିପି ଡାଟା ଜାରି କରାଯାଇଥିଲା। ଏଥିରେ ବିନିର୍ମାଣ କ୍ଷେତ୍ରରେ ଉତ୍ପାଦନ ପ୍ରଥମ ତ୍ରୈମାସରେ ୧୩.୫%ରେ ପହଞ୍ଚିଥିଲା ବୋଲି ଦର୍ଶାଯାଇଛି। ଆମେରିକା ଓ ଚାଇନା ମଧ୍ୟରେ ଟ୍ରେଡ୍ ୱାର ଆରମ୍ଭ ହୋଇଯିବା ପରିପ୍ରେକ୍ଷୀରେ ସରକାରଙ୍କ ଆର୍ଥିକ ସଂସ୍କାର ଓ ବିତ୍ତୀୟ ପରିଚାଳନା ଯୋଗୁ ଉକ୍ତ ଜିଡିପି ଅଭିବୃଦ୍ଧି ହାସଲ ସମ୍ଭବ ହୋଇପାରିଛି ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ପ୍ରକାଶ କରିଥିଲେ। କେନ୍ଦ୍ର ସରକାର ବିନିର୍ମାଣ କ୍ଷେତ୍ରର ଉତ୍ପାଦନକୁ ହିସାବ କରିବା ପାଇଁ ଶିଳ୍ପ ଜଗତର ବାର୍ଷିକ ସର୍ଭେ ଡାଟା ବଦଳରେ କର୍ପୋରେଟ ଡାଟାକୁ ଆଧାର ଭାବେ ଗ୍ରହଣ କରିଛନ୍ତି। ଢୋଲକିଆ ଏହି ଆଧାର ଉପରେ ପ୍ରଶ୍ନ ଉଠାଇଛନ୍ତି। ଜିଡିପି ଆକଳନରେ ଏହା ଯଥାଯଥ କି ବୋଲି ସେ ନିଜ ଲେଖାରେ ପ୍ରଶ୍ନ ଉଠାଇଛନ୍ତି। ଇତିପୂର୍ବେ ରିଜର୍ଭ ବ୍ୟାଙ୍କ ଅଶୋଧିତ ତୈଳ ଦର ବୃଦ୍ଧି ଏବଂ ଟଙ୍କାର ମୂଲ୍ୟ ହ୍ରାସକୁ ଦୃଷ୍ଟିରେ ରଖି ଚଳିତ ଆର୍ଥିକ ବର୍ଷରେ ଦେଶର ଜିଡିପି ୭.୪% ରହିବ ବୋଲି ପୂର୍ବାନୁମାନ କରିଛନ୍ତି। ମୁଦ୍ରାସ୍ଫୀତି ବୃଦ୍ଧିକୁ ରୋକିବା ଲାଗି ଆର୍‌ବିଆଇ ୨ଥର ସୁଧ ହାର ବୃଦ୍ଧି କରିସାରିଛନ୍ତି।



- ପ୍ରଶ୍ନ ଉଠାଇଛନ୍ତି ରବିନ୍ଦ୍ର ଢୋଲକିଆ
- ବିନିର୍ମାଣ କ୍ଷେତ୍ରରେ ଉତ୍ପାଦନକୁ ଅନୁମାନ ଠାରୁ ଅଧିକ ହିସାବ କରାଯାଇଛି

# ସ୍ୱିଫ୍ଟ ବ୍ୟବସ୍ଥାକୁ ନେଇ ଚେତୁନାହାନ୍ତି ବ୍ୟାଙ୍କ

**ମୁମ୍ବାଇ,୫-୯**

**ରିଜର୍ଭ ବ୍ୟାଙ୍କ ଚିଠି ଲେଖିଲେ**

ସ୍ୱିଫ୍ଟ ବ୍ୟବସ୍ଥାକୁ ନେଇ ବ୍ୟାଙ୍କଗୁଡ଼ିକ ଚେତିନାହାନ୍ତି। ଏଥିରେ ଥିବା ଫାଙ୍କକୁ ଦୂର କରିବା ଲାଗି କଡ଼ା ତାଗିଦ ସତ୍ତ୍ୱେ ବ୍ୟାଙ୍କଗୁଡ଼ିକ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ରିଜର୍ଭ ବ୍ୟାଙ୍କ( ଆର୍‌ବିଆଇ) କ୍ଷୁବ୍ଧ ହୋଇଛି। ବାରମ୍ବାର କୁହାଯିବା ସତ୍ତ୍ୱେ ସ୍ୱିଫ୍ଟ ବ୍ୟବସ୍ଥାକୁ କାହିଁକି ସଜଡ଼ା ଯାଇ ନାହିଁ ବୋଲି ପ୍ରଶ୍ନ କରି ଆର୍‌ବିଆଇ କେତେକ ବ୍ୟାଙ୍କ ପ୍ରମୁଖଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।

ଉଲ୍ଲେଖଥାଉ କି, ହୀରା ବ୍ୟବସାୟୀ ନୀରବ ମୋଦି ଓ ମେହୁଲ ଚୋକ୍‌ସୀ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ସ୍ୱିଫ୍ଟ ବ୍ୟବସ୍ଥା ଜରିଆରେ ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କା ନେଇ ବିଦେଶ ପଳାଇଛନ୍ତି। ଚଳିତ ବର୍ଷ ଜାନୁୟାରୀରେ ଏହାର ପର୍ଦ୍ଦାଫାଶ ପରେ କେନ୍ଦ୍ରୀୟ ବ୍ୟାଙ୍କ ସମସ୍ତ ବ୍ୟାଙ୍କର ସିଇଓମାନଙ୍କ ନିକଟକୁ ଏକ ଗୋପନ ପତ୍ର ପଠାଇ ଏଥିରେ ଥିବା ଫାଙ୍କକୁ ସୁଧାରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ପରେ ଖୋଳତାଡ଼ରୁ ଜଣାପଡ଼ିଥିଲା ଯେ,ଅଧିକାଂଶ ବ୍ୟାଙ୍କ ସ୍ୱିଫ୍ଟ ବ୍ୟବସ୍ଥାରେ ଥିବା ଫାଙ୍କକୁ ସୁଧାରି ନାହାନ୍ତି। ଏଥିରେ ଅସନ୍ତୁଷ୍ଟ ଆର୍‌ବିଆଇ ବିଳମ୍ବର କାରଣ ଜଣାଇବାକୁ ୨୫ଟି ବ୍ୟାଙ୍କ ସିଇଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପିଏନ୍‌ବିର ସ୍ୱିଫ୍ଟ ବ୍ୟବସ୍ଥାକୁ କୋର୍ ବ୍ୟାଙ୍କିଙ୍ଗ ସହ ଯୋଡ଼ା ଯାଇ ନ ଥିବାରୁ ଦୀର୍ଘବର୍ଷ ଧରି ଏହି ବ୍ୟବସ୍ଥାର ଅପବ୍ୟବହାର କରି ନୀରବ ମୋଦି ଓ ମେହୁଲ ଚୋକ୍‌ସୀ ଜାଲ୍ ଲେଟର ଅଫ ଅଣ୍ଡରଟେକିଂ(ଏଲ୍‌ଓୟୁ) ଜରିଆରେ ଉକ୍ତ ଟଙ୍କା ଉଠାଇବାରେ ସକ୍ଷମ ହୋଇଥିଲେ।

## ବିମୁଦ୍ରୀକରଣ ବେଳେ ଅଚଳ ନୋଟ୍ ଜମା
# ୬୦% ଜନଧନ ଆକାଉଣ୍ଟ ଉପରେ ନଜର

**ନୂଆଦିଲ୍ଲୀ,୫-୯**

ଦେଶର ବିଭିନ୍ନ ବ୍ୟାଙ୍କରେ ୩୭ ମିଲିୟନ ଜନଧନ ଆକାଉଣ୍ଟ ଖୋଲାଯାଇଛି। ବିମୁଦ୍ରୀକରଣ ବେଳେ ଏହିସବୁ ଆକାଉଣ୍ଟରେ ପ୍ରଚୁର ପରିମାଣରେ ଅଚଳ ନୋଟ୍ ଜମା କରାଯାଇଥିଲା। ଏମାନଙ୍କ ମଧ୍ୟରୁ ପ୍ରାୟ ୬୦ ପ୍ରତିଶତ ଆକାଉଣ୍ଟ ଉପରେ ଏବେ ଆୟକର ବିଭାଗ ନଜର ରଖିଛି ବୋଲି କେନ୍ଦ୍ର ସରକାର ବୁଧବାର ପ୍ରକାଶ କରିଛି।

ଖବରଦାତାଙ୍କ ସହ ଆଲୋଚନା କାଳରେ ଅର୍ଥ ସଚିବ ହସମୁଖ ଅଧିଆ କହିଛନ୍ତି ଯେ, ବିଭିନ୍ନ ବ୍ୟାଙ୍କର ୧୮୭ ଶାଖାରୁ କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ(ସିବିଡିଟି) ୩୦ଟି ଏକୀକୃତ ରିପୋର୍ଟ ପାଇଥିଲେ। ପ୍ରଥମ ଦୃଷ୍ଟିରେ ଦେଖିଲେ ଜନଧନ ଆକାଉଣ୍ଟରେ ଜମା ଅର୍ଥ ବେଆଇନ ବୋଲି ଏବେ କହିହେବ ନାହିଁ। ସିବିଡିଟିକୁ ମିଳିଥିବା ତଥ୍ୟକୁ ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତଦନ୍ତକାରୀ ଏଜେନ୍ସି ପକ୍ଷରୁ ଜମାକାରୀଙ୍କ ଆୟ ସହ ତାଙ୍କର ଜମାକୁ ମିଳାଇବା ଆରମ୍ଭ କରିଛନ୍ତି। ଯେଉଁଠି ଏହା ମିଶୁ ନାହିଁ , ସେକ୍ଷେତ୍ରରେ ଏଜେନ୍ସି ପକ୍ଷରୁ ପରବର୍ତ୍ତୀ ଯାଞ୍ଚ ଆରମ୍ଭ କରାଯାଇଛି। ତଦନ୍ତରୁ ସଂଗୃହୀତ ତଥ୍ୟକୁ ଆଧାର କରି ଜନଧନ ଆକାଉଣ୍ଟରେ ଜମା ହୋଇଥିବା ଅର୍ଥ ସମ୍ପର୍କରେ ପରେ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି। ତଦନ୍ତ ରିପୋର୍ଟକୁ ଅଦାଲତ ଠିକ୍ ଦର୍ଶାଇଲେ ହିଁ ଜମା ଅର୍ଥକୁ ବେଆଇନ କୁହାଯିବ। ସମ୍ପୂର୍ଣ୍ଣ ପ୍ରକ୍ରିୟା ପାଳନ ନ କରି ଏହିସବୁ ଆକାଉଣ୍ଟକୁ ଅଚଳ କରାଯାଇପାରିବ ନାହିଁ। ସୂଚନାଥାଉ କି, ବ୍ୟାଙ୍କିଙ୍ଗ ସେବାକୁ ଘରେ ଘରେ ପହଞ୍ଚାଇବା ଲକ୍ଷ୍ୟରେ ୨୦୧୪ ଅଗଷ୍ଟରେ ଜନଧନ ଯୋଜନାର ଶୁଭାରମ୍ଭ କରାଯାଇଥିଲା।

# ୭୨ର ନିକଟତର ଟଙ୍କା

**ମୁମ୍ବାଇ,୫-୯**

ବୁଧବାର କ୍ରମାଗତ ୬ଷ୍ଠ ଦିନ ମଧ୍ୟ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ହ୍ରାସ ପାଇଛି। ସକାଳେ ଟଙ୍କା ୭୧.୪୫ ସ୍ତରରେ କାରବାର ଆରମ୍ଭ କରିଥିଲା। ଏକ ସମୟରେ ଏହା ୭୧.୯୭ରେ ପହଞ୍ଚି ଯାଇଥିଲା ବେଳେ ରିଜର୍ଭ ବ୍ୟାଙ୍କର ହସ୍ତକ୍ଷେପ ଯୋଗୁ ୭୧.୭୫ ସ୍ତରରେ ବନ୍ଦ ହୋଇଛି। ଫଳରେ ଏହା ୧୭ ପଇସା ହ୍ରାସ ପାଇଛି। ଆର୍‌ବିଆଇ ମୁଦ୍ରାର ମୂଲ୍ୟ ହ୍ରାସ ରୋକିବା ଲାଗି ଡଲାର ବିକ୍ରି କରିଥିଲା।

ବିକାଶଶୀଳ ଦେଶର ମୁଦ୍ରା ବଜାରରେ ଅସ୍ଥିରତା ବୃଦ୍ଧି ପାଇବାର ପ୍ରଭାବ ବୁଧବାର ଭାରତରେ ମଧ୍ୟ ଦେଖିବାକୁ ମିଳିଥିଲା। ଟଙ୍କାର ମୂଲ୍ୟ କ୍ରମାଗତ ହ୍ରାସ ପାଇବା ଯୋଗୁ ଆର୍‌ବିଆଇ ବାଧ୍ୟହୋଇ ହସ୍ତକ୍ଷେପ କରିଥିଲା। ଦୁଇ ଜଣ ଟ୍ରେଡରଙ୍କ କହିବାନୁଯାୟୀ କେନ୍ଦ୍ରୀୟ ବ୍ୟାଙ୍କ ଟଙ୍କାର ମୂଲ୍ୟ ୭୧.୮୦ ଥିଲାବେଳେ ଡଲାର ବିକ୍ରି କରିଥିଲା। ତଥାପି ଏହା ହ୍ରାସକୁ ରୋକି ପାରି ନ ଥିଲା। ଦକ୍ଷିଣ ଆଫ୍ରିକାର ଅର୍ଥନୀତି ମାନ୍ଦାବସ୍ଥାର ଶିକାର ହୋଇଛି ବୋଲି ଖବର ପ୍ରକାଶ ପାଇବା ପରେ ସମସ୍ତ ବିକାଶଶୀଳ ରାଷ୍ଟ୍ରର ମୁଦ୍ରା ବଜାରରେ ଭୟର ବାତାବରଣ ଖେଳିଯାଇଥିଲା। ଅପରପକ୍ଷରେ ତୁର୍କିରେ ମୁଦ୍ରାସ୍ଫୀତି ଅହେତୁକ ବୃଦ୍ଧି ପାଇବା ପରିସ୍ଥିତିକୁ ଆହୁରି ସଙ୍ଗୀନ କରିଥିଲା। ୨୦୦୯ ପରେ ଦେଶର ମୁଦ୍ରାସ୍ଫୀତି ୬% ଟପିଛି ବୋଲି ଫିଲିପାଇନ୍ସ ବୁଧବାର ଘୋଷଣା କରିଛି। ଗୋଟିଏ ପଟେ ଟଙ୍କାର ମୂଲ୍ୟ କମୁଛି ଅନ୍ୟପଟେ ବଣ୍ଡ ୟିଲ୍ଡ ବଢ଼ୁଛି। ମଙ୍ଗଳବାର ୧୦ ବର୍ଷିଆ ବଣ୍ଡ ୟିଲ୍ଡ ୮.୦୬୩% ରହିଥିବା ବେଳେ ବୁଧବାର ଏହା ୮.୦୯୧%ରେ ବନ୍ଦ ହୋଇଛି। ଟଙ୍କା ଓ ବଣ୍ଡ ୟିଲ୍ଡ ବିପରୀତମୁଖୀ ହେବା ସଙ୍କଟ ପରିସ୍ଥିତି ସୃଷ୍ଟି କରିଛି ବୋଲି ବ୍ଲୁମବର୍ଗ ଇକୋନୋମିଷ୍ଟ ଅଭିଷେକ ଗୁପ୍ତା କହିଛନ୍ତି। ଟଙ୍କାରେ ଦେଖାଦେଇଥିବା ଅସ୍ଥିରତା ଯୋଗୁ ବହୁ କମ୍ପାନୀ ଦେବାଳିଆ ହୋଇଯିବେ ବୋଲି ଆଶଙ୍କା ପ୍ରକାଶ ପାଇଛି।



- କ୍ରମାଗତ ୬ଷ୍ଠ ଦିନ ପାଇଁ ଟଙ୍କାର ବିନିମୟ ମୂଲ୍ୟ ହ୍ରାସ
- ଟଙ୍କାର ଅସ୍ଥିରତା ଯୋଗୁ ଦେବାଳିଆ ହୋଇପାରନ୍ତି ବହୁ କମ୍ପାନୀ
- କମୁଛି ଟଙ୍କା ବଢ଼ୁଛି ବଣ୍ଡ୍ ୟିଲ୍ଡ

> ଏସିଆନ ଗେମ୍ସରେ ପୋଡିୟମ ଉପରେ ମୁଁ କେବଳ ତ୍ରିରଙ୍ଗାକୁ ଚାହିଁ ଜାତୀୟ ସଙ୍ଗୀତ ଗାନ କରିଥିଲି ଏବଂ ଅତୀତର ସଂଘର୍ଷମୟ ଜୀବନକୁ ମନେ ପକାଇଥିଲି ।
>
> –ନୀରଜ ଚୋପ୍ରା, ଜାଭେଲିନ ଥ୍ରୋୟର



> ସୁମିତ ନାଗାଲ ଭାରତୀୟ ଡେଭିସ୍ କପ୍ ଦଳରେ ଷ୍ଟାଣ୍ଡବାଇ ଖେଳାଳି ଭାବେ ଯୋଗଦେବାକୁ ଅସ୍ୱୀକାର କରିବା ଆମମାନଙ୍କୁ ବିସ୍ମିତ କରିଛି ।
>
> –ହିରଣ୍ମୟ ଚାଟାର୍ଜୀ, ଏଆଇଟିଏ ସମ୍ପାଦକ



## ସଂକ୍ଷେପରେ

### ସରୋଜ ମହାସୁଆର ପୁରସ୍କାର ଉତ୍ସବ ରବିବାରକୁ ଘୁଞ୍ଚିଲା

ଭୁବନେଶ୍ୱର, ୫।୯(କ୍ରୀଡ଼ା ପ୍ରତିନିଧି): ବର୍ଷା ଓ ପ୍ରତିକୂଳ ପାଗ ଯୋଗୁ ଚଳିତ ବର୍ଷର ସରୋଜ ମହାସୁଆର କ୍ରୀଡ଼ା ପୁରସ୍କାର ପ୍ରଦାନ ଉତ୍ସବକୁ ଘୁଞ୍ଚାଇ ଦିଆଯାଇଛି। ଆସନ୍ତା ରବିବାର ଏହି କାର୍ଯ୍ୟକ୍ରମ ପୁରୁଣା ଭୁବନେଶ୍ୱରସ୍ଥିତ ଟାଉନ୍‌କ୍ଲବ ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ସରୋଜ ମହାସୁଆର ସ୍ମୃତି କମିଟି ଆବାହକ ମନୋଜ ମହାପାତ୍ର ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଅଭିଜ୍ଞ ଅମ୍ପାୟର ନିର୍ମଳ କୁମାର ମିଶ୍ର ଓ ଯୁବ ବ୍ୟାଟ୍ସମ୍ୟାନ ରଘୁନାଥ ମଲ୍ଲ ଚଳିତ ବର୍ଷର ସରୋଜ ମହାସୁଆର କ୍ରୀଡ଼ା ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଶ୍ରେଷ୍ଠ ଅମ୍ପାୟର ଭାବେ ନିର୍ମଳ ଓ ପ୍ରତିଭା ସମ୍ପନ୍ନ ବ୍ୟାଟ୍ସମ୍ୟାନ ଭାବେ ରଘୁନାଥ ଏହି ପୁରସ୍କାର ପାଇବେ।

### ଆଦିତ୍ୟଙ୍କ ପୁଅଙ୍କୁ ସସପେଣ୍ଡ କଲା ବିସିଏ

ନୂଆଦିଲ୍ଲୀ, ୫।୯ (ପି.ଟି.): ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ସ୍ପଟ୍ ଫିକ୍ସିଂ ମାମଲାରେ ପିଟିସନ ଦାଖଲ କରିଥିବା ଆଦିତ୍ୟ ବର୍ମାଙ୍କ ପୁଅ ଲକ୍ଷନ ରାଜାଙ୍କୁ ବିହାର କ୍ରିକେଟ ଆସୋସିଏଶନ (ବିସିଏ) ଦୁଇ ବର୍ଷ ପାଇଁ ସସ୍‌ପେଣ୍ଡ କରିଛି। ବାସନ୍ଦ ହୋଇଥିବା ଏକ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବା ସହ ବିନା ଅନୁମତିରେ ଏକ କର୍ପୋରେଟ ଟୁର୍ନାମେଣ୍ଟରେ ଭାଗ ନେଇଥିବାରୁ ଲକ୍ଷନଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ବିସିଏ ତରଫରୁ କୁହାଯାଇଛି। ପୂର୍ବରୁ ଅନ୍ୟ ରାଜ୍ୟ ପାଇଁ ଖେଳିବାକୁ ଲକ୍ଷନ ନୋ ଅବଜେକ୍ସନ ସାର୍ଟିଫିକେଟ (ଏନଓସି) ବା ଅନାପତ୍ତି ପ୍ରମାଣ ପତ୍ର ପାଇଁ ଆବେଦନ କରିଥିଲେ। ତେବେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପୂର୍ବରୁ ଏନ୍‌ଓସି ନ ଦେବାକୁ ସ୍ପଷ୍ଟ କରିଥିଲା। ଫଳରେ ଲକ୍ଷନଙ୍କ ବିରୋଧରେ ଏଭଳି ନିଷ୍ପତ୍ତି ନେବାକୁ ହେଲା ବୋଲି ବିସିଏ ତରଫରୁ କୁହାଯାଇଛି। ଅନ୍ୟପଟେ ବିସିଏ ସମ୍ପାଦକ ରବି ଶଙ୍କର ବିରୋଧରେ ଅଭିଯୋଗ ଆଣିଛନ୍ତି ଆଦିତ୍ୟ। ରବିଙ୍କ ସହ ମୋର ପ୍ରତିଦ୍ୱନ୍ଦ୍ୱିତାଥିବାରୁ ମୋ ପୁଅକୁ ବଳି ପକାଯାଇଛି ବୋଲି ସେ କହିଛନ୍ତି। ଆଦିତ୍ୟ ବର୍ମା ଏବେ ଅଣସ୍ୱୀକୃତିପ୍ରାପ୍ତ କ୍ରିକେଟ ଆସୋସିଏଶନ ଅଫ ବିହାର (ସିଏବି)ର ସମ୍ପାଦକ ରହିଛନ୍ତି। ତେବେ ବିସିସିଆଇ ବିସିଏକୁ ରାଜ୍ୟର ପ୍ରକୃତ ଆସୋସିଏଶନ ହିସାବରେ ସ୍ୱୀକୃତି ପ୍ରଦାନ କରିଛି। ମୋ ପୁଅ ହାଇଦ୍ରାବାଦ କ୍ରିକେଟ ଲିଗ୍‌ରେ ଇଣ୍ଡିଆ ସିମେଣ୍ଟ୍ସ ତରଫରୁ ଖେଳିଥିଲା। ହଠାତ୍ ତାକୁ ଅନ୍ୟାୟ ଭାବେ ବାସନ୍ଦ କରାଗଲା। ପୁଣି ବାସନ୍ଦ କରିବା ପୂର୍ବରୁ ତାକୁ ମଧ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇନାହିଁ। ମୁଁ ଏ ନେଇ ମାମଲା ଦାଏର କରିଛି ବୋଲି ବର୍ମା କହିଛନ୍ତି। ଅନ୍ୟ ରାଜ୍ୟ ପାଇଁ ଖେଳିବାକୁ ଲକ୍ଷନ ଏନ୍‌ଓସି ପାଇବାକୁ ବିସିସିଆଇକୁ ଲେଖି ଜଣାଇଥିଲେ। ତେବେ ଏଥିପାଇଁ ରାଜ୍ୟ ଆସୋସିଏଶନର ଅନୁମତି ଆବଶ୍ୟକ ବୋଲି ବୋର୍ଡ କ୍ରିକେଟ ଅପରେଶନ ଜେନେରାଲ ମ୍ୟାନେଜର (ଜିଏମ୍) ସବା କରିମ ତାଙ୍କୁ କହିଥିଲେ। ଅନ୍ୟପଟେ ବିସିଏ ଅଧ୍ୟକ୍ଷ ଗୋପାଳ ବୋରା ଲକ୍ଷନ ବାସନ୍ଦ ହେବା ନେଇ ସଫେଇ ଦେଇଛନ୍ତି।

### ଆଜାମଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର, ୫।୯(ସ୍ପୋର୍ଟ୍ସ ବ୍ୟୁରୋ): ଇଣ୍ଡୋନେସିଆର ଜାକର୍ତ୍ତା ଓ ପାଲେମବାଙ୍ଗରେ ଅନୁଷ୍ଠିତ ଏସିଆନ ଗେମ୍ସର ସଫ୍ଟ ଟେନିସ ଇଭେଣ୍ଟରେ ଟେକ୍ନିକାଲ ଅଫିସିଆଲ ଦାୟିତ୍ୱ ତୁଲାଇଥିବା ମହମ୍ମଦ ଆଜାମଙ୍କୁ ବୁଧବାର ଏଠାରେ ସମ୍ବର୍ଦ୍ଧିତ କରାଯାଇଛି। ଏସିଆନ ଗେମ୍ସରେ ସଫ୍ଟ ଟେନିସ ଅଗଷ୍ଟ ୨୮ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ଚାଲିଥିଲା। ସେଠାରେ ଆଜାମ ଜାପାନ ଓ କୋରିଆ ମଧ୍ୟରେ ଅନୁଷ୍ଠିତ ଟିମ୍ ଇଭେଣ୍ଟ ଫାଇନାଲରେ ଚେୟାର ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। ସେହିପରି ଇଣ୍ଡୋନେସିଆ ଓ କୋରିଆ ସିଙ୍ଗଲ୍ସ ମ୍ୟାଚରେ ମଧ ସେ ଚେୟାର ଅମ୍ପାୟରିଂ କରିଥିଲେ। ଓଡ଼ିଶା ସଫ୍ଟବଲ ଟେନିସ ଆସୋସିଏଶନର ସମ୍ପାଦକ ଥିବା ଆଜାମ ଓ ସଭାପତି ବିକାଶ ଚନ୍ଦ୍ର ପଟ୍ଟନାୟକ ଭୁବନେଶ୍ୱର ଫେରିବା ପରେ ସେମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ସେମିରେ ନାଡାଲ, ସେରେନା



ୟୁଏସ୍ ଓପନ ଟେନିସ୍ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଜିତିବା ପରେ ରାଫାଲ ନାଡାଲଙ୍କ ପ୍ରତିକ୍ରିୟା।

**ୟୁଏସ୍ ଓପନ୍**

ନ୍ୟୁୟର୍କ, ୫।୯(ଏଏଫ୍‌ପି)

ଡିଫେଣ୍ଡିଂ ଚାମ୍ପିୟନ ରାଫାଲ ନାଡାଲ ଚଳିତ ୟୁଏସ୍ ଓପନ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସଂଘର୍ଷପୂର୍ଣ୍ଣ କ୍ୱାର୍ଟର ଫାଇନାଲରେ ନାଡାଲ ୦-୬, ୬-୪, ୭-୫, ୬-୭ (୪/୭), ୭-୬ (୭/୫) ସେଟ୍‌ରେ ଡୋମିନିକା ଥିଏମଙ୍କୁ ପରାସ୍ତ କରିଛନ୍ତି। କିନ୍ତୁ ମଙ୍ଗଳବାର ମଧ୍ୟରାତ୍ରିରେ ଖେଳାଯାଇଥିବା ମ୍ୟାଚ୍‌ର ପ୍ରଥମ ସେଟ୍‌ରେ ନାଡାଲ ୦-୬ ବ୍ୟବଧାନରେ ଥିଏମଙ୍କ ଠାରୁ ହାରିଯାଇଥିଲେ। ଲମ୍ବା କ୍ୟାରିୟରରେ ୨୮୨ ଗ୍ରାଣ୍ଡସ୍ଲାମ ମ୍ୟାଚ୍ ଖେଳିଥିବା ନାଡାଲ ୪ର୍ଥ ଥର ପାଇଁ କୌଣସି ସେଟ୍‌ରେ ଗୋଟିଏ ହେଲେ ବି ପଏଣ୍ଟ ଅର୍ଜନ କରି ପାରି ନ ଥିଲେ। କିନ୍ତୁ ପରବର୍ତ୍ତୀ ଦୁଇଟି ସେଟ୍‌କୁ ୬-୪ ଓ ୭-୫ ବ୍ୟବଧାନରେ ଜିତି ନେଇଥିଲେ। ଏହାପରେ ୪ର୍ଥ ସେଟ୍‌ରେ ଉଭୟ ଖେଳାଳିଙ୍କ ମଧ୍ୟରେ କଡ଼ା ସଂଘର୍ଷ ହୋଇଥିଲା। ଫଳରେ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ୯ମ ସିଡ୍ ଥିଏମ ୭/୪ ରେ ବିଜୟୀ ହୋଇଥିଲେ। ସମାନ ସ୍ଥିତି ନିର୍ଣ୍ଣାୟକ ସେଟ୍‌ରେ ମଧ ଦେଖିବାକୁ ମିଳିଥିଲା। କିନ୍ତୁ ଏଥିରେ ନାଡାଲ ୭/୫ ବ୍ୟବଧାନରେ ବିଜୟୀ ହୋଇଥିଲେ। ମୁକାବିଲାକୁ ଜିତିବା ପାଇଁ ତାଙ୍କୁ ୪ ଘଣ୍ଟା ୪୯ ମିନିଟ୍ ଲାଗିଥିଲା। ଏହି ବିଜୟ ସହ ନଂ୧ ର୍‍ୟାଙ୍କଧାରୀ ସ୍ପାନିଶ ଖେଳାଳି କ୍ରମାଗତ ୩ୟ ଥର ଲାଗି ଗ୍ରାଣ୍ଡସ୍ଲାମ ସେମିରେ ସ୍ଥାନ ପାଇଛନ୍ତି। ସେ ଆଗାମୀ ମ୍ୟାଚ୍‌ରେ ଆର୍ଜେଣ୍ଟିନାର ଜୁଆନ ମାର୍ଟିନ ଡେଲ ପୋଟ୍ରୋଙ୍କୁ ଭେଟିବେ।

ଛ'ଥର ଚାମ୍ପିୟନ ସେରେନା ୱିଲିୟମ୍ସ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ରାତିରେ ଖେଳାଯାଇଥିବା ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ସେରେନା ୬-୪, ୬-୩ ସିଧାସଳଖ ସେଟ୍‌ରେ ୮ମ ସିଡ୍ ଚେକ୍ ଗଣରାଜ୍ୟର କାରୋଲିନା ପ୍ଲିସ୍କୋଭାଙ୍କୁ ପରାସ୍ତ କରିଛନ୍ତି। କ୍ୟାରିୟରର ୨୪ତମ ଗ୍ରାଣ୍ଡସ୍ଲାମ ଦୌଡ଼ରେ ଥିବା ୩୬ ବର୍ଷୀୟା ସେରେନା ସେମିଫାଇନାଲରେ ଲାଟ୍ଭିଆର ଆନାସ୍ତାସିଜା ସେବାସ୍ତୋଭାଙ୍କୁ ଭେଟିବେ। ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ୧୯ତମ ସିଡ୍ ସେବାସ୍ତୋଭା ୬-୨, ୬-୩ ସିଧାସଳଖ ସେଟ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ସ୍ଲୋଆନେ ଷ୍ଟିଫେନ୍ସଙ୍କୁ ପରାସ୍ତ କରିଛନ୍ତି।



ସ୍ଲୋଆନେ ଷ୍ଟିଫେନ୍ସ



ସେରେନା ୱିଲିୟମ୍ସ

# ଭାମ୍ବ୍ରି, ଶରନ ଓହରିଲେ

**ଡେଭିସ୍ କପ୍**

ନୂଆଦିଲ୍ଲୀ, ୫।୯(ପି.ଟି.)

ଭାରତର ଟପ୍ ସିଙ୍ଗଲ୍ସ ଟେନିସ ଖେଳାଳି ୟୁକି ଭାମ୍ବ୍ରି ଏବଂ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ଡିଭିଜ ଶରନ ଆହତ ସମସ୍ୟା ଲାଗି ସର୍ବିୟା ବିପକ୍ଷରେ ଖେଳାଯିବାକୁ ଥିବା ଡେଭିସ୍ କପ୍ ୱାର୍ଲ୍ଡ ଗ୍ରୁପ୍ ପ୍ଲେ-ଅଫ୍ ମ୍ୟାଚ୍‌ରୁ ଓହରି ଯାଇଛନ୍ତି। ସେହିଭଳି ଅନ୍ୟତମ ଖେଳାଳି ସୁମିତ୍ ନାଗଲ ଷ୍ଟାଣ୍ଡ-ବାଏ ଖେଳାଳିଭାବେ ଦଳରେ ଯୋଗ ଦେବାକୁ ମନା କରିଦେଇଛନ୍ତି। ସେପ୍ଟେମ୍ବର ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଏହି ମ୍ୟାଚ୍ ଖେଳାଯିବ। ନିକଟରେ ସମାପ୍ତ ହୋଇଥିବା ଏସିଆନ ଗେମ୍ସରେ ରୋହନ ବୋପାନ୍ନାଙ୍କୁ ସାଥୀ କରି ଶରନ ପୁରୁଷ ଡବଲ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତେବେ କହୁଣିଜନିତ ସମସ୍ୟା ଲାଗି ସେ ସର୍ବିୟା ବିପକ୍ଷ ଡେଭିସ୍ କପ୍ ମ୍ୟାଚ୍‌ରୁ ଓହରି ଯାଇଛନ୍ତି। ସେହିଭଳି ନିକଟରେ ୟୁଏସ୍ ଓପନ୍ ପୁରୁଷ ଡବଲ୍ସ ଖେଳୁଥିବାବେଳେ ଭାମ୍ବ୍ରିଙ୍କ ଗୋଇଠିରେ ସମସ୍ୟା ଦେଖାଦେଇଥିଲା। ଭାରତୀୟ ଡେଭିସ୍ କପ୍ ଦଳରେ ୬ଷ୍ଠ ଖେଳାଳିଭାବେ ସ୍ଥାନ ପାଇଥିବା ସାକେତ୍ ମାଇନେନୀ ଏବେ ଭାମ୍ବ୍ରିଙ୍କ ବଦଳରେ ଖେଳିବା ନିଶ୍ଚିତ ହୋଇଛି। ସେହିଭଳି ଶରନଙ୍କ ବଦଳ ଖେଳାଳି ଭାବେ ଏନ୍. ଶ୍ରୀରାମ ବାଲାଜୀ ଖେଳିବେ। ଅପରପକ୍ଷରେ ପୁଣେର ଉଦୀୟମାନ ଖେଳାଳି ଅର୍ଜୁନ ଖାଡେ ରିଜର୍ଭ ଖେଳାଳି ଭାବେ ଦଳ ସହ ଯୋଗଦେବେ ବୋଲି ଜଣାପଡ଼ିଛି। ତେବେ ସୁମିତ୍ ନାଗଲ ସେହି ସମୟରେ ପୋଲାଣ୍ଡରେ ଚ୍ୟାଲେଞ୍ଜର ଟୁର୍ନାମେଣ୍ଟ ଖେଳିବାକୁ ଥିବାରୁ ଏହି ମ୍ୟାଚ୍ ଖେଳିବାକୁ ଅଗ୍ରାହ୍ୟ କରିଦେଇଛନ୍ତି।

### ରମାଦେବୀ ଅଲ୍ ଓଡ଼ିଶା ମହିଳା ଚେସ୍ ଆରମ୍ଭ

ଭୁବନେଶ୍ୱର, ୫।୯(କ୍ରୀଡ଼ା ପ୍ରତିନିଧି)

ରମାଦେବୀ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଅଲ୍ ଓଡ଼ିଶା ମହିଳା ଚେସ୍ ଟୁର୍ନାମେଣ୍ଟ ବୁଧବାର ଆରମ୍ଭ ହୋଇଛି। ବିଶ୍ୱବିଦ୍ୟାଳୟ ପରିସରରେ ୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ୮ଟି ଜିଲ୍ଲାରୁ ମୋଟ ୪୮ ପ୍ରତିଯୋଗୀ ଭାଗ ନେଇଛନ୍ତି। ଏମାନଙ୍କ ମଧ୍ୟରେ ୧୫ଜଣ ରେଟେଡ ଖେଳାଳି ଅଛନ୍ତି। ଶ୍ରଦ୍ଧାଞ୍ଜଳି ଜେନା ଟପ୍ ସିଡ୍‌ର ମାନ୍ୟତା ପାଇଛନ୍ତି। ପ୍ରଥମ ଦିବସରେ ମୋଟ ୨ ରାଉଣ୍ଡ ଖେଳ ଅନୁଷ୍ଠିତ ହୋଇଛି। ୨ଟି ଯାକ ମ୍ୟାଚରେ ବିଜୟ ହାସଲ କରି ୧୨ ଖେଳାଳି ମିଳିତଭାବେ ଅଗ୍ରଣୀ ହାସଲ କରିଛନ୍ତି। ରମାଦେବୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପଦ୍ମଜା ମିଶ୍ର ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅପରାଜିତା ଗୋଚ୍ଛିକାର, ଧନଞ୍ଜୟ ସବତ, ଦୁର୍ଗା ଶଙ୍କର ଷଡ଼ଙ୍ଗୀ, ଚଣ୍ଡି ଚରଣ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ଇଂଲଣ୍ଡ ପ୍ରଶଂସାର ପାତ୍ର

**ମହିନ୍ଦର ଅମରନାଥ**

ଭାରତୀୟ ଦଳ ଉଚ୍ଚ ଅଭିଳାଷ ସହିତ ଇଂଲଣ୍ଡ ଗସ୍ତ କରିଥିଲା। ଏହି ଗସ୍ତରେ ଭଲ କରିବ କିମ୍ବା ସିରିଜ ଜିତିବ ବୋଲି ଭାରତ ଲକ୍ଷ୍ୟ ରଖିଥିଲା। କିନ୍ତୁ ଶେଷରେ କଥା ଅଲଗା ହେଲା। ଏଥର ବୋଲିଂ ନୁହେଁ, ବ୍ୟାଟିଂ ଭାରତ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ମୁଭ କରୁଥିବା ବଲକୁ ଖେଳିବାରେ ଭାରତୀୟ ବ୍ୟାଟ୍ସମ୍ୟାନମାନେ ବିଫଳ ହୋଇଛନ୍ତି। ଅଧିନାୟକ ବିରାଟ କୋହଲି ଏପରି କି, ଅଜିଙ୍କ୍ୟ ରାହାନେ ଓ ଚେତେଶ୍ୱର ପୂଜାରାଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ମୁଭ କରୁଥିବା ବଲ୍ ବିପକ୍ଷରେ ସେତେଟା ସହଜ ନ ଥିଲେ। ଯଦିଓ କେତେଜଣ ରନ ସଂଗ୍ରହ କରିଛନ୍ତି। ଯେତେବେଳେ ଏହି ବଲ ବ୍ୟାଟ୍ ବିଟ୍ କରିଛି କିମ୍ବା ଚକ୍‌ମା ଦେଇଛି, ସେତେବେଳେ କିଛି ବି ହେବା ଭଳି ଲାଗୁଥିଲା। ଖାସ ଏଥିପାଇଁ ଭାରତକୁ ସିରିଜ ହାତଛଡ଼ା କରିବାକୁ ପଡିଛି।

ବ୍ୟାଟିଂରେ ଟେକନିକ୍‌ର ଅଭାବ କାରଣରୁ ଆମକୁ ଅପଦସ୍ଥ ହେବାକୁ ପଡିଛି। ଏକାଧିକ ଖେଳାଳି ଭଲ ଆରମ୍ଭ କରିଛନ୍ତି। କିନ୍ତୁ ସେମାନେ ଏହାକୁ ବଡ଼ ସ୍କୋରରେ ପରିଣତ କରିବାରେ ବିଫଳ ହୋଇଛନ୍ତି। ଏହାର କାରଣ ହେଉଛି ଟେମ୍ପରାମେଣ୍ଟ ବା ସ୍ୱଭାବ, ଆପ୍ଲିକେସନ ଓ ତାଳମେଳର ଅଭାବ। କିନ୍ତୁ କୋହଲି ଏଥିରେ ବେଶ୍ ସଫଳ ହୋଇଛନ୍ତି। ଯଦିଓ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ମଧ ରନ କରିବାରେ ସଫଳ ହୋଇପାରିନାହାନ୍ତି ବୋଲି କେତେକ କହିବେ। କିନ୍ତୁ ଇଂଲଣ୍ଡ ସିରିଜ ଜିତିଛି। ଏହା ହେଉଛି ଭାରତ ଓ ଇଂଲଣ୍ଡ ମଧ୍ୟରେ ମୁଖ୍ୟ ଫରକ। ଭାରତକୁ ଯେ ସୁଯୋଗ ମିଳିନାହିଁ, ଏକଥା କେହି କହିପାରିବେ ନାହିଁ। ଭାରତୀୟ ବୋଲରମାନେ ଜବରଦସ୍ତ ପ୍ରଦର୍ଶନ କରିଛନ୍ତି। ଦ୍ରୁତ ବୋଲରମାନେ ହୃଦୟର ସହ ବୋଲିଂ କରିଛନ୍ତି ଓ ଇଂଲଣ୍ଡ ବ୍ୟାଟ୍ସମ୍ୟାନଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଛନ୍ତି। ତେବେ ଶେଷରେ ଭାରତୀୟ ବ୍ୟାଟିଂ ହିଁ ସବୁ ବିପର୍ଯ୍ୟୟର ମୁଖ୍ୟ କାରଣ ବୋଲି କୁହାଯାଇପାରେ। ପୁଣି ୬ ନମ୍ବର ବା ଷଷ୍ଠ ବ୍ୟାଟ୍ସମ୍ୟାନଙ୍କ ଅଭାବ ପରିଲକ୍ଷିତ ହୋଇଥିଲା। ୫ଜଣ ବ୍ୟାଟ୍ସମ୍ୟାନ ଓ ଜଣେ ଅଲରାଉଣ୍ଡରଙ୍କୁ ନେଇ ଟେଷ୍ଟ ଖେଳିବା ଠିକ୍ ନୁହେଁ। ପୁଣି ଇଂଲଣ୍ଡ ଭଳି ଦଳ ବିପକ୍ଷରେ ଏହା ଆଦୌ ଗ୍ରହଣୀୟ ନୁହେଁ। ଭାରତରେ କିମ୍ବା ଉପମହାଦେଶରେ ଏହି ନୀତି କାମ କରିବ। କିନ୍ତୁ ବିଦେଶରେ ଏହା ଆଦୌ ନୁହେଁ। ଭାରତ ପାଇଁ ଏହି ନୀତି ସହାୟ ହେଲା ନାହିଁ।

ଓଭାଲରେ ଖେଳାଯିବାକୁଥିବା ଚତୁର୍ଥ ତଥା ଅନ୍ତିମ ଟେଷ୍ଟ ମ୍ୟାଚ ଭାରତ ପାଇଁ ଚ୍ୟାଲେଞ୍ଜ୍ ସୃଷ୍ଟି କରିଛି। ଯେତେବେଳେ ଗୋଟିଏ ଦଳ ସିରିଜ ହାରିସାରିଥାଏ, ସେତେବେଳେ ଏକାଧିକ କଥା ମୁଣ୍ଡରେ ପଶିଥାଏ। ଏକାଧିକ ବ୍ୟାଟ୍ସମ୍ୟାନ ରନ ସଂଗ୍ରହ କରିବାରେ ବିଫଳ ହୋଇଛନ୍ତି। ଆଗକୁ ଘରୋଇ ସିରିଜ ଥିବାରୁ ସେମାନେ ନିଶ୍ଚିତଭାବେ ଚାପରେ ରହିବେ। ତେବେ ଅନ୍ତିମ ମ୍ୟାଚ୍‌ରେ ସେମାନେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା କରାଯାଉଛି। ସିରିଜ ହାତଛଡ଼ା ହୋଇସାରିଥିବାର ଅଧିକ କିଛି ଆଶା କରିବାର ନାହିଁ। କିନ୍ତୁ ୧ ନମ୍ବର ଟେଷ୍ଟ ଦଳ ହୋଇଥିବାରୁ ଭାରତକୁ ଅନ୍ତିମ ମ୍ୟାଚରେ ବିଜୟୀ ହେବାକୁ ପଡିବ ଓ ବିଦେଶରେ ମଧ ଆମେ ବିଜୟୀ ହେବୁ ଏହା ପ୍ରମାଣ କରିବାକୁ ହେବ।

ଓଭାଲର ଏକ ଭଲ ବ୍ୟାଟିଂ ପିଚ୍ ଦେଖିବାକୁ ମିଳିବ। ଏଠାରେ ପୂର୍ବରୁ ବହୁତ ରନ ସଂଗ୍ରହ ହୋଇଛି। କିନ୍ତୁ ଇଂଲଣ୍ଡ ଆହୁରି ଦମ୍‌ଦାର ପ୍ରଦର୍ଶନ କରି ଭାରତକୁ ସମସ୍ୟାରେ ପକାଇବାକୁ ଚେଷ୍ଟା କରିବ। ଘରୋଇ ଦଳ ତରଫରୁ ମୋଇନ ଅଲୀଙ୍କ ପ୍ରଦର୍ଶନ ବେଶ୍ ଉଚ୍ଚକୋଟୀର ହୋଇପାରିଛି। ସେ ଆଶାଠାରୁ ଅଧିକ ପ୍ରଦର୍ଶନ କରିଛନ୍ତି। ତେବେ ସେ ଅଧିକ କିଛି ନୂଆ କରିନାହାନ୍ତି କିମ୍ବା ପରୀକ୍ଷା ନିରୀକ୍ଷା କରିନାହାନ୍ତି। ବଲର ଲେନ୍ଥକୁ ସେ ବଜାୟ ରଖିବା ସହ ଗତିରେ ପରିବର୍ତ୍ତନ ଆଣି ଫ୍ଲାଇଟ କରିବାକୁ ଚେଷ୍ଟା କରିଛନ୍ତି। ଅଭିଜ୍ଞ ଭାରତୀୟ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଓ ମୋଇନଙ୍କ ମଧ୍ୟରେ ଏହା ହିଁ ଫରକ। ଅଶ୍ୱିନ ଚେଷ୍ଟା କରିଥିଲେ ମଧ ଶତପ୍ରତିଶତ ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି। ଏହା ଶେଷରେ ଭାରତ ବିପକ୍ଷରେ ଯାଇଥିଲା। ଇଂଲଣ୍ଡର ସାମ କୁରାନ ମଧ ସିରିଜ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ତାଙ୍କୁ ୨୦ ବର୍ଷ ହୋଇଥିଲେ ମଧ ତାଙ୍କର ବ୍ୟାଟିଂ ଟେକନିକ୍ ବେଶ୍ ଉଚ୍ଚକୋଟୀର। ସେ ଲଢୁଆ ପ୍ରଦର୍ଶନ କରି ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି।

ଅନ୍ତିମ ଟେଷ୍ଟରେ ଆମକୁ ଭଲ ପ୍ରଦର୍ଶନ କରିବାକୁ ପଡିବ। ୩-୧ରେ ହାରିବା ଅପେକ୍ଷା ୩-୨ରେ ହାରିବା ସେତେଟା ଖରାପ ନୁହଁ। ତେବେ ମୋ ଜାଣିବାରେ ଇଂଲଣ୍ଡ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଛି। ତେଣୁ ଇଂଲଣ୍ଡ ସିରିଜ ବିଜୟୀ ହେବାର ହକ୍‌ଦାର। ସେଥିପାଇଁ ଅବଶ୍ୟ ଇଂଲଣ୍ଡ ପ୍ରଶଂସାର ପାତ୍ର ବୋଲି କୁହାଯାଇପାରେ। (ଗେମ୍‌ପ୍ଲାନ୍)


#WhatDrivesYou
EXIDE


### ଅଶ୍ୱିନଙ୍କ ସାଉଥାମ୍ପଟନରେ ଖେଳିବା ମହଙ୍ଗା ପଡ଼ିଲା

ସାଉଥାମ୍ପଟନ,୫।୯

ଭାରତୀୟ ଦଳର ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କୁ ସାଉଥାମ୍ପଟନ ଟେଷ୍ଟରେ ଖେଳାଇବା ଭାରତୀୟ ଦଳ ଲାଗି ମହଙ୍ଗା ପଡ଼ିଛି। ଇଂଲଣ୍ଡ ୪ର୍ଥ ଟେଷ୍ଟ ଲାଗି ସେ ସମ୍ପୂର୍ଣ୍ଣ ଫିଟ୍ ନ ଥିଲେ। ଏହା ସତ୍ତ୍ୱେ ତାଙ୍କୁ ଖେଳାଯାଇଥିଲା। ତେବେ ସେ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦୁଇ ଦିନରେ ବୋଲିଂ କରି ନ ଥିଲେ। କିନ୍ତୁ ୨ୟ ଇନିଂସ୍‌ରେ ସେ ୩୭.୧ ଓଭର୍ ବୋଲିଂ କରିଥିଲେ। ଏଥିଯୋଗୁ ତାଙ୍କ ଆହତ ସମସ୍ୟାରେ ବୃଦ୍ଧି ଘଟିଛି। ଫଳରେ ସିରିଜ୍‌ର ଅନ୍ତିମ ଟେଷ୍ଟରୁ ତାଙ୍କୁ ବାଦ୍ ଦିଆଯିବାର ସମ୍ଭାବନା ସୃଷ୍ଟି ହୋଇଛି।

**ୟୁନିଲାଇଟ୍ କପ୍ ଆନ୍ତଃ ସ୍କୁଲ ଫୁଟବଲ**

# ସେମିଫାଇନାଲରେ ୟୁନିଟ-୧

ଭୁବନେଶ୍ୱର, ୫।୯(କ୍ରୀଡ଼ା ପ୍ରତିନିଧି)

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୟୁନିଲାଇଟ୍ କପ୍ ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ଚତୁର୍ଥ ଦଳଭାବେ ୟୁନିଟ-୧ ହାଇସ୍କୁଲ ସେମିଫାଇନାଲରେ ପହଞ୍ଚିଛି। ବୁଧବାର ଅନୁଷ୍ଠିତ ୪ର୍ଥ କ୍ୱାର୍ଟର ଫାଇନାଲରେ ୟୁନିଟ-୧ ୩-୦ ଗୋଲରେ ଡିଏଭି ପୋଖରୀପୁଟକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ କରନ୍ ହେମ୍ବ୍ରମ, ସୁନ୍ଦରମୋହନ କିସ୍କୋ, ମଳୟ ମାଝି ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସୁନ୍ଦରମୋହନ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅତିଥିଭାବେ ଯୋଗଦେଇ ପୁରାତନ ଖେଳାଳି ତଥା ବରିଷ୍ଠ ପ୍ରଶିକ୍ଷକ ସୁକାନ୍ତ ଦତ୍ତରାୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୁନେନ୍ଦୁ ପ୍ରତାପ ସ୍ୱାଇଁ, ଆର.ଆଇ.ଟିଗା, ପ୍ରଭାକର ବର୍ଦ୍ଧନ, ପ୍ରଭାତ ମହାପାତ୍ର, ଲଲାଟେନ୍ଦୁ ପ୍ରଧାନ, କ୍ଷୀରୋଦ ପରିଜା, ମାନସ ସାମଲ, ବିଭୁ ସେନାପତି, ପ୍ରସନ୍ନ ଦାସ, ପ୍ରବାଳ ଦାସ, ବୀରେନ୍ଦ୍ର ସିଂ, ବିକାସ ବେହେରା, ପ୍ରଦୀପ କୁମାର ବଳିୟାର ସିଂ, କୃଷ୍ଣ ବେହେରା, ତଇଜୁଲ, ଅଶୋକ ରାଉତରାୟ, ଗୋପାଳ ଦାସ, ନିରୋଦ ସ୍ୱାଇଁ, ବିରଞ୍ଚି ମହାନ୍ତି ପ୍ରମୁଖ ଓଡ଼ିଶାର ପୂର୍ବତନ ଖେଳାଳିମାନେ ଏବଂ ୟୁନିଟ-୬ ଆସୋସିଏଶନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଗୁରୁବାର ମଦର ପବ୍ଲିକ ସ୍କୁଲ ଓ ସୈନିକ ସ୍କୁଲ ମଧ୍ୟରେ ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହେବ।




ଆନ୍ତଃ ସ୍କୁଲ ଫୁଟବଲର ବୁଧବାର କ୍ୱାର୍ଟର ଫାଇନାଲ ମ୍ୟାଚ୍ ପରେ ପୂର୍ବତନ ଖେଳାଳି ସୁକାନ୍ତ ଦତ୍ତରାୟଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

“ଏସିଆନ ଗେମ୍ସରେ ମୁଁ ୪୯ କେଜି କାଟେଗୋରିରେ ଅଂଶଗ୍ରହଣ କରିଥିଲି। ଟୋକିଓ ଅଲିମ୍ପିକ୍ସରେ ୫୨ କେଜିରେ ଭାଗନେବା ଉପରେ ଫୋକସ କରୁଛି ।

–ଅମିତ ପଙ୍ଘାଲ, ଭାରତୀୟ ବକ୍ସର



“ଅଷ୍ଟ୍ରେଲିଆ ‘ଏ’ ବିପକ୍ଷ ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟରେ ଇନ୍‌ଫର୍ମ ବ୍ୟାଟ୍ସମ୍ୟାନ ଅଙ୍କିତ୍ ବାୱ୍‌ନେଙ୍କ ଉଇକେଟ ପତନ ମ୍ୟାଚର ଟର୍ନିଂ ପଏଣ୍ଟ ଥିଲା।

–ରାହୁଲ ଦ୍ରାବିଡ୍, ଭାରତ ‘ଏ’ କୋଚ୍



## ସଂକ୍ଷେପରେ

### ଏସିଆନ ଗେମ୍ସ ପଦକଧାରୀଙ୍କୁ ମୋଦିଙ୍କ ପରାମର୍ଶ

ନୂଆଦିଲ୍ଲୀ,୫।୯(ପି.ଟି.)- ନିକଟରେ ଶେଷ ହୋଇଥିବା ଏସିଆନ୍ ଗେମ୍ସରେ ପଦକ ଜିତିଥିବା ଆଥ୍‌ଲେଟଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ସେମାନଙ୍କୁ ୨୦୨୦ ଟୋକିଓ ଅଲିମ୍ପିକ୍ସ ଲାଗି କଠିନ ପରିଶ୍ରମ କରିବା ପାଇଁ ପରାମର୍ଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ବୁଧବାର ଏସିଆନ୍ ଗେମ୍ସ ପଦକଧାରୀଙ୍କୁ ବାସଭବନରେ ସାକ୍ଷାତ କରିଥିଲେ। ଏଥର ଏସିଆନ୍ ଗେମ୍ସରେ ଭାରତ ସର୍ବାଧିକ ୬୯ ପଦକ ଜିତି ରେକର୍ଡ କରିଛି। “ପ୍ରଧାନମନ୍ତ୍ରୀ ଆଶା କରୁଛନ୍ତି ଯେ, ଆଥ୍‌ଲେଟ୍‌ମାନେ ଏସିଆନ୍ ଗେମ୍ସରେ ମିଳିଥିବା ସଫଳତା ଓ ସମ୍ମାନ ପାଇଁ ଖେଳ ପ୍ରତି ଧ୍ୟାନ ଦେବା କମ୍ କରନ୍ତୁ ନାହିଁ। ଆହୁରି ବଡ଼ ସଫଳତା ଲାଗି ଅଧିକରୁ ଅଧିକ କଠିନ ପରିଶ୍ରମ କରନ୍ତୁ। ପଦକଧାରୀଙ୍କୁ ଏବେ ସବୁଠୁ ବଡ଼ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ। ସୁନାମ ଓ ସମ୍ମାନ ମିଳିବା ପରେ ମଧ୍ୟ ସେମାନେ ନିଜ ଲକ୍ଷ୍ୟ ହରାଇବା ଉଚିତ ନୁହେଁ। କାରଣ ସେମାନଙ୍କ ମୁଖ୍ୟ ଲକ୍ଷ୍ୟ ଅଲିମ୍ପିକ୍ସ ପୋଡିୟମ୍‌ରେ ସ୍ଥାନ ପାଇବା” ବୋଲି ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଦେଶର ଗ୍ରାମାଞ୍ଚଳରୁ ଯୁବ ପ୍ରତିଭା ସୃଷ୍ଟି ହେଉଥିବାରୁ ମୋଦି ଖୁସି ପ୍ରକାଶ କରିଛନ୍ତି, ଗ୍ରାମାଞ୍ଚଳରେ ଦେଶର କ୍ଷମତା ରହିଛି ଏବଂ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇବା ଆମ ଦାୟିତ୍ୱ।

### ରାଜ୍ୟ କୁସ୍ତି ପ୍ରତିଯୋଗିତା

କଟକ ଅଫିସ,୫।୯: ଓଡ଼ିଶା କୁସ୍ତି ସଂଘ ଓ କଟକ ଜିଲା କୁସ୍ତି ସଂଘର ମିଳିତ ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମସ୍ଥିତ ସଚିନ ତେନ୍ଦୁଲକର ଇନ୍‌ଡୋର ହଲରେ ୨୩ବର୍ଷରୁ କମ୍ ରାଜ୍ୟ କୁସ୍ତି ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ୧୯ବର୍ଷରୁ ଉର୍ଦ୍ଧ୍ୱ ଓ ୨୩ବର୍ଷରୁ କମ୍ ବିଭାଗର ଖେଳାଳିଙ୍କୁ ନେଇ ହେଉଥିବା ଏହି ପ୍ରତିଯୋଗିତାରେ ଉଭୟ ବାଳିକା ଓ ବାଳକ ବର୍ଗରେ ୩୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ରାଜସ୍ଥାନଠାରେ ହେବାକୁ ଥିବା ଜାତୀୟ ଚାମ୍ପିୟନଶିପ ଖେଳିବାକୁ ଯୋଗ୍ୟତା ହାସଲ କରିଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା, ରାଜ୍ୟ କୁସ୍ତି ସଂଘ ସଭାପତି ରାମକୃଷ୍ଣ ପାଢ଼ୀ, ସମ୍ପାଦକ ବିନୋଦ ଦାସ, ପୁରୀ ଜିଲା କୁସ୍ତି ସଂଘ ସମ୍ପାଦକ ରବି ପ୍ରତିହାରୀ ଅତିଥିଭାବେ ଯୋଗ ଦେଇଥିଲେ। କଟକ ଜିଲା କୁସ୍ତି ସଂଘର ସଭାପତି ବିରଜା ପ୍ରସାଦ ଦାସ, ସମ୍ପାଦକ କିଶୋର ବେହେରା, ରାଜ୍ୟ ସଂଘର କୋଷାଧ୍ୟକ୍ଷ ଦେବେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଫାଓ ଲିଗ୍: ରାଇଜିଂ ଷ୍ଟାର ବିଜୟୀ

କଟକ ଅଫିସ,୫।୯: ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ବୁଧବାର ଅନୁଷ୍ଠିତ ମ୍ୟାଚରେ ରାଇଜିଂ ଷ୍ଟାର ୩-୧ ଗୋଲରେ କିଶୋର କ୍ଲବକୁ ପରାସ୍ତ କରିଛି। ରାଇଜିଂ ଷ୍ଟାର ପକ୍ଷରୁ ୨୪ତମ ମିନିଟରେ ସଞ୍ଜିତ ଖାରା, ୪୫ତମ ମିନିଟରେ ଦୀପକ ମିଞ୍ଜ ଓ ୮୦ତମ ମିନିଟରେ ଅଭିଜିତ ଦେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଛନ୍ତି। କିଶୋର କ୍ଲବ ପକ୍ଷରୁ ୩୫ତମ ମିନିଟରେ ବିକ୍ରମ ନାୟକ ଏକମାତ୍ର ଗୋଲଟି ଦେଇଥିଲେ। ବିଡ଼ାନାସୀ କ୍ଲବ ଓ ଜୟଦୁର୍ଗା କ୍ଲବ ମଧ୍ୟରେ ଖେଳାଯାଇଥିବା ଅନ୍ୟ ଏକମ୍ୟାଚ୍ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା।



ନୂଆଦିଲ୍ଲୀ: ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ ଅବସରରେ ଏସିଆନ୍ ଗେମ୍ସର ଆଥଲେଟିକ୍ସ ଇଭେଣ୍ଟରେ ପଦକ ବିଜୟୀ ଭାରତୀୟ ଆଥଲେଟ୍‌ମାନେ।

# ‘ଭାରତକୁ ସ୍ପୋର୍ଟ୍ସ ସୁପର ପାୱାରରେ ପରିଣତ କରାଯିବ’

**ନୂଆଦିଲ୍ଲୀ, ୫।୯(ପି.ଟି.)**

ଆଗାମୀ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଆଥଲେଟମାନଙ୍କୁ ପ୍ରସ୍ତୁତ କରିବାରେ କେନ୍ଦ୍ର ସରକାର ସବୁ ପ୍ରକାର ସହାୟତା ପ୍ରଦାନ କରିବେ ବୋଲି କ୍ରୀଡ଼ାମନ୍ତ୍ରୀ ରାଜ୍ୟ ବର୍ଦ୍ଧନ ସିଂ ରାଠୋର କହିଛନ୍ତି। ଏହି କ୍ରୀଡ଼ା ମହାକୁମ୍ଭର ପ୍ରସ୍ତୁତି ପାଇଁ ଆଥଲେଟମାନଙ୍କୁ ଅର୍ଥ ପ୍ରଦାନରେ ସ୍ୱଚ୍ଛତା ଅବଲମ୍ବନ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅତୀତରେ ଏ ନେଇ ପ୍ରକ୍ରିୟାର କେନ୍ଦ୍ରୀକରଣ ପ୍ରଶାସନିକ ବାଧା ସୃଷ୍ଟି କରୁଥିଲା। ଏବେ କିନ୍ତୁ ଏପରି ହେବ ନାହିଁ ବୋଲି ସଦ୍ୟ ସମାପ୍ତ ଏସିଆନ ଗେମ୍ସ ପଦକ ବିଜେତାଙ୍କର ସମ୍ବର୍ଦ୍ଧନା ଉତ୍ସବରେ ଯୋଗ ଦେଇ ସେ ଏହି କଥା କହିଛନ୍ତି। ଭାରତକୁ ଏକ ସ୍ପୋର୍ଟ୍ସ ସୁପର ପାୱାରରେ ପରିଣତ କରିବାକୁ ସରକାର ଚେଷ୍ଟିତ। ଏ ନେଇ ଆରମ୍ଭ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ନିଜର ମତ ଉପସ୍ଥାପନା କରିଥିଲେ।

ତୃଣମୂଳ ସ୍ତରରେ ପ୍ରତିଭା ଚିହ୍ନଟ ଓ ଏହାର ବିକାଶ ଦିଗରେ ସବୁ କିଛି କାର୍ଯ୍ୟ କରାଯିବ। ତୃଣମୂଳସ୍ତର ଓ ଜଣାଶୁଣା କ୍ରୀଡ଼ାବିତ୍ ମଧ୍ୟରେ ପେସାଦାର ଢଙ୍ଗରେ କାର୍ଯ୍ୟ କରାଯିବ। ଏ ନେଇ କାର୍ଯ୍ୟକ୍ରମକୁ ଭାଗ କରାଯିବ।

ଆଥଲେଟମାନଙ୍କୁ ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ (ଟପ୍ସ) ସହିତ ଯୋଡିବାକୁ ଆମେ ଏବେ କାର୍ଯ୍ୟ ଆରମ୍ଭ କରିଛୁ। ଏ ନେଇ ସିଧାସଳଖ, ଦ୍ରୁତ ଗତିରେ କାର୍ଯ୍ୟ କରିବା ସହ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରାଯିବ ବୋଲି ରାଠୋର କହିଛନ୍ତି।

ଅଲିମ୍ପିକ୍ସରେ ପଦକ ଜିତିବା ସମ୍ଭାବନା ରଖୁଥିବା ଆଥଲେଟମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ୨୦୧୪ରେ ଟପ୍ସ ସ୍ଥାପନ କରାଯାଇଥିଲା। ଏବେ ଆଥଲେଟମାନେ ସ୍ପୋର୍ଟ୍ସ ଅଥରିଟି ଅଫ ଇଣ୍ଡିଆ (ସାଇ) ଡାଇରେକ୍ଟର ଜେନେରାଲଙ୍କ ତତ୍ତ୍ୱାବଧାନରେ କମିଟି ଆଣ୍ଡ ଦି ମିଶନ ଅଲିମ୍ପିକ ସେଲ (ଏମ୍‌ଓସି) ଆଥଲେଟଙ୍କୁ ଟପ୍ସ ନିମନ୍ତେ ଚୟନ କରାଯାଉଛି ଓ ସେମାନଙ୍କୁ ପାଣ୍ଠି ପ୍ରଦାନ କରାଯାଉଛି। ବିଭିନ୍ନ ଜାତୀୟ ଫେଡେରେଶନର ପ୍ରତିନିଧି ଓ ସାଇର ଭିନ୍ନ ଭିନ୍ନ ପ୍ରୋଜେକ୍ଟ ଅଧିକାରୀମାନେ ଏହି ଏମ୍‌ଓସିରେ ସାମିଲ ହୋଇଥାନ୍ତି।

ଏବେ ଆଥଲେଟମାନଙ୍କ ପାଇଁ ପାଣ୍ଠି ଯୋଗାଇବା ନେଇ କୌଣସି ଚିନ୍ତା ନାହିଁ। କାରଣ ଏବେ କର୍ପୋରେଟ୍ ହାଉସ୍‌ମାନେ ସ୍ୱତଃପ୍ରବୃତ୍ତ ଭାବେ ଆଥଲେଟମାନଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଲେଣି। ତୃଣମୂଳସ୍ତରରୁ ତାରକା ଆଥଲେଟମାନଙ୍କ ପାଇଁ ଆମେ ପାଣ୍ଠି ବା ଅର୍ଥ ପ୍ରଦାନ କରିବାକୁ ଆରମ୍ଭ କରିଛୁ। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ଆଥଲେଟମାନେ କିପରି ଭଲ ପ୍ରଦର୍ଶନ କରି ଅଧିକରୁ ଅଧିକ ପଦକ ହାସଲ କରିବେ ସେ ନେଇ ସବୁପ୍ରକାର ପଦକ୍ଷେପ ନେବାକୁ ଆମେ ଚେଷ୍ଟିତ ବୋଲି ରାଠୋର କହିଛନ୍ତି। ଆମେ ୨୦୨୪ ଓ ୨୦୨୮ ଅଲିମ୍ପିକ୍ସ ପାଇଁ କାର୍ଯ୍ୟ ଆରମ୍ଭ କରିଛୁ। ଏହି ଦୁଇ ଅଲିମ୍ପିକ୍ସରେ ଆମେ ପ୍ରକୃତ ସଫଳତା ହାସଲ କରିବୁ। ଟୋକିଓ ଅଲିମ୍ପିକ୍ସ ଉପରେ ମଧ୍ୟ ଆମର ନଜର ରହିଛି।

କେବଳ ଆଥଲେଟ ନୁହଁ, ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ଉପରେ ମଧ୍ୟ ଟପ୍ସ କମିଟିର ନଜର ରହିଛି। ଏହି କମିଟିରେ ବ୍ୟାଡମିଣ୍ଟନ କିମ୍ବଦନ୍ତୀ ପ୍ରକାଶ ପାଦୁକନ, ପୂର୍ବତନ ବକ୍ସିଂ ଫେଡେରେଶନ ସାଧାରଣ ସମ୍ପାଦକ ପି.କେ.ଏମ୍. ରାଜା ସାମିଲ ରହିଛନ୍ତି। ବିଭିନ୍ନ ଜାତୀୟ କ୍ରୀଡ଼ା ଫେଡେରେଶନ (ଏନ୍‌ଏଫ୍‌ଏସ୍) ଓ ସେଗୁଡିକର କୋଚମାନଙ୍କ ପ୍ରଦର୍ଶନ ଉପରେ ସରକାର ନଜର ରଖିଛନ୍ତି। ପ୍ରତି ୩ ମସାରେ ଥରେ ପ୍ରତ୍ୟେକ କ୍ରୀଡ଼ା ଫେଡେରେଶନକୁ ସେମାନଙ୍କ କାର୍ଯ୍ୟ ସମ୍ପର୍କରେ ବିବରଣୀ ଦେବାକୁ କୁହାଯିବ। ଆଥଲେଟମାନେ କିପରି କମ ଆଘାତ ପାଇବେ ସେ ନେଇ ଫେଡେରେଶନଗୁଡିକୁ ଅବଗତ କରାଯିବ।

ତେବେ କ୍ରୀଡ଼ାର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ଭୂମିକା ନେଇ ରାଠୋର ପ୍ରଶ୍ନ ଉଠାଇଛନ୍ତି। ଲୋକେ କେନ୍ଦ୍ର ସରକାରଙ୍କୁ କ୍ରୀଡ଼ା ନେଇ ପ୍ରଶ୍ନ କରୁଛନ୍ତି। ତେବେ ରାଜ୍ୟ ସରକାରମାନେ କ'ଣ କରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

ଏସିଆଡ୍‌ରେ ଭାରତର ପ୍ରଦର୍ଶନକୁ ସେ ତାରିଫ କରିଛନ୍ତି। ୧୫ଟି ସ୍ୱର୍ଣ୍ଣ, ୨୪ଟି ରୌପ୍ୟ ଓ ୩୦ଟି ବ୍ରୋଞ୍ଜ ପଦକ ହାସଲ କରି ଭାରତୀୟ ଆଥଲେଟମାନେ ନିଜ ପ୍ରତିଭାର ପରିଚୟ ଦେଇଛନ୍ତି ବୋଲି କହିଛନ୍ତି। ଖେଲୋ ଇଣ୍ଡିଆ ସ୍କୁଲ ଗେମ୍ସ ଭାରତୀୟ କ୍ରୀଡ଼ାରେ ଭବିଷ୍ୟତରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ।

ତେବେ ନିକଟ ଭବିଷ୍ୟତରେ ଭାରତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଗେମ୍ସ ଆୟୋଜନ କରିବ କି ନା ସେ ନେଇ ରାଠୋର କିଛି କହିନାହାନ୍ତି। ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ବିଦେଶରେ ଆମ ଆଥଲେଟମାନେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି ଓ ଏହା ଭାରତୀୟ କ୍ରୀଡ଼ା ପାଇଁ ଶୁଭଙ୍କର ବୋଲି ରାଠୋର କହିଛନ୍ତି।

## ଅଷ୍ଟ୍ରେଲିଆ-ଏ’କୁ ବିଜୟ ଦେଲେ ହଲାଣ୍ଡ

**ବେଙ୍ଗାଲୁରୁ, ୫।୯(ପି.ଟି.)**

ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମଠାରେ ଅଷ୍ଟ୍ରେଲିଆ-ଏ ବିପକ୍ଷରେ ଅନୁଷ୍ଠିତ ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଭାରତ-ଏ ୯୮ ରନରେ ପରାଜୟବରଣ କରିଛି। ଅଷ୍ଟ୍ରେଲିଆ-ଏ ପକ୍ଷରୁ ଧାର୍ଯ୍ୟ ୨୬୨ ରନର ଲକ୍ଷ୍ୟକୁ ପିଛା କରିଥିବା ଶ୍ରେୟାସ ଆୟାରଙ୍କ ନେତୃତ୍ୱାଧୀନ ଭାରତ-ଏ ୧୬୩ ରନ କରିଅଲ୍‌ଆଉଟ୍ ହୋଇଥିଲା। ଭାରତ-ଏ ମଙ୍ଗଳବାର ୩ୟ ଦିବସ ଖେଳ ଶେଷ ସୁଦ୍ଧା ଦ୍ୱିତୀୟ ଇନିଂସରେ ୨ ଉଇକେଟ୍ ହରାଇ ୬୩ ରନ କରିଥିଲା। ବୁଧବାର ଅନ୍ତିମ ଦିବସରେ ବିଜୟ ପାଇଁ ଘରୋଇ ଦଳକୁ ଆଉ ୧୯୯ ରନ ଆବଶ୍ୟକ ହେଉଥିଲା। ତେବେ ଭାରତ-ଏ ପୂର୍ବ ଦିନର ଅସମାପ୍ତ ସ୍କୋରରେ ଆଉ ମାତ୍ର ୧୦୦ରନ ଯୋଗକରି ବଳକା ୮ଟି ଉଇକେଟ୍ ହରାଇଥିଲା। ଦ୍ୱିତୀୟ ଇନିଂସରେ ଭାରତ-ଏ ପକ୍ଷରୁ ଓପନର ମୟଙ୍କ ଅଗ୍ରୱାଲ ସର୍ବାଧିକ ୮୦ ରନ ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଆୟାର ୨୮ ଓ ଅଙ୍କିତ ବାୱ୍‌ନେ ୨୫ ରନ କରିଥିଲେ। ଭାରତ ପକ୍ଷରୁ ୫ଜଣ ବ୍ୟାଟ୍ସମ୍ୟାନ ଖାତା ଖୋଲିବାରେ ବିଫଳ ହୋଇଥିଲେ। ବିଜୟୀ ଦଳ ପକ୍ଷରୁ ବାମହାତୀ ସ୍ପିନର ଜନ୍ ହଲାଣ୍ଡ ୮୧ ରନ ବିନିମୟରେ ୬ଟି ଉଇକେଟ୍ ଅକ୍ତିଆର କରିଥିଲେ। ମ୍ୟାଚ୍‌ରେ ମୋଟ୍ ସେ ୯ଟି ଉଇକେଟ୍ ସଫଳତା ପାଇଛନ୍ତି। ଏହି ଚାରି ଦିବସୀୟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ-ଏ ଉସମାନ ଖ୍ୱାଜାଙ୍କ (୧୨୭) ଶତକ ବଳରେ ପ୍ରଥମ ଇନିଂସରେ ୨୪୩ ରନ କରିଥିଲା। ଜବାବରେ ଭାରତ ବାୱ୍‌ନେଙ୍କ ୯୧ ରନ ବଳରେ ପ୍ରଥମ ଇନିଂସରେ ୨୭୪ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଦ୍ୱିତୀୟ ଇନିଂସରେ ଅଷ୍ଟ୍ରେଲିଆ-ଏ ୨୯୨ ରନ ସଂଗ୍ରହ କରିଥିଲା।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ଏ’ ପ୍ରଥମ ଇନିଂସ- ୨୪୩ ଅଲ୍‌ଆଉଟ୍ । ଭାରତ ଏ’ ପ୍ରଥମ ଇନିଂସ- ୨୭୪ ଅଲ୍‌ଆଉଟ୍ । ଅଷ୍ଟ୍ରେଲିଆ ଏ’ ୨ୟ ଇନିଂସ- ୨୯୨ ଅଲ୍‌ଆଉଟ୍। ଭାରତ ଏ’ ୨ୟ ଇନିଂସ- ୧୬୩ ଅଲ୍‌ଆଉଟ୍।

## ଜୁନିୟର ଶୁଟରଙ୍କୁ ବ୍ରୋଞ୍ଜ

**ଚାଙ୍ଗୱନ(କୋରିଆ),୫।୯(ପି.ଟି.)**

ଦିବ୍ୟାଂଶ ସିଂ ପାନୱାର ଓ ଶ୍ରେୟା ଅଗରୱାଲ ୧୦ ମିଟର ଏୟାର ରାଇଫଲ ମିକ୍ସଡ୍ ଦଳଗତ ଜୁନିୟର ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଛନ୍ତି। କିନ୍ତୁ ଚଳିତ ଆଇଏସ୍‌ଏସ୍‌ଏଫ୍ ୱାର୍ଲ୍ଡ ଶୁଟିଂ ଚାମ୍ପିୟନଶିପ୍‌ର ସିନିୟର ଶୁଟରମାନେ ବିଫଳ ହୋଇଛନ୍ତି। ଯୋଗ୍ୟତା ପର୍ଯ୍ୟାୟରେ ଅଂଶଗ୍ରହଣ କରିଥିବା ୪୨ ଦଳ ମଧ୍ୟରେ ଦିବ୍ୟାଂଶ ଓ ଶ୍ରେୟା ମିଳିତ ୮୩୪.୪ ସ୍କୋର କରିଥିଲେ। ଏହାପରେ ବୁଧବାର ଅନୁଷ୍ଠିତ ଫାଇନାଲରେ ଭାରତୀୟ ଶୁଟର ୪୩୫ ସ୍କୋର ସହ ୩ୟ ସ୍ଥାନ ଅର୍ଜନ କରିଛନ୍ତି। ଏହି ଇଭେଣ୍ଟରେ ଇଟାଲିଆନ ଯୋଡ଼ି ସୋଫିଆ ପେନେଟି ଓ ମାର୍କୋ ସୁପିନି ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ଇରାନ ଏସ୍. ସାଡେଘିଆନ ଅର୍ମିନା ଓ ମହମ୍ମଦ ଅମିର ନେକୋଉନାଙ୍କ ଯୋଡ଼ି ରୌପ୍ୟ ପଦକ ପାଇଛନ୍ତି। ଚଳିତ ପ୍ରତିଯୋଗିତାରେ ଭାରତୀୟ ଦଳ ୩ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ସହ ମୋଟ ୯ ପଦକ ଜିତିଛି। ଫଳରେ ପଦକ ତାଲିକାରେ ଭାରତ, କୋରିଆ, ରୁଷିଆ ଓ ଚାଇନା ସହ ମିଳିତ ୩ୟ ସ୍ଥାନରେ ରହିଛି। ଏହା ଯେ କୌଣସି ଶୁଟିଂ ବିଶ୍ୱକପ୍ ଇଭେଣ୍ଟରେ ଭାରତର ଶ୍ରେଷ୍ଠ ପ୍ରଦର୍ଶନ। କିନ୍ତୁ ସିନିୟର ଶୁଟରମାନେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଟୋକିଓ ଅଲିମ୍ପିକ୍ସ ପାଇଁ ଏହା ହେଉଛି ପ୍ରଥମ ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟ। କେବଳ ଦୁଇ ଜଣ ଭାରତୀୟ ଶୁଟର ଟୋକିଓ କୋଟା ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିଛନ୍ତି।

## ଚେନ୍ନାଇନ ଏଫ୍‌ସି ଦଳରେ ୩ ଯୁବ ଖେଳାଳି

**ଚେନ୍ନାଇ,୫।୯(ପି.ଟି.)**

ଇଣ୍ଡିଆନ ସୁପର ଲିଗ୍ ଚାମ୍ପିୟନ ଚେନ୍ନାଇନ ଏଫ୍‌ସି ୧୯ ବର୍ଷରୁ କମ୍ ଭାରତୀୟ ଦଳର ୩ ଖେଳାଳିଙ୍କ ସହ ଚୁକ୍ତି କରିଛି। ରହିମ ଅଲି (୧୮), ଅଭିଜିତ ସରକାର (୧୮) ଓ ଦୀପକ ଟାଙ୍ଗ୍ରି (୧୯) ଆଗାମୀ ସିଜନରେ ଚେନ୍ନାଇନ ଦଳ ପକ୍ଷରୁ ଖେଳିବେ ବୋଲି କ୍ଲବ ପକ୍ଷରୁ ବୁଧବାର କୁହାଯାଇଛି। ଦେଶରେ ଯୁବ ଫୁଟ୍‌ବଲ ପ୍ରତିଭାଙ୍କୁ ପ୍ରୋତ୍ସାହନ ଦେବା ଲାଗି ଏହି ନିଷ୍ପତ୍ତି ନିଆଯାଇଥିବା କ୍ଲବର କୋ ଓନର ଭିଟା ଦାନି କହିଛନ୍ତି। ସମସ୍ତ ଖେଳାଳି ଏବେ ଭାରତୀୟ ୧୯ ବର୍ଷରୁ କମ୍ ଦଳର ସଦସ୍ୟ। ଅଭିଜିତ ଓ ରହିମ ଗତ ବର୍ଷ ଅନୁଷ୍ଠିତ ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ ଖେଳିଥିଲେ।

## ଭାରତର ବିଜୟ ଅଭିଯାନ

**ଢାକା, ୫।୯(ପି.ଟି.)**

ବାଂଲାଦେଶରେ ଚାଲିଥିବା ସାଉଥ୍ ଏସିଆନ ଫୁଟ୍‌ବଲ ଫେଡେରେଶନ (ସାଫ୍) ଚାମ୍ପିୟନଶିପ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ଭାରତୀୟ ଦଳ ବିଜୟରୁ ତା'ର ଅଭିଯାନ ଆରମ୍ଭ କରିଛି। ବୁଧବାର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ସୁବାଶିଷ ବୋଷଙ୍କ

**ସାଫ୍ ଚାମ୍ପିୟନଶିପ୍**

ନେତୃତ୍ୱାଧୀନ ଭାରତୀୟ ଦଳ ୨-୦ ଗୋଲରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଏହି ବିଜୟ ସହ ଭାରତ ୩ ପଏଣ୍ଟ ହାସଲ କରି ଗ୍ରୁପ୍-ବି'ରେ ଶୀର୍ଷ ସ୍ଥାନରେ ରହିଛି। ଭାରତ ତା'ର ପରବର୍ତ୍ତୀ ତଥା ଅନ୍ତିମ ଗ୍ରୁପ୍ ମ୍ୟାଚ୍ ଆସନ୍ତା ୯ରେ ମାଳଦୀପ ସହ ଖେଳିବ।

ସ୍ଥାନୀୟ ବଙ୍ଗବନ୍ଧୁ ଷ୍ଟାଡିୟମରେ ଖେଳାଯାଇଥିବା ଗ୍ରୁପ୍-ବି'ର ଏହି ମ୍ୟାଚ୍‌ରେ ଭାରତ ଉଭୟାର୍ଦ୍ଧରେ ଗୋଟିଏ ଲେଖାଏ ଗୋଲ କରିଥିଲା। ଆସିକ କୁରୁନିୟାନ ଓ ଲାଲିଆନଜୁଆଲ ଚାଙ୍ଗଟେ ବିଜୟୀ ଦଳ ପକ୍ଷରୁ ଗୋଟିଏ ଲେଖାଏ ଗୋଲ ସ୍କୋର କରିବାରେ ସଫଳ ହୋଇଥିଲେ। ଯୁବ ଖେଳାଳିଙ୍କୁ ନେଇ ଗଠିତ ଭାରତ ମ୍ୟାଚ୍‌ର ପ୍ରାରମ୍ଭରୁ ଶ୍ରୀଲଙ୍କା ଉପରେ ଚାପ ପ୍ରୟୋଗ କରିବାରେ ଚେଷ୍ଟା କରିଥିଲା। ଦ୍ୱିତୀୟ ମିନିଟ୍‌ରେ ଆସିକ୍ ବାମପଟରୁ ଶ୍ରୀଲଙ୍କା ଗୋଲପୋଷ୍ଟ ଉପରକୁ ଆକ୍ରମଣ କରିଥିଲେ। ଆସିକ୍‌ଙ୍କ ଏହି ପ୍ରୟାସ ବିଫଳ ହୋଇଥିଲେ ମଧ୍ୟ ପ୍ରଥମ ଗୋଲ ପାଇଁ ଭାରତକୁ ୩୬ ମିନିଟ୍ ଅପେକ୍ଷା କରିବାକୁ ପଡ଼ିଥିଲା। ଏଥର କିନ୍ତୁ ଆସିକ୍ କୌଣସି ତ୍ରୁଟି ନ କରି ଶ୍ରୀଲଙ୍କା ଗୋଲକିପରଙ୍କୁ ଚକ୍‌ମା ଦେଖାଇ ଭାରତ ପାଇଁ ସ୍କୋରିଂ ଖାତା ଖୋଲିଥିଲେ। ଏହା ମଧ୍ୟ ତାଙ୍କ ପ୍ରଥମ ଅନ୍ତର୍ଜାତୀୟ ଗୋଲ ଥିଲା। ଏହାପରେ ପ୍ରଥମାର୍ଦ୍ଧରେ ଭାରତ ଆଉ କେତୋଟି ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ଶ୍ରୀଲଙ୍କା ଗୋଲକିପର ଏହାକୁ ଭଣ୍ଡୁର କରିଥିଲେ। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ଭାରତ ୧-୦ ଗୋଲରେ ଅଗ୍ରଣୀ ଲାଭ କରିଥିଲା। ଦ୍ୱିତୀୟାର୍ଦ୍ଧ ପ୍ରାରମ୍ଭରୁ କିନ୍ତୁ ଭାରତ ଆଉ ଏକ ଗୋଲ କରିବାରେ ସକ୍ଷମ ହୋଇଥିଲା। ୪୭ତମ ମିନିଟ୍‌ରେ ଲାଲିଆନଜୁଆଲ ଚାଙ୍ଗଟେଙ୍କ ଗୋଲ ବଳରେ ଭାରତ ଅଗ୍ରଣୀକୁ ଦ୍ୱିଗୁଣିତ କରିଥିଲା। ଏହାପରେ ମ୍ୟାଚ୍‌ର ୭୫ତମ ମିନିଟ୍‌ରେ ବଦଳ ଖେଳାଳି ମନବୀର ସିଂ ଏକ ସୁବର୍ଣ୍ଣ ସୁଯୋଗକୁ ହାତଛଡ଼ା କରିବାରୁ ଭାରତ ୩ୟ ଗୋଲ ଦେବାରୁ ବଞ୍ଚିତ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଆଉ କୌଣସି ଗୋଲ ନ ହେବାରୁ ଭାରତ ୨-୦ରେ ବିଜୟ ଲାଭ କରିଥିଲା।



ଭାରତ ପକ୍ଷରୁ ଦ୍ୱିତୀୟ ଗୋଲ ସ୍କୋର କରିଥିବା ଲାଲିଆନଜୁଆଲ ଚାଙ୍ଗଟେ।

## ଜାପାନ କରାଟେ ସୋତୋକାଇ ଟ୍ରେନିଂ ସେମିନାର



ଜାପାନ କରାଟେ ସୋତୋକାଇ ଟ୍ରେନିଂ ସେମିନାରରେ ଭାଗ ନେଇଥିବା କରାଟେକାମାନେ ଅତିଥିଙ୍କ ସହ।

**ଭୁବନେଶ୍ୱର, ୫।୯(କ୍ରୀଡ଼ା ପ୍ରତିନିଧି)**

ଜାପାନ କରାଟେ ସୋତୋକାଇର ଟ୍ରେନିଂ ସେମିନାର ମଳିପଡ଼ାସ୍ଥିତ ଶ୍ରୀକୃଷ୍ଣ ଇଣ୍ଟରନ୍ୟାଶନାଲ ସ୍କୁଲରେ ସଫଳତାର ସହ ସମ୍ପନ୍ନ ହୋଇଛି। ଏଥିରେ ମୋଟ ୨୧ କରାଟେକା ଭାଗ ନେଇଥିଲେ। ତୋଫାନ ବିଷୋୟୀ, ଜ୍ଞାନ ରଞ୍ଜନ ନନ୍ଦ ସେମିନାର ପରିଚାଳନା କରିଥିଲେ। ଜାପାନ କରାଟେ ସୋତୋକାଇ ଇଣ୍ଡିଆର ଉପସଭାପତି ସୌମ୍ୟରଞ୍ଜନ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସେମିନାରରେ ଅଂଶଗ୍ରହଣ କରିଥିବା ଏବଂ କୃତିତ୍ୱ ଅର୍ଜନ କରିଥିବା କରାଟେକାମାନଙ୍କୁ ସ୍କୁଲର ଅଧ୍ୟକ୍ଷ ପବିତ୍ର ରାଉତରାୟ, ପ୍ରିନ୍ସିପାଲ ସ୍ୱରୂପାନନ୍ଦ ମିଶ୍ର ଓ ଭାଇସ୍ ପ୍ରିନ୍ସିପାଲ କବୀନ୍ଦ୍ର ଦାଶ ଅଭିନନ୍ଦନ ଜଣାଇଛନ୍ତି। ସେମିନାରରେ ପ୍ରଦର୍ଶନ ଭିତ୍ତିରେ ରଘୁଦୀପନ ଷଡ଼ଙ୍ଗୀ, ହେମନ୍ତ କୁମାର, ପ୍ରତ୍ୟୁଷ ପୁରୁଷୋତ୍ତମ, ସାନ୍‌ଭି ବିଶ୍ୱାଳ, ପ୍ରିୟାଂଶୁ ବଳ, ସୁମାଂଶୁ ସାହୁ, ଯଶ୍ ସାଗର, ଓମ୍ ରଥ, ସୌମ୍ୟ ଓ ହୀନା ପଟେଲଙ୍କୁ ଅରେଞ୍ଜ ବେଲ୍ଟ, ଗୋବିନ୍ଦ ପଣ୍ଡେଇ, ଜାହ୍ନବୀ ମହାନ୍ତି, ବଦ୍ରି ନାରାୟଣ ଓ ଅମ୍ରିତା ପ୍ରିୟଦର୍ଶିନୀଙ୍କ ଗ୍ରୀନ୍ ବେଲ୍ଟ, ଅଭିଳାଷ ଶତପଥୀ, ଆଦିତ୍ୟ ସାହୁଙ୍କୁ ବ୍ଲୁ ବେଲ୍ଟ, ଜ୍ଞାନରଞ୍ଜନ ପ୍ରଧାନ, ଦିବ୍ୟଜ୍ୟୋତି ସାମନ୍ତରାୟଙ୍କୁ ମେରୁନ୍ ବେଲ୍ଟ ଏବଂ ମନୀଷା ସାହୁ, ମନିନ୍ଦର କାର୍ଜୀ ଓ ଆୟୁଷ ପାତ୍ରଙ୍କୁ ବ୍ରାଉନ୍ ବେଲ୍ଟ ପ୍ରଦାନ କରାଯାଇଥିଲା।

## ଟପ୍ସରେ ସାମିଲ ହେବାକୁ ମନଜିତଙ୍କ ନିବେଦନ

**ନୂଆଦିଲ୍ଲୀ,୫।୯(ପି.ଟି.)**

ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକଧାରୀ ମନଜିତ ସିଂ ଟାର୍ଗେଟ ଅଲିମ୍ପିକ ପୋଡିୟମ ଯୋଜନା (ଟପ୍ସ)ରେ ସାମିଲ ହେବାକୁ ଚାହାନ୍ତି। ଏ ନେଇ ମଙ୍ଗଳବାର ସେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟକୁ ନିବେଦନ କରିଛନ୍ତି। ୮୦୦ ମି. ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତିଥିବା ମନଜିତ ୨୦୧୬ ଠାରୁ ବେକାର ହୋଇ ରହିଛନ୍ତି। ପୂର୍ବରୁ ସେ ଓଏନ୍‌ଜିସିରେ କାର୍ଯ୍ୟ କରୁଥିଲେ। ମାତ୍ର ଆଶାନୁଯାୟୀ ପ୍ରଦର୍ଶନ କରିବାରେ ବିଫଳ ହେବାରୁ ତାଙ୍କୁ ବହିଷ୍କୃତ କରାଯାଇଥିଲା। ଏହାସତ୍ତ୍ୱେ ସେ କୋଚ୍ ଅମରୀଶ କୁମାରଙ୍କ ସହ ପ୍ରଶିକ୍ଷଣ ଜାରି ରଖିଥିଲେ। “୨୦୧୬ରେ ମୁଁ ଚାକିରି ହରାଇଥିଲି। କାରଣ ଆବଶ୍ୟକତା ଅନୁଯାୟୀ ମୁଁ ଫଳାଫଳ ଦେଇ ପାରୁ ନ ଥିଲି। ଏବେ ମୁଁ ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ଜିତିଛି। ମୋ ସଫଳତା କ୍ରୀଡ଼ା ମନ୍ତ୍ରଣାଳୟର ଦୃଷ୍ଟି ଆକର୍ଷଣ କରିବ ବୋଲି ଆଶା କରୁଛି। ମୋର କେହି ପ୍ରାୟୋଜକ ନାହାନ୍ତି କିମ୍ବା କୌଣସି କମ୍ପାନୀ ପକ୍ଷରୁ ସହାୟତା ମିଳୁନାହିଁ। ମୁଁ ଆଶା କରୁଛି କ୍ରୀଡ଼ା ମନ୍ତ୍ରଣାଳୟ ମୋତେ ଟପ୍ସ ଯୋଜନାରେ ସାମିଲ କରିବେ।

## ସଂକ୍ଷେପରେ

### ଝାଡାବାନ୍ତିରେ ୨୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

ଉଦଳା, ୫।୯ (ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଖଲାଡି ଗ୍ରାମର ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ଜଣଙ୍କୁ ଗୁରୁବାର ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ଅବସ୍ଥା ଗୁରୁତର ହେବାରୁ ୩ଜଣଙ୍କୁ ବାରିପଦା ସ୍ଥାନାନ୍ତର କରାଯାଇଛି। ଗତ ୩ ଦିନ ହେବ ଗ୍ରାମରେ ଝାଡାବାନ୍ତି ବ୍ୟାପିଥିବା ବେଳେ ଏହା ଦିନକୁ ଦିନ ନିଜର କାୟା ବିସ୍ତାର କରିବାରେ ଲାଗିଛି। ତେବେ ଏହି ଘଟଣା ଜଣାପଡିବା ପରେ ଏକ ଡାକ୍ତରୀ ଟିମ୍ ଗ୍ରାମରେ ପହଞ୍ଚି ଆକ୍ରାନ୍ତଙ୍କ ଚିକିତ୍ସା କରିଛନ୍ତି। ଦୂଷିତ ପାଣି ପିଇବା ହେତୁ ଝାଡାବାନ୍ତି ବ୍ୟାପୁଥିବା ଗ୍ରାମବାସୀ କହିଛନ୍ତି।

### ନିଖୋଜ ବୃଦ୍ଧଙ୍କ ଶବ ଉଦ୍ଧାର

ରାଇରଙ୍ଗପୁର, ୫।୯ (ଡି.ଏନ୍.ଏ.): ଗୋରୁମହିଷାଣୀ ଥାନା ଡଙ୍ଗାପାଣୀ ଗ୍ରାମ ନିକଟ ଏକ ବିଲରୁ ଉକ୍ତ ଗାଁର ବୃଦ୍ଧ ସାଧୁ ନାଏକଙ୍କ ଗଳିତ ଶବକୁ ପୋଲିସ ଜବତ କରିଛି। ସାଧୁ ରବିବାରଠାରୁ ନିଖୋଜ ଥିବା ବେଳେ ପରିବାର ଲୋକେ ଖୋଜିଖୋଜି ଜାରି ରଖିଥିଲେ। ବୁଧବାର ବିଲରେ ଶବ ପଡ଼ିଥିବା ପରିବାର ଲୋକେ ଚିହ୍ନଟ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି।

‘ପ୍ଲାଷ୍ଟିକ ଫ୍ରି ଓଡ଼ିଶା’ ଅଭିଯାନ

# ସାମିଲ ହେଲା ବୁଢ଼ାରଜା ନୋଡାଲ ହାଇସ୍କୁଲ





ଧରିତ୍ରୀ ଓ ଓଡିଶା ପୋଷ୍ଟ ମିଳିତ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ‘ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା’ ଅଭିଯାନରେ ସମ୍ବଲପୁର ସହରର ବୁଢ଼ାରଜା ନୋଡାଲ ହାଇସ୍କୁଲ ଛାତ୍ରୀଛାତ୍ର, ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ସାମିଲ ହୋଇଛନ୍ତି।

ସମ୍ବଲପୁର, ୫।୯ (ବ୍ୟୁରୋ)

ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ମିଳିତ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ‘ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା’ ଅଭିଯାନରେ ସମ୍ବଲପୁର ସହରର ବୁଢ଼ାରଜା ନୋଡାଲ ହାଇସ୍କୁଲ ସାମିଲ ହୋଇଛି। ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀମାନେ ପ୍ରାର୍ଥନା ସଭାରେ ପ୍ଲାଷ୍ଟିକ୍ ମୁକ୍ତ ଓଡ଼ିଶା ଗଠନ ପାଇଁ ଶପଥ ନେଇଛନ୍ତି। ସପ୍ତମ ଶ୍ରେଣୀ ଛାତ୍ରୀ ସନ୍ତୋଷିନୀ ମହାନ୍ତି, ଷଷ୍ଠ ଶ୍ରେଣୀ ଛାତ୍ରୀ ଅଞ୍ଜଳ ସୁଆଲ, ସ୍ନେହମୟୀ ପ୍ରଧାନ, ଦଶମ ଶ୍ରେଣୀ ଛାତ୍ରୀ ମୋନାଲିସା ପ୍ରଧାନ ଓ ସ୍ମୃତିଶ୍ରୀ ସାହୁ ନୀତିବାଣୀ ପାଠ କରିଥିଲେ। ବରିଷ୍ଠ ଶିକ୍ଷକ ହରିନାରାୟଣ ପଣ୍ଡା କହିଥିଲେ ଯେ, ପ୍ଲାଷ୍ଟିକର ବ୍ୟବହାର ବହୁମାତ୍ରାରେ ବଢ଼ିବାରେ ଲାଗିଛି। ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଏହାର ବ୍ୟବହାର ଯୋଗୁ ଲୋକେ ଦୁରାରୋଗରେ ପୀଡିତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଧରିତ୍ରୀର ‘ପ୍ଲାଷ୍ଟିକ ମୁକ୍ତ ଓଡିଶା’ ଅଭିଯାନକୁ ସାକାର କରିବାକୁ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ ଦେଇଥିଲେ। ପ୍ରଧାନ ଶିକ୍ଷକ ଯଶୋବନ୍ତ ସାହୁ, ବରିଷ୍ଠ ଶିକ୍ଷୟିତ୍ରୀ ପୁଷ୍ପରାଣୀ ମିଶ୍ର ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନିମାଇଁଚରଣ ବେହେରା, ପ୍ରଦୀପ କୁମାର ସାହୁ, ସୁରେଶ୍ୱର କର୍ମୀ, ଶିକ୍ଷୟିତ୍ରୀ ସୁଧାମୟୀ ପ୍ରଧାନ, ସୌଭାଗିନୀ ମିଶ୍ର, ଅନୁବିନ୍ଦା ଦାଶ, ମିନାକ୍ଷୀ ପୂଜାରୀ, ଜ୍ଞାନେଶ୍ୱର କର, ସୁନୀତି ଧର ପ୍ରମୁଖ ସାମିଲ ଥିଲେ।

## ଦିନକର କାହାଣୀ

# ପାଣି ଦେଇଛି ପରିଚୟ



ରେଢ଼ାଖୋଲ,୫।୯(ଡି.ଏନ୍.ଏ.) ଲବ ସେଠୀ। ବୟସ ପାଖାପାଖି ୪୦। ଅନୁଗୋଳ ଜିଲା କିଶୋରନଗର ବ୍ଲକର ସଞ୍ଜମୁରା ଗାଁର ମୂଳବାସିନ୍ଦା ଲବ ରେଢ଼ାଖୋଲ ସହରରେ ପ୍ରାୟ ୨୦ ବର୍ଷ ହେବ ରହି ଆସୁଛନ୍ତି। ସହରରେ ଥିବା ଏକାଧିକ ଜଳଖିଆ ଦୋକାନକୁ ପାନୀୟ ଜଳ ଯୋଗାଇବା ତାଙ୍କ କାମ। ସେହି କାମ ହିଁ ତାଙ୍କୁ ପରିଚୟ ଦେଇଛି ବୋଲି ଲବ କୁହନ୍ତି।

ମା’ଚଞ୍ଚଳା ଓ ବାପା ଗୋପୀ ସେଠୀଙ୍କ ଯାଆଁଳା ସନ୍ତାନ ହୋଇଥିବାରୁ ତାଙ୍କ ନାମ ଲବ ରଖାଯାଇଥିଲା। ତାଙ୍କ ଭାଇଙ୍କ ନାମ କୁଶ। ତାଙ୍କୁ ଯେତେବେଳେ ୧୦ବର୍ଷ ବାପା ଆରପାରିକୁ ଚାଲି ଗଲେ। ଜମି ବାଡି ନ ଥିଲା। ପରିବାର ଚଳାଇବା ମା’ଙ୍କ ପାଇଁ ବହୁ କଷ୍ଟକର ଥିଲା। ମାତ୍ର ୧୦ ବର୍ଷ ବୟସରେ ଲକ୍ଷ୍ନୌକୁ ଯାଇ ସେଠାରେ ଏକ ରାଜ ପରିବାରରେ ରହି ଘରୋଇ କାମ କରୁଥିଲେ। ପ୍ରାୟ ୮ରୁ ୯ ବର୍ଷ ସେଠାରେ ରହିବା ପରେ ଘରକୁ ଫେରି ଆସିଥିଲେ। ଯାଆଁଳା ଭାଇ ଲବ ଓ କୁଶ କାମଧନ୍ଦା ଉଦ୍ଦେଶ୍ୟରେ ରେଢ଼ାଖୋଲ ସହରକୁ ଆସିଥିଲେ। ଉଭୟେ ଏକ ଜଳଖିଆ ଦୋକାନରେ ଦୀର୍ଘ ୫ବର୍ଷ ଧରି କାମ କରିଥିଲେ। ଜଳଖିଆ ଦୋକାନରୁ ମିଳୁଥିବା ପାରିଶ୍ରମିକ ଅଣ୍ଟିଲା ନାହିଁ। ଶେଷରେ ଲବ ପାନୀୟ ଜଳ ଯୋଗାଇବା କାମ ଆରମ୍ଭ କରିଥିଲେ। ଏବେ ସହରର ୧୨ ଟି ଦୋକାନରେ ପାନୀୟ ଜଳ ଯୋଗାଉଛନ୍ତି।

ପ୍ରତିଦିନ ଭୋରରୁ ତାଙ୍କ କାମ ଆରମ୍ଭ ହୁଏ। ଭାରରେ ପାଣି ବୋହି ସେ ବିଭିନ୍ନ ଦୋକାନକୁ ଯୋଗାଇଥାନ୍ତି। ଏମିତି ଚାଲେ ଦିନ ୧୧ଟା ପର୍ଯ୍ୟନ୍ତ। ଉପରବେଳା ବି ସାଢେ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପାଣି ଯୋଗାଇଥାନ୍ତି। ପାନୀୟଜଳ ଯୋଗାଇ ଦିନକୁ ୬ଶହରୁ ୭ଶହ ଟଙ୍କା ରୋଜଗାର କରୁଥିବା ଲବ କହିଛନ୍ତି। ମା’ଚଞ୍ଚଳା ବଡଭାଇ ଦଶରଥଙ୍କ ସହ ଗାଁ ରେ ରହୁଛନ୍ତି। ଭାଇମାନେ ମିଶି ଭଉଣୀଙ୍କ ବାହାଘର କରିଛନ୍ତି। ଲବ ବି ତାଙ୍କ ଗ୍ରାମ ନିକଟ ଉର୍କୁଳା ଗ୍ରାମର ବବିତାଙ୍କୁ ବିବାହ କରିଛନ୍ତି। ବଡପୁଅକୁ ୯ବର୍ଷ ହୋଇଥିବା ବେଳେ ସାନ ପୁଅ ୫ବର୍ଷର। ବଡପୁଅ ଖନ୍ଦାଡିପ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚତୁର୍ଥଶ୍ରେଣୀରେ ପାଠ ପଢୁଛନ୍ତି। ଲବ ସହରର ଖନ୍ଦାଡିପ ନୂଆସାହିରେ ଘର ତିଆରି କରି ପରିବାର ସହ ରହୁଛନ୍ତି।

ଲବ ଗଛ ଲଗାଇବାକୁ ଭଲ ପାଆନ୍ତି। ପ୍ରତିବର୍ଷ ଅତିକମରେ ଗୋଟିଏ ଗଛ ଲଗାଇଥାନ୍ତି। ସହରର ଶିବ ମନ୍ଦିର, ସାଇ ମନ୍ଦିର, ଶ୍ରୀ ଜଗନ୍ନାଥ ମନ୍ଦିର ଓ ରାଧାକୃଷ୍ଣ ମନ୍ଦିର ସମେତ ବିଭିନ୍ନ ସ୍ଥାନରେ କଦମ୍ବ, ଆମ୍ବ, ଲିମ୍ବ ଓ ବର , ଅଶ୍ୱସ୍ତ ଗଛ ଲଗାଇଥିବା ଲବ କୁହନ୍ତି। ଏଥି ସହିତ ସେ ଜଣେ ଈଶ୍ୱର ବିଶ୍ୱାସୀ। ସହରର ଯେ କୌଣସି ମନ୍ଦିରରେ ଅନୁଷ୍ଠିତ ପର୍ବ ପର୍ବାଣି ,ନାମଯଜ୍ଞ ସମୟରେ ସେ ସ୍ୱଇଚ୍ଛାରେ ଯାଇ ସଫାସୁତୁରା କରିବା ସହ କିଛି ଅର୍ଥ ଦାନ କରିବାକୁ ପଛାନ୍ତି ନାହିଁ।

ରିପୋର୍ଟ– *ଅଚ୍ୟୁତାନନ୍ଦ ପୁରୋହିତ*

ଚାଷୀ ଶ୍ୟାମସୁନ୍ଦରଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ଘଟଣା

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

- ମୋଟେର-ଜୟପାଟଣା ରାସ୍ତା ୬ ଘଣ୍ଟା ଅବରୋଧ
- ଦୁର୍ଘଟଣା ଘଟାଇଥିବା ଗାଡ଼ି ଚିହ୍ନଟ କରିବାରେ ପୋଲିସର ବିଳମ୍ବ ନେଇ ଉତ୍ତେଜନା

ମଣ୍ଡଲ,୫।୯(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣା ଥାନା ଅନ୍ତର୍ଗତ ରଣମାଲ ଗ୍ରାମର ଚାଷୀ ଶ୍ୟାମସୁନ୍ଦର ଦୁର୍ଗା (୪୮) ଦୁର୍ଘଟଣାରେ ଆହତ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତେବେ ମଙ୍ଗଳବାର ସକାଳ ୫ଟାରେ ତାଙ୍କର ମୃତ୍ୟୁ ଘଟିଛି। ଶ୍ୟାମସୁନ୍ଦରଙ୍କ ମୃତଦେହ ରଣମାଲ ଗ୍ରାମରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ବୁଧବାର ପରିବାର ଲୋକେ ତଥା ସମ୍ପର୍କୀୟମାନେ ରାସ୍ତାରେ ମୃତଦେହ ରଖି ଜୟପାଟଣା-ମୋଟେର ମୁଖ୍ୟ ରାସ୍ତାକୁ ରଣମାଲଠାରେ ଅବରୋଧ କରିଥିଲେ। ଜୟପାଟଣା ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ଏବଂ ବଡ଼କୁଟ୍ର ଫାଣ୍ଡି ଅଧିକାରୀ ଜୟଦେବ ତାରିଣୀ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ ଉତ୍ୟକ୍ତ ଲୋକେ ଜିଦ୍‌ରେ ଅଟଳ ରହିଥିଲେ। ପୂର୍ବାହ୍ନ ସାଢ଼େ ୧୧ଟାରେ ଜୟପାଟଣା ତହସିଲଦାର ମନୋଜ ପାଢ଼ୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଶ୍ୟାମସୁନ୍ଦରଙ୍କ ପରିବାରଙ୍କୁ ଜାତୀୟ ପରିବାର ମଙ୍ଗଳ ଯୋଜନରୁ ୨୦ ହଜାର, ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର, ରେଡ୍‌କ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ସହ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଅଧିକ ସହାୟତା ପ୍ରଦାନ ଓ ଦୁର୍ଘଟଣା



କ୍ଷତିପୂରଣ ଦାବିରେ ଲୋକେ ରାସ୍ତାରୋକୋ କରିଛନ୍ତି।

ଘଟାଇଥିବା ଗାଡ଼ି ଡ୍ରାଇଭରଙ୍କୁ ତୁରନ୍ତ ଗିରଫ କରିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକେ ହଟିଥିଲା। ଦୀର୍ଘ ୬ ଘଣ୍ଟା ଧରି ରାସ୍ତାରୋକୋ ଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ରାସ୍ତାରୋକୋରେ ପିସିସି ସଭ୍ୟ ତଥା ବରିଷ୍ଠ ଆଇନଜୀବୀ ଦିଗମ୍ବର ଦୁରିଆ, ଜୟପାଟଣା ଜୋନ୍ ସଭାପତି ବିଘ୍ନରାଜ ପଣ୍ଡା, ଜିଲା ପରିଷଦ ସଭ୍ୟ ବିଜୟଦେବ ସାହୁ, ଦନାରଥ ମାଝି, ସୁଶାନ୍ତ ନାଏକ, ବଦେବ ନାଏକ, ଦୟା ବିହାରୀ, ନାକ ନାଏକ, ସଞ୍ଜୟ ପାଣିଗ୍ରାହୀ, ନିରଞ୍ଜନ ଛତ୍ରିଆ, ଜୟଲାଲ ନାଏକ, ଦିଲୀପ ବାଗ, ନରେନ୍ଦ୍ର ନଏକ, ସୁଧୀର ପଣ୍ଡା, ଘନଶ୍ୟାମ ନାଏକ, ମହିମା ପାଣିଗ୍ରାହୀ ପ୍ରମୁଖ ସାମିଲ ଥିଲେ।

ସୂଚନାଯୋଗ୍ୟ, ଗତ ଅଗଷ୍ଟ ୨୯ ଅପରାହ୍ନ ୩ଟାରେ ଶ୍ୟାମସୁନ୍ଦର ସାଇକେଲ ଯୋଗେ ସାରବସ୍ତା ଧରି ବିଲକୁ ଯାଉଥିଲେ। ଏହି ସମୟରେ ମୋଟେର ପଟୁ ଦ୍ରୁତଗତିରେ ଆସୁଥିବା ଏକ ଅଜଣା କାର୍ ତାଙ୍କୁ ରଣମାଲ-ଗୁନଗୁନିଆଁ ମଧବର୍ତ୍ତୀ ସ୍ଥାନରେ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ଶ୍ୟାମସୁନ୍ଦରଙ୍କୁ ଉଦ୍ଧାର କରି ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ ଭବାନୀପାଟଣା ମେଡିକାଲ ନେଇଥିଲେ। ପରେ ତାଙ୍କୁ ବୁର୍ଲା ଓ ଭୁବନେଶ୍ୱର ଏମ୍ସ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ବେଡ୍ ମିଳିବାରେ ବିଳମ୍ବ ହେବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସକାଳ ୫ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ଶ୍ୟାମସୁନ୍ଦରଙ୍କ ପରିବାରରେ ଏବେ ସ୍ତ୍ରୀ ତିଳୋତ୍ତମା (୪୫), ଝିଅ ରଞ୍ଜିତା (୧୯), ଲିଲିମା (୧୫) ଏବଂ ପୁଅ ରେବକାନ୍ତ (୧୦) ଅଛନ୍ତି। ଅତ୍ୟନ୍ତ ଗରିବ ହୋଇଥିବାରୁ ପରିବାର ପ୍ରତିପୋଷଣ ନେଇ ତିଳୋତ୍ତମା ଏବେ ଚିନ୍ତାରେ ପଡ଼ିଯାଇଛନ୍ତି।

# ସାମାନ୍ୟ ବଚସାରୁ ଛୁରି ଭୁସି ହତ୍ୟା

ଝାରସୁଗୁଡ଼ା ଅଫିସ,୫।୯

ଝାରସୁଗୁଡ଼ା ସହରାଞ୍ଚଳରେ ମଙ୍ଗଳବାର ବିଳମ୍ବିତ ରାତିରେ ଘଟିଛି ଏକ ହତ୍ୟାକାଣ୍ଡ। ଏକ ମେସ୍‌ରେ ରହୁଥିବା ମିଥୁନ ସାଇନି(୨୨) ନାମକ ଯୁବକଙ୍କୁ ସେହି ମେସର ଅନ୍ୟ ଜଣେ ଛୁରି ଭୁସି ହତ୍ୟା କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଧନଞ୍ଜୟ ତିୱାରୀ(୨୭)। ଉଭୟ ଉତ୍ତରପ୍ରଦେଶର ବାସିନ୍ଦା ହୋଇଥିବାବେଳେ ଏଠାରେ ରହି କାମ କରୁଥିଲେ। ଝାରସୁଗୁଡା ଟାଉନ ଥାନା ପୋଲିସ ମୃତଦେହ ଜବତ କରିବା ସହ ଅଭିଯୁକ୍ତଙ୍କୁ ଅଟକ ରଖିଛି। ହତ୍ୟା ମାମଲା ରୁଜୁ କରାଯାଇ ମୃତକଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଛି ବୋଲି ଇନସ୍‌ପେକ୍ଟର ସାବିତ୍ରୀ ବଳ ଏବଂ ସୂଚୀସ୍ମିତା ମହାନ୍ତି କହିଛନ୍ତି।

ପୋଲିସ ସୂଚନା ମୁତାବକ, ଉତ୍ତରପ୍ରଦେଶ ମହାରାଜଗଞ୍ଜ ଜିଲା କୁତୱାଲି ଥାନା କିଶନପୁରର ମିଥୁନ ସାଇନି, ରାମପ୍ରତାପ ସାଇନି, ଧନଞ୍ଜୟ ତିୱାରୀ, ଶ୍ରବଣ କୁମାର ଏବଂ ଅନ୍ୟମାନେ ଝାରସୁଗୁଡା ବିଟିଏମ୍ ଫାଣ୍ଡି ଅଧୀନ ବକ୍ସିଛକ ଅଞ୍ଚଳରେ ରହୁଥିଲେ। ଏଠାରେ ସେମାନେ କେ.ପି.ଏସ୍. କନଷ୍ଟ୍ରକଶନ୍ ନାମକ ସଂସ୍ଥାରେ ଶ୍ରମିକ ଭାବେ କାମ କରୁଥିଲେ। ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟ ୧୧ଟା ୩୦ରେ ସମସ୍ତଙ୍କ ଉପସ୍ଥିତିରେ ମେସ୍‌ରେ ରୋଷେଇ ଚାଲିଥିଲା। ସବୁଦିନ ଭଳି ମଙ୍ଗଳବାର ରାତିରେ ମଧ ମିଥୁନ୍ ଏବଂ ଧନଞ୍ଜୟ ମଧ୍ୟରେ କଥା କଟାକଟି ହୋଇଥିଲା। ଉତ୍କ୍ଷିପ୍ତ ହୋଇ ଧନଞ୍ଜୟ ପାଖରେ ଥିବା ଛୁରିରେ ମିଥୁନଙ୍କ ଛାତିକୁ ୩ରୁ ୪ ଥର ଆକ୍ରମଣ କରିଥିଲେ। ମିଥୁନ ଘଟଣାସ୍ଥଳରେ ପଡିଯିବା ସହ ରକ୍ତ ବୋହିବାରେ ଲାଗିଥିଲା। ଏ ବାବଦରେ ଅନ୍ୟ ସହକର୍ମୀମାନେ ସଂସ୍ଥାର ଏସ୍. ନାରାୟଣ ରାଓଙ୍କୁ ସୂଚନା ଦେଇଥିଲେ। କିଛି ସମୟ ପରେ ନାରାୟଣ ରାଓ ଏକ ବାଇକ୍‌ରେ ମିଥୁନଙ୍କୁ ଜିଲା ହସ୍‌ପିଟାଲକୁ ନେଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଟାଉନ ଥାନା ପୋଲିସ ହସ୍‌ପିଟାଲରେ ପହଞ୍ଚିଥିଲେ। ମୃତଦେହ ଜବତ ସହ ବ୍ୟବଚ୍ଛେଦ କରାଯାଇଛି। ଧନଞ୍ଜୟଙ୍କୁ ପୋଲିସ ଅଟକ ରଖିଛି। ଶ୍ରବଣ କୁମାରଙ୍କ ଏତଲା କ୍ରମେ ପୋଲିସ ହତ୍ୟା ମାମଲା ରୁଜୁ କରିଛି।




# ଯୁବକଙ୍କୁ ପିଟି ପିଟି ହତ୍ୟା

## ଦୋଷ ସ୍ୱୀକାର ପରେ ଅଭିଯୁକ୍ତ ଗିରଫ

ରାଉରକେଲା ଅଫିସ,୫।୯

ସେକ୍ଟର-୩ ଥାନା ଅନ୍ତର୍ଗତ ଖରିଆବାହାଲ ବସ୍ତିର ଜଣେ ଯୁବକଙ୍କୁ ପିଟି ପିଟି ମାରି ଦିଆଯାଇଥିବା ଅଭିଯୋଗ ହୋଇଛି। ତାଙ୍କ ନାଁ ବିଦେଶୀ ଖୁଣ୍ଟିଆ (୩୪)। ଏନେଇ ପୋଲିସ ଦଫା ୩୦୨, ୨୪ ଆଇପିସି ବଳରେ ଏକ ମାମଲା (ନଂ.-୧୦୩/୨୦୧୮) ରୁଜୁ କରିଛି। ଖରିଆବାହାଲ ବସ୍ତି ଲେବର କଲୋନୀର ଅଭିଯୁକ୍ତ ଚିନ୍ତାମଣି ନାୟକ (୪୪)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ବୁଧବାର ସେକ୍ଟର-୩ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜୋନାଲ ଡିଏସ୍‌ପି ପି.କେ. ମିଶ୍ର ଓ ଥାନାଧିକାରୀ ଏନେଇ ସୂଚନା ଦେଇଛନ୍ତି। ପୋଲିସ ସୂଚନା ଅନୁଯାୟୀ ମଦ କାରବାର ଓ ବଚସାକୁ ନେଇ ଏଭଳି ଘଟଣା ଘଟିଛି। ଗତ ୩ ତାରିଖ ରାତି ପ୍ରାୟ ସାଢ଼େ ୧୨ଟାରେ ବିଦେଶୀ ଓ ଚିନ୍ତାମଣିଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ପରେ ବଚସା ଉଗ୍ରରୂପ ଧାରଣ କରିଥିଲା। ମଦ ଗଞ୍ଜେଇ ନିଶାରେ ଚୂର୍ ଥିବା ଚିନ୍ତାମଣି ବିଦେଶୀଙ୍କୁ ଆକ୍ରମଣ କରି ଘଟଣାସ୍ଥଳ ଛାଡ଼ି ଚାଲିଯାଇଥିଲେ। ଏଥିରେ ବିଦେଶୀ ଗୁରୁତର ଆହତ ହୋଇଥିଲେ। ତେବେ ସେହିଠାରେ ସେ ରାତିତମାମ ପଡ଼ି ରହିଥିଲେ। ଖବର ପାଇ ୪ ତାରିଖ ଭୋର୍‌ରୁ ପରିବାର ଲୋକେ ବିଦେଶୀଙ୍କୁ ଉଦ୍ଧାର କରି ପ୍ରଥମେ ସିଡବ୍ଲୁଏସ୍ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଆଇଜିଏଚ୍ ଓ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ହେଲେ ବାଟରେ ପାଲଲହଡ଼ା ନିକଟରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ବିଦେଶୀଙ୍କୁ ଆଇଜିଏଚ୍ ଫେରାଇ ଅଣାଯାଇଥିଲା। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୁକ୍ତ ଚିନ୍ତାମଣି ଦୋଷ ସ୍ୱୀକାର କରିବା ପରେ ବୁଧବାର ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।



ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀମାନେ ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ଦେଉଛନ୍ତି। ନିକଟରେ ଅଭିଯୁକ୍ତ ଉପସ୍ଥିତ ଅଛନ୍ତି।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ
ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ



## ସଂକ୍ଷେପରେ

### ନିଖୋଜ ସ୍ୱାମୀଙ୍କୁ ଉଦ୍ଧାର ପାଇଁ ସ୍ତ୍ରୀ ଏସ୍‌ପିଙ୍କ ଦ୍ୱାରସ୍ଥ

**ଭବାନୀପାଟଣା,୫।୯(ଡି.ଏନ.ଏ.)-** କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ଶଗଡା ନାଗଝୁରି ଗ୍ରାମର ଜଣେ ଯୁବକ ବିଜୟୱାଡାରେ ଦାଦନ ଖଟିବାକୁ ଯାଇ ୩ ମାସ ହେଲା ନିଖୋଜ ହୋଇଛନ୍ତି । ନିଖୋଜ ସ୍ୱାମୀଙ୍କୁ ଉଦ୍ଧାର କରିବା ପାଇଁ ସ୍ତ୍ରୀ କଳାହାଣ୍ଡି ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଶତ୍ରୁଘ୍ନ ବେନିଆ (୫୦) ଗତ ଏକମାସ ତଳେ ସେହି ଗ୍ରାମର ରାଜେଶ ମାଝି ଓ ଦେବାନ ନାଏକଙ୍କ ସହିତ ବିଜୟୱାଡାକୁ ଦାଦନ ଖଟିବାକୁ ଯାଇଥିଲେ । ଗତ କିଛି ଦିନ ତଳେ ଦେବାନ ଘରକୁ ଫେରି ଶତ୍ରୁଘ୍ନ ନିଖୋଜ ଥିବା ପରିବାର ଲୋକଙ୍କୁ କହିଥିଲେ । କୁଆଡେ ଶତ୍ରୁଘ୍ନ ଓ ଅନ୍ୟମାନେ ବିଜୟୱାଡାରୁ ଚିଲିକାକୁ ଦାଦନ ଖଟିବା ପାଇଁ ଯାଇଥିଲେ । ଚିଲିକାରୁ ଶତ୍ରୁଘ୍ନ ନିଖୋଜ ଥିବା ଜଣାପଡିଛି । ଏ ନେଇ ପୂର୍ବରୁ ଲାଞ୍ଜିଗଡ ବିଧାୟକଙ୍କୁ ଜଣାଇଥିବା ବେଳେ ମଙ୍ଗଳବାର କଳାହାଣ୍ଡି ଏସ୍‌ପି ବି.ଗଙ୍ଗାଧରଙ୍କୁ ଭେଟି ଶତ୍ରୁଘ୍ନଙ୍କ ସ୍ତ୍ରୀ ସସ୍ମିତା ବେନିଆ ସ୍ୱାମୀଙ୍କୁ ଉଦ୍ଧାର ପାଇଁ ନିବେଦନ କରିଛନ୍ତି ।

## ନାଟ୍ ବକ୍ତୃତା ମାଳାରେ ବିଶିଷ୍ଟ ବକ୍ତାଙ୍କ ମତ

# ଶିକ୍ଷାର ସବୁଠୁ ମୂଲ୍ୟବାନ୍ ଉପାଦାନ ହେଉଛି ଚରିତ୍ର

**ସୋନପୁର, ୫।୯ (ନି.ପ୍ର.)**



ବକ୍ତୃତା ମେଳାରେ ମଞ୍ଚାସୀନ ଅତିଥି ବୃନ୍ଦ ।

ଶିକ୍ଷାର ସବୁଠୁ ମୂଲ୍ୟବାନ ଉପାଦାନ ହେଉଛି ଚରିତ୍ର । ଚିରିତ୍ର ଠିକ୍ ନ ରହିଲେ ଶିକ୍ଷା ଗ୍ରହଣର କିଛିମାନେ ନାହିଁ । ତେଣୁ ଶିକ୍ଷା ବ୍ୟବସ୍ଥାରେ ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ଆବଶ୍ୟକ ବୋଲି ନାଟକ, ସାହିତ୍ୟ ଓ ସମାଜସେବା ପାଇଁ ସମର୍ପିତ ଅନୁଷ୍ଠାନ ନାଟ୍ ପକ୍ଷରୁ ଆୟୋଜିତ ନାଟ୍ ବକ୍ତୃତା ମାଳା-୨୦୧୮ରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଏହି ମତବ୍ୟକ୍ତ କରିଛନ୍ତି । ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସଭାଗୃହରେ ଆୟୋଜିତ ଏହି ବକ୍ତୃତା ମେଳାରେ ସୁବର୍ଣ୍ଣପୁର ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ସମାଜରେ ମାନବୀୟ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ହ୍ରାସ ପାଇବାରେ ଲାଗିଛି । ଏଥିପାଇଁ ପ୍ରଚଳିତ ସମାଜ ସହିତ ଅଭିଭାବକ ମାନେ କେତେକାଂଶରେ ଦାୟି ବୋଲି ମତପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ଡିଆରଡିଏ ପିଡି ସୂର୍ଯ୍ୟନାରାୟଣ ଦାଶ ଯୋଗ ଦେଇ ଭଲ ମଣିଷ ଗଠନ କରିବା ଶିକ୍ଷାର ମୌଳିକ ଲକ୍ଷ୍ୟ ହେବା ଆବଶ୍ୟକ ବୋଲି କହିଥିଲେ । ଶିକ୍ଷାବିତ୍ ହରପ୍ରସାଦ ରଥ ତାଙ୍କ ବକ୍ତବ୍ୟରେ ଆଦର୍ଶ ନାଗରିକ ଗଢି ତୋଳିବା ଓ ଛାତ୍ରୀଛାତ୍ରଙ୍କୁ ଦେଶପ୍ରେମରେ ଉଦ୍‌ବୁଦ୍ଧ କରିବା ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କର ଲକ୍ଷ୍ୟ ହେବା ଉଚିତ । ଶିଶୁର ସାମଗ୍ରୀକ ବିକାଶ ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ମଧ୍ୟ ରଥ ଗୁରୁତ୍ୱାରୋପ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଅଶୋକ କୁମାର ମିଶ୍ର ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୁରୁକୁଳ ଶିକ୍ଷା ପଦ୍ଧତି ବିଷୟରେ ଆଲୋଚନା କରିଥିଲେ । ବର୍ତ୍ତମାନ ସମାଜରେ ମାନବୀୟ ମୂଲ୍ୟବୋଧ ହଜି ଯାଉଛି । ଏନେଇ ପୁରାତନ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ପାଇଁ ଆହ୍ୱାନ ଦେଇଥିଲେ । ନାଟ୍‌ର କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ସାହୁ ଏଥିରେ ଅଧକ୍ଷତା କରିଥିଲେ । ସାଧାରଣ ସମ୍ପାଦକ ବନମାଳୀ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ରାଷ୍ଟ୍ରୀୟ ନାଟ୍ ମେଳା-୨୦୧୮ର ଅନ୍ୟତମ ପ୍ରଯୋଜକ ପ୍ରିୟବ୍ରତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବହୁଭାଷୀୟ ନାଟକ ପ୍ରତିଯୋଗିତା ରାଷ୍ଟ୍ରୀୟ ନାଟ୍ ମେଳା-୨୦୧୯ ଆସନ୍ତା ଫେବୃୟାରୀ ମାସରେ ଆୟୋଜନ କରାଯିବ ବୋଲି ଅନୁଷ୍ଠାନପକ୍ଷରୁ ଘୋଷଣା ହୋଇଥିଲା। ସାହିତ୍ୟ ବିଭାଗର ସମ୍ପାଦକ ସମୀର କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ । ସକାଳେ ସୋନପୁର କୁଷ୍ଠାଶ୍ରମର ଅନ୍ତେବାସୀଙ୍କୁ ଛତା ଓ ମିଷ୍ଟାନ୍ନ ପ୍ରଦାନ କରାଯାଇଥିଲା । ସାଂସ୍କୃତିକ ସମ୍ପାଦକ ଅବିନାଶ ହୋତା, ଅକ୍ଷୟ ପୁରୋହିତ, ଜ୍ୟୋତିରଞ୍ଜନ ମିଶ୍ର, ସଞ୍ଜୟ ପଣ୍ଡା ଓ କ୍ଷୀରୋଦ ବିହାରୀ ବିଶ୍ୱାଳ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜଡ଼ା ସୋରିଷର ଟାଙ୍କି**
**ଭଲା ଭାଇବୋହୂ ଆଣିଲି ଘରକୁ**
**ମଲି ମୁଁ କୁଣ୍ଡିଆ ରାମ୍ପି ।**

ଦୁହିତା ଦୁଇ କୁଳକୁ ହିତା । କନ୍ୟାର ଗୁଣଗ୍ରାମ ଯେତେ ଭଲ ହୋଇଥାଏ ସେ ଉଭୟ ବାପଘରେ ଓ ଶାଶୁଘରେ ସେତେ ସୁନାମ ଅର୍ଜିଥାଏ । ତେବେ ଗୁଣଗ୍ରାମ ଯଦି ଭଲ ହୋଇ ନ ଥାଏ ତା'ହେଲେ ଶାଶୁଘରେ ସେ ଭଲ ବୋହୂର ମାନ୍ୟତା ପାଇ ପାରି ନ ଥାଏ । ଭାଇବୋହୂର କାର୍ଯ୍ୟକଳାପ ତଥା ଚାଲିଚଳନରେ ଦେଢ଼ଶୁର ଅସ୍ତବ୍ୟସ୍ତ ହୋଇପଡ଼ିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଜବ ଧାନ**
**ଆଗ ଭାରିଯାକୁ ଛାଡ଼ପତର**
**ପଛ ଭାରିଯାକୁ ସାବଧାନ ।**

କିଛି ବ୍ୟକ୍ତି ପରକୀୟା ପ୍ରୀତିରେ ପଡ଼ି ବୈଦିକ ରୀତିନୀତି ଅନୁଯାୟୀ ବିବାହ କରିଥିବା ନିଜ ସ୍ତ୍ରୀକୁ ତ୍ୟାଗକରି ବସୁଥିବା ଲକ୍ଷ୍ୟ କରାଯାଇଥାଏ । ଏପରିସ୍ଥଳେ ପ୍ରେମ ଆସକ୍ତିରେ ପଡ଼ି ପୁନଶ୍ଚ ବିବାହ କରୁଥିବା ବ୍ୟକ୍ତି ଦ୍ୱିତୀୟ ସ୍ତ୍ରୀର ଆନ୍ତରିକତା ପ୍ରତି ଅଧିକ ସଚେତନ ହେବା ବିଧେୟ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

## ଜିଆର୍‌ଏସ୍ ସଂଘର ବୈଠକ

**ସୋନପୁର,୫।୯(ନି.ପ୍ର.):** ସୁବର୍ଣ୍ଣପୁର ଗ୍ରାମ ରୋଜଗାର ସେବକ (ଜିଆରଏସ) ସଂଘର ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ଉପସଭାପତି ଗୌରିଶଙ୍କର ମିଶ୍ର ଅଧକ୍ଷତା କରିଥିଲେ । ରାଜ୍ୟ ସଂଘର ନିଷ୍ପତ୍ତିକ୍ରମେ ୧୫ତାରିଖ ମଧ୍ୟରେ ସରକାର ସଂଘର ଦାବି ପୂରଣ ନ କଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ପାଇଁ ନିଷ୍ପତ୍ତି ହୋଇଥିଲା । ବୈଠକରେ ସତ୍ୟନାରାୟଣ ପାତ୍ର, ଅମ୍ବରିଶ ପାତ୍ର, ନିରାକାର ମେହେର, ନାରାୟଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।



### ଖଲିଆପାଲି କେନ୍ଦୁଲିଫ୍ ରେଞ୍ଜ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

**ସୋନପୁର,୫।୯(ନି.ପ୍ର.)-** ସୋନପୁର ବ୍ଲକ ରେଙ୍ଗାଲି ପଞ୍ଚାୟତର ରାଏପାଲି ଗ୍ରାମରେ ଖଲିଆପାଲି କେନ୍ଦୁଲିଫ୍ ରେଞ୍ଜ ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ବୁଧବାର ଆୟୋଜିତ ହୋଇଯାଇଛି। ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରମାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଉକ୍ତ ଶିବିରରେ ସ୍ଥାନୀୟ ଅଞ୍ଚଳର ତିନି ଶହରୁ ଉର୍ଦ୍ଧ ରୋଗୀଙ୍କୁ ଚିକିତ୍ସା ସେବା ମିଳିବା ସହ ଓ ମାଗଣା ଔଷଧ ପ୍ରଦାନ କରାଯାଇଥିଲା । ଜିଲା ମ୍ୟାଲେରିଆ ଅଧିକାରୀ ତଥା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ନବ କିଶୋର ବେହେରା, ଡ. ଚିତ୍ତରଞ୍ଜନ ତ୍ରିପାଠୀ, ଡ. ସରୋଜ କୁମାର ପଟେଲ, ଫାର୍ମାସିଷ୍ଟ ହୃଷୀକେଶ ମିଶ୍ର ଓ ପ୍ରୋଗ୍ରାମ ଅଫିସର ରାକେଶ ମହାପାତ୍ର ସମସ୍ତ ରୋଗୀଙ୍କୁ ଚିକିତ୍ସା କରିଥିଲେ । ରେଞ୍ଜ ଅଫିସର ଚେରୁ ସେନାପତି, ଫରେଷ୍ଟର ପ୍ରଭାକର ମିଶ୍ର, ମାନସ ରଞ୍ଜନ ମିଶ୍ର, ସାନନ୍ଦ ଶବର, ପଞ୍ଚାନନ ମାଝି ଓ ଅମିତ ମହାପାତ୍ର ପ୍ରମୁଖ ଏହି ଶିବିରରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।



ଗୁରୁଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ ।

## ସେଣ୍ଟ ଆନ୍ କନ୍‌ଭେଣ୍ଟ ସ୍କୁଲରେ ଗୁରୁ ଦିବସ ପାଳିତ

**ସୋନପୁର,୫।୯(ନି.ପ୍ର.)**

ଶିକ୍ଷୟିତ୍ରୀ ଶିକ୍ଷକମାନେ ହେଉଛନ୍ତି ଗୁରୁତୁଲ୍ୟ । ସେମାନେ ଈଶ୍ୱରଙ୍କ ପ୍ରତିରୂପ । ସେମାନେ ଦେଶର ଭବିଷ୍ୟତ ନିର୍ମାଣ କରନ୍ତି । ସେହିଭଳି ଜଣେ ଈଶ୍ୱରତୁଲ୍ୟ ଦାର୍ଶନିକ ଶିକ୍ଷକ ଥିଲେ ଭାରତ ରତ୍ନ ସର୍ବପଲ୍ଲୀ ଡ. ରାଧାକ୍ରୀଷ୍ଣନ୍ । ତାଙ୍କର ଜନ୍ମ ଦିନରେ ସେହି ଅମର ଆତ୍ମାପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ବୁଧବାର ସେଣ୍ଟ ଆନ କନଭେଣ୍ଟ ସ୍କୁଲରେ ସମାରୋହରେ ପାଳିତ ହୋଇଥିଲା ପବିତ୍ର ଗୁରୁଦିବସ । ଏକ ସଫଳ ଶିକ୍ଷାନୁଷ୍ଠାନ ଭାବେ ଖ୍ୟାତି ଅର୍ଜନ କରିଥିବା ବିଦ୍ୟାଳୟର ଅଧକ୍ଷା ସିଷ୍ଟର ସିଷ୍ଟର ଜିନ୍ ଯୋଶେଫ୍‌ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଗୋରେଖନାଥ ସାହୁ ଡ. ସର୍ବପଲ୍ଲୀ ରାଧାକ୍ରୀଷ୍ଣନ୍‌ଙ୍କ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିବା ସଙ୍ଗେସଙ୍ଗେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସୂଚାରୁରୂପେ ନିର୍ବାହ କରିବା ସକାଶେ ପରାମର୍ଶ ଦେଇଥିଲେ । ଅଧକ୍ଷା ଜିନ୍ ଯୋଶେଫ୍ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବହୁମୂଲ୍ୟ ଉପଦେଶ ଦେବା ସହ ଗୁରୁଦିବସର ତାତ୍ପର୍ଯ୍ୟ ବୁଝାଇଥିଲେ । ଏହି ଅବସରରେ ମୁଖ୍ୟଅତିଥିଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସଭା ପ୍ରାରମ୍ଭରେ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ପ୍ରତିକୃତିରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପୂଜା ଆରଧନା କରାଯାଇଥିଲା । ଶେଷରେ କ୍ରୀଡ଼ା ଶିକ୍ଷକ ଚୌଧୁରୀ ବିଭାରଙ୍କ ସଂଯୋଜନାରେ ନୃତ୍ୟଗୀତ, ସଙ୍ଗୀତ, ନାଟକ ତଥା ହାସ୍ୟ ରସାତ୍ମକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଛାତ୍ରୀ ସ୍ମୃତିସଙ୍କିତା ପଧାନ ଓ ସ୍ମୃତିଲିପ୍‌ସା ଘଡେଇ ସୁନ୍ଦର ଭାବେ ପରିଚାଳନା କରିଥିଲେ । ଶିକ୍ଷୟତ୍ରୀ ସସ୍ମିତା ନନ୍ଦ ଓ ସିଷ୍ଟର ମୋଲି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ସାପ କାମୁଡ଼ାରେ ଯୁବକ ମୃତ

**ଭବାନୀପାଟଣା,୫।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଫରଙ୍ଗ ଗ୍ରାମର ନରହରି ବାଗ (୪୦)ଙ୍କ ସାପ କାମୁଡ଼ାରେ ମଙ୍ଗଳବାର ମୃତ୍ୟୁ ଘଟିଛି । ସୋମବାର ରାତିରେ ସେ ଘରେ ଶୋଇଥିବା ବେଳେ ଏକ ବିଶାକ୍ତ ସାପ ତାଙ୍କ ବାମ ହାତ ଅଙ୍ଗୁଳିକୁ କାମୁଡି ଦେଇଥିଲା । ଗୁରୁତର ହେବାରୁ ତାଙ୍କୁ ଗୁଣିଆ ଡାକି ଝଡାଫୁଙ୍କା କରିଥିଲେ । ହେଲେ ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ହୋଇ ନ ଥିଲା । ମଙ୍ଗଳବାର ସକାଳେ ତାଙ୍କୁ ଭବାନୀପାଟଣା ସଦର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ତାଙ୍କ ମୃତ୍ୟୁ ଘଟିଛି । ଗୋଲାମୁଣ୍ଡା ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ କରିବା ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି । ନରହରି କୁଲି ମଜୁରି କରି ୪ ଜଣ ନାବାଳକ ପୁଅଝିଅ ଓ ସ୍ତ୍ରୀଙ୍କୁ ପ୍ରତିପୋଷଣ କରିଥିଲେ । ତାଙ୍କ ମୃତ୍ୟୁ ପରେ ସ୍ତ୍ରୀଙ୍କ ମୁଣ୍ଡରେ ପରିବାର ବୋଝ ପଡିଛି । ପ୍ରଶାସନ ଏହି ପରିବାରକୁ ତୁରନ୍ତ ଥଇଥାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଅଗ୍ରଣୀ ମତ୍ସ୍ୟ ଚାଷୀଙ୍କୁ ଚିଙ୍ଗୁଡ଼ି ଯାଆଁଳା ବଣ୍ଟନ

**ଭବାନୀପାଟଣା,୫।୯ (ଡି.ଏନ.ଏ.)**

ସ୍ଥାନୀୟ ମତ୍ସ୍ୟ ବିଭାଗ ଉପନିର୍ଦ୍ଦେଶକ କଳାହାଣ୍ଡିଙ୍କ କାର୍ଯ୍ୟାଳୟଠାରେ କୃଷି ସୂଚନା ଉପଦେଷ୍ଟା କମିଟି (ଆତ୍ମା) ସହାୟତାରେ ମଧୁର ଜଳରେ ଚିଙ୍ଗୁଡି ଚାଷ ପାଇଁ ଅଗ୍ରଣୀ ମତ୍ସ୍ୟ ଚାଷୀଙ୍କୁ ଚିହ୍ନଟ କରାଯାଇ ଚିଙ୍ଗୁଡି ଯାଆଁଳା ବୁଧବାର ବଣ୍ଟନ କରାଯାଇଛି । କଳାହାଣ୍ଡି ଜିଲାରେ ଗତ କିଛିବର୍ଷ ହେଲା ମତ୍ସ୍ୟଚାଷୀ ସଂଖ୍ୟା ବୃଦ୍ଧି ପାଇବା ସହ ସରକାରଙ୍କ ସହାୟତାରେ ଅନେକ ଆଦର୍ଶ ପୁଷ୍କରିଣୀ ଖୋଳାଯାଇ ମତ୍ସ୍ୟ ଚାଷ କରାଯାଉଛି । ମତ୍ସ୍ୟ ଉପନିର୍ଦ୍ଦେଶକ କଳାହାଣ୍ଡି ନିଳାମ୍ବର କିଲାକା ଉଦ୍ୟମରେ ଗତ କିଛିବର୍ଷ ହେଲା ଅଗ୍ରଣିଚାଷୀଙ୍କ ପ୍ରୋତ୍ସାହିତ କରାଯାଇ ବିଭିନ୍ନ ପୁଷ୍କରିଣୀରେ ମତ୍ସ୍ୟ ଯାଆଁଳା ଉତ୍ପାଦନ କରାଯିବା ସହ ଆଧୁନିକ ପ୍ରଣାଳୀରେ ମତ୍ସ୍ୟଚାଷକରି ବହୁ ମତ୍ସ୍ୟ ଚାଷୀ ଲାଭବାନ ହେଉଛନ୍ତି । ଗତବର୍ଷ ମତ୍ସ୍ୟ ଉପନିର୍ଦ୍ଦେଶକ କିଲାକାଙ୍କ ଉଦ୍ୟମରେ ପରୀକ୍ଷା ମୂଳକ ଭାବରେ ଜିଲାର ଦୁର୍ଗମ ଅଞ୍ଚଳ ଥୁଆମୂଳ ରାମପୁରଠାରେ ମଧୁରଜଳ ଚିଙ୍ଗୁଡି ଚାଷ କରାଯାଇ ସଫଳତା ମିଳିଛି । ଏହା ପରେ ଚଳିତବର୍ଷ ଭବାନୀପାଟଣାଠାରେ କେତେକ ଅଗ୍ରଣୀ ଚାଷୀଙ୍କୁ ମଧୁରଜଳ ଚିଙ୍ଗୁଡି ଚାଷ ସକାଶେ ଚିହ୍ନଟ କରାଯାଇ ସରକାରଙ୍କ ଆତ୍ମା ଯୋଜନା ସହାୟତାରେ ମଧୁରଜଳ ଚିଙ୍ଗୁଡି ଯାଆଁଳା ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉପନିର୍ଦ୍ଦେଶକ ମତ୍ସ୍ୟ ବିଭାଗ କିଲାକାଙ୍କ ସମେତ ଡି.ପି.ଡି ସୋମନାଥ ମିଶ୍ର, ଡବ୍ଲୁଏମ୍‌ଏସ୍ ଜାନକୀବଲ୍ଲଭ ମହାପାତ୍ର, ଭବାନୀପାଟଣା କୃଷି ସୂଚନା ପରାମର୍ଶ ଦାତା କମିଟି ଅଧକ୍ଷ ସୁରେଶ ଚନ୍ଦ୍ର ପ୍ରଧାନ ଓ ସହକାରୀ ମତ୍ସ୍ୟ ଅଧିକାରୀ ଭବାନୀପାଟଣା ବ୍ଲକ ଦ୍ରୋପଦୀ ମାଝି ଓ ବରିଷ୍ଠ ସହକାରୀ ମତ୍ସ୍ୟ ବିଭାଗ ଅଧିକାରୀ ନରସିଂହ ମୁଣ୍ଡ ପ୍ରମୁଖ ୭ଜଣ ଅଗ୍ରଣୀ ଚାଷୀଙ୍କୁ ମଧୁରଜଳ ଚିଙ୍ଗୁଡି ଯାଆଁଳା ବଣ୍ଟନ କରିଥିଲେ ।


ମତ୍ସ୍ୟ ଚାଷୀଙ୍କୁ ଚିଙ୍ଗୁଡି ଯାଆଁଳା ପ୍ରଦାନ କରାଯାଉଛି ।



ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକରେ ମଞ୍ଚାସୀନ ଅତିଥି ।

## ୧୯ତମ ବୈଜ୍ଞାନିକ ଉପଦେଷ୍ଟାମଣ୍ଡଳୀ ବୈଠକ

**ଭବାନୀପାଟଣା,୫।୯ (ଡି.ଏନ.ଏ.)**

ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରରେ ବୁଧବାର ୧୯ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଡ. ପ୍ରସନଜିତ୍ ମିଶ୍ର ଯୁଗ୍ମ ନିର୍ଦ୍ଦେଶକ ସମ୍ପ୍ରସାରଣ ନିର୍ଦ୍ଦେଶାଳୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଗତବର୍ଷ କୃଷି ବିଜ୍ଞାନ ତରଫରୁ କରାଯାଇଥିବା କାର୍ଯ୍ୟଗୁଡିକ ସମୀକ୍ଷା ହେବା ସହ ଚଳିତବର୍ଷ ହୋଇଥିବା କାର୍ଯ୍ୟକ୍ରମ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା । ସମନ୍ୱିତ ଚାଷ ପ୍ରଣାଳୀ ତଥା ଅଣ ଜଳସେଚିତ ଉଚ୍ଚ ଜମିରେ ଡାଲି ଜାତୀୟ ଫସଲ ଓ ଚାଷୀଙ୍କ ଆୟକୁ ୨୦୨୨ ସୁଧା ଦ୍ୱିଗୁଣିତ କରିବା ଲକ୍ଷରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନଙ୍କୁ ଏଗ୍ରୀକଲଚର ଟେକନୋଲୋଜି ଏଣ୍ଡ ଏପ୍ଲିକେସନ୍ ରିସର୍ଚ ଇନ୍‌ଷ୍ଟ୍ୟୁଟ୍ ଜୋନାଲ୍ ପ୍ରୋଜେକ୍ଟ ଡାଇରେକ୍ଟର ଡା. ଏସ୍‌ଏସ୍ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ବୁଝାଇଥିଲେ । କୃଷି ବିଜ୍ଞାନ କେନ୍ଦ୍ର କାର୍ଯ୍ୟକ୍ରମଗୁଡିକର ଡକୁମେଣ୍ଟେସନ୍ କରିବା ସହ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଅଧିକରୁ ଅଧିକ ଚାଷୀଙ୍କୁ ବୈଷୟିକ ଜ୍ଞାନ ଆବଶ୍ୟକ ରହିଛି ବୋଲି ଏଣ୍ଡିଆନ୍ ଇନ୍‌ଟିଚ୍ୟୁଟ୍ ଏଣ୍ଡ ସଏଲ ଏଣ୍ଡ ୱାଟର କନଜରଭେସନ କୋରାପୁଟର ଡ. ଏସ୍ ମଧୁ କହିଥିଲେ । କୃଷି କ୍ଷେତ୍ରରେ ହେଉଥିବା ଗବେଷଣା ଲବ୍ଧ, ଜ୍ଞାନ କୌଶଳକୁ ସୂଚାରୁ ରୂପେ ଚାଷ କ୍ଷେତ୍ରରେ ବିଭିନ୍ନ ସମ୍ପ୍ରସାରଣ କାର୍ଯ୍ୟକ୍ରମ ଦ୍ୱାରା ପହଞ୍ଚାଇବା ଆବଶ୍ୟକ ବୋଲି ସଭାପତି ଡ. ପି. ମିଶ୍ର ମତପ୍ରକାଶ କରିଥିଲେ । ଜିଲାର କୃଷି ବିଭାଗ, ଉଦ୍ୟାନ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, ମତ୍ସ୍ୟ ବିଭାଗ, ଜଳସେଚନ ବିଭାଗ, ଜଳ ବିଭାଜିକା ମିଶନ, ରିଲାଏନ୍ସ ଫାଉଣ୍ଡେଶନ, ଏସ୍‌ଏମ୍‌ଏସ୍ କଟନ୍, ଆରଆର୍‌ଟିଏସ୍ ଭବାନୀପାଟଣା, କୃଷି ବିଜ୍ଞାନ ମହାବିଦ୍ୟାଳୟ ଏବଂ ଚାଷୀ ପ୍ରତିନିଧି ପ୍ରମୁଖ ସେମାନଙ୍କ ମୂଲ୍ୟବାନ ମତାମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମକୁ ଡ. ମଧୁମିତା ଜେନା ପରିଚାଳନା କରିଥିବା ବେଳେ ଡ. ତପନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ରିଲାଏନ୍ସ ଫାଉଣ୍ଡେସନ ଦ୍ୱାରା ଜିଲା ୪୧ ହଜାର ଚାଷୀଙ୍କ ମୋବାଇଲ ନମ୍ବରକୁ ଭଏସ ମ୍ୟାସେଜ ଓ ଦୈନିକ ଖବର କାଗଜ ମାଧ୍ୟମରେ ଚାଷ ସମ୍ବନ୍ଧୀୟ ବିଭିନ୍ନ ସୂଚନା ଓ ପରାମର୍ଶ ଉଦ୍‌ଘାଟନ ଆଇସିଏଆର ନିର୍ଦ୍ଦେଶକ ପ୍ରଫେସର ଏସ୍‌ଏସ୍ ସିଂଙ୍କ ଦ୍ୱାରା କରାଯାଇଥିଲା । ଏଥିରେ ରିଲାଏନ୍ସ ଫାଉଣ୍ଡେଶନ୍ ତରଫରୁ ଶାନ୍ତନୁ ପାତ୍ର ଓ ଅଶୋକ ମଲ୍ଲି ଭାଗନେଇ ଡିଜିଟାଲ୍ ସେବା ବିଭିନ୍ନ ଦିଗ ଓ ଉପକାରିତା ଉପରେ ବୁଝାଇଥିଲେ ।

### ସ୍ୱାମୀ କଲେ ପର

# ଧର୍ମଗଡ଼ ସ୍ୱଧାର ଗୃହରେ ଛଡ଼ାଗଲା

## ■ ସହାୟତାର ହାତ ବଢ଼ାଇଲା ବିଜୁ ମହିଳା ଜନତା ଦଳ

**ଧର୍ମଗଡ଼,୫।୯ (ଡି.ଏନ.ଏ.)**


ଧର୍ମଗଡ଼ ସ୍ୱଧାର ଗୃହରେ ଦିଲେଶ୍ୱରୀଙ୍କ ସହ ବିଜୁ ମହିଳା ଜନତା ଦଳର ସଦସ୍ୟା ।

ସ୍ତ୍ରୀ-ସ୍ୱାମୀ ପରି ପବିତ୍ର ବନ୍ଧନରେ ସୃଷ୍ଟି ହୋଇ ଅନ୍ତରାୟ । ସାତ ଜନମର ସାଥୀ ହେବା ପାଇଁ କଥାଦେଇ ସ୍ୱାମୀ ଏହି ପବିତ୍ର ବନ୍ଧନକୁ ଭାଙ୍ଗିଛନ୍ତି । ପରବର୍ତ୍ତୀ ସମୟରେ ସ୍ତ୍ରୀଙ୍କୁ ମଧ୍ୟ ଘରୁ ତଡିଦେଲେ । ଏଭଳି ଏକ ସଙ୍ଗିନ ଅଭିଯୋଗ ଆସିଛି କଳାହାଣ୍ଡି ଜିଲା ଜୟପାଟଣା ଥାନା ସର୍ଗିଗୁଡା ଗାଁରେ । ଏହି ଗାଁର ଭାଗୀରଥି ସାହୁ ଗତ ୧୦ ବର୍ଷ ତଳେ ଧର୍ମଗଡ ଥାନା ତାରାପୁର ଗ୍ରାମର ଦିଲେଶ୍ୱରୀ ସାହୁଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ । ବିବାହର କିଛି ବର୍ଷ ସରୁଖୁରୁରେ ତାଙ୍କର ଦାମ୍ପତ୍ୟ ଜୀବନ ଚାଲିଥିଲା । ପରେ ବିଭିନ୍ନ କାରଣ ଦର୍ଶାଇ ଭାଗୀରଥି ଦିଲେଶ୍ୱରୀଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ । କିଛି ନ କହି ଚୁପଚାପ ସବୁ ସହିଯାଉଥିଲେ ଦିଲେଶ୍ୱରୀ । ତାଙ୍କର ଗୋଟିଏ ୮ବର୍ଷର ପୁଅ ଥିବାବେଳେ ଗତ ୧୫ ଦିନ ହେବ ଅସ୍ତ୍ରୋପ୍ରଚାର ହୋଇ ଏକ ଝିଅ ଜନ୍ମ ଦେଇଛନ୍ତି । ଝିଅ ଜନ୍ମ ଦେବା ପରେ ଭାଗୀରଥି ରାଗିଯାଇ ଘରେ ରଖିବି ନାହିଁ ବୋଲି କହି ତଡିଦେଇଥିଲେ । ଦିଲେଶ୍ୱରୀ ତାଙ୍କ ଭବାନୀପାଟଣାସ୍ଥିତ ଦେଢଶଶୁର ଘରେ ଆଶ୍ରୟ ନେଇଥିଲେ । ଦିଲେଶ୍ୱରୀଙ୍କୁ ଯିଏ ରଖିବ ତାଙ୍କ ଅବସ୍ଥା ଭଲ ହେବନାହିଁ ବୋଲି ଭାଗୀରଥି ଚେତାବନୀ ଦେଇଥିଲେ । ଫଳରେ ଦେଢଶଶୁର ପରିବାରର ଲୋକ ମଧ୍ୟ ଭୟରେ ଥିଲେ । ଘଟଣା ସମ୍ପର୍କରେ କୌଣସି ସୂତ୍ରରୁ ଖବର ପାଇଁ ମଙ୍ଗଳବାର ଦିଲେଶ୍ୱରୀଙ୍କୁ ସହାୟତାର ହାତ ବଢାଇଥିଲେ ଜିଲା ବିଜୁ ମହିଳା ଜନତା ଦଳ ସଭାନେତ୍ରୀ କଲ୍ୟାଣୀ ନାଏକ, ଜୁନାଗଡ ବ୍ଲକ ସଭାନେତ୍ରୀ ମନିଷା ସାହୁ, ଜୁନାଗଡ ଏନଏସି ଅଧକ୍ଷା ବିଜୟା ଲକ୍ଷ୍ମୀ କନ୍ଦପାନ ପ୍ରମୁଖ । ସେମାନେ ଦିଲୀଶ୍ୱରୀଙ୍କୁ ଧରି ଭବାନୀପାଟଣାସ୍ଥିତ ଜିଲା ମଙ୍ଗଳ ଅଧିକାରୀ ଜୋତ୍ସ୍ନା ମହାପାତ୍ର ଓ ଜିଲା ସୁରକ୍ଷା ଅଧିକାରୀ ସବିତା ଦୋରା ପାଖରେ ପହଞ୍ଚି ଘଟଣା ସଂପର୍କରେ କହିବା ସହ ଦିଲେଶ୍ୱରୀଙ୍କୁ କିପରି ଥଇଥାନ କରିହେବ ସେ ନେଇ ଆଲୋଚନା କରିଥିଲେ । ଉଭୟ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଦିଲୀଶ୍ୱରୀଙ୍କୁ ଉକ୍ତ ଦିନ ଅପରାହ୍ନରେ ଧର୍ମଗଡସ୍ଥିତ ସ୍ୱଧାର ଗୃହରେ ଛଡାଯାଇଥିଲା । ସେଠାରେ ଦିଲୀଶ୍ୱରୀ ଓ ତାଙ୍କ ୨ ଝିଅପୁଅ ସହିତ ରହୁଛନ୍ତି ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୬ ସେପ୍ଟେମ୍ବର, ୨୦୧୮



ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ଆଜି ଭେଡେନ ବନ୍ଦ

**ଭେଡେନ, ୫।୯(ଡି.ଏନ.ଏ.):** ସମ୍ପୂର୍ଣ୍ଣ ଫସଲ ବୀମା ଦାବିରେ ଗତ ଶୁକ୍ରବାରଠାରୁ ଚାଲିଥିବା ଭେଡେନରେ ଚାଷୀ ଆନ୍ଦୋଳନ ଆହୁରି ତୀବ୍ରତର ହୋଇଛି। ବୁଧବାର ବ୍ଲକର ସମସ୍ତ ଗ୍ରାମପଞ୍ଚାୟତର ଚାଷୀମାନେ ଭେଡେନ ସମବାୟ ବ୍ୟାଙ୍କ ଶାଖା ସମ୍ମୁଖରେ ଚାଲିଥିବା ଧାରଣାରେ ସାମିଲ ହୋଇଥିଲେ । ଚାଷୀମାନଙ୍କର ନିଷ୍ପତ୍ତି କ୍ରମେ ଗୁରୁବାର ଭେଡେନରେ ବନ୍ଦ ପାଳନ କରାଯିବ । ସମସ୍ତ ଚାଷୀ ଶୋଭାଯାତ୍ରାରେ ଯାଇ ସମସ୍ତ ସରକାରୀ ଅଫିସ ବନ୍ଦ କରିବେ । ଏହି ବନ୍ଦକୁ ସମସ୍ତ ରାଜନୈତିକ ଦଳ ସମର୍ଥନ କରିଛନ୍ତି ।

### ବୀମାରାଶି ଦାବି: ୧୦ରେ ତାଲା ବନ୍ଦ ଆନ୍ଦୋଳନ

**ଅମ୍ବାଭୋନା, ୫।୯(ଡି.ଏନ.ଏ.):** ଅମ୍ବାଭୋନା ବ୍ଲକରେ ମରୁଡି ସହାୟତା ଓ ଫସଲ ବୀମା ପ୍ରଦାନରେ ହୋଇଥିବା ଅନିୟମିତତା ପ୍ରତିବାଦରେ ଲାଲ ବାହାଦୂର ଶାସ୍ତ୍ରୀ କୃଷକ ସଙ୍ଗଠନର ଏକ ବୈଠକ କୃଷକ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବ୍ଲକର ବହୁଚାଷୀ ନିର୍ଦ୍ଧାରିତ ସମୟରେ ବୀମା ପ୍ରିମିୟମ ପଇଠ କରି ମଧ୍ୟ ଫସଲ ବୀମାରାଶି ପାଇବାରୁ ବଞ୍ଚିତ ହୋଇଛନ୍ତି । ବହୁ ପଞ୍ଚାୟତରେ କ୍ଷତି ଅନୁସାରେ ଶସ୍ୟ ବୀମା ରାଶି ପ୍ରଦାନ କରାଯାଇନାହିଁ । ଇନପୁଟ ସବସିଡି ବଣ୍ଟନରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ସଙ୍ଗଠନ ତରଫରୁ ବଣ୍ଟନ ତାଲିକା ସ୍ଥାନୀୟ ତହସିଲଦାରଙ୍କୁ ମାଗିଥିଲେ ମଧ୍ୟ ଅଦ୍ୟାବଧି ଉକ୍ତ ତାଲିକା ଦିଆଯାଇ ନ ଥିବାରୁ ସଂଘ ଉଦ୍‌ବେଗ ପ୍ରକାଶ କରିଛି। ଏହାର ପ୍ରତିବାଦରେ ଆସନ୍ତା ୧୦ ତାରିଖରେ ଅମ୍ବାଭୋନା ବ୍ଲକ ଅଫିସରେ ତାଲା ପକାଇ ଧାରଣା ଦେବାକୁ କୃଷକ ସଙ୍ଗଠନ ଚେତାବନୀ ଦେଇଛି ବୋଲି ସମ୍ପାଦକ ଶଙ୍କର ଖମାରୀ ପ୍ରେସ ବିବୃତିରେ ଜଣାଇଛନ୍ତି ।

## ■ ବ୍ଲକସ୍ତରୀୟ ଗୁରୁ ଦିବସ ପାଳିତ

# ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀ ସମ୍ବର୍ଦ୍ଧିତ

ବରଗଡ଼ ଜିଲ୍ଲା



ବ୍ଲକସ୍ତରୀୟ ଗୁରୁଦିବସ ପାଳନ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ ।

ଭଟଲି,୫।୯(ଡି.ଏନ୍.ଏ)

ଭଟଲି ସତୀହାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ବ୍ଲକ ସ୍ତରୀୟ ଗୁରୁ ଦିବସ ପାଳିତ ହୋଇଛି । ବ୍ଲକ ସମନ୍ୱିତ ଶିକ୍ଷକ ସଂଘ ବ୍ଲକ ସଭାପତି ତିୟାରମ ତନସନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭଟଲି ତହସିଲଦାର ବିଶ୍ୱନାଥ ସାହୁ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଫେସର ଡା. ଉମେଶ ଚନ୍ଦ୍ର ଖାଡଙ୍ଗା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ବିଇଓ ଛତ୍ରପତି ସାହୁ, ଏବିଇଓ ପ୍ରଫୁଲ୍ଲ କୁମାର ନନ୍ଦ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବି ନାରାୟଣ ଭୋଇ, ବ୍ଲକ ସମନ୍ୱିତ ଶିକ୍ଷକ ସଂଘର ସମ୍ପାଦକ ବଭୂତି ଚରଣ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଏହି ଅବସରରେ ଶିକ୍ଷକ ତଥା ଶିକ୍ଷା ବିଭାଗର ସରକାରୀ ଚାକିରିରୁ ଅବସର ଗ୍ରହଣ କରିଥିବା ସାତ ଜଣ ଶିକ୍ଷକ ଏବଂ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ୨୦୧୮ ଶିକ୍ଷା ବର୍ଷ ତୃତୀୟ ଏବଂ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ୨୫ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବୈରାଗୀ ସାହୁ, ଉପେନ୍ଦ୍ର ଖମାରୀ ଏବଂ ସୁଶାନ୍ତ ସା ସଭା ପରିଚାଳନା କରିଥିଲେ ।

**ବିଜେପୁର, (ଡି.ଏନ.ଏ.):** ବିଜେପୁର ଶିଶୁ ବିଦ୍ୟାମନ୍ଦିରରେ ଗୁରୁ ଦିବସ ସମାରୋହକୁ ଅବସରପ୍ରାପ୍ତ ଶିକ୍ଷକ ଯୋଗେନ୍ଦ୍ର ମେହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଉମାକାନ୍ତ ଜାଲ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଆତ୍ମୀୟତା ହିଁ ଗୁରୁଶିଷ୍ୟ ସମ୍ପର୍କକୁ ନିବିଡ କରେ ବୋଲି ମତପୋଷଣ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ର ବୃନ୍ଦଫୁଲ ଚନ୍ଦନ ଦେଇ ଗୁରୁଜୀ ଗୁରୁମାଙ୍କୁ ପୂଜାର୍ଚ୍ଚନା କରିଥିଲେ । ଆନନ୍ଦ ଗୁରୁଜୀ ଅତିଥି ପରିଚୟ, ପ୍ରଧାନ ଆଚାର୍ଯ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଯୋଗେଶ୍ୱରୀ ଗୁରୁମା ସମାରୋହ ସଂଯୋଜନା କରିଥିଲେ । ଗଙ୍ଗାଧର ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଲାଉମୁଣ୍ଡା ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଯଯାତିକେଶରୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଗୁରୁ ଦିବସ ପାଳିତ ହୋଇଥିଲା । ଶିକ୍ଷକ ସୁଶାନ୍ତ ତାଣ୍ଡିଆ, ସଞ୍ଜୟ କୁମାର ସାହୁ, ପ୍ରଶାନ୍ତ ବାରିକ, ସୁବାଷ ଚନ୍ଦ୍ର ଭୋଇ, ରୋହିତ ଭୋଇ, ଜୟ ପ୍ରକାଶ ଭୋଇ ପ୍ରମୁଖ ଶିକ୍ଷାର୍ଥୀମାନଙ୍କୁ ଆର୍ଶିର୍ବାଦ ପ୍ରଦାନ କରିଥିଲେ। ହିନ୍ଦୀ ଶିକ୍ଷକ ଜଗତ୍‌ଜୀବନ ରାମ ତନସନା ଧନ୍ୟବାଦ ଅର୍ପଣ କରିଥିଲେ ।

**ସୋହେଲା,(ଡି.ଏନ.ଏ.):** ସୋହେଲା ବ୍ଲକ ବୁଡାମାଲ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁ ଦିବସ ପାଳିତ ହୋଇଛି । ପ୍ରଧାନ ଶିକ୍ଷକ ବୁଦ୍ଧଦେବ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ଶିକ୍ଷକ ହାରାଧନ ବେହେରା ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ପଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । କେଦାର ନାଥ ସାହୁ ସଭା ସଂଯୋଜନା ଓ ସହକାରୀ ଶିକ୍ଷକ ତୁଷାରକାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଛାତ୍ରୀ ପ୍ରିୟଙ୍କା ଭୋଇ ଓ ପୁନମ ସାହୁଙ୍କୁ ସ୍ୱର୍ଗତ ଗୌରୀଶଙ୍କର ଦୁଆନ ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ସହକାରୀ ଶିକ୍ଷକ ବାଳମୁକୁନ୍ଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜେଜେମା, ଜେଜେବାପା ସମ୍ମିଳନୀ

ବରଗଡ଼ ଅଫିସ୍,୫।୯

ବରଗଡ଼ ସଂସ୍କାର ଅନ୍ତଃରାଷ୍ଟ୍ରୀୟ ବିଦ୍ୟାଳୟରେ ମଙ୍ଗଳବାର ଜେଜେ ମା, ଜେଜେ ବାପା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍କୁଲ ପରିସରରେ ଛାତ୍ରୀଛାତ୍ର ସେମାନଙ୍କ ଜେଜେ ମା, ଜେଜେ ବାପାଙ୍କୁ ଫୁଲ, ଚନ୍ଦନ ଦେଇ ସଭାକୁ ପାଛୋଟି ଆଣିଥିଲେ। ସ୍କୁଲର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ, ଚେୟାରମ୍ୟାନ ସୁମନ ସାୱାଡ଼ିଆ, ପ୍ରଶାସକ ଅଜିତ ପଟ୍ଟନାୟକ, ପ୍ରଧାନଶିକ୍ଷକ କରନ ସାହୁଙ୍କ ଉପସ୍ଥିତିରେ ସଭାକାର୍ଯ୍ୟ ହୋଇଥିଲା। ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ ।

## ୪ ଘଣ୍ଟା ଧରି ବରଗଡ଼ ସହର ଅନ୍ଧାର, ଲୋକେ ହଇରାଣ

ବରଗଡ଼ ଅଫିସ୍,୫।୯

ବରଗଡ଼ ସହରରେ ଲଗାଣ ବର୍ଷା ଯୋଗୁ ବୁଧବାର ଅପରାହ୍ଣ ପ୍ରାୟ ସାଢ଼େ ୫ଟାରେ ବିଦ୍ୟୁତ ସରବରାହ ବ୍ୟାହତ ହୋଇ ପଡ଼ିଥିଲା । ରାତି ୯ଟାରେ ଯାଇ ସ୍ୱାଭାବିକ ହୋଇଥିଲା । ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଥିଲା । ଏ ସମ୍ପର୍କରେ ସ୍ଥାନୀୟ ୱେସ୍କୋ ନିର୍ବାହୀ ଯନ୍ତ୍ରୀ ବିଭୁତି ଭୂଷଣ ଶତପଥୀଙ୍କୁ ପଚାରିବାରୁ ପ୍ରଧାନପାଲି ଗ୍ରୀଡ୍‌ରେ ଜମ୍ପର ଛିଣ୍ଡି ଯାଇଥିବାରୁ ସମସ୍ୟା ଉପୁଜିଥିଲା ବୋଲି ସେ କହିଥିଲେ ।

## କଳସ ଶୋଭାଯାତ୍ରା

ବରଗଡ଼ ଅଫିସ୍,୫।୯

ଆର୍ଟ ଅଫ୍ ଲିଭିଙ୍ଗ, ବରଗଡ଼ ଶାଖା ପକ୍ଷରୁ ସ୍ଥାନୀୟ ଭଟଲି ଛକସ୍ଥିତ ହେତମପୁରିଆ ଭବନଠାରେ ଅନୁଷ୍ଠିତ ହେବ । ଏଥିପାଇଁ ମଙ୍ଗଳବାର ସକାଳ ୮ଟାରେ ଶ୍ରୀ ଗଣେଶଙ୍କ ପୂଜାର୍ଚ୍ଚନା ପରେ କଳସ ସ୍ଥାପନ ଏବଂ ତଳିପଡ଼ାସ୍ଥିତ ସମଲେଶ୍ୱରୀ ମନ୍ଦିରଠାରୁ ହେତମପୁରିଆ ଭବନ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ହୋଇଯାଇଛି । ଉକ୍ତ ଶୋଭାଯାତ୍ରାରେ ୧୦୮ ପୂର୍ଣ୍ଣକଳସ ସହିତ ମହିଳା ଓ ପୁରୁଷ ଯୋଗ ଦେଇଥିଲେ । ପରେ ହେତମପୁରିଆ ଭବନଠାରେ କଥା ବାଚକ ସ୍ୱାମୀ ଦିବ୍ୟାନନ୍ଦଙ୍କ ଦ୍ୱାରା ଶ୍ରୀମଦ ଭଗବତ କଥା ଉପସ୍ଥାପନ କରାଯାଇଥିଲା ।

## ଜଳନ୍ଧରରାଜ୍ ପାଇଁ କଳାକାର ବରଣ



ଅଭିନେତା ସୁଶୀଲ କୁମାର ମେହେରଙ୍କୁ ବରଣ କରାଯାଉଛି ।

ଭେଡେନ, ୫।୯(ଡି.ଏନ.ଏ)

ଆସନ୍ତା ୨୩ରୁ ୨୪ ତାରିଖ ପର୍ଯ୍ୟନ୍ତ ଭେଡେନ ବ୍ଲକ ସିଂହପାଲିରେ ଅନନ୍ତବ୍ରତ ଅବସରରେ ଜଳନ୍ଧର ରାଜ୍ କାର୍ଯ୍ୟକ୍ରମ ହେବ । ଏଥିପାଇଁ ଚିଚିଣ୍ଡା ଗ୍ରାମର ଅଭିନେତା ସୁଶୀଲ କୁମାର ମେହେରଙ୍କୁ ଜଳନ୍ଧର ଭାବେ ବରଣ କରାଯାଇଛି। ବୁଧବାର ସିଂହପାଲି ପୂଜା କମିଟି କର୍ମକର୍ତ୍ତା ସଭାପତି ମେହେର, କ୍ଷେତ୍ର ମେହେର, ଦୁର୍ଯ୍ୟୋଧନ ମେହେର, ବୈକୁଣ୍ଠ ମେହେର, ବିଶେଶ୍ୱର ମେହେର, ଚଡକୁ ମେହେର, ଶଙ୍କର ମେହେର ପ୍ରମୁଖ ଅଭିନେତା ମେହେରଙ୍କ ଚିଚିଣ୍ଡାସ୍ଥିତ ବାସଭବନକୁ ଆସି ଉପାୟନ ଓ ନାରିକେଳ ଦେଇ ବରଣ କରିଥିଲେ ।

## ଜାମଟିକ୍ରାରେ ସ୍ୱଚ୍ଛତା ପକ୍ଷ ପାଳିତ




ସ୍ୱଚ୍ଛତା ପକ୍ଷ ଅବସରରେ ଛାତ୍ରୀଛାତ୍ରମାନେ ରାଲିରେ ବାହାରିଛନ୍ତି ।

ଜାମଟିକ୍ରା, ୫।୯(ଡି.ଏନ.ଏ.)

ଅତାବିରା ବ୍ଲକ ଅନ୍ତର୍ଗତ ଝିଲିମିଣ୍ଡା ଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ବୁଧବାର ସ୍ୱଚ୍ଛତା ପକ୍ଷ ପାଳନ କରାଯାଇଛି । ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ବାରିକଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ସ୍ୱଚ୍ଛତା ରାଲିରେ ବାହାରି ଗ୍ରାମ ପରିକ୍ରମା କରି ସ୍ଲୋଗାନ ମାଧ୍ୟମରେ ଲୋକଙ୍କୁ ସ୍ୱଚ୍ଛତା ଉପରେ ସଚେତନ କରାଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଦ୍ମଲୋଚନ ପାଢୀ ଯୋଗ ଦେଇ ସ୍ୱଚ୍ଛତା ଉପରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ପ୍ରକୃତିବନ୍ଧୁ ଶିକ୍ଷକ ଧର୍ମରାଜ ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

B.Ed
M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR
7682826300
7682826301
BRAHAMPUR
7682826307
7377730723

ADMISSION OPEN 2018-20
B.Ed.
Acharya Nagarjuna University
Anuska B.Ed. Academy
Odisha's No-1 B.Ed. Academy
97% 1ST DIVISION
Rasulgarh, Bhubaneswar
8260277745/8260277746
Cuttack No-9937313739
Bhawanipatna: 7982328673
Jajpur/Kendrapara:9692222120
www.anuskagroup.com

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ । ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number:
7302107165
odishafinance55@gmail.com

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

SMS JOB
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

UNIVERSAL
COMMUNICATION GROUP
ଦ୍ୱାରା ନିଜ ଖାଲି ପଡ଼ିଥିବା ଜମି, ଛାତ, ଚାଷଜମି, ପ୍ଲଟ୍‌ରେ ଯେକୌଣସି ସ୍ଥାନରେ ଉପକରଣ ଲଗାନ୍ତୁ ଓ ପାଆନ୍ତୁ 60 ଲକ୍ଷ ଅଗ୍ରିମ, ଭଡ଼ା ୪୦,000 + ଅନ୍ୟାନ୍ୟ ସୁବିଧାସୁଯୋଗ ଏଗ୍ରିମେଣ୍ଟ ସହିତ ।
CALL NOW:
08570958738
08570958378

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ। ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ୍, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ।
ADARSH FINANCE
Ram Nagar, Narnel, Haryana
7310635473
7310568831

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

BUSINESS OPPORTUNITY
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ ଦେଇ ମାତ୍ର ତିନ ଦିନରେ ଶିକ୍ଷା ଋଣ, ବ୍ୟବସାୟ ଋଣ ଏବଂ ସୁନା ଋଣ ନେବାର ସୁଯୋଗ ଲାଭ କରନ୍ତୁ । ଆକର୍ଷଣୀୟ ସୁଧ ।
ଯୋଗାଯୋଗ
9874247647
Plot No: 86, Sarkar Street, Kolkata

Shree Ganesh Finance Ltd.
ଋଣ ଧମାକା
ବେରୋଜଗାରଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସବୁ ପ୍ରକାର ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। ମହିଳାଙ୍କ ପାଇଁ ବିଶେଷ ରିହାତି। ସବୁ ଋଣ (100000-9500000) ପର୍ଯ୍ୟନ୍ତ ପାଆନ୍ତୁ ଘରେ ବସି।
Durga Nagar, Ward 36, Ferozpur
09085463427

GRAMIN FINANCE
1962 ଠାରୁ ଆପଣଙ୍କ ସେବାରେ
ସରକାରୀ ଯୋଜନା ଦ୍ୱାରା ପର୍ସନାଲ, ଏଜୁକେଶନ, ପ୍ରପର୍ଟି ଋଣ ନିଅନ୍ତୁ 48 ଘଣ୍ଟାରେ।
ନୋ ଫାଇଲ୍ ଚାର୍ଜ
ନୋ ଗ୍ୟାରେଣ୍ଟର
Only Bank Fees
ଋଣ ପାସ୍ ହେଲା ପରେ
ମହିଳା ଓ Govt. Jobଧାରୀଙ୍କ ପାଇଁ ବିଶେଷ ସବ୍‌ସିଡି
AT:TARAN, PO:TAARAN, PUNJAB - 143401
Website: www.graminfinance.com
Miss Call Alerts:
18001007280

(Registration Free)
Bhartiya Telecom Group
(Govt. Approved)
ଦ୍ୱାରା ନିଜର ଖାଲି ଜାଗା, ଛାତ, ଚାଷଜମି, ପ୍ଲଟରେ DIGITAL ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 60 ଲକ୍ଷ । ଭଡ଼ା 45000 + ଅନ୍ୟାନ୍ୟ ସୁବିଧା ସୁଯୋଗ। ଠକମାନଙ୍କ ପ୍ରତି ସାବଧାନ।
(କାମ ଆମର, ବିଶ୍ୱାସ ଆପଣଙ୍କର)
କେବଳ ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରନ୍ତୁ
7052176168
8808619133

ବାବା ଆଜାଦ ଅଲ୍ଲୀ
9911436726, 9540938429



କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ହ୍ୟାଭଇନ, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭିଏସ୍‌ଏସ୍ ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେସନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଗା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଏବିଏସ୍ ଫାଇନାନ୍ସ
ଦ୍ୱାରା ସମସ୍ତ ଭାରତରେ ଲୋନ୍ ନେବା ପାଇଁ ଏବଂ ଜିଲ୍ଲାସ୍ତରରେ ଏଜେଣ୍ଟ ହେବାକୁ ସମ୍ପର୍କ କରନ୍ତୁ।
ଭୁବନେଶ୍ୱର: 7290027868
କଟକ: 7590022879
ପୁରୀ: 7290027864
ଅନୁଗୁଳ: 7290022884
ଯାଜପୁର: 9870548741
ବାଲେଶ୍ୱର: 9870548676
ଗଞ୍ଜାମ: 9870548744

MONEY WIZZ FINANCE
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ୍, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ। (ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

ଫାଇନାନ୍ସ
ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ମାତ୍ର 1250ରେ (1-90 ଲକ୍ଷ) ପର୍ଯ୍ୟନ୍ତ 0% ସୁଧ 60% ରିହାତି, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ରାଶନକାର୍ଡ, ଆଧାରକାର୍ଡ, ସମସ୍ତ ଋଣ 48 ଘଣ୍ଟାରେ
Dhanlaxmi Finance
9045324642
7417158225


**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


TARIFF — MORE SPACE • SAME PRICE (* GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୬ ସେପ୍ଟେମ୍ବର, ୨୦୧୮



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ୍ୟ ସନ୍ତୁଷ୍ଟ କରିପାରିବେ ନାହିଁ ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

### ଶିକ୍ଷକ ସଂଘ ବୈଠକ

**ବରଗଡ଼ ଅଫିସ୍,୫।୯:** ବରଗଡ଼ ଜିଲା ଏସସି, ଏସଟି ପୁନଃ ନିଯୁକ୍ତିପ୍ରାପ୍ତ ଶିକ୍ଷକ ସଂଘର ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି । ଏଥିରେ ଶିକ୍ଷକ ଜଳନ୍ଧର ଲୁହା ଅଧ୍ୟକ୍ଷତା କରିଥିଲେ । ସଂଘର ପରିଚାଳନା ପାଇଁ ବିରଞ୍ଚି ମହାନନ୍ଦ ସଭାପତି, ବୁଦ୍ଧଦେବ ବିଶି ସମ୍ପାଦକ, ଇନ୍ଦ୍ରମଣି ଭୋଇ କୋଷାଧ୍ୟକ୍ଷ ମନୋନୀତ ହୋଇଥିଲେ । ବରଗଡ଼ ଜିଲାର ୧୨ଟି ବ୍ଲକରୁ ୨ଜଣ ଶିକ୍ଷକ ପ୍ରତିନିଧିମାନଙ୍କୁ ନେଇ ପରିଚାଳନା କମିଟି ଗଠନ କରାଯାଇଥିଲା ।

### ସାମ୍ବିଧାନିକ ସ୍ୱୀକୃତି ପାଇଁ ଏକଜୁଟ୍

**ବରଗଡ଼ ଅଫିସ୍,୫।୯:** ବରଗଡ଼ ପୁରୋହିତ ଭବନରେ କୋସଲି କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଛି । କୋସଲି ଭାଷାର ସାମ୍ବିଧାନିକ ସ୍ୱୀକୃତିକୁ ନେଇ ବୈଠକରେ ଆଲୋଚନା କରାଯାଇଥିଲା । ଏଥିରେ ପଶ୍ଚିମଓଡ଼ିଶାର ବିଭିନ୍ନ ଜିଲାର ପ୍ରତିନିଧି ହୃଦମଣି ପ୍ରଧାନ, ନୀଳାମ୍ବର ବେହେରା, ନୀଳମଣି ସାହୁ, ଗୋବିନ୍ଦ ନାମଦେବ, ଭିକାରୀ ଚରଣ ମିଶ୍ର, ଦେବେନ୍ଦ୍ର କୁମାର ନାଏକ, ନିମାଇଁ ଚରଣ ପାଣିଗ୍ରାହୀ, ସନାତନ ବେହେରା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆବାହକ ସାକେତ ଶ୍ରୀଭୂଷଣ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

### ବିଜୁ ଯୁବ ବାହିନୀର ବୃକ୍ଷରୋପଣ

**ଝାରବନ୍ଧ, ୫।୯(ଡି.ଏନ.ଏ.):** ଝାରବନ୍ଧ ବିଜୁ ଯୁବବାହିନୀ ତରଫରୁ ମଙ୍ଗଳବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ବିଜୟ କେତନ ପ୍ରଧାନ, ବ୍ଲକ ସଂଯୋଜକ ଜୟନ୍ତ ଦାଶ, ଉତ୍ତର ବରିହା, ରାଜେଶ ଭୋଇ, ଅଯୋଧ୍ୟା ସାହୁ, ଚନ୍ଦ୍ରଶେଖର ସାହ, ହେମାନନ୍ଦ ଚୌଧୁରୀ, ପ୍ରଶାନ୍ତ ଭୋଇ, କିରଣ ସିଦାର, ରବିଲାଲ ପଟେଲ ବୃକ୍ଷରୋପଣ କରିଥିଲେ ।

### ଫୁଟବଲ, କବାଡି ଚୟନ ଶିବିର

**ପାଇକମାଲ, ୫।୯(ଡି.ଏନ.ଏ.):** ପାଇକମାଲ ବ୍ଲକସ୍ତରୀୟ ଫୁଟବଲ ଓ କବାଡି ଚୟନ ପ୍ରକ୍ରିୟା ମଙ୍ଗଳବାର ଅନୁଷ୍ଠିତ ହୋଇଛି । ଏହାକୁ ବ୍ଲକ ଅଧ୍ୟକ୍ଷ ଅଲତାବ ମହମ୍ମଦ ଉଦ୍‌ଘାଟନ କରିଥିଲେ। ବିଇଓ ଚୂଡାମଣି ବାରିକଙ୍କ ତତ୍ତ୍ୱାବଧାନରେ ହାଇସ୍କୁଲ ପଡିଆରେ ମାଣ୍ଡୋସିଲ, ଲଖମରା, ପଲସଦା ଓ ପାଇକମାଲ ଜୋନ୍‌ରୁ ୨୯୦ଜଣ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଏହି ଖେଳ ପ୍ରତିଯୋଗିତାରେ ୧୭ବର୍ଷରୁ କମ୍ ଓ ୧୪ବର୍ଷରୁ କମ୍ ବର୍ଗର ୩୬ଜଣ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଥିଲା । ବିଚାରକ ଭାବେ ସୁଦର୍ଶନ ମହାକୁଡ, ହେମ ସାଗର ସାହୁ, ନାରାୟଣ ସାହୁ, ଲୋକନାଥ ସାହୁ, ବିଜୟଲକ୍ଷ୍ମୀ ଖାନସମା, ନମିତା ସାହୁ, ପବିତ୍ର ମୋହନ ପ୍ରଧାନ ପ୍ରମୁଖ ଯୋଗ ଦେଇ ଖେଳାଳିମାନଙ୍କୁ ଚୟନ କରିଥିଲେ । ଆଗାମୀ ୧୦ରୁ ୧୨ ତାରିଖ ମଧ୍ୟରେ ହେବାକୁ ଥିବା ଜିଲାସ୍ତରୀୟ ଫୁଟବଲ ଓ କବାଡି ଖେଳ ପ୍ରତିଯୋଗିତାରେ ପାଇକମାଲ ବ୍ଲକରୁ ୩୬ଜଣ ଛାତ୍ରୀଛାତ୍ର ଭାଗ ନେବେ ।

■ ଶସ୍ୟ ବୀମାରାଶି ପ୍ରଦାନରେ ବିଳମ୍ବ

# ସୋସାଇଟିରେ ତାଲା ପକାଇଲେ ଚାଷୀ

**ଭଟଲି,୫।୯(ଡି.ଏନ୍.ଏ)**

୨୦୧୭ ଖରିଫ ଶସ୍ୟବୀମା କ୍ଷତିପୂରଣ ପ୍ରଦାନରେ ଅବହେଳା ଏବଂ ଅହେତୁକ ବିଳମ୍ବ ଯୋଗୁ ଚାଷୀ ଓ ଋଣୀ ସଭ୍ୟମାନଙ୍କ ଅସନ୍ତୋଷ ଉଗ୍ରରୂପ ନେଇଛି । ଏହାର ପ୍ରତିବାଦରେ ବୁଧବାର ଭଟଲି ପ୍ରାଥମିକ କୃଷିଋଣ ସମବାୟ ସମିତିରେ ଚାଷୀମାନେ ତାଲା ପକାଇଥିଲେ । ସମିତି ସଭାପତି ଭାଗିରଥି ପାଧାନ, ପ୍ରହଲ୍ଲାଦ ପଧାନ, ସୁରେନ୍ଦ୍ର ମୋହନ ଅଗ୍ରୱାଲ ଏ ବିଷୟରେ ବିଭାଗୀୟ ଉଚ୍ଚ କର୍ମକର୍ତ୍ତାଙ୍କୁ ଫୋନ ଯୋଗେ ଅବଗତ କରାଇଥିଲେ । ଭଟଲି ସମବାୟ ବ୍ୟାଙ୍କ ଶାଖା ପରିଚାଳକଙ୍କ ମନମୁଖି କାର୍ଯ୍ୟକଳାପ ତଥା ସଭ୍ୟ ଓ ଜମାକାରୀଙ୍କ ପ୍ରତି ଅସୌଜନ୍ୟ ବ୍ୟବହାର, ବୀମା ଟଙ୍କା ସଞ୍ଚୟ ଜମାଖାତାରେ ଲିପିବଦ୍ଧ କରିବାରେ ବିଳମ୍ବ ପାଇଁ ସମସ୍ତ ସଭ୍ୟ କ୍ଷୋଭ ପ୍ରକାଶ କରିଥିଲେ । ୪ଘଣ୍ଟା ତାଲା ବନ୍ଦ ରହିବା ପରେ ଶାଖା ପରିଚାଳକ ଓ ଇନ୍ସପେକ୍ଟର ସମିତିକୁ ଆସି ଆସନ୍ତା ୧୫ ତାରିଖ ମଧ୍ୟରେ ସମସ୍ତ ସଭ୍ୟଙ୍କୁ ବୀମା ଟଙ୍କା ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନକାରୀ ସମିତିରୁ ତାଲା ଖୋଲିଥିଲେ । ଏଥିରେ ବ୍ୟତିକ୍ରମ ହେଲେ ଆସନ୍ତା ୧୮ତାରିଖରେ ପୁନର୍ବାର ଭଟଲି ପିଏସିଏସ ଓ ଭଟଲି ଶାଖା ବ୍ୟାଙ୍କରେ ତାଲା ପକାଯିବ ବୋଲି ସେମାନେ ଚେତାବନୀ ଦଇଛନ୍ତି। ଉର୍ଦ୍ଦୁନା ପିଏସିଏସ ସଭାପତି ଅନନ୍ତରାମ ପଣ୍ଡା ଓ ପ୍ରାୟ ୨୦ ଜଣ ସଭ୍ୟ ଉପସ୍ଥିତ ହୋଇ ଭଟଲି ପିଏସିଏସର ତାଲା ବନ୍ଦକୁ ସମର୍ଥନ କରିଥିଲେ ।

**ଚାଷୀ ଅସନ୍ତୋଷ ବଢୁଛି**



ଚାଷୀମାନେ ସୋସାଇଟିରେ ତାଲା ପକାଇ ଧାରଣାରେ ବସିଛନ୍ତି ।

### ନୂଆଖାଇ ପାଇଁ ନୂଆ ଧାନ ଚିନ୍ତା

**ଅତାବିରା, ୫।୯ (ଡି.ଏନ.ଏ)**

ଆସନ୍ତା ୧୪ ତାରିଖରେ ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ପାଳିତ ହେବ । ଦେଶ, ବିଦେଶରେ ଚାକିରି କରୁଥିବା ଲୋକେ ନିଜ ଜନ୍ମମାଟିକୁ ଆସି ଏକାଠି ପାଳନ କରିବେ ନୂଆଖାଇ । ନୂଆଖାଇ ହେଉଛି ଏକତାର ପର୍ବ । ନୂଆଧାନ ଝାଙ୍କର ଦେଲା ପରେ ନୂଆଖାଇ ହୋଇଥାଏ । କିନ୍ତୁ ଚଳିତ ବର୍ଷ ନୂଆ ଧାନ ଅତାବିରା ଅଞ୍ଚଳରେ ମିଳୁ ନ ଥିବାରୁ ଝାଙ୍କର ପରିବାର ସଦସ୍ୟମାନେ ଦୂରଦୂରାନ୍ତ ଜିଲାଗୁଡିକୁ ଯାଇ ଧାନ ସଂଗ୍ରହ କରିବାକୁ ଏବେଠାରୁ ସଜବାଜ ହେଲେଣି । ଗତବର୍ଷ ଅତାବିରା, ଗୋଡଭଗା ଆଦି ସାପ୍ତାହିକ ବଜାର ଗୁଡିକରେ ନୂଆ ଧାନ କେଣ୍ଡାକୁ ୩୦ ଟଙ୍କାରେ ବିକ୍ରି କରାଯାଇଥିଲା । ଏ ନେଇ ଝାଙ୍କର ପବିତ୍ର ଝାଙ୍କର କୁହନ୍ତି, ଆମ ଅଞ୍ଚଳରେ ନୂଆଧାନ ମିଳୁନାହିଁ। ରାମପୁର ବଜାରକୁ ଯାଇ ନୂଆଧାନ ସଂଗ୍ରହ କରି ଆଣିଲା ପରେ ୧୩ ତାରିଖ କିମ୍ବା ନୂଆଁଖାଇ ସକାଳେ ଘରେ ଘରେ ଧାନ ଦିଆଯିବ ବୋଲି କହିଥିଲେ ।

# ଗୁରୁଦିବସରେ ୧୨ଶିକ୍ଷକ ସମ୍ବର୍ଦ୍ଧିତ



ଜିଲାସ୍ତରୀୟ ଗୁରୁଦିବସରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଶିକ୍ଷକମାନେ ।

**ବରଗଡ଼ ଅଫିସ୍,୫।୯**

ଶିକ୍ଷକତା ଜୀବିକା ନୁହେଁ, ଜୀବନ ଅଟେ । କାରଣ ମଣିଷ କେବଳ ନିଜେ ବଞ୍ଚିବା ପାଇଁ ଜୀବିକା କରିଥାଏ । ମାତ୍ର ଅନ୍ୟ ପାଇଁ ବଞ୍ଚିବା ହେଉଛି ଜୀବନ । ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ବୁଧବାର ଅନୁଷ୍ଠିତ ଶିକ୍ଷାଜିଲା ସ୍ତରୀୟ ଗୁରୁଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ଶିକ୍ଷା ନିର୍ଦ୍ଦେଶକ ଡଃ ସେବକ ତ୍ରିପାଠୀ ଏହା ମତବ୍ୟକ୍ତ କରିଛନ୍ତି । ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗିରିଜା ଶଙ୍କର ଆଚାର୍ଯ୍ୟ ଗୋପାଳ ପ୍ରସାଦ ଦାଶ ପ୍ରମୁଖଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଅବସରରେ ବରଗଡ଼ ଶିକ୍ଷା ଜିଲାର ୧୨ଟି ବ୍ଲକର ୧୨ଜଣ ଆଦର୍ଶ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅତାବିରା ବ୍ଲକରୁ ଶିକ୍ଷକ ବିନୟ କୁମାର ନାଏକ, ଅମ୍ବାଭୋନା ଜନକରାମ ବାରିକ, ବରଗଡ଼ ଟିକେଶ୍ୱର ମେହେର, ବରପାଲି ଅରୁନ୍ଧତୀ ଭୋଇ, ଭଟଲି ସୁଶୀଲ କୁମାର ସାହୁ, ଭେଡ଼େନ ଅବିର ମେହେର, ଗାଇସିଲେଟ ମାନସ କୁମାର ଶତପଥୀ, ଝାରବନ୍ଧ ସୁରେଶ କୁମାର ମେହେର, ପାଇକମାଲ ଗୋକୁଳାନନ୍ଦ ଡନସନା, ରାଜବୋଡ଼ାସମ୍ବର ଦ୍ୱାଦଶ କୁମାର ପ୍ରଧାନ, ବିଜେପୁର ଶଶିଭୂଷଣ ସାହୁ, ସୋହେଲାରୁ ଟଙ୍କଧର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ ହୋଇଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ, ଅଶୋକ ପସାୟତ, ଭାର୍ଗବ ନାଏକ, ରୋଜାଲିନ ମିଶ୍ର, ଉମେଶ ପ୍ରସାଦ ଦାଶ ଓ ଗୋବିନ୍ଦ ସେଠ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲା ସର୍ବଶିକ୍ଷା ଅଭିଯାନ ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ଚୋପଦାରଙ୍କ ସମେତ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ସାହିତ୍ୟିକ ମନୋରଞ୍ଜନ ସାହୁ, ଜର୍ଜ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅମୃତା ସାହୁ, ଶାରୀରିକ ଶିକ୍ଷା ନିରୀକ୍ଷକ ଗିରିଜା ପ୍ରସାଦ ନାଥ, ପ୍ରଶାନ୍ତ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଶିକ୍ଷୟିତ୍ରୀ ସଙ୍ଗୀତାରାଣୀ ମିଶ୍ର, ସ୍ମିତା ପ୍ରଧାନ, ତେରେସ୍କୋଭା ଦାଶ, ବିରେନ୍ଦ୍ର ଦାଶ, ଡଃ ଡୋଲାମଣି ଶତପଥୀ, ବିବେକାନନ୍ଦ ଅଦାବର, ପରିତୋଷ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିତିଲେ । ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଗୁରୁଦିବସ ପାଳନ ବେଳେ ଶିକ୍ଷକଙ୍କ ଆକସ୍ମିକ ବିୟୋଗ

**ବରଗଡ଼ ଅଫିସ୍/ ଭେଡ଼େନ,୫।୯(ଡି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ବକଟି ପଞ୍ଚାୟତର ବୁର୍ଦ୍ଧା ଉନ୍ନୀତ ଉଚ୍ଚ ପ୍ରାଥମିକ ସ୍କୁଲରେ ବୁଧବାର ଗୁରୁଦିବସ ପାଳନ ହେଉଥିବାବେଳେ ସ୍କୁଲର କ୍ରୀଡ଼ା ଶିକ୍ଷକ ଆନନ୍ଦ ପ୍ରଧାନଙ୍କ ଆକସ୍ମିକ ବିୟୋଗ ଘଟିଛି । ଏହାକୁ ନେଇ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି। ସ୍କୁଲରେ ଗୁରୁପୂଜନ ଚାଲିଥିବାବେଳେ କ୍ରୀଡ଼ା ଶିକ୍ଷକ ପ୍ରଧାନଙ୍କ ଦେହରୁ ପ୍ରବଳ ଝାଳ ବାହାରିଥିଲା ଏବଂ ସେ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ନିକଟସ୍ଥ ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ହୃଦଘାତରେ ତାଙ୍କ ମୃତ୍ୟୁ ହୋଇଯାଇଥିବା ଡାକ୍ତର ଘୋଷଣା କରିଥିଲେ । ଏହି ଖବର ପ୍ରଚାରିତ ହେବାପରେ ଛାତ୍ରୀଛାତ୍ରଙ୍କ କାନ୍ଦବୋବାଳିରେ ସ୍କୁଲ ଫାଟି ପଡ଼ିଥିଲା। ଶିକ୍ଷକ ପ୍ରଧାନ ଅବିବାହିତ ଥିବାବେଳେ ଘରେ ତାଙ୍କ ବିଧବା ମା ଏବଂ ଅବିବାହିତା ଭଉଣୀ ଅଛନ୍ତି। ବଡ଼ଭାଇ ଚୂଡ଼ାମଣି କଲିକତା ଯାଇଥିବାରୁ ଗୁରୁବାର କ୍ରୀଡ଼ା ଶିକ୍ଷକଙ୍କ ଶବଦାହ କରାଯିବ ବୋଲି ଜଣାପଡିଛି ।

### ବୋଲେରୋ ଉଦ୍ଧାର, ୪ ଗିରଫ

**ବରଗଡ଼ ଅଫିସ୍,୫।୯**

ବରଗଡ଼ ଟାଉନ ଥାନା ପୋଲିସ ଗତ ୩ତାରିଖ ଭୋର୍‌ରୁ ପୁରୁଣା ସଦର ଥାନା ସମ୍ମୁଖ ରାସ୍ତାକଡରୁ ଚୋରି ହୋଇଥିବା ଏକ ବୋଲେରୋ (ନଂ.ଓଡି୧୭ ୭୫୭୭)କୁ ଉଦ୍ଧାର କରିଛି । ଏଥିରେ ସମ୍ପୃକ୍ତ ୪ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ପୌର ପରିଷଦ ଅନ୍ତର୍ଗତ ୱାର୍ଡ଼ ନଂ-୭ ନୂଆପଡ଼ା ନିବାସୀ ବିକି ଖାଁ(୨୮), ବିଜୟ ଶର୍ମା ଓରଫ କାଲୁ (୨୮), ଯୋଗେଶ ପଟେଲ(୨୧) ଏବଂ ତୌସିଫ ଅଲ୍ଲୀ ରାଜା(୨୨) । ସେମାନଙ୍କ ବିରୋଧରେ ସ୍ଥାନୀୟ ଟାଉନ ଥାନାରେ ଏକ ମାମଲା(ନଂ.୪୩୨/୧୮) ରୁଜୁ ହୋଇଛି। ଉକ୍ତ ବୋଲେରୋ ମାଲିକ ଭଟଲି ରୋଡ୍ ନୂଆପଡ଼ା ନିବାସୀ କୁନୁ ପଟେଲ ତାଙ୍କ ଗାଡ଼ିକୁ ପୁରୁଣା ସଦର ଥାନା ସମ୍ମୁଖରେ ରାସ୍ତାକଡରେ ରଖିଥିଲେ । ଗତ ୩ତାରିଖ ଭୋର୍ ୪ଟାରେ ତାହା ଚୋରି ହୋଇଥିବା ସେ ଜାଣିବାକୁ ପାଇଥିଲେ । ସେ ଏ ନେଇ ସ୍ଥାନୀୟ ସଦର ଥାନାରେ ଏତଲା ଦେଇଥିଲେ । ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଉପରୋକ୍ତ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା ଏବଂ ବୁଧବାର ଗାଡ଼ିକୁ ଉଦ୍ଧାର କରିବା ସହିତ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା ।

## ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ବରଗଡ଼ ଅଫିସ୍,୫।୯**

ବରଗଡ଼ ରୋଡ ରେଳଷ୍ଟେଶନ ନିକଟ ରେଳ ଧାରଣାରୁ ବୁଧବାର ଜିଆରପି ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତ ଯୁବକଙ୍କ ପରିଚୟ ଜଣାପଡ଼ି ନାହିଁ। ରେଳଧାରଣାରେ କଟି ତାଙ୍କ ମୁଣ୍ଡ ଶରୀରରୁ ଅଲଗା ହୋଇ ଯାଇଥିଲା । ମୃତ ଯୁବକଙ୍କ ବୟସ ପାଖାପାଖି ୩୦ବର୍ଷ ହେବ । ସେ ଫୁଲପ୍ୟାଣ୍ଟ ଓ ଫୁଲସାର୍ଟ ପିନ୍ଧିଥିଲେ । ତାଙ୍କ ମୁଣ୍ଡ ଲଣ୍ଡା ଥିଲା । ତେବେ ସେ ଆତ୍ମହତ୍ୟା କରିଛନ୍ତି ନା ଏହା ପଛରେ ଆଉ କିଛି ରହସ୍ୟ ରହିଛି ତାହା ସ୍ପଷ୍ଟ ହୋଇନାହିଁ । ସମ୍ବଲପୁର ଜିଆରପି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ଡାକ୍ତରଖାନା ପଠାଇଛି । ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଜିଆରପି ଅଧିକ ତଦନ୍ତ ଚଳାଇଛି ।











ଭେଡେନ ବ୍ଲକ ଖୁଣ୍ଟୁଲିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁ ଦିବସ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ (ବାମ) । ଅତାବିରା ବ୍ଲକସ୍ତରୀୟ ଗୁରୁ ଦିବସରେ ଉପସ୍ଥିତ ଅତିଥି (ମଝି) । ରାଜବୋଡାସମ୍ବର ହାଇସ୍କୁଲରେ ସମ୍ବର୍ଦ୍ଧିତ କରାଯାଉଛି ।

୮ ଦଫା ଦାବି

## ସରପଞ୍ଚ ସଂଘ ଦେଲା ସ୍ମାରକପତ୍ର



ବିଜେପୁର ବିଧାୟିକାଙ୍କୁ ବ୍ଲକ ସରପଞ୍ଚ ସଂଘର ସଦସ୍ୟ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

**ବିଜେପୁର, ୫।୯ (ଡି.ଏନ.ଏ)**

ବରଗଡ଼ ଜିଲା ବିଜେପୁର ବ୍ଲକ ସରପଞ୍ଚ ସଂଘ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଜେପୁର ବିଧାୟିକା ରୀତା ସାହୁଙ୍କୁ ଆଠ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ବୁଧବାର ପ୍ରଦାନ କରିଛି। ସରପଞ୍ଚମାନଙ୍କ ବିରୁଦ୍ଧରେ ୱାର୍ଡ ସଭ୍ୟଗଣ ଆଣୁଥିବା ଅନାସ୍ଥା ପ୍ରସ୍ତାବକୁ ତ୍ୱରିତ ଉଚ୍ଛେଦ କରିବା, ମାସିକ ଭତ୍ତା ୧୦ ହଜାର ଟଙ୍କାକୁ ବୃଦ୍ଧି କରିବା, ଅବସରକାଳୀନ ଭତ୍ତା ୨ ହଜାର ଟଙ୍କା କରାଯିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସଭାପତି ଜୟକୃଷ୍ଣ ଡନସନାଙ୍କ ନେତୃତ୍ୱରେ ମଙ୍ଗଲୁ ସାହୁ, ସୁବର୍ଣ୍ଣ ମେହେର, ନମିତା ଭୁକ୍ତା, ଶୋଭାଗିନୀ ଡନସନା, ପ୍ରଭାସିନର ମେହେର ପ୍ରମୁଖ ବିଭିନ୍ନ ପଞ୍ଚାୟତର ସରପଞ୍ଚ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

■ ଗୁରୁଦିବସରେ ବକ୍ତାଙ୍କ ମତ

# ସଂସ୍କାର ଛାତ୍ର ଜୀବନର ଅମୂଲ୍ୟ ସମ୍ପଦ

**ଅତାବିରା, ୫।୯ (ଡି.ଏନ.ଏ)**

ଅତାବିରା ବ୍ଲକ ଅନ୍ତର୍ଗତ ତଳିଟାମ୍ପରସରା ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ଗୁରୁଦିବସ ପାଳିତ ହୋଇଛି । ତ୍ରିବିକ୍ରମ ସେଠଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବାବାଜୀ ବେହେରା ମୁଖ୍ୟଅତିଥି, ଓଡିଆ ଅଧ୍ୟାପକ ଡ. ଅଜିତ କୁମାର ନାଥ ମୁଖ୍ୟବକ୍ତା, ଶଶୀଭୂଷଣ ତ୍ରିପାଠୀ, ବିବେକାନନ୍ଦ ବିଶ୍ୱାଳ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ । ସଂସ୍କାର ଓ ସଂସ୍କୃତି ଛାତ୍ର ଜୀବନର ଅମୂଲ୍ୟ ସମ୍ପଦ ବୋଲି ମୁଖ୍ୟବକ୍ତା ଡ. ନାଥ ଉଦବୋଧନ ଦେଇଥିଲେ। ପୁଷ୍ପାଞ୍ଜଳି ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଭେଡେନ ବ୍ଲକ ଡାଲବ ପଞ୍ଚାୟତ ଖୁଣ୍ଟୁଲିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପ୍ରଧାନ ଆଚାର୍ଯ୍ୟ ଶିବାନନ୍ଦ ଦାସ ଓ ସୁନୀତି ଦାଶଙ୍କ ତତ୍ତ୍ୱାବଧାନରେ ଗୁରୁଦିବସ ପାଳିତ ହୋଇଥିଲା। ମୁଖ୍ୟ ଅତିଥି ଶିକ୍ଷାବିତ୍ ପ୍ରାଣଧନ ତ୍ରିପାଠୀ, ମୁଖ୍ୟବକ୍ତା ଆଚାର୍ଯ୍ୟ ସୁପ୍ରଭା ମଞ୍ଚାସୀନ ଥିଲେ। ପରିଚାଳନା କମିଟି ଉପସଭାପତି ଶମ୍ଭୁରାମ ତ୍ରିପାଠୀ, ସମ୍ପାଦକ ସୂର୍ଯ୍ୟ ନାରାୟଣ ପଣ୍ଡା, ସୁଜିତ କୁମାର ଆଚାର୍ଯ୍ୟ, ପଦ୍ମିନୀ ଭୋଇ, ଯୋଗେଶ ପାଢୀ, ଜ୍ୟୋସ୍ନା ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଶାଟୀ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ ।

**ପାଇକମାଲ,(ଡି.ଏନ.ଏ):** ପାଇକମାଲ ବ୍ଲକ ମାଣ୍ଡୋସିଲ ହାଇସ୍କୁଲରେ ସରକାରୀ ଶିକ୍ଷକ କୃଷ୍ଣ ବାଗଙ୍କ ସଭାପତିତ୍ୱରେ ଗୁରୁଦିବସ ପାଳିତ ହୋଇଛି । ପ୍ରଥମେ ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହାପରେ ସମସ୍ତ ଶିକ୍ଷକ ପ୍ରାଚୀନ କାଳରେ ଗୁରୁ ଓ ଶିଷ୍ୟ ସମ୍ପର୍କ ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ନୀଳମଣି ବରିହା ଧନ୍ୟବାଦ ଦେଇଥିଲେ । ସେହିପରି ମାଣ୍ଡୋସିଲ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଗୁରୁଦିବସ ପାଳିତ ହୋଇଥିଲା ।

**ଜାମଟିକ୍ରା, (ଡି.ଏନ.ଏ):** ଅତାବିରା ବାଳିକା ପିଯୁଜିଯୁପି ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ଗୁରୁ ଦିବସ ପାଳିତ ହୋଇଛି । ବିଇଓ ରାଜାରାମ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବରଗଡ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ ମୁଖ୍ୟଅତିଥି, ଇଂଲିଶ ଅଧ୍ୟାପକ ଉମେଶ ମହାପାତ୍ର ମୁଖ୍ୟବକ୍ତା, ଅତାବିରା ଏନଏସି ଅଧକ୍ଷା ଦୀପାଞ୍ଜଳି ଭରାସାଗର, ବ୍ଲକ ଅଧକ୍ଷା ରୀତା ସାହୁ ଓ ଭେଡେନ ବିଇଓ ମଛିନ୍ଦ୍ର ମଲ୍ଲିକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ୨୭୩ଜଣ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ମାନୀତ କରାଯାଇଥିଲା । ପ୍ରସନ୍ନ କୁମାର ମିଶ୍ର କାର୍ଯ୍ୟକ୍ରମ ସମ୍ପାଦନା ଓ ଶିକ୍ଷୟତ୍ରୀ ନନ୍ଦିନୀ ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।

**ଗାଇସିଲେଟ, (ଡି.ଏନ.ଏ.):** ଗାଇସିଲେଟ ସରସ୍ୱତୀ ବିଦ୍ୟାମନ୍ଦିରଠାରେ ଗୁରୁ ଦିବସ ପାଳିତ ହୋଇଛି । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପ୍ରଧାନ ଶିକ୍ଷକ ନରସିଂହ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ପଣ୍ଡା ଗୁରୁ ପରମ୍ପରା ତଥା ରାଧାକ୍ରିଷ୍ଣନଙ୍କ ଜୀବନାଦର୍ଶ ଉପରେ ବକ୍ତବ୍ୟ ରଖିଥିଲେ। ବେଦବ୍ୟାସ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ । ବୁରୋମୁଣ୍ଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ ପ୍ରଧାନ ଶିକ୍ଷକ ଦିଲୀପ କୁମାର ଯୋଶୀଙ୍କ ସଭାପତିତ୍ୱରେ ଗୁରୁଦିବସ ପାଳିତ ହୋଇଥିଲା ।

**ପଦ୍ମପୁର, (ଡି.ଏନ.ଏ.):** ରାଜବୋରାସମ୍ବର ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସରୋଜ କୁମାର ଭୁଏଙ୍କ ଅଧ୍ୟକ୍ଷତାରେ ଗୁରୁଦିବସ ପାଳିତ ହୋଇଛି। ଅବସରପ୍ରାପ୍ତ ଅଧ୍ୟକ୍ଷ ଅମୂଲ୍ୟ କିଶୋର ସାହୁ ମୁଖ୍ୟଅତିଥି, ବିଇଓ ସୁନୀଲ ମୁଣ୍ଡ ଓ ମୋ ସ୍କୁଲ ଅଭିଯାନ ସଭାପତି ଚନ୍ଦ୍ରଭାନୁ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷକ ଅଭିଳାଷ ସାହୁ ସ୍ୱାଗତ ଭାଷଣ ଓ ରାକେଶ କୁମାର ଖମାରୀ ସଭା ସଂଯୋଜନା କରିଥିଲେ। କାର୍ତ୍ତିକ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।



ଅଙ୍କକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ

## ସଂକ୍ଷେପରେ

### ଘଣ୍ଟାପଡ଼ାରେ ଗୁରୁ ଦିବସ

**ଘଣ୍ଟାପଡା, ୫।୯ (ଡି.ଏନ.ଏ):** ବ୍ଲକ ଗ୍ରାଣ୍ଟ ଶିକ୍ଷକମାନଙ୍କ ଧର୍ମଘଟ ଯୋଗୁ ଘଣ୍ଟାପଡା ଜୁନିୟର କଲେଜ, ଅଞ୍ଚଳର ନୂଆପାଲି ଆଦିବାସୀ ହାଇସ୍କୁଲ, ସଦାନନ୍ଦ ହାଇସ୍କୁଲ ରିଙ୍ଗାପଡା, ଖୁଣ୍ଟିଗୋରା ହାଇସ୍କୁଲ, ଖମନମୁଣ୍ଡା ହାଇସ୍କୁଲମାନଙ୍କରେ ବୁଧବାର ତାଲା ଝୁଲୁଥିବା ଦେଖାଯାଇଛି । ଫଳରେ ଶତାଧିକ ଛାତ୍ରୀଛାତ୍ର ଗୁରୁ ପୂଜନରୁ ବଞ୍ଚିତ ହୋଇଛନ୍ତି। କେତେକ ଛାତ୍ରୀଛାତ୍ର ସ୍କୁଲକୁ ଆସି ନିରାଶ ହୋଇ ଫେରିଯିବା ଦେଖାଯାଇଥିଲା । ସେହି ଘଣ୍ଟାପଡା ସରସ୍ୱତୀ ଶିଶୁ ମନ୍ଦିର, ସରକାରୀ ପ୍ରାଥମିକ ଏମ୍‌ଇ ସ୍କୁଲ ଓ ହାଇସ୍କୁଲରେ ଗୁରୁ ଦିବସ ପାଳିତ ହୋଇଯାଇଛି ।

### ଖୁଣ୍ଟବନ୍ଧ ପଞ୍ଚାୟତରେ ଚକ୍ଷୁ ପରୀକ୍ଷା ଶିବିର

**ଜହ୍ନାପଙ୍କ, ୫।୯(ଡି.ଏନ.ଏ.):** ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଚକ୍ଷୁ ପରୀକ୍ଷା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଖୁଣ୍ଟବନ୍ଧ ପଞ୍ଚାୟତର ସରପଞ୍ଚ ମିତ୍ରଭାନୁ ପ୍ରଧାନ ଉଦ୍‌ଘାଟନ କରିଥିଲେ । ଏହି ପରୀକ୍ଷା ଶିବିରରେ ସମୁଦାୟ ୭୦ଜଣ ଚକ୍ଷୁ ପରୀକ୍ଷା କରିଥିବାବେଳେ ୨୪ଜଣଙ୍କ ଅସ୍ତ୍ରୋପଚାର ପାଇଁ ତ୍ରିଲୋଚନ ନେତ୍ରାଳୟକୁ ପଠାଯାଇଥିଲା । ଖୁଣ୍ଟବନ୍ଧ ଗ୍ରାମପଞ୍ଚାୟତ ଓ ତ୍ରିଲୋଚନ ନେତ୍ରାଳୟ ସମ୍ବଲପୁର ଆନୁକୂଲ୍ୟରେ ହୋଇଥିବା ଏହି ଶିବିରରେ ଡ. ଗୌରଭ ପାଣ୍ଡେ, ଅମ୍ବରେଶ ପ୍ରଧାନ, ହେପି ନାରାୟଣ ତରିଆ ସହଯୋଗ କରିଥିଲେ।

### ଭାଜପା ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ

**ବୌଦ୍ଧ,୫।୯(ସ୍ୱ.ପ୍ର):** ବୌଦ୍ଧ ଜିଲା ଭାଜପା ପକ୍ଷରୁ ୮ନଂ ଜୋନରେ ମଣ୍ଡଳ ସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ବୁରୁବୁଡା ଶିବ ମନ୍ଦିର ପରିସରରେ ମଣ୍ଡଳ ସଭାପତି ସୁଶୀଲ ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ସୌମିତ୍ରୀ କୁମାର ନାୟକ ଯୋଗଦେଇ ବୌଦ୍ଧ ଜିଲାରେ ଭାଜପାର ସାଙ୍ଗଠନିକ ସ୍ଥିତି ନେଇ ଆଲୋଚନା କରିଥିଲେ। ଏହାସହ ବୁଥ୍ କମିଟି, ବୁଥ ପ୍ରଭାରୀ ଓ କେନ୍ଦ୍ର ସରକାରଙ୍କ ଯୋଜନା ଯେପରି ଲୋକମାନଙ୍କ ପାଖରେ ପହଞ୍ଚିପାରିବ ସେଥିନେଇ ଆଲୋଚନା ହୋଇଥିଲା । ଏହି ବୈଠକରେ ମଣ୍ଡଳ ଅଧୀନ ୮ ପଞ୍ଚାୟତର ପ୍ରତିନିଧି ଯୋଗ ଦେଇଥିଲେ। ବରିଷ୍ଠ ଭାଜପା ନେତା ସରୋଜ ପ୍ରଧାନ, ସାଧାରଣ ସମ୍ପାଦକ ବିପ୍ରଚରଣ ମହାପ୍ତି, ସୂର୍ଯ୍ୟ ନାରାୟଣ ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

### ବୌଦ୍ଧ ଡିଆରଡିଏ ଜାତୀୟ ପୁରସ୍କାର ପାଇଁ ମନୋନୀତ

ବୌଦ୍ଧ,୫।୯(ସ୍ୱ.ପ୍ର):କିଛି ମାସ ପୂର୍ବରୁ ବୌଦ୍ଧ ବ୍ଲକ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବାରେ ଦେଶର ଅନ୍ୟତମ ଶ୍ରେଷ୍ଠ ବ୍ଲକ ଭାବେ ଭାରତ ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇସାରିଥିବାବେଳେ ଏବେ ବୌଦ୍ଧ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଜିଲା ପାଇଁ ଆଉ ଏକ ଗୌରବ ଆଣିଦେଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସ୍ୱଚ୍ଛତା ଓ ଅନଲାଇନ ଡକୁମେଣ୍ଟେସନ ପ୍ରଦାନ କରିବାରେ ଦେଶର ତିନୋଟି ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମଧ୍ୟରେ ବୌଦ୍ଧ ସ୍ଥାନ ପାଇଛି । ଆସନ୍ତା ୧୧ ତାରିଖରେ ନୂଆଦିଲ୍ଲୀ ବିଜ୍ଞାନ ଭବନଠାରେ ପ୍ରଧାନମନ୍ତ୍ରୀଙ୍କ ନିକଟରୁ ବୌଦ୍ଧ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଟ୍ଟନାୟକ ଏହି ପୁରସ୍କାର ଗ୍ରହଣ କରିବେ ବୋଲି ଜଣାପଡିଛି ।

# ପାଣି ଘେରରେ ମଡେଲ ଡିଗ୍ରୀ କଲେଜ

**ବୌଦ୍ଧ,୫।୯(ସ୍ୱ.ପ୍ର)**

ବୌଦ୍ଧ ମଡେଲ ଡିଗ୍ରୀ କଲେଜ ଜିଲାରେ ଏକମାତ୍ର ସମ୍ପୂର୍ଣ୍ଣ ସରକାରୀ କଲେଜ ଭାବେ ଉଚ୍ଚ ଶିକ୍ଷାର ଭିତ୍ତିଭୂମି ସୃଷ୍ଟି କରିଛି। ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ କଡରେ ହରଭଙ୍ଗା ବ୍ଲକ ଅନ୍ତର୍ଗତ ବାମଣ୍ଡା ନିକଟରେ ଏହି କଲେଜ ସ୍ଥାପିତ ହୋଇଛି। ନୂତନ କଲେଜ ଭାବେ ଏଠାରେ ଛାତ୍ରାବାସ, ପାଚେରୀ, କ୍ୟାଣ୍ଟିନ, ସାଇକେଲ ଷ୍ଟାଣ୍ଡ ଆଦି ଅନେକ ଭିତ୍ତିଭୂମିର ଆବଶ୍ୟକତା ରହିଛି । ଛାତ୍ରୀଛାତ୍ରଙ୍କ ଜରୁରୀ ଆବଶ୍ୟକତା ପୂରଣ କରାଯାଉ ନ ଥିବାରୁ ସମସ୍ୟା ସୃଷ୍ଟି ହେବା ସହିତ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଜାତୀୟ ରାଜପଥ ଠାରୁ ପ୍ରାୟ ୨୦୦ ମିଟର ଦୂରରେ କଲେଜ ରହିଥିବାବେଳେ ଏଠାକୁ ରାସ୍ତା ନିର୍ମାଣ କରାଯାଇନାହିଁ। ଫଳରେ କଲେଜ ଚାରିପଟେ ଥିବା ବିଲ ଗୁଡିକରେ ବର୍ଷାଜଳ ଭର୍ତ୍ତି ହେବା ପରେ ତାହା କଲେଜକୁ ଯାଇଥିବା ମାଟି ରାସ୍ତା ଉପରେ ପ୍ରବାହିତ ହେଉଛି । ତେଣୁ ଛାତ୍ରୀଛାତ୍ରମାନେ ବର୍ଷା ଦିନରେ ମାଟି କାଦୁଅ ରାସ୍ତା ଦେଇ କଲେଜକୁ ଯିବା ଆସିବା କରୁଛନ୍ତି । ସେମାନେ କଲେଜରୁ ଫେରିବା ସମୟରେ ଦୀର୍ଘ ସମୟ ଧରି ଜାତୀୟ ରାଜପଥ କଡରେ ବସ୍‌କୁ ଅପେକ୍ଷା କରୁଛନ୍ତି । କିନ୍ତୁ ରାସ୍ତାକଡରେ ବିଶ୍ରାମାଗାର ନ ଥିବାରୁ ଗଛ ତଳେ ସେମାନେ ଦୀର୍ଘ ସମୟ ଗାଡିକୁ ଅପେକ୍ଷା କରୁଛନ୍ତି । ଏ ଦିଗରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାକୁ ଦାବି ହେଉଛି ।



କଲେଜ ଯିବା ରାସ୍ତାରେ ପାଣି ଚାଲୁଛି ।

# ବୌଦ୍ଧ କେନ୍ଦ୍ର ସମବାୟ ବ୍ୟାଙ୍କ ଦଣ୍ଡିତ

**ବୌଦ୍ଧ,୫।୯(ସ୍ୱ.ପ୍ର)**

ବୌଦ୍ଧ ଖାଉଟି ଅଦାଲତ ଏକ ମାମଲାର ବିଚାର କରି ବୌଦ୍ଧ କେନ୍ଦ୍ର ସମବାୟ ବ୍ୟାଙ୍କକୁ ଦଣ୍ଡିତ କରିଛନ୍ତି। ବୌଦ୍ଧ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ଆସିଷ୍ଟାଣ୍ଡ ଆଡମିନିଷ୍ଟ୍ରେଟିଭ ଇନ୍ସପେକ୍ଟର ଭାବେ ବୌଦ୍ଧ ଜିଲା ଚାରବାଟିର ପ୍ରାଣବନ୍ଧୁ କର ଚାକିରି କରି ଗତ ତା୩୦।୧୧।୨୦୧୨ରିଖରେ ଅବସର ନେଇଥିଲେ । ଅବସର ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କର ଗ୍ରାଚ୍ୟୁଇଟି ଓ ୟୁଟିଲାଇଜ ଲିଭ୍ ସାଲାରି ଅର୍ଥ ଦେଇ ନ ଥିଲେ । ଏ ନେଇ ପ୍ରାଣବନ୍ଧୁ ଗତ ତା୧୩।୩।୨୦୧୪ରିଖରେ ବୌଦ୍ଧ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଖାଉଟି ଅଦାଲତ ଉକ୍ତ ମାମଲା (ନଂ.ସିସି ୭./୧୪ )କୁ ବିଚାର କରି ଗତ ତା୨୪।୧୧।୨୦୧୬ରିଖରେ ବ୍ୟାଙ୍କ ସମ୍ପାଦକଙ୍କୁ ଦଣ୍ଡିତ କରିବା ସହ ଗ୍ରାଚ୍ୟୁଇଟି ଓ ୟୁଟିଲାଇଜ ଲିଭ ସାଲାରି ଅର୍ଥ ବାବଦକୁ ୫ଲକ୍ଷ ୪୫ ହଜାର ଟଙ୍କା ଦେବାକୁ ଆଦେଶ ପ୍ରଦାନ କରିଥିଲେ। କିନ୍ତୁ ଏହି ଆଦେଶ ବିରୋଧରେ ବ୍ୟାଙ୍କ ସମ୍ପାଦକ ରାଜ୍ୟ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ତେବେ ରାଜ୍ୟ ଖାଉଟି ଅଦାଲତ ଏହି ମାମଲାର ବିଚାର କରି ବୌଦ୍ଧ ଖାଉଟି ଅଦାଲତର ଆଦେଶକୁ କାଏମ ରଖିଥିଲେ । ଏହାପରେ ବୌଦ୍ଧ କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ପ୍ରାଣବନ୍ଧୁଙ୍କୁ ତାଙ୍କର ପ୍ରାପ୍ୟ ମିଳିଛି ।

# କୃଷି ବିଜ୍ଞାନ କେନ୍ଦ୍ର କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ

**ସୋନପୁର,୫।୯(ନି.ପ୍ର.)**

ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ(ଓୟୁଏଟି) ଅଧିନ ରାଜ୍ୟର ସମସ୍ତ ୩୧ଟି କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଓ କର୍ମଚାରୀ ସୋମବାରଠାରୁ କଳା ବ୍ୟାଜ ପରିଧାନ କରିଛନ୍ତି। ଏହିକ୍ରମରେ ବୁଧବାର ଆନ୍ଦୋଳନର ଥିଲା ତୃତୀୟ ଦିବସ। ସୋନପୁର କୃଷି ବିଜ୍ଞାନ କେନ୍ଦ୍ର(କେଭିକେ)ର ସମସ୍ତ ୧୩ ଜଣ ବୈଜ୍ଞାନିକ ଓ କର୍ମଚାରୀ କଳାବ୍ୟାଜ ପରିଧାନ କରିଥିଲେ। ଆସନ୍ତା ୧୧ତାରିଖ ପର୍ଯ୍ୟନ୍ତ କର୍ମଚାରୀମାନେ କାର୍ଯ୍ୟରତ ଅବସ୍ଥାରେ ଏଭଳି ପ୍ରତିବାଦ କରିବେ। କର୍ମଚାରୀଙ୍କ ଚାକିରିର ସ୍ଥାୟିତ୍ୱ, ଆରଏସିପି, ସିଏଏସ, ଜାତୀୟ ପେନସନ ଯୋଜନା, ସାମାଜିକ ସୁରକ୍ଷା ଓ ଭାରତ ସରକାରଙ୍କର ବୁଝାମଣା ପତ୍ରର ସଠିକ୍ ରୂପାୟନ ଓ ସମାନ କାମକୁ ସମାନ ଦରମା ଇତ୍ୟାଦି ଅନ୍ତର୍ଭୁକ୍ତ ପାଇଁ ଦାବି ହୋଇଛି। ଓୟୁଏଟିର ବୈମାତୃକ ମନୋଭାବ ପ୍ରତିବାଦରେ ଓଡିଶା କର୍ମଚାରୀ ମହାମଞ୍ଚ ପୃଷ୍ଠପୋଷକତାରେ ଏହି ଆନ୍ଦୋଳନ କରାଯାଉଛି। ଅଭିଯୋଗ ଅନୁଯାୟୀ କେଭିକେର କର୍ମଚାରୀମାନେ ଗତ ୧୩ ବର୍ଷ ଧରି ନିଜର କ୍ୟାରିଅର ଏବଂ ଜୀବିକାକୁ ଓଡିଶାର କୃଷି କ୍ଷେତ୍ରର ଉନ୍ନତି ପାଇଁ କାର୍ଯ୍ୟ କରିଥିବା ସ୍ଥଳେ ଅନୁଦାନରେ ଓୟୁଏଟିଠାରୁ ବିଭିନ୍ନ ସମୟରେ ଅବହେଳା ଓ ନିର୍ଯାତନାର ଶିକାର ହୋଇଛନ୍ତି। ଓୟୁଏଟିର ପ୍ରକୃତ ଉପସ୍ଥିତି ପ୍ରତି ଜିଲାରେ କେଭିକେ ମାଧ୍ୟମରେ ହୋଇଥାଏ। ବୈଜ୍ଞାନିକ ଓ କର୍ମଚାରୀଙ୍କ ଉଦ୍ୟମ, ପରିଶ୍ରମ ଦ୍ୱାରା ଭାରତ ସରକାର ଓ ଓଡିଶା ସରକାରଙ୍କର ସମସ୍ତ ଯୋଜନା କାର୍ଯ୍ୟକାରୀ ହେଉଛି। ବିଭିନ୍ନ ସମୟରେ କୃଷି ବିଜ୍ଞାନ କେନ୍ଦ୍ରରୁ ପ୍ରଶିକ୍ଷିତ ହୋଇ କୃଷିଜୀବୀ, ମହିଳା ରାଜ୍ୟସ୍ତରରେ ଓ ଜାତୀୟ ସ୍ତରରେ ସମ୍ମାନିତ ହୋଇଛନ୍ତି। ୨୦୨୨ ସୁଦ୍ଧା କୃଷକର ଆୟକୁ ଦ୍ୱିଗୁଣ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ତେଣୁ ବୈଜ୍ଞାନିକ ଓ କର୍ମଚାରୀଙ୍କୁ ନ୍ୟାୟ ପ୍ରଦାନ ନ କଲେ ଏହା କିଭଳି ଫଳବତୀ ହେବ ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି। କେଭିକେର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ଜୀବନ ଜିତ ସେନ୍, ବୈଜ୍ଞାନିକ ଗୀତାଞ୍ଜଳି ପଧାନ, ସୁରୋଜ୍ୟୋତି ପଧାନ, ସୁପ୍ରଭା ସେଠୀ, ପ୍ରୋଗ୍ରାମର ପ୍ରିୟମ୍ବଦା ଲୋପାମୁଦ୍ରା ରାଏ, ମୟଙ୍କ ଅଧିକାରୀ, ତନ୍ମୟ ନନ୍ଦ, ମନୋଜ ଜେନା, ପ୍ରମୋଦ ମୁଦୁଲି, ଦୁର୍ଗା ପ୍ରସାଦ ପଟ୍ଟନାୟକ ଓ ତ୍ରିଲୋଚନ ନାଏକ ପ୍ରମୁଖ କଳାବ୍ୟାଜ ପରିଧାନ କରିଥିଲେ।

## ଜିଲା ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

**ବୌଦ୍ଧ,୫।୯(ସ୍ୱ.ପ୍ର)**

କଟକରେ ଜଣେ କାର୍ଯ୍ୟରତ ଓକିଲଙ୍କୁ ପୋଲିସର ମାଡ ଘଟଣାରେ ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ଚାଲିଥିବା ହାଇକୋର୍ଟ ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନରେ ବୌଦ୍ଧ ଓକିଲ ସଂଘ ସାମିଲ ହୋଇଛି । ବୁଧବାର ଜିଲା ଓକିଲ ସଂଘ ସଭାପତି ନବ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ସଂଘ ପରିସରରେ ହୋଇଥିଲା । ବୈଠକରେ ଏହି ମାଡ ଘଟଣାରେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ବୌଦ୍ଧରେ ଏକ ଭିଜିଲାନ୍ସ କୋର୍ଟ ତୁରନ୍ତ ସ୍ଥାପନ ଓ ପଶ୍ଚିମ ଓଡିଶାରେ ହାଇକୋର୍ଟ ବେଞ୍ଚ ଦାବି ହୋଇଥିଲା । ଏଥିପାଇଁ ବୁଧବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ତିନି ଦିନ ଧରି କୋର୍ଟ କାର୍ଯ୍ୟରୁ ବିରତ ରହିବାକୁ ପ୍ରସ୍ତାବ ଗ୍ରହଣ କରିବା ପରେ ସମସ୍ତ ଓକିଲ କୋର୍ଟ କାର୍ଯ୍ୟରୁ ନିବୃତ୍ତ ରହିଥିଲେ। ଫଳରେ ଜିଲାର ସମସ୍ତ ଅଦାଲତର କାର୍ଯ୍ୟ ବନ୍ଦ ହୋଇଯାଇଥିଲା। ଯଦି ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ ନ କରେ ତେବେ ପରିବର୍ତ୍ତୀ ଆନ୍ଦୋଳନ ସୋମବାର ବୈଠକ ପରେ ନିଆଯିବ ବୋଲି ସଭାପତି ମିଶ୍ର ସୂଚନା ଦେଇଛନ୍ତି। ବୈଠକରେ ସଂଘ ସମ୍ପାଦକ ଅଶୋକ କୁମାର ମିଶ୍ର, ଉପସଭାପତି ଚିତ୍ତରଞ୍ଜନ ପାଣିଗ୍ରାହୀ, ବରିଷ୍ଠ ଓକିଲ ଓମ୍ ପ୍ରକାଶ ମିଶ୍ର, ଅଚ୍ୟୁତାନନ୍ଦ ମିଶ୍ର, ସୁଧିର କର୍ଣ୍ଣ, ନାରାୟଣ ପରିଜା ପ୍ରମୁଖ ଉପସ୍ଥିତ ଥିଲେ ।

# ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ସୋନପୁର,୫।୯(ନି.ପ୍ର.)**

ସୋନପୁର ବ୍ଲକରେ ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଗୁରୁ ଦିବସ ଅବସରରେ ସମ୍ବର୍ଦ୍ଧନା ଦିଆଯାଇଛି । ବିଶିଷ୍ଟ ଦାର୍ଶନିକ ତଥା ଶିକ୍ଷାବିତ୍ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜୟନ୍ତୀ ଦିବସ ଗୁରୁଦିବସ ସୋନପୁର ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଆୟୋଜିତ ହୋଇଥିଲା। ମହାରାଜା ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଆୟୋଜିତ ଉତ୍ସବରେ ନିକଟ ଅତୀତରେ ଅବସର ଗ୍ରହଣ କରିଥିବା ଶିକ୍ଷକ ଦେବ କିଶୋର ଦାନୀ, ପ୍ରହଲ୍ଲାଦ ପାଢୀ, ରାମ ଶଙ୍କର ନନ୍ଦ, ଶିକ୍ଷୟିତ୍ରୀ ରାସେଶ୍ୱରୀ ମିଶ୍ର, ତପସ୍ୱିନୀ ମିଶ୍ର ଓ ଶେଷକାନ୍ତୀ ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଡିଆର୍‌ଡିଏ ପିଡି ସୂର୍ଯ୍ୟନାରାୟଣ ଦାଶ ଶିକ୍ଷୟିତ୍ରୀ ଶିକ୍ଷକମାନେ ସାମ୍ପ୍ରତିକ ସମୟର ଆହ୍ୱାନକୁ ମୁକାବିଲା କରିବା ପାଇଁ କିପରି ଛାତ୍ରୀଛାତ୍ରମାନଙ୍କୁ ପ୍ରସ୍ତୁତ କରିବେ ସେଥିପାଇଁ ଯତ୍ନବାନ ହେବା ପାଇଁ କହିଥିଲେ। ସମ୍ମାନିତ ଅତିଥି ଭାବରେ ସୋନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ଆମ ଛାତ୍ରୀଛାତ୍ର ମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରତିବଦ୍ଧ ଶିକ୍ଷୟିତ୍ରୀ ଶିକ୍ଷକମାନେ ଆହ୍ୱାନର ସଫଳ ମୁକାବିଲା କରିବା ପାଇଁ ପ୍ରୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ସୁରେଶ୍ୱରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ରତାନନ୍ଦ ଭୋଇ ସ୍ୱାଗତ ଭାଷଣ ଦେଇଥିବା ବେଳେ ପୁରୁଷୋତ୍ତମ ସାହୁ ଧନ୍ୟବାଦ ଦେଇଥିଲେ। ବଡଝିଙ୍କି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଶାନ୍ତନୁ କୁମାର ଆଚାର୍ଯ୍ୟ, କୃଷ୍ଣଚନ୍ଦ୍ର ପଣ୍ଡା, ଦିଲୀପ ମିଶ୍ର, ସୁସ୍ମିତା ସାହୁ, ତ୍ରିଲୋଚନ ନାୟକ, ହେମନ୍ତ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀ ଶିକ୍ଷକ।

# ୭ରେ ବୀରମହାରାଜପୁର ବନ୍ଦ





ଖବରଦାତା ସମ୍ମିଳନୀରେ କୋସଲ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ସୂଚନା ଦିଆଯାଉଛି ।

**ବୀରମହାରାଜପୁର/ଅମରପାଲି, ୫।୯(ଡି.ଏନ୍.ଏ.)**

ଆସନ୍ତା ସେପ୍ଟେମ୍ବର ୭ ତାରିଖରେ ବୀରମହାରାଜପୁର ବନ୍ଦ ରହିବ । କୋସଲ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ଏହି ବନ୍ଦ ଡାକରା ଦିଆଯାଇଛି। ସ୍ୱତନ୍ତ୍ର କୋସଲ ପ୍ରଦେଶ ଗଠନ, କୋସଲ ରାଜ୍ୟ ଯୁବ ସମନ୍ୱୟ ସମିତି ବୀରମହାରାଜପୁର ବ୍ଲକ ସଭାପତି ଓ ଅନ୍ୟମାନଙ୍କ ନାମରେ ମିଥ୍ୟା କେଶ୍ ପ୍ରତ୍ୟାହାର ଦାବିରେ ଏହି ବନ୍ଦ ଚେତାବନୀ ଦିଆଯାଇଛି । ବୁଧବାର କୋସଲ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ରାଜ୍ୟ ସମନ୍ୱୟ ସମିତିର ଯୁଗ୍ମ ଆବାହକ କିଶୋର ହୋତା ଏହି ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଯୁବ ସମନ୍ୱୟ ସମିତିର ଉପସଭାପତି ଲକ୍ଷ୍ମୀକାନ୍ତ ପୁରୋହିତ, ସୁବର୍ଣ୍ଣପୁର ଜିଲା ଯୁବ ସମନ୍ୱୟ ସମିତିର ଆବାହକ ନବ କିଶୋର ତ୍ରିପାଠୀ, ଓ ନୀଳକମଳ ମିଶ୍ର ଉପସ୍ଥିତ ଥିଲେ। ବନ୍ଦ ପାଳନ ସମୟରେ ସମସ୍ତ ସରକାରୀ, ବେସରକାରୀ ପ୍ରତିଷ୍ଠାନ, ସ୍କୁଲ, କଲେଜ, ଦୋକାନ ବଜାର, ବ୍ୟାଙ୍କ ଓ ଯାନବାହାନ ଚଳାଚଳ ବନ୍ଦ ରହିବ ବୋଲି କୁହାଯାଇଛି। ବନ୍ଦକୁ ସଫଳ କରିବା ପାଇଁ ସମସ୍ତଙ୍କ ସକପହଯୋଗ ଲୋଡିଛି କୋସଲ ରାଜ୍ୟ ସମନ୍ୱୟ ସମିତି ।

### ଶିଶୁ ମନ୍ଦିରରେ ଗୁରୁଦିବସ

**ଜହ୍ନାପଙ୍କ, ୫।୯(ଡି.ଏନ.ଏ.):** ବୌଦ୍ଧ ବ୍ଲକ ଜହ୍ନାପଙ୍କ ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁ ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଫାର୍ମାସିଷ୍ଟ ସତ୍ୟ ନାରାୟଣ ପ୍ରଧାନ ଯୋଗ ଦେଇ ଗୁରୁ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଭାବେ କୋଷାଧ୍ୟକ୍ଷ ଅଲେଖ ପରିଡା, ସୋନପୁର ବିଭାଗ ପ୍ରମୁଖ ରାଜ କୁମାର ପ୍ରଧାନ ଯୋଗ ଦେଇ ଗୁରୁ ଓ ଶିଷ୍ୟମାନଙ୍କ ମଧ୍ୟରେ କିପରି ସମ୍ପର୍କ ରହିବା କଥା ତାହା ପ୍ରତିପାଦନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ ମେହେର ଅତିଥି ପରିଚୟ ଦେଇଥିଲେ ।

# ଗୁରୁଦିବସ, ସ୍ୱଚ୍ଛତା ପକ୍ଷ ପାଳନ

**ବୌଦ୍ଧ,୫।୯(ସ୍ୱ.ପ୍ର)**

ହରଭଙ୍ଗା ବ୍ଲକର ଖରଭୂଇଁ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ ଗୁରୁଦିବସ ଓ ସ୍ୱଚ୍ଛତା ପକ୍ଷ ବୁଧବାର ବିଦ୍ୟାଳୟ ପରିସରରେ ପାଳନ କରାଯାଇଛି । ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଶିକ୍ଷକ୍ଷିତ୍ରୀ ଶିକ୍ଷକମାନଙ୍କୁ ପୂଜା କରିଥିଲେ । ପରେ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ପଦ୍ମଚରଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଦ୍ୟାଳୟର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ସମେତେ ଶିକ୍ଷକ ସତ୍ୟନାରାୟଣ ସାହୁ, ରାଜକିଶୋର ପୃଷ୍ଟି, ସୁବାସ ପ୍ରଧାନ, ଶିକ୍ଷକ୍ଷିତ୍ରୀ ଗୁରୁବାରୀ ଜାନୀ ପ୍ରମୁଖ ବିଭିନ୍ନ ପ୍ରକାର ବୃକ୍ଷ ରୋପଣ କରିଥିଲେ ।





ସ୍ୱଚ୍ଛତା ପକ୍ଷ ଅବସରରେ ବୃକ୍ଷରୋପଣ କରାଯାଉଛି ।

# ନନ୍ଦୋତ୍ସବ: ଡୁଙ୍ଗୁରିପାଲି ହେଲା ଗୋପପୁର

**ଡୁଙ୍ଗୁରିପାଲି,୫।୯(ଡି.ଏନ.ଏ)**

ସୋନପୁର ଜିଲା ଡୁଙ୍ଗୁରିପାଲିରେ ଭଗବତ ଚେତନା ସମିତି ଆନୁକୂଲ୍ୟରେ ୨୦ତମ ନନ୍ଦୋତ୍ସବ ପାଳିତ ହୋଇଯାଇଛି। ଘୁମୁରୁ ବିଶ୍ୱାଳଙ୍କ ନେତୃତ୍ୱରେ ମୁଖ୍ୟ ଅତିଥି ଭାବେ ଡା. ଆଶିଷ କୁମାର ବିଶ୍ୱାଳ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଡୁଙ୍ଗୁରିପାଲି ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ଗ୍ରାମ ଗୌନ୍ତିଆ ସରୋଜ ବିଶ୍ୱାଳଙ୍କ ଘର ସମ୍ମୁଖରେ କୃଷ୍ଣ ବଳରାମଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ନନ୍ଦ-ଯଶୋଦାଙ୍କ ଗହଣରେ କୃଷ୍ଣ ବଳରାମ ବାହାରି ନଗର ପରିକ୍ରମା କରିଥିଲେ। ଏହି ଅବସରରେ ଡୁଙ୍ଗୁରିପାଲି ଗୋପପୁର ପାଲଟି ଯାଇଥିଲା। ନଗର ପରିକ୍ରମାରେ ଚିଚିଣ୍ଡା ଘଣ୍ଟ ପାର୍ଟି, ଖରମୁଣ୍ଡା ଓ କର୍ଲାଧୋରୀ ଗ୍ରାମର ମହିଳା ନାମ ସଂକୀର୍ତ୍ତନ ଦଳ ସାମିଲ ହୋଇଥିଲା। ପ୍ରତ୍ୟେକ ଘର ସମ୍ମୁଖରେ ପୂର୍ଣ୍ଣକଳସ ସ୍ଥାପନ ପୂର୍ବକ ଗୋପପୁରବାସୀ କୃଷ୍ଣ-ବଳରାମଙ୍କୁ ପଦ ଧୌତ କରି ଦହି ଖାଇବାକୁ ଦେଇଥିଲେ। ବିଭିନ୍ନ ସ୍ଥାନରେ କୃଷ୍ଣବଳରାମଙ୍କ ଦହିହାଣ୍ଡି ଚୋରି କରି ହାଣ୍ଡି ଭାଙ୍ଗୁଥିବା ଦୃଶ୍ୟ ବେଶ୍ ମନୋରମ ହୋଇଥିଲା। ନିୟନ୍ତ୍ରିତ ବଜାର ପରିସରରେ ଗୋପାଙ୍ଗନାମାନେ କୃଷ୍ଣ-ବଳରାମଙ୍କୁ ଦୋଳିରେ ବସାଇ ଝୁଲାଇଥିଲେ। ନନ୍ଦ ରାଜା ଭାବରେ ଭୋଜରାଜ ଦଣ୍ଡସେନା ଅଭିନୟ କରିଥିବା ବେଳେ ଯଶୋଦା ଭୂମିକାରେ ତପସ୍ୱିନୀ ଦଣ୍ଡସେନା ଅଭିନୟ କରିଥିଲେ। ପଞ୍ଚବଟୀ ବିଦ୍ୟାନିକେତନର ଛାତ୍ର ଶ୍ରୀତମ ମେହେର କୃଷ୍ଣ ଭୂମିକାରେ ଓ ବଳରାମ ଭୂମିକାରେ ଆଶିଷ ବାରିକଙ୍କ ଅଭିନୟ ବେଶ୍ ମନୋମୁଗ୍ଧକର ହୋଇଥିଲା। ପଣ୍ଡିତ ଭାବରେ ସଦାନନ୍ଦ ଭଗତ, ସୁଦାମା ଭୂମିକାରେ ଶଙ୍କର ଦନ୍ତା, ଛେଲିଆ ବାରିକ, ଶଲ୍ୟ ନାଏକଙ୍କ ସହିତ ଗୋପ ଓ ଗୋପୀ ଭୂମିକାରେ କୁନି କୁନି ବାଳକ ବାଳିକାମାନେ ଅଭିନୟ କରିଥିଲେ। ଏହି ଅବସରରେ ନିୟନ୍ତ୍ରିତ ବଜାର ପରିସରରେ ଲକ୍ଷ୍ମୀଧର ନାୟକଙ୍କ ସଭାପତିତ୍ୱରେ ଭଜନ ଓ ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରବଚକ ଭାବରେ ମାନଭଞ୍ଜନ ବ୍ରହ୍ମଚାରୀ, ଯୁଧିଷ୍ଠିର ମହନ୍ତମ, ଦୀପ୍ତି କୁମାର ସିଂ ଓ ମନୋରଞ୍ଜନ ବାଗ ଯୋଗ ଦେଇଥିବା ବେଳେ ବାଦ୍ୟଯନ୍ତ୍ରରେ ମାୟାଧର ପଧାନ ଓ ତାଙ୍କ ସାଥୀ ସହଯୋଗ କରିଥିଲେ। ଦୁଲଭ ସେଠଙ୍କ ତତ୍ତ୍ୱାବଧାନରେ ବ୍ୟାସ ଭାବେ ବାସୁଦେବ ମହାପାତ୍ର ଓ ସତ୍ୟେନ୍ଦ୍ର ରଥ ଯୋଗ ଦେଇଥିଲେ। ଗୋପାଳ ସାହୁ, ଜଳନ୍ଧର ସାହୁ, ଅର୍ଜ୍ଜୁନ ସାହୁ, ବୀରେନ୍ଦ୍ର ସାହୁ, ବିନୋଦ ବିହାରୀ ପାଣ୍ଡିଆ, ଭୁବନ କର, ପ୍ରାଣବନ୍ଧୁ ନାଏକ, ଅରକ୍ଷିତ ମେହେର, କପିଳ ନାଏକଙ୍କ ସମେତ କମିଟିର ସମସ୍ତ ସଭ୍ୟ ସହଯୋଗ କରିଥିଲେ।



କୃଷ୍ଣ, ବଳରାମ ନଗର ପରିକ୍ରମା କରୁଛନ୍ତି।

**ଅଗ୍ରଣୀ ମତ୍ସ୍ୟ ଚାଷୀଙ୍କୁ ମଧୁର ଚିଙ୍ଗୁଡି ଜାଆଁଳା ବଣ୍ଟନ**
ସ୍ଥାନୀୟ ମତ୍ସ୍ୟ ବିଭାଗ ଉପନିର୍ଦ୍ଦେଶକ କାର୍ଯ୍ୟାଳୟଠାରେ କୃଷି ସୂଚନା ଉପଦେଷ୍ଟା କମିଟି (ଆତ୍ମା) ସହାୟତାରେ ମଧୁର ଜଳରେ ଚିଙ୍ଗୁଡି ଚାଷ ପାଇଁ ଅଗ୍ରଣୀ ମତ୍ସ୍ୟ ଚାଷୀଙ୍କୁ ଚିହ୍ନଟ କରାଯାଇ ଚିଙ୍ଗୁଡି ଜାଆଁଳା ବୁଧବାର ବଣ୍ଟନ କରାଯାଇଛି ।

## ସଂକ୍ଷେପରେ

### ନିଖୋଜ ସ୍ୱାମୀଙ୍କୁ ଉଦ୍ଧାର ପାଇଁ ସ୍ତ୍ରୀ ଏସ୍‌ପିଙ୍କ ଦ୍ୱାରସ୍ଥ

**ଭବାନୀପାଟଣା,୫।୯(ଡି.ଏନ.ଏ.)-** କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ଶଗଡା ନାଗଝରି ଗ୍ରାମର ଜଣେ ଯୁବକ ବିଜୟୱାଡାରେ ଦାଦନ ଖଟିବାକୁ ଯାଇ ୩ ମାସ ହେଲା ନିଖୋଜ ହୋଇଛନ୍ତି । ନିଖୋଜ ସ୍ୱାମୀଙ୍କୁ ଉଦ୍ଧାର କରିବା ପାଇଁ ସ୍ତ୍ରୀ କଳାହାଣ୍ଡି ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଶତ୍ରୁଘନ ବେନିଆ (୫୦) ଗତ ଏକମାସ ତଳେ ସେହି ଗ୍ରାମର ରାଜେଶ ମାଝି ଓ ଦେବାନ ନାଏକଙ୍କ ସହିତ ବିଜୟୱାଡାକୁ ଦାଦନ ଖଟିବାକୁ ଯାଇଥିଲେ । ଗତ କିଛି ଦିନ ତଳେ ଦେବାନ ଘରକୁ ଫେରି ଶତ୍ରୁଘନ ନିଖୋଜ ଥିବା ପରିବାର ଲୋକଙ୍କୁ କହିଥିଲେ । କୁଆଡେ ଶତ୍ରୁଘନ ଓ ଅନ୍ୟମାନେ ବିଜୟୱାଡାରୁ ଚିଲିକାକୁ ଦାଦନ ଖଟିବା ପାଇଁ ଯାଇଥିଲେ । ଚିଲିକାରୁ ଶତ୍ରୁଘନ ନିଖୋଜ ଥିବା ଜଣାପଡିଛି । ଏ ନେଇ ପୂର୍ବରୁ ଲାଞ୍ଜିଗଡ ବିଧାୟକଙ୍କୁ ଜଣାଇଥିବା ବେଳେ ମଙ୍ଗଳବାର କଳାହାଣ୍ଡି ଏସ୍‌ପି ବି.ଗଙ୍ଗାଧରଙ୍କୁ ଭେଟି ଶତ୍ରୁଘନଙ୍କ ସ୍ତ୍ରୀ ସସ୍ମିତା ବେନିଆ ସ୍ୱାମୀଙ୍କୁ ଉଦ୍ଧାର ପାଇଁ ନିବେଦନ କରିଛନ୍ତି ।



### ଧର୍ମପ୍ରାଣା ମହିଳାଙ୍କ ପରଲୋକ

**ଭବାନୀପାଟଣା,୫।୯(ଡି.ଏନ.ଏ.)-** ଭବାନୀପାଟଣା ମନ୍ଦାର ବଗିରପଡାସ୍ଥିତ ବାସଭବନରେ ଛାୟାଦେବୀ ମିଶ୍ର(୯୩)ଙ୍କ ପରଲୋକ ହୋଇଛି । ଛାୟାଦେବୀ ଗତ କିଛି ଦିନ ଧରି ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତାରେ ପିଡିତ ଥିଲେ । ଗତ ୪ ତାରିଖ ଭୋରରେ ତାଙ୍କର ପରଲୋକ ହୋଇଛି । ମୃତ୍ୟୁବେଳେ ତାଙ୍କ ପୁଅ ଭିକାରି, ମିନକେତନ, ଶେଷଦେବ, ଝିଅ ରମାମଣୀ, ସମସ୍ତ ପୁତ୍ରବଧୂ ଓ ନାତିନାତୁଣୀ ଉପସ୍ଥିତ ଥିଲେ । ସ୍ଥାନୀୟ ତାରିଣୀ ମନ୍ଦିର ନିକଟସ୍ଥ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ ପୁଅ ଭିକାରି ଚରଣ ମୁଖାଗ୍ନି ଦେଇଥିଲେ । ତାଙ୍କ ଶବାଧାରରେ ଜିଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ, ଉପସଭାପତି ସୁରେନ୍ଦ୍ରନାଥ ତ୍ରିପାଠିଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ। କଳାହାଣ୍ଡି ଜିଲା ସଦର ବ୍ଲକ ବୋର୍ଡା ପଞ୍ଚାୟତ ନୂଆପଡାଠାରେ ଛାୟାଦେବୀଙ୍କ ନାମରେ ଏକ ହାଇସ୍କୁଲ ପ୍ରତିଷ୍ଠା ହୋଇଛି । ଗ୍ରାମାଞ୍ଚଳରେ ହାଇସ୍କୁଲ ପ୍ରତିଷ୍ଠା ସହ ସମାଜର ମଙ୍ଗଳ ନିମନ୍ତେ ଛାୟାଦେବୀଙ୍କର ଯଥେଷ୍ଟ ଅବଦାନ ରହିଥିଲା।

# କେଉଁଠି ଅଧିକ ଶିକ୍ଷକ, କେଉଁଠି ଅଭାବ

**ମ.ରାମପୁର,୫।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ଶିକ୍ଷା ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟରେ ସମାନୁପାତିକ ହାରରେ ଛାତ୍ରୀଛାତ୍ର ସଂଖ୍ୟାରେ ଏଠି ଶିକ୍ଷକ ନିୟୋଜିତ କରାଯାଇ ନାହିଁ । ଗତ ୪ବର୍ଷ ମଧ୍ୟରେ ମ.ରାମପୁର ସହରସ୍ଥିତ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ପଦବୀ ପୂରଣ କରାଯାଇନାହିଁ । ଅପରପକ୍ଷେ କେତେକ ବିଦ୍ୟାଳୟଠାରେ ସମାନୁପାତ ହାରଠାରୁ ଅଧିକ ସଂଖ୍ୟକ ଶିକ୍ଷକ ନିଯୁକ୍ତି କରାଯାଇଛି । ମ.ରାମପୁର ବ୍ଲକ ଅଞ୍ଚଳରେ ୧୫ଟି ଏକକ ଶିକ୍ଷକ ବିଦ୍ୟାଳୟ ରହିଛି । ସେଠାରେ ମଧ୍ୟ ଆବଶ୍ୟକ ସଂଖ୍ୟକ ଶିକ୍ଷକ ପୁରଣ କରାଯାଇ ନାହିଁ। ମ.ରାମପୁର ସହରସ୍ଥିତ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ୩୨୦ ଛାତ୍ରୀଛାତ୍ର ପାଠ ପଢୁଛନ୍ତି । ଅଧାରୁ ପାଠ ଛାଡିଥିବା ଛାତ୍ରୀଙ୍କ ପାଇଁ ଏହି ବିଦ୍ୟାଳୟଠାରେ କସ୍ତୁରବା ଗାନ୍ଧୀ ବିଦ୍ୟାଳୟ ଅନ୍ତେବାସିନୀ ପାଠ ପଢୁଛନ୍ତି । ଏପରି ସ୍ଥଳେ ଶିକ୍ଷୟିତ୍ରୀଙ୍କୁ ମିଶାଇ ୬ଜଣ ଶିକ୍ଷୟିତ୍ରୀଶିକ୍ଷକ ନିୟୋଜିତ କରାଯାଇଛି। ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କେଜିଭିବି ପରିଚାଳନା ଓ ବିଦ୍ୟାଳୟ ଦସ୍ତାବିଦ ପରିଚାଳନାରେ ଅର୍ଦ୍ଧାଧିକ ସମୟ ନିୟୋଜିତ ରହୁଛନ୍ତି । ଏପରି ସ୍ଥଳେ ୮ଟି ଶ୍ରେଣୀକୁ ୫ଜଣ ଶିକ୍ଷୟିତ୍ରୀଶିକ୍ଷକ ପାଠ ପଢ଼ାଉଛନ୍ତି । ୬ରୁ ୮ମ ଶ୍ରେଣୀରେ ପ୍ରତ୍ୟେକ ଶ୍ରେଣୀରେ ୮୦ ଜଣରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଗୋଟିଏ ଶ୍ରେଣୀ କୋଠରିରେ ପାଠ ପଢୁଛନ୍ତି । ଅପରପକ୍ଷେ ସ୍କୁଲ ଡ୍ରପ ଆଉଟ୍ ଛାତ୍ରୀଙ୍କୁ ଏଠାରେ ପାଠ ପଢ଼ାଯାଉଛି । ଏଭଳି ଛାତ୍ରୀଙ୍କୁ ପାଠ ପଢ଼ାଇବା ପାଇଁ କମ୍ ଛାତ୍ରୀରେ ଅଧିକ ଶିକ୍ଷକଙ୍କ ଆବଶ୍ୟକତା ଦେଖାଦେଇଛି ।



**ମ.ରାମପୁର ଶିକ୍ଷା ବ୍ଲକ**
- ସମାନୁପାତିକ ଛାତ୍ରୀଛାତ୍ର
- ଶିକ୍ଷକ ନିଯୁକ୍ତିରେ ଅବ୍ୟବସ୍ଥା

ଏ ସମ୍ପର୍କରେ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଓ ବିଦ୍ୟାଳୟ କର୍ତ୍ତୃପକ୍ଷ ବାରମ୍ବାର ମ.ରାମପୁର ତତ୍କାଳୀନ ବିଇଓଙ୍କୁ ଅବଗତ କରାଇଥିଲେ ମଧ୍ୟ ସୁଫଳ ମିଳିପାରିନାହିଁ । ଏ ନେଇ ଏବିଇଓଙ୍କୁ ରଘୁନାଥ ବେହେରା କହନ୍ତି, ଏଠି ଅଧିକ ଶିକ୍ଷକଙ୍କ ଆବଶ୍ୟକତା ରହିଛି, କିନ୍ତୁ କାହିଁକି ଦିଆଯାଇ ନାହିଁ।

ନୂତନ ବିଇଓଙ୍କୁ ଜଣାଇ ପଦକ୍ଷେପ ନେବେ ବୋଲି କହିଛନ୍ତି । ଅପରପକ୍ଷେ ପାଇକପଡା ମଧ୍ୟ ଇଂରାଜୀ ବିଦ୍ୟାଳୟଠାରେ ୧ରୁ ୮ମ ଶ୍ରେଣୀ ପାଇଁ ୫ଜଣ ଶିକ୍ଷୟିତ୍ରୀଶିକ୍ଷକ, ତଳସାଗରପଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ୧୭୩ ଛାତ୍ରୀଛାତ୍ର ପାଇଁ ୭ଜଣ ଶିକ୍ଷୟିତ୍ରୀ, ବ୍ଲକ କଲୋନୀ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟଠାରେ ୧୨୬ ଛାତ୍ରୀଛାତ୍ର ପାଇଁ ୫ଜଣ ଶିକ୍ଷୟତ୍ରୀ ଶିକ୍ଷକଙ୍କୁ ନିଯୁକ୍ତି କରାହୋଇଛି । ଏପରି ସ୍ଥଳେ ପୂର୍ବତନ ବିଇଓ ଏଠାରୁ ଅନ୍ୟତ୍ର ବଦଳି ହେବା ପୂର୍ବରୁ ବେଆଇନ ଭାବେ ୭ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରିଛନ୍ତି । ଏ ନେଇ ମ.ରାମପୁର ସମିତି ସଭ୍ୟ କବି ନାଗ, ବ୍ଲକ ଅଧ୍ୟକ୍ଷ ଜିବେଶ ପଣ୍ଡା ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି । ଗୌଡକର୍ଲାଖୁଣ୍ଟ ୟୁପି ସ୍କୁଲରେ ୮ଟି ଶ୍ରେଣୀ ପାଇଁ ୩ଜଣ ଶିକ୍ଷୟିତ୍ରୀ (ପ୍ରଧାନ ଶିକ୍ଷକ ସହିତ) ଥିବା ବେଳେ ସେ ନେଇ ପୂର୍ବତନ ବିଇଓଙ୍କୁ ବାରମ୍ବାର ଜଣାଇବା ପରେ ମଧ୍ୟ ସମାଧାନ କରି ନ ଥିଲେ । ପୂର୍ବତନ ବିଇଓଙ୍କ ଏତାଦୃଶ କାର୍ଯ୍ୟକୁ ନେଇ ଅଭିଭାବକମାନେ ଗୌଡକର୍ଲାଖୁଣ୍ଟା ୟୁପି ସ୍କୁଲଠାରେ କାହିଁକି ଆବଶ୍ୟକ ସଂଖ୍ୟକ ଶିକ୍ଷକ ଦିଆଗଲା ନାହିଁ ବୋଲି ପ୍ରତିବାଦ କରି ଗତ ଗୁରୁବାର ବିଦ୍ୟାଳୟରେ ତାଲା ପକାଇ ସ୍କୁଲ ଗେଟ ସମ୍ମୁଖରେ ଧାରଣା ଦେଇଥିଲେ । ଏ ନେଇ ନୋଡାଲ ୟୁପି ସ୍କୁଲ ଏସଏମସି ସଭାପତି ଭଗବାନ ଭୋଇ ପୂର୍ବତନ ବିଇଓଙ୍କ ଅବିଚାରିତ ଓ ଏକ ପାଖିଆ କାର୍ଯ୍ୟଧାରାକୁ ନିନ୍ଦା କରି ତତ୍କାଳୀନ ବିଇଓଙ୍କ କାର୍ଯ୍ୟଧାରାର ଜନ ଅସନ୍ତୋଷ କର୍ଲାଖୁଣ୍ଟା ଗ୍ରାମଠାରେ ପ୍ରତିଫଳିତ ହୋଇଛି । ଆମେ ମଧ୍ୟ ବିଦ୍ୟାଳୟ ବନ୍ଦ ସହିତ ରାସ୍ତାରୋକ ପାଇଁ ଯୋଜନା କରୁଛୁ ବୋଲି କହିଛନ୍ତି ।

କାନକୁଟ୍ରୁରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ

# ସହଯୋଗର ହାତ ବଢ଼ାଇଲେ ପୂର୍ବତନ ଛାତ୍ର, ଚାଷୀ

**ଲାଞ୍ଜିଗଡ,୫।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ କାନକୁଟ୍ରୁ ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ପ୍ରୋମଦ କୁମାର ଆଚାର୍ଯ୍ୟଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲାଞ୍ଜିଗଡ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ କାଶିନାଥ ରାଉତରାଏ ମୁଖ୍ୟଅତିଥି ଭାବେ ଯୋଗଦେଇ ମୋ ସ୍କୁଲ ଅଭିଯାନ ଉପରେ ପୂର୍ବତନ ଛାତ୍ର ଓ ଗାଁର ବରିଷ୍ଠ ନାଗରିକମାନଙ୍କୁ ବୁଝାଇଥିଲେ । କାନକୁଟ୍ରୁ ଗାଁ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଏଠିକା ସମସ୍ତ ଅଧିବାସୀ ଚାଷ ଉପରେ ନିର୍ଭର କରିଥାନ୍ତି । ସେମାନେ ଅତ୍ୟନ୍ତ ନିରିହ ଗରିବ ଅବସ୍ଥାରେ ଥିବାବେଳେ ତଥାପି ରାଜ୍ୟ ସରକାରଙ୍କ ଏହି ମୋ ସ୍କୁଲ ଅଭିଯାନକୁ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ପ୍ରଶଂସା କରିଥିଲେ । ସମସ୍ତେ ସ୍କୁଲର ଉନ୍ନତି କାମନା କରି ଓ ରକ୍ଷଣାବେକ୍ଷଣା ପାଇଁ ଯଥାଶକ୍ତି ମୁକ୍ତହସ୍ତରେ ନିଜ ବିଦ୍ୟାଳୟକୁ ଦାନ କରିଥିଲେ । କାନକୁଟ୍ରୁ ସରପଞ୍ଚ ସରସ୍ୱତୀ ମାଝି ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ସ୍କୁଲ ପାଚେରି ନିର୍ମାଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟି ସଭାପତି ବିଷ୍ଣୁଚରଣ ପ୍ରଧାନୀ, ଲାଞ୍ଜିଗଡ ପ୍ରେସ କ୍ଲବ ସଭାପତି କୈାଳାସ ସାହୁ ଓ ପୁରୁଷୋତ୍ତମ ପ୍ରଧାନୀ ପ୍ରମୁଖ ଯୋଗଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ଦୁଷିଲା ମାଝି ଧନ୍ୟବାଦ ଅର୍ପଣ କରିଥିଲେ ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।



ଦିବ୍ୟାଙ୍ଗମାନେ ନାମ ପଞ୍ଜୀକରଣ କରୁଛନ୍ତି।

ଭୀମ ଭୋଇ ଦିବ୍ୟାଙ୍ଗ ସାମର୍ଥ୍ୟ ଶିବିର

# ପଞ୍ଜୀକରଣ କଲେ ୪୫୪ ଦିବ୍ୟାଙ୍ଗ

**ଜୁନାଗଡ,୫।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ଭୀମଭୋଇ ଦିବ୍ୟାଙ୍ଗ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୩୪ ପଞ୍ଚାୟତର ୪୫୪ ଜଣ ଦିବ୍ୟାଙ୍ଗ ଯୋଗଦେଇ ନାମ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ବସ୍ ଓ ଟ୍ରେନ ପାସ୍ ପାଇଁ ୪୮, ଭତ୍ତା ପାଇଁ ୩୫, ବାଣୀଶ୍ରୀ ପାଇଁ ୧୨, ଡିଆରଆଇ ଲୋନ ପାଇଁ ୫୭, ଟ୍ରାଇ ସାଇକେଲ ପାଇଁ ୪ ଆଦି ପ୍ରମୁଖ ଯୋଜନାରେ ଆବେଦନ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୁନାଗଡ ବିଡିଓ ପରମ ବ୍ରହ୍ମ ଯୋଷୀ, ବ୍ଲକ ଅଧ୍ୟକ୍ଷା ନୁର୍ଯ୍ୟ ମାଝି, ଉପାଧ୍ୟକ୍ଷ ଟଙ୍କଧର ନାଏକ, ଜିଲା ଦିବ୍ୟାଙ୍ଗ ଓ ପୁର୍ନବାସ ଅଧିକାରୀ ସୁବାଶିଷ ମହାନ୍ତି, ବରିଷ୍ଟ ଶ୍ରବଣ ଓ ବାଣୀ ବିଶେଷଜ୍ଞ ବାଦଲ କୁମାର ପଟ୍ଟନାୟକ, ଆଖି ଓ ଚଳନ ପ୍ରଶିକ୍ଷିକ ନିବାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜୁନାଗଡ ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ସୁମନ୍ତ ମାଝି ପରିଚାଳନା କରିଥିଲେ। ସେହିପରି ବ୍ଲକ କର୍ମଚାରୀ ସହଯୋଗ କରିଥିଲେ।

### ସାପ କାମୁଡ଼ାରେ ଯୁବକ ମୃତ

**ଭବାନୀପାଟଣା,୫।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଫରଙ୍ଗ ଗ୍ରାମର ନରହରି ବାଗ (୪୦)ଙ୍କ ସାପ କାମୁଡ଼ାରେ ମଙ୍ଗଳବାର ମୃତ୍ୟୁ ଘଟିଛି । ସୋମବାର ରାତିରେ ସେ ଘରେ ଶୋଇଥିବା ବେଳେ ଏକ ବିଶାକ୍ତ ସାପ ତାଙ୍କ ବାମ ହାତ ଅଙ୍ଗୁଳିକୁ କାମୁଡି ଦେଇଥିଲା । ଗୁରୁତର ହେବାରୁ ତାଙ୍କୁ ଗୁଣିଆ ଡାକି ଝଡାଫୁଙ୍କା କରିଥିଲେ । ହେଲେ ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ହୋଇ ନ ଥିଲା । ମଙ୍ଗଳବାର ସକାଳେ ତାଙ୍କୁ ଭବାନୀପାଟଣା ସଦର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ତାଙ୍କ ମୃତ୍ୟୁ ଘଟିଛି । ଗୋଲାମୁଣ୍ଡା ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ କରିବା ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି । ନରହରି କୁଲି ମଜୁରି କରି ୪ ଜଣ ନାବାଳକ ପୁଅଝିଅ ଓ ସ୍ତ୍ରୀଙ୍କୁ ପ୍ରତିପୋଷଣ କରିଥିଲେ । ତାଙ୍କ ମୃତ୍ୟୁ ପରେ ସ୍ତ୍ରୀଙ୍କ ମୁଣ୍ଡରେ ପରିବାର ବୋଝ ପଡିଛି । ପ୍ରଶାସନ ଏହି ପରିବାରକୁ ତୁରନ୍ତ ଥଇଥାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଅଗ୍ରଣୀ ମତ୍ସ୍ୟ ଚାଷୀଙ୍କୁ ଚିଙ୍ଗୁଡ଼ି ଯାଆଁଳା ବଣ୍ଟନ

**ଭବାନୀପାଟଣା,୫।୯ (ଡି.ଏନ.ଏ.)**

ସ୍ଥାନୀୟ ମତ୍ସ୍ୟ ବିଭାଗ ଉପନିର୍ଦ୍ଦେଶକ କଳାହାଣ୍ଡିଙ୍କ କାର୍ଯ୍ୟାଳୟଠାରେ କୃଷି ସୂଚନା ଉପଦେଷ୍ଟା କମିଟି (ଆତ୍ମା) ସହାୟତାରେ ମଧୁର ଜଳରେ ଚିଙ୍ଗୁଡି ଚାଷ ପାଇଁ ଅଗ୍ରଣୀ ମତ୍ସ୍ୟ ଚାଷୀଙ୍କୁ ଚିହ୍ନଟ କରାଯାଇ ଚିଙ୍ଗୁଡି ଯାଆଁଳା ବୁଧବାର ବଣ୍ଟନ କରାଯାଇଛି । କଳାହାଣ୍ଡି ଜିଲାରେ ଗତ କିଛିବର୍ଷ ହେଲା ମତ୍ସ୍ୟଚାଷୀ ସଂଖ୍ୟା ବୃଦ୍ଧି ପାଇବା ସହ ସରକାରଙ୍କ ସହାୟତାରେ ଅନେକ ଆଦର୍ଶ ପୁଷ୍କରିଣୀ ଖୋଳାଯାଇ ମତ୍ସ୍ୟ ଚାଷ କରାଯାଉଛି। ମତ୍ସ୍ୟ ଉପନିର୍ଦ୍ଦେଶକ କଳାହାଣ୍ଡି ନିଳାମ୍ବର କିଲାକା ଉଦ୍ୟମରେ ଗତ କିଛିବର୍ଷ ହେଲା ଅଗ୍ରଣିଚାଷୀଙ୍କ ପ୍ରୋତ୍ସାହିତ କରାଯାଇ ବିଭିନ୍ନ ପୁଷ୍କରିଣୀରେ ମତ୍ସ୍ୟ ଯାଆଁଳା ଉତ୍ପାଦନ କରାଯିବା ସହ ଆଧୁନିକ ପ୍ରଣାଳୀରେ ମତ୍ସ୍ୟଚାଷକରି ବହୁ ମତ୍ସ୍ୟ ଚାଷୀ ଲାଭବାନ ହେଉଛନ୍ତି। ଗତବର୍ଷ ମତ୍ସ୍ୟ ଉପନିର୍ଦ୍ଦେଶକ କିଲାକାଙ୍କ ଉଦ୍ୟମରେ ପରୀକ୍ଷା ମୂଳକ ଭାବରେ ଜିଲାର ଦୁର୍ଗମ ଅଞ୍ଚଳ ଥୁଆମୂଳ ରାମପୁରଠାରେ ମଧୁରଜଳ ଚିଙ୍ଗୁଡି ଚାଷ କରାଯାଇ ସଫଳତା ମିଳିଛି । ଏହା ପରେ ଚଳିତବର୍ଷ ଭବାନୀପାଟଣାଠାରେ କେତେକ ଅଗ୍ରଣୀ ଚାଷୀଙ୍କୁ ମଧୁରଜଳ ଚିଙ୍ଗୁଡି ଚାଷ ସକାଶେ ଚିହ୍ନଟ କରାଯାଇ ସରକାରଙ୍କ ଆତ୍ମା ଯୋଜନା ସହାୟତାରେ ମଧୁରଜଳ ଚିଙ୍ଗୁଡି ଯାଆଁଳା ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉପନିର୍ଦ୍ଦେଶକ ମତ୍ସ୍ୟ ବିଭାଗ କିଲାକାଙ୍କ ସମେତ ଡି.ପି.ଡି ସୋମନାଥ ମିଶ୍ର, ଡବ୍ଲୁଏମ୍ଏସ୍ ଜାନକୀବଲ୍ଲଭ ମହାପାତ୍ର, ଭବାନୀପାଟଣା କୃଷି ସୂଚନା ପରାମର୍ଶ ଦାତା କମିଟି ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ପ୍ରଧାନ ଓ ସହକାରୀ ମତ୍ସ୍ୟ ଅଧିକାରୀ ଭବାନୀପାଟଣା ବ୍ଲକ ଦ୍ରୋପଦୀ ମାଝି ଓ ବରିଷ୍ଠ ସହକାରୀ ମତ୍ସ୍ୟ ବିଭାଗ ଅଧିକାରୀ ନରସିଂହ ମୁଣ୍ଡ ପ୍ରମୁଖ ୭ଜଣ ଅଗ୍ରଣୀ ଚାଷୀଙ୍କୁ ମଧୁରଜଳ ଚିଙ୍ଗୁଡି ଯାଆଁଳା ବଣ୍ଟନ କରିଥିଲେ ।



ମତ୍ସ୍ୟ ଚାଷୀଙ୍କୁ ଚିଙ୍ଗୁଡି ଯାଆଁଳା ପ୍ରଦାନ କରାଯାଉଛି ।




ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକରେ ମଞ୍ଚାସୀନ ଅତିଥି ।

# ୧୯ତମ ବୈଜ୍ଞାନିକ ଉପଦେଷ୍ଟାମଣ୍ଡଳୀ ବୈଠକ

**ଭବାନୀପାଟଣା,୫।୯ (ଡି.ଏନ.ଏ.)**

ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରରେ ବୁଧବାର ୧୯ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଡ. ପ୍ରସନଜିତ୍ ମିଶ୍ର ଯୁଗ୍ମ ନିର୍ଦ୍ଦେଶକ ସମ୍ପ୍ରସାରଣ ନିର୍ଦ୍ଦେଶାଳୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗତବର୍ଷ କୃଷି ବିଜ୍ଞାନ ତରଫରୁ କରାଯାଇଥିବା କାର୍ଯ୍ୟଗୁଡିକ ସମୀକ୍ଷା ହେବା ସହ ଚଳିତବର୍ଷ ହୋଇଥିବା କାର୍ଯ୍ୟକ୍ରମ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା । ସମନ୍ୱିତ ଚାଷ ପ୍ରଣାଳୀ ତଥା ଅଣ ଜଳସେଚିତ ଉଚ୍ଚ ଜମିରେ ଡାଲି ଜାତୀୟ ଫସଲ ଓ ଚାଷୀଙ୍କ ଆୟକୁ ୨୦୨୨ ସୁଧା ଦ୍ୱିଗୁଣିତ କରିବା ଲକ୍ଷରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନଙ୍କୁ ଏଗ୍ରୀକଲଚର ଟେକନୋଲୋଜି ଏଣ୍ଡ ଏପ୍ଲିକେସନ୍ ରିସର୍ଚ ଇନ୍‌ଷ୍ଟିଚ୍ୟୁଟ୍ ଜୋନାଲ୍ ପ୍ରୋଜେକ୍ଟ ଡାଇରେକ୍ଟର ଡା. ଏସ୍ଏସ୍ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ବୁଝାଇଥିଲେ । କୃଷି ବିଜ୍ଞାନ କେନ୍ଦ୍ର କାର୍ଯ୍ୟକ୍ରମଗୁଡିକର ଡକୁମେଣ୍ଟେସନ୍ କରିବା ସହ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଅଧିକରୁ ଅଧିକ ଚାଷୀଙ୍କୁ ବୈଷୟିକ ଜ୍ଞାନ ଆବଶ୍ୟକ ରହିଛି ବୋଲି ଏଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଏଣ୍ଡ ସଏଲ ଏଣ୍ଡ ୱାଟର କନଜରଭେସନ କୋରାପୁଟର ଡ. ଏସ୍ ମଧୁ କହିଥିଲେ । କୃଷି କ୍ଷେତ୍ରରେ ହେଉଥିବା ଗବେଷଣା ଲବ୍ଧ, ଜ୍ଞାନ କୌଶଳକୁ ସୂଚାରୁ ରୂପେ ଚାଷ କ୍ଷେତ୍ରରେ ବିଭିନ୍ନ ସମ୍ପ୍ରସାରଣ କାର୍ଯ୍ୟକ୍ରମ ଦ୍ୱାରା ପହଞ୍ଚାଇବା ଆବଶ୍ୟକ ବୋଲି ସଭାପତି ଡ. ପି. ମିଶ୍ର ମତପ୍ରକାଶ କରିଥିଲେ । ଜିଲାର କୃଷି ବିଭାଗ, ଉଦ୍ୟାନ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, ମତ୍ସ୍ୟ ବିଭାଗ, ଜଳସେଚନ ବିଭାଗ, ଜଳ ବିଭାଜିକା ମିଶନ, ରିଲାଏନ୍ସ ଫାଉଣ୍ଡେଶନ, ଏସ୍ଏମ୍ଏସ୍ କଟନ୍, ଆରଆର୍‌ଟିଏସ୍ ଭବାନୀପାଟଣା, କୃଷି ବିଜ୍ଞାନ ମହାବିଦ୍ୟାଳୟ ଏବଂ ଚାଷୀ ପ୍ରତିନିଧି ପ୍ରମୁଖ ସେମାନଙ୍କ ମୂଲ୍ୟବାନ ମତାମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମକୁ ଡ. ମଧୁମିତା ଜେନା ପରିଚାଳନା କରିଥିବା ବେଳେ ଡ. ତପନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ରିଲାଏନ୍ସ ଫାଉଣ୍ଡେସନ ଦ୍ୱାରା ଜିଲା ୪୧ ହଜାର ଚାଷୀଙ୍କ ମୋବାଇଲ ନମ୍ବରକୁ ଭଏସ ମ୍ୟାସେଜ ଓ ଦୈନିକ ଖବର କାଗଜ ମାଧ୍ୟମରେ ଚାଷ ସମ୍ବନ୍ଧୀୟ ବିଭିନ୍ନ ସୂଚନା ଓ ପରାମର୍ଶ ଉଦ୍‌ଘାଟନ ଆଇସିଏଆର ନିର୍ଦ୍ଦେଶକ ପ୍ରଫେସର ଏସ୍ଏସ୍ ସିଂଙ୍କ ଦ୍ୱାରା କରାଯାଇଥିଲା । ଏଥିରେ ରିଲାଏନ୍ସ ଫାଉଣ୍ଡେଶନ୍ ତରଫରୁ ଶାନ୍ତନୁ ପାତ୍ର ଓ ଅଶୋକ ମଲ୍ଲି ଭାଗନେଇ ଡିଜିଟାଲ୍ ସେବା ବିଭିନ୍ନ ଦିଗ ଓ ଉପକାରିତା ଉପରେ ବୁଝାଇଥିଲେ ।

ସ୍ୱାମୀ କଲେ ପର

# ଧର୍ମଗଡ଼ ସ୍ୱଧାର ଗୃହରେ ଛଡ଼ାଗଲା

- ସହାୟତାର ହାତ ବଢ଼ାଇଲା ବିଜୁ ମହିଳା ଜନତା ଦଳ

**ଧର୍ମଗଡ଼,୫।୯ (ଡି.ଏନ.ଏ.)**

ସ୍ତ୍ରୀ-ସ୍ୱାମୀ ପରି ପବିତ୍ର ବନ୍ଧନରେ ସୃଷ୍ଟି ହୋଇ ଅନ୍ତରାୟ । ସାତ ଜନମର ସାଥୀ ହେବା ପାଇଁ କଥାଦେଇ ସ୍ୱାମୀ ଏହି ପବିତ୍ର ବନ୍ଧନକୁ ଭାଙ୍ଗିଛନ୍ତି । ପରବର୍ତ୍ତୀ ସମୟରେ ସ୍ତ୍ରୀଙ୍କୁ ମଧ୍ୟ ଘରୁ ତଡିଦେଲେ। ଏଭଳି ଏକ ସଙ୍ଗିନ ଅଭିଯୋଗ ଆସିଛି କଳାହାଣ୍ଡି ଜିଲା ଜୟପାଟଣା ଥାନା ସର୍ଗିଗୁଡା ଗାଁରେ । ଏହି ଗାଁର ଭାଗୀରଥି ସାହୁ ଗତ ୧୦ ବର୍ଷ ତଳେ ଧର୍ମଗଡ ଥାନା ତାରାପୁର ଗ୍ରାମର ଦିଲେଶ୍ୱରୀ ସାହୁଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର କିଛି ବର୍ଷ ସରୁଖୁରୁରେ ତାଙ୍କର ଦାମ୍ପତ୍ୟ ଜୀବନ ଚାଲିଥିଲା। ପରେ ବିଭିନ୍ନ କାରଣ ଦର୍ଶାଇ ଭାଗୀରଥି ଦିଲେଶ୍ୱରୀଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ। କିଛି ନ କହି ଚୁପଚାପ ସବୁ ସହିଯାଉଥିଲେ ଦିଲେଶ୍ୱରୀ। ତାଙ୍କର ଗୋଟିଏ ୮ବର୍ଷର ପୁଅ ଥିବାବେଳେ ଗତ ୧୫ ଦିନ ହେବ ଅସ୍ତ୍ରୋପ୍ରଚାର ହୋଇ ଏକ ଝିଅ ଜନ୍ମ ଦେଇଛନ୍ତି। ଝିଅ ଜନ୍ମ ଦେବା ପରେ ଭାଗୀରଥି ରାଗିଯାଇ ଘରେ ରଖିବି ନାହିଁ ବୋଲି କହି ତଡିଦେଇଥିଲେ। ଦିଲେଶ୍ୱରୀ ତାଙ୍କ ଭବାନୀପାଟଣାସ୍ଥିତ ଦେଢଶଶୁର ଘରେ ଆଶ୍ରୟ ନେଇଥିଲେ। ଦିଲେଶ୍ୱରୀଙ୍କୁ ଯିଏ ରଖିବ ତାଙ୍କ ଅବସ୍ଥା ଭଲ ହେବନାହିଁ ବୋଲି ଭାଗୀରଥି ଚେତାବନୀ ଦେଇଥିଲେ। ଫଳରେ ଦେଢଶଶୁର ପରିବାରର ଲୋକ ମଧ୍ୟ ଭୟରେ ଥିଲେ। ଘଟଣା ସମ୍ପର୍କରେ କୌଣସି ସୂତ୍ରରୁ ଖବର ପାଇଁ ମଙ୍ଗଳବାର ଦିଲେଶ୍ୱରୀଙ୍କୁ ସହାୟତାର ହାତ ବଢାଇଥିଲେ ଜିଲା ବିଜୁ ମହିଳା ଜନତା ଦଳ ସଭାନେତ୍ରୀ କଲ୍ୟାଣୀ ନାଏକ, ଜୁନାଗଡ ବ୍ଲକ ସଭାନେତ୍ରୀ ମନିଷା ସାହୁ, ଜୁନାଗଡ ଏନଏସି ଅଧ୍ୟକ୍ଷା ବିଜୟା ଲକ୍ଷ୍ମୀ କନ୍ଦପାନ ପ୍ରମୁଖ। ସେମାନେ ଦିଲୀଶ୍ୱରୀଙ୍କୁ ଧରି ଭବାନୀପାଟଣାସ୍ଥିତ ଜିଲା ମଙ୍ଗଳ ଅଧିକାରୀ ଜୋସ୍ନା ମହାପାତ୍ର ଓ ଜିଲା ସୁରକ୍ଷା ଅଧିକାରୀ ସବିତା ଦୋରା ପାଖରେ ପହଞ୍ଚି ଘଟଣା ସଂପର୍କରେ କହିବା ସହ ଦିଲେଶ୍ୱରୀଙ୍କୁ କିପରି ଥଇଥାନ କରିହେବ ସେ ନେଇ ଆଲୋଚନା କରିଥିଲେ। ଉଭୟ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଦିଲୀଶ୍ୱରୀଙ୍କୁ ଉକ୍ତ ଦିନ ଅପରାହ୍ନରେ ଧର୍ମଗଡସ୍ଥିତ ସ୍ୱଧାର ଗୃହରେ ଛଡାଯାଇଥିଲା। ସେଠାରେ ଦିଲୀଶ୍ୱରୀ ଓ ତାଙ୍କ ୨ ଝିଅପୁଅ ସହିତ ରହୁଛନ୍ତି।



ଧର୍ମଗଡ଼ ସ୍ୱଧାର ଗୃହରେ ଦିଲେଶ୍ୱରୀଙ୍କ ସହ ବିଜୁ ମହିଳା ଜନତା ଦଳର ସଦସ୍ୟା ।

## ସଂକ୍ଷେପରେ

### ବଟରଫ୍ଲାଏ ସ୍କୁଲରେ ଗୁରୁଦିବସ

**ବଙ୍ଗୋମୁଣ୍ଡା,୫।୯(ଡି.ଏନ୍.ଏ.):** ବଙ୍ଗୋମୁଣ୍ଡାସ୍ଥିତ ବଟର ଫ୍ଲାଏ କିଡ୍ସ ସ୍କୁଲରେ ଗୁରୁଦିବସ ବୁଧବାର ପାଳିତ ହୋଇଯାଇଛି। ଶିକ୍ଷୟିତ୍ରୀ ରୋଜାଲିନ ପାତ୍ରଙ୍କ ସଂଯୋଜନା ଓ କେଶରୀ ତାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍କୁଲର ଚେୟାରମ୍ୟାନ ଅନିଲ କୁମାର ଖମାରୀ ଯୋଗଦେଇ ବଭିନ୍ନ ମାର୍ଗଦର୍ଶନ କରିଥିଲେ। ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଛାତ୍ରୀଛାତ୍ରୀମାନଙ୍କୁ ବାର୍ତ୍ତା ଦେଇଥିଲେ। ସେହିପରି ସ୍ଥାନୀୟ ସରସ୍ୱତି ଶିଶୁ ବିଦ୍ୟା ମନ୍ଦିରଠାରେ ଗୁରୁଦିବସ ପାଳନ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ଦେବେନ୍ଦ୍ର ନାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଶିଶୁ ମନ୍ଦିରର ସଭାପତି ନାରାୟଣ ମିଶ୍ର ଯୋଗ ଦେଇଥିଲେ।

### ଅଷ୍ଟମ ଦିବସ ବଲାଙ୍ଗୀର ଫୁଟ୍‌ବଲ ଲିଗ୍

# ଟିଟିଲାଗଡ଼, ଲୋଇସିଂହା, ବ୍ଲ୍ୟୁ ମାଉଣ୍ଟେନ, ଚୁଡ଼ାପାଲି ବିଜୟୀ

**ବଲାଙ୍ଗୀର ଅଫିସ, ୫।୯**

ବଲାଙ୍ଗୀର ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ଆୟୋଜିତ ବଲାଙ୍ଗୀର ଫୁଟବଲ ଲିଗ୍‌ର ୮ଟି ମ୍ୟାଚ୍ ଜିଲାର ୮ଟି ପଡିଆରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଖୋଲାନ ପଡିଆରେ ଶହୀଦ ଜିମ୍ନାସିୟମ ଟିଟିଲାଗଡ଼ ଦଳ ୨-୦ ଗୋଲରେ ଅଡିନାକ୍ସ ଫେକ୍ଟ୍ରି ବଡମାଳକୁ ହରାଇ ବିଜୟୀ ହୋଇଥିଲା। ଖେଳକୁ ବିନୋଦ ପ୍ରଧାନୀ, ଆଶିଷ ଦେବ ସା, ମୋହନ ପଧାନୀ, ଆଶୀର୍ବାଦ ସା ଓ କର୍ଣ୍ଣ ବିସି ପରିଚାଳନା କରିଥିଲେ। ଲୋଇସିଂହା ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ଖେଳରେ ଏପିଜେ ଲୋଇସିଂହା ଦଳ ୭-୧ ଗୋଲରେ ମୃଷ୍ଟୁଣ୍ଟିକୁ ହରାଇ ବିଜୟୀ ହୋଇଥିଲା। ଅତିଥି ଭାବେ କଂଗ୍ରେସ ଯୁବନେତା ସମରେନ୍ଦ୍ର ମିଶ୍ର ଯୋଗଦେଇଥିଲେ। ଖେଳକୁ ଚିତ୍ତ ରଞ୍ଜନ ପାଣ୍ଡେ, ଅଞ୍ଜନ ବେଶ୍ରା, ବିଜୟ ରଣା ଓ ପ୍ରଦୀପ ବଗର୍ତ୍ତୀ ପରିଚାଳନା କରିଥିଲେ। ଖୁଜେନପାଲି ପଡ଼ିଆରେ ଅନୁଷ୍ଠିତ ଖେଳରେ ବ୍ଲ୍ୟୁମାଉଣ୍ଟେନ ଦଳ ୨-୦ ଗୋଲରେ ଖଲିଆପାଲି ଇଏସ୍‌କୁ ହରାଇ ବିଜୟୀ ହୋଇଥିଲା। ଅତିଥିଭାବେ କ୍ରୀଡ଼ାବିତ ସୁନୀଲ ଚନ୍ଦ୍ର ବିଶ୍ୱାଳ, କ୍ରୀଡା ସଂସଦ ଆଥ୍‌ଲେଟ ସମ୍ପାଦକ ବିଭୁତି ଭୂଷଣ ପଣ୍ଡା ଯୋଗ ଦେଇଥିଲେ। ଖେଳକୁ ଖଲିଉଲ ରହମାନ, ପ୍ରଫୁଲ୍ଲ ବଗର୍ତ୍ତୀ, ସଞ୍ଜିତ ମହାନ୍ତି, ଦୋଳଗୋବିନ୍ଦ ମୁଣ୍ଡା ପରିଚାଳନା କରିଥିଲେ। ଚୁଡ଼ାପାଲି ପଡିଆରେ ଚୁଡ଼ାପାଲି ନବଜ୍ୟୋତି ଦଳ ୨-୦ ଗୋଲରେ ବାରପୁର୍ଗିଆ ଦଳକୁ ହରାଇ ବିଜୟୀ ହୋଇଥିଲା। ଅତିଥି ଭାବେ କ୍ରୀଡ଼ା ସଂଗଠକ ପ୍ରମୋଦ ବାରିକ, ସରପଞ୍ଚ ଗୋପାଳ ବାଗ ଯୋଗ ଦେଇଥିଲେ। ଖେଳକୁ ବୈକୁଣ୍ଠ ଜେନା, ଜଳନ୍ଧର ସାହୁ, ଦେବରାଜ ନାହାକ, ନାରାୟଣ ବାନାରା ପରିଚାଳନା କରିଥିଲେ। ମିଶନ ପଡ଼ିଆରେ ଅନୁଷ୍ଠିତ ଖେଳରେ ଇଲେଭେନ ଷ୍ଟାର ଦଳ ୩-୦ ଗୋଲରେ ମାଣିକେଶ୍ୱରୀ କନ୍ଧପାଲିକୁ ହରାଇ ବିଜୟୀ ହୋଇଥିଲା। ଅତିଥିଭାବେ ପୂର୍ବତନ ସରପଞ୍ଚ ମନୋଜ କାନ୍ତ ନାଗ ଯୋଗ ଦେଇଥିଲେ। ଖେଳକୁ ସୁଦୟ ବାରିକ, ନରସିଂ ସ୍ୱାମୀ ନାଇଡୁ, ନିଶାରକାନ୍ତ ନାଗ, ଅବଦୁଲ ମୁଜିବ ପରିଚାଳନା କରିଥିଲେ। ପଲ୍ଲୀଶ୍ରୀ ଷ୍ଟାଡିୟମ ସଦାଇପାଲିଠାରେ ଅନୁଷ୍ଠିତ ଖେଳରେ ଅମାମୁଣ୍ଡା ଟ୍ରାଇବ୍ରେକର ୪-୩ ଗୋଲରେ ଡବ୍ଲ୍ୟୁକେଏଫସି ସିନ୍ଦୁରବାହାଲକୁ ହରାଇ ବିଜୟୀ ହୋଇଥିଲା। ଅତିଥି ଭାବେ ସୁବର୍ଣ୍ଣପୁର ଭାଜପା ନେତା ଗୋବିନ୍ଦ ଚନ୍ଦ୍ର ବାରିକ, ଭାଜପା ଉପସଭାପତି ଡ. ଶଶୀଭୂଷଣ ସାହୁ ଯୋଗଦେଇଥିଲେ। ଖେଳକୁ ସୁଶାନ୍ତ ନାଗ, ସୁଦର୍ଶନ ସେଠ, ସୁଧାଂଶୁ ସେଠ ଓ ସୁରେଶ ନାଏକ ପରିଚାଳନା କରିଥିଲେ। ଜରାସିଂହା ମିନ ଷ୍ଟାଡିୟମଠାରେ ଅନୁଷ୍ଠିତ ଖେଳରେ ମହୀପୁର ୨-୧ ଗୋଲରେ ଟିକ୍ରାପଡ଼ାକୁ ହରାଇ ବିଜୟୀ ହୋଇଥିଲା। ଅତିଥି ଭାବେ ଶାଶ୍ୱତ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁରେଶ କୁମାର ବାରିକ, କ୍ରୀଡ଼ା ସଂଗଠକ ଅକ୍ଷୟ ମେହେର ଯୋଗଦେଇଥିଲେ। ଖେଳକୁ ଲକ୍ଷ୍ମୀଧର ମହାନ୍ତି, ପ୍ରଶାନ୍ତ ଥନାପତି, ଶ୍ରୀବସ୍ତ ମେହେର, କୈଳାସ କର୍ତ୍ତୀ ପରିଚାଳନା କରିଥିଲେ। ପାଟଣାଗଡ଼ ପଡିଆରେ ଅନୁଷ୍ଠିତ ଖେଳରେ ପାଟଣେଶ୍ୱରୀ କ୍ଲବ ପାଟଣାଗଡ଼ ଟ୍ରାଇବ୍ରେକର ୪-୩ ଗୋଲରେ ଉଲବାକୁ ହରାଇ ବିଜୟୀ ହୋଇଥିଲା। ଅତିଥି ଭାବେ ପୂର୍ବତନ ଫୁଟବଲ ଖେଳାଳି ଦିଗସନ୍ ନନ୍ଦ ଯୋଗ ଦେଇଥିଲେ। ଖେଳକୁ ରାଜେନ୍ଦ୍ର ଧରୁଆ, ଚୈତନ୍ୟ ସାହୁ, ଦୀପକ ରାଜହଂସ ଓ ରାଜେନ୍ଦ୍ର ସେଠ ପରିଚାଳନା କରିଥିଲେ।

### ଶିଶୁ ବିଦ୍ୟାମନ୍ଦିରରେ ଗୁରୁଦିବସ

**ଲୋଇସିଂହା,୫।୯(ଡି.ଏନ୍.ଏ.)**

ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ଙ୍କ ଜନ୍ମ ଦିବସ ଅବସରରେ ବୁଧବାର ଗୁରୁ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ସନାତନ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ନିମାଇଁଚରଣ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ସେ ବକ୍ତବ୍ୟରେ ଗୁରୁ- ଶିଶ୍ୟ ପରମ୍ପରା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ପ୍ରଧାନ ଅଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୁରୁମା ଶ୍ରୀମାଞ୍ଜଳି ସାହୁ ଗୁରୁ ଦିବସର ଉଦ୍ଦେଶ ଜ୍ଞାପନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଗୁରୁମା, ଗୁରଜୀମାନଙ୍କୁ ଗୁରୁପୂଜନ କରିବା ସହ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ।

### ତୃତୀୟ ଦିନରେ ଏମ୍‌ଡିଏମ୍ ଅବ୍ୟବସ୍ଥା ଜାରି

# ୫୮ ସ୍କୁଲରେ ପହଞ୍ଚିଲାନି ଖାଦ୍ୟ

**ବଲାଙ୍ଗୀର ଅଫିସ, ୫।୯**

ସେଣ୍ଟ୍ରାଲ କିଚେନ୍ ଏଜେନ୍ସି ଜରିଆରେ ବଲାଙ୍ଗୀର ଜିଲାର ପୁଇଁତଲା ବ୍ଲକ ଓ ବଲାଙ୍ଗୀର ମ୍ୟୁନିସିପାଲଟିର ଶତାଧିକ ସ୍କୁଲରେ ସୋମବାରଠାରୁ ଆରମ୍ଭ ହୋଇଥିବା ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ତୃତୀୟ ଦିନରେ ମଧ ଫେଲ ମାରିଛି। ବୁଧବାର ପୁଇଁତଲା ବ୍ଲକର ୪୩ଟି ଓ ବଲାଙ୍ଗୀର ମ୍ୟୁନିସିପାଲିଟିର ୧୫ଟି ଏଭଳି ସମୁଦାୟ ୫୮ଟି ସ୍କୁଲରେ ଏମ୍‌ଡିଏମ୍ ପହଞ୍ଚି ନ ଥିବା ଜଣାପଡିଛି। ପ୍ରଥମ ଦିନ ୭୦ଟି ସ୍କୁଲରେ ଏମ୍‌ଡିଏମ୍ ପହଞ୍ଚି ନ ଥିବାବେଳେ ଦ୍ୱିତୀୟ ଦିନରେ ୩୨ଟି ସ୍କୁଲରେ ମଧ୍ୟାହ୍ନ ଭୋଜନ ପହଞ୍ଚି ନ ଥିଲା। କ୍ରିଷ୍ଟକ୍ରିପା ଟ୍ରଷ୍ଟର ସେଣ୍ଟ୍ରାଲ କିଚେନ୍ ଜରିଆରେ ଉନ୍ନତମାନର ଖାଦ୍ୟ ଯୋଗାଣ କଥା କୁହାଯାଇଥିବା ବେଳେ ଗତ ୩ ଦିନ ହେଲା ଶତାଧିକ ସ୍କୁଲରେ ଆଦୌ ଖାଦ୍ୟ ପହଞ୍ଚି ପାରୁ ନ ଥିବାରୁ ଶତାଧିକ ଛାତ୍ରୀଛାତ୍ର ଭୋକ ଉପାସରେ ରହୁଛନ୍ତି। ଏହି ଅବ୍ୟବସ୍ଥାକୁ ନେଇ ଜିଲା ପ୍ରଶାସନ ଓ ଶିକ୍ଷା ବିଭାଗ ଗତ ୩ଦିନ ହେଲା ଚିନ୍ତାରେ ପଡିଛନ୍ତି।

### ଅଣ୍ଡା ବଦଳରେ ପନିର ଦିଆଗଲା

ସରକାରଙ୍କ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାରେ ବୁଧବାର ଓ ଶନିବାର ଭାତ ସହ ଅଣ୍ଡା ତରକାରୀ ଦିଆଯିବାର ଖାଦ୍ୟ ତାଲିକା ଥିଲେ ମଧ କ୍ରିଷ୍ଟକ୍ରିପା ଟ୍ରଷ୍ଟ ସହ ଚୁକ୍ତି କରାଯାଇ ବୁଧବାର ଓ ଶନିବାର ଅଣ୍ଡା ବଦଳରେ ପନିର ଦିଆଯିବା ବ୍ୟବସ୍ଥା ରହିଥିବା ଜଣାପଡିଛି। ବୁଧବାର ଯେଉଁ ସ୍କୁଲମାନଙ୍କୁ ଏମ୍‌ଡିଏମ୍ ପହଞ୍ଚିଥିଲା। ଅଣ୍ଡା ବଦଳରେ ପନିର ଦିଆଯାଇଥିବା ଜଣାପଡିଛି।

### ଶିକ୍ଷୟିତ୍ରୀଙ୍କ ବଦଳରେ ଶିକ୍ଷକ ପଦବୀ ପୂରଣ ଦାବି

# ସ୍କୁଲରେ ତାଲା, ରାସ୍ତାରେ ଗୁରୁଦିବସ ପାଳନ

**ଦେଓଗାଁ,୫।୯(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନ ଫପସି ନୂତନ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଜନୈକ ଶିକ୍ଷୟତ୍ରୀଙ୍କୁ ଅନ୍ୟ ବ୍ଲକକୁ ଡେପୁଟେସନରେ ପଠାଇବା ପ୍ରତିବାଦରେ ବୁଧବାର ଅଭିଭାବକ ତଥା ଗ୍ରାମବାସୀ ସ୍କୁଲରେ ତାଲାଦେଇ ଆନ୍ଦୋଳନ କରିଥିଲେ। ଫଳରେ ଛାତ୍ରୀଛାତ୍ରମାନେ ଗୁରୁଦିବସ ରାସ୍ତାରେ ପାଳନ କରିଥିବା ଦେଖିବାକୁ ମିଳିଥିଲା। ଶିକ୍ଷୟତ୍ରୀଙ୍କ ପ୍ରତିବଦଳରେ ଅନ୍ୟ ଜଣେ ଶିକ୍ଷକ ନିଯୁକ୍ତି ନ ଦେବା ପର୍ଯ୍ୟନ୍ତ ସମ୍ପୃକ୍ତ ଶିକ୍ଷୟତ୍ରୀଙ୍କୁ ବଦଳି ନ କରିବାକୁ ଗ୍ରାମବାସୀ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। ହେଲେ ବିଭାଗୀୟ ପକ୍ଷରୁ କୌଣସି ପଦକ୍ଷେପ ନ ନେବାରୁ ବୁଧବାର ବାଧହୋଇ ସ୍କୁଲରେ ତାଲା ଦେଇ ପ୍ରତିବାଦ କରିଥିବା ସ୍କୁଲ ପରିଚାଳନା କମିଟି ସଭାପତି ଗୋପାଳ ଦନ୍ତା, ବିଧାୟକଙ୍କ ବ୍ଲକ ପ୍ରତିନିଧି କାନ୍ତେଶ୍ୱର ପଧାନ ତଥା ଗ୍ରାମବାସୀ ପ୍ରକାଶ କହିଛନ୍ତି। ଏ ଦିଗରେ ତୁରନ୍ତ ବିଭାଗୀୟ ଉଚ୍ଚ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି। ଏନେଇ ଜିଲା ଶିକ୍ଷା ଅଧିକାରୀ ସୁବୋଧ କୁମାର ଦାଶଙ୍କୁ ପଚାରିବାରୁ ସମସ୍ୟାର ତୁରନ୍ତ ସମାଧାନ କରାଯିବ ବୋଲି କହିଥିଲେ। ସୂଚନା ମୁତାବବ, ଫପସି ପ୍ରାଥମିକ ବିଦ୍ୟାଳୟରେ ଗତ ଏପ୍ରିଲ ୪ ତାରିଖରେ ଶିକ୍ଷାସହାୟିକା ଭାବେ ସୌମିତ୍ରୀବିଷ୍ଣୁପ୍ରୀୟା ମହାନ୍ତି ଯୋଗଦେଇଥିଲେ। ତାଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ବର୍ତ୍ତମାନ ବଲାଙ୍ଗୀର ବ୍ଲକର ଲର୍କିପାଲିକୁ ଡେପୁଟେସନରେ ବଦଳି କରାଯାଇଥିବା ଜଣାପଡିବା ପରେ ଗ୍ରାମବାସୀ ଏବଂ ଅଭିଭାବକ ମହଲରେ ପ୍ରତିକ୍ରୀୟା ପ୍ରକାଶ ପାଇଥିଲା।



ରାସ୍ତାରେ ଛାତ୍ରୀଛାତ୍ରମାନେ ଗୁରୁଦିବସ ପାଳନ କରୁଛନ୍ତି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**B.Ed** M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR 7682826300 7682826301
BRAHAMPUR 7682826307 7377730723

ADMISSION OPEN 2018-20
**B.Ed.**
Acharya Nagarjuna University
Anuska B.Ed. Academy
Odisha's No-1 B.Ed. Academy
97% 1ST DIVISION
Rasulgarh, Bhubaneswar
8260277745/8260277746
Cuttack No-9937313739
Bhawanipatna: 7982328673
Jajpur/Kendrapara:9692222120
www.anuskagroup.com

SPOT ADMISSION
**B.Ed** CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash Against Gold
**Gold Cash**
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

GET INSTANT CASH AGAINST GOLD
**Sell your GOLD more than market value.**
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

**Odisha Finance**
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number:
7302107165
odishafinance55@gmail.com

**FINANCE**
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି। ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ। ୩୦% ସବସିଡି ସହିତ।
7787922501
7787907927
pmjansamridhi@gmail.com

**BUSINESS**
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580 95578-79781

**SMS JOB**
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

**UNIVERSAL**
COMMUNICATION GROUP
ଦ୍ୱାରା ନିଜ ଖାଲି ପଡ଼ିଥିବା ଜମି, ଛାତ, ଚାଷଜମି, ପ୍ଲଟ୍‌ରେ ଯେକୌଣସି ସ୍ଥାନରେ ଉପକରଣ ଲଗାନ୍ତୁ ଓ ପାଆନ୍ତୁ 60 ଲକ୍ଷ ଅଗ୍ରିମ, ଭଡ଼ା 80,000 + ଅନ୍ୟାନ୍ୟ ସୁବିଧାସୁଯୋଗ ଏଗ୍ରିମେଣ୍ଟ ସହିତ।
CALL NOW:
08570958738
08570958378

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ। ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ୍, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ।
**ADARSH FINANCE**
Ram Nagar, Narnel, Haryana
7310635473
7310568831

**BARSHA FINANCE**
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

!! ଋଣ ଋଣ ଋଣ !!
**ମହାରାଷ୍ଟ୍ର ଫାଇନାନ୍ସ**
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339

**SMS JOBS DHAMAKA**
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

**BUSINESS OPPORTUNITY**
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ ଦେଇ ମାତ୍ର ତିନ ଦିନରେ ଶିକ୍ଷା ଋଣ, ବ୍ୟବସାୟ ଋଣ ଏବଂ ସୁନା ଋଣ ନେବାର ସୁଯୋଗ ଲାଭ କରନ୍ତୁ। ଆକର୍ଷଣୀୟ ସୁଧ।
ଯୋଗାଯୋଗ
9874247647
Plot No: 86, Sarkar Street, Kolkata

**Shree Ganesh Finance Ltd.**
ଋଣ ଧମାକା
ବେରୋଜଗାରଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସବୁ ପ୍ରକାର ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। ମହିଳାଙ୍କ ପାଇଁ ବିଶେଷ ରିହାତି। ସବୁ ଋଣ (100000-9500000) ପର୍ଯ୍ୟନ୍ତ ପାଆନ୍ତୁ ଘରେ ବସି।
Durga Nagar, Ward 36, Ferozpur
09085463427

**GRAMIN FINANCE** 1962 ଠାରୁ ଆପଣଙ୍କ ସେବାରେ
ସରକାରୀ ଯୋଜନା ଦ୍ୱାରା ପର୍ସନାଲ, ଏଜୁକେଶନ, ପ୍ରପର୍ଟି ଋଣ ନିଅନ୍ତୁ 48 ଘଣ୍ଟାରେ।
(ନୋ ଫାଇଲ୍ ଚାର୍ଜ ନୋ ଗ୍ୟାରେଣ୍ଟର Only Bank Fees ଋଣ ପାସ୍ ହେଲା ପରେ)
ମହିଳା ଓ Govt. Jobଧାରୀଙ୍କ ପାଇଁ ବିଶେଷ ସବ୍‌ସିଡି
AT:TARAN, PO:TAARAN, PUNJAB - 143401
Website: www.graminfinance.com
Miss Call Alerts:
18001007280

(Registration Free)
**Bhartiya Telecom Group**
(Govt. Approved)
ଦ୍ୱାରା ନିଜର ଖାଲି ଜାଗା, ଛାତ, ଚାଷଜମି, ପ୍ଲଟରେ DIGITAL ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 60 ଲକ୍ଷ। ଭଡ଼ା 45000 + ଅନ୍ୟାନ୍ୟ ସୁବିଧା ସୁଯୋଗ। ଠକମାନଙ୍କ ପ୍ରତି ସାବଧାନ।
(କାମ ଆମର, ବିଶ୍ୱାସ ଆପଣଙ୍କର)
କେବଳ ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରନ୍ତୁ
7052176168
8808619133

ସାରା ଭାରତରେ ଖୋଲା ଆହ୍ୱାନ, କଣ ଆପଣ ଚିନ୍ତିତ କି ?
୨ ଘଣ୍ଟାରେ ୧୦୦% ସମାଧାନ।
ବାବା ଆସିଫ ଅଲ୍ଲୀ
9911436726, 9540938429



**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ନ୍ୟୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। **ପୁରୀ:** ୬ ଓ ୨୦, ହୋଟେଲ୍ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ୍ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଗା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

**ଏବିଏସ୍ ଫାଇନାନ୍ସ**
ଦ୍ୱାରା ସମସ୍ତ ଭାରତରେ ଲୋନ୍ ନେବା ପାଇଁ ଏବଂ ଜିଲ୍ଲାସ୍ତରରେ ଏଜେଣ୍ଟ ହେବାକୁ ସମ୍ପର୍କ କରନ୍ତୁ।
ଭୁବନେଶ୍ୱର: 7290027868
କଟକ: 7590022879
ପୁରୀ: 7290027864
ଅନୁଗୁଳ: 7290022884
ଯାଜପୁର: 9870548741
ବାଲେଶ୍ୱର: 9870548676
ଗଞ୍ଜାମ: 9870548744

**MONEY WIZZ FINANCE**
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ। (ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

**LOAN**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

**ଫାଇନାନ୍ସ**
ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ମାତ୍ର 1250ରେ (1-90 ଲକ୍ଷ) ପର୍ଯ୍ୟନ୍ତ 0% ସୁଧ 60% ରିହାତି, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ରାଶନକାର୍ଡ, ଆଧାରକାର୍ଡ, ସମସ୍ତ ଋଣ 48 ଘଣ୍ଟାରେ
Dhanlaxmi Finance
9045324642
7417158225

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra



ହଜାର ଥର ଅକୃତକାର୍ଯ୍ୟ ହେଲେ ମଧ ଚେଷ୍ଟା ଛାଡ଼ିବାର ନୁହେଁ, ଉଦ୍ୟମ ହରାଇବାର ନୁହେଁ, ତା'ହେଲେ ସଫଳତା ଆସିବ ହିଁ ଆସିବ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ରକ୍ତଦାନ ଶିବିର, ୫୩ ୟୁନିଟ ରକ୍ତ ସଂଗୃହୀତ

**ଲୋଇସିଂହା,୫।୯(ଡି.ଏନ.ଏ):** ଆଗଲପୁର ବ୍ଲକ ବଡଟିକା ଗ୍ରାମର ଗାଁ କଲ୍ୟାଣ ସମିତି ପକ୍ଷରୁ ଗୁରୁ ଦିବସ ଅବସରରେ ବୁଧବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଗଲପୁର ଡାକ୍ତରଖାନ ଚିକିତ୍ସା ଅଧିକାରୀ ଦିନେଶ ମେହେର ଅତିଥି ଭାବେ ଯୋଗଦେଇ ଶିବିରର ଉଦ୍‌ଘାଟନ କରିଥିଲେ। ଶିବିରକୁ ଗ୍ରାମର ବିଭିନ୍ନ ବର୍ଗର ଲୋକ ଆସି ରକ୍ତଦାନ କରିଥିଲେ। ଏଥିରେ ୫୩ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଅଙ୍ଗନୱାଡି, ଆଶାକର୍ମୀ, ଏନଏମ୍ ପ୍ରମୁଖ ସହଯୋଗ କରିଥିଲେ।



### ଲୋଇସିଂହା-ପଦ୍ମପୁର ରାସ୍ତାରେ ବୃକ୍ଷରୋପଣ

ଲୋଇସିଂହା,୫।୯ (ଡି.ଏନ.ଏ): ସ୍ଥାନୀୟ ସମ୍ବଲପୁରିଆପଡ଼ା ମା' ଶକ୍ତି ମହିଳା ଗୋଷ୍ଠୀ ଏବଂ ବିଜୁ ଯୁବବାହିନୀର ମିଳିତ ଆନୁକୂଲ୍ୟରେ ଲୋଇସିଂହା-ପଦ୍ମପୁର ରାସ୍ତାରେ ସୌନ୍ଦର୍ଯ୍ୟ କରଣ ପାଇଁ ବୃକ୍ଷରୋପଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ରାମଚନ୍ଦ୍ର ଖାଡିଆ ମୁଖ୍ୟଅତିଥି, ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ସାହୁ, ସଂଘମିତ୍ରା ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଏସ୍‌ଏଚ୍‌ଜି ମହିଳାଙ୍କ ପକ୍ଷରୁ ରାସ୍ତା ସଫେଇ ଏବଂ ପରବର୍ତ୍ତୀ ସମୟରେ ରାସ୍ତାର ସୌନ୍ଦର୍ଯ୍ୟକରଣ ପାଇଁ ଫୁଲ ଚାରରୋପଣ ଉଦ୍ୟମକୁ ପ୍ରସଂଶା କରିଥିଲେ।

### ସରସ୍ୱତୀଶିଶୁ ମନ୍ଦିରରେ ଗୁରୁଦିବସ, ସାଂସ୍କୃତିକ କାର୍ଯ୍ୟକ୍ରମ

**ଦେଓଗାଁ,୫।୯(ଡି.ଏନ୍.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ବୁଧବାର ଗୁରୁଦିବସ ଉତ୍ସବ ପାଳିତ ହୋଇଯାଇଛି। ଆଚାର୍ଯ୍ୟ ଭବାନୀ ଶଙ୍କର ପୁରୋହୀତଙ୍କ ତତ୍ତ୍ୱାବଧାନରେ ଶିଶୁଭାଇ ଚୋଳଗଙ୍ଗ ଦେବଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ଚାପଧାରୀ ବଗର୍ତ୍ତୀ ସମ୍ମାନିୟ ଅତିଥି, ପରିଚାଳନା କମିଟି ସଭାପତି ଡା. ଶିବବ୍ରତ ଦାସ ପ୍ରମୁଖ ଯୋଗଦେଇ ଗୁରୁ-ଶିଷ୍ୟ ପରମ୍ପରା ଓ ସମାଜରେ ଗୁରୁଙ୍କ ସ୍ଥାନ ଓ ଭୂମିକା ଉପରେ ମାର୍ଗଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶୁଶିଳ କୁମାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଚାର୍ଯ୍ୟା ପ୍ରଭାତି ନାଏକଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସମ୍ପାଦକ ଶ୍ୟାମ ସୁନ୍ଦର ସାହୁ, କୋଷାଧ୍ୟକ୍ଷ ବସନ୍ତ ଅଗ୍ରୱାଲ, ଉପସ୍ଥିତ ଥିବାବେଳେ ପ୍ରଭୁଦତ୍ତ ବିଶି ଧନ୍ୟବାଦ ଅର୍ପଣ କରିଥିଲେ। ସେପରୀ ଜରାସିଂହା ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ସନ୍ୟାସୀ କତୁଆଙ୍କ ତତ୍ତ୍ୱାବଧାନରେ ଗୁରୁଦିବସ ପାଳିତ ହୋଇଯାଇଛି।

# ୧୮ରୁ ସମୂହ ଛୁଟିରେ ଯିବେ ଡିପ୍ଲୋମା ଇଞ୍ଜିନିୟର

## ଅଫିସରେ ଦେଲେ ସାମୂହିକ ଦରଖାସ୍ତ

**ବଲାଙ୍ଗୀର ଅଫିସ, ୫।୯**

ରାଜ୍ୟ ସରକାର ଡିପ୍ଲୋମା ଇଞ୍ଜିନିୟରମାନଙ୍କ ନ୍ୟାଯ୍ୟ ଦାବି ଗ୍ରହଣ କରୁ ନ ଥିବା ପ୍ରତିବାଦରେ ଆସନ୍ତା ସେପ୍ଟେମ୍ବର ୧୮ରୁ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ୮୫୦୦ ଡିପ୍ଲୋମା ଇଞ୍ଜିନିୟର ସମୂହ ଛୁଟିରେ ରହିବେ ବୋଲି ଇଞ୍ଜିନିୟର ସେବା ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ବୁଧବାର ସଂଘର ବଲାଙ୍ଗୀର ଡିଭିଜନାଲ କମିଟି ପକ୍ଷରୁ ଡିପ୍ଲୋମା ଇଞ୍ଜିନିୟରମାନେ ବିଭିନ୍ନ ଅଫିସରେ ସାମୂହିକ ଛୁଟି ଦରଖାସ୍ତ ଦେଇଥିବା ଜଣାପଡିଛି। ସଭାପତି ସୁଦର୍ଶନ ନାୟକଙ୍କ ନେତୃତ୍ୱରେ ଡିପ୍ଲୋମା ଇଞ୍ଜିନିୟରମାନେ ବିଭିନ୍ନ ଅଫିସକୁ ଯାଇ ଛୁଟି ଦରଖାସ୍ତ ଦେଇ ସେପ୍ଟେମ୍ବର ୧୮ ତାରିଖରୁ ଛୁଟିରେ ଯିବା ସ୍ପଷ୍ଟ କରିଥିଲେ। ଏହି ଅବସରରେ ସମ୍ପାଦକ ରଜନୀକାନ୍ତ ବେହେରା, ଉପସଭାପତି ପ୍ରଦୀପ କୁମାର ଲାଲ, ସଂଗଠକ ଇଂ ପ୍ରଦୀପ କୁମାର ବେହେରା, ଡି ବଳରାମ ପାତ୍ର, ଦୁର୍ଗା ଶଙ୍କର ପୂଜାରୀ, ତୀର୍ଥବାସୀ ପଣ୍ଡା, ଗୁରୁଚରଣ ସିଂ, ପବିତ୍ର କୁମାର ସାହୁ ଏବଂ ଅତିରିକ୍ତ ମହାମଣ୍ଡଳ ସମ୍ପାଦକ ଭୁବନ ସିଂ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଦୀର୍ଘ ୫ ବର୍ଷ ଧରି ସରକାରଙ୍କ ନିକଟରେ ଗୁହାରି ଜଣାଇବା ସତ୍ତ୍ୱେ ଇଞ୍ଜିନିୟରମାନଙ୍କୁ କ୍ୟାଡର ପୁର୍ନଗଠନ ନ୍ୟାୟ ମିଳିନାହିଁ। ସରକାର ଡିଗ୍ରୀ ଇଞ୍ଜିନିୟରମାନଙ୍କୁ ଅହେତୁକ ଅନୁକମ୍ପା ଦେଖାଉଥିବା ବେଳେ ଡିପ୍ଲୋମା ଇଞ୍ଜିନିୟରମାନଙ୍କୁ ସର୍ବନିମ୍ନ ନ୍ୟାୟ ପ୍ରଦାନ କରିନାହାନ୍ତି। ଗତ ମାର୍ଚ୍ଚ ମାସରୁ ସରକାର ପଞ୍ଚାୟତିରାଜ ବିଭାଗରେ କାର୍ଯ୍ୟରତ ଜିପିଟିଏମାନଙ୍କୁ କନିଷ୍ଠ ଯନ୍ତ୍ରୀ ପଦବୀରେ ନିୟମିତ କରିବାକୁ କ୍ୟାବିନେଟ୍‌ରେ ନିଷ୍ପତ୍ତି ହୋଇସାରିଥିଲେ ମଧ ବିଭାଗୀୟ ମନ୍ଥରତା ଯୋଗୁ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ନିୟମ ଥିବା ସତ୍ତ୍ୱେ ବିଭାଗରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ସହକାରୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ପାଉନାହିଁ ବୋଲି ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ସରକାର ୫ ବର୍ଷ ତଳୁ ଡିଗ୍ରୀ ଇଞ୍ଜିନିୟରମାନଙ୍କ ମୂଳପଦବୀକୁ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀକୁ ଉନ୍ନୀତ କରିଛନ୍ତି । କିନ୍ତୁ ଡିପ୍ଲୋମା ଇଞ୍ଜିନିୟରଙ୍କ ମୂଳ ନିଯୁକ୍ତି ପଦବୀକୁ ସହକାରୀ ଯନ୍ତ୍ରୀ କରା ନ ଯାଇ କନିଷ୍ଠ ଯନ୍ତ୍ରୀ ରଖାଯାଇଛି। ଡିଗ୍ରୀ ଇଞ୍ଜିନିୟରମାନଙ୍କ ପଦୋନ୍ନତି ମାତ୍ର ଶତକଡା ୧୩ରେ ସୀମିତ ଅଛି। ଏହା ସତ୍ତ୍ୱେ ରାଜ୍ୟ ସରକାର ଡିଗ୍ରୀ ଇଞ୍ଜିନିୟରମାନଙ୍କୁ ପୁନର୍ବାର ଅନୁକମ୍ପା ଦେଖାଇ ଓଡ଼ିଶା ଉଚ୍ଚ୍ୟାଡି କୋର୍ଟକୁ ଅଣଦେଖା କରି ଦ୍ୱିତୀୟ ଥର ସେମାନଙ୍କ କ୍ୟାଡର ପୁର୍ନଗଠନ କରିବାକୁ ଯାଉଛନ୍ତି। ସରକାରଙ୍କ ଏଭଳି ନିଷ୍ପତ୍ତି ରାଜ୍ୟରେ ସେବାରତ ୮୫୦୦ ଡିପ୍ଲୋମା ଇଞ୍ଜିନିୟରଙ୍କୁ ମାର୍ମାହତ କରିଛି। ଏଣୁ ସଂଘ ପକ୍ଷରୁ ସମସ୍ତ କାର୍ଯ୍ୟରତ ଇଞ୍ଜିନିୟରମାନେ ସମୂହ ଛୁଟିରେ ଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଭବିଷ୍ୟତରେ ଯାହା ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ସୂଚନା ଦେଇଛନ୍ତି।



ବଲାଙ୍ଗୀର ଏମ୍‌ଆଇ ଅଫିସରେ ଡିପ୍ଲୋମା ଇଞ୍ଜିନିୟରମାନେ ସମୂହ ଛୁଟି ଦରଖାସ୍ତ ଦେଉଛନ୍ତି।

### ୪ ଦିନ ହେଲା ପାନୀୟ ଜଳ ଯୋଗାଣ ବନ୍ଦ

**ବଲାଙ୍ଗୀର ଅଫିସ, ୫।୯**

ବଲାଙ୍ଗୀର ସହରକୁ ଗତ ୪ ଦିନ ହେଲା ପାନୀୟ ଜଳଯୋଗାଣ ବନ୍ଦ ରହିଛି। ଶିବତଲାଠାରୁ ତେଲନଦୀ କୂଳ ବୁଦେଲମୁଣ୍ଡାଠାରେ ଲାଇନ୍ ଖରାପ ଥିବାରୁ ପାନୀୟ ଜଳଯୋଗାଣ ବାଧାପ୍ରାପ୍ତ ହୋଇଥିବା ଜଣାପଡିଛି। ଦୀର୍ଘ ୪ ଦିନ ହେଲା ପାନୀୟ ଜଳଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ଫଳରେ ସହରର ବିଭିନ୍ନ ପଡ଼ାରେ ପାନୀୟ ଜଳଯୋଗାଣ ହୋଇ ନ ପାରି ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାନୀୟଜଳ ନ ମିଳିବାରୁ ଲୋକେ ନଳକୂପ ଓ ଖୋଲା କୁଅରୁ ପାଣି ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି। ବର୍ଷାଦିନରେ ଲୋକେ ପାନୀୟ ଜଳ ନ ପାଇ ଖୋଲା କୂଅରୁ ପାଣି ନେଉଥିବାରୁ ସଂକ୍ରମଣ ଭୟ ଦେଖାଦେଇଛି। ତେବେ ବୁଧବାର ସନ୍ଧ୍ୟା ସୁଦ୍ଧା ପାନୀୟ ଜଳଯୋଗାଣ ଅସୁବିଧା ଦୂର ହେବ ଏବଂ ଗୁରୁବାର ସକାଳୁ ବଲାଙ୍ଗୀର ସହରରେ ପାନୀୟ ଜଳଯୋଗାଣ ହୋଇପାରିବ ବୋଲି ବିଭାଗୀୟ ଅଫିସ ସୂତ୍ରରୁ ଜଣାପଡିଛି।

### ଗୁରୁଦିବସରେ ଅଧ୍ୟାପକ, ଛାତ୍ରୀଛାତ୍ର ପାଳିଲେ କଳା ଦିବସ

**ଖପ୍ରାଖୋଲ ୫.୯(ଡି.ଏନ୍.ଏ)**

ପବିତ୍ର ଗୁରୁଦିବସ ସବୁଠି ଧୁମ୍‌ଧାମ୍ ସହ ଗୁରୁଙ୍କ ପୂଜା କରି ପାଳନ କରାଯାଉଥିବା ବେଳେ ଖପ୍ରାଖୋଲ ହରିଶଙ୍କର ମହାବିଦ୍ୟାଳୟରେ ଅଧ୍ୟାପକ ଓ କର୍ମଚାରୀଙ୍କ ସହିତ ଛାତ୍ରୀଛାତ୍ରମାନେ କଳାଦିବସ ଭାବେ ପାଳନ କରିଥିଲେ। ନିର୍ଦ୍ଦିଷ୍ଟ ସମୟରେ ଅଧ୍ୟାପକ ଓ ଛାତ୍ରୀଛାତ୍ର ମହାବିଦ୍ୟାଳୟରେ ପହଞ୍ଚି ଥିଲେ ହେଁ ଗୁରୁଦିବସ ପାଳନ କରି ନ ଥିଲେ। ବିଭିନ୍ନ ଦାବି ନେଇ ଅଧ୍ୟାପକ ତଥା କର୍ମଚାରୀ ମିଳିତ ମଞ୍ଚ ରାଜଧାନୀରେ ଆନ୍ଦୋଳନ କରୁଥିଲେ ମଧ ସରକାର କୌଣସି ପଦକ୍ଷେପ ନେଉ ନାହାନ୍ତି। ଫଳରେ ମିଳିତ ମଞ୍ଚ ଗୁରୁଦିବସକୁ କଳାଦିବସ ପାଳନ ପାଇଁ ଆହ୍ୱାନ ଦେଇଥିବା ବେଳେ ମହାବିଦ୍ୟାଳୟର ଅଧ୍ୟାପକମାନେ କଳା ବ୍ୟାଜ୍ ପିନ୍ଧି ପ୍ରତିବାଦ କରିଥିଲେ। ଆଉ ଗୁରୁଙ୍କ ସହିତ ଛାତ୍ରୀଛାତ୍ରମାନେ ମଧ ମୁଣ୍ଡରେ କଳାପଟି ବାନ୍ଧି କଳାଦିବସ ପାଳନ କରିଥିଲେ। ଅଧ୍ୟାପକ ବଳଭଦ୍ର ଦାଶ, ଲିଙ୍ଗରାଜ ବେହେରା, ଜନାର୍ଦ୍ଦନ ସୁନା, ଦିଲୀପ ନିଆଲ, କିଶୋର ବାଗ, ଅଧକ୍ଷ ପ୍ରମୋଦ ପାଣିଙ୍କ ସମେତ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ଭୟରେ ଗାଁ ଛାଡ଼ିଲେ ୬ ଦଳିତ ପରିବାର

**ଗୁଡଭେଲା,୫।୯(ଡ.ଏନ୍.ଏ.)**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅଧୀନ ଜାମମୁଣ୍ଡା ଗ୍ରାମର ୬ ଦଳିତ ପରିବାରର ୨୪ଜଣ ସଦସ୍ୟ ଭୟରେ ୫ ଦିନ ହେଲା ଗାଁ ଛାଡି ବାରଦ୍ୱାର ହେଉଛନ୍ତି। ଗ୍ରାମର ଉମେଶ ନାଗ, ନେପାଳ ନାଗ, ସୁମନ୍ତ ନାଗ, ଅମର ନାଗ, କରନ ନାଗ, ମଣ୍ଟୁ ଦୀପ ଆଦି ପୂର୍ବ ଶତୃତାକୁ କେନ୍ଦ୍ର କରି ଗ୍ରାମର ଅଶୋକ ସାଗର, ଦୀପକ ସାଗର, ନକୁଳ ସୁନା, ଗୋପି ସୁନା, ଟୁକୁ ସୁନା, ଦେବ ରାଜ ସୁନାଙ୍କୁ ବିଭିନ୍ନ ଅତ୍ୟାଚାର କରିବା ସହ ମାଡ ମାରିଥିବା ନେଇ ତୁଷୁରା ଥାନାରେ ଅଭିଯୋଗ କରିଥିଲେ। ଏନେଇ ତୁଷୁରା ଥାନା ପୋଲିସ ୬ଜଣଙ୍କ ନାମରେ ପୃଥକ ୩ଟି ମାମଲା(ନଂ.୨୨୦/୧୮, ୨୨୧/୧୮, ୨୨୪/୧୮) ରୁଜୁ କରିଛି। ହେଲେ ପୋଲିସ ଘଟଣାରେ କାହାରିକୁ ଗିରଫ କରି ନ ଥିବା ବେଳେ ଭୟଭିତ ଅବସ୍ଥାରେ ୬ ପରିବାର ରହୁଛନ୍ତି। ଫଳରେ ସେମାନେ ଗାଁ ଛାଡି ନିଜ ନିଜ ସମ୍ପର୍କୀୟଙ୍କ ଘରେ ରହୁଥିବା ଗୋମତି ସୁନା କହନ୍ତି। ଏନେଇ ତୁଷୁରା ଥାନା ଅଧିକାରୀ ପଞ୍ଚାନନ୍ଦ ନାୟକଙ୍କୁ ପଚାରିବାରୁ ଘଟଣା ସକ୍ରାନ୍ତରେ କହିବାକୁ ମନା କରି ଦେଇଥିଲେ। ମାମଲାର ତଦନ୍ତ ଅଧିକାରୀ ଯୁବରାଜ କୁମ୍ଭାରଙ୍କୁ ପଚାରିବାରୁ ଖୁବ ଶୀଘ୍ର ଅଭିଯୁକ୍ତମାନଙ୍କ ଗିରଫ କରାଯିବ ବୋଲି କହିଥିଲେ।



ଗାଁ ଛାଡି ଥିବା ଟୁକୁ ସୁନାଙ୍କ ପରିବାର ଲୋକେ ତୁଷୁରା ଥାନାକୁ ଅଭିଯୋଗ କରିବାକୁ ଆସିଛନ୍ତି।

# ଭାଜପାର ବୁଥସ୍ତରୀୟ କର୍ମୀ ସମ୍ମିଳନୀ



ବୁଥସ୍ତରୀୟ କର୍ମୀ ସମ୍ମିଳନୀ ମଞ୍ଚାସୀନ ଦଳୀୟ କର୍ମକର୍ତ୍ତା।

**ଗୁଡଭେଲା,୫।୯(ଡ.ଏନ୍.ଏ.)**

ଗୁଡଭେଲା ବ୍ଲକ ସ୍ଥିତ ଶିବ ମନ୍ଦିର ପରିଷରରେ ବୁଧବାର ଭାଜପା ପକ୍ଷରୁ ଏକ ବୁଥସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଭକ୍ତବନ୍ଧୁ ନାୟକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସାଧାରଣ ସମ୍ପାଦକ ତଥା ଲୋକସଭା ପ୍ରଭାରୀ ରଞ୍ଜନ ପୁଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ବୁଥସ୍ତରୀୟ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଏପର କି ଆଗାମୀ ଦିନରେ କିପରି ବୁଥମାନଙ୍କୁ ମଜଭୁତ୍ କରାଯିବ ସେ ନେଇ କର୍ମୀମାନେ ନିଜ ମତ ପ୍ରକାଶ କରିଥିଲେ। ବୈଠକରେ ଗୁଡଭେଲା ବ୍ଲକ ଅଧ୍ୟକ୍ଷ ଅଶୋକ ଚନ୍ଦ୍ର ଦୋରା, ରାଜ୍ୟ ଯୁବ ମୋର୍ଚ୍ଚା ସମ୍ପାଦକ ଦିନେଶ ଶର୍ମା, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ମହେନ୍ଦ୍ର ଠାକୁର, ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଅମିତ ସିଂ ନିନା, ଜିଲା ପରିଷଦ ସଭ୍ୟା ମିନାରଣୀ ପ୍ରଧାନ, ଜିଲା ସମ୍ପାଦକ ଦିନବନ୍ଧୁ ବେହେରା ମଞ୍ଚାସୀନ ରହି ନିଜ ମତ ପ୍ରକାଶ କରିଥିଲେ। ଜିଲା ସାଧାରଣ ସମ୍ପାଦକ ମୁକେଶ ଜୈନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୁଡଭେଲା ମଣ୍ଡଳ ସଭାପତି ଖଗେଶ୍ୱର ରଣା ଧନ୍ୟବାଦ ଅର୍ପଣ କରିଥିଲେ। କାଉନସେଲର ପ୍ରଦୀପ ସାହୁ, ସୁରେନ୍ଦ୍ର ରଣା, ଶଙ୍କରଲାଲ ଅଗ୍ରୱାଲ, ପ୍ରେମାନନ୍ଦ ସାହୁ, ଯୁବ ନେତା ବିକାଶ ଶର୍ମା, ଅର୍ଜୁନ ଭାଟି, ଚେୟାରମେନ ବାଗଙ୍କ ସହ ବହୁ କର୍ମୀ ଉପସ୍ଥିତ ଥିଲେ।

### ଖପ୍ରାଖୋଲ ଅଞ୍ଚଳରେ ଗୁରୁଦିବସ

**ଖପ୍ରାଖୋଲ,୫।୯(ଡି.ଏନ୍.ଏ.)**

ଖପ୍ରାଖୋଲ ବ୍ଲକର ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ଗୁରୁଦିବସ ବୁଧବାର ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ପ୍ରଥମେ ଉପରାଷ୍ଟ୍ରପତି ଡ. ସର୍ବପଲୀ ରାଧାକ୍ରିଷ୍ଣନ୍‌ଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଫୁଲଚନ୍ଦ ଲଗାଇଥିଲେ। ପରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଫୁଲ ଚନ୍ଦନ ଲଗାଇ ପୂଜା କରିଥିଲେ। ବ୍ଲକର ସ୍ଥାନୀୟ ଉଚ୍ଚବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟ, ଧଣ୍ଡାମୁଣ୍ଡା ଉଚ୍ଚ ବିଦ୍ୟାଳୟ, ସରସ୍ୱତି ଶିଶୁ ମନ୍ଦିର, ଯୁରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମେତ ଅନ୍ୟାନ୍ୟ ବିଦ୍ୟାଳୟଗୁଡିକରେ ଗୁରୁଦିବସ ପାଳିତ ହୋଇଯାଇଛି। ଯୁରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସପ୍ତା ବରିହାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଞ୍ଚଳର ଅବସର ଗ୍ରହଣ କରିଥିବା ଗୁରୁଙ୍କୁ ଫୁଲଚନ୍ଦନ ଦେଇ ପୂଜା କରିବା ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

### ୨ବର୍ଷ ଭିତରେ ହସ୍ପିଟାଲ ସମ୍ପୂର୍ଣ୍ଣ ହେବ: ନରସିଂହ

**ବଲାଙ୍ଗୀର ଅଫିସ, ୫।୯**

ଗତ ୩୧ ତାରିଖରେ ବଲାଙ୍ଗୀରର ବହୁ ପ୍ରତୀକ୍ଷିତ ଭୀମଭୋଇ ମେଡିକାଲ କଲେଜକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଏବେ ଏହି କଲେଜ ପରିସରରେ ହସ୍ପିଟାଲ ନାହିଁ। ମେଡିକାଲ ଛାତ୍ରୀଛାତ୍ରଙ୍କ ପଢିବା ପାଇଁ କଲେଜ ପରିସରରେ ଡାକ୍ତରଖାନା ନିହାତି ଜରୁରୀ। କଲେଜ ପାଖରେ ଡାକ୍ତରଖାନା ରହିଲେ ରୋଗୀ ମଧ ଉପକୃତ ହେବେ। କଲେଜ ଉଦ୍‌ଘାଟନୀ ସନ୍ଧ୍ୟାରେ ବଲାଙ୍ଗୀର ବିଧାୟକ ତଥା ରାଜ୍ୟ ବିରୋଧୀଦଳ ନେତା ନରସିଂହ ମିଶ୍ର ଏକ ଖବରଦାତା ସମ୍ମିଳନୀ ଡାକି ମେଡିକାଲ କଲେଜକୁ କିଭଳି ସାରା ଦେଶର ଏକ ଅଗ୍ରଣୀ କଲେଜ କରାଯିବ ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଦିଗରେ ସକାରାତ୍ମକ ମନୋଭାବ ରଖିବାକୁ ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଯେହେତୁ ମେଡିକାଲ କଲେଜ ହସ୍ପିଟାଲ ବର୍ତ୍ତମାନ ଜିଲା ସଦର ମହକୁମାରେ ଚାଲିଛି ତେଣୁ ପ୍ରଶାସନିକ ଏବଂ ଚିକିତ୍ସା କ୍ଷେତ୍ରରେ ଲୋକେ ଅନେକ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ସମ୍ପ୍ରତି ବିଧାନସଭା ଅଧିବେଶନର ଦ୍ୱିତୀୟ ଦିନରେ ବିଧାୟକ ମିଶ୍ର ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ନିର୍ମାଣକୁ ନେଇ ବୁଧବାର ସବିଶେଷ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ଏନେଇ ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କ ସହ ବିଧାୟକ ମିଶ୍ରଙ୍କୁ କଥା ହେବା ପାଇଁ ଅନୁରୋଧ ଜଣାଇଥିଲେ। ବିଧାୟକ ମିଶ୍ର ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କ ସହ ଆଲୋଚନା କରି ଯେତେ ଶୀଘ୍ର କଲେଜ ପରିସରରେ ଡାକ୍ତରଖାନା ନିର୍ମାଣ କରିବାକୁ କହିଥିଲେ। ଆଲୋଚନାରେ ମୁଖ୍ୟଯନ୍ତ୍ରୀ ଖୁବ ଶୀଘ୍ର ମେଡିକାଲ କଲେଜ ପରିସରରେ ନିର୍ମାଣ ହେବାକୁ ଥିବା ଡାକ୍ତରଖାନା ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ ବିଧାୟକ ମିଶ୍ରଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ଏବଂ ଏହାର ନିର୍ମାଣ କାମ ଦୁଇ ବର୍ଷ ଭିତରେ ସମ୍ପୂର୍ଣ୍ଣ କରାଯିବ ବୋଲି କହିଥିବା ସୂଚନା ଦେଇଛନ୍ତି। ହସ୍ପିଟାଲ ନିର୍ମାଣ ଶୀଘ୍ର ଶେଷ ହେଲେ ଏହା ଛାତ୍ରୀଛାତ୍ର ଓ ଅଞ୍ଚଳବାସୀଙ୍କ ପାଇଁ ଆଶୀର୍ବାଦ ହେବ ବୋଲି ମିଶ୍ର କହିଛନ୍ତି।

# ସୈନିକ ସ୍କୁଲରେ ଗୁରୁଦିବସ ପାଳିତ

**ଟିକ୍ରାପଡା,୫।୯(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲ୍ଲା ସଇଁନ୍ତଳା ବ୍ଲକ ଟିକ୍ରାପଡ଼ାସ୍ଥିତ ଶିଶୁ ସୈନିକ ବିଦ୍ୟାଳୟରେ ବୁଧବାର ଗୁରୁଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ଚନ୍ଦ୍ରମଣି ରାଜପଲିଆ ଏଥିରେ ଅଧକ୍ଷତା କରିଥିଲେ। ଦେବୀସ୍ମିତା ରାଜପଲିଆ, ରିଙ୍କି ମେହେର ଛାତ୍ରୀ ଦ୍ୱୟ ସଭା ସଂଯୋଜନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଅରବିନ୍ଦ ସୁପକାର, ସିଦ୍ଧେଶ୍ୱର ପ୍ରଧାନୀ ଅତିଥି ଭାବେ ଯୋଗଦେଇ ଗୁରୁ ଦିବସର ତାପର୍ଯ୍ୟ ଏବଂ ଡ. ସର୍ବପଲ୍ଲୀ ରାଧାକୃଷ୍ଣନ୍‌ଙ୍କ ଜୀବନୀ ଉପରେ କହିଥିଲେ। କନିସ୍କ ରାଜପଲିଆ, ଶ୍ରେୟାଶ୍ରୁତି ବେହେରା, ଜ୍ୟୋସ୍ନାମୟୀ ବଗର୍ତ୍ତୀ, ଶୃତିକା ଚାନ୍ଦ, ଅଂଶୁମାନ, ଓଁପ୍ରୀତମ, ଅମ୍ରିତା ପ୍ରମୁଖ ଛାତ୍ରୀଛାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ନିଗ୍ଧିତା ହୋତା ଅତିଥି ପରିଚୟ ଓ ଭାର୍ଗବି ରାଜପଲିଆ ଧନ୍ୟବାଦ ଅର୍ପଣ କରିଥିଲେ।



ଟିକ୍ରାପଡ଼ା ଶିଶୁ ସୈନିକ ବିଦ୍ୟାଳୟରେ ଅନୁଷ୍ଠିତ ଗୁରୁଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ସରକାରୀ ସୁବିଧାରୁ ବଁଚିତ୍ ପରିବାର

**ଲୋଇସିଂହା,୫।୯(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍ ଉପରଉଡାର ଗାଁର ବୁର୍‌ଧା ଚନ୍ଦ୍ରା ନଈ(୭୦)। ସତେ ଯେନ୍‌ତା ତାକର ପରିବାର ଉପ୍‌ରେ କାଲ୍ ଚକ୍‌ର କିଁଦ୍‌ରୁଛେ। ଗଲା କେତେ ବଛର୍ ତଲେ ତାଁକର ଆପ୍‌ନେ ଆର୍ ବଡ଼ଖା ପୁଓକେ ଦଏବ ଛଡେଇ ନେଲା। ମୁଡ୍ ଗୁଁଜ୍‌ବାର ଲାଗି ଯେନ୍ କୁରିଆ ଘର୍‌ଟିକେ ଥିଲା ସେଟା ବି ଗଲା ଝରି ବର୍‌ଷାରେ ଭାଂଗି ଗଲା। ଏନ୍‌ତା ଅବସ୍‌ତାରେ ବୁର୍‌ଧା ଚନ୍ଦ୍ରା, ବିଧବା ବହୁ ଆର୍ ୮ ଛେଉଁଡ୍ ନାତିନାତେନ୍ ଅସାହା ହେଇଯାଇଛନ୍। ଖାଲି ଦଇବ୍ ଆମର ଉପ୍‌ରେ ଦାଉ ନାଇଁ ସାଧିବାର ପର୍‌ଶାସନ୍ ବି ଆମର ଉପ୍‌ରେ ଦାଉ ସାଧୁଛେ ବଲି ସେ ଅଭିଯୋଗ୍ କରିଛନ୍। ବହୁର ପରିବାର ଖାଏଦ୍ ସୁରକ୍ଷା ଯୋଜ୍‌ନାରୁ ବାଦ୍ ପଡିଥିଲା ବେଲେ ଖାଲି ତାହାକୁ ମାସିକ୍ ୫ କେ.ଜି. ଚାଉଲ୍ ମିଳୁଛେ। ବିଧବା ଭତା ସେମାନକୁଁ ସାତ୍ ସପନ୍ ହେଇଛେ।



ବୁର୍‌ଧା ଚନ୍ଦ୍ରା ନଈ।

ତଲିଉଡର ପଁନ୍‌ଚେତ୍‌ର ଉପରଉଡାର ଗାଁ। ଇ ଗାଁର ହରିଜନ ପଡାରେ ସ୍ୱର୍ଗତ୍ ମୁରଲୀ ନଈକଁର ପରିବାର ରହୁଛନ୍। ବୁରୁଧ୍ ଚନ୍ଦ୍ରାକଁର ଦୁଇ ପୁଓ ଘର ସଂସାର କରି ଅଲ୍‌ଗେ ରହୁଛନ୍। ୪ ବଛର୍ ତଲେ ଆପ୍‌ନେ ମୁରଲୀକଁର ମୁର୍‌ତୁ ହେଲାରୁ ଚନ୍ଦ୍ରାକଁର ମୁଡେ ଚଡକ୍ ପଡିଥିଲା। ଇ ବିପଦ୍ ନାଇଁ ଟଲୁନୁ ବଡ଼ଖା ପୁଓ ଦାଶରଥୀ ଆରପାର୍‌କେ ଚାଲିଗଲେ। ଯେନ୍‌ଥିର୍‌ଲାଗି ବହ ସୁମିତ୍ରା ଆର୍ ୮ ନାତିନାତେନ୍ ଅସାହା ହେଇଯାଇଛନ୍। ବହୁ ସୁମିତ୍ରା ବିଧବା ଭତା ଆର୍ ଖାଏଦ୍ ସୁରକ୍ଷା ଯୋଜ୍‌ନାରୁ ବାଦ୍ ପଡିଥିବାର ସେ କହିଛନ୍। ବୁର୍‌ଧା ଚନ୍ଦ୍ରାକୁଁ ମିଳୁଥିବାର ୫ କେ.ଜି. ଚାଉଲ୍ ପରିବାର ଲାଗି ଦିନ୍‌କର ଖୁରାକ୍ ଆଏ। ଏନ୍‌ତାଥି ଘର୍ ଚଲ୍‌ବାର ଆର୍ ନିଜର ୮ ଛୁଆପିଲାକର ଲାଗି ଆହାର ଯୁଟାବାକେ ବହ ସୁମିତ୍ରା କୁଲିମଜୁରୀ କରୁଥିବାର ଚନ୍ଦ୍ରା କହିଛନ୍। ଆମ୍‌କୁ ଦଇବ ନାଇଁ ସହେଲା, ବହ ଆର୍ ନାତିନାତେନ୍ ରହୁଥିବାର ଘର୍ ଝରି ବର୍‌ଷାରେ ଭାଂଗି ଗଲା। ମୁଡ୍ ରଖିବାକେ ଜାଗା ନାଇଁଥିବାର ଲାଗି ବହ ସୁମିତ୍ରା ୬ ପିଲାଛୁଆକୁ ଧରି ନିଜର ବାପ୍ ଘର୍‌କେ ପଲେଇଛନ୍। ବାକି ୨ଟା ଛୁଆ ବୁର୍‌ଧା ଚନ୍ଦ୍ରାକଁର ପାସେ ଅଛନ୍। ଥାନୀୟ ସରପଁଚ୍ ପଦ୍ମାଳୟା ନାଗକୁଁ ବୁର୍‌ଧା ଚନ୍ଦ୍ରା ଗୁହାରୀ କରିଥିଲେ ବି ନିରାଶ ହେବାକେ ପଡିଥିଲା। ପଛେ ଚନ୍ଦ୍ରା ତାକର ପାସ୍‌ପଡିସା ଲୁକ୍‌କର ସଂଗେ ସୋମବାର ତହସିଲ ଅଫିସକେ ଯାଇ ଘର୍‌ଭଂଗା ସାହାଯ୍ ଲାଗି ଗୁହାରୀ କରିଛନ୍। ଇ ଘଟ୍‌ନା ଉପ୍‌ରେ ଥାନୀୟ ବିଡିଓ ଆର୍ ଜିଲାପାଲ ଦୁରୁଷ୍ଟି ଦେଇ ପରିବାରକେ ସରକାରୀ ସାହାଯ୍ ଯୁଗେଇ ଦେବାକେ ପଡାବାସୀ ଦାବି କରିଛନ୍।

**ଲୋଇସିଂହା ବ୍ଲକ୍**

- ୮ ପିଲାଛୁଆକୁ ଛାଡି ଆପ୍‌ନେ ଆରପାରକେ ଚାଲିଯାଇଛନ୍
- ବିଧବା ଭତା, ଖାଏଦ୍ ସୁରକ୍ଷା ଯୋଜ୍‌ନାରୁ ବାଦ୍ ପଡିଛନ୍ ସୁମିତ୍ରା
- ଝରି ବର୍‌ଷାରେ ଘର୍ ଭାଂଗି ଗଲା, ମୁଡ୍ ଗୁଁଜ୍‌ବାକେ ଜାଗା ନାଇଁ

**ସଂକ୍ଷେପରେ**

## ମା'ଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ ପାଇଁ ମାଟି ପୂଜା

**ଭବାନୀପାଟଣା,୫।୯(ଡି.ଏନ.ଏ.)-** ଦୁର୍ଗାପୂଜା ପାଇଁ ମା'ଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ ନିମନ୍ତେ ମାଟି ସଂଗ୍ରହ ପୂଜା ଭବାନୀପାଟଣା ସହରସ୍ଥିତ ପ୍ରଦେଶୀପଡା ପଦୁର୍ଗାପୂଜା କମିଟି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । କବିତା ମୁଣ୍ଡ ଓ ଦେବେନ୍ଦ୍ର କୁମାର ମୁଣ୍ଡ କର୍ତ୍ତା ଭାବେ କାର୍ଯ୍ୟ କରିଥିଲେ। ପଣ୍ଡିତ ଲକ୍ଷ୍ମୀଧର ମହାପାତ୍ର, ଗଣେଶ ଦାଶ, ଗୋଲକ ଯୋଷୀ, ରଞ୍ଜନ ପରମଗୁରୁ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ପୂଜା କମିଟି ସଭାପତି ଜଗଦିଶ ମଣ୍ଡଳ, ସମ୍ପାଦକ ଇନ୍ଦୁ ପାଣିଗ୍ରାହୀ ପ୍ରମୁଖ ସଭ୍ୟାସଭ୍ୟ ଏକ ଶୋଭାଯାତ୍ରାରେ ବାଲାଜୀ ମନ୍ଦିରଠାରୁ ବାହାରି ବାଣିବଗାର ନିକଟକୁ ଯାଇ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା ସହ ମୃତ୍ତିକା ଆବାହନ କରିଥିଲେ । ସେଠାରୁ ପୂଜା ମାଟି ଏକ ଶୋଭାଯାତ୍ରାରେ ବାଲାଜୀ ମନ୍ଦିରକୁ ଅଣାଯାଇଥିଲା ।

## ଗୁରୁଦିବସ, ସବୁଜ ସୁନ୍ଦର ଅଭିଯାନ

**ଭବାନୀପାଟଣା,୫।୯(ଡି.ଏନ.ଏ.)-** କର୍ଲାପଡାସ୍ଥିତ ବିମ୍ବାଧର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ବାହାଦୁର ସାଗରଙ୍କ ଅଧକ୍ଷତାରେ ଛାତ୍ରୀଛାତ୍ରମାନେ ମଧରେ ବକ୍ତୃତା ପ୍ରତିଯୋଗୀତା ହୋଇଥିଲା। ପରେ ସ୍ୱଚ୍ଛତା ପକ୍ଷ ପାଳନରେ ସବୁଜ ସୁନ୍ଦର ଅଭିଯାନ ଛାତ୍ରୀଛାତ୍ରଙ୍କୁ ନେଇ କରାଯାଇଥିଲା। ଏଥିରେ ବରିଷ୍ଠ ଶିକ୍ଷକ ସୁବଳ ଚନ୍ଦ୍ର ପ୍ରଧାନ ମଞ୍ଚ ପରିଚାଳନା ଏବଂ ଖେଳ ଶିକ୍ଷକ ନିର୍ମଳ ଚନ୍ଦ୍ର ପ୍ରଧାନ ସବୁଜ ସୁନ୍ଦର ଅଭିଯାନ ଛାତ୍ରୀଛାତ୍ରଙ୍କୁ ନେଇ କରାଇଥିଲେ । କମ୍ପ୍ୟୁଟର ଶିକ୍ଷକ ତରୁଣ କୁମାର ମହାରଣା, ଶିକ୍ଷୟିତ୍ରୀ ସ୍ୱାପ୍ନାସେଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ୟୁରିଆ ସାରର ଅଭାବୀ ବିକ୍ରି

**କର୍ଲାମୁଣ୍ଡା/ରିଷିଡ଼ା, ୫।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଏବେ ୟୁରିଆ ସାର ଅଭାବ ଦେଖାଦେଇଛି। ଫଳରେ ଚାଷୀମାନେ ହଇରାଣର ଶିକାର ହେଉଛନ୍ତି। ଏହାର ସୁଯୋଗରେ ଏହି ଅଞ୍ଚଳରେ କିଛି ଅସାଧୁ ବ୍ୟବସାୟୀ ୟୁରିଆସାର ବସ୍ତା ପିଛା (୪୫ କେଜି) ୩୫୦ ରୁ ୪୨୦ ଟଙ୍କାରେ ବିକ୍ରୟ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ୟୁରିଆସାରର ସରକାରୀ ମୂଲ୍ୟ ୨୬୭ ଟଙ୍କା ରହିଥିବା ବେଳେ ଆବଶ୍ୟକ ମୁତାବକ ସାର ମିଳୁ ନ ଥିବାରୁ ଚାଷୀମାନେ ଶୋଷଣର ଶିକାର ହେଉଛନ୍ତି। ଅନ୍ୟପଟେ ସମବାୟ ସମିତି ଗୁଡିକରେ ସାର ନ ଥିବାରୁ ଏଭଳି ସମସ୍ୟା ଉପୁଜୁଥିବା ଜଣାପଡିଛି। ଏ ନେଇ ଜିଲା କୃଷି ଉପନିର୍ଦ୍ଦେଶକଙ୍କୁ ଫୋନ ଯୋଗେ ପଚାରିବାକୁ ଚେଷ୍ଟା କରାଯାଇଥିଲା। କିନ୍ତୁ ସେ ଫୋନ ଉଠାଉ ନ ଥିବାରୁ ତାଙ୍କ ମତାମତ ନିଆଯାଇପାରୁ ନାହିଁ। କର୍ଲାମୁଣ୍ଡା ସମବାୟ ସମିତି ସମ୍ପାଦକ ସୁରେଶ ସାହୁଙ୍କୁ ପଚାରିବାରୁ ମଙ୍ଗଳବାର ଆମ ପାଖକୁ ୩୩୫ ବସ୍ତା ୟୁରିଆସାର ଆସିଥିଲେ ହେଁ ବୁଧବାର ସନ୍ଧ୍ୟାରେ ଏହାର ଡେସପାଚ୍ ନମ୍ବର ଆସିଥିବାରୁ ଗୁରୁବାର ଚାଷୀମାନଙ୍କୁ ୟୁରିଆସାର ବଣ୍ଟନ କରାଯିବ ବୋଲି କହିଛନ୍ତି। ଅନ୍ୟପଟେ କର୍ଲାମୁଣ୍ଡା ସମବାୟ ସମିତିକୁ ୨୨ ଖଣ୍ଡ ଗାଁ ନିର୍ଭର କରୁଥିବା ବେଳେ ମାତ୍ର ୩୫୦ ବସ୍ତା ୟୁରିଆସାର ଚାଷୀ ମାନଙ୍କୁ ନିଅଣ୍ଟ ହେବ ଓ ଚାଷୀ ମାନେ ବାଧ ହୋଇ ଚଢାଦରରେ ଦଲାଲ ମାନଙ୍କଠାରୁ କିଣିବେ ବୋଲି ଚାଷୀ ବସୁଦେବ ସାହୁ ପ୍ରକାଶ କରିଛନ୍ତି।



ରିଷିଡା ପ୍ରାଥମିକ ସେବା ସମବାୟ ସମିତି ଲିଃ ତରଫରୁ ସାର ଯୋଗାଇବା ଲାଗି ଟୋକନ୍ ନେବା ପାଇଁ ଚାଷୀଙ୍କ ଭିଡ ।

### ରିଷିଡାରେ ସାର ପାଇଁ ଚାଷୀଙ୍କ ଲମ୍ବା ଧାଡି

କର୍ଲାମୁଣ୍ଡା ବ୍ଲକ ରିଷିଡାରେ ବେସରକାରୀ ଦୋକାନରେ ୟୁରିଆ ସାର ୪୫ କିଗ୍ରା. ପ୍ରତି ୫ଶହରୁ ୬ଶହ ଟଙ୍କାରେ ବିକ୍ରି ହେଉଥିବାରୁ ଚାଷୀ ମୁଣ୍ଡରେ ଚଡକ ପଡିଛି । ଅନ୍ୟପକ୍ଷରେ ସ୍ଥାନୀୟ ପ୍ରାଥମିକ ସେବା ସମବାୟରେ ବୁଧବାର ଚାଷୀମାନେ ସରକାରୀ ଧାର୍ଯ୍ୟ ଦରରେ ସାର ପାଇବା ପାଇଁ ଲମ୍ବା ଧାଡି ଲାଗିଥିଲା । ସମ୍ପ୍ରତି ସରକାରୀ ୟୁରିଆ ସାର ୪୫ କିଗ୍ରା ପ୍ରତି ୨୮୦ ଟଙ୍କା ରହିଥିବା ବେଳେ କଳାବଜାରି ବେପାରୀମାନେ ଚାଷୀଙ୍କୁ ଅଧିକ ଶୋଷଣ କରୁଛନ୍ତି । ମଙ୍ଗଳବାର ସନ୍ଧ୍ୟାରେ ଜଣେ ବେପାରୀ ବସ୍ତା ପ୍ରତି ୫ଶହ ଟଙ୍କାରେ ଗୋଟିଏ ଟ୍ରକ ସାର ବିକ୍ରି କରିଥିବା ଜଣାପଡିଛି। ବ୍ଲକ ଯୋଗାଣ ବିଭାଗ ତରଫରୁ ଧରପଗଡ କରିବା ପାଇଁ ଦାବି ହେଉଛି ।

### କେସିଙ୍ଗା ବ୍ଲକରେ ଚଢ଼ା ଦରରେ ୟୁରିଆ ସାର ବିକ୍ରି

**କେସିଙ୍ଗା, (ଡି.ଏନ.ଏ.)–** କେସିଙ୍ଗା ବ୍ଲକରେ ଚଳିତବର୍ଷ ଭଲ ବର୍ଷା ହୋଇଥିବାରୁ ଧାନ, କପା ଚାଷ ହୋଇଛି । ସମୟ ଅନୁପାତରେ ଧାନ ଓ କପା ହୁଡାରେ ୟୁରିଆ ସାରର ନିତାନ୍ତ ଦରକାର ପଡୁଛି । ଗ୍ରାମାଞ୍ଚଳ ଚାଷୀଙ୍କୁ କେତେକ ଅସାଧୁ ସାର ବ୍ୟବସାୟୀମାନେ ୫୦ କେଜି ୟୁରିଆ ପ୍ରତି ୫ଶହଠାରୁ ୬ଶହ ଟଙ୍କା ଲେଖାଏଁ ଚଢ଼ା ଦରରେ ବିକ୍ରି କରୁଛନ୍ତି । ଯାହା ସରକାରୀ ଧାର୍ଯ୍ୟ ମୂଲ୍ୟ ୨୯୫ ଟଙ୍କାରେ ବିକ୍ରି କରିବା କଥା । ଅଗଷ୍ଟରେ କାଁଭାଁ ୟୁରିଆ ସାର ମିଳିଥିଲା । କିନ୍ତୁ ଚଳିତ ମାସ ୫ ତାରିଖରେ କେସିଙ୍ଗା ପ୍ରାଥମିକ କୃଷି ସମବାୟ ସମିତି ଘରୋଇ ସାର ଦୋକାନରେ ୟୁରିଆ ସାର ବିକ୍ରି କରୁଥିବାରୁ ସାର ଦୋକାନରେ ଚାଷୀଙ୍କ ଭିଡ ଜମୁଛି । କେସିଙ୍ଗା ସହରସ୍ଥିତ ପୋଷ୍ଟ ଅଫିସ ନିକଟରେ ଥିବା ଏକ ଘରୋଇ ଦୋକାନରେ ୫୦ କେଜି ୟୁରିଆ ସାର ପ୍ରତି ୨୯୫ ଟଙ୍କା ଦରରେ ଜଣେ ଚାଷୀଙ୍କୁ ଦିଆଯାଉଛି । ସମଗ୍ର କେସିଙ୍ଗା ବ୍ଲକରେ ୯ ହଜାର ହେକ୍ଟରରେ ଧାନ ଓ ୯ ହଜାର ହେକ୍ଟରରେ କପା ଚାଷ ହୋଇଛି । ସମଗ୍ର ଅଞ୍ଚଳରେ ଭଲ ବର୍ଷା ହୋଇଥିବାରୁ ୟୁରିଆ ବହୁ ଚାହିଦା ରହିଛି । ୟୁରିଆ ସାର ୫୦ କେଜିଆ ଓ ୪୫ କେଜିଆ ପ୍ୟାକେଟ ବଜାରରେ ବିକ୍ରି କରାଯାଉଛି । ଚଢ଼ା ଦରରେ ୟୁରିଆ ସାର ବିକ୍ରି ହେଉଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀମାନେ ଜାଣିଶୁଣି ନିରବ ରହୁଛନ୍ତି । ଏ ନେଇ କେସିଙ୍ଗା ସରକାରୀ କୃଷି ଅଧିକାରୀ ବିଶ୍ୱନାଥ ମହାପାତ୍ରଙ୍କ ପଚାରିବାରୁ ମୋ ପାଖରେ କୌଣସି ଅଭିଯୋଗ ହୋଇ ନାହିଁ ବୋଲି ପ୍ରକାଶ କରିଥିଲେ ।

ଡାକ୍ତରଙ୍କୁ ଗାଳି ଗୁଲଜ ସହ ମାରପିଟ ଘଟଣା

# ଏନ୍ଏସି ଉପାଧ୍ୟକ୍ଷଙ୍କ ସମେତ ୮ଜଣଙ୍କ ନାଁରେ ମାମଲା ରୁଜୁ

**ଖଡିଆଳ,୫।୯ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ସରକାରୀ ଡାକ୍ତରଖାନାରେ କାର୍ଯ୍ୟରତ ସ୍ତ୍ରୀ ଓ ପ୍ରସୁତି ରୋଗ ଡା. ଦିନବନ୍ଧୁ ମହାନନ୍ଦଙ୍କୁ ମାରପିଟ ଏବଂ ଗାଳିଗୁଲଜ କରାଯାଇଛି। ଏହି ଘଟଣାର ମେଡିକାଲ ରିପୋର୍ଟକୁ ନେଇ ଏନଏସି ଉପାଧକ୍ଷଙ୍କ ସମେତ ୮ଜଣଙ୍କ ନାଁରେ ଖଡିଆଳରେ ଥାନାରେ ସମ୍ପୃକ୍ତ ଡାକ୍ତର ଅଭିଯୋଗ କରିଛନ୍ତି । ଡା. ମାହାନନ୍ଦ ଅଭିଯୋଗକୁ ଭିତ୍ତିକରି ଖଡିଆଳ ଥାନାରେ ଏକ ମାମଲା (ନଂ. ୧୮୩/୧୮) ରୁଜୁ ହୋଇଛି । ଉକ୍ତ ଘଟଣାର ତଦନ୍ତ ଜାରି ରଖିଥିବା ତଦନ୍ତ ଅଧିକାରୀ ଆଦିତ୍ୟ ମହାକୁଡ ପ୍ରକାଶ କରିଥିବା ବେଳେ ବର୍ତ୍ତମାନ କାହାରିଙ୍କୁ ଗିରଫ କରାଯାଇ ନହିଁ।

ଅଭିଯୋଗ ଅନୁସାରେ ଗତ ୩ ତାରିଖ ଅପରାହ୍ନ ୩ଟାରେ ସରକାରୀ ବାସ ଭବନରେ ଡା. ଦିନବନ୍ଧୁ ଥିବା ବେଳେ ଖଡିଆଳ ସହରର ଗାନ୍ଧୀ ନଗରରେ ଗତ ୨ ତାରିଖରେ ହୋଇଥିବା ମାରପିଟ ଘଟଣାରେ ଜଣେ ବ୍ୟକ୍ତିଙ୍କୁ ଦେଇଥିବା ମେଡିକାଲ ରିପୋର୍ଟକୁ ନେଇ ଏନଏସି ଉପାଧକ୍ଷ ଛବିଳା ଦୀପଙ୍କ ସମେତ ୮ଜଣ ଆସିଥିଲେ । ଗାନ୍ଧୀନଗରର ପ୍ରଦ୍ୟୁମ୍ନ ତାଣ୍ଡି, ମନୋଜ କୁମାର, ଲାଜ ଦୀପ, ନିର୍ମଳ ତାଣ୍ଡି, ଖିରମଣି ତାଣ୍ଡି, କାନ୍ତି କୁମାର ଓ ସଙ୍ଗୀତା ସୁନା ଦଳଗତ ଭାବେ ଆସି ଡା. ମହାନନ୍ଦଙ୍କୁ ଗାଳିଗୁଲଜ କରିବା ସହ ଚପଲରେ ମାଡ ମାରିବା ଧମକ ଦେଇଥିଲେ । ସେହି ଦିନ ରାତିରେ ମୋବାଇଲ ନଂ. ୭୦୦୧୧୩୦୦୧ରେ ମଧ ଧମକ ଦେଇଥିବା ଦେଇଥିଲେ। ଏ ନେଇ ଜିଲା ମୁଖ୍ୟଚିକିତ୍ସା ଅଧିକାରୀଙ୍କୁ ଜଣାଇବା ପରେ ଡା. ମହାନନ୍ଦ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି । ଅପରପକ୍ଷରେ ଉକ୍ତ ଅଭିଯୋଗକୁ ଉପାଧକ୍ଷ ଦୀପ ଖଣ୍ଡନ କରିବା ସହ ଭିତ୍ତିହୀନ । ନା ଆମେ ଡାକ୍ତରଙ୍କୁ ଗାଳିଗୁଲଜ କରିଛୁ ନା ମାଡ ମାରିବା ଧମକ ଦେଇଛୁ । କେବଳ ମାରପିଟ ଘଟଣାରେ ଜଣେ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ପରେ ମିଶନ ହସ୍ପିଟାଲରେ ଚିକିତ୍ସିତ ହେଉଥିବାରୁ କେବଳ ସାଧାରଣ ଆହତ ହୋଇଥିବା କେମିତି ରିପୋର୍ଟ ଦିଆଯାଇଛି ବୋଲି ପଚାରିଥିଲୁ ବୋଲି କହିଛନ୍ତି ।

କଳାହାଣ୍ଡି ଭେଷଜ ମହାବିଦ୍ୟାଳୟ

# ପ୍ରତିଷ୍ଠାରେ ବିଳମ୍ବ ନେଇ ଅସନ୍ତୋଷ

**ଭବାନୀପାଟଣା,୫।୯(ଡି.ଏନ.ଏ.)**

କଳାହାଣ୍ଡି ଭେଷଜ ମହାବିଦ୍ୟାଳୟ ପ୍ରତିଷ୍ଠାରେ ଅହେତୁକ ବିଳମ୍ବ ହେଉଛି। ଏହାକୁ ନେଇ ଶିକ୍ଷା ବିକାଶ ପରିଷଦ କଳାହାଣ୍ଡି ତରଫରୁ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ଏକ ଜରୁରୀ ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ କ୍ଷୋଭ ପ୍ରକାଶ କରିଛନ୍ତି । ଏହା ସହିତ ରାଜ୍ୟ ସରକାରଙ୍କ ଅହେତୁକ ବିଳମ୍ବ ପାଇଁ ଅସନ୍ତୋଷ ପ୍ରକାଶ କରାଯାଇ ଆଗାମୀ ଦିନରେ ଏକ ବଡ ଧରଣ ଜନ ଅନ୍ଦୋଳନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଶିକ୍ଷା ବିକାଶ ପରିଷଦ ଅଧ୍ୟକ୍ଷ ପ୍ରଫେସର ଗୋପବନ୍ଧୁ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକ ଆରମ୍ଭରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ବିୟୋଗରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କଳାହାଣ୍ଡି ଜିଲାରେ ଭେଷଜ ମହାବିଦ୍ୟାଳୟ ପ୍ରତିଷ୍ଠା, କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ, ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟରେ ପରିଣତ କରିବା, ମହିଳା ମହାବିଦ୍ୟାଳୟରେ ବିଜ୍ଞାନ ପାଠ୍ୟକ୍ରମ ଖୋଲିବା ଆଦି ଉପରେ ଆଲୋଚନା ହୋଇଥିଲା ।

ଗତ ବିଧାନସଭା ନିର୍ବାଚନ ପୂର୍ବରୁ ସରକାର ପ୍ରତିଶ୍ରୁତି ଦେଇ ମୁଖ୍ୟମନ୍ତ୍ରୀ ଦ୍ୱାରା ଉଦ୍‌ଘାଟନ କରିଥିବା କଳାହାଣ୍ଡି ଭେଷଜ ମହାବିଦ୍ୟାଳୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ଉପରେ ଉପସ୍ଥିତ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ । ପରିଷଦ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ବାରମ୍ବାର କଳାହାଣ୍ଡି ଭେଷଜ ମହାବିଦ୍ୟାଳୟ ସମ୍ପର୍କରେ ଶିକ୍ଷା ବିକାଶ ପରିଷଦ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଥିଲେ ମଧ କୌଣସି ଉତ୍ତର ମିଳୁ ନ ଥିବା ହେତୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଶିକ୍ଷା ବିକାଶ ପରିଷଦ ଏହି ନିଷ୍ପତ୍ତିକୁ ଜନସାଧାରଣ ଅବଗତ ନିମନ୍ତେ ଏକ ପ୍ରଚାର ପତ୍ରିକା ମାଧମରେ ପ୍ରତେକ ପଞ୍ଚାୟତ ଓ ବିଭିନ୍ନ ଗ୍ରାମକୁ ଦିଆଯାଇ ପ୍ରସ୍ତାବ ଗ୍ରହଣ କରିବା ପାଇଁ ଅନୁରୋଧ କରାଯାଇଥିଲା । ଯଦି ରାଜ୍ୟ ସରକାର ତୁରନ୍ତ ଉପରୋକ୍ତ ଦାବିଗୁଡିକ କାର୍ଯ୍ୟକାରୀ ନ କରନ୍ତେ ଆଗାମୀ ଦିନରେ ପରିଷଦ ତରଫରୁ ଜିଲାରେ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏଥିରେ ସଭାପତି ପ୍ରଫେସର ବେହେରାଙ୍କ ସମେତ ପ୍ରଫେସର ଅକ୍ଷୟ ନନ୍ଦ, ପ୍ରଫେସର ରଜନିକାନ୍ତ ବେହେରା, ପ୍ରଫେସର ସୁର୍ଜିତ ସିଂହ, ବିଶିଷ୍ଟ ଆଇନଜୀବୀ ଜଗନ୍ନାଥ ମୁଣ୍ଡ, ଦେବେନ୍ଦ୍ର କୁମାର ପ୍ରଧାନ, କୃଷ୍ଣାବତାର ଦେଓ, ମହେଶ୍ୱରୀ ଦାଶ, ବିଶିଷ୍ଟ ଶିକ୍ଷାବିତ ତ୍ରିଲୋଚନ ସିଂହ, ଆଇନଜୀବି ବିଶ୍ୱନାଥ କର ପ୍ରମୁଖ ଉପସ୍ଥିତ ରହିଥିଲେ।


ମୂଷାପାଲି ଗାଁରେ ବ୍ଲକ ଅଧ୍ୟକ୍ଷ ଚାରାରୋପଣ କରୁଛନ୍ତି ।

# ବିଜୁ ଯୁବ ବାହିନୀର ଜୀବନ ବିନ୍ଦୁ କାର୍ଯ୍ୟକ୍ରମ

**ନୂଆପଡା ଅଫିସ,୫।୯**

ସ୍ଥାନୀୟ କୋମନା ବ୍ଲକ କାର୍ଯ୍ୟାଳୟ ପରିସରରେ ବିଜୁ ଯୁବ ବାହିନୀ ତରଫରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ କୋମନା ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର ସଭାପତିତ୍ୱ କରିଥିବାବେଳେ ପୂର୍ବତନ ବିଧାୟକ ତଥା ଜିଲା ବିଜୁ ଜନତା ଦଳ ସଭାପତି ରାଜେନ୍ଦ୍ର ଢୋଲକିଆ ମୁଖ୍ୟଅତିଥି, ବ୍ଲକ ଉପାଧ୍ୟକ୍ଷଙ୍କ ପ୍ରତିନିଧି କାଳିଆ ପ୍ରଧାନ, ଦୁର୍ଯ୍ୟୋଧନ ପ୍ରଧାନ, ବିରେନ୍ଦ୍ର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ବିଜୁ ଯୁବ ବାହିନୀର କର୍ମକର୍ତ୍ତାଙ୍କ ସହ ସ୍ଥାନୀୟ ଲୋକମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଏଥିରେ ମୋଟ ୫୮ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଏହା ପରେ ସ୍ଥାନୀୟ ମୂଷାପାଲି ଗାଁରେ ବିଜୁ ଯୁବ ବାହିନୀ ତରଫରୁ ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ବ୍ଲକ ଅଧ୍ୟକ୍ଷ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ବହୁ ମୂଲ୍ୟବାନ ଗଛର ଚାରା ରୋପଣ କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକ ତଥା ବହୁ ଜିଲାସ୍ତରୀୟ ବିଜେଡି କର୍ମକର୍ତ୍ତା ଯୋଗଦେଇଥିଲେ ।

**ମୂଷାପାଲିରେ ବୃକ୍ଷରୋପଣ**

କୋମନା ବ୍ଲକ କାର୍ଯ୍ୟାଳୟ ଗୃହ ପ୍ରବେଶ ହେଲା

# ନୂତନ କାର୍ଯ୍ୟାଳୟରେ କାମ ଚାଲିବ

**ନୂଆପଡା ଅଫିସ,୫।୯**

ନୂଆପଡ଼ା ଜିଲା କୋମନା ବ୍ଲକ ନୂତନ ବ୍ଲକ କାର୍ଯ୍ୟାଳୟ ଗୃହ ପ୍ରବେଶ ହର୍ଷ ଉଲ୍ଲାସରେ ହୋଇଥିବାବେଳେ ବିଡିଓ ଏବଂ ବ୍ଲକ ଅଧ୍ୟକ୍ଷ ଯୋଗଦେଇ ଆନୁଷ୍ଠାନିକ ଭାବେ ପୂଜାପାଠ ପରେ ଶୁଭାରମ୍ଭ କରାଯାଇଥିଲା। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ସ୍ଥାନୀୟ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଉପେକ୍ଷା କରାଯାଇଥିବା ପ୍ରତିନିଧିମାନେ ଅଭିଯୋଗ କରିଛନ୍ତି । ବୁଧବାର ପୂର୍ବାହ୍ନରେ କାର୍ଯ୍ୟକ୍ରମ ପାରମ୍ପରିକ ରୀତିରେ ଆରମ୍ଭ ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର ପୌରୋହିତ୍ୟ କରିଥିବାବେଳେ ବିଡିଓ ଦାୟିତ୍ୱରେ ଥିବା ଏବିଡିଓ ଦେବାଶିଷ ସିହ୍ନାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ। ହୋମ ଏବଂ ଘୃତ ଯଜ୍ଞ ପରେ ଗୃହ ପ୍ରବେଶ କରାଯାଇଥିଲା । ସୂଚନାଯୋଗ୍ୟ ଯେ, କୋମନା ବସ୍ତି ମଧ୍ୟରେ ଆଜକୁ ବହୁ ବର୍ଷ ଧରି ବ୍ଲକ କାର୍ଯ୍ୟାଳୟ ରହିଥିବା ବେଳେ ବର୍ତ୍ତମାନ ଏହାକୁ କୋମନାରୁ ଖଡିଆଳ ରାସ୍ତାରେ ବିଜା ଖମନ ନିକଟକୁ ସ୍ଥାନାନ୍ତର କରାଯାଇଛି । ବୁଧବାର ଗୃହ ପ୍ରବେଶ ଦିନର କାର୍ଯ୍ୟକ୍ରମରେ ବ୍ଲକ ପ୍ରଶାସନ ଜନପ୍ରତିନିଧିମାନଙ୍କୁ ଉପେକ୍ଷା କରାଯାଇଥିବା ଅଭିଯୋଗ ହୋଇଛି । ଏପରିକି ବର୍ତ୍ତମାନର ଏବିଡିଓ ଦେବାଶିଷ ସିହ୍ନା ନିଜକୁ ଏବିଡିଓ ବୋଲି ଭୁଲିଯାଇ ନାମ ଫଳକରେ ନିଜକୁ ବିଡିଓ ବୋଲି ଲେଖିଛନ୍ତି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହୋଇଛି। ଏ ସମ୍ପର୍କରେ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ରଙ୍କୁ ପଚାରିବାରେ ଆଗରୁ ଏହାକୁ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସ ଜରିଆରେ ଉଦ୍‌ଘାଟନ କରିସାରିଥିଲେ। ଏହାକୁ କେବଳ ବୁଧବାର ଗୃହ ପ୍ରବେଶ କରାଗଲା । ଏଥିପାଇଁ କେବଳ ଏକ ହୋମ କରାଯାଇଥିଲା । ନାମ ଫଳକରେ କ'ଣ ଲେଖାଯାଇଛି ସେ ଧ୍ୟାନ ଦେଇନାହାନ୍ତି । ଯଦି ଲେଖିବାରେ ଭୁଲ ହୋଇଥାଏ ତେବେ ଏହାକୁ ସୁଧାରି ଲେଖାଯିବ ବୋଲି କହିଛନ୍ତି ।


ବ୍ଲକ କାର୍ଯ୍ୟାଳୟ ଗୃହ ପ୍ରବେଶ ଉପଲକ୍ଷେ ହୋମ କରାଯାଉଛି ।

# ବିଭିନ୍ନ ସ୍ଥାନରେ ଗୁରୁ ଦିବସ ପାଳିତ

**ଜୁନାଗଡ, ୫।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହର ଭାରତୀୟ ବିଦ୍ୟାନିକେତନରେ ବୁଧବାର ଗୁରୁ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ଗୁରୁମା/ଗୁରଜୀ ଓ ଅଭିଭାବକମାନେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନତ କୁମାର ଯୋଷୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ କୈଳାସ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ରାଧେଶ୍ୟାମ ପଣ୍ଡା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥି ଗୁରୁ ଶିଷ୍ୟର ପରମ୍ପରା ଉପରେ କହିବା ସହ ଆଜିର ଛାତ୍ର ଜୀବନର କର୍ତ୍ତବ୍ୟ ଉପରେ ଦିଗ ଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମରେ ଶୁଭେନ୍ଦୁ ତ୍ରିପାଠି ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଗୁରୁଜୀ/ଗୁରୁମା ସହଯୋଗ କରିଥିଲେ।

**ପଲମ, (ଡି.ଏନ.ଏ.)–** ନର୍ଲା ବ୍ଲକ୍ ଅଧୀନ ପଲମ ପଞ୍ଚାୟତସ୍ଥିତ ପଲମ ଗ୍ରାମ ବ୍ରିଜ ଅଫ୍ ହୋପ୍‌ଠାରେ ବୁଧବାର ଗୁରୁ ଦିବସ ପାଳିତ ହୋଇଯାଇଛି । ବିଭିନ୍ନ ଖେଳ, ନାଚ ଓ ଗୀତ ମାଧମରେ ଛାତ୍ରଛାତ୍ରୀମାନେ ଗୁରୁ ଦିବସ ପାଳନ କରିଥିଲେ । ଛାତ୍ରୀଛାତ୍ରମାନେ ଗୁରୁମାନଙ୍କୁ ସମ୍ମାନ, ଭକ୍ତି, ପ୍ରେମରେ ଉପହାର ସବୁ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଈଶ୍ୱର ଦାଶ ବାଗ, ଅନୁଷ୍ଠାନ କୋର୍ଡିନେଟର ଦାନିଏଲ ନନ୍ଦ, ଚନ୍ଦ୍ରଶେଖର କୁମ୍ଭାର ଓ ନାଥନ କରାଡ ଉପସ୍ଥିତ ଥିଲେ । ଗୁରୁ ଦିବସରେ ୨ଜଣ ଶିକ୍ଷକ କୁଳମଣି ଭୋଇ, ନୀଳକଣ୍ଠ ସାହୁ ଏବଂ ୨ଜଣ ସହଯୋଗୀ ସୁଦର୍ଶନ ସାହୁ, ଧନମତ ସାହୁଙ୍କୁ ସମ୍ମାନିତ କରାଯାଇଛି । ଗୁରୁ ପରମ୍ପରାକୁ କଳୁଷିତ ନ କରି ଏକ ଉତ୍ତମ ଗୁରୁ ସମାଜ ସୃଷ୍ଟି କରିବା ପାଇଁ ମୁଖ୍ୟଅତିଥି ଆହ୍ୱାନ ଦେଇଥିଲେ ।

**ରିଷିଡ଼ା, (ଡି.ଏନ.ଏ.)–** କର୍ଲାମୁଣ୍ଡା ବ୍ଲକ ବିଭିନ୍ନ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟରେ ବୁଧବାର ଗୁରୁଦିବସ ପାଳିତ ହୋଇଯାଇଛି । ରିଷିଡାସ୍ଥିତ ବାପୁଜୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଉତ୍ସବରେ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ପଧାନ, ସଂସ୍କୃତ ଶିକ୍ଷକ କୈଳାଶ ଚନ୍ଦ୍ର କର, ଶିକ୍ଷୟିତ୍ରୀ କଳ୍ପନା ବିଶାଳ, ବିଜ୍ଞାନ ଶିକ୍ଷକ ସୁଶାନ୍ତ କୁମାର ଦୀପ ପ୍ରମୁଖ ଯୋଗଦେଇ ଗୁରୁ ଦିବସର ମହତ୍ତ୍ୱ ଓ ପୂର୍ବତନ ରାଷ୍ଟ୍ରପତି ଡ. ସାର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୀବନ ଚରିତ ଉପରେ ଛାତ୍ରୀଛାତ୍ରଙ୍କୁ ଦିଗଦର୍ଶନ ଦେଇଥିଲେ ।

**ବୋଡେନ, (ଡି.ଏନ.ଏ.)–** ନୂଆପଡା ଜିଲା ବୋଡେନ ଗୋଷ୍ଠୀ ଶିକ୍ଷା ପ୍ରାଙ୍ଗଣରେ କେରାପଦର ଦ୍ୱାରଶନୀ ହାଇସ୍କୁଲଠାରେ ବ୍ଲକସ୍ତରୀୟ ଗୁରୁ ଦିବସ ବୁଧବାର ପାଳିତ ହୋଇଯାଇଛି । ଏହି ଦିବସରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରେମଶିଳା ନାଗ, ସମ୍ମାନିତ ଅତିଥି ବୋଡେନ ବିଡିଓ ମନୋଜ ମହାନ୍ତି, ଗିତାଶ୍ରୀ ପାଣିଗ୍ରାହୀ, ପ୍ରଧାନ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ । ବୋଡେନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଇନ୍ଦ୍ରମଣି ପାଣିଗ୍ରାହି ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ସେଥିମଧ୍ୟରୁ ଅବସର ପ୍ରାପ୍ତଶିକ୍ଷକ ସନାତନ ପଣ୍ଡା ରାଧାକାନ୍ତ ଯୋଷି, ଗୌରି ଶଙ୍କର ସାବତ, ଉଞ୍ଜ ରଞ୍ଜନ ହରିଜନ, ମହେନ୍ଦ୍ର କୁମାର ପତି, ଉଜଲ ହରିଜନ, କୁମର ମାଝି, ନକୁଳି ଚରଣ ସାହୁ, ରାଜା ରାମ କଟା, ଜଙ୍ଗେଶ ଖମାରୀ, ମଦନ ମୋହନ ପ୍ରଧାନୀ, ବିଦ୍ୟା ସାଗର ବେହେରା ପ୍ରମୁଖ ସମସ୍ତେ ଉପସ୍ଥିତ ଥିଲେ । ମହାବୀର ଯୋଷୀ ଧନ୍ୟବାଦ ଅର୍ପଣ ଦେଇଥିଲେ । ଲିଟିସର୍ଗି ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ଗୁରୁ ଦିବସ ପାଳନ ହୋଇଯାଇଛି । ଏଥିରେ ଅବସର ପ୍ରାପ୍ତ ଶିକ୍ଷକ ଶିବ ପ୍ରସାଦ ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ। ଏହି ଅବସରରେ ଗୁରୁଙ୍କୁ ପୁଷ୍ପମାଲ୍ୟ ଅର୍ପଣ ଗୁରୁଙ୍କୁ ପୂଜନ କରାଯାଇଥିଲା । ସେହିଭଳି ବୋଡେନ ବ୍ଲକ ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ଗୁରୁ ଦିବସ ପାଳନ ହୋଇଛି ।

# ସମାଜର ପ୍ରାଣ ପ୍ରତିଷ୍ଠାତା ଗୁରୁମାନେ ସର୍ବାଗ୍ରେ ପୂଜନୀୟ

**ନୂଆପଡା ଅଫିସ,୫।୯**

ଗୁରୁମାନେ ଯୁଗେ ଯୁଗେ ପୂଜା ପାଇଆସୁଛନ୍ତି । ଗୁରୁବିନା ଶିଷ୍ୟଙ୍କ କୌଣସି ସତା ନାହିଁ । ସମାଜର ଯେ କୌଣସି କ୍ଷେତ୍ରରେ ଗୁରୁ ଏବଂ ବିଦ୍ୟା ଶିକ୍ଷା ପରିପୂରକ ହୋଇ ରହିଛି । ସେମାନେ ସମାଜର ପ୍ରାଣପ୍ରତିଷ୍ଠାତା ବୋଲି ଯୁଗେ ଯୁଗେ ପୂଜନୀୟ ବୋଲି ମତ ପ୍ରକାଶ ପାଇଛି । ବୁଧବାର ଗୁରୁଦିବସ ଅବସରରେ ଯୋଗଦେଇ ଅତିଥିମାନେ ଏହା କହିଛନ୍ତି । ସ୍ଥାନୀୟ କଣାଭର୍ଏାଁ ହାଇସ୍କୁଲ ଟାନୱାଟରେ ନୂଆପଡା ବ୍ଲକସ୍ତରୀୟ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ସଂଘ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିନୋଦ କୁମାର ପାଢୀ ସଭାପତିତ୍ୱ କରିଥିବାବେଳେ ସଂଘ ବରିଷ୍ଠ କର୍ମକର୍ତ୍ତା ରାଧେଶ୍ୟାମ ସାହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ଗୁରୁ ପୂଜନ ଉତ୍ସବ ହୋଇଥିଲା । ଏହି ଅବସରରେ ବ୍ଲକର ବିଭିନ୍ନ ପ୍ରାନ୍ତରୁ ହାଇସ୍କୁଲ ଗୁଡିକରୁ ବହୁ ସଂଖ୍ୟାରେ ଶିକ୍ଷକମାନେ ଯୋଗଦେଇଥିଲେ । ସେମାନଙ୍କୁ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ପୂଜନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ ଶିକ୍ଷକମାନେ ନିଜର ଅନୁଭୂତି ବଖାଣିଥିବାବେଳେ କେତେଜଣ ଛାତ୍ର ନେତା ଶିକ୍ଷକମାନଙ୍କ କାର୍ଯ୍ୟ ଦକ୍ଷତା, ଗୁରୁଭକ୍ତି ସମ୍ପର୍କରେ ବିଭିନ୍ନ ଉଦାହରଣ ଦେଇ ଉପସ୍ଥାପନା କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକର ଏହି ବର୍ଷ ଅବସର ନେଇଥିବା ମୋଟ ୭ଜଣ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ । ସେମାନେ ହେଲେ ଟିକସଲାଲ ସାହୁ, ସନ୍ତୋଷ କୁମାର ପାତ୍ର, ସରୋଜ ପାଢୀ, ଅଭିମନ୍ୟୁ ସାହୁ, ଅଖିଳେଶ୍ୱର ଶାସ୍ତ୍ରୀ, ବାସନ୍ତିଲତା ରାୟ, ତୁନୁ ମାଝି । ସେମାନଙ୍କୁ ସଂଘ ତରଫରୁ ଉପଢୌକନ ଏବଂ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦେଇଥିଲେ । ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକମାନେ ସେମାନଙ୍କ ଅନୁଭୂତି ଏବଂ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ବ୍ଲକରେ ଏହା ପ୍ରଥମ ଥର ପାଇଁ ଏହି କାର୍ଯ୍ୟକ୍ରମ ହାତକୁ ନେଇଥିବାରୁ ସମସ୍ତେ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବରିଷ୍ଠ ଶିକ୍ଷକ ପ୍ରଦୀପ ଭୋଇ, ସୁଶାନ୍ତ ଯୋଷୀ, ମହେଶ ପଟେଲ, ରାଜେଶ ସାହୁ, କୁଞ୍ଜ ବିହାରୀ ନାୟକ, ସୁଧୀର କୁମାର ଦିକ୍ଷୀତ, କୟକୃଷ୍ଣ ଭୋଇ, ଫାଲଗୁନି ସାହୁ, ଦିନେଶ ପଟେଲ, ରାଧାରମଣ ଯୋଷୀ, ଯୌବନ ସଲମା ପ୍ରମୁଖ ସହଯୋଗ କରିଥିଲେ । ଦେଓସିଂ ବଶ୍ୱାଲ ଧନ୍ୟବାଦ ଦେଇଥିଲେ ।

**ଗୁରୁଦିବସ ପାଳିତ**
- ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ସଂଘ
- ଅବସରପ୍ରାପ୍ତ ଶିକ୍ଷକଙ୍କୁ ପୂଜା କରାଗଲା


ଶିକ୍ଷକମାନଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା ଶିକ୍ଷକବୃନ୍ଦ ।



ଜୀବନରେ ଭୟ କରିବାର କିଛି ନାହିଁ। କେବଳ ଜୀବନକୁ ବୁଝିପାରିଲେ ଭୟ ଆପେ ଦୂର ହୋଇଯିବା।
- ମେରି କ୍ୟୁରୀ

## ସଂକ୍ଷେପରେ



### ମୋବାଇଲ ଦୋକାନରୁ ଚୋରି

**ଲେଫ୍ରିପଡା,୫।୯(ଡି.ଏନ.ଏ.)**- ସୁନ୍ଦରଗଡ ଜିଲା ଲେଫ୍ରିପଡା ତହସିଲ ଛକର ସୁବାସ ମୋବାଇଲ ଦୋକାନରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। କିଛି ଦୁର୍ବୃତ୍ତ ଆସି ଦୋକାନର ତାଲା କାଟି କମ୍ପ୍ୟୁଟର, ଇନଭୋର୍ଟର ସମେତ ଦୋକାନର ବିଭିନ୍ନ ସାମଗ୍ରୀ ଚୋରି କରି ନେଇଛନ୍ତି। ସୂଚନାଯୋଗ୍ୟ, ଦୋକାନ ମାଲିକ ସୁବାସ ନାଗବଂଶୀ ପ୍ରତ୍ୟେକ ଦିନ ଭଳି ସନ୍ଧ୍ୟାରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ରାତିରେ କିଛି ଦୁର୍ବୃତ୍ତ ଆସି ଦେକାନରୁ ଚୋରି କରିଥିବା ନେଇ ଲେଫ୍ରିପଡା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଲେଫ୍ରିପଡା ପୋଲିସ ଏବଂ ସାଇଣ୍ଟିଫିକ ଟିମ ମିଳିତ ଭାବେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଦୋକାନରେ ପୂର୍ବରୁ ତିନି ଥର ଚୋରି ହୋଇଥିବାବେଳେ ଏହା ଚତୁର୍ଥ ଥର ଚୋରି ହୋଇଥିବା ଜଣା ପଡିଛି। ଦୋକାନ ଚୋରି ଘଟଣାକୁ ନେଇ ଲେଫ୍ରିପଡା ଦୋକାନୀମାନଙ୍କ ମଧ୍ୟରେ ଏକ ପ୍ରକାର ଭୟ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ରାତିରେ ପୋଲିସ ପାଟ୍ରୋଲିଂକୁ କଡାକଡି ଭାବେ କରାଯିବା ସହ ଚୋରକୁ ଶୀଘ୍ର ଧରିବା ପାଇଁ ଦୋକାନୀମାନଙ୍କ ପକ୍ଷରୁ ପୋଲିସ ପ୍ରଶାସନକୁ ଦାବି କରାଯାଇଛି।

### ବଢୁଛି ହାତୀ ଉପଦ୍ରବ

**ବଡଗାଁ, ୫।୯(ଡି.ଏନ.ଏ.)**–ବଡଗାଁ ଫରେଷ୍ଟ ରେଞ୍ଜ ଅଞ୍ଚଳରେ ୬ମାସ ହେବ ଆଡ୍ଡା ଜମାଇଥିବା ହାତୀ ପଲ ଧାନ ଚାଷ ନଷ୍ଟ କରି ଚାଲିଛନ୍ତି। ମହାବୀର ପର୍ବତରେ ୩ଟି ଶାବକ ଓ ୧୪ଟି ବଡ ହାତୀ ଥିବା ଏହି ପଲ ରାତି ହେଲେ ପର୍ବତରୁ ଓହ୍ଲାଇ ଚାଷ ହୋଇଥିବା ବିଲରେ ଦଳି ମକଚି ନଷ୍ଟ କରୁଛନ୍ତି। ପ୍ରାୟ ୨୫ ଦିନ ହେବ ପର୍ବତରେ ଆସ୍ଥାନ ଜମାଇଥିବା ହାତୀପଲ କିଛି ଦିନ ପୂର୍ବେ ପର୍ବତ ତଳି ସାଲେପାଲି ଗ୍ରାମର ୱାର୍ଡମେମ୍ବର ମଧୁ କମାରଙ୍କ ପାଚେରୀ ଓ ଦୁଃଶାକିସାନଙ୍କ ଘର ଭାଙ୍ଗି ଦେଇଥିଲେ । ୩ ଦିନ ପୂର୍ବେ ଗ୍ରାମର ଦଶରଥ ସାହୁ, ମୁନୁ ସାହୁ ଓ ପୂର୍ବତନ ଜିଲା ପରିଷଦ ସଭ୍ୟ ଦେବେନ୍ଦ୍ର ସାହୁଙ୍କ ଚାଷ ହୋଇଥିବା ଧାନ ବିଲ ମାଡି ଦଳି ନଷ୍ଟ କରି ଦେଇଛନ୍ତି । ଏହି ହାତୀ ପଲରେ ଏକ ମାସର ଶାବକ ସହ ୩ଟି ଶାବକ ଥିବାରୁ ଏମାନେ ଅଞ୍ଚଳ ଛାଡି ଯାଉନାହାନ୍ତି । କେଉଁ ଦିନ ପର୍ବତର ଅପରପାର୍ଶ୍ୱ ସମ୍ବଲପୁର ଜିଲା, ବାମରା ବ୍ଲକର ପର୍ବତ ତଳି ଗ୍ରାମ ଓ କେଉଁ ଦିନ ପର୍ବତ ତଳି ବଡଗାଁ ବ୍ଲକର କେତେକ ଗ୍ରାମରେ ଉପଦ୍ରବ କରୁଛନ୍ତି।



ଦେବେନ୍ଦ୍ର ସାହୁଙ୍କ ଧାନ ବିଲରେ ହାତୀ ଚାଷ ନଷ୍ଟ କରିଛନ୍ତି।

### କନଷ୍ଟେବଲଙ୍କ ଆକସ୍ମିକ ମୃତ୍ୟୁ

**ସୁନ୍ଦରଗଡ,୫।୯(ଡି.ଏନ୍.ଏ.)** -ଟାଉନ ଥାନାରେ କାର୍ଯ୍ୟରତ ଜଣେ କନଷ୍ଟେବଲଙ୍କ ବୁଧବାର ଆକସ୍ମିକ ଭାବେ ମୃତ୍ୟୁ ଘଟିଛି । ମୃତକ ହେଲେ ରାଜେନ୍ଦ୍ର ମାଝୀ (୪୮) । ସେ ମଙ୍ଗଳବାର ରାତିରେ ଥାନାରେ ଡ୍ୟୁଟି ସାରି ସକାଳେ କ୍ୱାଟରକୁ ଫେରୁଥିବାବେଳେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ପରେ ତାଙ୍କୁ ସଙ୍ଗେ ସଙ୍ଗେ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ପରିବାର ଲୋକଙ୍କୁ ଖବର ଦିଅଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନ ୩ଟ ୪୫ ମିନିଟରେ ତାଙ୍କର ମତ୍ୟୁ ଘଟିଛି । ଗୁରୁବାର ତାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ମୃତଦେହକୁ ନିଜଗ୍ରାମ ରାଜଗାଙ୍ଗପୁରକୁ ନିଆଯାଇ ସେଠାରେ ପୋଲିସ ବିଭାଗ ପକ୍ଷରୁ ଆନୁଷ୍ଠାନିକ ଭାବେ ସମ୍ମାନ ପ୍ରଦର୍ଶନ ପରେ ଶେଷକୃତ୍ୟ କରାଯିବ ।

# ବର୍ଷା ହେଲେ ଶ୍ରେଣୀଗୃହରୁ ଗଳୁଛି ପାଣି

**କୁସୁନା ୟୁପି ସ୍କୁଲ**
- ୫ରୁ ୩ଟି ଶ୍ରେଣୀଗୃହରେ ପାଣି
- ନଳକୂଅରୁ ବାହାରୁଛି ଦୁର୍ଗନ୍ଧ ଜଳ
- ବିଭାଗୀୟ ଅଧିକାରୀ ପଦକ୍ଷେପ ନେବାକୁ ଦାବି

**ବଡଗାଁ, ୫।୯(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ଇତମା ପଞ୍ଚାୟତର ଝାରମୁଣ୍ଡା ଗ୍ରାମସ୍ଥିତ ୟୁ.ପି. ସ୍କୁଲର ୫ଟି ଶ୍ରେଣୀଗୃହ ମଧ୍ୟରୁ ୩ରେ ପାଣି ଗଳୁଥିବା ଓ ସ୍କୁଲ ପରିସର ସନ୍ତସନ୍ତିଆ ଏବଂ ଅପରିଷ୍କାର ଥିବା ସମ୍ପର୍କିତ ଖବର ଗତମାସ ୩୦ ତାରିଖ ଧରିତ୍ରୀରେ ପ୍ରକାଶ ପାଇଥିଲା। ବର୍ତ୍ତମାନ ଆଉ ଏକ ସ୍କୁଲରଛାତରୁ ପାଣି ଗଳୁଥିବା ଦୃଷ୍ଟିକୁ ଆସିଛି । କୁସୁନା ଗ୍ରାମସ୍ଥିତ ଉଚ୍ଚ ପ୍ରାଥମିକ ସ୍କୁଲର ଛାତରୁ ପାଣି ଗଳୁଥିବା ଦୃଷ୍ଟିକୁ ଆସିଛି। କୁସୁନା ଗ୍ରାମସ୍ଥିତ ଉଚ୍ଚ ପ୍ରାଥମିକ ସ୍କୁଲର ୫ମ ଶ୍ରେଣୀ କୋଠରୀରୁ ୨ଟି କୋଠରୀର ଛାତରୁ ବର୍ଷା ହେଲେ ପାଣି ଗଳୁଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଏହି ସ୍କୁଲର ଛାତ୍ରୀଛାତ୍ର ସଂଖ୍ୟା ୯୦ ଓ ୬ଜଣ ଶିକ୍ଷୟିତ୍ରୀଶିକ୍ଷକ ଅବସ୍ଥାପିତ। ସ୍କୁଲର ଏହି ଅବସ୍ଥା ବର୍ଷେ କିମ୍ବା ୨ବର୍ଷର ନୁହେଁ । ଦୀର୍ଘ ୬ବର୍ଷ ହେଲା ବର୍ଷା ଋତୁରେ ପାଣି ଗଳୁଥିବା ମଧ୍ୟ ବିଭାଗୀୟ ବ୍ଲକ କିମ୍ବା ଜିଲା ଅଧିକାରୀମାନେ ଏହା ଉପରେ ଦୃଷ୍ଟି ଦେଉନାହାନ୍ତି । ସ୍କୁଲର ସମସ୍ୟା ସମ୍ପର୍କରେ ବୁଝିବା ପାଇଁ ସ୍କୁଲକୁ ଯାଇଥିବାବେଳେ, କୋଠରୀରୁ ପାଣି ଗଳୁଥିବା ନଳ କୂଅରୁ ଲାଲ ରଙ୍ଗର ଦୁର୍ଗନ୍ଧ ପାଣି ବାହାରୁଥିଲା, ସ୍କୁଲ ଚାରିପଟେ ସମ୍ପୂର୍ଣ୍ଣ ପାଚେରୀ ନ ଥିବା ଦେଖାଯାଇଥିଲା । ଏହା ଉପରେ ପ୍ରଧାନ ଶିକ୍ଷୟିତ୍ରୀ ଶୀଳାବତୀ ସିଂଙ୍କୁ ପଚାରିବାରୁ ପୂର୍ବରୁ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଖାଡି ବେହେରା ୫ବର୍ଷ ପୂର୍ବେ ଏ ସବୁ ସମସ୍ୟା ଉପରେ ଉଚ୍ଚ ଅଧିକାରୀଙ୍କୁ ଲିଖିତ ଜଣାଇଥିଲେ । ମାର୍ଚ୍ଚ ମାସରେ ସ୍କୁଲକୁ ବିଇଓ ଏବଂ ବ୍ଲକ ଅଧକ୍ଷା ଆସିଥିବାବେଳେ ତାଙ୍କୁ ଜଣାଇଥିଲେ କହିଛନ୍ତି । ସ୍କୁଲରେ ପିଇବା ପାଣି ପାଇଁ ହଇରାଣ ହେଉଥିବା କହିଥିଲେ । ତେବେ ବର୍ଷ ବର୍ଷ ପର୍ଯ୍ୟନ୍ତ ସ୍କୁଲ ସମସ୍ୟା ପ୍ରତ୍ୟକ୍ଷ ଭାବେ ଦେଖିବାକୁ କେହି ଅଧିକାରୀ ଆସୁ ନ ଥିବା ଓ ଯେଉଁମାନେ ସମସ୍ୟା, ଅସୁବିଧା ଦେଖି ଯାଇଛନ୍ତି ସେମାନେ ପଦକ୍ଷେପ ନେଉ ନ ଥିବାରୁ ବାରମ୍ବାର ଜଣାଇଲେ ମଧ୍ୟ ସୁଫଳ ମିଳୁନାହିଁ । ସରକାର ଛାତ୍ରୀଛାତ୍ରଙ୍କୁ ସ୍ୱଚ୍ଛ ପରିବେଶ, ବିଶୁଦ୍ଧ ପାନୀୟ ଜଳ ଓ ସୁରକ୍ଷିତ ଗୃହରେ ପାଠ ପଢାଇବାକୁ ପ୍ରଚୁର ଅର୍ଥ ବ୍ୟୟ କରୁଛନ୍ତି। କିନ୍ତୁ ଅଧିକାରୀମାନଙ୍କ ଉଦାସୀନତା ଯୋଗୁ ପିଲାଙ୍କୁ ଅସୁରକ୍ଷିତ କୋଠରୀରେ ପଢାଯାଉଛି। ସେହିପରି ଛାତ୍ରୀଛାତ୍ର ଦୂଷିତ ଜଳ ପିଇବାକୁ ମଧ୍ୟ ବାଧ ହେଉଛନ୍ତି । ଛାତ୍ରୀଛାତ୍ରମାନଙ୍କୁ ବିପଦ ମୁହଁରେ ପକାଇଥିବା ବିଭାଗୀୟ ଅଧିକାରୀମାନେ ପ୍ରତ୍ୟେକ୍ଷ ଭାବରେ ଅନୁଧ୍ୟାନ କରି ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଶ୍ରେଣୀ ଗୃହରୁ ପାଣି କାଢି ଫିଙ୍ଗୁଛନ୍ତି ଶିକ୍ଷୟିତ୍ରୀ ସୁସ୍ମିତା ନାଏକ ଓ ଜଣେ ଛାତ୍ର ।

## ପଥରରେ ଛେଚି ବୃଦ୍ଧଙ୍କୁ ହତ୍ୟା

**ବାଲିଶଙ୍କରା,୫।୯(ଡି.ଏନ.ଏ.)**

ତଳସରା ଥାନା ଅନ୍ତର୍ଗତ ବାଲିଶଙ୍କରା କୁରେଇମୁଣ୍ଡା ଗ୍ରାମରେ ଗଣ୍ଡଗୋଳରେ ଉତ୍କ୍ଷିପ୍ତ ହୋଇ ୨ଯୁବକ ଜଣେ ବୃଦ୍ଧାଙ୍କୁ ବୁଧବାର ହତ୍ୟା କରିଛନ୍ତି। ମୃତକ ଜଣଙ୍କ ହେଲେ ପପିନ୍ଧର ସିଂ(୪୫)। ପ୍ରକାଶ ଯେ, କୌଣସି ବିଷୟକୁ ନେଇ ୨ଯୁବକଙ୍କ ସହ ପପିନ୍ଧରଙ୍କ ବଚସା ହୋଇଥିଲା । ଏଥିରେ ଉତ୍କ୍ଷିପ୍ତ ହୋଇ ନିକଟରେ ଥିବା ଏକ ପଥରରେ ୨ଯୁବକ ତାଙ୍କୁ ଛେଚି ଦେବାରୁ ସେ ତଳେ ପଡିଯାଇଥିଲେ । ପରେ ସ୍ଥାନୀୟ ଗ୍ରାମବାସୀ ପପିନ୍ଧରଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ । ତାଙ୍କୁ ପ୍ରଥମେ ୧୦୮ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଅବସ୍ଥା ଗୁରୁତର ହେବାରୁ ଜିଲା ଡାକ୍ତରଖାନକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏ ନେଇ ଥାନାରେ ପରିବାର ପକ୍ଷରୁ କୌଣସି ଅଭିଯୋଗ କରାଯାଇ ନ ଥିବା ଜଣାପଡିଛି ।

# ସିକିଲସେଲ ରୋଗୀଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ




ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ତୁରୁକ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

**ସୁନ୍ଦରଗଡ,୫।୯(ଡି.ଏନ୍.ଏ.)**

ସୁନ୍ଦରଗଡ ଜିଲା ପ୍ରଶାସନ ଅନ୍ତର୍ଗତ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ କଲ୍ୟାଣ, ସର୍ବଶିକ୍ଷା ଅଭିଯାନ ଓ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ମିଳିତ ଉଦ୍ୟମରେ ସିକିଲସେଲ ରୋଗୀଙ୍କୁ ନେଇ ବୁଧବାର ଏକ ସ୍ୱତନ୍ତ୍ର ଶିବିର ଆୟୋଜିତ ହୋଇଯାଇଛି । ସ୍ଥାନୀୟ ଜିଲା ମୁଖ୍ୟ ଡାକ୍ତରଖାନାଠାରେ ବିଭିନ୍ନ ବୟସର ଛାତ୍ରୀଛାତ୍ର ତଥା ବୟସ୍କମାନଙ୍କୁ ନୂତନ ଭାବେ ପ୍ରଣୀତ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ଅଧିନିୟମ ୧୬ଅନୁଯାୟୀ ଏକ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଇ ପ୍ରଥମ କରି ଭିନ୍ନକ୍ଷମ ପରୀକ୍ଷା କରାଯାଇ ଶିବିରରେ ଭିଡି ଆଇଡି ସାର୍ଟିଫିକେଟ ପ୍ରଦାନ କରାଯାଇଛି । ୩ଦିନ ଧରି ହେବାକୁ ଥିବା ଏହି ଶିବିରରେ ସଦର ବ୍ଲକର ପ୍ରାୟ ୨୪୫ଜଣ ସିକିଲସେଲ ରୋଗୀ ଉପସ୍ଥିତ ରହି ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ପରେ ଭିନ୍ନକ୍ଷମ ପ୍ରମାଣପତ୍ର ପାଇବା ପରେ ସମ୍ପୃକ୍ତ ବ୍ୟକ୍ତିମାନେ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସମସ୍ତ ସୁବିଧା ଯଥା ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ବସପାସ, ଟ୍ରେନ ପାସ ତଥା ଅନ୍ୟାନ୍ୟ ଆରକ୍ଷଣର ସୁବିଧା ପାଇପାରିବେ । ଏହି ଶିବିରରେ ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ତୁରୁକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଅଧିକାରୀ ଅଶୋକ କୁମାର ବିଶିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା ଏହି ଶିବିର। ଏଥିରେ ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦିଲୀପ କୁମାର ଷଡଙ୍ଗୀ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପଙ୍କଜ ପଟେଲ, ଡାଃ ଶଶାଙ୍କ ଶେଖର ଚୌଧୁରୀ, ଶିଶୁରୋଗ ବିଶେଷଜ୍ଞ ପିକେ ନାଏକ ପ୍ରମୁଖ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲା ଭିନ୍ନକ୍ଷମ ଶିକ୍ଷା ସଂଯୋଜକ ଅମାତ୍ୟ ପ୍ରଧାନ, ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ପ୍ରବନ୍ଧକ ପ୍ରଶାନ୍ତ ପରିଡା, ମିନୁ ତାଣ୍ଡିଆ, ଭିଭି ଗିରି ସୁନା ପ୍ରମୁଖ ତଥା ରାଷ୍ଟ୍ରୀୟ ବାଲସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଓଡିଶାରେ ପ୍ରଥମ କରି ସୁନ୍ଦରଗଡ ଜିଲା ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପକୁ ସାଧାରଣରେ ସ୍ୱାଗତ କରାଯାଇଛି ।

## ଦେଶୀ ମଦ ଜବତ, ୧୦କୋର୍ଟ ଚାଲାଣ

**ରାଜଗାଙ୍ଗପୁର, ୫।୯(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଛଡାଉ କରାଯାଇ ୨୭୪ଲିଟର ଦେଶୀ ମଦ ଜବତ କରିବା ସହ ୧୦ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅବକାରୀ ସୁପରିଟେଣ୍ଡେଣ୍ଟ ଲକ୍ଷ୍ମଣ ପରିଡା ଓ ଜିଲାପାଳ ସୁରେନ୍ଦ୍ର ମୀନାଙ୍କ ନିର୍ଦ୍ଦେଶକ୍ରମେ ରାଜଗାଙ୍ଗପୁର ବାରୁପଡାର ତେଲେଶ୍ୱର ସୁନ୍ୟାନୀ, ଅଭୟ ସାମଲ, ଲିପଲୋଇର ରାଜୁ ସାମଲ, ଜାମପାଲିର ଚେରୁକେରକେଟା, କୁତ୍ରାର ମିଶ୍ର ଟେପ୍ପୋ, ରୁମାବାହାଲର ଶୁକ୍ରା କୁଜୁର, ଲିପିଲୋଇର ଲକ୍ଷ୍ମଣ ଗୋସାଇଁ, ରୁମାବାହାରର ଅଜିତ କୁଜୁର, ପଦାର ଶୁଶ୍ରୁଲ ବାର୍ଲା, କୁତ୍ରାର ପ୍ରଭାତୀ ଟପ୍ପୋଙ୍କୁ ଗିରଫ କରି ତାଙ୍କଠାରୁ ସର୍ବମୋଟ ୨୭୪ଲିଟର ଦେଶୀ ମଦ ଜବତ କରି କୋର୍ଟ ଚାଲାଣ କରିଛନ୍ତି । ଏହି ଚଢାଉରେ ଅବକାରୀ ଇନ୍ସପେକ୍ଟର ଇନ୍ଦ୍ରଜିତ ସାହୁ, ଏସଆଇ ରାମଜୀ ପଟେଲ, ଏଏସଆଇ ହୀରା ଦଳପତି, ଏଏସଆଇ ଏ.କେ. ପଟେଲ, କନଷ୍ଟେବଲ ଚନ୍ଦ୍ରଶେଖର ପଣ୍ଡା, ସଞ୍ଜୟ ଅମାତ, ସୁଶାନ୍ତ ପଟେଲ, ମହିଳା କନଷ୍ଟେବଲ ସାବିତ୍ରୀ ଦେଇ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।



ଜବତ ହୋଇଥିବା ଦେଶୀ ମଦ ସହ ଗିରଫ ହୋଇଥିବା ଅଭିଯୁକ୍ତ।

## ଫଟୋରେ ଖବର



ସୁନ୍ଦରଗଡ଼ ଜିଲା ବଡ଼ଗାଁର ସୁନୀଲ ପଶାୟତଙ୍କ ସେଲୁନ ତଳେ ୧କେଜି ୨ଶହ ଗ୍ରାମର ଏକପ୍ରଜାତିର ଛତୁ।

■ କୁରେଇ ମନିୱାଲ୍ଡ କପ୍ ହକି ଟୁର୍ନାମେଣ୍ଟ ଉଦ୍‌ଯାପିତ

# ଶାନ୍ତିନଗର ସାଗଯୋରୀ ଚାମ୍ପିୟନ

**ବାଲିଶଙ୍କରା,୫।୯(ଡି.ଏନ.ଏ.)**

ବାଲିଶଙ୍କରା ବ୍ଲକ କୁରେଇ ପଞ୍ଚାୟତ କୁରେଇ ମିନି ୱାଲ୍ଡ କପ୍ ହକି ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଶ୍ଚିମ ଓଡିଶା ବିକାଶ ପରିଷଦ ଏକ୍ସପର୍ଟ୍ ସଦସ୍ୟ ତଥା ସୁନ୍ଦରଗଡ ବାର ଆସୋସିଏଶନ୍ ସଭାପତି ବିନୟ କୁମାର ଟପ୍ପୋ ଯୋଗଦେଇ କଠିନ ପରିଶ୍ରମ, ଧର୍ଯ୍ୟ ଏକାଗ୍ରତା ବଜାୟ ରଖି ପାରିଲେ ଜଣେ ଉଚ୍ଚ କୋଟିର ଖେଳାଳି ହୋଇପାରିବ ବୋଲି ମତ ରଖିଥିଲେ । ସମ୍ମାନିତ ଅତିଥି ଭାବେ ସାମାଜିକକର୍ମୀ ତଥା ବନଡେଗା ଗୌନ୍ତିଆ ମହମ୍ମଦ ହାରୁନ ରସିଦ, ଜିଲା ଯୁବ ବିଜେଡି ସଭାପତି ଦେବେନ୍ଦ୍ର ପ୍ରସାଦ ମାଝି, ବରିଷ୍ଠ ନାଗରିକ ହୃଦାନନ୍ଦ ବାରିକ, ଭବାନୀ ମାଝି, ତଳସରା ନିର୍ବାଚନ ମଣ୍ଡଳୀର ଯୁବନେତା ଅକ୍ଷୟ ନାଏକ, ନିଳାମ୍ବର ସିଂ, ରଞ୍ଜନ ବେସେନ, ରଞ୍ଜନ ସିଂ, ଦୌଉନିକ ଲାକଡା, ଉମାକାନ୍ତ ଭିତ୍ରିଆ, ରାଫୋଲ ଲାକଡା ପ୍ରମୁଖ ଯୋଗଦେଇ ହକି ପାଇଁ ସାରା ବିଶ୍ୱ ଦରବାରରେ ସୁନ୍ଦରଗଡ ଜିଲାର ନାମକୁ ବଜାୟ ରଖିବା ପାଇଁ ଖେଳାଳିମାନଙ୍କୁ ପରାମର୍ଶ ଦେଇଥିଲେ । ୩୦ ରୁ ୫ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ଟୁର୍ନାମେଣ୍ଟରେ ୪୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଶାନ୍ତିନଗର ସାଗଯୋରୀ ଓ ସଉନାମରା ମଧ୍ୟରେ ହୋଇଥିଲା। ଏଥିରେ ଟ୍ରାଇବ୍ରେକର ଜରିଆରେ ୫–୪ରୁ ୧ ଗୋଲରେ ଶାନ୍ତିନଗର ସାଗଯୋର ଚାମ୍ପିୟନ ଓ ରନର୍ସଅପ୍ ସଉନାମରା ଓ ତୃତୀୟ ଦଳ ଭାବେ କୁବାପଡା ଭାବେ ଖାସି, ଟ୍ରଫି ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ପ୍ରଗତି କ୍ଲବ ସଭାପତି ରାଜେନ୍ଦ୍ର ଏକ୍କା, ସମ୍ପାଦକ ସୁଜିତ କେରକେଟା, ସହସମ୍ପାଦକ ଫେଦୁଲୁସ ଏକ୍କା, ବିପିନ ଲାକଡା, ସୁନୀଲ ତିର୍କୀ, ବିନୟ ବା ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା ଦାୟିତ୍ୱ ଭାର କାର୍ଯ୍ୟ ତୁଲାଇଥିଲେ ।



ମୁଖ୍ୟ ଅତିଥି ଗହଣରେ ଦୁଇ ଦଳର ଖେଳାଳିମାନେ ।



ଉପାସନା ସେତିକିବେଳେ ସଫଳ ହୁଏ, ଯେତେବେଳେ ଜଣେ ଅହିଂସା ଉପରେ ସିଦ୍ଧିଲାଭ କରେ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ

## ସଂକ୍ଷେପରେ

### ପରୀ-୨: ଛଅ ଶିଶୁ ଶ୍ରମିକ ଉଦ୍ଧାର

**ଝାରସୁଗୁଡା ଅଫିସ,୫ା୯-** ଅପରେସନ 'ପରୀ-୨' ଅଧୀନରେ ବୁଧବାର ବ୍ରଜରାଜନଗର ସହରାଞ୍ଚଳର ବିଭିନ୍ନ ଦୋକାନ ବଜାରରୁ ୬ଜଣ ଶିଶୁ ଶ୍ରମିକ ଉଦ୍ଧାର କରାଯାଇଛି। ଜୋତା ଦୋକାନ, ଗାଡି ସଫେଇ ସେଣ୍ଟର, ପରିବା ଦୋକାନ, ଗ୍ୟାରେଜ, ହୋଟେଲ, ସାଇକଲ ମାର୍ଟରୁ ୬ ଜଣଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ଶିଶୁ ଶ୍ରମିକ ମଧ୍ୟରୁ ୫ ଜଣଙ୍କୁ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ଜଣଙ୍କୁ ଓପନ ସେଲଟରକୁ ପଠାଯାଇଛି। ଶିଶୁ ଶ୍ରମିକ ନିୟୋଜିତ କରିଥିବା ବ୍ୟବସାୟୀଙ୍କ ବିରୋଧରେ ଶ୍ରମ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଉଦ୍ଧାରକରୀ ଦଳରେ ପୋଲିସ, ଚାଇଲ୍ଡଲାଇନ, ଶିଶୁ ସୁରକ୍ଷା ୟୁନିଟ୍, ଶିଶୁ କଲ୍ୟାଣ କମିଟି, ଶ୍ରମ ବିଭାଗ ଅଧିକାରୀ ସାମିଲ ହୋଇଥିଲେ।

### ସୁନ୍ଦରଗଡ଼ର ନାବାଳିକା ଝାରସୁଗୁଡ଼ାରୁ ଉଦ୍ଧାର

**ଝାରସୁଗୁଡା ଅଫିସ,୫ା୯-** ଝାରସୁଗୁଡା ବଡମାଲ ଥାନା ଅଞ୍ଚଳରେ ବୁଧବାର ସକାଳେ ଜଣେ ୧୭ ବର୍ଷିୟା ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ବଡମାଲ ପୋଲିସ ନାବାଳିକାକୁ ଉଦ୍ଧାର କରି ଚାଇଲ୍ଡଲାଇନକୁ ହସ୍ତାନ୍ତର କରିଛି। ନାବାଳିକାକୁ ଶିଶୁ ମଙ୍ଗଳ କମିଟିରେ ଉପସ୍ଥାପନ କରାଯାଇଥିଲା। କାଉନସେଲିଂ ବେଳେ ନାବାଳିକା ଜଣକ ସୁନ୍ଦରଗଡ ଜିଲାର ବୋଲି ଜଣାପଡିଥିଲା। ପରିବାର ଲୋକଙ୍କୁ ସୂଚନା ପ୍ରଦାନ ସହ ଅସ୍ଥାୟୀ ଭାବେ ନାବାଳିକାକୁ ମୁକ୍ତାଶ୍ରମରେ ରଖାଯାଇଛି।

### ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା ଅଭିଯାନ

**ଝାରସୁଗୁଡା ଅଫିସ,୫ା୯-** ସ୍ୱଚ୍ଛତା ଅଭିଯାନକୁ ନେଇ ବୁଧବାର ଝାରସୁଗୁଡା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ହୋଇଯାଇଛି। ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ରାଜ୍ୟ ସରକାର ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା ନାମରେ ଅଭିଯାନରେ ସଫେଇ କାର୍ଯ୍ୟକ୍ରମ କରିବ। ଏହି ଅନ୍ତର୍ଗତ ସେପ୍ଟେମ୍ବର ୯ ତାରିଖରେ ପୌର ପରିଷଦ ତରଫରୁ ପୂର୍ବାହ୍ନ ୯ଟାରୁ ୨ଟା ଯାଏଁ ସଫେଇ କରାଯିବ। ବୈଠକରେ ପୌରାଧକ୍ଷ ହରିଶ ଗଣତ୍ରା, ବାଲଗୋବିନ୍ଦ ମିଶ୍ର, ପଣୟ ଶତପଥୀ, ରମେଶ ଗାନ୍ଧୀ, ସୁନ୍ଦର ରାଜ, ରାମଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା

**ଝାରସୁଗୁଡା ଅଫିସ,୫ା୯-** ଝାରସୁଗୁଡା ଶିଳ୍ପାଞ୍ଚଳ ଶିଶୁ ବିଦ୍ୟାମନ୍ଦିର ପରିସରରେ ମଙ୍ଗଳବାର ସ୍କୁଲସ୍ତରୀୟ ବିଜ୍ଞାନମେଳା ହୋଇଯାଇଛି। ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ସିନିୟର ବର୍ଗରେ ଦେବଦତ୍ତ ନାୟକ ପ୍ରଥମ, ସୌମ୍ୟରଞ୍ଜନ ସୁବୁଦ୍ଧି ରାୟ ଦ୍ୱିତୀୟ, ଡଏମଣ୍ଡ ସାହୁ ତୃତୀୟ ହୋଇଥିଲେ। ସେହିପରି ଜୁନିୟର ବର୍ଗରେ ନମନ ପ୍ରଧାନ ପ୍ରଥମ, ଆଦର୍ଶ ମାଝି ଏବଂ ନିତୁ ପଟେଲ ଦ୍ୱିତୀୟ, ପ୍ରିୟା ସାହୁ ତୃତୀୟ ହୋଇଥିଲେ। ସବଜୁନିୟର ଗ୍ରୁପରେ ଉତ୍କଳିକା ସାହୁ ପ୍ରଥମ, ଭବନିଶ କୋଠିଆ ଓ ସତ୍ୟମ ରାଉତ ଦ୍ୱିତୀୟ ଏବଂ ପ୍ରଣୟ କୁମାର ପାଲ ଓ ଅସ୍ମିତା ଖେସ୍ ତୃତୀୟ ହୋଇଥିଲେ। ଅତିଥି ଭାବେ ଲଳିତ ମୋହନ ଖମାରୀ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଅମ୍ବିକା ନାଏକ, ସୁଶାନ୍ତ କୁମାର ଭୋଇ, ଗୋପିନାଥ ସେଠ୍ ପର୍ଯ୍ୟବେକ୍ଷଣ ଦାୟିତ୍ୱ ନିର୍ବାହ କରିଥିବା ବେଳେ ସ୍କୁଲର ସଭାପତି କଳ୍ପତରୁ ସ୍ୱାଇଁ ପରିଚାଳନା କରିଥିଲେ।

### ଜିଲା ଫୁଟବଲ୍ ଲିଗ୍: ସରବାହାଲ, ତାଲମାଲ ବିଜୟୀ

**ଝାରସୁଗୁଡା ଅଫିସ,୫ା୯-** ଝାରସୁଗୁଡା ଓଏସ୍ଏପି ବାଟାଲିୟନ ପଡିଆରେ ଚାଲିଥିବା ଜିଲା ଫୁଟବଲ ଲିଗ୍‌ରେ ବୁଧବାର ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ ଜୟ ଯବାନ କ୍ଲବ୍ ସରବାହାଲ ଓ ସମ୍ଲେଲେଶ୍ୱରୀ କ୍ଲବ୍ ପଣ୍ଡରିପଥର ମଧ୍ୟରେ ହୋଇଥିଲା। ମ୍ୟାଚକୁ ୨-୧ ଗୋଲରେ ଜୟ ଯବାନ କ୍ଲବ ଜିତି ନେଇଥିଲା। ଦ୍ୱିତୀୟ ମ୍ୟାଚ ତାଳମାଳ ଓ ବାଲିଯୋରୀ କ୍ଲବ୍ ମଧ୍ୟରେ ଖେଳା ଯାଇଥିଲା। ତାଲମାଲ ଦଳ ୧-୦ ଗୋଲରେ ବାଲିଯୋରୀକୁ ପରାସ୍ତ କରିଥିଲା। ସୁଜିତ କୁଜୁର, ଅଜିତ କୁଜୁର, ମାନସ ଆଚାର୍ଯ୍ୟ, ଦଶରଥ ମୁଣ୍ଡା, ଅମିରା ପ୍ରଧାନ, ସଞ୍ଜୟ ରାୟ, ଶୀତଳ ଗୁଡୁମ ଆଜିର ମ୍ୟାଚ୍ ପରିଚାଳନା କରିଥିଲେ।

# ନୂଆଁ ଯୋଜନା 'ମୋ ଘରେ ଏଲ୍‌ଇଡି'

**ଝାରସୁଗୁଡା ଅଫିସ,୫ା୯**

**ଝାରସୁଗୁଡା ଜିଲା**
- ୪ ଲକ୍ଷ ହିତାଧିକାରୀ ପାଇବେ ମାଗଣା ଏଲ୍‌ଇଡି ବଲବ୍
- ଗାନ୍ଧୀ ଜୟନ୍ତୀରୁ ନୂଆ ଯୋଜନା ଆରମ୍ଭ ହେବାକୁ ଯାଉଛି
- କଣ୍ଟ୍ରୋଲ ଡିଲର ଜରିଆରେ ବଲବ୍ ବିତରଣ କରାଯିବ

୨୦୧୮ ହେଉଛି ଯୋଜନା ବର୍ଷ। ରାଜ୍ୟ ସରକାର ଲୋକଙ୍କ ଉପରେ ଅଜାଡି ଦେଉଛନ୍ତି ନୂଆଁ, ପୁରୁଣା ଯୋଜନାମାନ। କେତେବେଳେ କେନ୍ଦ୍ର ଉପରେ ପ୍ରତାରଣା ଅଭିଯୋଗ କରି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଘୋଷଣା କରୁଛନ୍ତି ତ ଆଉ କେତେବେଳେ କେନ୍ଦ୍ରୀୟ ଯୋଜନାକୁ ଏଡେଇ ଯାଇ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଭଳି ଯୋଜନା ଘୋଷଣା କରୁଛନ୍ତି। ଯାହାବି ହେଉ, ନିର୍ବାଚନ ପରେ କଣ ହେବ ଜଣାନାହିଁ। କିନ୍ତୁ ଏବେ ଲୋକଙ୍କ ପାଖରେ ଯୋଜନା ମାଳମାଳ। ଆଗାମୀ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ପୁଣି ଏକ ନୂଆ ଯୋଜନା ଆରମ୍ଭ ହେବାକୁ ଯାଉଛି। ଏହା ନାମ 'ମୋ ଘରେ ଏଲ୍‌ଇଡି'



ଏଲ୍‌ଇଡି ବଲବ୍ ( ଫାଇଲ ଫଟୋ)।

ରଖାଯାଇଛି। ଏହି ଯୋଜନାରେ ପ୍ରତ୍ୟେକ ରାଶନକାର୍ଡ ହିତାଧିକାରୀଙ୍କୁ ୪ଟି ଲେଖାଏଁ ଏଲ୍‌ଇଡି ବଲବ୍ ପ୍ରଦାନ କରିବାକୁ ସ୍ଥିର ହୋଇଛି ବୋଲି ଝାରସୁଗୁଡା ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ ସୂଚନା ଦେଇଛନ୍ତି। ସରକାରୀ ହିସାବରେ ଏହି ଯୋଜନାର ମୂଳଲକ୍ଷ୍ୟ ଗରିବ ଘର ଉଜ୍ୱଳ କରିବା ହେଉ କି ଶକ୍ତି ସଂରକ୍ଷଣ। ବିରୋଧୀ କିନ୍ତୁ ଏହାକୁ ଭୋଟ ପାଇଁ ଥୋପ ବୋଲି କହିବା ଆରମ୍ଭ କଲେଣି। ତେବେ ଏହି ଯୋଜନାରେ ଝାରସୁଗୁଡା ଜିଲାକୁ ମୋଟ ୪ ଲକ୍ଷ ୨୪ ହଜାର ୩୦୮ଟି ଏଲ୍‌ଇଡି ବଲବ୍ ମିଳିବ।

କେନ୍ଦ୍ରୀୟ ଖାଦ୍ୟ ସୁରକ୍ଷା ଆଇନରେ ଝାରସୁଗୁଡା ଜିଲାର ୫ଟି ବ୍ଲକ୍ ଏବଂ ୩ଟି ପୌରାଞ୍ଚଳରେ ୧ ଲକ୍ଷ ୬ ହଜାର ୭୭ଟି ରାଶନ କାର୍ଡ ବଣ୍ଟନ କରାଯାଇଛି। ଏଥିରେ ଜିଲାର ୩ ଲକ୍ଷ ୮୨ହଜାର ୩୫୯ ସଦସ୍ୟ ସାମିଲ ଅଛନ୍ତି। ଜିଲାର ଝାରସୁଗୁଡା ବ୍ଲକରେ ୧୩୯୩୭, ଲଖନପୁର ବ୍ଲକରେ ୩୦୭୨୦, ଲଇକେରା ବ୍ଲକରେ ୧୧୬୫୧, କୋଲାବିରା ବ୍ଲକରେ ୧୧୦୧୪, କିର୍ମିରା ବ୍ଲକରେ ୯୩୯୬, ଝାରସୁଗୁଡା ପୌରାଞ୍ଚଳରେ ୧୨୫୩୬, ବ୍ରଜରାଜନଗରରେ ୧୧୩୮୩ ଏବଂ ବେଲପାହାଡ ପୌରାଞ୍ଚଳରେ ୫୪୪୦ଟି ରାଶନକାର୍ଡ ବିତରଣ ହୋଇଛି। ତେବେ ରାଜ୍ୟ ସରକାର ପ୍ରତ୍ୟେକ ଘରେ ଏଲ୍‌ଇଡି ଲାଇଟ୍ ପହଞ୍ଚାଇବା ଏବଂ ଶକ୍ତି ସଂରକ୍ଷଣ ଲକ୍ଷ୍ୟରେ ଏକ ନୂତନ ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି।

ମୋ ଘରେ ଏଲ୍‌ଇଡି ନାମରେ ଏହି ଯୋଜନାରେ ଏଲ୍‌ଇଡି ଲାଇଟ୍ ବିତରଣ କରାଯିବ। ରାଶନକାର୍ଡ ତାଲିକା ଅନୁସାରେ ଆଗାମୀ ଅକ୍ଟୋବର ୨ରୁ ବିତରଣ ହେବ ଏଲ୍‌ଇଡି ବଲବ୍। ପ୍ରତ୍ୟେକ ରାଶନକାର୍ଡଧାରୀଙ୍କୁ ୪ଟି ଲେଖାଏଁ ବଲବ୍ ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ୨ ଟି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୨ଟି ଲାଇଟ୍ ଦିଆଯିବ। ଗ୍ରାମାଞ୍ଚଳରେ ପଞ୍ଚାୟତ ଏବଂ ସହରାଞ୍ଚଳରେ କଣ୍ଟ୍ରୋଲ ଡିଲର ଜରିଆରେ ଏହି ବଲବ୍ ବିତରଣ କରାଯିବ। ଅକ୍ଟୋବର ମାସରେ ୨ଟି ଏବଂ ଡିସେମ୍ବର ମାସରେ ୨ଟି ବଲବ୍ ଦିଆଯିବ। ୩ ବର୍ଷ ୱାରେଣ୍ଟି ବିଶିଷ୍ଟ ଏହି ବଲବ୍ ବିତରଣ ପାଇଁ ପ୍ରସ୍ତୁତ ରହିବାକୁ ଜିଲା ଯୋଗାଣ ବିଭାଗ ଏବଂ ବିଦ୍ୟୁତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

## ୪ ଦିନ ହେଲା ପାନୀୟ ଜଳ ଯୋଗାଣ ବନ୍ଦ

**ବଲାଙ୍ଗୀର ଅଫିସ, ୫ା୯**

ବଲାଙ୍ଗୀର ସହରକୁ ଗତ ୪ ଦିନ ହେଲା ପାନୀୟ ଜଳଯୋଗାଣ ବନ୍ଦ ରହିଛି। ଶିବତଲାଠାରୁ ତେଲନଦୀ କୂଳ ବୁଦେଲମୁଣ୍ଡାଠାରେ ଲାଇନ୍ ଖରାପ ଥିବାରୁ ପାନୀୟ ଜଳଯୋଗାଣ ବାଧାପ୍ରାପ୍ତ ହୋଇଥିବା ଜଣାପଡିଛି। ଦୀର୍ଘ ୪ ଦିନ ହେଲା ପାନୀୟ ଜଳଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ଫଳରେ ସହରର ବିଭିନ୍ନ ପଡ଼ାରେ ପାନୀୟ ଜଳଯୋଗାଣ ହୋଇ ନ ପାରି ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାନୀୟଜଳ ନ ମିଳିବାରୁ ଲୋକେ ନଳକୂପ ଓ ଖୋଲା କୁଅରୁ ପାଣି ସଂଗ୍ରହ କରୁଥିବା ଦେଖିବାକୁ ମିଳିଛି। ବର୍ଷାଦିନରେ ଲୋକେ ପାନୀୟ ଜଳ ନ ପାଇ ଖୋଲା କୁଅରୁ ପାଣି ନେଉଥିବାରୁ ସଂକ୍ରମଣ ଭୟ ଦେଖାଦେଇଛି। ତେବେ ବୁଧବାର ସନ୍ଧ୍ୟା ସୁଦ୍ଧା ପାନୀୟ ଜଳଯୋଗାଣ ଅସୁବିଧା ଦୂର ହେବ ଏବଂ ଗୁରୁବାର ସକାଳୁ ବଲାଙ୍ଗୀର ସହରରେ ପାନୀୟ ଜଳଯୋଗାଣ ହୋଇପାରିବ ବୋଲି ବିଭାଗୀୟ ଅଫିସ ସୂତ୍ରରୁ ଜଣାପଡିଛି।



ବିଜୁ ଯୁବ ବାହିନୀ ଦ୍ୱାରା ଖୋଲା ସ୍ୱଚ୍ଛମୁକ୍ତ ଅଭିଯାନ ଆରମ୍ଭ ହୋଇଛି।

## କିର୍ମିରାରେ ଖୋଲା ଶୌଚମୁକ୍ତ ଅଭିଯାନ

**କିର୍ମିରା, ୫ା୯(ଡି.ଏନ.ଏ.)**

ଝାରସୁଗୁଡା ଜିଲା କିର୍ମିରା ବ୍ଲକରେ ବିଜୁ ଯୁବ ବାହିନୀ ଦ୍ୱାରା ଖୋଲା ସ୍ୱଚ୍ଛମୁକ୍ତ ଅଭିଯାନ ଆରମ୍ଭ ହୋଇଛି। ବ୍ଲକର ବିଭିନ୍ନ ପଞ୍ଚାୟତର ଯୁବ ବାହିନୀ ସଦସ୍ୟ ଗ୍ରାମକୁ ଗ୍ରାମ ବୁଲି ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରାଇଥିଲେ। ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସଚେତନ ନାଗରିକ ସହଯୋଗ କରିଥିଲେ। ନକ୍ସାପାଲିରେ ସଭାପତି ପ୍ରେମ କୁମାର ଜୟପୁରିଆ, ସମ୍ପାଦକ ନିରଞ୍ଜନ ବଡେଇ, ଗୌଡପାନପାଲିରେ ସଭାପତି ମୋହନ ଲାଲ ଭଏଁସା, ସମ୍ପାଦକ କରୁଣାକର କର୍ତ୍ତା, କୋଷାଧ୍ୟକ୍ଷ ନିତିଶ୍ରୀ ସେଠ, ବନ୍ଧପାଲି ସଭାପତି ଧର୍ମେନ୍ଦ୍ର ଗୁଖୁରା, ସମ୍ପାଦକ ରାଜୁ କଉଡି, ସୁଲାହିରେ ସଭାପତି ଜୀବର୍ଦ୍ଧନ ଛତ୍ରିଆ, ସମ୍ପାଦକ ହେମକାନ୍ତ କାଲୋ, କୋଷାଧ୍ୟକ୍ଷ ରଶ୍ମିତା ଛତ୍ରିଆଙ୍କ ନେତୃତ୍ୱରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୁବ ବାହିନୀର ବ୍ଲକ ସଂଯୋଜକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଜନ୍ମାଷ୍ଟମୀ ପୂଜାରେ ଦହି ହାଣ୍ଡି ଭଙ୍ଗା

**ବ୍ରଜରାଜନଗର, ୫ା୯ (ଡି.ଏନ.ଏ)**

ସ୍ଥାନୀୟ ଗୋପବନ୍ଧୁ ଛକଠାରେ ଜନ୍ମାଷ୍ଟମୀ ପୂଜା କମିଟି ତରଫରୁ ମଙ୍ଗଳବାର ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ମଟକା ଫୋଡା କାର୍ଯ୍ୟକ୍ରମ କରାଯାଇଥିଲା। କମିଟି ତରଫରୁ ୧୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସହରର ଗୁଆଲାପଡା, ମାମା ଛକ ଓ ଇଏସଆଇ ଛକର ଯୁବକମାନେ ତିନିଟି ଦଳ ପ୍ରତିଯୋଗିତାରେ ଭାଗ ନେଇଥିଲେ । ରାତ୍ର ୨ଟାରେ ମାମା ଛକ ଦଳ ମାଟକା ଫୋଡି ପୁରସ୍କାର ରାଶି ନେଇଥିଲେ । କାର୍ଯ୍ୟକ୍ରମକୁ ଅନୀଲ ନାୟକ,



ଜନ୍ମାଷ୍ଟମୀ ପୂଜା ଅବସରରେ ଦହି ହାଣ୍ଡି ଭଙ୍ଗା ଯାଉଛି।

ଜୟନ୍ତ ଦୀକ୍ଷିତ ସଞ୍ଚାଳନ କରିଥିଲେ। ରାଜେନ୍ଦ୍ର, ନୃପ ତାଣ୍ଡି, ରଞ୍ଜନ ସିଂ ପ୍ରମୁଖ ସହାୟତା କରିଥିଲେ। ପୂଜା କମିଟିର ୫୦ରୁ ଊର୍ଦ୍ଧ୍ୱ ଯୁବକ ଚଳିତ ବର୍ଷ ପ୍ରଥମ କରି ଇଏସଆଇ ଛକରେ ଜନ୍ମାଷ୍ଟମୀ ପୂଜା ଆରମ୍ଭ କରିଥିଲେ।

## ଜିଲାସ୍ତରୀୟ ଗୁରୁଦିବସ ପାଳିତ

**ବ୍ରଜରାଜନଗର, ୫ା୯(ଡି.ଏନ.ଏ.)**

ବ୍ରଜରାଜନଗର ସହରାଞ୍ଚଳସ୍ଥିତ ଜିଏମ କଲୋନୀ ପରିସରରେ ଥିବା ରବୀନ୍ଦ୍ର ଭବନଠାରେ ଜିଲାସ୍ତରୀୟ ଗୁରୁ ଦିବସ ପାଳନ କରାଯାଇଛି। ପ୍ରସନ୍ନ ପଣ୍ଡା ସ୍ମୃତି କମିଟି ଦ୍ୱାରା ଆୟୋଜିତ ସଭାରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମିତ୍ରଭାନୁ କଚ୍ଛପ ମୁଖ୍ୟ ଅତିଥି, ପୂର୍ବତନ ବିଧାୟକ ଅନୁପ କୁମାର ସାଏ ସମ୍ମାନିତ ଅତିଥି ଏବଂ ଅଧ୍ୟାପକ ତପନ ବାରିକ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ଗୁରୁ ଦିବସର ତାତ୍ପର୍ଯ୍ୟ, କଣ ପାଇଁ ପାଳନ କରାଯାଇଥାଏ ଏବଂ କାହା ଉଦ୍ଦେଶ୍ୟରେ ପାଳନ କରାଯାଇଥାଏ ସେ ସମ୍ବନ୍ଧରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କଠାରେ ଆରମ୍ଭ କରି ଡଃ ଏପିଜେ ଅବଦୁଲ କାଲାମଙ୍କ ପର୍ଯ୍ୟନ୍ତ ଉଦାହରଣ ଦେଇ ଗୁରୁମା ଓ ଗୁରୁଜୀ କିଭଳି କର୍ତ୍ତବ୍ୟରେ ବ୍ରତୀ ହୋଇ କାର୍ଯ୍ୟ କରିବେ ସେ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରାଧାକ୍ରିଷ୍ଣନ ପ୍ରସନ୍ନ ପଣ୍ଡାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଝାରସୁଗୁଡା ଜିଲା ଶିକ୍ଷକ ସଂଘର ସମ୍ପାଦକ ରାଜ କିଶୋର ଜେନା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ପ୍ରଶାନ୍ତ ପାଢୀଯୋଶୀ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାରୁ ୭ଜଣ ଶିକ୍ଷକଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ତାସହିତ ଜିଲାର ପ୍ରତ୍ୟେକ ବ୍ଲକ ଓ ପୌରପାଳିକାର କୃତି ଛାତ୍ରୀଛାତ୍ରଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଶେଷରେ ସ୍କାଉଟ ଗାଇଡ ପ୍ରଶିକ୍ଷିକା ପ୍ରତିଭା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆରତୀ, ପ୍ରାର୍ଥନା, ସୀମା, ଅଙ୍କିତା, ମୋହିନିଙ୍କସମେତ ୧୫ରୁ ଊର୍ଦ୍ଧ୍ୱ ଓପିଏମ ବାଳିକା ବିଦ୍ୟାଳୟର ଛାତ୍ରୀମାନେ ଦେଶାତ୍ମକବୋଧକ ନୃତ୍ୟ ପରିବେଷଣ କରିଥିଲେ। ଜିଲାର ଶିକ୍ଷା ବିଭାଗର ସମସ୍ତ ଉଚ୍ଚ ପଦାଧିକାରୀଙ୍କ ସମେତ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ବ୍ରଜରାଜନଗର ସର୍କଲ ସଭାପତି ଚାନ୍ଦୁରାମ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।



ଟ୍ରାନ୍ସଫର୍ମରରେ ବନଲତା ଆଚ୍ଛାଦିତ ହୋଇଛି।

## ବନଲତା ଘେରରେ ଟ୍ରାନ୍ସଫର୍ମର

**କିର୍ମିରା, ୫ା୯(ଡି.ଏନ.ଏ.)**

କିର୍ମିରା ବ୍ଲକ ଭାଲୁପତ୍ରା ଗ୍ରାମ ଉପାନ୍ତ କୋଲାବିରା ଅନ୍ତର୍ଗତ ସୁନାଝରିଆ ଗ୍ରାମରେ ଥିବା ଟ୍ରାନ୍ସଫର୍ମରରେ ବନଲତା ଆଚ୍ଛାଦିତ ହୋଇ ବିପଦକୁ ନିମନ୍ତ୍ରଣ କରୁଛି। ବନଲତା ସମ୍ପୂର୍ଣ୍ଣ ଟ୍ରାନ୍ସଫର୍ମରକୁ ନିଜ କବଳରେ ନେଇ ସାରିଥିବାବେଳେ କେବୁଲରେ ମଧ୍ୟ କାୟା ବିସ୍ତାର କରି ଚାଲିଛି। ହେଲେ ବିଜୁଳି ବିଭାଗର ଏହା ଉପରେ ନଜର ପଡୁନାହିଁ। ଏହା ଯୋଗୁ ସଟସର୍କିଟ ହୋଇ ବିଜୁଳି ପ୍ରବାହିତ ହେଲେ ବଡଧରଣର ଦୁର୍ଘଟଣା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ।

## ଝାରସୁଗୁଡାରେ ଗୁରୁଦିବସ

**ଝାରସୁଗୁଡା ଅଫିସ,୫ା୯**

ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମ ଜୟନ୍ତୀ ଅବସରରେ ଝାରସୁଗୁଡାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ବୁଧବାର ଗୁରୁଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ର ତଥା ଶିଷ୍ୟା ଶିଷ୍ୟମାନେ ଗୁରୁ ବନ୍ଦନା ଏବଂ ଗୁରୁପୂଜା କରିଥିଲେ। ଭାରତୀୟ ସଂସ୍କୃତିରେ ପ୍ରାଚୀନ କାଳରୁ ରହିଥିବା ଗୁରୁଶିଷ୍ୟ ପରାମ୍ପରା, ଶିଷ୍ୟର ଉଜ୍ୱଳ ଭବିଷ୍ୟତ ଗଠନରେ ଗୁରୁଙ୍କ ଅବଦାନ ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପୂର୍ବାହ୍ନରେ ଝାଡେଶ୍ୱରୀ ସ୍ୱତନ୍ତ୍ର ଭିନ୍ନକ୍ଷମ ବିଦ୍ୟାଳୟ, ବେହେରାମାଲ ବୀର ସୁରେନ୍ଦ୍ର ସାଏ ହାଇସ୍କୁଲ, ସରବାହାଲ, ପଞ୍ଚପଡା ଏବଂ ଶିଳ୍ପାଞ୍ଚଳ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଷ୍ଣୁପ୍ରଭା ପାଢୀ, ହୃଷିକେଶ ତିୱାରୀ, କମଳିନି ନାଏକ, ରାଜେଶ କୁମାର ମେହେର, ନିରଞ୍ଜନ ରାଉତ, ପ୍ରଭାତ କୁମାର ରାଉତରାଏ, ସୁଶିଲ କୁମାର ସାହୁ, ପ୍ରକାଶ ରଣା, ବିବେକାନନ୍ଦ ମିଶ୍ର, ସୁବ୍ରତ ତ୍ରିପାଠି, ଦିଗମ୍ବର ମାଝୀ, କଳ୍ପତରୁ ସ୍ୱାଇଁ ପ୍ରମୁଖ ସ୍କୁଲରେ ଗୁରୁଦିବସ ଆୟୋଜନ, ପରିଚାଳନା କରିଥିଲେ।

## ଝାରମାଲ ରାସ୍ତା ଶୋଚନୀୟ

**କିର୍ମିରା, ୫ା୯(ଡି.ଏନ.ଏ.)**

ଝାରସୁଗୁଡା ଜିଲା କିର୍ମିରା ବ୍ଲକ ଗୌଡନପାଲି ପଞ୍ଚାୟତ ଝାରମାଲରୁ ବିଡମାଲକୁ ସଂଯୋଗ କରୁଥିବା ରାସ୍ତା ପ୍ରାଥମିକ ବିଦ୍ୟାଳୟ ପାଖରେ ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ରାସ୍ତାରେ ନୂଆଁମାଟି ପଡିଥିବାବେଳେ ମୋରମ ଦିଆଯାଇଥିବାରୁ ରାସ୍ତା ଶୋଚନୀୟ ହୋଇପଡିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାସ୍ତା ଖରାପ ଯୋଗୁଁ ଲୋକ ଯିବା ଆସିବାରେ ଅସୁବିଧା ଭୋଗ କରୁଛନ୍ତି। ତେଣୁ ଠାକୁରପଡା ବିଡମାଲ ରାସ୍ତାକୁ ପୂର୍ତ୍ତ ବିଭାଗ ଜରିଆରେ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି।

## ଆହାର କେନ୍ଦ୍ର ଶୁଭାରମ୍ଭ

**ବେଲପାହାଡ଼,୫ା୯(ଡ଼ି.ଏନ୍.ଏ)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରାଞ୍ଚଳରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆହାର କେନ୍ଦ୍ର ଖୋଲିଲା ପରେ ବେଲପାହାଡ଼କୁ ଏକ ନୂତନ ପରିଚୟ ମିଳିପାରିଛି। ଉକ୍ତ କେନ୍ଦ୍ରରେ ଏଣିକି ପ୍ରତିଦିନ ଶତାଧିକ ଗରିବ ଓ ଶ୍ରମିକ ଶ୍ରେଣୀର ଲୋକେ ମାତ୍ର ୫ଟଙ୍କାରେ ରନ୍ଧା ଉଷୁମ ଖାଦ୍ୟ (ଭାତ,ଡ଼ାଲମା) ଖାଇପାରିବେ। ଗତ ମଙ୍ଗଳବାର ବରଗଡ଼ ଏମପି ଡ଼ଃ ପ୍ରଭାଷ କୁମାର ସିଂ; ଜିଲାପାଳ ବିଭୂତିଭୂଷଣ ପଟ୍ଟନାୟକ ଓ ଅନ୍ୟାନ୍ୟ ଅତିଥିମାନଙ୍କ ଉପସ୍ଥିତିରେ ଆହାର କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ଉକ୍ତ ଆହାର କେନ୍ଦ୍ରରେ ବୁଧବାରରୁ ଖାଦ୍ୟ ଯୋଗାଣ ଆରମ୍ଭ ହୋଇପାରିଛି। ପ୍ରଥମ ଦିନ ବେଲପାହାଡ଼ ପୌରପରିଷଦ ଅଧ୍ୟକ୍ଷ ପର୍ଶୁରାମ ସାହୁ ଓ ନିର୍ବାହୀ ଅଧିକାରୀ ଲୋକନାଥ ତିୱାରୀ ଆହାର କେନ୍ଦ୍ରକୁ ପହଞ୍ଚି ନିଜ ହାତରେ ଲୋକଙ୍କୁ କୁପନ ପ୍ରଦାନ କରିଥିଲେ। ଲୋକେ ଅତି ଆଗ୍ରହର ସହିତ କାଉଣ୍ଟର ସମ୍ମୁଖରେ



ଆହାର କେନ୍ଦ୍ରରେ ଲୋକେ ଭୋଜନ କରୁଛନ୍ତି।

- ବେଲପାହାଡ଼କୁ ନୂତନ ପରିଚୟ ମିଳିଲା
- ପ୍ରଥମ ଦିନ ମାଗଣାରେ ଦିଆଗଲା ରନ୍ଧାଖାଦ୍ୟ
- ୩୦୦ ଲୋକଙ୍କୁ ଖାଦ୍ୟ ପ୍ରଦାନ

ଛିଡ଼ା ହୋଇ କୁପନ ସଂଗ୍ରହ କରିଥିଲେ। ଶୃଙ୍ଖଳା ସହିତ ଧାଡ଼ି ବାନ୍ଧି କିଚେନ କାଉଣ୍ଟରରୁ ଖାଦ୍ୟ ଥାଳି ଗ୍ରହଣ କରିଥିଲେ। ପ୍ରଥମ ଦିନ କେନ୍ଦ୍ରରେ ପ୍ରାୟ ୩୦୦ ଲୋକଙ୍କୁ ଖାଦ୍ୟ ପ୍ରଦାନ କରାଯାଇଛି। ମାତ୍ର କୌଣସି ଲୋକଙ୍କଠାରୁ କୁପନ ବାବଦରେ ଅର୍ଥ ଆଦାୟ କରାଯାଇନାହିଁ। ସମସ୍ତ କୁପନ ବାବଦରେ ଧାର୍ଯ୍ୟ ହୋଇଥିବା ଅର୍ଥକୁ ପୌରାଧ୍ୟକ୍ଷ ନିଜେ ବହନ କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ବେଲପାହାଡ଼ ଫାଟକ ନିକଟସ୍ଥ ଗିରିଧରଲାଲ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଆହାର କେନ୍ଦ୍ର ଖୋଲା ଯାଇଛି। ପ୍ରତିଦିନ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କେନ୍ଦ୍ରରେ ଖାଦ୍ୟ ବିତରଣ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି।



ଅଙ୍କକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ

# ପଲିଥିନ କଟକଣା: ୫ ସହରରେ ପ୍ରଥମେ ଲାଗୁ

**ପ୍ରକାଶ ପାଇଲା ଚିଠା ବିଜ୍ଞପ୍ତି**

- ପଲିଥିନ, ପାଣି ବୋତଲ, ଥର୍ମକୁଲ, ପାଣି ପାଉଚ, ପ୍ଲାଷ୍ଟିକ ଫୁଲ ବ୍ୟବହାର ମନା
- ୫ ସହର ମଧରେ ରହିଛି ଭୁବନେଶ୍ୱର, ପୁରୀ, କଟକ, ସମ୍ବଲପୁର, ରାଉରକେଲା

**ଭୁବନେଶ୍ୱର,୫।୯(ବ୍ୟୁରୋ)**

ଆସନ୍ତା ଅକ୍ଟୋବର ୨ ତାରିଖରୁ ରାଜ୍ୟରେ ପଲିଥିନ ବ୍ୟବହାର ନିଷେଧ କରିବାକୁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର ଓ ପୁରୀ ସହରରେ ପଲିଥିନ ବ୍ୟବହାର ଉପରେ ଲାଗିବ କଟକଣା। ଏ ନେଇ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଏକ ଚିଠା ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ ଉକ୍ତ ସହରାଞ୍ଚଳରେ ୫୦ ମାଇକ୍ରନଠାରୁ କମ ମୋଟେଇ ଥିବା ପଲିଥିନ, ୫୦୦ ମିଲିଲିଟରରୁ କମ ପାଣି ବୋତଲ, ଥର୍ମକୁଲ କିମ୍ବା ପ୍ଲାଷ୍ଟିକ ଗ୍ଲାସ, କପ, ପ୍ଲେଟ, ଚାମଚ, ଗିନା, ଷ୍ଟ୍ର, ପାଣି ପାଉଚ ଆଦି ବ୍ୟବହାର କରାଯାଇ ପାରିବ ନାହିଁ। ଏପରିକି ପ୍ଲାଷ୍ଟିକ୍ ଉତ୍ପାଦନ, ଆମଦାନୀ, ଗଚ୍ଛିତ ଓ ପରିବହନ ଉପରେ ମଧ କଟକଣା ଜାରି କରାଯିବ। ଏଥିସହିତ ପ୍ଲାଷ୍ଟିକ ଫୁଲ କିମ୍ବା ସେଭଳି କୌଣସି ବସ୍ତୁ ପର୍ବପର୍ବାଣିରେ ସଜେଇବା କାର୍ଯ୍ୟରେ ବ୍ୟବହାର କରାଯାଇ ପାରିବ ନାହିଁ। ପ୍ଲାଷ୍ଟିକ ବ୍ୟାଗ ନିର୍ମାଣକାରୀ ସଂସ୍ଥା ବିକ୍ରି କରିବା ପୂର୍ବରୁ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଠାରୁ ସାର୍ଟିଫିକେଟ ଆଣିବା ବାଧତାମୂଳକ କରାଯାଇଛି। ଦୋକାନୀମାନେ ୫୦ ମାଇକ୍ରନରୁ କମ୍ ପ୍ଲାଷ୍ଟିକରେ ଖାଦ୍ୟ ସାମଗ୍ରୀ, ପାଣି, ଦୁଗ୍ଧ କିମ୍ବା ଦୁଗ୍ଧଜାତ କୌଣସି ଦ୍ରବ୍ୟ, ଖାଇବା ତେଲ ଇତ୍ୟାଦି ପ୍ୟାକ ହୋଇଥିଲେ ବିକ୍ରି କରିପାରିବେ ନାହିଁ। ତେବେ ଉଦ୍ୟାନ କୃଷିରେ ଚାରା, କୃଷି ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରକୁ ଏଥିରୁ ବାଦ୍ ଦିଆଯାଇଛି। କୌଣସି ବ୍ୟକ୍ତି ଜାଣିଶୁଣି ପଲିଥିନ ସର୍ବସାଧାରଣ ସ୍ଥାନକୁ ନେଇପାରିବେ ନାହିଁ। ମନ୍ଦିର, ହୋଟେଲ, ବିବାହ ଭୋଜି, ଅଫିସ କିମ୍ବା କୌଣସି ଅନୁଷ୍ଠାନ କର୍ତ୍ତୃପକ୍ଷ ଏବଂ ଇଭେଣ୍ଟ ମ୍ୟାନେଜର ପଲିଥିନ ବ୍ୟବହାର ହେଉ ନ ଥିବା ଜଣାଇବେ। ନଚେତ ସେମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିଠା ବିଜ୍ଞପ୍ତିରେ କୁହାଯାଇଛି। ମହାନଗର ନିଗମ କମିଶନର କିମ୍ବା କାର୍ଯ୍ୟନିର୍ବାହୀ ଅଧିକାରୀ ପଲିଥିନ କଟକଣା ନେଇ ଗଣମାଧମ ଜରିଆରେ ବ୍ୟାପକ ପ୍ରଚାରପ୍ରସାର କରିବେ। ପଲିଥିନ କଟକଣା ନେଇ ପ୍ରସ୍ତୁତ ହୋଇଥିବା ନିର୍ଦ୍ଦେଶନାମାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମେମ୍ବର ସେକ୍ରେଟାରୀ, ଜିଲାପାଳ, ଏସପି, ମହାନଗର ନିଗମ କମିଶନର, ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ନିଜ ଅଞ୍ଚଳରେ କାର୍ଯ୍ୟକାରୀ କରିବେ। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପଲିଥିନ ଶିଳ୍ପ ବନ୍ଦ ନେଇ ନିଶ୍ଚିତ କରିବେ ବୋଲି ଚିଠା ଆଦେଶନାମାରେ ଉଲ୍ଲେଖ କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜଡ଼ା ସୋରିଷର ଟାଙ୍କି**
**ଭଲା ଭାଇବୋହୂ ଆଣିଲି ଘରକୁ**
**ମଲି ମୁଁ କୁଣ୍ଡିଆ ରାମ୍ପି ।**

ଦୁହିତା ଦୁଇ କୁଳକୁ ହିତା। କନ୍ୟାର ଗୁଣଗ୍ରାମ ଯେତେ ଭଲ ହୋଇଥାଏ ସେ ଉଭୟ ବାପଘରେ ଓ ଶାଶୁଘରେ ସେତେ ସୁନାମ ଅର୍ଜିଥାଏ। ତେବେ ଗୁଣଗ୍ରାମ ଯଦି ଭଲ ହୋଇ ନ ଥାଏ ତା'ହେଲେ ଶାଶୁଘରେ ସେ ଭଲ ବୋହୂର ମାନ୍ୟତା ପାଇ ପାରି ନ ଥାଏ। ଭାଇବୋହୂର କାର୍ଯ୍ୟକଳାପ ତଥା ଚାଲିଚଳନରେ ଦେଢ଼ଶୁର ଅସ୍ତବ୍ୟସ୍ତ ହୋଇପଡ଼ିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଜବ ଧାନ**
**ଆଗ ଭାରିଯାକୁ ଛାଡ଼ପତର**
**ପଛ ଭାରିଯାକୁ ସାବଧାନ ।**

କିଛି ବ୍ୟକ୍ତି ପରକୀୟା ପ୍ରୀତିରେ ପଡ଼ି ବୈଦିକ ରୀତିନୀତି ଅନୁଯାୟୀ ବିବାହ କରିଥିବା ନିଜ ସ୍ତ୍ରୀକୁ ତ୍ୟାଗକରି ବସୁଥିବା ଲକ୍ଷ୍ୟ କରାଯାଇଥାଏ। ଏପରିସ୍ଥଳେ ପ୍ରେମ ଆସକ୍ତିରେ ପଡ଼ି ପୁନଶ୍ଚ ବିବାହ କରୁଥିବା ବ୍ୟକ୍ତି ଦ୍ୱିତୀୟ ସ୍ତ୍ରୀର ଆନ୍ତରିକତା ପ୍ରତି ଅଧିକ ସଚେତନ ହେବା ବିଧେୟ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

## ସଂକ୍ଷେପରେ

### ଶିକ୍ଷକ ସଂଘ ବୈଠକ

**ବରଗଡ଼ ଅଫିସ୍,୫।୯:** ବରଗଡ଼ ଜିଲା ଏସସି, ଏସଟି ପୁନଃ ନିଯୁକ୍ତିପ୍ରାପ୍ତ ଶିକ୍ଷକ ସଂଘର ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି । ଏଥିରେ ଶିକ୍ଷକ ଜଳନ୍ଧର ଲୁହା ଅଧ୍ୟକ୍ଷତା କରିଥିଲେ । ସଂଘର ପରିଚାଳନା ପାଇଁ ବିରଞ୍ଚି ମହାନନ୍ଦ ସଭାପତି, ବୁଦ୍ଧଦେବ ବିଶି ସମ୍ପାଦକ, ଇନ୍ଦ୍ରମଣି ଭୋଇ କୋଷାଧ୍ୟକ୍ଷ ମନୋନୀତ ହୋଇଥିଲେ । ବରଗଡ଼ ଜିଲାର ୧୨ଟି ବ୍ଲକରୁ ୨ଜଣ ଶିକ୍ଷକ ପ୍ରତିନିଧିମାନଙ୍କୁ ନେଇ ପରିଚାଳନା କମିଟି ଗଠନ କରାଯାଇଥିଲା ।

### ସାମ୍ବିଧାନିକ ସ୍ୱୀକୃତି ପାଇଁ ଏକଜୁଟ୍

**ବରଗଡ଼ ଅଫିସ୍,୫।୯:** ବରଗଡ଼ ପୁରୋହିତ ଭବନରେ କୋସଲି କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଛି । କୋସଲି ଭାଷାର ସାମ୍ବିଧାନିକ ସ୍ୱୀକୃତିକୁ ନେଇ ବୈଠକରେ ଆଲୋଚନା କରାଯାଇଥିଲା । ଏଥିରେ ପଶ୍ଚିମଓଡ଼ିଶାର ବିଭିନ୍ନ ଜିଲାର ପ୍ରତିନିଧି ହୃଦମଣି ପ୍ରଧାନ, ନୀଳାମ୍ବର ବେହେରା, ନୀଳମଣି ସାହୁ, ଗୋବିନ୍ଦ ନାମଦେବ, ଭିକାରୀ ଚରଣ ମିଶ୍ର, ଦେବେନ୍ଦ୍ର କୁମାର ନାଏକ, ନିମାଇଁ ଚରଣ ପାଣିଗ୍ରାହୀ, ସନାତନ ବେହେରା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆବାହକ ସାକେତ ଶ୍ରୀଭୂଷଣ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

### ବିଜୁ ଯୁବ ବାହିନୀର ବୃକ୍ଷରୋପଣ

**ଝାରବନ୍ଧ, ୫।୯(ଡି.ଏନ.ଏ.):** ଝାରବନ୍ଧ ବିଜୁ ଯୁବବାହିନୀ ତରଫରୁ ମଙ୍ଗଳବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ବିଜୟ କେତନ ପ୍ରଧାନ, ବ୍ଲକ ସଂଯୋଜକ ଜୟନ୍ତ ଦାଶ, ଉତ୍ତର ବରିହା, ରାଜେଶ ଭୋଇ, ଅଯୋଧ୍ୟା ସାହୁ, ଚନ୍ଦ୍ରଶେଖର ସାହ, ହେମାନନ୍ଦ ଚୌଧୁରୀ, ପ୍ରଶାନ୍ତ ଭୋଇ, କିରଣ ସିଦାର, ରବିଲାଲ ପଟେଲ ବୃକ୍ଷରୋପଣ କରିଥିଲେ ।

### ଫୁଟବଲ, କବାଡି ଚୟନ ଶିବିର

**ପାଇକମାଳ, ୫।୯(ଡି.ଏନ.ଏ.):** ପାଇକମାଳ ବ୍ଲକସ୍ତରୀୟ ଫୁଟବଲ ଓ କବାଡି ଚୟନ ପ୍ରକ୍ରିୟା ମଙ୍ଗଳବାର ଅନୁଷ୍ଠିତ ହୋଇଛି । ଏହାକୁ ବ୍ଲକ ଅଧ୍ୟକ୍ଷ ଅଲତାବ ମହମ୍ମଦ ଉଦ୍‌ଘାଟନ କରିଥିଲେ। ବିଇଓ ଚୂଡାମଣି ବାରିକଙ୍କ ତତ୍ତ୍ୱାବଧାନରେ ହାଇସ୍କୁଲ ପଡିଆରେ ମାଣ୍ଡୋସିଲ, ଲଖମରା, ପଲସଦା ଓ ପାଇକମାଳ ଜୋନ୍‌ରୁ ୨୯୦ଜଣ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଏହି ଖେଳ ପ୍ରତିଯୋଗିତାରେ ୧୭ବର୍ଷରୁ କମ୍ ଓ ୧୪ବର୍ଷରୁ କମ୍ ବର୍ଗର ୩୬ଜଣ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଥିଲା । ବିଚାରକ ଭାବେ ସୁଦର୍ଶନ ମହାକୁଡ, ହେମ ସାଗର ସାହୁ, ନାରାୟଣ ସାହୁ, ଲୋକନାଥ ସାହୁ, ବିଜୟଲକ୍ଷ୍ମୀ ଖାନସମା, ନମିତା ସାହୁ, ପବିତ୍ର ମୋହନ ପ୍ରଧାନ ପ୍ରମୁଖ ଯୋଗ ଦେଇ ଖେଳାଳିମାନଙ୍କୁ ଚୟନ କରିଥିଲେ । ଆଗାମୀ ୧୦ରୁ ୧୨ ତାରିଖ ମଧ୍ୟରେ ହେବାକୁ ଥିବା ଜିଲାସ୍ତରୀୟ ଫୁଟବଲ ଓ କବାଡି ଖେଳ ପ୍ରତିଯୋଗିତାରେ ପାଇକମାଳ ବ୍ଲକରୁ ୩୬ଜଣ ଛାତ୍ରୀଛାତ୍ର ଭାଗ ନେବେ ।

■ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା

# ଏବର୍ଷ ଖର୍ଚ୍ଚ ହେବ ୧୦୦୩ କୋଟି

**ଭୁବନେଶ୍ୱର, ୫।୯(ବ୍ୟୁରୋ)**

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) ରାଜ୍ୟ ସରକାରଙ୍କ ନିଜସ୍ୱ ଯୋଜନା। ଏଥିପାଇଁ କେନ୍ଦ୍ର ସରକାର କୌଣସି ଆର୍ଥିକ ସହାୟତା ଦେଇନାହାନ୍ତି। ଏହି ଯୋଜନା ଲାଗି ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରାଯିବ। ୨୦୧୮-୧୯ରେ ମୋଟ ୧୦୦୩.୫୨ କୋଟି ଟଙ୍କା ବ୍ୟୟ ବରାଦ କରାଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବୁଧବାର ଏକ ପ୍ରେସ୍ ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି। ଲୋକଙ୍କୁ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ରାଜ୍ୟ ସରକାର ଆର୍ଥିକ ଅନଗ୍ରସର ଲୋକଙ୍କ ଲାଗି ଏହି ଯୋଜନା କରିଛନ୍ତି। ଗତ ସ୍ୱାଧୀନତା ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶୁଭାରମ୍ଭ କରିଥିଲେ। ଏହି ଯୋଜନା ଅଧୀନରେ ଦୁଇଟି ପ୍ରମୁଖ ଉପାଦାନ ରହିଛି। ପ୍ରଥମଟି ହେଲା, ରାଜ୍ୟରେ ଥିବା ୭୦ ଲକ୍ଷ ଆର୍ଥିକ ଅନଗ୍ରସର ପରିବାରକୁ ସାମିଲ କରାଯାଇଛି। ପରିବାରର ମହିଳାଙ୍କ ପାଇଁ ବାର୍ଷିକ ୭ ଲକ୍ଷ ଏବଂ ପୁରୁଷଙ୍କ ନିମନ୍ତେ ବାର୍ଷିକ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ସୁରକ୍ଷା ସୁବିଧା ଯୋଗାଇ ଦିଆଯିବ। ଏ ବାବଦରେ ୨୯୦ କୋଟି ଟଙ୍କା ବ୍ୟୟ କରାଯିବ। ଦ୍ୱିତୀୟତଃ ଉପକେନ୍ଦ୍ରଠାରୁ ଆରମ୍ଭ କରି ଜିଲାମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ମାଗଣା ସ୍ୱାସ୍ଥ୍ୟସେବା ଏବଂ ରାଜ୍ୟରେ ରହିଥିବା ସବୁ ସ୍ୱାସ୍ଥ୍ୟାନୁଷ୍ଠାନଗୁଡ଼ିକରେ ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ସୁବିଧା ଉପଲବ୍ଧ ହେବ। ଏଥିରେ କୌଣସି ବ୍ୟକ୍ତିଙ୍କ ଆୟ, ସ୍ଥିତି ଏବଂ ବାସସ୍ଥାନ ବାଧକ ହେବନାହିଁ। ରାଜ୍ୟ ସରକାର ଏ ବାବଦରେ ୭୧୩.୫୨ କୋଟି ଟଙ୍କା ବ୍ୟୟ କରିବେ।

ଯୋଜନା ସମ୍ପର୍କରେ ସ୍ପଷ୍ଟୀକରଣ ଦେବାବେଳେ ଅର୍ଥ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତୁହିନକାନ୍ତ ପାଣ୍ଡେ ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ୍) ବାବଦରେ ଉଲ୍ଲେଖ କରିଥିଲେ। ଦେଶରେ ବିଭିନ୍ନ ଜନସ୍ୱାସ୍ଥ୍ୟ ଯୋଜନାର ରୂପାୟନ ନିମନ୍ତେ ଏନ୍‌ଏଚ୍‌ଏମ୍ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରୁଛି। ଏହା ଆରମ୍ଭ ହେବାଠାରୁ ଦେଶର ବିଭିନ୍ନ ରାଜ୍ୟକୁ ମିଶନ ଅଧୀନ ଯୋଜନାଗୁଡ଼ିକୁ ସହାୟତା ଦିଆଯାଉଥିବା ବେଳେ ସେ ବାବଦରେ ଓଡ଼ିଶାକୁ ପ୍ରାୟ ୭୮୫ କୋଟି ଟଙ୍କା ମିଳିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କେନ୍ଦ୍ର ସରକାରଙ୍କ ବିନା ସହାୟତାରେ ଓଡ଼ିଶା ସରକାର ନିଜସ୍ୱ ପାଣ୍ଠିରେ କରିଛନ୍ତି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ବୋଲେରୋ ଉଦ୍ଧାର, ୪ ଗିରଫ

**ବରଗଡ଼ ଅଫିସ୍,୫।୯**

ବରଗଡ଼ ଟାଉନ ଥାନା ପୋଲିସ ଗତ ୩ତାରିଖ ଭୋର୍‌ରୁ ପୁରୁଣା ସଦର ଥାନା ସମ୍ମୁଖ ରାସ୍ତାକଡରୁ ଚୋରି ହୋଇଥିବା ଏକ ବୋଲେରୋ (ନଂ.ଓଡି୧୭ ୭୫୭୭)କୁ ଉଦ୍ଧାର କରିଛି । ଏଥିରେ ସମ୍ପୃକ୍ତ ୪ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ପୌର ପରିଷଦ ଅନ୍ତର୍ଗତ ୱାର୍ଡ଼ ନଂ-୭ ନୂଆପଡ଼ା ନିବାସୀ ବିକି ଖାଁ(୨୮), ବିଜୟ ଶର୍ମା ଓରଫ କାଲୁ (୨୮), ଯୋଗେଶ ପଟେଲ(୨୧) ଏବଂ ତୌସିଫ ଅଲ୍ଲୀ ରାଜା(୨୨) । ସେମାନଙ୍କ ବିରୋଧରେ ସ୍ଥାନୀୟ ଟାଉନ ଥାନାରେ ଏକ ମାମଲା(ନଂ.୪୩୨/୧୮) ରୁଜୁ ହୋଇଛି। ଉକ୍ତ ବୋଲେରୋ ମାଲିକ ଭଟଲି ରୋଡ୍ ନୂଆପଡ଼ା ନିବାସୀ କୁନୁ ପଟେଲ ତାଙ୍କ ଗାଡ଼ିକୁ ପୁରୁଣା ସଦର ଥାନା ସମ୍ମୁଖରେ ରାସ୍ତାକଡରେ ରଖିଥିଲେ । ଗତ ୩ତାରିଖ ଭୋର୍ ୪ଟାରେ ତାହା ଚୋରି ହୋଇଥିବା ସେ ଜାଣିବାକୁ ପାଇଥିଲେ । ସେ ଏ ନେଇ ସ୍ଥାନୀୟ ସଦର ଥାନାରେ ଏତଲା ଦେଇଥିଲେ । ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଉପରୋକ୍ତ ମାମଲା ରୁଜୁ କରି ତଦନ୍ତ ଚଲାଇଥିଲା ଏବଂ ବୁଧବାର ଗାଡ଼ିକୁ ଉଦ୍ଧାର କରିବା ସହିତ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା ।

# ଭଦ୍ରକ ଜେଲରଙ୍କ ନାଁରେ ବଳାତ୍କାର ଅଭିଯୋଗ

- ମହିଳା କମିଶନଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତା
- ପୂର୍ବରୁ ଇଞ୍ଜିନିୟରିଂ ଛାତ୍ରୀଙ୍କୁ ପ୍ରତାରଣା କରିଥିବା ଅଭିଯୋଗ ହୋଇଥିଲା

**ଭଦ୍ରକ ଅଫିସ/ଭୁବନେଶ୍ୱର(ବ୍ୟୁରୋ),୫।୯**

ଜଣେ ଇଞ୍ଜିନିୟରିଂ ଛାତ୍ରୀଙ୍କୁ ବିବାହ କରି ପ୍ରତାରଣା କରିବା ଅଭିଯୋଗର ୩ଦିନ ନ ବିତୁଣୁ ପୁଣି ଥରେ ବିବାଦ ଘେରକୁ ଆସିଛନ୍ତି ଭଦ୍ରକ ଜେଲର ଚିନ୍ମୟ ପାତ୍ର। ଏଥର ତାଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଛନ୍ତି ଜଣେ ମହିଳା। ବରଗଡ଼ ଜିଲାର ସମ୍ପୃକ୍ତ ମହିଳା ଏ ସମ୍ପର୍କରେ ବୁଧବାର ମହିଳା କମିଶନରେ ଅଭିଯୋଗ କରିଛନ୍ତି। ରଙ୍ଗ୍ ନମ୍ବରରୁ କଲ୍ ଜରିଆରେ ଜେଲର ଚିନ୍ମୟଙ୍କ ସହିତ ଉକ୍ତ ମହିଳାଙ୍କର ପରିଚୟ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନ ହୋଇଥିଲା। କିନ୍ତୁ ଚିନ୍ମୟ ସମ୍ପୃକ୍ତ ମହିଳାଙ୍କୁ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଥିଲେ। ମହିଳା ଜଣକ ବାରମ୍ବାର ବାରଣ କରିବା ସତ୍ତ୍ୱେ ଚିନ୍ମୟ ତାଙ୍କୁ ବଳାତ୍କାର କରିଥିଲେ। ଚିନ୍ମୟ ଜଣେ ଇଞ୍ଜିନିୟରିଂ ଛାତ୍ରୀଙ୍କୁ ପ୍ରେମ ଜାଲରେ ଫସାଇ ବିବାହ କରି ପ୍ରତାରଣା କରିଥିବା ନେଇ ଗଣମାଧମରୁ ଜାଣିବା ପରେ ତାଙ୍କ ବିରୋଧରେ ଅଭିଯୋଗ କରିବାକୁ ସାହସ ହୋଇଥିଲା ବୋଲି ମହିଳା ଜଣକ କହିଛନ୍ତି। ଅଭିଯୁକ୍ତ ଜେଲରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଇ ତାଙ୍କୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ପୀଡ଼ିତା ମହିଳା କମିଶନଙ୍କ ନିକଟରେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଗତ ୨ ତାରିଖରେ ଜେଲର ଚିନ୍ମୟଙ୍କ ବିରୋଧରେ କେନ୍ଦ୍ରାପଡାର ଜଣେ ଯୁବତୀ ଭଦ୍ରକ ଟାଉନ ଥାନାରେ ପ୍ରତାରଣା ଅଭିଯୋଗ କରିଥିଲେ। ସେ ବାଲେଶ୍ୱରରେ ଇଞ୍ଜିନିୟରିଂ ପଢୁଥିବାବେଳେ ତାଙ୍କୁ ଫେସବୁକ୍‌ରେ ଚିନ୍ମୟ ଫ୍ରେଣ୍ଡ ରିକ୍ୟୁଏଷ୍ଟ ପଠାଇଥିଲେ। ଉଭୟଙ୍କ ମଧ୍ୟରେ ପରିଚୟ ହେବା ପରେ ଚିନ୍ମୟ ତାଙ୍କୁ ମୟୂରଭଞ୍ଜର ଖିଚିଂ ମନ୍ଦିରରେ ୨୦୧୭ରେ ବିବାହ କରିଥିଲେ। ପ୍ରାୟ ୨ ମାସ ଧରି ସେ ଚିନ୍ମୟଙ୍କ ସହିତ ଜେଲ୍ କ୍ୱାର୍ଟର୍ସରେ ରହିଥିଲେ। ମାତ୍ର ଚିନ୍ମୟ ପୂର୍ବରୁ ବିବାହିତ ଥିବା ସେ ଏହି ସମୟରେ ଜାଣିବାକୁ ପାଇଥିଲେ। ଏହା ପରେ ସେ ତାଙ୍କଠାରୁ ଦୂରେଇଯିବାକୁ ଉଦ୍ୟମ କରିଥିଲେ। ଫଳରେ ଚିନ୍ମୟ ତାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ରଖି ବ୍ଲାକମେଲ କରୁଥିଲେ ବୋଲି ଯୁବତୀ ଜଣକ ଅଭିଯୋଗରେ ଦର୍ଶାଇଥିଲେ। ଏ ନେଇ ଭଦ୍ରକ ଟାଉନ ଥାନାରେ ଏକ ମାମଲା(୨୨୫/୧୮) ରୁଜୁ ହୋଇଛି। ଏ ସମ୍ପର୍କରେ ଜେଲ ଏଡିଜି ବିନୟାନନ୍ଦ ଝା କହିଛନ୍ତି, ଇଞ୍ଜିନିୟରିଂ ଛାତ୍ରୀଙ୍କୁ ନିର୍ଯାତନା ଦେବା ଘଟଣାର ତଦନ୍ତ ସରିଛି। ବର୍ତ୍ତମାନ ତଙ୍କୁ କଳାହାଣ୍ଡି ଜିଲା ଏମ୍ ରାମପୁର ସବ୍ ଜେଲକୁ ବଦଳି କରାଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ସୁଦ୍ଧା ଭଦ୍ରକ ଜେଲରେ ବିଭିନ୍ନ ପଦବୀରେ ଅବସ୍ଥାପିତ ହୋଇଥିବା କେତେଜଣ ଅଧିକାରୀ ଅନେକ ସମୟରେ ବିବାଦ ଘେରକୁ ଆସିଛନ୍ତି। ୨୦୧୭ରେ ତତ୍କାଳୀନ ଜେଲର ସୁନାରାମ ସିଂ ଜେଲକୁ ବିଭିନ୍ନ ସାମଗ୍ରୀ ଯୋଗାଉଥିବା ଜଣେ ଠିକାଦାରଙ୍କଠାରୁ ଚେକ୍ ଆକାରରେ ୫ ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ସେହିପରି ସବ୍‌ଜେଲର ସ୍ମିତାରାଣୀ ଖଟୁଆ ମଧ ଅନୁରୂପ ଭାବେ ଲାଞ୍ଚ ନେବା ଅଭିଯୋଗରେ ଅନ୍ୟତ୍ର ବଦଳି ହୋଇଥିଲେ।

# ଜାତୀୟ ପୁରସ୍କାର ଗ୍ରହଣ କଲେ ଶିକ୍ଷକ ଓମ୍‌ପ୍ରକାଶ

**ଜୟପୁର,୫।୯(ଡି.ଏନ୍.ଏ.)**

ଗୁରୁଦିବସ ଅବସରରେ ଶ୍ରେଷ୍ଠ ଶିକ୍ଷକ ଭାବେ ଜାତୀୟ ପୁରସ୍କାର ଗ୍ରହଣ କରିଛନ୍ତି କୋରାପୁଟ ଜିଲା ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷକ ଓମ୍‌ପ୍ରକାଶ ମିଶ୍ର। କେନ୍ଦ୍ର ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ବୁଧବାର ପୂର୍ବାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ପୁରସ୍କାର ଭାବେ ମାନପତ୍ର, ରୌପ ପଦକ ଏବଂ ୫୦ ହଜାର ଟଙ୍କାର ଅର୍ଥରାଶି ତାଙ୍କୁ ପ୍ରଦାନ କରାଯାଇଛି। ଦେଶର ବିଭିନ୍ନ ରାଜ୍ୟରୁ ୪୬ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଏହି ସମ୍ମାନ ମିଳିଥିବା ବେଳେ ଓଡ଼ିଶାରୁ ଏକମାତ୍ର ଶିକ୍ଷକ ଭାବେ ଓମ୍‌ପ୍ରକାଶ ଏହି ପୁରସ୍କାର ପାଇଛନ୍ତି। ଏହି ଅବସରରେ ଅନ୍ୟ କୃତୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଓମ୍‌ପ୍ରକାଶ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବାର ସୁଯୋଗ ପାଇଥିଲେ। ପ୍ରଧାନମନ୍ତ୍ରୀ ନିଜ ଟ୍ୱିଟରରେ ଶିକ୍ଷକ ମିଶ୍ରଙ୍କ ଛାତ୍ରବତ୍ସଳତା ଓ ପିଲାଙ୍କୁ ବିଜ୍ଞାନ ଶିକ୍ଷା ଦେବା ପ୍ରଣାଳୀକୁ ପ୍ରଶଂସା କରିଛନ୍ତି। ପୁରସ୍କାର ଗ୍ରହଣ କରିବା ପରେ ତାଙ୍କ ଜୟପୁର ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ଗଭୀର ଆନନ୍ଦ ପ୍ରକାଶ ପାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଶିକ୍ଷକ ଓମ୍‌ପ୍ରକାଶ ୨୦୧୫ରେ ଜିଲାସ୍ତରୀୟ ଓ ୨୦୧୬ରେ ରାଜ୍ୟସ୍ତରୀୟ ଶ୍ରେଷ୍ଠ ଶିକ୍ଷକ ଭାବେ ପୁରସ୍କୃତ ହୋଇଥିଲେ।



ଗୁରୁଦିବସ ଅବସରରେ ବୁଧବାର ନୂଆଦିଲ୍ଲୀଠାରେ ଉପରାଷ୍ଟ୍ରପତି ଏମ. ଭେଙ୍କାୟା ନାଇଡୁ କୋରାପୁଟ ଜିଲା ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଓମ୍‌କାର ମିଶ୍ରଙ୍କୁ ଶ୍ରେଷ୍ଠ ଶିକ୍ଷକ ଭାବେ ସମ୍ମାନିତ କରୁଛନ୍ତି।

# ରାଜ୍ୟର ୨୪ ଜିଲାରେ ଡେଙ୍ଗୁ

**ଏସ୍‌ସିବିରେ ୧୫୦ ରୋଗୀ**

**କଟକ ଅଫିସ, ୫।୯**

ରାଜ୍ୟର ୨୪ଟି ଜିଲାରେ ଡେଙ୍ଗୁ କାୟା ମେଲାଇଛି। ଏସ୍‌ସିବି ମେଡିକାଲରୁ ମିଳିଥିବା ତଥ୍ୟରୁ ଏହା ଜଣାପଡ଼ିଛି। କାରଣ ଏହି ସବୁ ଜିଲାରୁ ଏସ୍‌ସିବି ମେଡିକାଲକୁ ରୋଗୀମାନେ ଚିକିତ୍ସା ନିମନ୍ତେ ଆସିଛନ୍ତି। ତେବେ କଟକ ସବୁ ଜିଲାକୁ ବଳିପଡ଼ିଛି। ଅଦ୍ୟାବଧି କଟକରୁ ୪୭୧ ଜଣ ରୋଗୀ ଚିକିତ୍ସା ପାଇଁ ଏସ୍‌ସିବିକୁ ଆସିଥିବା ଜଣାପଡ଼ିଛି। ସେଥିରୁ ଗ୍ରାମାଞ୍ଚଳରୁ ୨୩୯ ଓ ସହରାଞ୍ଚଳରୁ ୨୩୨ ଜଣ ରୋଗୀ ରହିଛନ୍ତି। ବାକି ଜିଲାଗୁଡ଼ିକ ମଧ୍ୟରେ ଜଗତ୍‌ସିଂହପୁରରୁ ୨୦୪, ଯାଜପୁରରୁ ୧୧୧, କେନ୍ଦ୍ରାପଡ଼ାରୁ ୭୯, ବାଲେଶ୍ୱରରୁ ୫୬, ଭଦ୍ରକରୁ ୪୭, ଢେଙ୍କାନାଳରୁ ୩୭, ନୟାଗଡ଼ରୁ ୩୨, ଖୋର୍ଦ୍ଧାରୁ ୩୭, କେନ୍ଦୁଝରରୁ ୧୫, ଅନୁଗୋଳରୁ ୧୦, ପୁରୀରୁ ୧୧, ମୟୂରଭଞ୍ଜରୁ ୧୦, ବଲାଙ୍ଗୀରରୁ ୫, ସୋନପୁରରୁ ୩, ସୁନ୍ଦରଗଡ଼ରୁ ୬, ସମ୍ବଲପୁରରୁ ୨, ଗଞ୍ଜାମରୁ ୪, କଳାହାଣ୍ଡିରୁ ୫, ରାୟଗଡ଼ାରୁ ୪, ଦେବଗଡ଼ରୁ ୨, ଝାରସୁଗୁଡ଼ା, ଗଜପତି ଓ ନୂଆପଡ଼ାରୁ ଜଣେ ଲେଖାଏ ରୋଗୀ ମେଡିକାଲକୁ ଚିକିତ୍ସା ନିମନ୍ତେ ଆସିଛନ୍ତି। ଏହାବାଦ ପଡୋଶୀ ପଶ୍ଚିମବଙ୍ଗରୁ ୭, ବିହାରରୁ ୩, ଝାଡ଼ଖଣ୍ଡରୁ ୨ ଓ ଉତ୍ତରପ୍ରଦେଶରୁ ଜଣେ ରୋଗୀ ଏସ୍‌ସିବିକୁ ଚିକିତ୍ସା ନିମନ୍ତେ ଆସିଥିବା ଜଣାପଡ଼ିଛି। ଅଦ୍ୟାବଧି ମେଡିକାଲରେ ମୋଟ୍ ୬୧୨୮ ରୋଗୀଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ସେଥିରୁ ୧୧୯୭ ରୋଗୀଙ୍କ ନମୁନାରେ ଡେଙ୍ଗୁ ପଜିଟିଭ ଚିହ୍ନଟ କରାଯାଇଛି। ତେବେ ବୁଧବାର ସନ୍ଧ୍ୟା ସୁଦ୍ଧା ଏସ୍‌ସିବିରେ ମୋଟ ୧୫୦ ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଗୁରୁତର ୧୩ ଜଣ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ବୁଧବାର ମୋଟ ୧୩୬ ଜଣ ରୋଗୀଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ସେଥିରୁ ୫୧ଟିରେ ଡେଙ୍ଗୁ ପଜିଟିଭ ଚିହ୍ନଟ କରାଯାଇଛି। ପଜିଟିଭ ରୋଗୀଙ୍କ ମଧ୍ୟରୁ କଟକରୁ ସର୍ବାଧିକ ୧୮ ଜଣ ରହିଛନ୍ତି।

■ ପଥୁରିଆ ଛକରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା

# ବାପ, ପୁଅ ଓ ପୁତୁରାଙ୍କ ମୃତ୍ୟୁ

**କୁଜଙ୍ଗ,୫।୯(ସ୍ୱ.ପ୍ର.)**

କଟକ-ପାରାଦୀପ ରାସ୍ତାର କୁଜଙ୍ଗ ନିକଟ ପଥୁରିଆ ଛକଠାରେ ବୁଧବାର ଅପରାହ୍ନ ୨ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଗୋଟିଏ ପରିବାରର ବାପ, ପୁଅ ଓ ପୁତୁରାଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ କୁଜଙ୍ଗ ବଡ଼ପାଳ ଗ୍ରାମର ସଂସ୍କୃତ ଶିକ୍ଷକ ପରୀକ୍ଷିତ ଶତପଥୀ (୫୨), ତାଙ୍କ ପୁଅ ଅଭିଷେକ ଶତପଥୀ (୧୧) ଓ ପୁତୁରା ବୈଦ୍ୟନାଥ ଶତପଥୀ(୨୬)। ଏହି ୩ଜଣ ଏକ ସ୍କୁଟିରେ କୁଜଙ୍ଗରୁ ଘରକୁ ଫେରୁଥିଲେ। ଏହି ସମୟରେ କଟକ ପଟରୁ ଆସୁଥିବା ଏକ କାର (କେଏ-୦୩-ଏଇ-୯୮୯)ସହ ତାଙ୍କ ସ୍କୁଟି ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ସେମାନଙ୍କ ମୃତ୍ୟୁ ଘଟିଥିଲା। ପୁତୁରା ବୈଦ୍ୟନାଥଙ୍କ ବେକ କଟିଯାଇ ଶରୀରରୁ ସମ୍ପୂର୍ଣ୍ଣ ଅଲଗା ହୋଇଯାଇଥିଲା। କାରରେ ଥିବା ୩ଜଣ ମଧ ଆହତ ହୋଇଥିଲେ। କାର୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡିଥିଲା। ସ୍ଥାନୀୟ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତଙ୍କୁ ଉଦ୍ଧାର କରି କୁଜଙ୍ଗ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାପରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ସେମାନେ ଅପରାହ୍ନରେ ପଥୁରିଆ ଛକଠାରେ ଟାୟାର ଜାଳି କଟକ-ପାରାଦୀପ ରାସ୍ତା ଅବରୋଧ କରିଥିଲେ। ପ୍ରଶାସନ ଓ ପୋଲିସ ସେଠାରେ ପହଞ୍ଚି ରାସ୍ତା ଅବରୋଧ ହଟାଇବାକୁ ଉଦ୍ୟମ କରିଥିଲେ। ତେବେ ଏହି ସମୟରେ ଉତ୍ତେଜନା ତୀବ୍ର ହେବାରୁ ବଡ଼ପାଳଠାରେ ମଧ ରାସ୍ତା ଅବରୋଧ କରାଯାଇଥିଲା। ଏହା ପ୍ରଶାସନକୁ ବ୍ୟଥିତ କରିଥିଲା। ଦିନତମାମ୍ ବର୍ଷାଝଡ଼ ଲାଗି ରହିଥିବାବେଳେ କୁଜଙ୍ଗ ମେଡିକାଲ ଲୋକାରଣ୍ୟ ହୋଇଥିଲା। ୨ଟି ସ୍ଥାନରେ କଟକ-ପାରାଦୀପ ରାସ୍ତା ଅବରୋଧ ଯୋଗୁ ରାସ୍ତାରେ ହଜାର ହଜାର ଗାଡିମୋଟର ଅଟକି ରହି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ରାତି ୭ଟାରେ କୁଜଙ୍ଗ ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା, ଏସ୍‌ଡିପିଓ ଶିବଚରଣ ମଲିକ ଓ କୁଜଙ୍ଗ ଥାନା ଆଇଆଇସି ଦିଲୀପ କୁମାର ସାହୁ ପ୍ରଥମେ ପଥୁରିଆ ଓ ପରେ ବଡ଼ପାଳଠାରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ କ୍ଷତିପୂରଣ ମିଳିବାର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତା ଅବରୋଧ ହଟି ଯାଇଥିଲା। ରେଡ୍‌କ୍ରସ୍ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ପରୀକ୍ଷିତ କେନ୍ଦ୍ରାପଡ଼ା ଜିଲା ବାଲିସାହି ହାଇସ୍କୁଲର ସଂସ୍କୃତ ଶିକ୍ଷ ଥିଲେ। ପୁଅ ଅଭିଷେକଙ୍କ ବୁଧବାର ଜନ୍ମଦିନ ଥିଲା। ଏଥିପାଇଁ ବାପପୁଅ ବଜାରକୁ କେକ୍ କିଣିବାକୁ ଯାଇଥିଲେ। କାମସାରି ପରିକ୍ଷିତ ବାଟରୁ ପୁତୁରାଙ୍କୁ ଧରି ଫେରିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଅନ୍ୟପକ୍ଷରେ ଗୁରୁଦିବସରେ ଛାତ୍ରୀଛାତ୍ର ତାଙ୍କ ପ୍ରିୟ ଶିକ୍ଷକଙ୍କୁ ହରାଇ ଦୁଃଖରେ ମ୍ରିୟମାଣ ହୋଇଛନ୍ତି। ଘଟଣାକୁ ନେଇ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଆଇଆଇଏମ୍ ସମ୍ବଲପୁରକୁ ୪୦୧.୯୪ କୋଟି ମଞ୍ଜୁର

**ଭୁବନେଶ୍ୱର, ୫।୯ (ବ୍ୟୁରୋ)**

ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ୍) ସମ୍ବଲପୁରକୁ କେନ୍ଦ୍ର କ୍ୟାବିନେଟ୍ ୪୦୧.୯୪ କୋଟି ଟଙ୍କା ମଞ୍ଜୁର କରିଛି। ଏହି ଅର୍ଥରେ ଆଇଆଇଏମ୍ ସମ୍ବଲପୁର ୬୦୩୮୪ ବର୍ଗମିଟର ଅଞ୍ଚଳରେ ନିଜସ୍ୱ ସ୍ଥାୟୀ କ୍ୟାମ୍ପସ ନିର୍ମାଣ କରିବ। ଉକ୍ତ କ୍ୟାମ୍ପସ୍ ନିର୍ମାଣ କାର୍ଯ୍ୟ ୨୦୨୧ ଜୁନ୍ ବେଳକୁ ସମ୍ପୂର୍ଣ୍ଣ ହେବ ବୋଲି କ୍ୟାବିନେଟ ନିଷ୍ପତ୍ତି ନେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର କେନ୍ଦ୍ର କ୍ୟାବିନେଟ ବୈଠକ ବସିଥିଲା। ଏଥିରେ ଦେଶରେ ଥିବା ୭ ଆଇଆଇଏମ୍‌ର ସ୍ଥାୟୀ କ୍ୟାମ୍ପସ୍ ନିର୍ମାଣ ସହିତ ଆନୁଷଙ୍ଗିକ ଭିତ୍ତିଭୂମି ସୁଦୃଢ କରିବାକୁ ଗୁରୁତ୍ୱ ଦିଆଯାଇଛି। ଏହି ଆଇଆଇଏମ୍‌ଗୁଡିକରେ କେନ୍ଦ୍ର ସରକାର ମୋଟ୍ ୩୭୭୫.୪୨ କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି କ୍ୟାବିନେଟ୍‌ର ମୋହର ବାଜିଛି।

ଆଇଆଇଏମ୍ ଅମୃତ୍‌ସରକୁ ୩୪୮.୩୧ କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ଆଇଆଇଏମ୍ ବୋଧଗୟାକୁ ୪୧୧.୭୨ କୋଟି, ଆଇଆଇଏମ୍ ନାଗପୁରକୁ ୩୭୯.୬୮ କୋଟି, ଆଇଆଇଏମ୍ ସମ୍ବଲପୁରକୁ ୪୦୧.୯୪ କୋଟି, ଆଇଆଇଏମ୍ ଶିରମଉରକୁ ୩୯୨.୫୧ କୋଟି, ଆଇଆଇଏମ୍ ବିଶାଖାପାଟଣାକୁ ୪୪୫ କୋଟି ଏବଂ ଆଇଆଇଏମ୍ ଜାମ୍ମୁକୁ ୪୨୪.୯୩ କୋଟିର ଅନୁଦାନ ମିଳିଛି। କ୍ୟାବିନେଟ୍ ମୋଟ ୩୭୭୫.୪୨ କୋଟି ମଞ୍ଜୁର କରିଥିବାବେଳେ ସେଥିରୁ ୨୮୦୪.୦୯ କୋଟି ଟଙ୍କା କ୍ୟାମ୍ପସ୍ ନିର୍ମାଣରେ ଖର୍ଚ୍ଚ କରାଯିବ। ୬୦୦ ଛାତ୍ରୀଛାତ୍ରଙ୍କ ପାଠପଢା ଲାଗି ଭିତ୍ତିଭୂମିଗତ ସୁବିଧା ଥିବା ପ୍ରତ୍ୟେକ ଆଇଆଇଏମ୍ ୬୦୩୮୪ ବର୍ଗମିଟର ଅଞ୍ଚଳରେ ସ୍ଥାୟୀ କ୍ୟାମ୍ପସ୍ ନିର୍ମାଣ କରିବେ। ଏହି ଆଇଆଇଏମ୍‌ଗୁଡିକୁ ଛାତ୍ରୀଛାତ୍ର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଲେଖାଏ ୫ ବର୍ଷ ପାଇଁ ପ୍ରଦାନ କରିବା ଲାଗି ମଞ୍ଜୁର ହୋଇଛି। ଏହାପରେ ସଂସ୍ଥାଗୁଡିକ ପରିଚାଳନା ଏବଂ ଆନୁଷଙ୍ଗିକ ଖର୍ଚ୍ଚ ନିଜସ୍ୱ ପାଣ୍ଠିରୁ ବହନ କରିବେ। ଏହି ଆଇଆଇଏମ୍‌ଗୁଡିକର ସ୍ଥାୟୀ କ୍ୟାମ୍ପସ୍ ନିର୍ମାଣ ୨୦୨୧ ଜୁନ ସୁଦ୍ଧା ଶେଷ ହେଲେ ଦେଶରେ ସ୍ଥାୟୀ କ୍ୟାମ୍ପସ୍ ଥିବା ଆଇଆଇଏମ୍ ସଂଖ୍ୟା ୨୦ରେ ପହଞ୍ଚିବ।